
ଫେବୃଆରୀ ୨୦୨୦ • ୫୦ଟଙ୍କା
ଆମ ମାଟିର ସ୍ୱର


New Product
HDPE Pipes
SAVE WATER!
WATER IS LIFE.
Agriculture / Irrigation / Industries / Domestic
Ohm PVC Pipes
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଦ୍ୱିତୀୟ ବର୍ଷ : ୪ର୍ଥ ସଂଖ୍ୟା, ଫେବୃଆରୀ, ୨୦୨୦ ■ Vol-2, Issue-4, February, 2020



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ପ୍ରଚ୍ଛଦ ପାଇଁ ସଂଜୟ ଭଟ୍ଟଙ୍କୁ ସାଧୁବାଦ

● 'ରେବତୀ' ପଢ଼ି ଜଣାଇବି ବୋଲି ଲେଖିଥିଲି, କାଲି 'ରେବତୀ' ବୁଲି ବୁଲି ଫେରିଲା ମୋ ପାଖକୁ। 'ସମ୍ପାଦକୀୟ' ପୃଷ୍ଠାରୁ 'ଶେଷପୃଷ୍ଠା'ର 'ଲେଖକଙ୍କ ଲୋଭ' ଯାଏଁ ସବୁ ରୁଚିପୂର୍ଣ୍ଣ। ପ୍ରଚ୍ଛଦପଟ୍ଟ ଖୁବ୍ ସୁନ୍ଦର। ଆଉ ଏ ଦୃଶ୍ୟ ଦେଖିବାକୁ ମିଳୁନି। ତେଣୁ ପ୍ରଚ୍ଛଦ କନସେପ୍ଟ ପାଇଁ ସଂଜୟ ଭଟ୍ଟ ଓ ମଡ଼େଲ୍ ରଶ୍ମିରଂଜିତାଙ୍କୁ ଧନ୍ୟବାଦ। ସବୁଠାରୁ ବେଶି ଭଲ ଲାଗିଲା 'ଭିଏତ୍‌ନାମ୍‌ରେ ସାତଦିନ'। ସ୍ଥାନୀତ ସବୁ କବିତା ଖୁବ୍ ସୁନ୍ଦର ହୋଇଛି। ନିଆରା କବିତା 'କଳା କଲିଜା', ଜୀବନର ସାମାନ୍ୟ କଥନ ହୃଦୟକୁ ଛୁଇଁଗଲା। 'ଇଏ ବି ଜଣେ ରେବତୀ'ଙ୍କୁ ଶୁଭେଚ୍ଛା। ତାରିଣୀ ମାଆଙ୍କ ବିଷୟରେ ଅନେକ କଥା ଜାଣିହେଲା। 'ବୁଢ଼ା ଶଙ୍ଖାରି' ମନକୁ ବିଦଗ୍ଧ କରିଦେଲା। କବି ମାୟାଧର ମାନସିଂହ ଓ ସୁମିତ୍ରା ନନ୍ଦନଙ୍କ ଲେଖାର ତୁଳନା ଯେପରି କରିଛନ୍ତି, ଏହା ଏକ ଗଭୀର ଅନୁଶୀଳନ। ବିଜୟ ସାର୍‌ଙ୍କୁ ପ୍ରଣାମ। 'ଖଞ୍ଜଣି'ର ଉପସ୍ଥାପନା ମନକୁ ଛୁଇଁଗଲା। ମୋ ଜେଜେବାପା ଖଞ୍ଜଣି ବଜାଉଥିଲେ, ତିଆରି ବି କରୁଥିଲେ। ସେ କୀର୍ତ୍ତନ ଗାୟକ ଥିଲେ, ଆମ ଅଂଚଳରେ ନିତେଇ ଆଜ୍ଞା ରୂପେ ପ୍ରସିଦ୍ଧି ପାଇଥିଲେ, ସେ ନିଜେ କୀର୍ତ୍ତନ ଲେଖୁଥିଲେ। ଆମ ଗାଁ ଆଖପାଖ ଗାଁର ଲୋକମାନେ ଆମ ଘରକୁ ଆସୁଥିଲେ କୀର୍ତ୍ତନ ଶିଖିବା ପାଇଁ। ଏବେ ଏସବୁ ଅତୀତ ଇତିହାସ। 'ରେବତୀ' ଅନନ୍ୟା ହେଉ।

**ନମିତା ପାଇକରାୟ,** ନୀଳାଦ୍ରୀବିହାର, ଭୁବନେଶ୍ୱର

## ସଂପାଦକୀୟ ବେଶ୍ ଚମତ୍କାର

● ଏଥରର 'ଶେଷ ପୃଷ୍ଠା'ଟି ସବୁଥର ପରି ବେଶ୍ ଉଚ୍ଚକୋଟୀର। ଖୁବ୍ ଭଲ ଲାଗିଲା। ଏହାଛଡ଼ା ସମସ୍ତ କବିତା ଓ ଆଲେଖ୍ୟ ଅତ୍ୟନ୍ତ ସୁଖପାଠ୍ୟ। 'ବୁଢ଼ା ଶଂଖାରୀ' ଗଳ୍ପଟିର ଭାବଭରା ଅନୁଶୀଳନ ଭଲ ଲାଗିଲା। 'ଭିଏତ୍‌ନାମ୍' ସଂପର୍କିତ ଆଲେଖଟିକୁ ପାଠ କରି ଅନେକ କିଛି ଶିକ୍ଷା ମିଳିଲା। ସୁବାସିନୀ ମାଡ଼ାମ୍‌ଙ୍କ ସମ୍ପାଦକୀୟ ବି ଖୁବ୍ ଉପାଦେୟ ହୋଇଛି। ସୁନ୍ଦର ସମ୍ପାଦନା, ଆକର୍ଷଣୀୟ ପ୍ରଚ୍ଛଦ ଓ ଗୁଣାତ୍ମକ ଲେଖାରାଜିକୁ ଉପହାର ଦେଇ 'ରେବତୀ' ସଭିଙ୍କର ଶ୍ରଦ୍ଧାଭାଜନ ହୋଇପାରିଛି କହିଲେ ଠିକ୍ ହେବ। 'ରେବତୀ'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ରହୁଛି।

**ଅଞ୍ଜଳି ସାହୁ,** ଭୁବନେଶ୍ୱର




## ପବିତ୍ର ମୋହନ ଦାଶଙ୍କ ଉପନ୍ୟାସ ଚମତ୍କାର ଶୁଭାରମ୍ଭ

● ଆଜି ଭୁବନେଶ୍ୱରର ପୁରୁଣା ବସ୍‌ଷ୍ଟାଣ୍ଡରୁ କିଣି ଆଣିଲି 'ରେବତୀ' ନୂଆବର୍ଷ ସଂଖ୍ୟା। ପହିଲି, ନୂଆରୂପ ମନ ଭିତରେ କିଛି ଉନ୍ମାଦନା ଆଣିଲା, ଭଲ ପରିପାଟୀ, ସୁଦୃଶ୍ୟ ଛବି ଓ କାଗଜ ଉନ୍ନତମାନର ସହ କେତୋଟି ମନଛୁଆଁ ଲେଖା। 'ଶେଷପୃଷ୍ଠା'ରେ ଛଦ୍ମଲେଖକ/ଘୋଷ୍ଟ୍ ରାଇଟର୍ ପଢ଼ି ଲେଖିବାକୁ ଇଚ୍ଛା ହେଲା ମୋ ମତ। କୃଷ୍ଣବାବୁଙ୍କ ମତ ସହ ଏକମତ, ଘୋଷ୍ଟ୍ ଲେଖକ ସରୋଗେଟ୍ ମଦର୍ ପର। ମୋର ଜଣେ ପରିଚିତ ଗୋଟିଏ ଭଲ ସମ୍ବାଦପତ୍ରରେ ପ୍ରତିଷ୍ଠିତ ସମ୍ପାଦକଙ୍କ ଲେଖା ଲେଖିବାକୁ ନିଯୁକ୍ତି ପାଇ ଶେଷରେ ନିଜେ ଜଣେ ବଡ଼ ଲେଖକ ହେଇ ଗଲେଣି। ସେହି ସମ୍ପାଦକଙ୍କ ଛଡ଼ା ଲେଖାକୁ ଟିକେ ପୁଟଦେଇ ନିଜ ନାମରେ ଛାପି ପ୍ରସିଦ୍ଧି ପାଇଗଲେ। ତେଣୁ ଏଭଳି ଲେଖକଙ୍କୁ ସେମିତି ଧୂର୍ତ୍ତ ଲେଖକ ଶ୍ରେଣୀରେ ନିଆ ଯିବନି କି! ଏହା ବି ଘୋଷ୍ଟ୍ ଲେଖକ ଶ୍ରେଣୀର। କିଛି ତ ଅନ୍ୟଭାଷାରେ ପ୍ରକାଶିତ ଲେଖାକୁ ଧାଡ଼ିକି ଧାଡ଼ି ଅନୁବାଦ କରି ଅଥବା ସାମାନ୍ୟ ସ୍ଥାନ କାଳ ପରିବର୍ତ୍ତନ କରି ନିଜ ନାମରେ ଛାପି ଦେଇ ଲେଖକ ବୋଲାଉଛନ୍ତି। ଏସବୁ ଆଗରୁ ବି ଥିଲା। ମନେଥିବ ଆମ ପିଲାବେଳେ ବାହାଘର ବେଳେ ବର ଆସିଲେ ନାଲିନେଳି ହଳଦିଆ କାଗଜରେ ଗୀତ ଲେଖାହୋଇ ଫିଙ୍ଗା ଯାଉଥିଲା ବରଯାତ୍ରୀଙ୍କ ଉପରକୁ। ଶଳା, ଶାଳୀ, ଭାଉଜ, ମା, ଖୁଡ଼ି ପ୍ରଭୃତି ଗୀତ ଗାଁର ଶିକ୍ଷକଙ୍କୁ ପାଖରୁ ଲେଖେଇ ଆଣୁଥିଲେ କିଛି ଉପଢ଼ୌକନ ଦେଇ। ସେମାନେ ଘୋଷ୍ଟ୍ ଲେଖକ ନଥିଲେ କି? ପବିତ୍ର ମୋହନ ଦାଶଙ୍କ 'ଦାସେ ଆପଣେ' ଚମତ୍କାର ଲେଖାଟିଏ। ମନ ଛୁଇଁଗଲା। ଗୋପବନ୍ଧୁଙ୍କ ଗାଁର ନାମ ସୁଆଣ୍ଡୋ। 'ଦିଉ'ଲେଖାଟି ବେଶ୍ ରୋଚକ ଓ ତଥ୍ୟପୂର୍ଣ୍ଣ। 'ଦିଉ'ର ଫଟୋଟିଏ ସହ ଗୁଜରାଟର ମୁଖ୍ୟ ସହରମାନଙ୍କରୁ ଦୂରତା ଗୁଡ଼ିକ ସ୍ଥାନିତ କରିଥିଲେ ବେଶି ଉପାଦେୟ ହୋଇପାରିଥାନ୍ତା। ବ୍ରଜନାଥ ରଥଙ୍କ ଲେଖାଟି ଆପଣାର ଲାଗିଲା, ଭୁଲି ଯାଇଥିବା କବିତା ସମ୍ରାଟଙ୍କୁ ମନେ ପକେଇଥିବାରୁ ସାଧୁବାଦ ଦେଉଛି। 'ଦିବ୍ୟ ଅନୁଭବ'ରେ ସାପ ଉପରେ ଲେଖାଟି ଖାପଛଡ଼ା ଲାଗିଲା, ଅଲୌକିକତାର କିଛି ବଳିଷ୍ଠ ଯୁକ୍ତି ମିଳିଲାନି। କ୍ୟାଲେଣ୍ଡର୍‌ଟି ମଝିପୃଷ୍ଠାରେ ଦେଇଛନ୍ତି, ଚିରି ହେବନି କାରଣ ପଛର ଲେଖା ଅଧା କଟିଯିବ, ତେଣୁ ଅଲଗା କ୍ୟାଲେଣ୍ଡର୍‌ଟି ଦିଅନ୍ତୁ। ସାଇତା ପତ୍ରିକାକୁ କେହି ଚିରିବାକୁ ଚାହିଁବେନି। ଦୁଇ ବର୍ଷ ତଳର 'ରେବତୀ' ଯୁବତୀ ହେଲା ପରି ଲାଗୁଛି। ଏବେ କିଛି ଭଲ ପ୍ରବନ୍ଧ ଆସୁ ପ୍ରତିଟି ସଂଖ୍ୟାରେ। ରମ୍ୟରଚନାର ଅଭାବ ଅନୁଭୂତ ହେଉଛି। କାର୍ଟୁନ ପୃଷ୍ଠାଟିଏ ଆରମ୍ଭ କରନ୍ତୁ।

**ଡକ୍ଟର ରାଜୀବ ଷଡ଼ଙ୍ଗୀ,** ସୂର୍ଯ୍ୟ ନିଳୟ, କୁଣ୍ଡି, କୁମୁଡ଼ା, ଜୟପୁର, କଟକ-୭୫୪୨୦୪

## ରାଧାବିନୋଦ ଭଲ ଲାଗିଲେ

● 'ରେବତୀ'ର ନଭେମ୍ବର ସଂଖ୍ୟାର ସବୁଲେଖା ବେଶ୍ ମନଛୁଆଁ। କିନ୍ତୁ ରାଧାବିନୋଦ ନାୟକଙ୍କ ସାକ୍ଷାତକାରଟି ବେଶି ଆକର୍ଷଣୀୟ। ବୋଧହୁଏ ତାଙ୍କୁ ଦେଖିବାର ଅଦମ୍ୟ ଇଚ୍ଛା ମୋତେ ସେହି ଆଲେଖ୍ୟ ଆଡ଼କୁ ଟାଣୁଥିଲା। ମୋ ନନା କବି ବଂଶୀଧର ଷଡ଼ଙ୍ଗୀଙ୍କ ଠାରୁ ତାଙ୍କ ବିଷୟରେ ବହୁତ କଥା ଶୁଣିଛି। ମୁଁ ଜନ୍ମହେଲା ଦିନ ରାଧାବିନୋଦ ମଉସା ଆମ ଘରକୁ ଆସିଥିଲେ। ସେବେଠାରୁ ତାଙ୍କ ଆଶୀର୍ବାଦ ମୋ ଉପରେ ଅଛି। ତାଙ୍କୁ ପ୍ରଣାମ। ବିଶ୍ୱରଂଜନ ଦାସଙ୍କୁ ମଧ୍ୟ ଅଶେଷ ଧନ୍ୟବାଦ।

**ପାରମିତା ଷଡ଼ଙ୍ଗୀ,** ମୁମ୍ବାଇ

## ରାଜେନ୍ଦ୍ରଙ୍କ 'ମୋ ବାପା' ମର୍ମସ୍ପର୍ଶୀ

● ନିଜ ବାପାଙ୍କ ସମ୍ପର୍କରେ ଏତେ ଚମତ୍କାର ଶୈଳୀରେ ଲେଖା ଯାଇପାରେ? ଛାତି ଥରି ଯାଉଛି। ଆମସମୟର ଗାଳ୍ପିକ ରାଜେନ୍ଦ୍ର ରାଉଳ ତାଙ୍କ ବାପାଙ୍କ ବିଷୟରେ ଏତେ ଚମତ୍କାର ଶୈଳୀରେ 'ରେବତୀ'ରେ ଲେଖିଛନ୍ତି ଯେ ମୁଁ ଅଭିଭୂତ ହେଲି। ଛାତି ଥରିଗଲା ପଢ଼ିଲା ବେଳେ। ସମ୍ଭବତଃ 'ରେବତୀ'ରେ ଏହି ସିରିଜ୍‌ର ଏଇଟା ସବୁଠାରୁ ମର୍ମସ୍ପର୍ଶୀ ଆଲେଖ୍ୟ। ଏ ଲେଖାଟିର ସ୍ପନ୍ଦନ ଭେଦିକି ଅଛି ଏବେ ବି ଛାତି ତଳେ।

**ଦିଲ୍ଲୀପ କୁମାର ମିଶ୍ର,** (ଶତ୍ରୁଜିତ୍), ଭୁବନେଶ୍ୱର

## ଲକ୍ଷ୍ମୀପ୍ରିୟା ଓଝାଙ୍କ 'ଦ୍ୱୀପର ନାମ ଦିଉ' ଖୁବ୍ ଉପାଦେୟ ହୋଇଛି

● 'ରେବତୀ' ଜାନୁଆରୀ ୨୦୨୦, ସଂଖ୍ୟାରେ ଆପଣଙ୍କ ସମ୍ପାଦକୀୟ ପରିବାର ପୂରିଉଠୁ ନୂଆ ଆନନ୍ଦରେ ସବୁଥର ଭଳି ଏଥର ବି ହୃଦୟକୁ ସ୍ପର୍ଶ କରିଛି। ଓଡ଼ିଆରେ ଗୋଟିଏ କଥା ଅଛି ସଂଗରେ ନିଜ ପରିବାର, ଧରିଣ ବ୍ୟଜନ ଚାମର। ଜ୍ଞାତିକୁଟୁମ୍ବଙ୍କୁ ଧରି ପରିବାର ଚଳାଇବା ଏକ ସୁଖଦ ଅନୁଭୂତି। ପର୍ଯ୍ୟଟନ ପୃଷ୍ଠାର 'ଦ୍ୱୀପର ନାମ ଦିଉ' ଏକ ଉପାଦେୟ ଉପସ୍ଥାପନା। 'ବହି ବିଚାର'ରୁ ପୁସ୍ତକ 'ପବନ ଚୁପ୍ ଥିଲାବେଳେ' ସମ୍ବନ୍ଧରେ ସୂଚନା ପାଇଲି। 'ଶେଷପଷ୍ଠା'ରେ ଛଦ୍ମଲେଖକ ବା ଘୋଷ୍ଟ୍ ରାଇଟର୍ ଏକ ସୁନ୍ଦର ତଥା ସ୍ୱାଗତଯୋଗ୍ୟ ଆଲେଖ୍ୟ। ଏହା ବେଶ୍ ଉଚ୍ଚକୋଟୀର ହୋଇଛି। କବିତା ଓ ଅନ୍ୟାନ୍ୟ ଲେଖାଗୁଡ଼ିକ ପଢ଼ି ଖୁସି ହେଲି।

**ନିରଂଜନ ସାହୁ,** କଳିଙ୍ଗନଗର-୭/୬୪୧, ଭୁବନେଶ୍ୱର-୩

## 'ରେବତୀ'ର କବିତା ବିଭାଗରେ ରହୁଛି ସୁନ୍ଦର କବିତା

● ଚେତନାର ଉତ୍ତରଣ ନିମନ୍ତେ ଅଚିନ୍ତନୀୟ ବିଭୂତି ପ୍ରାପ୍ତ କରିବାକୁ ଲୋଡ଼ା ଉଦ୍ୟମ । ଏ ରସଘନ ପୃଥିବୀରୁ ମଧୁମକ୍ଷିକା ପରି ଆହରଣ କରିବାକୁ ହଏ ଆନନ୍ଦ । ଏହି ଆନନ୍ଦଟି ସବୁ ଆଡ଼େ ବ୍ୟାପ୍ତ, କେବଳ ମଧୁ ଆହରଣର କୌଶଳଟି ଶିଖି ପାରିଲେ ହେଲା ।

ସମ୍ପାଦିକା ଆମ ଭିତରେ ଥିବା ରୁଦ୍ଧ ଦ୍ୱାରଟିକୁ ଉନ୍ମୁକ୍ତ କରିଦେବାକୁ ଚାହିଁଛନ୍ତି । ବାସ୍ତବିକ ଜୀବନ ଓ ସୃଜନଶୀଳତା ଭିନ୍ନ କଥା ନୁହେଁ, ସମାନ୍ତରାଳ ଭାବେ ଗତିଶୀଳ ଏକ ଚେତନା । 'ସମ୍ପାଦକୀୟ'ରେ ରହିଛି ସୃଜନର ବିଭୋରପଣ ସହିତ ସମାଜ ପ୍ରତି ଦାୟବଦ୍ଧତା ଓ ପ୍ରସ୍ତୁତି ତଥା ପ୍ରୟାସ । ପୁଣିଥରେ ଆନନ୍ଦକୁ ଫେରି ପାଇବାର । ଧନ୍ୟବାଦ 'ରେବତୀ'କୁ ମନୋଜ୍ଞ କରି ପାରିଥିବା ସମ୍ପାଦିକା ଓ ସମ୍ପାଦନା ମଣ୍ଡଳୀଙ୍କୁ । ଅଧୁନା ବୈଜ୍ଞାନିକତାର କସରତ୍ ନଥିବା ସରଳ କବିତାର ପ୍ରେମରେ ପାଠକ । ସରଳ ଶବ୍ଦର ପ୍ରୟୋଗ, ଆଙ୍ଗିକ, ଆତ୍ମିକ ବିଭବରେ ଉନ୍ନତ ଉପମାର ଚମତ୍କାର ପ୍ରୟୋଗ କବିତାକୁ ସାଧାରଣ ପାଠକଙ୍କ ନିକଟକୁ ଫେରାଇ ଆଣିଛି । 'ରେବତୀ'ର ଜାନୁଆରୀ ସଂଖ୍ୟାରେ କବି ହରପ୍ରସାଦ ଦାସଙ୍କ କବିତା ବ୍ୟକ୍ତିଗତ ନୁହେଁ, ପୁରା ସମାଜର ପ୍ରତିନିଧିତ୍ୱ କରୁଥିବା ଗୋଟେ ଶୃଙ୍ଖଳାର ଅନ୍ତଃସ୍ୱର । ସାଂପ୍ରତିକ କବିତାରେ ନାରୀବାଦର ସ୍ୱରକୁ ବଳିଷ୍ଠ କରିଛନ୍ତି 'ନିର୍ଭୟା', 'କନ୍ୟା', 'ସବାଶେଷ ସ୍ତ୍ରୀଲୋକ' କବିତା ଗୁଡ଼ିକ । ତାଙ୍କ 'ପ୍ରିୟତମା' '(ଫନୀ ମହାନ୍ତି) ଓ ତାଙ୍କ ପ୍ରେମ (ପ୍ରତୀକ୍ଷା ଜେନା) ସାର୍ବଜନୀନ ସଂଳାପ ପାଲଟି ଯାଇଛି । ସ୍ୱପ୍ନ ଠାରୁ ଆଉ କଣ ସରଳ ହୋଇପାରେ କବିତା ? କବିତା ତ ଘଟଣା ପରି ଘଟୁଥାଏ କବି ଜୟନ୍ତିକାଙ୍କ ଜୀବନରେ । ସମସ୍ତ କବିଙ୍କୁ ଶୁଭେଚ୍ଛା । ସମ୍ପାଦନା ମଣ୍ଡଳୀଙ୍କୁ ଧନ୍ୟବାଦ । 'ରେବତୀ' ମାଧ୍ୟମରେ କବିତାର ଜୟଯାତ୍ରା ଜାରିରହୁ ।

**ସୌଭାଗିନୀ ପରିଡ଼ା,** ଭୁବନେଶ୍ୱର

## 'ରେବତୀ'ଖୁଉବ୍ ଆପଣାର



'ରେବତୀ' ପାଇଁ ମୋ ପାଖରେ ସମୟ ଥାଏ । କାରଣ 'ରେବତୀ' ମୋର ଖୁବ୍ ଆପଣାର ।

**ଶୁଭଶ୍ରୀ ମହାପାତ୍ର,** ଭୁବନେଶ୍ୱର

## ଡିସେମ୍ବର କଭର୍ ସୁନ୍ଦର ହୋଇଛି

● ଖାଲି ଆମ ମାଟିର ସ୍ୱର ନୁହେଁ, ଆମ ମାଟିର ମହମହ ବାସ୍ନା ଡିସେମ୍ବର ପ୍ରଚ୍ଛଦରେ । ଖୁବ୍ ସୁନ୍ଦର ହୋଇଛି ଡିସେମ୍ବରର କଭର୍‌ପେଜ୍ । ଏଥିପାଇଁ ସମ୍ପାଦକ ଓ ସଞ୍ଜୟ ଭଟ୍ଟଙ୍କୁ ସାଧୁବାଦ ଜଣାଉଛି ।

**ପ୍ରତ୍ୟୁଷ ପଣ୍ଡା,** କଟକ

## ମଡ଼େଲ୍‌ଙ୍କୁ ହ୍ୟାଣ୍ଡଲୁମ୍ ଶାଢି ପିନ୍ଧାନ୍ତୁ

● ଡିସେମ୍ବର ମାସର କଭର୍ ପେଜ୍ ଅତି ସୁନ୍ଦର ହୋଇଛି । ତେବେ ଏହାକୁ ରୂପାୟନ କରିଥିବା ମଡ଼େଲ୍ ଜଣକ ଓଡ଼ିଶାର ହ୍ୟାଣ୍ଡ୍‌ଲୁମ୍ ଶାଢ଼ି ପିନ୍ଧିଥିଲେ ମୁଁ ବେଶି ଖୁସି ହୋଇଥାନ୍ତି । ଆପଣଙ୍କୁ ଏହି ମର୍ମରେ ଅନୁରୋଧ କରିବି ଯେ, ଦୟାକରି ଆଗାମୀ ଦିନରେ ଆପଣଙ୍କ କଭର୍ ମଡ଼େଲମାନଙ୍କୁ ଆମ ଓଡ଼ିଶାର ଶାଢ଼ି ପିନ୍ଧିବାକୁ ଆପଣ ଅନୁରୋଧ କରିବେ ।

**ଡ. ଅନୀତା ସାବତ,** ଭୁବନେଶ୍ୱର

## 'ରେବତୀ' ଗର୍ବ କରିବା ଭଳି ପତ୍ରିକା

● ଏଇ ମାସ ପ୍ରଥମ କରି ମୁଁ 'ରେବତୀ' କିଣିଲି ଓ ପଢ଼ିଲି । 'ରେବତୀ' ନାମର ସାହିତ୍ୟ ପତ୍ରିକାଟିଏ ବାହାରୁଛି ବୋଲି ପ୍ରଥମେ ଯେଉଁଦିନ ମୁଁ ଶୁଣିଥିଲି ଏକ ସୂକ୍ଷ୍ମ ଶିହରଣ ମୋ ଦେହରେ ଖେଳି ଯାଇଥିଲା । କାରଣ 'ରେବତୀ' ଖାଲି ଏକ ପତ୍ରିକା ନଥିଲା । ରେବତୀ ଆମ୍ଭମାନଙ୍କ ପାଇଁ ଏକ ଇତିହାସର ନାୟିକା ଥିଲା, ଯାହାକୁ ଆମେ ଏକ ବିୟୋଗାନ୍ତକ ଘଟଣାଚକ୍ରରେ ଆମ ପିଲାଦିନର ବସ୍ତାନି ଭିତରେ ଥିବା ପାଠ ବହିର ପୃଷ୍ଠାରେ ହଜେଇ ଦେଇ ଚାଲି ଆସିଥିଲୁ । ଜୀବନର ଧାଁ ଦୌଡ଼ ଭିତରେ ସମୟ ଆଉ ମିଳିନା ରେବତୀ ସହିତ ଭେଟ ହେବା ପାଇଁ । ମାତ୍ର ଫକୀରମୋହନଙ୍କ କଥା ଆସିଲେ ରେବତୀ ଆସି ଯାଏ । ଆଜି 'ରେବତୀ' କଥା ଆସିଲା ବେଳକୁ ଫକୀରମୋହନ ଆସି ଯାଉଛନ୍ତି । ରେବତୀକୁ ଆଉ ଭେଟି ହୋଇନାହିଁ ସତ୍ୟ । ମାତ୍ର 'ରେବତୀ' ପତ୍ରିକା ସହିତ ଆଜି ଭେଟ ହେବା ପରେ ଲାଗିଲା ରେବତୀ ଆଜି ବି ବଂଚିଛି ।

ଅବିଭକ୍ତ ବାଲେଶ୍ୱରର ଗାଆଁଗଣ୍ଡାରେ ଥିବା ଖୁସ୍‌ବୁକୁ ଠିକ୍ ଭାବରେ ଆଘ୍ରାଣ କରିଛନ୍ତି ଆପଣ ଓ ପତ୍ରିକାର ନାମକରଣକୁ ଯଥାର୍ଥ କରିଛନ୍ତି । 'ରେବତୀ' ପ୍ରତ୍ୟେକ ସାହିତ୍ୟିକ ପାଇଁ ଗର୍ବ କରିବା ଭଳି ଏକ ପତ୍ରିକା । ଏ 'ରେବତୀ' ଖୁବ୍ ସମ୍ଭ୍ରାନ୍ତ । ପ୍ରତ୍ୟେକ ପୃଷ୍ଠା ପାଇଁ ସମ୍ପାଦକଙ୍କୁ ନିଶ୍ଚୟ ଧନ୍ୟବାଦ ଦେଉଥିବେ ପାଠକମାନେ । ମୁଁ ବି ଧନ୍ୟବାଦ ନଜଣାଇ ରହି ପାରୁନାହିଁ ।

**ଅରୁଣ କୁମାର ସାହୁ,**
ଏଜିଏମ୍, ନାଲକୋ, ଭୁବନେଶ୍ୱର

## 'ରେବତୀ'ର ଦ୍ୱି-ପ୍ରଚ୍ଛଦ ନୂଆ ଭାବନା

● ଜୀବନକୁ ମହାନନ୍ଦରେ ଭରିଦେବାର ମନ୍ତ୍ରରେ ଅଭିମନ୍ତ୍ରିତ କରିଛି 'ରେବତୀ' । ଏହା ନିଶ୍ଚିତ ଭାବରେ ନୂତନ ବର୍ଷରେ ଏକ ନୂତନ ଦିଗ୍‌ଦର୍ଶନ । ଜୀବନର ଏତେ ରହସ୍ୟ ଆଉ ତାର ସମାଧାନର ସୂତ୍ର ଯେଉଁ ପତ୍ରିକାରୁ ଉପଲବ୍ଧ, ତାହା ହିଁ 'ରେବତୀ' । ବେଶ୍ ସୁଖପାଠ୍ୟ ଆଉ ଶିକ୍ଷ୍ୟଣୀ । ଖୁବ୍ ଉପକାରୀ ହଳଦୀ ଚାଷ ବିଷୟରେ ଅନେକ ତଥ୍ୟ ପଢୁ ପଢୁ ମନେ ପଡ଼ି ଯାଉଥିଲା...ପିଲାଦିନେ ପଢ଼ିଥିବା, କନ୍ଧବୁଢ଼ା, ଆଉ ଧରଣୀପେନୁ କଥା । ଗଳ୍ପ 'ଚନ୍ଦ୍ର ବନାମ ଟର୍ଚ୍ଚ', ଜୀବନର ଏକ ବିରାଟ ସତ୍ୟତା ଆଉ ବେଶ୍ ପ୍ରଭାବୀ ଗଳ୍ପ । ମୁକୁଲ୍ ମିଶ୍ରଙ୍କ 'ବିନ୍ଦୁ' କବିତା, ପ୍ରଦୀପ ସାର୍‌ଙ୍କ 'ଚୋର' କବିତା ପ୍ରତିକ୍ଷାଙ୍କ କବିତା ବେଶ ମନଛୁଆଁ । ଏଥର 'ରେବତୀ'ର ବିଶେଷ ଆକର୍ଷଣ ହେଲା କ୍ୟାଲେଣ୍ଡର୍ ସହ ଦ୍ୱିପ୍ରଚ୍ଛଦ ଆଉ ମଡ଼େଲ ଅଞ୍ଜୁ ହଜାରିକା । ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀଙ୍କ 'ଆଇନ କାନୁନ' ପୃଷ୍ଠା ଖୁବ୍ ଉପାଦେୟ । ଏମିତି ସବୁ ବିଷୟବସ୍ତୁ 'ରେବତୀ'କୁ ଆହୁରି ଶକ୍ତ ସୁନ୍ଦର କରି ଗଢ଼ି ତୋଳିବ ବୋଲି ଆଶା । ଓଃ....କେତେ ଆଶ୍ଚର୍ଯ୍ୟ ଚକିତ ଦୁଃଖଦ ବିଷୟବସ୍ତୁ ଇଏ, ଏମିତି ଛଦ୍ମ ଲେଖକଙ୍କ ବିଷୟରେ ଅବଗତ ହେଲି କୃଷ୍ଣ କୁମାର ସାର୍‌ଙ୍କ 'ଶେଷପୃଷ୍ଠା'ରୁ । ଯେକୌଣସି ସତ୍ ଲେଖକଙ୍କ ଭଳି ସାର୍‌ଙ୍କ ହୃଦୟକୁ ଏଇ ବିଷୟବସ୍ତୁ ଯେ କେତେ ଜୋର୍ ଆଘାତ ଦେଇଛି ତାହା ତାଙ୍କ ଲେଖାରୁ ସୁସ୍ପଷ୍ଟ ।

**ସସ୍ମିତା ମେହେର,** ସୋନପୁର

## 'ରେବତୀ'ର ଭବିଷ୍ୟତ ଅଛି



ମୋର ଗୋଟିଏ ବି କବିତା କି ଗପ ପଢୁ ନଥିବା ଏଇ ମଣିଷ (ପୁଷ୍ପିତା)ଟି ହଠାତ୍ ମୋ ହାତରୁ ଜାନୁଆରୀ ମାସର 'ରେବତୀ' ଛଡ଼ାଇ ନେଇ କ'ଣ ପଢ଼ି ବସିଛି ମୁଁ ଜାଣେନି । କିନ୍ତୁ ଏତିକି ଜାଣୁଛି, ଏବେ ଏ ପତ୍ରିକାର ଭବିଷ୍ୟତ କିଛି କମ୍ ନୁହେଁ ।

**ଶ୍ରୀନିବାସ ସେଠୀ,** କୋଲକାତା

## ସୂ ଚୀ ପ ତ୍ର

୨ୟ ବର୍ଷ ୪ର୍ଥ ସଂଖ୍ୟା । ଫେବୃଆରୀ ୨୦୨୦ ।

ଆମ ମାଟିର ସର


୧୬


୧୦

୯ ସମ୍ପାଦକୀୟ : ଉପବାସର ମହତ୍ୱ : ସୁବାସିନୀ ଜେନା

୧୦ ଦେବାଳୟ : ବାଲେଶ୍ୱରର ବାବା ଝାଡ଼େଶ୍ୱରନାଥ : ସ୍ମୃତି ଦାସ

୧୬ ପର୍ବ-ପର୍ବାଣି : ଆସାମର ବିହୁ : ଲକ୍ଷ୍ମୀପ୍ରିୟା ଓଝା

୨୩ ସଂସ୍କୃତି-ପରମ୍ପରା: କନ୍ଧଙ୍କ କିମିଆଁ: ଦ୍ୱିତୀଚନ୍ଦ୍ର ସାହୁ

୨୮ ମୋ ବାପା : ମୋ ନନା ମୋ ପାଇଁ ହୀରୋ : ଉଷା ମିଶ୍ର

୩୨ ନଦନଦୀ : ମହାନଦୀ : ରଂଜନ ପ୍ରଧାନ

୪୦ ଅନୁଶୀଳନ-୧ : ଆଲୋକିତ ଅମାବାସ୍ୟା : ଡକ୍ଟର ଜୟନ୍ତ କୁମାର ଦାସ

୪୪ ଅନୁଶୀଳନ-୨ : ଡକ୍ଟର ଭରତ ବେହେରା

୫୨ ପ୍ରେରଣା : ଶ୍ରୀଗୋବିନ୍ଦ

୫୩ ଆଇନ-କାନୁନ : ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ

୫୪ ଦ୍ୱି-ପ୍ରଚ୍ଛଦ : ଆଞ୍ଜେଲିକା ଦତ୍ତା

୫୬ ସମକାଳ କବିତା : ଅଖିଳ କୁମାର ମିଶ୍ର

: କେଦାର ମିଶ୍ର

୫୭ : କେ.ଶ୍ୟାମବାବୁ ଦୋରା

: ଅମିୟ ରଞ୍ଜନ ମହାପାତ୍ର

୫୮ : ବିଭୁ ପାଢ଼ି

: ଲିପିକା ଦାସ

୫୯ : ଜଳଧର ସ୍ୱାଇଁ

୬୦ : ଗାୟତ୍ରୀ ଦାସ

୬୧ ଚରିତ-ଉପନ୍ୟାସ : ପବିତ୍ର ମୋହନ ଦାଶ

୬୬ ଐତିହ୍ୟ : ମମତା ଦାଶ

୭୨ କଥା-କାହାଣୀ-୧ : ସୁପ୍ରିୟା ପ୍ରଶାନ୍ତ


୨୮


୪୪


୬୬










୭୮ କଥା-କାହାଣୀ-୨ : **ଅଶ୍ୱିନୀ କୁମାର ମହାନ୍ତି**

୮୩ ବିରଳ ମଣିଷ : **ମୀନା ସ୍ୱାଇଁ**

୮୯ ଗୃହ-ସମସ୍ୟା : **ଡକ୍ଟର ହରପ୍ରସନ୍ନ ଦାସ**

୯୩ ସ୍ୱାସ୍ଥ୍ୟ-ଚର୍ଚ୍ଚା : **ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

୧୦୨ ଛାୟାଚିତ୍ର : **ଶ୍ରୀଗୋବିନ୍ଦ**





## ନିୟମିତ ବିଭାଗ


୯୬ ଫ୍ୟାଶନ୍ : **ସ୍ନିଗ୍ଧା ତ୍ରିପାଠୀ**

୯୮ ରୋଷେଇଶାଳ : **ରିମି ଦାସ**

୧୦୦ ରୂପ-ରାଗ : **ସସ୍ମିତା ମେହେର**






୧୦୬ ଶେଷପୃଷ୍ଠା : **ଲେଖକର ବଡ଼ସାନ... : କୃଷ୍ଣ କୁମାର ମହାନ୍ତି**





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ଫଟୋଗ୍ରାଫି : **ପ୍ରୀତମ୍,** ଇମେଜ୍‌ପ୍ଲସ୍‌ବଜାର
ପ୍ରଚ୍ଛଦ ଡିଜାଇନ୍ : **ଶିବ୍‌ରାଜ୍ କର୍ମ,** ଟ୍ରେଣ୍ଡି ଗ୍ରାଫିକ୍ସ, ସୋନପୁର
ପ୍ରଚ୍ଛଦ ମଡେଲ୍ : **ରାମେଶ୍ୱରୀ ଲେଙ୍କା,** ବାଲେଶ୍ୱର
ଉଚ୍ଚତା : **୫ ଫୁଟ୍ ୫ ଇଞ୍ଚ୍**
ଶିକ୍ଷା : **ସ୍ନାତକୋତ୍ତର ଛାତ୍ରୀ**
ବୃତ୍ତି : **ଅଭିନୟ ଓ ମଡେଲିଂ**
ମେକ୍‌ଅପ୍ : **ବିରଞ୍ଚି**
କଷ୍ଟ୍ୟୁମ୍ : **ମମତା ଲେଙ୍କା**
କ୍ୟାମେରା : **କ୍ୟାନନ୍ ୬ଡି ମାର୍କ-୨**
ସ୍ଥାନ : **ଦର୍ଜି ପୋଖରୀ,** ବାଲେଶ୍ୱର

**ମଲାଟ କଥା :** ନିର୍ଜଳା ଉପବାସ ରହି ଶୁଦ୍ଧପୂତ ଭାବରେ ନାରୀଟିଏ ଆରାଧନାରେ ଥାଏ ମସ୍‌ଗୁଲ୍ । ସକାଳସଂଜ ହେଉ କି ବିଶେଷ ପୂଜାପାର୍ବଣ ହେଉ । ସେ ଏଥିପାଇଁ ବାଛବିଚାର କରେନା, କିଏ ତାକୁ କଷ୍ଟ ଦିଏ ଅବା କିଏ ଭଲପାଏ । ପରିବାରର ପ୍ରତ୍ୟେକଟି ସଦସ୍ୟ ପାଇଁ ସେ ଏହାକୁ ନିଜର କର୍ତ୍ତବ୍ୟ ପରାୟ ପାଳି ଚାଲଥାଏ, ଦିନ ଦିନ, ମାସ ମାସ । ଏହା ହିଁ ବୋଧେ ନାରୀର ଅନନ୍ୟତା ଓ ନିୟତି । ସେ ମଙ୍ଗଳ କାମନା କରି ସମସ୍ତଙ୍କୁ ଏକ ସୁଖଶାନ୍ତି ଭରା ଜୀବନ ଦେବାର ଦାୟରେ ବନ୍ଧା । ଜାଗର ଓ ମହା ଶିବରାତ୍ରୀ ଅବସରରେ ମହାଦେବଙ୍କ ଠାରେ ଉପବାସ ରହି ଦୀପ ଜଳାଇବାର ପରଂପରା ହିଁ ଏଥରର ଆମ ପ୍ରଚ୍ଛଦ ଭାବନା ।



# ରେବତୀ ର ନିୟମାବଳୀ

- 'ରେବତୀ ଆମ ମାଟିର ସ୍ୱର' ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପାଠକମାନେ ପାଇବେ ।
- ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ସାହିତ୍ୟ ସହିତ ପରିବାର ଓ ଜନଜୀବନ ଉପଯୋଗୀ ସକରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ ।
- ନିଜ ବିଚାରରେ ଶ୍ରେଷ୍ଠ ବିବେଚିତ ଲେଖା (ଜେରକ୍ସ କପି ନୁହେଁ) ହିଁ ପଠାଇବାକୁ ପଡ଼ିବ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ 'ରେବତୀ' କହିରଖୁଛି ।
- ଦୟାକରି କବିତା କିମ୍ବା ଗଳ୍ପ ସିଧାସଳଖ ପଠାନ୍ତୁ ନାହିଁ । କବିତା କିମ୍ବା ଗଳ୍ପ ଜାତୀୟ ଯେକୌଣସି ଲେଖା ପାଇଁ 'ରେବତୀ' ପକ୍ଷରୁ ହିଁ ଅନୁରୋଧ କରାଯାଏ । କବି ଓ ଗାଳ୍ପିକମାନେ ସେମାନଙ୍କର ଲେଖା ପଠାଇବା ପୂର୍ବରୁ ଦୟାକରି ସଂପାଦକଙ୍କ ସହ ପରାମର୍ଶ କରିନେବାକୁ ଅନୁରୋଧ ।
- ଗଳ୍ପ, କବିତା ବା ଫିଚର୍ ପଠାଇବାର ଛଅ ମାସ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଛଅ ମାସ ପରେ ଆପଣ ଲେଖାଟିକୁ ଅନ୍ୟତ୍ର ପଠାଇ ପାରିବେ । ମନୋନୀତ ହୋଇଥିବା ଲେଖାଟିକୁ ଅନ୍ୟତ୍ର ପ୍ରକାଶ କଲେ ଉକ୍ତ ଲେଖକଙ୍କର ଲେଖା ଦୁଇବର୍ଷ ପାଇଁ 'ରେବତୀ'ରେ ପ୍ରକାଶ ପାଇବ ନାହିଁ । ମନୋନୀତ ଲେଖାଟି ଆବଶ୍ୟକ ପଡ଼ିଲେ ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇବ ।
- ପ୍ରକାଶିତ ଲେଖା, ଫଟୋ, ଚିତ୍ରକଳା ଓ କଭର୍ ମଡ଼େଲିଂ ପାଇଁ କୌଣସି ପ୍ରକାର ପାରିତୋଷିକର ବ୍ୟବସ୍ଥା ନାହିଁ ।
- 'ରେବତୀ' ପାଇଁ ଆଲେଖ ବା ଫିଚର୍ ସବୁବେଳେ ଗ୍ରହଣୀୟ । ତେବେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକୁ ସିଡ଼ି ବା ଇ-ମେଲ୍ ମାଧ୍ୟମରେ କେବଳ ପଠାଇ ପାରିବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍ ମେସେଞ୍ଜର୍ ମାଧ୍ୟମରେ ଫଟୋ ଆଦୌ ପଠାଇବେ ନାହିଁ । ଏହା ଫଟୋର ଗୁଣବତ୍ତା ହ୍ରାସ କରେଇଥାଏ । ଫିଚରରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶ ପାଇବ ।
- 'ବହି-ବିଚାର' ପାଇଁ ଓଡ଼ିଆ, ହିନ୍ଦୀ ଓ ଇଂରାଜି ଭାଷାରେ ପ୍ରକାଶିତ ନୂଆ ବହିର ଦୁଇ ଖଣ୍ଡ କପି ସହିତ ପୁସ୍ତକର ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପଠାଇ ପାରନ୍ତି ।
- ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ଶୁଦ୍ଧି ବା ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ସହିତ ସି.ଡ଼ି. (କେବଳ ଆକୃତି) ବି କରି ପଠାଇଲେ ଭଲ । ପ୍ରତିଟି ଲେଖାରେ ନିଜର ନାମ ଓ ସ୍ୱାକ୍ଷର ରହିବା ବାଞ୍ଛନୀୟ ।
- ଲେଖା, ଫଟୋ, ସି.ଡ଼ି., ବହି ଆଦି କୌଣସି ପରିସ୍ଥିତିରେ ଫେରସ୍ତ ଦିଆଯିବ ନାହିଁ । ଦୟାକରି ସେପରି ଅନୁରୋଧ କରନ୍ତୁ ନାହିଁ ।
- 'ରୋଷେଇ', 'ଘରକରଣା', 'ବାଡ଼ିବଗିଚା' ଓ 'ସୌନ୍ଦର୍ଯ୍ୟ' ବିଭାଗ ପାଇଁ ଯେକୌଣସି ଆଗ୍ରହୀ ଗୃହିଣୀ/ମହିଳା, ସେ ଲେଖିକା ହୋଇନଥିଲେ ମଧ୍ୟ ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ । ଏସବୁ ସିଧାସଳଖ ଇ-ମେଲ୍‌ରେ ପଠାଇଲେ ଭଲ ।
- ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ ।
- 'ରେବତୀ'ରେ ପ୍ରକାଶିତ ସମସ୍ତ ଲେଖା, ଫଟୋ ବା ବିଷୟବସ୍ତୁର ସ୍ୱତ୍ୱ ସଂପୃକ୍ତ ଲେଖକଙ୍କର । ପ୍ରକାଶିତ କୌଣସି ଲେଖାର ପୁନଃପ୍ରକାଶନ ବା ପୁନଃମୁଦ୍ରଣରେ କିଛି କଟକଣା ନାହିଁ । ତେବେ ସଂପୃକ୍ତ ଲେଖକଙ୍କ ଅନୁମତି ନେବାକୁ ଅନୁରୋଧ ।
- ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ 'ରେବତୀ'ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା 'ରେବତୀ'ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ହେବେନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।
- ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ବିଭାଗରେ ଦିଆ ଯାଉଥିବା ଉପଚାର ଏବଂ ରୋଷେଇରେ ପ୍ରକାଶ ପାଉଥିବା ଖାଦ୍ୟ ପ୍ରଣାଳୀଗୁଡ଼ିକୁ ଉପଯୋଗ କରିବା ପୂର୍ବରୁ ସେଗୁଡ଼ିକର ଉପଯୋଗିତାକୁ ନିଜେ ନିଜେ ପରଖି ନେବାକୁ ଅନୁରୋଧ । ଏ ସଂକ୍ରାନ୍ତୀୟ କୌଣସି ଅଭିଯୋଗ ପାଇଁ 'ରେବତୀ' ଦାୟୀ ରହିବ ନାହିଁ ।
- 'ରେବତୀ'ରେ ପ୍ରକାଶିତ ଯେକୌଣସି ଲେଖା ବା ଫଟୋ ସମ୍ବନ୍ଧୀୟ ଆପତ୍ତି, ଅଭିଯୋଗ ପ୍ରକାଶନର ତିନି ମାସ ମଧ୍ୟରେ ଆମ କାର୍ଯ୍ୟାଳୟକୁ ପଠାଇବାକୁ ହେବ । ଏ ଅବଧି ପରେ ଆପତ୍ତି, ଅଭିଯୋଗର ଉତ୍ତର ଦେବା ପାଇଁ ଆମେ ବାଧ୍ୟ ହେବୁ ନାହିଁ । 'ରେବତୀ' ସମ୍ବନ୍ଧୀୟ ଯେକୌଣସି ଆପତ୍ତି, ଅଭିଯୋଗ ଓ ବିବାଦର ବିଚାର କେବଳ ବାଲେଶ୍ୱର ନ୍ୟାୟାଳୟ ପରିସରଭୁକ୍ତ ।
- 'ରେବତୀ' ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.** ସପକ୍ଷରେ କରାଯିବ ।

ସମ୍ପର୍କ : ସମ୍ପାଦିକା, 'ରେବତୀ', ରେବତୀ ମିଡ଼ିଆ ହାଉସ୍ ପ୍ରା. ଲିଃ., ଓ.ଟି. ରୋଡ୍, ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୮୭୭୮୦୫୨, ୭୦୦୮୮୪୫୯୨୦
ଇ-ମେଲ୍ : rebati.rebati2018@gmail.com

# ଉପବାସର ମହତ୍ୱ

ନିର୍ଜଳା ଉପବାସ ରହିବାର ଏକ ଧାର୍ମିକ ମହତ୍ୱ ବରାବର ରହି ଆସିଛି ଆମ ପରମ୍ପରାରେ । କହିବାକୁ ଗଲେ ଏହା ଆମ ସଂସ୍କୃତି ଓ ପରମ୍ପରାର ଏକ ଅଙ୍ଗ । ଉପବାସ ରହିବା ଦ୍ୱାରା ଆମ ମନ ତ ପବିତ୍ର ହୋଇଥାଏ, ତା'ଛଡ଼ା ଶରୀର ମଧ୍ୟ ଶୁଦ୍ଧ ଓ ପରିଷ୍କୃତ ହୋଥାଏ । ସାଧାରଣତଃ ଓଷାବ୍ରତମାନଙ୍କରେ ଅଧ୍ୟାତ୍ମବାଦୀ ଲୋକେ ଉପବାସ କରିଥାନ୍ତି । ଏହି ବ୍ରତ ବା ଉପବାସ କ୍ଷେତ୍ରରେ  ଆମ ନାରୀମାନଙ୍କର ନିଷ୍ଠା ଓ ଏକାଗ୍ରତା ବେଶ୍ ଜଡ଼ିତ । ପରିବାର ପ୍ରତିପାଳନର ଦାୟବଦ୍ଧତା ଭିତରେ ଓଷାବ୍ରତ ସମୟରେ ଉପବାସ ରହିବା କଷ୍ଟକର ହୋଇଥିଲେ ହେଁ ଆମ ନାରୀସମାଜ ଉପବାସ ପାଳନରେ ବେଶ୍ ସଚେତନ । ଉପବାସର ମୂଳତତ୍ତ୍ୱ ଯାହା ଥାଉନା କାହିଁକି ଧର୍ମୀୟ ଭାବନାରେ ବିଶ୍ୱାସୀ ମହିଳାମାନେ ଏହା ଦ୍ୱାରା ଭଗବାନଙ୍କ ପ୍ରତି ସମର୍ପିତ ହୋଇ ଉପାସନା ମାଧ୍ୟମରେ ନିଜକୁ ପ୍ରକାଶିତ କରିଥାନ୍ତି ଏବଂ ନିଜକୁ ଖୋଲିଦେବା ଦ୍ୱାରା ଆତ୍ମିକ ଜୀବନର ଚିନ୍ତାଗୁଡ଼ିକ ପ୍ରତି ନିଜକୁ ଯୋଡ଼ିବାର ଏକ ମାର୍ଗ ପାଇ ଯାଆନ୍ତି । ପାର୍ଥିବ ଜଗତରେ ବସବାସ କରୁଥିବା କାରଣରୁ ନିଜ ନିଜ ଭିତରେ ଅସତ୍ ଚିନ୍ତା ଓ ଭାବନା ଆସିବା ସ୍ୱାଭାବିକ । ମନ ଭିତରେ ଥିବା ଆଶଙ୍କା ଓ ପାପବୋଧର ପରିପ୍ରକାଶ ନିମନ୍ତେ ଏପରି ମାର୍ଗର ଅନୁଗାମୀ ହେବା ପ୍ରକାରାନ୍ତରରେ ମହିଳାମାନଙ୍କୁ ଦେଇଥାଏ ଆତ୍ମସନ୍ତୋଷ । ଏହି ଆତ୍ମାନନ୍ଦ ହିଁ ମନ ଓ ଶରୀରକୁ ପରିଷ୍କୃତ କରିବା ସହ ପବିତ୍ରମୟ କରିଥାଏ ।

ପ୍ରତ୍ୟେକ ପୂଜାପାର୍ବଣ ସମୟରେ ଉପାସନାର ପଶ୍ଚାତ୍‌ରେ ଥାଏ ନାରୀମାନଙ୍କ ଏହି ଉପବାସର ଅଭ୍ୟାସଗତ ଏକ ପରମ ଆନନ୍ଦ । ବିଶ୍ୱାସୀ ନାରୀମାନଙ୍କ ଠାରୁ ଏ ପ୍ରକାର ଏକ ଅଭ୍ୟାସକୁ ଆମେ ପୋଛି ନେଇ ପାରିବା ନାହିଁ । ଯଦିଓ ଆଧୁନିକ ଜୀବନଚର୍ଯ୍ୟାରେ ଆମର ବହୁ ନାରୀ ଏ ପ୍ରକାର ଏକ ଅଭ୍ୟାସ ଠାରୁ ନିଜ ନିଜକୁ ଦୂରେଇ ରଖିଛନ୍ତି । ସେଥିରେ ବି ସେମାନଙ୍କର ଆନନ୍ଦ । ମୋଟ୍ କଥା ହେଲା, ନିଜକୁ ଆତ୍ମସନ୍ତୋଷ ମିଳୁଥିବା ପ୍ରତ୍ୟେକଟି କାର୍ଯ୍ୟ କରିବାରୁ କାହାକୁ ବି ଆମେ ବିରତ କରାଇବା ଅନୁଚିତ । ଯିଏ ଆରାଧନା କରୁଛି ଭଲ । ଯିଏ କରୁନାହିଁ, ସେ ବି ଭଲ ।

କୁହାଯାଏ, ଅଭ୍ୟାସ ବଳେ ସର୍ବସିଦ୍ଧି । କଥାଟି ଅନେକ କ୍ଷେତ୍ରରେ ପ୍ରମାଣିତ ହୋଇଛି । ଅଭ୍ୟାସ ସାଧାରଣତଃ ଦୁଇ ପ୍ରକାରର । ଗୋଟିଏ ହେଲା ଭଲ ଅଭ୍ୟାସ, ଆରଟି ମନ୍ଦ ଅଭ୍ୟାସ । ଆମେ ଅନେକ ସମୟରେ 'ବଦଭ୍ୟାସ'ର ବଶବର୍ତ୍ତୀ ହୋଇଥିବା ଜାଣି ସୁଦ୍ଧା ତା'ର ଆନନ୍ଦ ନେଇଥାଉ । କିନ୍ତୁ ପରିତ୍ୟାଗ  କରିବା କଥା ସମ୍ଭବ ହୁଏନା । ଅଭ୍ୟାସ ଦ୍ୱାରା ହିଁ ପ୍ରତ୍ୟେକ କ୍ଷେତ୍ରରେ ସିଦ୍ଧି ହାସଲ କରିହୁଏ- ଏ କଥା ଆମେ ସମସ୍ତେ ଜାଣୁ । ତଥାପି ସିଦ୍ଧିକାମୀ ଆମେ ସମସ୍ତେ ମନ୍ଦ ଅଭ୍ୟାସ ଆଡ଼କୁ ଅଗ୍ରସର ହୋଇଥାଉ । ସେତେବେଳେ ଆମ ଭିତରେ 'ମନ୍ଦ'ର ପ୍ରଭାବ ଏତେ ମାତ୍ରାରେ ଥାଏ ଯେ, ଆମେ ସିଦ୍ଧାନ୍ତ ହିଁ ନେଇପାରୁନା । ସୁତରାଂ ଆମ ଭିତରୁ ହଜିହଜି ଯାଏ ନିଜକୁ ପ୍ରକାଶ କରିବାର ସ୍ପୃହା । ଧର୍ମାନୁକୂଳ ଏହି ସ୍ପୃହାର ଅଭାବରେ ଅଭ୍ୟାସଗତ ଆଚରଣ ଆମକୁ ବରାବର ବିପଥଗାମୀ କରାଇଥାଏ । ତେଣୁ ନିଜକୁ ଭଗବାନଙ୍କ ଠାରେ ଖୋଲିଦେବାର ଏକ ପାରମ୍ପରିକ ମାର୍ଗକୁ ଅନୁସରଣ କରିବା ନିତ୍ୟାନ୍ତ ଆବଶ୍ୟକ । ଏହା ହିଁ ବୋଧେ 'ଉପବାସ' ପଛରେ ଥିବା ଏକ ବିଶ୍ୱାସ । ଜଣେ ନାରୀ ନିର୍ଜଳା ଉପବାସ କରି ପୁରା ପରିବାରର ମଙ୍ଗଳ ପାଇଁ ନିଜକୁ ସମର୍ପିତ କରିପାରେ । ନାରୀର ଏ ନିଷ୍ଠା ପାଇଁ ପରିବାର ସବୁବେଳେ ସୁଚାରୁ ରୂପେ ପରିଚାଳିତ ହୋଇଥାଏ ସତ, ହେଲେ ସେଇ ନାରୀଟି ପାଇଁ ଆମେ କେତେ ବେଶି ଉତ୍ସର୍ଗିତ, କେତେ ବେଶି ଗର୍ବିତ, ତାହା କେବେ ଭାବୁନାହୁଁ । କାରଣ ଆମ ମନରେ ଏକ ବଦ୍ଧମୂଳ ଧାରଣା ବସା ବାନ୍ଧି ରହି ଯାଇଛି ଯେ, ସେ ନାରୀ । ସେ ହିଁ ସବୁ କରିବ । ଓଷାବ୍ରତ ଠୁ ଆରମ୍ଭ କରି ଲାଳନପାଳନ । ଏ ପ୍ରକାର ଏକ ଧାରଣାରୁ ବାହାରି ଆସି ଆମକୁ ଏକ ସଂସ୍କାରିତ ଜୀବନର ଅନୁଗାମୀ ହେବାକୁ ପଡ଼ିବ ।

ଅଭ୍ୟାସ ବଳେ ଏ ଜଗତ । ଏମିତି କୌଣସି ଅସାଧ୍ୟ କାର୍ଯ୍ୟ ନାହିଁ, ଯାହାକୁ ଜଣେ ଅଭ୍ୟାସ ବଳରେ ଜୟ କରି ପାରିବନି ! ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମେ ଜୀବନ ଅତିବାହିତ କରୁଥିବା ମାର୍ଗରେ ଶିକ୍ଷାଲାଭ କରୁ ନାନା ଭାବରେ । ଶିଖି ଶିଖାଇବାର ଆନନ୍ଦ ଆମ ଭିତରେ ଭାରତୀୟତାର ବୀଜ ବୁଣିଥାଏ । ଭଗବାନଙ୍କ ଉପଲବ୍ଧି ହିଁ ଆମ ପରିବାର, ଆମ ସମାଜର ମଂଗଳ ପାଇଁ ଅତ୍ୟନ୍ତ ଜରୁରୀ । କେବଳ ବିଦ୍ୟାଳୟର ଶିକ୍ଷା ନୁହେଁ, ଆମକୁ ବାହ୍ୟ ପରିବେଶରୁ ମଧ୍ୟ ମିଳିଥାଏ ଅନେକ ଶିକ୍ଷା । ଆମେ ସେସବୁର ଅଭ୍ୟାସ ଦ୍ୱାରା ସତ୍ୟ ଓ ଶାନ୍ତିକୁ କରାୟତ୍ତ କରିବା ସହ ନିଜକୁ ଖୋଲିଦେଇ ପାଇ ପାରିବା ଏକ ଐଶ୍ୱରୀୟ ଶୁଦ୍ଧତା । ନିଜକୁ ଖୋଲିଦେବାର ବା ନିଜକୁ ସମର୍ପଣ  କରିବାର ମାଧ୍ୟମ ଯାହା ହେଉନା କାହିଁକି, ଏହି ମାର୍ଗ ନିଶ୍ଚିତ ଭାବେ ଆମକୁ ଈଶ୍ୱର ଅନୁଗାମୀ କରାଇବ, ଏପରି ଏକ ବିଶ୍ୱାସ ମୂଳରେ ହିଁ ଅଛି ଆମ ନାରୀ ସମାଜର ତ୍ୟାଗ ଓ ତିତିକ୍ଷା । ସୁତରାଂ ଭଲ ଅଭ୍ୟାସ ବଳରେ ଆମେ ନିଶ୍ଚିତ ଏକ ସିଦ୍ଧ ଓ ସୁସ୍ଥ ଜୀବନର ଅଧିକାରୀ ହୋଇ ସକରାତ୍ମକ ମାର୍ଗ ଅନୁସରଣ କରିପାରିବା । ଆସନ୍ତୁ, ଭଲ ଦିଗରେ ଆମର 'ଅଭ୍ୟାସ'କୁ କାର୍ଯ୍ୟକ୍ଷମ କରାଇବା ଏବଂ ଭଲ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ।

ପବିତ୍ର ମହା ଶିବରାତ୍ରୀ ଓ ଜାଗର ଉପଲକ୍ଷେ ନିର୍ଜଳା ଉପବାସ ରହି ଦୀପ ଜାଳୁଥିବା ପ୍ରତ୍ୟେକଟି ମଣିଷ ପାଇଁ 'ରେବତୀ' ପରିବାରର ଶୁଭେଚ୍ଛା ।

ସମ୍ପାଦିକା



# ବାଲେଶ୍ୱରର ବା



# ା ଝାଡ଼େଶ୍ୱରନାଥ




**ସ୍ମୃତି ଦାସ**
ବାଲେଶ୍ୱର
ଫୋନ : ୮୪୫୭୯୩୪୭୭୨


ଫଟୋ ସୌଜନ୍ୟ : ଲେଖିକା ଓ ବିକାଶ

**"ଦୈତ୍ୟୋ ବାଣାସୁର ଇହ ପୁରା ଦ୍ୱାପରେ ଶାସକତ୍ୱମ୍ / କୃତ୍ୱାଂସୀତ୍ ସ ତ୍ରିଭୂବନଜୟୀ ଶ୍ରୀଶିବୋପାସକତ୍ୱାତ୍ ପୌତ୍ରଃ କୃଷ୍ଣସ୍ୟ ପୁନରଭବତ୍ ତସ୍ୟ ପୁତ୍ରୀଂ ଚଲବଧ୍ୱା / ତସ୍ୟାଂପୁର୍ଯ୍ୟାଂ ନରପତିରଥେୟଂହି ବାଲେଶ୍ୱରଖ୍ୟା ।"**

ସର୍ବଭାରତୀୟ କ୍ଷେତ୍ରରେ ପୂଣ୍ୟଭୂମି ଉତ୍କଳ ଭୂଖଣ୍ଡ ମଧ୍ୟରୁ ବାଲେଶ୍ୱର ଅନ୍ୟତମ । ଏହି ଉର୍ବର ଭୂମି ବାଲେଶ୍ୱର ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପକଣ୍ଠରେ ଏକ ଗୌରବୋଜ୍ଜ୍ୱଳମୟ କୀର୍ତ୍ତିର ଜିଲ୍ଲା । ଏହା ଯେତିକି ସଂସ୍କୃତି ସମ୍ପନ୍ନ ସେତିକି ଐତିହ୍ୟମୟ । ଆର୍ଯ୍ୟାବର୍ତ୍ତର ଏ ମାଟି ବହୁ ମନିଷୀଙ୍କୁ ଜନ୍ମ ଦେଇଛି । ଏ ମାଟିରେ ଅନେକ କଥା କାହାଣୀ କିମ୍ବଦନ୍ତୀଙ୍କୁ ନେଇ ତା ସଂସ୍କୃତି ଓ ଐତିହ୍ୟ ଯେତିକି ସୁଦୃଢ଼, ସେତିକି ମଧ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମ୍ପଦକୁ



◄ ଲେଖିକା ସ୍ମୃତି ଦାସ



ନେଇ ସମୃଦ୍ଧ । ଏ ମାଟିର ମହାପୁରୁଷ ଦୀନକୃଷ୍ଣ, ଫକୀରମୋହନ, ରାଧାନାଥ, ବାଘାଯତୀନ ଇତ୍ୟାଦିଙ୍କୁ ନେଇ ଯେମିତି ସମୁଜ୍ଜ୍ୱଳିତ ସେମିତି ମଧ୍ୟ ବିଦ୍ରୋହୀ, ବିପ୍ଳବୀ ଓ ସ୍ୱାଭିମାନୀର ସ୍ୱର୍ଣ୍ଣାକ୍ଷର ବହନ କରିଛି ବାଲେଶ୍ୱର । ବାଲେଶ୍ୱରର ଇତିହାସ ହିଁ ଅନେକ କଥାର ତଥ୍ୟଭିତ୍ତିକ ପ୍ରମାଣ ଆମକୁ ଦେଇଥାଏ । ଆମେ ପୌରାଣିକ ତଥ୍ୟକୁ ଆଧାର କରି ତାର ମୂଳପିଣ୍ଡକୁ ଯଦି ଧରୁ ତେବେ ପୁରାଣ ବର୍ଣ୍ଣିତ ରାଜା ବାଣାସୁରଙ୍କ ରାଜ୍ୟ ଥିଲା ବିସ୍ତୀର୍ଣ୍ଣ । ପୌରାଣିକ ସମ୍ୱଳିତ ତଥ୍ୟ କହେ, ଆଜି ବାଣାସୁରରୁ ବାଲେଶ୍ୱର ସୃଷ୍ଟି । ଆମେ ଯଦି ଇତିହାସକୁ ଯିବା, ତେବେ ଆମକୁ ଐତିହାସିକ ତଥ୍ୟ କହେ ଯେ Bala-E-Sore ଅର୍ଥାତ୍ ସମୁଦ୍ରକୂଳରେ ସହର ବାଲେଶ୍ୱର, ଯାହାର ମୂକସାକ୍ଷୀ ଶୈବପୀଠ ବାଣେଶ୍ୱର ଅଟେ । ଅନେକ ଜନକଥା ଓ ଗାଥା ଆଜି ବିସ୍ମୃତି ଗର୍ଭରେ ଲୀନ । ଏ ବାଲେଶ୍ୱର ବିବିଧ ଧର୍ମର ରଜ୍ଜୁରେ ବନ୍ଧା ହେଲେ ମଧ୍ୟ ବାଲେଶ୍ୱର ସହର ମୁଖ୍ୟତଃ ଶୈବ ପରମ୍ପରାର ଭୂମି । ବାଲେଶ୍ୱର ମୋଗଲ, ଇଂରେଜ, ଡଚ୍, ପର୍ତ୍ତୁଗୀଜ ଭଳି ବିଭିନ୍ନ ପାଶ୍ଚାତ୍ୟ ଦେଶର ଅଧିବାସୀଙ୍କ ରହଣିର ମୂକସାକ୍ଷୀ ରୂପେ ଐତିହ୍ୟ ବିମଣ୍ଡିତ ବାବା ଝାଡ଼େଶ୍ୱର ନାଥ । ତଥ୍ୟ ସମ୍ୱଳିତ ଆଧାରରେ ଜାଣିବାକୁ ମିଳେ ଯେ ଯୋଦ୍ଧାଜାତି ମରାଠୀ ଅମାତ୍ୟ ଭାସ୍କର ପଣ୍ଡିତଙ୍କ ଦ୍ୱାରା ବାଲେଶ୍ୱରର ପ୍ରତ୍ୟକ୍ଷ ଦେବତା ଅର୍ଥାତ୍ ବାବା ଝାଡ଼େଶ୍ୱରନାଥ ଭାସ୍କର ପଣ୍ଡିତଙ୍କ ଦ୍ୱାରା ମୃତ୍ତିକା ଗର୍ଭରୁ ଆବିଷ୍କୃତ ହୋଇ ପ୍ରତିଷ୍ଠା ଲାଭ କରିଥିଲେ । ଏହି ବାବାଙ୍କର ଆସ୍ଥାନ ଶ୍ରୀକଣ୍ଠପୁର ରାଜସ୍ୱ ମୌଜାରେ, ସହରର ପଶ୍ଚିମଦିଗରେ ନୂଆ ବଜାରରେ ବିରାଜମାନ । ପୂର୍ବରୁ ଏହି ଅଞ୍ଚଳ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଥିଲା । ଏହି ମନ୍ଦିର ସନ୍ନିକଟରେ ଜିଲ୍ଲା ପ୍ରଶାସନର ଦପ୍ତର । ଏହି ଶୈବପୀଠରେ ପଶ୍ଚିମ ଦିଗରେ ପ୍ରାଚୀନ ରାଜମାର୍ଗ ଅଟେ । ଉକ୍ତ ସମୟରେ ଏହି ବାବା ଯେତିକି ଗାରିମାମୟ ଥିଲେ ତଦନୁଯାୟୀ ଐଶ୍ୱର୍ଯ୍ୟଶାଳୀ ଥିଲେ ବାବା ଝାଡ଼େଶ୍ୱର । ବାବା ଝାଡ଼େଶ୍ୱର ଭୂରାଜସ୍ୱ ଦସ୍ତାବିଜରୁ ଏକ ଐତିହାସିକ ତଥ୍ୟ ମିଳେ ଯେ ଏହା ଏକମାତ୍ର ଦେବୋତ୍ତର ଜମିଦାର । ଆଜିର ଶୈବଧର୍ମ ସମ୍ପ୍ରଦାୟର ବାବା ଝାଡ଼େଶ୍ୱରନାଥ ହେଲେ ପ୍ରାଣକେନ୍ଦ୍ର ତଥା ରକ୍ଷାକର୍ତ୍ତା ଓ ତ୍ରାଣକର୍ତ୍ତା ମଧ୍ୟ ବାଲେଶ୍ୱରବାସୀଙ୍କର । ଏହି ମନ୍ଦିରରେ ଭକ୍ତମାନେ ଶ୍ରୀ ଶ୍ରୀ ଝାଡ଼େଶ୍ୱର ନାଥଙ୍କ ଦର୍ଶନ ପରେ, ମନ୍ଦିର ପରିସରରେ ଥିବା ନବଗ୍ରହ, ହନୁମାନ, ଜଗନ୍ନାଥ, ବଳଭଦ୍ର ମା ସୁଭଦ୍ରା ବୈଷ୍ଣବୀୟ ଆରାଧ୍ୟ ରାଧା ମଦନମୋହନ ଜୀଉଙ୍କ ଦର୍ଶନ କରି ଶାକ୍ତ ଗଣପତ୍ୟ, ବୈଷ୍ଣବ ଧର୍ମର ମହମିଳନ ଘଟାଇଥାନ୍ତି । ବାଲେଶ୍ୱରର ଝାଡ଼େଶ୍ୱର ମର୍ଯ୍ୟାଦାବନ୍ତ ପବିତ୍ର କ୍ଷେତ୍ର ଅଟେ । ଏ ପୀଠରେ ସମସ୍ତେ ଆତ୍ମଶୋଧନ କରି ଆତ୍ମହରା ହୁଅନ୍ତି ।

## ଐତିହାସିକ ତଥ୍ୟ

ବାଲେଶ୍ୱର ସହରରେ ପୂର୍ବରେ ବାଣେଶ୍ୱର ଓ ପଶ୍ଚିମରେ ଝାଡ଼େଶ୍ୱର ପ୍ରାଚୀନ ସହର ବାଲେଶ୍ୱରରେ ଶୈବ ଉପାସକଙ୍କ ପାଇଁ ପୁଣ୍ୟ କ୍ଷେତ୍ର ଥିଲା । ଇତିହାସ ସମ୍ୱଳିତ ତଥ୍ୟାନୁଯାୟୀ ବାଲେଶ୍ୱର ମୋଗଲ ପଠାନ-ଆଫଗାନ(୧୫୬୮-୧୭୫୧) ଶାସନର ଅବସାନ ପରେ ଏହା ଇଂରେଜ ବଣିକମାନଙ୍କ ଦ୍ୱାରା କବଳିତ ହେବା ପୂର୍ବରୁ ମରହଟ୍ଟା (ପ୍ରାୟତଃ ୧୭୫୧-୧୮୦୩)ର ଲୀଳାଭୂମି ରୂପେ ପରିଗଣିତ ହେଉଥିଲା । ଫୁଲାଡ଼ି ଘାଟ ଠାରେ ଘଟିଥିବା ଫୁଲ୍‌ବରି ଯୁଦ୍ଧ ଉତ୍କଳ ଭୂଖଣ୍ଡରେ ବଙ୍ଗନବାବଙ୍କ ଶାସନର ଅବକ୍ଷୟର ଆରମ୍ଭ । ୧୭୫୧ରେ ମରହଟ୍ଟା ମାନେ ସ୍ଥାୟୀ ଶାସକ ରୂପେ ଅବସ୍ଥାପିତ ହେଲେ । ଭାସ୍କର ପଣ୍ଡିତ ମରହଟ୍ଟାର ଅନ୍ୟତମ ଅମାତ୍ୟ ତଥା ସେନାପତି ହିସାବରେ ମରହଟ୍ଟା ଶାସନର ମୂଳଭିତ୍ତି ପ୍ରତିଷ୍ଠାତା ଅଟନ୍ତି । ଉକ୍ତ ସମୟରେ ଝାଡ଼େଶ୍ୱରଙ୍କୁ ଲୋକଲୋଚନକୁ ଆଣିଥିବାର ଅନୁମେୟ । ନିର୍ଭୁଲ ତଥ୍ୟକୁ ଆଧାରକରି ତଥ୍ୟ ସମ୍ୱଳିତ ଐତିହାସିକ ଦସ୍ତାବିଜ୍ 'ବାଲେଶ୍ୱର' ପୁସ୍ତକ ୧୯୦୯ରେ ପ୍ରକାଶିତ ହୋଇଛି । ଉକ୍ତ ପୁସ୍ତକ ପଠନରୁ ଯାହା ଜ୍ଞାତ ହୁଏ କି ମହାପ୍ରଭୁ ଝାଡ଼େଶ୍ୱର ନାଥଙ୍କ ଲୁକ୍କାୟିତ ଦେବ ବିଗ୍ରହ ଝାଡ଼ଗଛ ମୂଳରୁ ମରହଟ୍ଟା ସେନାପତି ଉଦ୍ଧୃତ କରି ଲୋକଲୋଚନକୁ ଆଣିଥିବାରୁ ଦେବଙ୍କ ନାମ ଝାଡ଼େଶ୍ୱର ହୋଇଅଛି । ସରକାର ମଧ୍ୟ ଏହାର ଏକ କାବ୍ୟିକ ଲିପି ପ୍ରଚଳିତ କରିଥିଲେ ଆଞ୍ଚଳିକ ଭାଷାରେ । ମୂଳତଃ ମରହଟ୍ଟାମାନେ ଶୈବ ଉପାସକ ଅଟନ୍ତି । ଏହା ଐତିହାସିକ ତଥ୍ୟ ସମ୍ୱଳିତ ଯେ ରଘୁଜୀଙ୍କ ଭେନ୍‌ସଲାଙ୍କ ପ୍ରଧାନମନ୍ତ୍ରୀ ତଥା ସେନାଧ୍ୟକ୍ଷ ଭାସ୍କର ପଣ୍ଡିତ ଓଡ଼ିଶା ରହଣି ମଧ୍ୟରେ ବାଲେଶ୍ୱର ଠାରେ ବଙ୍ଗ ଅଭିଯାନର ସ୍ୱଳ୍ପ ସମୟ ଅବସ୍ଥାନ କାଳରେ ତାଙ୍କର ମହାନତା ପାଇଁ ଉକ୍ତ ସ୍ଥାନରେ ନାମ ଅଦ୍ୟାପି ଭାସ୍କରଗଞ୍ଜ ନାମରେ ନାମିତ । ତେଣୁ ଝାଡ଼େଶ୍ୱର ମହାଦେବଙ୍କ ଉଦ୍ଧୃତ ପୁରୁଷ ହେଉଛନ୍ତି ଭାସ୍କର ପଣ୍ଡିତ । ହରିଶ୍ଚନ୍ଦ୍ର ସରକାରଙ୍କ ବର୍ଣ୍ଣିତ 'ବାଲେଶ୍ୱର' ପୁସ୍ତକାନୁଯାୟୀ ସ୍ୱୀକାର କରାଗଲେ ବାଲେଶ୍ୱରର ଇଷ୍ଟଦେବଙ୍କ ଲୋକଲୋଚନରେ ପୁନଃ ଆବିର୍ଭାବ ସମୟ ୧୭୪୧-୧୭୪୪ ବୋଲି ଜଣାଯାଏ । ସରକାରୀ କଳରୁ ଯେଉଁ ତଥ୍ୟ ମିଳେ ଯେ ମରହଟ୍ଟାମାନେ ଝାଡ଼େଶ୍ୱରନାଥଙ୍କ ସେବା ପୂଜା ପାଇଁ ବିପୁଳ ସମ୍ପତ୍ତି ରଖିଯାଇଥିଲେ । ଇତିହାସରୁ ଜଣାଯାଏ ଗଜପତି ମୁକୁନ୍ଦଦେବଙ୍କ ଅବସାନ ପରେ ମୋଗଲ ଇତ୍ୟାଦିଙ୍କ ଶାସନରେ ବିଧର୍ମୀ ହିନ୍ଦୁ ଦେବାଦେବୀ ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥାରେ ଥିଲେ । ଯାହା ମରହଟ୍ଟା ମାନଙ୍କ ଦ୍ୱାରା ନବୀକରଣ ହୋଇଥିଲା ଏବଂ କ୍ରମେ ଜନୈକ ମରହଟ୍ଟା ରାଜ କର୍ମଚାରୀଙ୍କ ଦ୍ୱାରା ଝାଡ଼େଶ୍ୱରଙ୍କ ପ୍ରଥମ ସେବକ ରୂପେ ସ୍ୱର୍ଗତ ଭାଗିରଥି ପଣ୍ଡାଙ୍କ ନାମରେ ନାମିତ ହୋଇଥିଲା । ଏହି ସନନ୍ଦ ସମ୍ବନ୍ଧରେ ଅଦାଲତଙ୍କ ଅଭିମତ ବେଶ୍ ପ୍ରଣିଧାନଯୋଗ୍ୟ । ଏହି ପାର୍ସି ମିଶା ସନନ୍ଦର ଓଡ଼ିଆ ଅନୁବାଦ ଏହି ପ୍ରକାରରେ ଅଟେ: "ଶ୍ରୀ ଦିନକର ପଣ୍ଡିତ ଓଲାଦ ଚିନ୍ତାମଣି ପଣ୍ଡିତ ଚୋପ ଦେବୋତ୍ତର ଓ ଝାଡ଼େଶ୍ୱର ମହାଦେବ ସା-ବାଲେଶ୍ୱର ବନ୍ଦରଙ୍କର ଖରିଦା ନଗର ଖରିଦା ବନଜିବାବା ମାର୍ଫତ୍ ଭାଗିରଥି ପଣ୍ଡା ଓଲାଦ ଶ୍ରୀ କରୁଣାକର ପଣ୍ଡା ଓ ଠାକୁରଙ୍କ ବିଜେ ଝାଡ଼େଶ୍ୱର ଭୋଗ ସେବା ନିମନ୍ତେ ଦେଲୁ, ଏ ଜମି ସାଲ ଉତ୍ ଦୃପ ଆବଦକାରୀ ଓ ପ୍ରଭୁଙ୍କ ସେବାରେ ଲଗାଇବେ । ଆଗେ ପରଛୁ



ଏ ଜମିରେ ଆମର ଦାୱା ନାହିଁ । ଏ ଚୋପ ଦେବୋତ୍ତର ଦିନକର ପଣ୍ଡିତ ଚିରପ୍ରମାଣେ ମହରମ ସ୍ୱ ୧୧୭୫ ଏଡ଼ି ୧୭୫୫ ।”


ନକଲ ମୁଁ ଗୋପିନାଥ ସାହୁ ୧୬.୬.୧୮୨୬ ପ୍ରଭୃତ ଭୂସମ୍ପତ୍ତି ଅଧିକାରୀ ଝାଡ଼େଶ୍ୱରନାଥ ଆଜି ଏହି ଝାଡ଼େଶ୍ୱରଙ୍କର ଭାସ୍କରଗଞ୍ଜ ମୌଜା ବ୍ୟତୀତ ଅନ୍ୟ ବହୁ ଭୂସମ୍ପତ୍ତିର ଦିନେ ଦେବୋତ୍ତର ଜମିଦାର ଥିଲେ । କିନ୍ତୁ ଆଜି ତାହା ବିଭିନ୍ନ ମାଲିକଙ୍କ ମାଲିକାନକୁ ବ୍ୟକ୍ତିଗତ ଭାବରେ ହସ୍ତାନ୍ତରିତ ହୋଇଯାଇଛି । ତା ମଧ୍ୟରୁ ଜବରଦଖଲକାରୀ ଅନ୍ୟତମ । ତେଣୁ ବ୍ୟୟ ଅଧିକ ଆୟ ଖୁବ୍ କମ୍ ଅଟେ । ଏଥିପ୍ରତି ତତ୍ପରତା କାହାରି ନାହିଁ । ଯାହା ହେଉ ଆମେ ସର୍ବଶେଷ ସିଦ୍ଧାନ୍ତରେ ଉପନୀତ ହେଲୁ ଯେ ମରହଟ୍ଟା ଅମାତ୍ୟ ତଥା ପ୍ରଧାନ ସେନାଧ୍ୟକ୍ଷ ଭାସ୍କର ପଣ୍ଡିତଙ୍କ ଦ୍ୱାରା ୧୭୪୧ରୁ ୪୪ରେ ଝାଡ଼ ମଧ୍ୟରୁ ମାଟିତଳୁ ଉଦ୍ଧୃତ କରିବା ସହିତ ମନ୍ଦିର ନିର୍ମାଣ ଓ ସେବା ପୂଜାର୍ଚ୍ଚନା ପାଇଁ ଭୂସମ୍ପତ୍ତି ତାଙ୍କ ଦ୍ୱାରା ୧୭୫୫ ଖ୍ରୀଷ୍ଟାବ୍ଦରେ ପ୍ରଦତ୍ତ ହୋଇଥିଲା ।

## ଏହି ମନ୍ଦିରର ସ୍ଥାପତ୍ୟ ଶୈଳୀ ଓ ନିର୍ମାଣ ଶୈଳୀ

ବାଲେଶ୍ୱର ସହରରେ ବିରାଜମାନ ଶୈବମନ୍ଦିରଗୁଡ଼ିକ ପ୍ରାଚୀନତମ ସ୍ଥାପତ୍ୟ ଶୈଳୀ ପିଢ଼ି ଶୈଳୀରେ ନିର୍ମିତ । ଜଗମୋହନ ପ୍ରଧାନ ମନ୍ଦିର ବିମାନ ଗୃହ ସଂଲଗ୍ନ ସାଧାରଣତଃ ପୌରାଣିକ ମତାନୁଯାୟୀ ପୂର୍ବାଭିମୁଖୀ ହେବା ଉଚିତ । ତେଣୁ ସେହି ରୀତି ଅନୁଯାୟୀ ଝାଡ଼େଶ୍ୱର ମନ୍ଦିର ତିଆରି ହୋଇଥିଲେ ମଧ୍ୟ ପ୍ରବେଶ ଦ୍ୱାର ଦକ୍ଷିଣାଭିମୁଖୀ । ପୂର୍ବରୁ ଏହି ମନ୍ଦିରର ପ୍ରବେଶ ଦ୍ୱାରରେ ଏକ ଗଭୀର କୂପ ଥିଲା । ଆଜି ତାହା ଲୁପ୍ତ ଏବଂ ତା ବଦଳରେ ଏକ ପୁରାତନ ଝଙ୍କାଳିଆ ବଟବୃକ୍ଷ ଦଣ୍ଡାୟମାନ । ଏହି ମନ୍ଦିର ଦକ୍ଷିଣ ଦ୍ୱାରରେ ଭକ୍ତଙ୍କ ସର୍ବଦା ଭିଡ଼ ଲାଗି ରହିଥାଏ । ଶାସ୍ତ୍ରାନୁମୋଦିତ ବିଧି ଅନୁଯାୟୀ ପୂର୍ବ ଦିଗରେ ଏକ ପଥ ରହିଅଛି । ଆମ ଆର୍ଯ୍ୟ ସଂସ୍କୃତି ଅନୁଯାୟୀ ଶିବଙ୍କ ଦର୍ଶନ ପାଇଁ ଦେବ ଦାନବ ଓ  ମାନବ ପ୍ରବେଶ କରିବେ । ତେଣୁ ଶିବଙ୍କର ବାହନ ନନ୍ଦୀ ବୃଷଭ ବହୁ ସମାଗମ ପଥ ଦକ୍ଷିଣ ଦିଗରେ ଅବସ୍ଥାପିତ ହୋଇଥାନ୍ତି । ଏହି ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ପାଦ ପ୍ରକ୍ଷାଳନ ପାଇଁ ଏକ ଜଳ ଉତ୍ସ ଦକ୍ଷିଣ ପାର୍ଶ୍ୱ ପଥରେ ରହିଅଛି ।  ଗର୍ଭ ଗୃହରେ ପ୍ରଭୁ ଶ୍ରୀ ଶ୍ରୀ ଝାଡ଼େଶ୍ୱର ସ୍ୱୟଂ ବିରାଜମାନ । ଗର୍ଭ ଗୃହ ମଧ୍ୟରେ ସ୍ୱୟଂ ଲିଙ୍ଗରାଜ । ଏହି ମନ୍ଦିରରେ ଲିଙ୍ଗରାଜ ମଧ୍ୟମ ଆକାର ବିଶିଷ୍ଟ । ଏହି ଲିଙ୍ଗଙ୍କର ପାର୍ଶ୍ୱ ଭାଗରେ କଟାଦାଗ ରହିଅଛି । ଯାହାକି କିମ୍ବଦନ୍ତୀ କହେ ଝାଡ଼େଶ୍ୱରଙ୍କୁ ଉଦ୍ଧାର ବେଳେ ଖଣିତର ଦାଗ ରହି ଯାଇଅଛି । ଜଗମୋହନରୁ ଏକରୁ ଅଧିକ ପାହାଚ ଦେଇ ଗର୍ଭଗୃହକୁ ଯିବାକୁ ହୁଏ । ଏହି ମନ୍ଦିର ପୂର୍ବ ଦକ୍ଷିଣ ଉତ୍ତର ପାର୍ଶ୍ୱ ସୁଦୃଢ଼ ପ୍ରାଚୀର ଦ୍ୱାରା ପରିବେଷ୍ଟିତ । ପଶ୍ଚିମ ଦିଗରେ ଏକ ବିରାଟ ପୁଷ୍କରିଣୀ ରାଧାମୋହନ ଜୀଉଙ୍କ ଚନ୍ଦନ ଯାତ୍ରା ପାଇଁ ଉଦ୍ଦିଷ୍ଟ । ଶ୍ରଦ୍ଧାଳୁମାନେ ଝାଡ଼େଶ୍ୱର ବାବାଙ୍କ ଜଳ ଲାଗି ପାଇଁ ମଧ୍ୟ ଏହାକୁ ବ୍ୟବହର କରନ୍ତି । ବାଲେଶ୍ୱର ସହର କେନ୍ଦ୍ରସ୍ଥଳରେ ଥିବା ପ୍ରସିଦ୍ଧ ଶୈବପୀଠର ପୁଷ୍କରିଣୀ ଚତୁଃପାର୍ଶ୍ୱରେ ପକ୍କା କାନ୍ଥ ଆବଦ୍ଧ କରି ଏକ ଫୁଲ ବଗିଚା ନିର୍ମାଣ ହୋଇଥିଲା ।

ଏହି ମନ୍ଦିରର ମୁଖ୍ୟଦ୍ୱାର ପୂର୍ବମୁଖା ହେଲେ ହେଁ ଗମନାଗମନ ପାଇଁ ଭକ୍ତବୃନ୍ଦ ଦକ୍ଷିଣ ପାର୍ଶ୍ୱ ଦେଇ ଯାତାୟତ କରିଥାନ୍ତି । ଏହି ମନ୍ଦିରର ପୂର୍ବ ଦିଗରେ ହନୁମାନ ପୂଜା ପାଆନ୍ତି । ମନ୍ଦିରର ଉତ୍ତର ପାର୍ଶ୍ୱରେ ଥିବା ଏହି ସୁଦୃଶ୍ୟ ମଣ୍ଡପରେ ବିଭିନ୍ନ ପୂଜା ଇତ୍ୟାଦି ଭକ୍ତମାନଙ୍କ ଦ୍ୱାରା ସମ୍ପାଦିତ ହୁଏ । ପୂର୍ବରୁ ଏହି ମଣ୍ଡପ ଅବଶ୍ୟ ପିଲାଙ୍କର ଶିକ୍ଷାକେନ୍ଦ୍ର ଥିଲା । ଏହା ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ପୂର୍ବର କଥା, ମନ୍ଦିର ବେଢ଼ାର ଦକ୍ଷିଣ ପାର୍ଶ୍ୱରେ ଏକ ବିରାଟ ବାରଣ୍ଡା ରହିଅଛି । ଏହାର ପଶ୍ଚିମର ପଶ୍ଚାତ୍ ଭାଗରେ ନବଗ୍ରହ ବିଗ୍ରହ ପୂଜିତ ହୁଅନ୍ତି । ଦକ୍ଷିଣ ଦ୍ୱାରର ବାମପାର୍ଶ୍ୱରେ ରଘୁନାଥ ଜୀଉ ମନ୍ଦିର ଅବସ୍ଥିତ । ଶୈବପୀଠ ଝାଡ଼େଶ୍ୱର ନାଥଙ୍କ ଆସ୍ଥାନରେ ରାଧାକୃଷ୍ଣ ଅବସ୍ଥିତ ଓ ଏହାର ଉପାସନା କେବେ କେଉଁ ପରିସ୍ଥିତିରେ ଆରମ୍ଭ ହୋଇଥିଲା ତାହାର ସଠିକ୍ ତଥ୍ୟ ହସ୍ତଗତ ହୋଇନାହିଁ । ଆଲୋଚ୍ୟ ବାବା ଝାଡ଼େଶ୍ୱରଙ୍କ ପୀଠର ପୁନଃନିର୍ମାଣ ରାଜା ଶ୍ୟାମାନନ୍ଦ ଦେ ରାଜବାହାଦୂରଙ୍କ ଦ୍ୱାରା ହୋଇଥିବାର ଜଣାଯାଏ । ଏହା ସହିତ ବହୁ ବଦାନ୍ୟ ବ୍ୟକ୍ତିଙ୍କର ଅବଦାନ ରହିଅଛି ଏହି ମନ୍ଦିର ନିର୍ମାଣରେ । ପ୍ରଧାନ ମନ୍ଦିର ଅର୍ଥାତ୍ ଗର୍ଭଗୃହ ୧୭ ଇଞ୍ଚ ଗୁଣନ ୩୧ ଇଞ୍ଚ ପରିଧି ମଧ୍ୟରେ ପିଢ଼ିଶୈଳୀରେ ନିର୍ମିତ ।

ବିମାନ ଓ ଜଗମୋହନର ଉଚ୍ଚତା ମଧ୍ୟରେ ସମାନ ସାମଞ୍ଜସ୍ୟ ରହିଅଛି । ୩୫ ଫୁଟ୍ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିରର ଆଭ୍ୟନ୍ତରୀଣ ଗଠନଶୈଳୀ ଅତ୍ୟନ୍ତ ଆକର୍ଷଣୀୟ । ମନ୍ଦିର ବହିର୍ବିଭାଗ ଚୂନ ପ୍ରଲେପରେ ପ୍ରଲେପିତ । ତେଣୁ ମନ୍ଦିର କାରୁକାର୍ଯ୍ୟ ପରିଲକ୍ଷିତ ହୋଇନଥାଏ । ବର୍ତ୍ତମାନ ବହୁବଦାନ୍ୟ ବ୍ୟକ୍ତିଙ୍କ ସାହାଯ୍ୟରେ ଏ ମନ୍ଦିରର ଆଭ୍ୟନ୍ତର ଓ ବାହ୍ୟ ପ୍ରାଚୀରର ପରିବର୍ତ୍ତନ ଘଟିଅଛି । ମନ୍ଦିରର ଆଭ୍ୟନ୍ତର ଶଙ୍ଖ ମଲ୍‌ମଲ୍ ପ୍ରସ୍ତରରେ ଆଚ୍ଛାଦିତ । କାନ୍ଥ ରଂଗୀନ ଟାଇଲ୍‌ରେ ସଜ୍ଜିତ । ଏହାର ପରିଚାଳନା ଟ୍ରଷ୍ଟି ଦ୍ୱାରା ସମ୍ପନ୍ନ ହୋଇଥାଏ । ପୂର୍ବ ଅପେକ୍ଷା ଏହାର ଉନ୍ନତି କଳ୍ପେ କାର୍ଯ୍ୟ କରାଯାଉଛି । ଏହାର ବେଢ଼ା ମଧ୍ୟରେ ରାଧାମୋହନ ଜୀଉ ମନ୍ଦିର, ହନୁମାନ ମନ୍ଦିର, ନବ ଗ୍ରହମନ୍ଦିର, ଭୋଗ ବିକ୍ରୟ କେନ୍ଦ୍ର, ସେବାୟତ ଗୃହ, ଭଣ୍ଡାର ଗୃହ ଇତ୍ୟାଦି ରହିଛି । ବ୍ରତାଦି, ବୈବାହିକ



କର୍ମ ସହ ଧର୍ମ ସଭା ପାଇଁ ମଣ୍ଡପ ଇତ୍ୟାଦିର ସୁବିଧା ରହିଛି ।

## ବାବା ଝାଡ଼େଶ୍ୱରଙ୍କ ମହାତ୍ମ୍ୟ

ବାବା ଝାଡ଼େଶ୍ୱର ବାଲେଶ୍ୱରର ପ୍ରତ୍ୟକ୍ଷ ଦେବତା । ଭକ୍ତ ଯେତେବେଳେ ତାଙ୍କୁ ଡାକିଛି ସେ ସେତେବେଳେ କରୁଣାପ୍ଲୁତ ହୋଇ ଉଠିଛନ୍ତି । ତାଙ୍କର କରୁଣା ସର୍ବବିଦିତ । ଏଠାରେ ଏକ ଉଦାହରଣ ଉଦ୍ଧୃତ କରାଯାଇପାରେ କି ଯେ ଫକୀରମୋହନଙ୍କ ସମୟରେ ଦୁରାରୋଗ ବ୍ୟାଧି ଇତ୍ୟାଦିର ମୁକ୍ତି ପାଇଁ ତାଙ୍କ ଠି ଧାରଣା ଯାଉଥିଲେ ଏବଂ ଉପକୃତ ହେଉଥିଲେ । ଏମିତିକି Salt Agent ଏବଂ ଅନ୍ୟାନ୍ୟ ବିଧର୍ମୀ ଏହି ଦେବତାଙ୍କୁ ପୂଜାର୍ଚ୍ଚନା କରି ଏକ ବିରଳ ମହାତ୍ମ୍ୟର ପ୍ରମାଣ ଦେଇଛନ୍ତି । ଶ୍ରୀଶ୍ରୀ ଝାଡ଼େଶ୍ୱରନାଥ ବାଲେଶ୍ୱରର ଜନମାନସରେ ଆରାଧ୍ୟ ଦେବତା ଅଟନ୍ତି । ବିବାହବ୍ରତ, ଗୃହପ୍ରତିଷ୍ଠା, ହୋମ ଯଜ୍ଞ ଇତ୍ୟାଦିରେ ସେ ଆହୂତ ପ୍ରାପ୍ତ ହୁଅନ୍ତି । ଏହି ଝାଡ଼େଶ୍ୱର ପୀଠର ମାହାତ୍ମ୍ୟ ଅନେକ ।

## ଝାଡ଼େଶ୍ୱରଙ୍କର ସେବାୟତ ପରମ୍ପରା

ଏହି ଶୈବପୀଠର ଆରାଧ୍ୟ ଦେବତା ଝାଡ଼େଶ୍ୱରନାଥଙ୍କୁ ଗୋପାଳଗାଁର ପଣ୍ଡା ସଂଜ୍ଞାଧାରୀ ବ୍ରାହ୍ମଣ ମୌରସୀ ସେବାୟତ ଦ୍ୱାରା ଶହ ଶହ ବର୍ଷ ଧରି ପୂଜିତ ହୋଇ ଆସୁଛନ୍ତି । ସେହି ସେବାପୂଜାର ସୌଭାଗ୍ୟ ପ୍ରଥମ ପାଇଛନ୍ତି କରୁଣାକର ପଣ୍ଡାଙ୍କ ପୁତ୍ର ଭାଗିରଥି ପଣ୍ଡା । ବହୁବର୍ଷରୁ ସେହି ପୂଣ୍ୟାତ୍ମା ଭାଗିରଥି ପଣ୍ଡାଙ୍କ ଉତ୍ତରାଧିକାରୀ ବଂଶଧରମାନେ କୌଳିକ ସେବାୟତ ରୂପେ ଝାଡ଼େଶ୍ୱର ନାଥଙ୍କ ପୂଜାର୍ଚ୍ଚନା କରି ଆସିବାର ନଜିର୍ ଅଛି । ଅଦାଲତ୍‌ର ରାୟ ତାହା ପ୍ରମାଣିତ କରେ । ସମ୍ପ୍ରତି ହିନ୍ଦୁ ଦେବୋତ୍ତର ଆଇନ୍ ୧୯୩୯ର ପ୍ରଚଳିତ ହେବା ପର ଠାରୁ ମନ୍ଦିର ପରିଚାଳନା ଟ୍ରଷ୍ଟ୍ ବୋର୍ଡ଼ ଦ୍ୱାରା ସମ୍ପାଦିତ ହେଉଥିଲେ ମଧ୍ୟ ସେବାୟତ ରୂପେ ପରମ୍ପରା ଅନୁଯାୟୀ ସେହି ଭାଗିରଥି ପଣ୍ଡାଙ୍କର ଉତ୍ତରାଧିକାରୀମାନେ ପୂଜାର୍ଚ୍ଚନା କରି ଆସୁଛନ୍ତି । ସମ୍ପ୍ରତି ଏହାର ଉନ୍ନତିମୂଳକ କାର୍ଯ୍ୟ ହେତୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆଶାନୁରୂପେ ବୃଦ୍ଧି ପାଉଛି । ତେଣୁ କୌଳିକ ସେବାୟତ ବ୍ୟତୀତ ଅସ୍ଥାୟୀ ସହଯୋଗୀ ସେବାୟତ ନିଯୁକ୍ତ ହୋଇଛନ୍ତି । ତାହା ସହିତ ବର୍ତ୍ତମାନ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଥିବାରୁ ଭକ୍ତମାନଙ୍କ ବରାଦ ଅନୁସାରେ ପ୍ରସାଦ ଯୋଗାଇ ଦେବା ପାଇଁ ମୁଖ୍ୟ ସୁପକାର ରୂପେ ପ୍ରଥମରୁ ପ୍ରସାଦ ପ୍ରସ୍ତୁତି ସେବାୟତ କାର୍ଯ୍ୟ କରିଥାନ୍ତି । ଏହାର କ୍ରମ ବିକାଶ ଫଳରେ ଭାରତୀୟ ଧାର୍ମିକ ଇତିହାସରେ ମନ୍ଦିର ପ୍ରଶାସକ ପୂର୍ବପରି ବ୍ୟକ୍ତିକୈନ୍ଦ୍ରିକ ନହୋଇ ସାର୍ବଜନୀନ ହୋଇ ବାବା ଝାଡ଼େଶ୍ୱରଙ୍କର ସେବାୟତ କର୍ମର ଚିରାଚରିତ ପ୍ରଥା ଅକ୍ଷୁର୍ଣ୍ଣ ରଖିଛନ୍ତି ।

## ମନ୍ଦିରରେ ପାଳିତ ପର୍ବପର୍ବାଣି

ଏହି ବାଲେଶ୍ୱର ସହରରେ ଶୈବ ଉପାସନା ସ୍ଥଳୀ ମଧ୍ୟରୁ ବାବା ଝାଡ଼େଶ୍ୱର ଶୈବପୀଠ ଅନ୍ୟତମ ଜାଗ୍ରତ ଦେବତା । ଝାଡ଼େଶ୍ୱରଙ୍କର ବିଶେଷ ପ୍ରାଧାନ୍ୟ ହଲା ସେ ବହୁ ବର୍ଷରୁ ପ୍ରାତଃ ସ୍ମରଣୀୟ ଓ ସର୍ବବିଦିତ ଅଟନ୍ତି । ଏ ପୀଠରେ ପର୍ବପର୍ବାଣି ମଧ୍ୟରେ ଶିବ ଚତୁର୍ଦ୍ଦଶୀ, ଚନ୍ଦନୋତ୍ସବ ତଥା ପତିତପାବନ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ସ୍ୱତନ୍ତ୍ର ଅଟେ । ଏ ପୀଠରେ ବର୍ଷ ସାରା ପର୍ବପର୍ବାଣି ପାଳିତ ହୋଇଥାଏ । ତନ୍ମଧ୍ୟରୁ ବୈଶାଖ ମାସରେ ଅକ୍ଷୟ ତୃତୀୟା, ଚନ୍ଦନ ଲାଗି ଜଳକ୍ରୀଡ଼ା, ଜ୍ୟେଷ୍ଠ ମାସରେ ସାବିତ୍ରୀ ଆମାବାସ୍ୟା, ଆଷାଢ଼ରେ ରାଧାମୋହନ ଜୀଉଙ୍କ ଠାରେ ଅବସ୍ଥାପିତ ଜଗନ୍ନାଥଙ୍କ ଘୋଷଯାତ୍ରା, ଶ୍ରାବଣ ମାସରେ ଜଳଲାଗି ତଥା ଝୁଲଣ ଉତ୍ସବ, ଭାଦ୍ରବରେ ଚିତାଲାଗି ଅମାବାସ୍ୟା, କାର୍ତ୍ତିକରେ ଗହ୍ମା ପୂର୍ଣ୍ଣିମା, ଦୀପାବଳୀ, ମାର୍ଗଶୀରରେ ପ୍ରଥମାଷ୍ଟମୀ, ପୌଷମାସରେ ପୁଷ୍ୟାଭିଷେକ, ମାଘମାସରେ ମାଘସପ୍ତମୀ, ମକର ସଂକ୍ରାନ୍ତି, ଫାଲଗୁନ ମାସରେ ଶିବ ଚତୁର୍ଦ୍ଦଶୀ, ହୋଲି ଉତ୍ସବ, ଚୈତ୍ରରେ ହନୁମାନ ଜୟନ୍ତୀ ଓ ବାସନ୍ତୀକ ଦୁର୍ଗା ଉତ୍ସବ ଇତ୍ୟାଦି ଅନୁଷ୍ଠିତ ହୋଇଥାଏ । ଏ ସମସ୍ତ ପର୍ବପର୍ବାଣି ମଧ୍ୟରେ ମହାଶିବ ରାତ୍ରୀର ସ୍ୱତନ୍ତ୍ରତା ପରିଲକ୍ଷିତ ହୋଇଥାଏ । ପୂର୍ବରୁ ଏଠାରେ ଜାଗର ଯାତ୍ରା ଦିବସ ଧରି ହେଉଥିଲା । ବର୍ତ୍ତମାନ ଏହି ଶିବରାତ୍ରୀ ଅର୍ଥାତ୍ ଜାଗରଯାତ୍ରା ଅନ୍ୟାନ୍ୟ ଠାରେ ବହୁଳ ଭାବରେ ପାଳନ ହେବା ଯୋଗୁଁ ଏହି ଜାଗର ମହୋତ୍ସବ ଏକ ଦିବସୀୟ ରୂପେ ଅନୁଷ୍ଠିତ ହେଉଛି । ତଥାପି ଜାଗର ପୂର୍ବଦିନ ଓ ପରଦିନରେ ପ୍ରବଳ ଜନଗହଳି ଅନୁଭୂତି ହୋଇଥାଏ ।

## ମନ୍ଦିରର ପରିଚାଳନା ଓ ପ୍ରଶାସନିକ ବ୍ୟବସ୍ଥା

ଦେବୋତ୍ତର ନିର୍ବାହୀ ଅଧିକାରୀ ପୂଜାପଣ୍ଡା, ସେବାୟତ ଓ ଟ୍ରଷ୍ଟବୋର୍ଡ଼ ଆଲୋଚନା ମୁତାବକ ଶିବ ଚତୁର୍ଦ୍ଦଶୀ କାର୍ଯ୍ୟ ନିର୍ଦ୍ଦିଷ୍ଟ ଭାବେ ସ୍ଥିରିକୃତ ହୋଇଥାଏ । ତଦନୁଯାୟୀ ସମସ୍ତ ଦେବନୀତି ଓ ବିଶେଷ ପୂଜାର୍ଚ୍ଚନା ମାନ ସମ୍ପାଦିତ ହୋଇଥାଏ । ଏହି ପୂଜାର୍ଚ୍ଚନାମାନ କୌଳିକ ସେବାୟତ ଭାଗିରଥି ପଣ୍ଡାଙ୍କ ଉତ୍ତରାଧିକାରୀମାନଙ୍କ ଦ୍ୱାରା ହୋଇଥାଏ । ସାଧାରଣତଃ ପ୍ରଥମ ପ୍ରହରର



ସ୍ନାନ ଓ ଚାରିପୂଜା ସହିତ ୨ୟ, ୩ୟ, ୪ର୍ଥ ପ୍ରହର ସ୍ନାନ ଓ ଚାରିପୂଜା ଯଥାବିଧି ସମ୍ପନ୍ନ ହୋଇଥାଏ । ଆବଶ୍ୟକୀୟ ଉପଚାର ଭୋଗ, ଚନ୍ଦନ, ଅଗୁରୁ କସ୍ତୁରୀ, ଛେନା, ଦୁଧଦହି, ଘୃତ, ମହୁ, ଗୁଡ଼, ଅରୁଆ ଚାଉଳ ଇତ୍ୟାଦି ଟ୍ରଷ୍ଟ ବୋର୍ଡ଼ ଦ୍ୱାରା ଯୋଗାଇ ଦିଆ ଯାଇଥାଏ । ପ୍ରତ୍ୟେକ ପ୍ରହରର ସ୍ନାନ ପରେ ଦ୍ୱିତୀୟ ପୂଜାରେ ଦୁଧ, ଛେନା, ମଧୁ, ଘୃତ, ସୁବାସିତ ଜଳରେ ଶିବଲିଙ୍ଗ ଓ ଶକ୍ତିରେ ମାଜଣା କରାଯାଏ । ଏହିପରି ୪ର୍ଥ ପ୍ରହର ପୂଜା ସମାପନ ପରେ ଅଭିଷେକ ପର୍ବ ଆରମ୍ଭ ହୁଏ । ଶାସ୍ତ୍ରାନୁଯାୟୀ ପ୍ରଥାରେ ଶିବରାତ୍ରୀ ବ୍ୟତୀତ ଅନ୍ୟ ସମୟରେ ରାତ୍ରୀ ଅଭିଷେକ ନିଷେଧ । ଏହି ରୁଦ୍ରାଭିଷେକ ପୁରୋଧାମଣ୍ଡଳୀ ଶୁଦ୍ଧ ପଇଡ଼ ଜଳ ଧାରରେ ବୈଦିକ ଶ୍ଳୋକ ପାଠ ପୂର୍ବକ ଶିବରାତ୍ରୀ ଅଭିଷେକ ଶୁଦ୍ଧପୂତ ହୋଇ ପବିତ୍ରତା ସହିତ ସମ୍ପନ୍ନ କରନ୍ତି । ପୂଜା ଅଭିଷେକ ସମୟରେ ସେବକ ତଥା ଶୈବ ଉପାସକଗଣ ଘଣ୍ଟା ଘଣ୍ଟା ସହିତ ବୀର ବାଦ୍ୟବାଦନରେ ମନ୍ଦିରର ପୂର୍ବ ଭାଗରେ ଝାଡ଼ଦୀପ ପ୍ରଜ୍ୱଳିତ କରିଥାନ୍ତି । ଅଭିଷେକ ପରେ ମହଦେବଙ୍କର ମହାସ୍ନାନ ପର୍ବ ଆରମ୍ଭ ହୁଏ । କ୍ଷୀର, ଦଧି, ଘୃତ, ମଧୁ ସୁବାସିତ ଜଳ ପ୍ରତ୍ୟେକ ମସ୍ତକକୁ ଅଙ୍ଗନ୍ୟାସ, କରନ୍ୟାସ ଧ୍ୟାନ ପରେ ଅଭିମନ୍ତ୍ରିତ ପଞ୍ଚାମୃତରେ ମହାସ୍ନାନ କରାଯାଏ । ତାପରେ ଦେଉଳଚୂଳରେ ମହାଦୀପ ସ୍ଥାପନା ପରେ ପୂଜାବିଧି ସମାପ୍ତ ହୋଇଥାଏ । ଉକ୍ତ ପୂଜାବିଧି ଦ୍ୱାରା ଭକ୍ତମାନଙ୍କ ମଧ୍ୟରେ ଏକ ଅପୂର୍ବ ଭକ୍ତିଭାବ ସଂଚାର ହୋଇଥାଏ ।

ଏହା ବ୍ୟତୀତ ଶ୍ରାବଣ ମାସରେ କାଉଡ଼ିଆ ଭକ୍ତମାନଙ୍କର ଭିଡ଼ ମଧ୍ୟ ହୋଇଥାଏ । ସଂକ୍ରାନ୍ତି ଗୁରୁବାର ଓ ସୋମବାରରେ ଝାଡ଼େଶ୍ୱରଙ୍କ ଠାରେ ଭକ୍ତଙ୍କର ଭିଡ଼ ଜମିଥାଏ ।

## ମନ୍ଦିରର ଦୈନନ୍ଦିନ ନୀତିକାନ୍ତି

ବାଲେଶ୍ୱରବାସୀଙ୍କ ନିତ୍ୟ ସ୍ମରଣୀୟ ପ୍ରତ୍ୟେକ୍ଷ ଦେବତା ବାବା ଶ୍ରୀଶ୍ରୀ ଝାଡ଼େଶ୍ୱରନାଥଙ୍କ ସେବାପୂଜା ଅନୁଯାୟୀ ଶୀତଦିନ ଓ ଗ୍ରୀଷ୍ମଦିନରେ ବ୍ରାହ୍ମ ମୁହୂର୍ତ୍ତରେ ମନ୍ଦିର ଫିଟା ହୋଇ 'ଓଁ ନମଃ ଶିବାୟ' ଧ୍ୱନି ସହ ତାଙ୍କର ଯୋଗନିଦ୍ରା ଭଂଗ ପରେ ମଙ୍ଗଳ ଆରତୀ ହୁଏ । ତତ୍‌ପରେ ଜଳଲାଗି, ଷୋଡ଼ଶ ଉପଚାର ଓ ବାଳଭୋଗ ଲାଗିଲା ପରେ ଭକ୍ତମାନେ ଦର୍ଶନର ସୌଭାଗ୍ୟ ପାଆନ୍ତି । ଏହି ପୂଜା ଦିବସର ପ୍ରାୟତଃ ୧.୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥାଏ । ପ୍ରାୟ ଅପରାହ୍ନ ଏକ ଘଟିକା ତିରିଶ ମିନିଟ୍ ପରେ ପ୍ରଭୁଙ୍କର ସ୍ନାନ ମାଜଣା ପୂର୍ବକ ଆସ୍ଥାନ ଶୋଧନ ଉତ୍ତାରେ ମଧ୍ୟାହ୍ନ ଧୂପଲାଗି ହୁଏ । ମାଜଣା ପରେ ବଡ଼ସିଂହାର ବେଶ, ଷୋଡ଼ଶ ଉପଚାର ପୂଜା ଆରାଧନା ପରେ ଗୁଡ଼ଦୁଗ୍ଧ, ଦହିମଧୁଶର୍କରାରେ ପଞ୍ଚାମୃତ ଲାଗି ପରେ ଅନ୍ୟ ନୈବେଦ୍ୟ ଅର୍ପଣ କରାଯାଇଥାଏ । ଯାହାକୁ ସୂପକାରମାନଙ୍କ ଦ୍ୱାରା ନୈଷ୍ଠିକ ଭାବରେ କ୍ଷୀରି, ଖିଚୁଡ଼ି, ଡାଲି ଖଟା ଆଦି ଶୁଦ୍ଧ ଗୋ-ଘୃତରେ ରୋଷେଇ ହୋଇଥାଏ । ଅନ୍ନ ନୈବେଦ୍ୟ ପରେ ପରେ ପହଡ଼ ଲାଗି ହୋଇଥାଏ । ଏହା ସହିତ ଏ ପୀଠରେ ସମସ୍ତ ଦେବଦେବୀଙ୍କର ଯଥାବିଧି ପୂଜାର୍ଚ୍ଚନା ହୋଇଥାଏ । ଏଠାରେ ଅନ୍ନଭୋଗର ବିକ୍ରିର ବ୍ୟବସ୍ଥା ମଧ୍ୟ ରହିଛି ।





ଅପରାହ୍ନ ୫ଘଟିକାରେ ଟେରାପଣା ଲାଗି ପହଡ଼ ଭଂଗ ହୁଏ । ଭକ୍ତଗଣ ସଂଧ୍ୟା ପର୍ଯ୍ୟନ୍ତ ଦର୍ଶନ କରିଥାନ୍ତି । ସଂଧ୍ୟା ଆଳତୀ ପରେ ନଡ଼ିଆ, କଦଳୀ ବିଭିନ୍ନ ଫଳ, ମିଠା ଲଡୁ, ସନ୍ଦେଶ ଭୋଗ ହୋଇଥାଏ । ସଂଧ୍ୟା ପରେ ସ୍ନାନମାଜଣା ହୋଇ ରାତ୍ର ୯ଘଟିକାରେ ରାତ୍ର ଧୂପ ସମାପନ ପରେ ବେଶ ହୋଇ ପହଡ଼ ବିଜେ କରନ୍ତି । ପୁନର୍ବାର ନିଃଶାନ୍ତରେ ଦୈନନ୍ଦିନ ପାରମ୍ପରିକ ପ୍ରଥାନୁଯାୟୀ ପୂଜା ବିଧାନ ଚାଲେ । ଅଦ୍ୟାବଧି ଏ ପ୍ରକ୍ରିୟା ନିରବଚ୍ଛିନ୍ନ ଭାବରେ ଚାଲୁଛି ।

## ଶେଷକଥା

ଇଂରେଜ ଶାସନର ଶେଷ ପର୍ଯ୍ୟନ୍ତ ମନ୍ଦିର ପରିଚାଳନାର ମାରଫତ୍‌ଦାର ହିସାବରେ ଭାସ୍କରଗଂଜ ମୌଜାର ରାଜସ୍ୱ ଆଦାୟ କରିବା ସହିତ ପରିଚାଳନା ନିରବଚ୍ଛିନ୍ନ ଭାବରେ ଭାଗିରଥି ପଣ୍ଡାଙ୍କ ପରିବା କରି ଆସୁଥିଲେ । ଦେବୋତ୍ତର ସତ୍ତ୍ୱାଧିକାରୀ ଉଚ୍ଛେଦ ପରେ ମନ୍ଦିର ପ୍ରଶାସନ ହାତରୁ କ୍ଷମତା ପ୍ରତ୍ୟାହୃତ ହୁଏ । ପରିଚାଳନା ଭାଗିରଥି ପଣ୍ଡାଙ୍କ ପରବର୍ତ୍ତୀ ଦାୟାଦଙ୍କ ହାତରୁ ଟ୍ରଷ୍ଟ ବୋର୍ଡ଼ ହସ୍ତକୁ ୧୯୪୬ ମସିହାରେ ଅର୍ପିତ ହୁଏ । ସଂପ୍ରତି ଦାୟିତ୍ୱ ବହନ କରୁଥିବା ଟ୍ରଷ୍ଟବୋର୍ଡ଼ ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନଙ୍କ ଚିଠି ୫୫୫(୧୫) ତା ୭.୪.୨୦୦୮ ଅନୁସାରେ ମାନ୍ୟବର...ଶ୍ରୀଯୁକ୍ତ ପ୍ରଦୀପ ଦାଶ ମହୋଦୟ ନିରବଚ୍ଛିନ୍ନ ଭାବରେ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନା କରି ଆସୁଛନ୍ତି ।

ସାଧାରଣତଃ ବାଲେଶ୍ୱର ସର୍ବଧର୍ମ ସମନ୍ୱୟର ପୀଠ ହେଲେ ହେଁ ମୁଖ୍ୟତଃ ବାଲେଶ୍ୱର ସହର ଅଧିବାସୀ ଶୈବ ଉପାସକ ଅଟନ୍ତି । ପୁଣି ଏଇ ସହରର ଦେବତା ଶ୍ରୀ ଶ୍ରୀ ଝାଡ଼େଶ୍ୱର ନାଥ ହିଁ ସେମାନଙ୍କର ଆରାଧ୍ୟ ଦେବତା ଅଟନ୍ତି । ଯେତେ ପ୍ରାମାଣିକ ତଥ୍ୟ ଐତିହାସିକ ଦସ୍ତାବିଜ୍ ଇତ୍ୟାଦି ଥାଉନା କାହିଁକି, କେତେ ଘଟଣା ମଧ୍ୟ ଇତିହାସର ଅନ୍ତରାଳରେ ଅନାଲୋଚିତ ଅଧ୍ୟାୟ ହୋଇ ଯାଇଥାଏ । ସେହି ସୂତ୍ରାନୁଯାୟୀ ଏ ମାଟିର ଅନେକ ଭକ୍ତ ଶ୍ରଦ୍ଧାଳୁଙ୍କର ଅବଦାନ ହୁଏତ ଆଲୋଚିତ ହୋଇ ନଥାଇପାରେ । ଏ ମାଟିର ସେହି ସମସ୍ତ ପ୍ରାଣପିଣ୍ଡଙ୍କ ସହିତ ଉପରୋକ୍ତ ବର୍ଣ୍ଣିତ ମହାନସତ୍ତାଙ୍କୁ ନେଇ ଏ ମାଟିର ଉତ୍ପତ୍ତି ଓ ପ୍ରଗତିର ବାନା ଉଡ଼ାଇ ଥିବା ଝାଡ଼େଶ୍ୱର ହିଁ ବାଲେଶ୍ୱରବାସୀଙ୍କ ପ୍ରାଣକର୍ତ୍ତା, ଉଦ୍ଧାରକର୍ତ୍ତା, ରକ୍ଷାକର୍ତ୍ତା, ଜଗତବାସୀଙ୍କର ମଙ୍ଗଳ କାମନା ପାଇଁ ତାଙ୍କ ଠାରେ ପ୍ରଣିପାତ କରୁଛି ।

# ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟର ପର୍ବ
# ଆସାମର ବିହୁ



**ଲକ୍ଷ୍ମୀପ୍ରିୟା ଓଝା**

ବି-୪୦୧, ଦି ଆଟ୍ଲାଣ୍ଟିକ୍, ଏସ୍‌ଆର୍‌ପି ଗ୍ରାଉଣ୍ଡ୍-୯ ପାଖ, ମକରପୁରା ରୋଡ଼୍,
ବରୋଦା, ଗୁଜରାଟ-୩୯୦୦୧୦
ଫୋନ : ୭୪୯୦୯୯୬୮୬୫

ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେଲେ ମଧ୍ୟ, ଭାରତର ଅଧିକାଂଶ ପର୍ବପର୍ବାଣି ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ, ସମ୍ପ୍ରଦାୟ, ଧର୍ମ ବା ଜାତି ଦ୍ୱାରା ପାଳିତ ହୁଏ । କିନ୍ତୁ ଆସାମର ଗଣପର୍ବ 'ବିହୁ' ଏହାର ଏକ ବ୍ୟତିକ୍ରମ । ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟ ଆଦି ଭେଦରୁ ଊର୍ଦ୍ଧ୍ୱକୁ ଉଠି ଧନୀ, ଗରିବ ନିର୍ବିଶେଷରେ ସମଗ୍ର ଅସମୀୟା ବା ଆସାମ ନିବାସୀ ଏହାକୁ ଅତି ହର୍ଷ ଉଲ୍ଲାସର ସହ ପୂଜାପାଠ, ଭୋଜିଭାତ, ଖେଳକସରତ, ନୃତ୍ୟଗୀତର ତାଳେ ତାଳେ ପାଳନ କରନ୍ତି । ଭାରତ ମୁଖ୍ୟତଃ କୃଷି ପ୍ରଧାନ ଦେଶ । ଓଡ଼ିଶା, ତାମିଲନାଡୁ, ପଞ୍ଜାବ, କେରଳ, ଆସାମ ପରି କୃଷିଭିତ୍ତିକ ରାଜ୍ୟରେ ପ୍ରକୃତି ନିକଟରେ ନତମସ୍ତକ ପାଇଁ ଋତୁଚକ୍ର ଅନୁଯାୟୀ ବିଭିନ୍ନ ପର୍ବ ପାଳନ କରାଯାଇଥାଏ । ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ କୃଷି କୈନ୍ଦ୍ରିକ ଆସାମରେ 'ବିହୁ' ବର୍ଷକୁ ତିନିଥର, ଧାନରେ ଫୁଲ ହେଲା ବେଳକୁ, ଫସଲ କଟା ଓ ଅମଳ ସମୟରେ ଦୁଇମାସର ମଝିଦିନ (ଦୋମାହି) ଅର୍ଥାତ ସଂକ୍ରାନ୍ତି ଦିନ ପାଳନ କରାଯାଏ । ଓଡ଼ିଶାରେ ବର୍ଷକୁ ବାରମାସରେ ବାରଟି ସଂକ୍ରାନ୍ତି ପଡ଼େ । ସେହିପରି ଆସାମରେ ମକର ସଂକ୍ରାନ୍ତି ଦିନ ଭୋଗାଳି



ବା ମାଘ ବିହୁ, ପଣା ସଂକ୍ରାନ୍ତି ଦିନ ବୋହାଗ ବା ରଙ୍ଗାଲି ବିହୁ, ଆଉ କାର୍ତ୍ତିକ ମାସରେ ବିଛା ସଂକ୍ରାନ୍ତି ଦିନ କାର୍ତ୍ତି ବିହୁ ପାଳନ କରାଯାଏ ।

ଅନେକ ଭାଷାତତ୍ୱବିତ୍ ବିହୁ ଶବ୍ଦ ସଂସ୍କୃତର 'ବିଶୁ' ଶବ୍ଦର ଅପଭ୍ରଂଶ ବା ପରିବର୍ତ୍ତିତ ରୂପ ବୋଲି କୁହନ୍ତି । ଆଉ କିଛି ଭାଷାତତ୍ୱବିତ୍ଙ୍କ ମତରେ ବିହୁ ଶବ୍ଦ ଆସାମର ଡିମିଶା ଜନଜାତିଙ୍କ ଭାଷାରୁ ଆସିଛି । ଏହି ଜନଜାତି ମୁଖ୍ୟତଃ ଆସାମର କୃଷିକୈନ୍ଦ୍ରିକ ଜାତି । ସେମାନେ ନିଜ ଫସଲର ପ୍ରଥମ ଅର୍ଘ୍ୟ ସେମାନଙ୍କର ଅଗ୍ରଦେବତା ଶ୍ରୀସବରାଇଙ୍କୁ ପୃଥିବୀର ସୁଖସମୃଦ୍ଧି କାମନା କରି ଅର୍ପଣ କରୁଥିଲେ / କରନ୍ତି । 'ବିହୁ' ଅତ୍ୟନ୍ତ ଆନନ୍ଦ ଉତ୍ସବର ପର୍ବ । ଯେଉଁଠି ଉଚ୍ଚନୀଚ, ଧନୀଗରୀବର ଭେଦ ଭୁଲି ସମସ୍ତେ ସମସ୍ତଙ୍କ ଅଣ୍ଟାରେ ହାତ ଛନ୍ଦି ବିହୁ ନୃତ୍ୟ କରନ୍ତି । ପେପା (ମଇଁଷି ଶିଙ୍ଗର ବାଦ୍ୟ) ଓ ଅନ୍ୟାନ୍ୟ ବାଦ୍ୟର ଧ୍ୱନି ସହ ପାଦରେ ପାଦ ମିଶାଇ ଯୁବକଯୁବତୀ ମାନେ ଗୀତରେ ଗୀତରେ ନାଚି ନାଚି ନିଜ ଅଭିବ୍ୟକ୍ତି ସାଥୀ ସାମ୍ନାରେ ବ୍ୟକ୍ତ କଲାବେଳେ ବୃଦ୍ଧ ଲୋକଟି ମଧ୍ୟ ରୋମାଂଚିତ ହୁଏ, ଯୌବନର ମହକରେ ମହକି ଯାଏ । ବିହୁ ସଙ୍ଗୀତରେ ମୁଖ୍ୟତଃ ସାଥୀ ସହ ମିଳନର ବ୍ୟାକୁଳତା, ମାଦକତା ଓ ପରସ୍ପର ପ୍ରତି ଗୀତରେ ଗୀତରେ ପ୍ରେମ ନିବେଦନ ଦେଖିବାକୁ ମିଳେ । ତେଣୁ ଭାରତୀୟ ସାହିତ୍ୟରେ ପ୍ରେମରସର ଉତ୍କୃଷ୍ଟ ନିଦର୍ଶନ ବିହୁ ସଙ୍ଗୀତରୁ ମିଳେ । ବିହୁ ଗୀତ ଓ ନୃତ୍ୟ ମୁଖ୍ୟତଃ ପ୍ରେମରସ ଭିତ୍ତିକ ।

## ରଙ୍ଗାଲି ବିହୁ ବା ବୋହାଗ ବିହୁ

ଉପରୋକ୍ତ ତିନୋଟି ବିହୁ ମଧ୍ୟରୁ ଏପ୍ରିଲ୍ ବା ଚୈତ୍ର ମାସରେ ପଡୁଥିବା ପଣା ସଂକ୍ରାନ୍ତି ଦିନ ଠୁ ଆରମ୍ଭ ହେଉଥିବା ବୋହାଗ ବା ରଙ୍ଗାଲି ବିହୁ ଅନ୍ୟ ଦୁଇଟି ବିହୁ ଅପେକ୍ଷା ଅଧିକ ଉତ୍ସବମୁଖର । ହାଡ଼ଭଙ୍ଗା ପରିଶ୍ରମ ପରେ ମିଳିଥିବା ଶସ୍ୟଭଣ୍ଡାରକୁ ଦେଖି କୃଷକର ମନ ଆନନ୍ଦିତ, ଉତ୍ଫୁଲ୍ଲିତ ହୁଏ । ବସନ୍ତର ଆଗମନରେ ନବପତ୍ର ପଲ୍ଲବନରେ ପଲ୍ଲବିତ ପ୍ରକୃତିର ଶୋଭାରାଜି, ଘରେ ଖାଦ୍ୟଶସ୍ୟର ବହୁଳତା, ଯୁବକଯୁବତୀଙ୍କ ମନରେ ନବ ଯୌବନର ସଞ୍ଚାର କରି ସାଥୀଟିର ସାନ୍ନିଧ୍ୟ ପାଇଁ ମନ ଉନ୍ମାଦ ହୁଏ । ଏହି ଉନ୍ମାଦକୁ ଆସାମବାସୀ ବିହୁ ଉତ୍ସବ ମାଧ୍ୟମରେ ନୃତ୍ୟ, ଗୀତ ତାଳେ ତାଳେ ପରିପ୍ରକାଶ କରନ୍ତି । ଏହି ଦିନ ଠାରୁ ଆସାମର ନୂତନ ବର୍ଷର ଶୁଭାରମ୍ଭ ହେବା ସହ ବିବାହର ଶୁଭଲଗ୍ନ ମଧ୍ୟ ଆରମ୍ଭ ହୁଏ । ଯୁବକଯୁବତୀ ରଙ୍ଗୀନ ସ୍ୱପ୍ନରେ ବିଭୋର ହୁଅନ୍ତି । ତେଣୁ ଏହି ବିହୁକୁ ରଙ୍ଗାଲି ବିହୁ କୁହାଯାଏ । ଆସାମିଜ୍ ବା ଅହମୀୟ ଭାଷାରେ ରଙ୍ଗାଲିର ଅର୍ଥ ହେଉଛି ଆନନ୍ଦ ଓ ଖୁସି । ପୂର୍ବରୁ ରଙ୍ଗାଲି ବିହୁ ମାସ ସାରା ଚାଲୁଥିଲେ ମଧ୍ୟ, ଏବେ ଦୁଇ, ତିନି, ଚାରି ବା ସାତ ଦିନରେ ସୀମିତ ହେଇଗଲାଣି ।

## ରାତ୍ରି ବିହୁ

ଆସାମ ବାସିନ୍ଦା ଅବସରପ୍ରାପ୍ତ ବ୍ୟାଙ୍କର୍ **ପ୍ରଭାତ ଚନ୍ଦ୍ର ବୋରା** କୁହନ୍ତି, "ରଙ୍ଗାଲି ବିହୁର କିଛିଦିନ ପୂର୍ବରୁ (ମୁଖ୍ୟତଃ ବିହୁର ପୂର୍ବରାତ୍ରିରେ) ଘରର ସ୍ତ୍ରୀ ଲୋକମାନେ ସାରାଦିନର କ୍ଳାନ୍ତି ପରେ ମଧ୍ୟ ରାତ୍ରି ଉଜାଗର ହେଇ ବିହୁ ଉତ୍ସବ ପାଇଁ ବିଭିନ୍ନ ପ୍ରକାରର ପିଠାପଣା ପ୍ରସ୍ତୁତ କରନ୍ତି । ଢିଙ୍କି ବା ଚକିରେ ଚାଉଳ ଚୁନା କରିବା, ପିଠା ଗଢ଼ିବା ଆଦି ଶାରୀରିକ ପରିଶ୍ରମ ପରେ ନିଜର ମନ ଫୁର୍ତି ପାଇଁ ରାତିରେ କାମ ସରିଲା ପରେ ଘରୁ ବାହାରିଯାଇ ଖୋଲା ପଡ଼ିଆ, ବାରି ବା ପିପ୍ପଳ ଗଛ ତଳେ ଲଣ୍ଠନ ଆଲୁଅରେ ପରସ୍ପର ଅଣ୍ଟାରେ ହାତ ଛନ୍ଦି ନାଚନ୍ତି । ଏଥିରେ ପୁରୁଷମାନଙ୍କ ଭାଗିଦାରୀ ନଥାଏ । କିନ୍ତୁ ଆଧୁନିକତା ସହ ପରିବର୍ତ୍ତିତ ମାନସିକତା ଯୋଗୁଁ ଆଜିକାଲି ରାତି ବିହୁ ଦେଖିବାକୁ ମିଳୁନାହିଁ ।" କେବଳ ସ୍ତ୍ରୀମାନେ ନାଚୁଥିବା ବିହୁକୁ ଜ୍ୟାଙ୍ଗ୍ ବିହୁ କୁହାଯାଏ । ଜ୍ୟାଙ୍ଗ୍ ବିହୁ ଦିନରେ ମଧ୍ୟ ହୁଏ । କେବଳ ସ୍ତ୍ରୀ ଲୋକମାନେ ବଜାଉଥିବା ଏକ ବାଦ୍ୟକୁ ଗଗନା କୁହାଯାଏ । ଏଥିରୁ ଜଣାପଡ଼େ ବହୁ ପୂର୍ବରୁ ନିଜର ସମୟ ସୁବିଧା ଦେଖି ସ୍ତ୍ରୀଲୋକମାନେ ନିଜ ମନ ଖୁସି ପାଇଁ ବିହୁ କରୁଥିଲେ ।





## ଗୋରୁ ବିହୁ

ବିହୁ ଆରମ୍ଭର ପ୍ରଥମ ଦିନ କୃଷି କର୍ମର ବିଶ୍ୱସ୍ତ ସାଥୀ ଗୋରୁଙ୍କୁ ସମ୍ମାନ ଦେବାକୁ କୃଷକମାନେ ଭୁଲନ୍ତି ନାହିଁ । ତେଣୁ ନିଜେ ଉତ୍ସବ ମୁଖର ହେବା ପୂର୍ବରୁ ଗୋରୁଙ୍କୁ ନେଇ ନବ ବିବାହିତା ପରି ବିରି ଓ ହଳଦୀର ଲେପ ଲଗେଇ ନଦୀ ବା ନିକଟସ୍ଥ ଜଳାଶୟରେ ଖୁବ୍ ଭଲ ଭାବରେ ଘଷି ଗାଧୋଇ ଦିଅନ୍ତି । ତାପରେ ଏକ ପ୍ରକାର ପାର୍ବତୀୟ 'ଦିଗହଲୋତି' ଗଛର ପତ୍ରରେ ପଞ୍ଝା କରନ୍ତି । ସାଙ୍କେତିକ ଅର୍ଥରେ ସାରାଜୀବନ କ୍ଷେତରେ ଅକ୍ଳାନ୍ତ ପରିଶ୍ରମ କରି କୃଷକକୁ ଖାଦ୍ୟ ଯୋଗେଇ ପେଟର ଭୋକ ମେଣ୍ଟାଉଥିବା ବଳଦ ଓ କ୍ଷୀର ଦେଇ ଶୋଷ ମେଣ୍ଟାଉଥିବା ଗାଈକୁ କୃଷକ ସେଦିନ ଆଦରଯତ୍ନ କରେ । ଏମିତିକି ତା' ଦେହରେ ମଶାମାଛି ମଧ୍ୟ ବସିବାକୁ ଦିଏନି । ପରୋକ୍ଷରେ ଗୋରୁଙ୍କୁ ସବୁ ରୋଗ ବୈରାଗରୁ ସୁରକ୍ଷିତ ରଖିବା ପାଇଁ ଏ ସୁନ୍ଦର ପ୍ରୟାସ । ଗାଧୋଇ ଦେଇ ପଞ୍ଝା କଲା ପରେ ଲାଉ, ବାଇଗଣ ଆଦି ଗୋରୁଙ୍କ ଉପରକୁ ଫୋପାଡ଼ି ସେମାନେ ଗୀତଟିଏ ଗାଆନ୍ତି । ବିହୁ ଉପରେ ଅନେକ ପ୍ରଶ୍ନର ଉତ୍ତର ଦେଲାବେଳେ **ଶ୍ରୀମତୀ ବିନୀତା ବୋରା** କି ସୁନ୍ଦର ଭାବରେ ଅହମୀୟ ଭାଷାରେ ସେହି ଗୀତଟିକୁ ଗାଆନ୍ତି ।

*"ଦିଗହଲୋତି, ଦିଗହଲୋତି ପାତ, ମକ୍ଷିମାରୁ ଜାତ ଜାତ ।*
*ଲାଉ ଖା, ବେନଙ୍ଗନା ଖା, ବରଷୋ ବରଷୋ ବରଧି ଯା ।*
*ମାରେ ହୋରୁ, ବାପେର୍ ହୋରୁ, ତୟ ହୋବି ବରବର ଗୋରୁ ।"*

ନଦୀରୁ ଫେରିଲା ବେଳେ ଲୋକମାନେ ବାଇଗଣ, ଲାଉ ଆଦିର ମାଳ କରି ଗୋରୁ ବେକରେ ପକେଇ ଦିଅନ୍ତି । କେହି କେହି ସମ୍ପ୍ରଦାୟ ବଞ୍ଚିଥିବା ଦିଗହଲୋତି ପତ୍ର ଓ ବାଇଗଣ ଲାଉ ଆଦିକୁ ଆଣି ଗୁହାଳ ଉପରେ ପକେଇ ଦିଅନ୍ତି । ପ୍ରତୀକାତ୍ମକ ଭାବେ ଜଣେଇ ଦିଅନ୍ତି ଗୋରୁ ଗାଧୁଆ ସେମାନେ ସମ୍ପନ୍ନ କରିଛନ୍ତି । ଗାଈ ଗୋରୁଙ୍କୁ ଗାଧୋଇ ପାଧୋଇ ଆଣିଲା ପରେ ତାରା ଗଛ ରସିରେ ତିଆରି ହୋଇଥିବା ନୂଆ ପଘାରେ ଗୋରୁଙ୍କୁ ବନ୍ଧାଯାଏ । ଅନ୍ୟ ଦିନମାନଙ୍କରେ ପଘାରେ ନ ବନ୍ଧା ଯାଉଥିବା ଗୋରୁମାନଙ୍କୁ ମଧ୍ୟ ସେଦିନ ନୂଆ ପଘାରେ ବନ୍ଧାଯାଏ । ଯାହାକୁ ଆସାମବାସୀ 'ଉଭରୀ' କୁହନ୍ତି । ତାପରେ ଗୋରୁମାନଙ୍କୁ ବିଭିନ୍ନ ପ୍ରକାର ପିଠା ଖାଇବାକୁ ଦିଆଯାଏ । ମଶା ମାଛିଙ୍କୁ ଗୁହାଳରୁ ତଡ଼ି ଗୋରୁମାନଙ୍କର ଶୋଇବାର ସୁବନ୍ଦୋବସ୍ତ କରିବା ପାଇଁ ସନ୍ଧ୍ୟା ବୁଡ଼ିଲେ ନଡ଼ାର ଧୂଆଁ ଦିଆଯାଏ । ଅନେକ ଲୋକ ଯଦିଓ ମାସ ସାରା ଧୂଆଁ ଦିଅନ୍ତି, କିନ୍ତୁ ନ ଦେଉଥିବା ଲୋକ ଏହିଦିନ ନିଶ୍ଚିତ ଭାବରେ ଗୁହାଳରେ ଧୂଆଁ ଦେଇଥାନ୍ତି । ପ୍ରକୃତରେ ଏହି ପର୍ବଟି ମାନବିକତାର ସୁନ୍ଦର ଉଦାହରଣଟିଏ । ବିହୁ ଉତ୍ସବର ପ୍ରଥମ ଦିନ କୃଷକର ମେରୁଦଣ୍ଡ ଗୋରୁ ପ୍ରତି ସମର୍ପିତ ଥିବାରୁ ଏହି ଦିନଟିକୁ **ଗୋରୁ ବିହୁ** ବୋଲି କୁହାଯାଏ ।



ଅପର୍ ଆସାମରେ ଗୋରୁ ବିହୁ ଦିନରୁ ଓ ଲୋୟର୍ ଆସାମରେ ମାନୁହ ବିହୁ ଦିନ ଠୁ ହୁସୁରୀ



ଆରମ୍ଭ ହେଇଯାଏ । ଗାଁର ପିଲାମାନେ ନିଜ ଘରୁ ଆରମ୍ଭ କରି ପାଖ ପଡ଼ିଶା ଓ ଗାଁରେ ଦଳବଦ୍ଧ ଭାବରେ ଘର ଘର ବୁଲି ସମସ୍ତଙ୍କ ଦାଣ୍ଡ ଦୁଆରେ ହୁସୁରୀ ଗାଆନ୍ତି (ପୁଅମାନେ ଗାଉଥିବା ଗୀତ) । ହୁସୁରୀରେ ମୁଖ୍ୟତଃ ପୁଅ ପିଲାମାନେ ଭାଗ ନିଅନ୍ତି । ବିହୁ ଗୀତ ସହ ଥଟ୍ଟାମଜା ମଧ୍ୟ କରନ୍ତି । କାହା ଝିଅର ବାହାଘର ପାଇଁ ଆଶୀର୍ବାଦ ତ ନୂଆ ବିବାହିତର କୋଳରେ ଆରବର୍ଷକୁ ସନ୍ତାନ ଖେଳିବାର ଆଶୀର୍ବାଦ ଦିଅନ୍ତି । ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ କହି କଲ୍ୟାଣ କରନ୍ତି । ବିଦାୟ ବେଳେ ଗୃହସ୍ୱାମୀ ହରାଇ (ଆସାମର ଏକ ବିଶେଷ ପ୍ରକାର କଂସାର ପାତ୍ର, ଯେଉଁଥିରେ ସେମାନେ ସମ୍ମାନସୂଚକ ଭାବେ ଅତିଥିଙ୍କୁ ଗୁଆ, ପାନ ଦେଇ ଆପ୍ୟାୟିତ କରନ୍ତି)ରେ ଗୁଆ, ପାନ ଓ ପଇସା ଦେଇ ହୁସୁରୀକୁ ବିଦାୟ ଦିଅନ୍ତି । ସନ୍ଧ୍ୟାରେ ବଡ଼ଲୋକମାନେ ମଧ୍ୟ ଘର ଘର ବୁଲି ହୁସୁରୀ ଗାଇବାକୁ ଆସନ୍ତି । ଏହା ପ୍ରାୟ ବୈଶାଖ ମାସ ସାରା



ଚାଲେ । ଅନେକ ସମୟରେ ଏହି ଦଳ ଅଧିକ ପଇସାର ଡିମାଣ୍ଡ୍ କରନ୍ତି । ନଦେଲା ଯାଏଁ ଦୁଆର ମୁହଁରୁ ଯାଆନ୍ତି ନାହିଁ । ବିହୁ ସରିଲା ପରେ ଏକାଠି ହୋଇଥିବା ପଇସାରେ ପିଲାମାନେ ଭୋଜି କରନ୍ତି ବା କେହି କେହି କିଛି ସମାଜସେବା କାମରେ ଲଗାନ୍ତି । ଓଡ଼ିଶାରେ ମଧ୍ୟ ଅନେକ ଜାଗାରେ କାର୍ତ୍ତିକ ମାସରେ ଏମିତି ପରମ୍ପରା ଦେଖିବାକୁ ମିଳେ । ତେବେ ଆଜିକାଲି ସହରୀ ସଭ୍ୟତାରେ ହୁସୁରୀ ଷ୍ଟେଜ୍‌ରେ ଗାଇବା ଆରମ୍ଭ ହେଲାଣି ।

ରଙ୍ଗାଲୀ ବିହୁର ଦ୍ୱିତୀୟ ଦିନ ମାନୁହ ବିହୁ ପାଳିତ ହୁଏ । ଏହିଦିନ ସକାଳୁ ଆସାମବାସୀ ହଳଦୀ, ବିରିଡାଲିର ବଟା ଲଗେଇ ଗାଧୋଇ ପାଧୋଇ ପରିଷ୍କାର ପରିଚ୍ଛନ୍ନ ହୋଇ ନୂଆ ଲୁଗା ପିନ୍ଧନ୍ତି । ବଡ଼ମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ନିଅନ୍ତି ଓ ଗାମୁଛା ଦିଅନ୍ତି । ଇଂଜିନିୟର୍ **ଲୀନା ଦତ୍ତ** କୁହନ୍ତି, "ରାଜସ୍ଥାନୀଙ୍କ ଠେକା, ପଞ୍ଜାବୀମାନଙ୍କ ପଗଡ଼ି ପରି ଅସମୀୟମାନଙ୍କ ପାଇଁ ଧଳା ସୂତାର କପଡ଼ା ଉପରେ ନାଲି ସୂତାର ଡିଜାଇନ୍‌ରେ ହାତବୁଣା ଗାମୁଛା ଖୁବ୍ ସମ୍ମାନର ସୂଚକ । ଅଧିକାଂଶ ପରମ୍ପରା ଓ ପର୍ବପର୍ବାଣି, ସାମାଜିକ, ଧାର୍ମିକ ଉତ୍ସବମାନଙ୍କରେ ଏବଂ ଘରକୁ କେହି ଗଲେଆସିଲେ ସମ୍ମାନର ପ୍ରତୀକ ରୂପେ ଗାମୁଛା ପ୍ରଦାନ କରାଯାଏ । ଯାହାର ପ୍ରଭାବ ବିହୁରେ ମଧ୍ୟ ଦେଖିବାକୁ ମିଳେ ।" ତେବେ ଆଧୁନିକ ଯୁଗରେ କେବଳ ଛୋଟମାନେ ନୁହଁନ୍ତି ବଡ଼ମାନେ ମଧ୍ୟ ଛୋଟଙ୍କୁ ଉପହାର ସ୍ୱରୂପ ଡ୍ରେସ୍, ମେଖଳା ଚାଦର ସୁଟ୍‌ପିସ୍ ଆଦି ଦେବା ଆରମ୍ଭ କଲେଣି । ଉପହାର ଅଦଳବଦଳ ପରେ ଏକାଠି ବସି ସମସ୍ତେ ପିଠା ଖାଆନ୍ତି ଓ ଖୁସିଗପ କରନ୍ତି । ଯୁବକମାନେ ହୁସୁରୀ ଗାଇ ଘରେ ଘରେ ବୁଲି ବିହୁ ନାଚି ପଇସା ଆଦାୟ କରି ସେଇ ପଇସାରେ ଭୋଜି କରନ୍ତି । ଏ ଭୋଜି ଖୋଲା ପଡ଼ିଆରେ ହୁଏ । ଏଥିରେ ହିନ୍ଦୁ, ମୁସଲ୍‌ମାନ୍, ଖ୍ରୀଷ୍ଟିଆନ୍ ସବୁ ସମ୍ପ୍ରଦାୟର ଲୋକ ଭାଗ ନିଅନ୍ତି । ଆନନ୍ଦ ଉତ୍ସବର ପର୍ବ ବିହୁର ପତାକା ଉତ୍ତୋଳନ କରି ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ଓ ଭାଇଚାରାର ସନ୍ଦେଶ ଦିଅନ୍ତି । ଯୁବକଯୁବତୀମାନେ ଅନ୍ଧପୁଟୁଳି, କବାଡ଼ି, ଗୋଟିଏ ଗୋଡ଼ରେ ଡିଆଁ, ଦୌଡ ଆଦି ବିଭିନ୍ନ ଖେଳ ଖେଳନ୍ତି । ଏଥିରେ ମଧ୍ୟ ସମସ୍ତ ଧର୍ମ, ଜାତି, ସମ୍ପ୍ରଦାୟ ଧନୀ ଗରିବ ନିର୍ବିଶେଷରେ ସମସ୍ତେ ଭାଗ ନିଅନ୍ତି । ତେଣୁ ବିହୁ









ଏକ ସାମାଜିକ ସୌହାର୍ଦ୍ଦ୍ୟର ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । ମାନୁହ ବିହୁର ରାତିରେ ବିହୁ ନୃତ୍ୟ ହୁଏ ।

## ବିହୁ ନୃତ୍ୟ

ବିହୁ କହିଲେ ମୁଖ୍ୟତଃ ନାଚଗୀତର ପର୍ବ ଭାବେ ବୁଝାଯାଏ । ବିହୁ ଏକ ଲୋକ ନୃତ୍ୟ । ବିହୁ ନୃତ୍ୟ ବିନା ବିହୁ ପର୍ବ ଅସମ୍ପୂର୍ଣ୍ଣ ପ୍ରତୀତ ହୁଏ । ପୂର୍ବରୁ କେବଳ ରଙ୍ଗାଲୀ ବିହୁରେ ବିହୁ ନୃତ୍ୟ ହେଉଥିଲା । କିନ୍ତୁ ଏବେ ମାଘ ବିହୁରେ ମଧ୍ୟ ଅଧିକାଂଶ ସ୍ଥାନରେ ବିହୁନୃତ୍ୟ ହେଉଛି । କାର୍ତ୍ତି ବିହୁରେ ବିହୁ ନୃତ୍ୟ ହୁଏ ନାହିଁ । ମୁଖ୍ୟତଃ ଯୁବକ ଯୁବତୀମାନେ ଦଳବଦ୍ଧ ଭାବରେ ପରସ୍ପର ଅଣ୍ଟାରେ ହାତ ଛନ୍ଦି ସାଥୀ ପାଇଁ ନିଜ ପ୍ରେମ ନିବେଦନ ନୃତ୍ୟ ଗୀତ ମାଧ୍ୟମରେ କରନ୍ତି । ବିହୁ ନୃତ୍ୟ ପାଇଁ ପାରମ୍ପରିକ ମୁଗା ମେଖଳା ଚାଦର ଓ ପୁରା ହାତ ବାଲା ନାଲି ବ୍ଲାଉଜ୍ ପିନ୍ଧାଯାଏ । ହାତରେ ଗାମ ଖଡ୍ଡୁ (ଖଡୁ), ବେକରେ ଚୋକର, ଢୋଲ ବିଡ଼ି (ଢୋଲଣ ଲକେଟ୍), ଜୂନ ବିଡ଼ି (ଅର୍ଦ୍ଧଚନ୍ଦ୍ର ଲକେଟ୍) ସହ ମାଳି, ମଥାରେ ବଡ଼ ସାଇଜର ଲାଲ୍ ଟିକିଲି, ଖୋସାରେ କପୋ ଫୁଲ (ଅର୍କିଡ଼)ର ମାଳ ସହ ଗଗନା ବାଦ୍ୟଟି ଖୋସା ହେଇଥାଏ । ସୁନା ଭଳି ଚମକୁଥିବା ମୁଗା କପଡ଼ାରେ ହାତବୁଣା ନାଲି ସୁତାର ଡିଜାଇନ୍‌ରେ ତିଆରି ହେଇଥିବା ମେଖଳାରେ ଅସମ ସୁନ୍ଦରୀ ଲଳନା ସ୍ୱର୍ଗର ଅପ୍ସରୀ ଭଳି ପ୍ରତୀତ ହୁଅନ୍ତି ।



ପୁରୁଷମାନେ ଧଳାସୂତାର ଧୋତି, ଗଞ୍ଜି ନହେଲେ ମୁଗାର ସାର୍ଟ (ମୁଗା ଟସର ଠାରୁ ଉନ୍ନତ ଧରଣର ସିଲ୍କ) ମୁଣ୍ଡରେ ଅଣ୍ଟାରେ ଓ ଧରିଥିବା ବାଦ୍ୟ ଢୋଲରେ ଆସାମର ଗାମୁଛା ବାନ୍ଧିଥାନ୍ତି । ପୁରୁଷ ଲୋକଙ୍କ ହାତରେ ପେପା, ଢୋଲ, ଟୋକା ବାନହଁ ଆଦି ବାଦ୍ୟ ଯନ୍ତ୍ରଥାଏ । ବାଦ୍ୟଯନ୍ତ୍ରର ମଧୁର ଧ୍ୱନି ସହ ବିହୁ ସଙ୍ଗୀତ ଓ ଯୁବକଯୁବତୀଙ୍କର ଅଣ୍ଟା ହଲେଇ ହାତରେ ବିଭିନ୍ନ ମୁଦ୍ରା କରି ନାଚିବା ଏତେ ମନ ମୁଗ୍ଧକର ଯେ, ଯେ କୌଣସି ଲୋକର ନାଚିବାକୁ ମନ ହେବ । କିନ୍ତୁ ନୃତ୍ୟର ଭଙ୍ଗୀ ଏତେ କଷ୍ଟକର ଯେ ବିହୁ ନଶିଖିଲେ ନାଚିବା ସମ୍ଭବପର ନୁହେଁ । ବିହୁର ଟ୍ରାଡ଼ିସିନାଲ୍ ମେଖଳା ଚାଦର ଏତେ ସୁନ୍ଦର ଯେ ଚାହିଁ କି ମଧ୍ୟ ଆଖି ଫେରେଇ ଆଣି ହୁଏ ନାହିଁ ।

ବିହୁ ଏକ ସୁନ୍ଦର ପ୍ରେମମୟ ମନମୁଗ୍ଧକର ଆନନ୍ଦମୟ ପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ସହରୀକରଣ ସଭ୍ୟତାରେ ଧୀରେ ଧୀରେ ବିହୁ ମଧ୍ୟ ବ୍ୟବସାୟିକରଣ ହୋଇ ଟିକେଟ୍ ସେଲ୍ ମାଧ୍ୟମରେ ବଡ଼ବଡ଼ ମଞ୍ଚରେ ପରିବେଷିତ ହେଉଛି ଓ ଲୋକେ ତାକୁ ବହୁତ ଉପଭୋଗ କରୁଛନ୍ତି । ଆସାମର ଆଦିବାସୀ ସମ୍ପ୍ରଦାୟର ଯୁବକଯୁବତୀ ଯିଏ ଯାହାକୁ ପସନ୍ଦ କରେ ବିହୁନୃତ୍ୟ ସମୟରେ ତା ହାତ ଧରି ଟାଣି ନିଅନ୍ତି ଓ ପରେ ବାହାହେଇ ପତିପତ୍ନୀ ହୁଅନ୍ତି । ଏ ପରମ୍ପରା ଆଜିଯାଏଁ ମଧ୍ୟ ଅଛି । ଏହିଦିନ ବିହୁ ସମୟରେ ତିଆରି ହେଇଥିବା ବିଭିନ୍ନ ପ୍ରକାର ପିଠା, ଯଥା: ନଡ଼ିଆ ଲଡ୍ଡୁ, ରାଶି ପିଠା, ଘିଲା ପିଠା (ବଡ଼ା ଚାଉଳ ଓ ଗୁଡ଼ରେ ପ୍ରସ୍ତୁତ ପିଠା), ମଛି ପିଟିକା (ମାଛ ଚଟୁଣି) ଆଦି ଆସାମବାସୀ ବନ୍ଧୁବାନ୍ଧବ ପଡ଼ୋଶୀଙ୍କ ଭିତରେ ଆଦାନ ପ୍ରଦାନ କରନ୍ତି ।

ରଙ୍ଗାଲି ବିହୁର ତୃତୀୟ ଦିନ ଗୋଖାଇ (ଗୋସାଇଁ) ବିହୁ ହୁଏ । ଏହିଦିନ ଶରଣ କୀର୍ତ୍ତନ ହୁଏ । ଗୃହସ୍ୱାମୀ ଓ ଅନ୍ୟମାନେ କୀର୍ତ୍ତନ ମଣ୍ଡଳୀଙ୍କ ପାଦଧୋଇ ମୁଣ୍ଡିଆ ମାରି ଗାମୁଛା ଦେଇ ସମ୍ମାନିତ କରି ଘର ଭିତରକୁ ପାଛୋଟି ନିଅନ୍ତି । ଘର ଭିତରେ ସେମାନେ କୀର୍ତ୍ତନ କରି ଘର ଓ ଘରର ସଦସ୍ୟଙ୍କର ସୁଖ ସମୃଦ୍ଧି ପାଇଁ ଆଶୀର୍ବାଦ କାମନା କରନ୍ତି । ଫେରିଲାବେଳେ କଦଳୀ, ନଡ଼ିଆ, ପାନ, ଗୁଆ ଦେଇ ଗୃହସ୍ୱାମୀ ସେମାନଙ୍କୁ ସସମ୍ମାନେ ବିଦାୟ ଦିଅନ୍ତି । ଏହି

କୀର୍ତ୍ତନମଣ୍ଡଳୀଙ୍କ ପାଦ ଘରେ ପଡ଼ିଲେ ଘର ପାଇଁ ଶୁଭ ବୋଲି ଆସାମବାସୀ ବିଶ୍ୱାସ କରନ୍ତି । ଯଦିଓ ଏହି ପରମ୍ପରା ଧୀରେ ଧୀରେ ଲୁପ୍ତ ହେଲାଣି, ତେବେ କୌଣସି ଶୁଭ କାମ ସମୟରେ ଘରେ ଆସାମବାସୀ ଏହି ଶରଣ କୀର୍ତ୍ତନ କରନ୍ତି । ଆଜିକାଲି ସହରୀ ସଭ୍ୟତାରେ ବିହୁ ଦୁଇ ଦିନରେ ସୀମିତ ହେଇ ରହିଲାଣି ।



ରଙ୍ଗାଲି ବିହୁର ଶେଷଦିନକୁ ବୋହଗ ବିଦାୟୀ କୁହାଯାଏ । ଏହିଦିନ ଆନୁଷ୍ଠାନିକ ଭାବେ ବିହୁ ଉତ୍ସବକୁ ବିଦାୟ ଦିଆଯାଏ । ଏହି ଉତ୍ସବଟିକୁ ଆସାମର ଭିନ୍ନ ଭିନ୍ନ ପ୍ରାନ୍ତରରେ ଭିନ୍ନ ଭିନ୍ନ ଭାବରେ ପାଳନ କରାଯାଏ । ଗାଁରେ ମୁଖ୍ୟତଃ ଗ୍ରାମ୍ୟ ଯୁବକଯୁବତୀମାନେ କଟା ସରିଥିବା ଧାନ ବିଲରେ ବିହୁ ନୃତ୍ୟ କରି ଧାନ ମୂଳ ସବୁ ଦଳି ଚକଟି ପକେଇଥାନ୍ତି । ଶେଷ ବିହୁଦିନ ନୃତ୍ୟ ପରେ ସେହି ନଡ଼ା ମୂଳକୁ ଓପାଡ଼ି ଦି' ହାତରେ ଆକାଶ ଆଡ଼କୁ ଫୋପାଡ଼ି ଖୁସି ଖୁସି ବିହୁକୁ ବିଦାୟ ଦିଅନ୍ତି । ଏହିଦିନ ନିଜର ଓ ପରିବାରର ସୁନ୍ଦର ଭବିଷ୍ୟତ ପାଇଁ ନିଜ ନିଜ ହିସାବରେ ସଂକଳ୍ପ ନିଅନ୍ତି । କିନ୍ତୁ ଏହି ଉତ୍ସବ ଏବେ ଆଉ ଦେଖିବାକୁ ମିଳୁନାହିଁ ।

ସ୍ଥାନ ବିଶେଷରେ ଏହି ସମୟରେ କୁଟୁମ୍ବ ବିହୁ ଓ ମେଳା ବିହୁ ମଧ୍ୟ ପାଳିତ ହୁଏ । ଓଡ଼ିଶାରେ ରଜ, କୁମାରପୂର୍ଣ୍ଣିମା, ଦଶହରାରେ ଲୋକମାନେ ବନ୍ଧୁବାନ୍ଧବଙ୍କ ଘରକୁ ଗଲା ପରି ବିହୁ ସମୟରେ ଅସମୀୟ ଲୋକମାନେ ନିଜ ନିଜ ଜ୍ଞାତିକୁଟୁମ୍ବ ଓ ବନ୍ଧୁବାନ୍ଧବଙ୍କ ଘରକୁ ଯାଆନ୍ତି । ଯାହାକୁ ବନ୍ଧୁ ମିଳନ ଓ କୁଟୁମ୍ବ ବିହୁ ମଧ୍ୟ କୁହାଯାଏ । ସ୍ଥାନ ବିଶେଷରେ ମେଳା ଲାଗେ । ଆଜିକାଲି ବ୍ୟବସାୟୀକରଣ ହେଇ ଓଡ଼ିଶା ମେଳା ପରି ବିଭିନ୍ନ ପ୍ରକାର ଦୋକାନ ବଜାର ବସିବା ସହ ବିହୁ ନୃତ୍ୟ ଓ





ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି । ଏବଂ ଆସାମବାସୀ ଏହାକୁ ଖୁବ୍ ଉପଭୋଗ କରୁଛନ୍ତି ।

## ମାଘ ବିହୁ ବା ଭୋଗଲି ବିହୁ

ମାଘ ବିହୁ ଜାନୁଆରୀ ମାସରେ ମକର ସଂକ୍ରାନ୍ତି ପରଦିନ ପାଳିତ ହୁଏ । ଭାରତର ଅଧିକାଂଶ ପର୍ବପର୍ବାଣି କୃଷିଭିତ୍ତିକ । ଫସଲ ବୁଣାଯିବା ସମୟ ଅପେକ୍ଷା ଫସଲ ଅମଳ ସମୟରେ ପାଳିତ ହେଉଥିବା ଉତ୍ସବ ଗୁଡ଼ିକ ମୁଖ୍ୟତଃ ଖୁବ ଧୁମ୍‌ଧାମ୍‌ରେ ପାଳିତ ହୁଏ । ଭୋଗଲି ବିହୁ ତନ୍ମଧ୍ୟରୁ ଅନ୍ୟତମ । ଆସାମର ମୁଖ୍ୟ ଫସଲ ଧାନ । ଜାନୁଆରୀ ମାସରେ ଧାନ ପାଚି ସାରିଥାଏ । କୃଷକ ଧାନକୁ ବିଲରୁ କାଟି ଆଣି ଘରେ ଗଦେଇ ଥାଏ । ଚାରିମାସର ପରିଶ୍ରମ ପରେ ବର୍ଷକ ପାଇଁ ଘରେ ଖାଦ୍ୟ ସଞ୍ଚୟ କରିପାରିଥିବାର ଖୁସିରେ ବିଭୋର ହୁଏ । ତେଣୁ ଓଡ଼ିଶା ଓ ଅନ୍ୟାନ୍ୟ ରାଜ୍ୟ ପରି ଏହି ସମୟରେ ଅସମୀୟମାନେ ଭୋଜି କରି ଉତ୍ସବମୁଖର ହୁଅନ୍ତି । ଧାନ କଟା ସାଙ୍ଗରେ ଓଡ଼ିଶାରେ ପିଲାମାନେ ବିଲ ବା ଖଳାରେ ନଡ଼ାରେ ଘରକରି ଖେଳିବା ପରି, ଆସାମର ମୁଖ୍ୟତଃ ଯୁବକ ଗୋଷ୍ଠୀ ଧାନବିଲରେ ନଡ଼ା ଓ ବାଉଁଶରେ ଘର କରନ୍ତି । ଏହାକୁ ଭେଲାଘର କୁହାଯାଏ । ପାଖରେ ଆଉ ଗୋଟିଏ ନଡ଼ା ବାଉଁଶରେ ପ୍ରସ୍ତୁତ ମଂଚା ବନାନ୍ତି । ଯାହାକୁ ମେଜି କୁହନ୍ତି । ଏହି ଭେଲାଘର ଓ ମେଜି ତିଆରି କରିବାର ପ୍ରସ୍ତୁତି ପର୍ବ ପ୍ରାୟ ମାସେ ତଳୁ ଚାଲିଥାଏ । ଶେଷରେ ମକର ସଂକ୍ରାନ୍ତି ଦିନ ରାତିରେ ଗାଁର ଯୁବକମାନେ ଏକାଠି ହେଇ ସେହି ଧାନବିଲରେ ଭୋଜି କରନ୍ତି । ଭୋଜିର ସାମଗ୍ରୀ ମୁଖ୍ୟତଃ କୁକୁଡ଼ା, ପନିପରିବା, କାଠ ଆଦି ସେମାନେ ଅନ୍ୟର ବାଡ଼ି ବଗିଚା ଓ ଘରୁ ଚୋରିକରି ଆଣିଥାନ୍ତି । ଭୋଜି ରାନ୍ଧିଲା ପରେ ଭେଲାଘରେ ଏକାଠି ବସି ଖାଆନ୍ତି ଓ ସେଇଠି ରାତ୍ରି ଯାପନ କରନ୍ତି । ସାରାରାତି ସେମାନେ ସେଠି ମଉଜ ମସ୍ତି ନୃତ୍ୟ ଗୀତ, ଗପସପ କରି ବିତାଇ ଦିଅନ୍ତି । ତା ପରଦିନ ସକାଳୁ ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି ଗାଧୋଇ ପାଧୋଇ ଆମର ଅଗିଜଳା ପୁନେଇଁରେ ଅଗ୍ନି ଜାଳିଲା ପରି ସେମାନେ ମେଜି ଚାରିପଟେ ପ୍ରଦକ୍ଷିଣ ପୂର୍ବକ ଅଗ୍ନି ଦେବତାଙ୍କ ପୂଜାର୍ଚ୍ଚନା କରି 'ମେଜି'ରେ ନିଆଁ ଲଗାନ୍ତି । ସେଇ ନିଆଁରେ ସେମାନେ ଚାଉଳ, ବିରି, ରାଶି, ଚୁଡ଼ା, ହୁଡୁମ୍ବ, ପିଠା, ହାଣ୍ଡିଆ (ଭାତରୁ ପ୍ରସ୍ତୁତ ଦେଶୀ ମଦ) ଆଦି ଫୋପାଡ଼ି ଅଗ୍ନି ଦେବତାଙ୍କୁ ପ୍ରସାଦ ଅର୍ପଣ କରନ୍ତି ଓ ବାକି ପ୍ରସାଦ ନିଜେ ଖାଆନ୍ତି । ମେଜି ଓ ଭେଲାଘର ଜଳିଗଲା ପରେ ସେ ପାଉଁଶକୁ କ୍ଷେତରେ, ପାଖ ଗଛପତ୍ରରେ ବିଞ୍ଚି ଦିଅନ୍ତି ଭଲ ଫସଲ ହେବା ଆଶାରେ । ଏହିଦିନ ମଇଁଷି, କୁକୁଡ଼ା କୁସ୍ତି (ଫାଇଟ୍) ଆଦି ବିଭିନ୍ନ ପ୍ରକାର ଖେଳ ଦେଖିବାକୁ ମିଳେ । ଏଥିରେ ପ୍ରାୟ ହିନ୍ଦୁ, ମୁସଲମାନ ଆଦି ସବୁ ସମ୍ପ୍ରଦାୟର ଲୋକ ଭୋଗ ନିଅନ୍ତି । ଆସାମ ବିଦ୍ୟୁତ୍ ବିଭାଗର ଉଚ୍ଚ ପଦରୁ ସେବାନିବୃତ୍ତ ହୋଇଥିବା ଅସୀମ ଦତ୍ତ କୁହନ୍ତି, "ଯଦିଓ ମାଘ ବିହୁରେ ବିହୁ ନୃତ୍ୟର ପରମ୍ପରା ନଥିଲା, ତେବେ ଆଜିକାଲି ସବୁ କ୍ଷେତ୍ରରେ ପ୍ରାଚୀନ

ରୀତିନୀତି ଲୁପ୍ତ ହେବା ସହ ନୂତନ ରୀତିନୀତି ପରମ୍ପରାର ପ୍ରଚଳନ ପରି ମାଘ ବିହୁରେ ମଧ୍ୟ ବିହୁ ନୃତ୍ୟ ପଶି ଆସିଲାଣି ।" କଥା କଥାରେ କବୟିତ୍ରୀ ଶ୍ରୀମତୀ ସବାରୀ ଦତ୍ତ ହଜି ଯାଉଥିବା ପ୍ରାଚୀନ ପରମ୍ପରା ଓ ବିହୁ ଭିତରେ ପଶି ଆସୁଥିବା ଆଧୁନିକତା ଓ ବ୍ୟବସାୟୀକରଣ ପ୍ରତି କ୍ଷୋଭ ପ୍ରକାଶ କରନ୍ତି । ତାଙ୍କ ମତରେ, "ମାତା ପିତା ବିହୁର ମହତ୍ୱ ବୁଝି ପିଲାମାନଙ୍କୁ ଶିଖେଇବା କଥା । ନହେଲେ ସୌହାର୍ଦ୍ଦ୍ୟର ପର୍ବ ବିହୁ ଖାଲି ନାଚଗୀତ ଭିତରେ ସୀମିତ ହୋଇ ରହିଯିବ ।"

ସମାଜସେବୀ ଶ୍ରୀମତୀ ମୀନା ସାଇକିଆ କୁହନ୍ତି, "ପୂର୍ବରୁ ଭେଲାଘର ଓ ମେଜି ବାଉଁଶ, ନଡ଼ା ଓ ଶୁଖିଲା ପତ୍ର ସାହାଯ୍ୟରେ ଅତି ସାଧାରଣ ଭାବରେ ସ୍ଥାନୀୟ ଯୁବକ ଗୋଷ୍ଠୀଙ୍କ ମିଳିତ ଉଦ୍ୟମରେ ତିଆରି ହେଉଥିଲା ଓ ସେଠି ସେମାନେ ରାତ୍ରି ଯାପନ କରୁଥିଲେ । ପରବର୍ତ୍ତୀ ସମୟରେ ଏଥିରେ ମଧ୍ୟ ପ୍ରତିଯୋଗିତା ଓ ଆଧୁନିକୀକରଣର ଛାପ ଦେଖିବାକୁ ମିଳିଲା । ଏବେ ବାଉଁଶକୁ ସରୁସରୁ କାଟି ଖୁବ୍ ସୁନ୍ଦର ଡିଜାଇନ୍‌ର ମେଜି ଓ ଭେଲାଘର ତିଆରି ହେଲାଣି । ଅନେକ ସାମାଜିକ, ରାଜନୈତିକ, ପ୍ରାକୃତିକ ଥିମ୍‌କୁ ନେଇ ମଧ୍ୟ ଆଖି ଝଲସା ଭେଲାଘର ତିଆରି ହେଲାଣି । ୨୦୧୯ରେ ଆସାମର ଗର୍ବ ରାଇନୋକୁ ନେଇ ଓ ୨୦୨୦ରେ ସିଏଏ ଓ ଏନ୍‌ଆର୍‌ସିକୁ ନେଇ ତିଆରି ହେଇଥିବା ଭେଲାଘର ଲୋକଙ୍କୁ ବହୁତ ପସନ୍ଦ ଆସିଥିଲା । ଯଦିଓ ଏହାର ଜୀବନ ମାତ୍ର ଗୋଟିଏ ଦିନର । ସକାଳ ହେଲେ ଉଭୟ ମେଜି ଓ ଭେଲାଘରକୁ ନିଆଁ ଲଗେଇ ଜାଳି ଦିଆଯାଏ । ତଥାପି ଏହାକୁ ବନେଇବାରେ ଯୁବଗୋଷ୍ଠୀ ବହୁତ ପରିଶ୍ରମ କରନ୍ତି ।"



## କାର୍ତ୍ତି ବିହୁ ବା କୋଙ୍ଗାଲି ବିହୁ

କାର୍ତ୍ତିକ ମାସର ବିଛା ସଂକ୍ରାନ୍ତି ଦିନ (ଅକ୍ଟୋବର ମାସ) କାର୍ତ୍ତି ବିହୁ ପାଳନ କରାଯାଏ । ଏହି ସମୟରେ କୃଷକର ଭଣ୍ଡାରଘରୁ ଖାଦ୍ୟଶସ୍ୟ ସରି ଆସିଥାଏ ଓ ବିଲରେ ଫସଲର ମଧ୍ୟାନ୍ତର ସମୟ । ଆଗତ ବର୍ଷ ପାଇଁ ଫସଲ କେମିତି ହେବାର ଆଶା, ଆକାଂକ୍ଷା, ଆଶଙ୍କାରେ କୃଷକ ଓ ତା'ର ପରିବାର । ତେଣୁ ଏହି ସମୟରେ କୃଷକ ନୃତ୍ୟ, ଗୀତ, ଭୋଜି ମହୋତ୍ସବ ଠାରୁ ଦୂରେଇ ରହି ମୁଖ୍ୟତଃ ଈଶ୍ୱରଙ୍କୁ ପ୍ରାର୍ଥନା କରେ । ଏମିତିରେ କାର୍ତ୍ତିକ ମାସ ଧର୍ମମାସ । ଭାରତର ପ୍ରାୟ ଅଧିକାଂଶ ରାଜ୍ୟର ଲୋକମାନେ ଧର୍ମକର୍ମ, ପୂଜାପାଠରେ ଏହି ମାସଟି ଅତିବାହିତ କରନ୍ତି । ଆସାମବାସୀ ସେଥିରୁ ବାଦ୍ ବା ଯାଆନ୍ତେ କେମିତି ? ଯଦିଓ ଆସାମବାସୀ ଭାରତର ଅନ୍ୟ ରାଜ୍ୟ ପରି ବିଶେଷ ପୂଜାପାଠ କରନ୍ତିନି, ତଥାପି ଏହି ଦିନଟିକୁ ସେମାନେ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରନ୍ତି । ତୁଳସୀ ଚଉରା, ନିଜ ଶସ୍ୟଭଣ୍ଡାର ଓ ବିଲରେ ଆସାମବାସୀ କାର୍ତ୍ତି ବିହୁରେ ଦୀପ ଜାଳନ୍ତି । ଏହିଦିନ ଖୋଲା ଜାଗାରେ ଖୁବ୍ ଲମ୍ବା ବାଉଁଶ ଉପରେ ଦୀପ ଜାଳି ମୃତ ଆତ୍ମାକୁ ସ୍ୱର୍ଗକୁ ରାସ୍ତା ଦେଖେଇବାର ପରମ୍ପରା ମଧ୍ୟ ଅଛି । ଯାହାକୁ ସେମାନେ ଆକାଶ ଗଙ୍ଗା କୁହନ୍ତି । ଆସାମର ଏହି ପରମ୍ପରାଟି ଦେଖିଲେ, ଆମ ଓଡ଼ିଶାର ଆକାଶଦୀପର ଚିତ୍ର ସ୍ୱତଃ ମନ ଭିତରକୁ ପଶି ଆସେ । ବୋଡ଼ୋ ସମ୍ପ୍ରଦାୟର ଲୋକ ଏହିଦିନ ସିଜୁ ଗଛମୂଳେ ଦୀପ ଜାଳନ୍ତି । ଡିମିଶା ସମ୍ପ୍ରଦାୟର ଲୋକ ବିଲରେ ବାଉଁଶ ଉପରେ ଦୀପ ଜାଳି ଭଲ ଫସଲ ଓ ସଂସାରର ସୁଖଶାନ୍ତି, ସମୃଦ୍ଧିର କାମନା କରନ୍ତି । କେହି କେହି ଏହି ଦିନଟି ବ୍ରତ ଉପବାସ କରି ଅତିବାହିତ କରନ୍ତି । ତେଣୁ ସର୍ବମୋଟ କାର୍ତ୍ତି ବିହୁ ଏକ ଧାର୍ମିକ ଉତ୍ସବ କହିଲେ ଅତ୍ୟୁକ୍ତି ହେବ ନାହିଁ ।



ବିହୁ ଉତ୍ସବ କେବେ ଠାରୁ ଆରମ୍ଭ ତାହା ଏକ ବିବାଦୀୟ ପ୍ରଶ୍ନ । ତେବେ ସମୟକ୍ରମେ ଆସାମକୁ ଆସିଥିବା ଅଷ୍ଟ୍ରୋ ଏସିଆଟିକ୍, ତିବତ୍ ବର୍ମା, ଆର୍ଯ୍ୟମାନଙ୍କ ସଂସ୍କୃତିର ସମ୍ମିଶ୍ରଣର ରୂପ । ଆସାମ ମାନେ ଅସମତଳର ରାଜ୍ୟ । ନଦୀ, ପାହାଡ଼, ପର୍ବତ, ଝରଣା ଘେରା ଏ ପାର୍ବତୀୟ ଅଞ୍ଚଳରେ ବହୁ ଜାତି ଜନଜାତିଙ୍କ ବସତି । ଗମନାଗମନର ଅସୁବିଧା ଯୋଗୁ ପ୍ରାଚୀନକାଳରେ ପ୍ରତ୍ୟେକ ଗୋଷ୍ଠୀଙ୍କ ଭିତରେ ପାଳୁଥିବା ବିହୁ ଉତ୍ସବରେ ତଫାତ ଦେଖା ଯାଉଥିଲା । କିନ୍ତୁ ପରେ ଧୀରେ ଧୀରେ ଯାତାୟାତର ସୁଗମତା ଯୋଗୁ ସଂସ୍କୃତିର ଆଦାନପ୍ରଦାନ ହେଲା ଓ ଆସାମର ଜାତି/ ଜନଜାତିଙ୍କ ଦ୍ୱାରା ଭିନ୍ନ ଭିନ୍ନ ଭାବରେ ପାଳିତ ହେଉଥିବା ବିହୁ ଏକାକାର ହେଇ ଆସାମର ଗଣପର୍ବ ରୂପେ ଅସମୀୟଙ୍କ ରକ୍ତରେ ମିଶିଗଲା, ଆସାମର ପାଣିପବନରେ, ତା ଆତ୍ମାରେ ଘର କରିଲା । ଏବେ ମଧ୍ୟ ସ୍ଥାନ ବିଶେଷରେ ବିହୁ ପାଳନର ବିଧି ଭିନ୍ନ ଭିନ୍ନ । ତେବେ ମୋଟାମୋଟି ବିହୁ ମୁଖ୍ୟତଃ କୃଷ୍ଣ ରାସଲୀଳା, ଗୋରୁ ଓ ପ୍ରକୃତି ପୂଜନ, ବଡ଼ଙ୍କୁ ସମ୍ମାନ, ଭୋଜି ମହୋତ୍ସବ ଓ ଆନନ୍ଦ ଉତ୍ସବ, ଭାଇଚାରା, ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ହର୍ଷଉଲ୍ଲାସର ପର୍ବ ।

# କନ୍ଧଙ୍କ କିମିଆଁ



## ଡଙ୍ଗରିଆ ସଂସ୍କୃତିର ପ୍ରତୀକ

# କାପଡ଼ାଗନ୍ଦା

**ମୁଣ୍ଡରେ ପାରଂପରିକ ଅଳଙ୍କାର । ବେକରେ ବିଭିନ୍ନ ରଂଗର ମାଳି ଓ ବିଭିନ୍ନ ଆକୃତିର ବଳା । ମୁହଁରେ ଚିତା ସହ ନାକ ଓ କାନରେ ପାରଂପରିକ ଅଳଙ୍କାର । ଦେହରେ ପାରଂପରିକ ଚିତ୍ରକଳା ବହନ କରିଥିବା ସ୍ୱତନ୍ତ୍ର ଚଦର । ନାଆ ତାର 'କାପଡାଗନ୍ଦା' । ଏହା କେବଳ ଚଦର ନୁହେଁ, ବରଂ ଡଂଗରିଆଙ୍କ ସଂସ୍କୃତିର ପରିଚୟ । ଡଂଗରିଆ ଚଦର 'କାପଡା ଗନ୍ଦା'କୁ ନେଇ ରେବତୀର ଏଇ ସ୍ୱତନ୍ତ୍ର ପ୍ରତିବେଦନ ।**

**ଦ୍ୱିତୀଚନ୍ଦ୍ର ସାହୁ**
ଇନ୍ଦିରା ନଗର, ଚତୁର୍ଥ ଗଳି
ରାୟଗଡା-୭୬୫୦୦୧
ଫୋନ : ୯୫୫୬୨୮୭୭୭୫

ଫଟୋ ସୌଜନ୍ୟ : ଲେଖକ



◄ ଲେଖକ

ଓଡିଶାରେ ବସବାସ କରୁଥିବା ୬୨ ପ୍ରକାର ଆଦିବାସୀଙ୍କ ମଧ୍ୟରୁ ଅଧିକାଂଶ ସଂପ୍ରଦାୟର ଆଦିବାସୀ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବସବାସ କରୁଛନ୍ତି । ବିରଳ ଜନଜାତି ମଧ୍ୟରେ ଡଂଗରିଆ କନ୍ଧମାନେ ଏବେ ବି ପାରଂପରିକ ଭାବେ ନିଜ ଜୀବନ ଶୈଳୀରେ ଜିଉଁଛନ୍ତି । ସରଳ ଓ ପାରଂପରିକ ବେଶଭୂଷା ଭିତରେ ସେମାନଙ୍କ ଜୀବନଶୈଳୀ ସମସ୍ତଙ୍କୁ ଆକୃଷ୍ଟ କରିଆସିଛି । ଡଂଗରିଆ କନ୍ଧ ହେଉଛନ୍ତି ରାୟଗଡ ଜିଲ୍ଲାର ଅନ୍ୟତମ ପ୍ରମୁଖ ଜନଜାତି । ଏଇ ବିରଳ ଜନଜାତିର ଲୋକେ ମୁଖ୍ୟତଃ ନିୟମଗିରି ପାହାଡ କୋଳରେ ଜୀବନଯାପନ କରି ଆସୁଛନ୍ତି । ଅନାଦି କାଳରୁ ଏମାନେ ଡଂଗରରେ ରହି ଆସୁଥିବାରୁ ସେମାନଙ୍କ ଆବାସିକସ୍ଥଳ ଭିତ୍ତିରେ ଏମାନଙ୍କ ନାମ ଡଂଗରିଆ କନ୍ଧ ହୋଇଛି । କନ୍ଧ ସଂପ୍ରଦାୟର ଏମାନେ ଏକ ବିଶେଷ ଗୋଷ୍ଠୀ । ନିୟମଗିରି ପର୍ବତମାଳାର ଗୋଟିଏ ପାଖ ରାୟଗଡା ଜିଲ୍ଲା ଏବଂ ଆର ପାଖ କଳାହାଣ୍ଡି ଜିଲ୍ଲା । ବହୁଳ ଭାବେ ଡଂଗରିଆମାନେ ରାୟଗଡା ଜିଲ୍ଲାର ବିଷମକଟକ, ମୁନିଗୁଡା ଓ କଲ୍ୟାଣସିଂପୁର ବ୍ଲକର ନିର୍ଦ୍ଦିଷ୍ଟ ଅଂଚଳରେ ଏମାନଙ୍କ ଜୀବନଜୀବିକା ସୀମିତ । ସେହିପରି କଳାହାଣ୍ଡି ଜିଲ୍ଲାର ଲାଂଜିଗଡ ବ୍ଲକ୍‌ର କିଛି ଅଂଚଳରେ ସେମାନେ ବସବାସ କରନ୍ତି । ବିଷମକଟକ ବ୍ଲକର କୁର୍ଲି, ଚାଂଚରାଗୁଡା ଓ ହାଟ ମୁନିଗୁଡା ତିନୋଟି ପଂଚାୟତରେ, ମୁନିଗୁଡା ବ୍ଲକର ଶିବପଦର ଓ ମୁନିଖୋଲ ପଂଚାୟତରେ ଏବଂ କଲ୍ୟାଣସିଂପୁର ବ୍ଲକର ପାରସାଲି ଓ ସୁନାଖଣ୍ଡି ପଂଚାୟତର ୬୪ ଟି ଗ୍ରାମରେ ୬୨୬୪ଜଣ ଡଂଗରିଆ ବସବାସ କରୁଛନ୍ତି ୨୦୧୧ ଜନଗଣନାରୁ ଜଣାପଡିଛି । ଡଂଗରିଆମାନେ ପ୍ରକୃତିର ଉପାସକ । ସେମାନେ ମୁଖ୍ୟତଃ ମାଟି, ପାଣି, ପାହାଡ, ଆକାଶ, ବୃକ୍ଷ, କାଠ, ପଥର ଆଦିକୁ ଉପାସନା କରନ୍ତି । ଡଂଗରିଆ ଜନଜାତିର ଲୋକେ ନିୟମଗିରି ପାହାଡର ଝରଣା ଓ ଡଂଗର ମାଟି ଉପରେ ସେମାନଙ୍କ ଜୀବନଜୀବିକା ନିର୍ଭର । ପାରଂପରିକ ହଳଦୀ, ଅଦା ଚାଷ ସହ ବିଭିନ୍ନ ପ୍ରକାରର ଫଳ ଚାଷ କରନ୍ତି ଡଂଗରିଆ । ମସଲା ଓ ଫଳ ଉତ୍ପାଦନ ସହ ଏହାର ବିକ୍ରିବଟା କରି ଜୀବନ ଧାରଣ କରନ୍ତି ।

ବିରଳ ଜନଜାତିଙ୍କ ପ୍ରମୁଖ ଆକର୍ଷଣ ହେଲା ସେମାନଙ୍କ ପାରଂପରିକ ବେଶଭୁଷା । ପୁରୁଷ ଓ ସ୍ତ୍ରୀଲୋକେମାନେ ସାଧାରଣତଃ ପାରଂପରିକ ବେଶଭୁଷାରେ ପ୍ରାୟତଃ ସମାନ ଦେଖାଯାଆନ୍ତି । ମୁଣ୍ଡରେ ଖୋସା ଓ ବାଳ ଛପା ସହ ଖୋସାରେ ଛୋଟିଆ କାତି ଲଗାଇଥାନ୍ତି । ସେହିପରି ଝିଅମାନେ ନାକରେ, କାନରେ ଅଳଙ୍କାର ଲଗାଇବା ସହ ଧାତୁରେ ନିର୍ମିତ ବଳା (ଖଗଲା) ଲଗାଇଥାନ୍ତି । ମହିଳାମାନେ ମୁହଁରେ ଚିତା କୁଟିଥାନ୍ତି । ତେବେ ଏଇ ବେଶଭୁଷାର ମୁଖ୍ୟ ଆକର୍ଷଣ ହେଲା ସେମାନଙ୍କ ଦ୍ୱାରା ତିଆରି ସ୍ୱତନ୍ତ୍ର ଚଦର । ଚଦର ସଂପର୍କରେ ଆଲୋଚନା କରିବା ପୂର୍ବରୁ ସେମାନେ ବ୍ୟବହାର କରୁଥିବା ଲୁଗା ସଂପର୍କରେ ଜାଣିବା ଆବଶ୍ୟକ । ଡଂଗରିଆ ମହିଳାମାନେ ମୁଖ୍ୟତଃ ଚାରି ପ୍ରକାର ବସ୍ତ୍ର ବ୍ୟବହାର କରନ୍ତି । ସେସବୁ ନିଜେ ହାତରେ ବୁଣିଥାନ୍ତି । ପ୍ରଥମ ହେଲା ଶିଆଳି ଗନ୍ଦା, ଯାହା ଶରୀରର ନିମ୍ନ ଭାଗ ଅଂଟାରୁ ଗୋଡ ଯାଏଁ ଗୁଡେଇ ହୋଇ ରହିଥାଏ । ଆଉ ଏକ ପ୍ରକାର ବ୍ୟବହୃତ ଲୁଗା ହେଲା ଉଲୁମି ଗନ୍ଦା, ଯାହା ଅଂଟାରୁ ବେକ ଯାଏଁ ଆବୃତ ହୋଇଥାଏ । ତାର କିଛି ଅଂଶ ମୁଣ୍ଡକୁ ମଧ୍ୟ ଘୋଡାଇବାରେ ବ୍ୟବହାର କରନ୍ତି । ତୃତୀୟ ହେଲା ଆଙ୍ଗିନା ଗନ୍ଦା । ଏହା ଅଂଟାର ଲୁଗା ଉପରେ ଏକାଧିକ ସ୍ତରରେ ପରସ୍ତ ପରସ୍ତ ହୋଇ ଗୁଡା ହୋଇଥାଏ । ମହିଳାମାନେ ଏହାକୁ ବ୍ୟବହାର କରନ୍ତି । ଏହା ଦେଖିବାକୁ ଏକ ମୁଣା ସଦୃଶ୍ୟ । ଏଥିରେ ଜଂଗଲରୁ ସଂଗୃହୀତ ଦ୍ରବ୍ୟକୁ ରଖି ଘରକୁ ଆଣିଥାନ୍ତି । ପୁରୁଷମାନେ ମୁଖ୍ୟତଃ ନିମ୍ନଭାଗରେ ବସ୍ତ୍ର ପିନ୍ଧିଥାନ୍ତି । ଏସବୁ ବାଦେ ସେମାନେ ଅଲଗା ଭାବେ ଏକ ଚଦର ବ୍ୟବହାର କରନ୍ତି । କୁଇ ଭାଷାରେ ସେ ଚଦରର ନାମ ହେଲା 'କାପଡା ଗନ୍ଦା' । କାପଡା ଅର୍ଥ ମୁଣ୍ଡ । ମାନେ ଚଦରର ଦୁଇ ପାର୍ଶ୍ୱ । ଗନ୍ଦା ଅର୍ଥ ଚଦର । ଏହାର ଲମ୍ବା ତିନି ହାତ ଓ ଓସାର ଦୁଇ ହାତ । ଏବେ ଏହାର ଆକାରରେ ପରିବର୍ତ୍ତନ ଘଟିଛି । ଏହାର ଲମ୍ବା ଚାରି ହାତ

ଓ ଓସାର ଦୁଇ ହାତ ରହିଛି । ଏଇ ଚଦର ଡଂଗରିଆମାନଙ୍କ ସଂସ୍କୃତିର ପ୍ରତୀକ । ଏହା ଡଂଗରିଆମାନଙ୍କ ପରିଚୟ । ଚଦରରେ ଡଂଗରିଆ ସଂସ୍କୃତିର ସ୍ୱାକ୍ଷର ରହିଛି । ଏଥିରେ ବ୍ୟବହୃତ ରଂଗ ଓ ଡିଜାଇନ୍ ସେମାନଙ୍କ ସଂସ୍କୃତିର କଥା କହେ । ସଂସ୍କୃତି ଆଧାରିତ ରଂଗ ଓ ଚିତ୍ରକଳାକୁ ଏହି ଚାଦରରେ ସ୍ଥାନ ଦିଆଯାଇଛି । କାପଡା ଗନ୍ଧାରେ ଚାରି ପ୍ରକାରର ରଂଗ ବ୍ୟବହାର କରାଯାଏ । ସେସବୁ ରଂଗ ହେଲା- ନାଲି, ମାଟିଆ, ସବୁଜ ଓ ହଳଦିଆ । ଏସବୁ ରଂଗ ବ୍ୟବହାର ପଛରେ ସେମାନଙ୍କ ଜୀବନଶୈଳୀ, ପ୍ରକୃତି, ପରଂପରା ଓ ଆଧ୍ୟାତ୍ମିକ ଚେତନା ନିହିତ । ନାଲି ରଂଗ ପାରଂପରିକ ବିଶ୍ୱାସ ସହ ଜଡିତ । ପୂଜାପର୍ବରେ ସେମାନେ ପଶୁପକ୍ଷୀ ବଳି ଦେଇ ଠାକୁରଙ୍କୁ ଅର୍ଘ୍ୟ ଅର୍ପଣ କରୁଥିବାର ବିଧି ରହିଛି । ନାଲି ରଂଗ ରକ୍ତର ପ୍ରତୀକ । ଧର୍ମ ବିଶ୍ୱାସକୁ ପ୍ରତିନିଧିତ୍ୱ କରେ ନାଲି ରଂଗ । ସବୁଜ ହେଉଛି ଜୈବ ବିବିଧତା । ଚିର ସବୁଜ ପାହାଡ ହେଉଛି ସେମାନଙ୍କ ଭାତହାଣ୍ଡି । ଡଂଗର ପାହାଡର ଜଂଗଲ ଓ ପାହାଡରେ ଉତ୍ପାଦନ କରୁଥିବା ଫସଲ ସବୁଜ ରଂଗ । ସବୁଜ ରଂଗ ସବୁଜିମା ପ୍ରତୀକ । ହଳଦିଆ ରଂଗ ସେମାନଙ୍କ ପାରଂପରିକ ଚାଷର ପ୍ରତୀକ । ଡଂଗରିଆମାନଙ୍କର ମୁଖ୍ୟ ଫସଲ ହେଉଛି ହଳଦୀ । ହଳଦିରୁ ହଳଦିଆ ରଂଗ ହୋଇଥିବା ବେଳେ ଡଂଗରିଆମାନଙ୍କ ଭିତରେ ଥିବା ଶାନ୍ତି, ସଂହତି ଓ ପ୍ରୀତିର ପରିବେଶକୁ ଏହା ପ୍ରତିନିଧିତ୍ୱ କରୁଛି । ଆଉ ଏକ ବ୍ୟବହୃତ ରଂଗ ହେଲା ମାଟିଆ । ମାଟିଆ ରଂଗ ମାଟିକୁ ପ୍ରତିନିଧିତ୍ୱ କରୁଛି । ଡଂଗରିଆମାନଙ୍କର ଧରଣୀ ପେନୁ ଉପରେ ଦୃଢ ବିଶ୍ୱାସ । ମାଟି ମାଆକୁ ପୂଜା କରନ୍ତି ସେମାନେ ବର୍ଷର ବିଭିନ୍ନ ସମୟରେ । ସେମାନଙ୍କ ଆରାଧ୍ୟ ଦେବତା ଧରଣୀ ପେନୁର ରଂଗ ମାଟିଆ ହୋଇଥିବାରୁ ମାଟିଆ ରଂଗକୁ ସେଥିରେ ବ୍ୟବହୃତ କରନ୍ତି । ଏସବୁ ରଂଗକୁ ସେମାନେ ପ୍ରକୃତିରୁ ପ୍ରସ୍ତୁତ କରନ୍ତି । ନାଲି ରଂଗକୁ ବିଭିନ୍ନ ପ୍ରକାର ଫଳ, ଫୁଲ ଓ ଗେରୁଆ ରଂଗର ମାଟିକୁ ନେଇ ଜୈବିକ ନାଲି ରଂଗ ପ୍ରସ୍ତୁତ କରନ୍ତି । ହଳଦି ରଂଗ ହଳଦିରୁ । ରଂଗର ସ୍ଥାୟିତ୍ୱ ଲାଗି ସେମାନେ କିଛି ହଳଦୀକୁ ଦୁଇ ତିନି ବର୍ଷ ଧରି ସଂଗହ ନ କରି ସେମିତି ମାଟି ତଳେ ରଖି ଦିଅନ୍ତି । ତାକୁ ସେମାନେ ବୁଢ଼ି ହଳଦୀ କୁହନ୍ତି । ଏଇ ହଳଦିର ରଂଗ ପୁରା ଗାଢ ଓ ସ୍ଥାୟୀ ହଳଦି ରଂଗ ଦେଇଥାଏ । ସେହିପରି ସବୁଜ ରଂଗ ବିଭିନ୍ନ ପ୍ରକାର ପତ୍ରର ହରିତ ଲବକରୁ ପ୍ରସ୍ତୁତ କରନ୍ତି । ମାଟିଆ ରଂଗ ସୁରମା ନାମକ ଏକ ମାଟିରୁ ପ୍ରସ୍ତୁତ କରନ୍ତି । ଏସବୁ ରଂଗ ସହ ଜୈବିକ ଅଠା ମିଶାଇ ବ୍ୟବହାରକାରୀ ରଂଗ ପ୍ରସ୍ତୁତ କରାଯାଏ । ଏଇ ରଂଗ କାପଡା ଗନ୍ଧାରେ ସ୍ଥାୟୀ ରଂଗ ପ୍ରଦାନ କରେ । ଏସବୁ ରଂଗ ଭିତରେ ସୂତାକୁ ବୁଡାଇ ଅନେକ ଦିନ ରଖାଯାଏ । ପରେ ତାକୁ ଖରାରେ ଶୁଖାଇ ଚାରି ରଂଗର ସୂତା ପ୍ରସ୍ତୁତ କରାଯାଏ । ଏଇ ସୂତାକୁ ବୁଣିବା ଲାଗି ବ୍ୟବହାର କରାଯାଏ । ଏଇ ଚଦର ଡଂଗରିଆମାନଙ୍କ ଲାଗି ଅନୁସୂଚିତ ଜାତି ବର୍ଗର ଲୋକେ ନିଜେ ବୁଣି ପ୍ରଦାନ କରନ୍ତି । ବିକ୍ରି କରନ୍ତି ନାହିଁ । ଧଳା ତଥା ଈଷତ ହଳଦିଆ ବା ଘିଅ ରଂଗର ସୂତାରେ ନିର୍ମିତ ଚଦର ଡଂଗରିଆଙ୍କୁ ଦେଇ ପ୍ରତିବଦଳରେ ସେମାନେ ଡଂଗରିଆଙ୍କ ଠାରୁ ଅଦଳବଦଳ ପ୍ରକ୍ରିୟାରେ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ନେଇଥାନ୍ତି । ଏଇ କ୍ରମରେ ଯୁଗ ଯୁଗ ଧରି ଦ୍ରବ୍ୟ ବିନିମୟ ପ୍ରଥା ଜରିଆରେ ଦୁଇ ଗୋଷ୍ଠୀ ମଧ୍ୟରେ ସୁସଂପର୍କ ଗଢି ଆସିଛି । କାପଡା ଗନ୍ଧାର ଦୁଇ ଶୀର୍ଷ ଭାଗରେ ବହୁଳାଂଶରେ ପାରଂପରିକ ସ୍ୱତନ୍ତ୍ର ଚିତ୍ରକଳା ସ୍ଥାନିତ ଥାଏ । ମଝି ଭାଗ ଖାଲି ଥିବାବେଳେ ମଝି ଅଂଶର ଦୁଇ ପାର୍ଶ୍ୱରେ ପରସ୍ପର ସମାନ ବ୍ୟବଧାନରେ ଦୁଇ ଭାଗ କରି ସିଧା ଧଡି ରହିଥାଏ । ଡଂଗରିଆ ଚଦରରେ ସ୍ଥାନିତ ଚିତ୍ରକଳା ଭିତରେ ବି ରହିଛି ଅନେକ ତତ୍ୱ । ସେମାନଙ୍କ ତତ୍ୱ, ପାରଂପରିକ ଧର୍ମ ବିଶ୍ୱାସ, ଭାବଧାରା ସହ ଜଡିତ । ଚିତ୍ରକଳା ଭିତରେ ତ୍ରିଭୁଜାକାର, ଗୋଲାକାର, ଛୋଟ ଛୋଟ ଗାର, ଲମ୍ବା ଗାରକୁ ନେଇ ସନ୍ନିବେଶିତ । ମାଟିଆ ରଂଗରେ ନିର୍ମିତ ତ୍ରିଭୁଜାକାରର ସିଧା ଧଡି ରହିଛି । ତାରି ଭିତରେ ସବୁଜ ରଂଗର ଛୋଟ ଛୋଟ ସବୁଜ ଗାର ଭରି ରହିଥାଏ । କୁଇ ଭାଷାରେ ଏହାର ନାମ କୁଡିଲିଙ୍ଗା । ଏହାର ଅର୍ଥ ହେଲା କୁଡି ମାନେ ସଦର ଓ ଲିଂଗା ମାନେ ଚିତ୍ର । ସଦର ଅର୍ଥ ଡଂଗରିଆମାନେ ସାମୁହିକ ଭାବେ ପୂଜା କରୁଥିବା ଘର । ସେହି ଘରେ ସ୍ଥାନିତ ଚିତ୍ର କଳାରେ ଏପରି ତ୍ରିଭୁଜାକାର ଆକୃତି ସ୍ଥାନ ପାଇଥାଏ । ଡଂଗରିଆଙ୍କ ଦେବତାମାନେ ଏଠାରେ ବିଦ୍ୟମାନ ହୋଇଥାନ୍ତି ବୋଲି ବିଶ୍ୱାସ । ସେହିପରି ନାଲି ଛୋଟ ତ୍ରିଭୁଜାକାର ଆକୃତିର ଚିତ୍ର କଳାକୁ କ୍ରାଲି ହିପା ବୋଲି ଡଂଗରିଆମାନେ କହନ୍ତି । ଏହା ସେମାନଙ୍କ ବଳି ଲାଗି ବ୍ୟବହୃତ ଟାଙ୍ଗିଆକୁ ବୁଝାଏ । ସେଥିପାଇଁ ରକ୍ତର ରଂଗ ଆଧାରରେ ତ୍ରିଭୁଜର ରଂଗ ନାଲି କରାଯାଇଛି । ଚଦରର ନିମ୍ନ ଭାଗରେ ଏହାର ଏକ ଧଡି ରହିଥାଏ । ଗୋଲାକାର ଆକୃତିର ଚିତ୍ର ମଧ୍ୟ କାପଡା ଗନ୍ଧାରେ ସ୍ଥାନିତ ହୋଇଛି । ଏହାକୁ କୁଭି ଭାଷାରେ 'କାନକା' ବୋଲି କୁହନ୍ତି । ଏହାର ଅର୍ଥ ହେଲା ଆଖି । ଡଂଗରିଆଙ୍କ ମେରିଆ ଘରେ ନିୟମରାଜାଙ୍କ ଦୁଇଟି ଆଖି ରହିଥାଏ । ନିୟମରାଜାଙ୍କ ଆଖିକୁ ନିଜର ଚଦରରେ ସ୍ଥାନିତ କରି ଏହାର ଗୁରୁତ୍ୱକୁ ବଢାଇଛନ୍ତି ଡଂଗରିଆମାେ । ଏହାବ୍ୟତୀତ ଚଦରରେ ଅନେକ ଧଡିରେ ଛୋଟ ଛୋଟ ଛାଟ ବା ଷ୍ଟ୍ରୋକ୍‌ଗୁଡିକ ରହିଛି । ତାକୁ କୁଭି ଭାଷାରେ କେରି ବୋଲି କୁହାଯାଏ । ସେସବୁ ଚାଷ ସମ୍ବନ୍ଧୀୟ ତଥା ସନ୍ଧିକୁ ସୂଚାଇଥାଏ । ସୀମା ପ୍ରଦର୍ଶନ ସ୍ୱରୂପ ଡଂଗରିଆମାନେ ବିନା ବିଭେଦରେ ଡଂଗର ଅଂଚଳକୁ ପରସ୍ପର ମଧ୍ୟରେ ବଂଟନ କରିଥାନ୍ତି । ଏଇ କ୍ରମରେ ଡଂଗରର ନିଜର ସନ୍ଧି ବା ସୀମାକୁ ସୂଚାଇବାକୁ ଯାଇ କାପଡା ଗନ୍ଧାରେ ସବୁଜ ଓ ହଳଦିଆ ରଂଗର ଷ୍ଟ୍ରୋକ୍‌ମାନ ଧାଡି ଧାଡି ହୋଇ ରହିଥାଏ । ନିର୍ଦ୍ଦିଷ୍ଟ ଧାରାରେ ରହିଥିବା ଏଇ ଚିତ୍ରକଳା କାପଡା ଗନ୍ଧାର ଗୁରୁତ୍ୱ ବୃଦ୍ଧି କରି ଆସିଛି । ଚଦରରେ କୌଣସି ଚିତ୍ରକୁ ଲେପନ କରାଯାଇ ନଥାଏ । ବରଂ ସେସବୁ ରଂଗର ସୂତାକୁ ଛୁଂଚି ସାହାଯ୍ୟରେ ସେମାନେ ନିଜ ହାତରେ ବୁଣିଥାନ୍ତି । ବୁଣିବା କୌଶଳ ପିଢି ପରେ ପିଢି ସେମାନଙ୍କ ନିକଟରେ ପହଂଚି ପାରିଛି । ମୁଖ୍ୟତଃ ବୁଣିବା ବା ସିଲେଇବା କାମ ପରିବାରରେ ଥିବା ଅବିବାହିତ ପିଉସୀ ତଥା ଆଇ ବୁଢୀମାନେ ଘରର ଝିଅମାନଙ୍କୁ ଶିଖାଇଥାନ୍ତି । ବିଶେଷକରି ଡଂଗରିଆ ସଂପ୍ରଦାୟର ବିଶୁ ମାଝୀ କିମ୍ବା ଜାନୀ ପରିବାରର ବୟସ୍କ ମହିଳାମାନେ ସେମାନଙ୍କ ଅଭିଆଡି ଝିଅଙ୍କୁ ନିଜେ ବୁଣି ଶିଖାଇଥାନ୍ତି । ଝିଅମାନେ ନିଜ ଡଂଗର





କାମରୁ ଫେରିଲେ ମାଟି ହାଣ୍ଡି ଭିତରେ ଚଉତା ହୋଇ ରହିଥିବା କପଡାକୁ ଆଣି ଚାରି ରଂଗର ସୂତାକୁ ନେଇ ଛୁଂଚି ସହାୟତାରେ ବୁଣିବା କାମ କରନ୍ତି । ବୁଣିବା କାମ ବିଧିବଦ୍ଧ ଭାବେ କରା ଯାଏନି । ଅବସର ସମୟକୁ ସଦୁପଯୋଗ କରି ଝିଅମାନେ ବୁଣିଥାନ୍ତି ଏଇ ଚଦର । ଅପରପକ୍ଷେ ଗ୍ରାମରେ କିଏ ମରିଗଲେ ସେ ସମୟକୁ ଦୋଶା ସମୟ କୁହାଯାଏ । ଏଇ ସମୟରେ କେହି ଡଂଗରକୁ ଯାଇ କାମରେ ନିଜକୁ ସାମିଲ କରିବା ଅପେକ୍ଷା ଗ୍ରାମରେ ରହି ଶୁଦ୍ଧିକ୍ରିୟାରେ ସାମିଲ ହୁଅନ୍ତି । ଝିଅମାନଙ୍କ ନିକଟରେ କିଛି କାମ ନଥିବାରୁ ସେମାନେ କାପଡା ଗନ୍ଦା ସିଲେଇ କରନ୍ତି । ଅନବରତ ନ ବୁଣି ଡଂଗରରୁ ଫେରି ସଂଜ ସମୟରେ ଡିବିରି ଆଲୁଅ ଆଗରେ ଏ ସବୁ ବୁଣୁ ଥିବାରୁ ଗୋଟିଏ ଗୋଟିଏ ଚଦର ବୁଣିବାକୁ ତିନିରୁ ଚାରି ମାସ ଲାଗିଯାଏ । ଅନବରତ ବୁଣିଲେ ଗୋଟିଏ ଚଦର ବୁଣିବାକୁ ଅନ୍ୟୂନ ଏକ ମାସ ଲାଗିଯାଏ । ଏତେ ସବୁ ସଂସ୍କୃତି ଓ ପରଂପରା ଆଧାରିତ ଚଦର ଡଂଗରିଆମାନେ କଣ କରନ୍ତି ଏଇ ପ୍ରଶ୍ନ ନିଶ୍ଚେ ଘାରୁଥିବ । ଏହା ସେମାନଙ୍କ ପାଇଁ କେବଳ ଖଣ୍ଡେ ଚଦର ନୁହେଁ । ଏହା ସେମାନଙ୍କ ସଂସ୍କୃତି । କେବଳ ଡଂଗରିଆମାନେ ଘୋଡି ହେବାକୁ ତିଆରି କରା ଯାଇନଥାଏ ଏହା । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଇ ଚଦରକୁ ବିଶେଷ କରି ଯୁବ ବୟସ୍କ ଧାଂଗଡା ଓ ଧାଂଗିଡିମାନେ ହିଁ ବ୍ୟବହାର କରନ୍ତି । ସେମାନଙ୍କ ପର୍ବପର୍ବାଣି, ନୃତ୍ୟଗୀତ, ଉତ୍ସବ ଲାଗି ଅନ୍ୟ ଗ୍ରାମକୁ ଗଲାବେଳେ ଡଂଗରିଆ ଯୁବକ ଯୁବତୀ ନିଜେ ଉପରେ ଘୋଡି ହୋଇ ଯାଇଥାନ୍ତି । ଯୁବକଯୁବତୀମାନେ ବ୍ୟବହାର ପଛରେ ଅନ୍ୟତମ କାରଣ ହେଲା ଜୀବନ ସାଥୀ ବାଛିବାରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ବିଭିନ୍ନ ପର୍ବପର୍ବାଣି, ଯାତ୍ରା, ମହୋତ୍ସବ, ହାଟ ବଜାର ଆଦିରେ ବିଭିନ୍ନ ଗ୍ରାମର ଡଂଗରିଆ ଯୁବକଯୁବତୀମାନଙ୍କ ସମାଗମ ହୋଇଥାଏ । ସେଠାରେ ମନପସନ୍ଦର ଯୁବତୀ ଦେଖିଲେ ଡଂଗରିଆ ଯୁବକ ନିଜ କାପଡା ଗନ୍ଦାକୁ ବାହାର କରି ଯୁବତୀର ବେକରେ ପକାଇ ଦିଏ । ଯୁବତୀ ଜଣକ ଚଦର ପକାଇଥିବା ଯୁବକକୁ ପସନ୍ଦ କଲେ ସେ ନିଜ ବେକରୁ ଗାମୁଛା ବାହାର କରି ତାକୁ ଫେରାଏ ନାହିଁ । ଏଥିରୁ ଯୁବକ ଜଣକ ବୁଝିଯାଏ ଯେ ମନ ପସନ୍ଦର ଯୁବତୀ ତାକୁ ବାହା ହେବାକୁ ନିଜର ସମ୍ମତି ପ୍ରକଟ କଲା ।  ଅନ୍ୟଥା ସେ ବେକର ଗାମୁଛାକୁ ବାହାର କରି ତୁରନ୍ତ ଫେରେଇ ଦିଏ । ଯୁବକ ଡଂଗରିଆ ଅନ୍ୟ ଏକ ଜୀବନ ସଂଗିନୀ ଖୋଜିବାକୁ ପୁଣି ସେ କାପଡା ଗନ୍ଦାକୁ ବ୍ୟବହାର କରେ । କେବେକେବେ ଥରେ ବାହାର କରି ଫେରେଇଥିବା ଯୁବତୀ ଉପରେ ଯୁବକ ଜଣକ ଏକାଧିକ ବାର ଏଭଳି ଗାମୁଛା ବେକରେ ପକାଇବା ପ୍ରକ୍ରିୟା କରିପାରେ । ଥରେ ଗାମୁଛା ରଖିଦେଲେ ତତ୍‌ପରେ ଯୁବକ ଜଣକ ସେଇ ଯୁବତୀକୁ ସେଠାରୁ ନିଜ ଘରକୁ ନେଇଯାଏ । ପରବର୍ତ୍ତୀ ସମୟରେ ପାରଂପରିକ ରୀତିନୀତି ଅନୁସାରେ ଝିଅ ଘରକୁ ଝୋଲା ଟଙ୍କା ଦେଇ ବାହା ହୁଏ । କେତେକ କ୍ଷେତ୍ରରେ ଯୁବତୀର ଗ୍ରାମର ଠିକଣା ପଚାରି ଯୁବକଜଣକ ନିଜ ଘରକୁ ଫେରେ । ପରେ ନିଜର ପରିବାରର ସଦସ୍ୟମାନେ ଗ୍ରାମର ଅନ୍ୟ ଲୋକଙ୍କ ସହ ମିଶି ଯୁବତୀର ଗ୍ରାମକୁ ଯାଇ ପାରଂପରିକ ରୀତିରେ ଯୁବତୀକୁ ବାହା ଦେବାକୁ ପ୍ରସ୍ତାବ ରଖନ୍ତି । ସାମଗ୍ରିକ ଭାବେ କାପଡା ଗନ୍ଦା ବିବାହ ନିଷ୍ପତ୍ତିର କାରକ ଭାବେ ବିବେଚିତ ହୋଇଥାଏ । ଏଇ ଚଦରରେ ନିୟମ ରାଜାଙ୍କ ପ୍ରତିନିଧି ବିଦ୍ୟମାନ ହୋଇଥିବାରୁ ଏହାକୁ ପବିତ୍ର ବୋଲି ଧରିଥାନ୍ତି । ତେଣୁ ଚଦରକୁ ନେଇ ଅବିଶ୍ୱାସ କରିବା, କଥା ଦେଇ କଥା ଫେରେଇଲେ ଘୋର ପରିଣତି ଭୋଗିବାକୁ ପଡିପାରେ ବୋଲି ଗୋଟିଏ ବିଶ୍ୱାସ ରହିଛି । ଏଇ କାରଣରୁ ଗାମୁଛା ଗ୍ରହଣ କରିଥିବା ଯୁବତୀ ସେଇ ବିଶ୍ୱାସରେ ସଂପୃକ୍ତ ଡଂଗରିଆ ଯୁବକକୁ ବାହା ହୋଇଥାଏ । ସାମାଜିକ ଶୃଙ୍ଖଳା ରକ୍ଷା ଦିଗରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଭିନ୍ନ ପର୍ବପର୍ବାଣିରେ ଡଂଗରିଆ ପୁରୁଷ ଓ ମହିଳାମାନେ କାପଡା ଗନ୍ଦା ଘୋଡି ହୋଇ ଯିବାକୁ ପସନ୍ଦ କରନ୍ତି ।

ଅବଶ୍ୟ ଏବେ ସମୟ ସୁଅରେ ଡଂଗରିଆଙ୍କ ସାମାଜିକ ଚଳଣୀ ବଦଳି





ଯାଇଛି । ଆଧୁନିକତାର ପ୍ରଭାବରେ ଜୀବନଶୈଳୀ ବଦଳିଛି । ତଥାପି କାପଡା ଗନ୍ଦା ତାର ସ୍ଥିତି ରକ୍ଷା କରି ରହିଛି । ଏବେ ବି ଯୁବକଯୁବତୀମାନେ ବିଶେଷ ଉତ୍ସବ ଓ ପର୍ବପର୍ବାଣିରେ ଏଇ ଚଦରକୁ ବ୍ୟବହାର କରନ୍ତି । ସଂସ୍କୃତିରେ ଭରା ଏଇ ଚଦର ଏକଦା ସେମାନଙ୍କ ବ୍ୟବହାର ଲାଗି ସୀମିତ ଥିଲା । ସାମାଜିକ ଅର୍ଥନୈତିକ ବିକାଶ ଲାଗି ଏକଦା ଅନ୍ୱେଷା ନାମକ ଏକ ସଂସ୍ଥା ଏହାର ପ୍ରଥମ ବଜାରୀକରଣ କରିବା ଲାଗି ଉଦ୍ୟମ ଆରମ୍ଭ କରିଥିଲା । ତା' ପରଠାରୁ ଏଇ ଚଦର କେବଳ ଡଂଗରିଆ ଅଂଚଳ ଭିତରେ ସୀମିତ ହୋଇ ରହିନାହିଁ । ଏହା ଦେଶ ବିଦେଶକୁ ବ୍ୟାପି ଯାଇଛି । ଏହାର ନିଖୁଣ କାରୀଗରୀ କୌଶଳ ସବୁ ବର୍ଗର ଲୋକଙ୍କୁ ଆକର୍ଷିତ କରୁଛି । ବଜାରରେ କାପଡା ଗନ୍ଦାର ଚାହିଦା ବ୍ୟାପକ ଭାବେ ରହିଛି । ଗ୍ରାହକ କିଣିବାକୁ ଆଗ୍ରହ ଥିଲେ ବି ମିଳିପାରୁନି । ବର୍ତ୍ତମାନ ଗୋଟିଏ କପଡା ଗନ୍ଦାର ବଜାର ମୂଲ୍ୟ ପ୍ରକାର ଭେଦରେ ୨୦୦୦ ରୁ ୨୫୦୦ ଟଙ୍କା ରହିଥିବା ସ୍ଥଳେ ତଥାପି ଏହାର ଅଭାବ ଗ୍ରାହକଙ୍କୁ ନିରାଶ କରୁଛି । ଘର ସଜାଇବା, ନିଜେ ଘୋଡିହେବା ଏବଂ ମହିଳାମାନେ ଓଢଣୀ କରି ପିନ୍ଧିବାକୁ ବେଶି ପସନ୍ଦ କରୁଛନ୍ତି । ତେବେ ବଜାରର ଚାହିଦା ମୁତାବକ କାପଡା ଗନ୍ଦା ଡଂଗରିଆମାନଙ୍କ ପକ୍ଷେ ଯୋଗାଇବା ସମ୍ଭବ ହୋଇପାରୁନି । ଡଂଗରିଆ ଝିଅମାନେ ଚଦର ବୁଣିବାକୁ ଆଉ ଅଧିକ ପସନ୍ଦ କରୁ ନାହାଁନ୍ତି । ସେହିପରି ଅନୁସୂଚିତ ଜାତି ବର୍ଗର ଲୋକଙ୍କ ପକ୍ଷରୁ କାପଡା ଗନ୍ଦା ବୁଣିବା ଲାଗି ସ୍ୱତନ୍ତ୍ର ଚଦର ଉତ୍ପାଦନ ବି ହୋଇପାରୁନି । ଏଇ କାରଣରୁ କାପଡା ଗନ୍ଦା ଏବେ ସଂକଟଜନକ ସ୍ଥିତିରେ ଆସି ପହଂଚିଛି । ତେବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାପିତ **ଡଂଗରିଆ କନ୍ଧ ଉନ୍ନୟନ ସଂସ୍ଥା** ପକ୍ଷରୁ ଏହାର ସଂରକ୍ଷଣ ସାଂଗକୁ ଅଧିକରୁ ଅଧିକ ଭାବରେ ଉତ୍ପାଦନ ଲାଗି ଶିକ୍ଷିତ ଡଂଗରିଆ ଯୁବତୀମାନଙ୍କୁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରା ଯାଉଛି । ସ୍ୱତନ୍ତ୍ର ଚଦର ଆବଶ୍ୟକତା ଅନୁସାରେ ବଜାରରୁ ଖରିଦ କରାଯାଇ ଯୋଗାଯିବାର ବ୍ୟବସ୍ଥା କରାଯାଇଛି । ସେଥିରେ ବୁଣିବା ଲାଗି ଯୁବତୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି । ଜୈବିକ ରଂଗର ସୂତା ପ୍ରସ୍ତୁତ ଅପେକ୍ଷା ବ୍ରହ୍ମପୁରରୁ ଆସୁଥିବା ରଂଗୀନ ସୂତା ଗୁଡିକୁ ସହଜରେ ଉପଲବ୍ଧ କରାଯାଉଛି । କେବଳ ସେତିକି ନୁହେଁ ପାରଂପରିକ ଡଂଗରିଆ ଚିତ୍ରକଳା ଆଧାରିତ ମୋବାଇଲ୍ କଭର, ସ୍କୁଲ୍ ବ୍ୟାଗ୍, କନ୍‌ଫେରନ୍ସ ପ୍ୟାଡ୍ ଓ ୱାଲେଟ୍ ଆଦି ପ୍ରସ୍ତୁତ ଲାଗି ୧୬ଟି ଗ୍ରାମର ୨୬୭ ଜଣଙ୍କୁ ସ୍ୱତନ୍ତ୍ର ତାଲିମ ବ୍ୟବସ୍ଥା କରାଯାଇଛି । ଏଥିସହ ଏହାର ବ୍ୟବସାୟିକ ଦୃଷ୍ଟିକୋଣରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ, ଓଡିଶା ସରକାରଙ୍କ ସହାୟତାରେ ଭୌଗୋଳିକ ମାନ୍ୟତା (ଜିଆଇ ଟ୍ୟାଗ୍) ଲାଗି ଆବେଦନ କରାଯାଇଛି । ଏଥିପୂର୍ବରୁ ଡିଆଇସି, ଟିଡିସିସି, ଅନ୍ୱେଷା ଭଳି ଏନ୍‌ଜିଓ ପକ୍ଷରୁ ଡଂଗରିଆ ଯୁବତୀମାନଙ୍କୁ ତାଲିମ ବ୍ୟବସ୍ଥା କରା ଯାଇଥିଲା । ପରବର୍ତ୍ତୀ ସମୟରେ ଏହାକୁ ତ୍ୱରାନ୍ୱିତ କରାଯାଇଛି । କାପଡା ଗନ୍ଦା ଏବେ ସଂକଟଜନକ ସ୍ଥିତିରେ ଥିବାବେଳେ ଏହାର ବହୁଳ ଉତ୍ପାଦନ ଲାଗି ବୁଣା ମେସିନ ସ୍ଥାପନ ଲାଗି ବି ବିଭାଗ ପକ୍ଷରୁ ଯୋଜନା ରହିଛି ।



କପଡା ଗନ୍ଦା ବ୍ୟବହାର ଲାଗି ବ୍ୟବହୃତ ପ୍ରଚ୍ଛଦ ଚଦରକୁ କେବଳ ଜିଗିଡିର ରାମ ହିଆଲ ନିଜେ ବୁଣି ଡଂଗରିଆଙ୍କୁ ଯୋଗାଇ ଆସିଥିବାବେଳେ ତାଙ୍କ ବୟସ ଏବେ ଷାଠିଏରେ ପହଂଚିଛି । ଶାରିରୀକ ଅକ୍ଷମତା ହେତୁ ପୂର୍ବ ଭଳି ଆଉ ସେ ଚଦର ବୁଣି ଯୋଗାଇ ପାରୁ ନାହାଁନ୍ତି । ଏମିତିକି ତାଙ୍କ ଜାତିର କୌଣସି ଲୋକ ବି ଆଉ ବୁଣୁ ନଥିବାରୁ ପୂର୍ବ ଭଳି ଆବଶ୍ୟକତା ଅନୁସାରେ ଚଦର ଯୋଗାଇବା ସମ୍ଭବ ହୋଇପାରୁନି ବୋଲି ରାମ ହିଆଲ କହିଛନ୍ତି ।

ସମୟ ସୁଅରେ ଡଂଗରିଆଙ୍କ ଜୀବନଶୈଳୀ ବଦଳି ଯାଇଥିବାରୁ ଆଉ ପୂର୍ବ ଭଳି ଗାଁ ଗାଁରେ ଯୁବତୀମାନେ ଏଇ ଚଦର ବୁଣିବାକୁ ଆଗ୍ରହ ପ୍ରକାଶ କରୁ ନାହାଁନ୍ତି । ତା ଛଡା ଚିତ୍ରକଳା ବୁଣିବା ଲାଗି ଚଦର ଓ ରଂଗୀନ ସୂତା ମିଳିବାରେ ସମସ୍ୟା କାପଡା ଗନ୍ଦା ପ୍ରସ୍ତୁତିରେ ବଡ ପ୍ରତିବନ୍ଧକ ସାଜିଛି । ଏ ଦିଗରେ ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଛି । ତଥାପି ଆଶାନୁରୂପ ଭାବେ ଚଦର ଉତ୍ପାଦନ ହୋଇପାରୁନି ବୋଲି ଦୀର୍ଘ ବର୍ଷ ଧରି ଡିକେଡିଏରେ କର୍ମରତ କର୍ମଚାରୀ **ସୂର୍ଯ୍ୟ ନାରାୟଣ ପାଢୀ** କ୍ଷୋଭର ସହ କହିଛନ୍ତି ।

ଡଂଗରିଆ ଅଂଚଳ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ପ୍ରମୁଖ କେନ୍ଦ୍ର ପାଲଟି ଯାଇଛି । ଏଇ ଅଂଚଳକୁ ବୁଲିବା କ୍ରମରେ ସେମାନେ ଡଂଗରିଆ ହାଟ ବୁଲନ୍ତି । ଡଂଗରିଆଙ୍କ ଲାଗି ଉଦ୍ଦିଷ୍ଟ ଡୋକ୍ରା ସାମଗ୍ରୀ କିଣିଥାନ୍ତି । ଏଥିସହ ଡଂଗରିଆ ଚଦର କାପଡା ଗନ୍ଦା କିଣିବାକୁ ଆଗ୍ରହ ପ୍ରକାଶ କରନ୍ତି । କିନ୍ତୁ ଏହା ସହଜରେ ଉପଲବ୍ଧ ହୋଇପାରୁନି । ଏ ଦିଗରେ ବିଭାଗ ଉଦ୍ୟମ ଦେବା ଆବଶ୍ୟକ । ଫଳରେ ଡଂଗରିଆଙ୍କ ସାମାଜିକ- ଅର୍ଥନୈତିକ ବିକାଶ ସମ୍ଭବ ହୋଇପାରନ୍ତା ବୋଲି କୁଭି ଭାଷା ବିଶେଷଜ୍ଞ **ତ୍ରିପତି ହୁଇକା** କହିଛନ୍ତି ।

ବଜାରୀକରଣ ଯୁଗରେ ବ୍ୟବସାୟିକ ସଫଳତା ହାସଲ ସହଜ ଥିବାବେଳେ 'କାପଡାଗନ୍ଦା'ର ଅଭାବ ଡଂଗରିଆ ଜନଜାତିଙ୍କ ସାମାଜିକ ଅର୍ଥନୈତିକ ପ୍ରଗତିରେ ନିଶ୍ଚିତ ପ୍ରତିବନ୍ଧକ । ଅପରପକ୍ଷେ ଏହାର କେବଳ ବ୍ୟବସାୟିକ ଦିଗ ପ୍ରତି ଦୃଷ୍ଟି ନ ଦେଇ ସାଂସ୍କୃତିକ ସଂରକ୍ଷଣ ଦିଗରେ ଯଥେଷ୍ଟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।

# ଶିଖର ପୁରୁଷ
# ଚନ୍ଦ୍ରଶେଖର



# ମୋ ନନା ମୋ ପାଇଁ ହୀରୋ

**ଉଷା ମିଶ୍ର**
ବାଙ୍ଗାଲୋର
ଫୋନ : ୯୦୦୮୦୫୪୭୮୮

ଫଟୋ ସୌଜନ୍ୟ : ଲେଖିକା






▲ ଲେଖିକା ଉଷା ମିଶ୍ର

ଲୋକେ କୁହନ୍ତି ଯେ, ମୋ ନନା (ବାପା) ଜଣେ ଯୁଗପୁରୁଷ ଥିଲେ । କିନ୍ତୁ ମୋ ପାଇଁ ସେ କଣ ଥିଲେ ତାହା ମୁଁ ହୁଏତ ବର୍ଣ୍ଣନା କରି ପାରିବି ନାହିଁ । ପ୍ରତ୍ୟେକ କ୍ଷେତ୍ରରେ ଅଗାଧ ପାଣ୍ଡିତ୍ୟ ବ୍ୟତୀତ ତାଙ୍କର ଆକର୍ଷଣୀୟ ବ୍ୟକ୍ତିତ୍ୱ, ଅମାୟିକ ବ୍ୟବହାର ଏବଂ ଆତ୍ମାଖୋଲା ହସ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦିଏ । ସେ ଏକାଧାରରେ କେବଳ ଜଣେ ସୁଲେଖକ, ସୁବକ୍ତା, ଶିକ୍ଷାବିତ୍ ନଥିଲେ, ସେ ଜଣେ ଶିଳ୍ପୀ ଓ ଚିତ୍ରକର ଥିଲେ ବୋଲି ବହୁତ କମ ଲୋକ ଜାଣିଥିବେ । ପୂଜା କରିବା ସମୟରେ ତାଙ୍କର ଉଚ୍ଚ ସ୍ୱରରେ ମନ୍ତ୍ର ଉଚ୍ଚାରଣ ଆମ ବ୍ୟତୀତ ବହୁତ କମ ଲୋକ ଶୁଣିଥିବେ । ଆମେ ବାପା ଓ ମା'ଙ୍କୁ ନନା ଓ ବୋଉ ବୋଲି ଡାକୁ । ଚାକିରି ପାଇବା ପୂର୍ବରୁ ନନା ଇଣ୍ଡିଆନ୍ ନେଭିରେ ଥିବାରୁ ତାଙ୍କର ଜୀବନ ଶୈଳୀ ଖୁବ୍ ଶୃଙ୍ଖଳିତ ଥିଲା । ଆମେ ପିଲାମାନେ ମଧ୍ୟ ତାଙ୍କୁ ଅନୁକରଣ କରିବାରେ ନିଜକୁ ଗର୍ବିତ ମନେ କରୁଥିଲୁ, ଯଦିଓ ତାହା ଆମମାନଙ୍କ ପାଇଁ ଖୁବ୍ କଷ୍ଟକର ଥିଲା । ଯେମିତିକି ସିଏ ଠିକ୍ ରାତି ଆଠଟା ସୁଦ୍ଧା ତାଙ୍କର ରାତ୍ରି ଭୋଜନ ସାରୁଥିଲେ ଏବଂ ଭୋର୍ ଚାରିଟାରେ ନିତ୍ୟକର୍ମ ସାରି ପ୍ରତିଦିନ ୬ କି.ମି. ପ୍ରାତଃଭ୍ରମଣ ପାଇଁ ବାହାରି ଯାଉଥିଲେ । ଏସବୁ ଆମ ପାଇଁ କଷ୍ଟକର ଥିଲା । ସିଏ ଆମକୁ କେଉଁ ବୟସ ଆଉ ପ୍ରଫେସନ୍ ପାଇଁ କେମିତି ପୋଷାକ ପିନ୍ଧିବା ଉଚିତ, ଟେବୁଲ୍ ମ୍ୟାନରସ୍ କଣ ତାହା ଶିଖାଉଥିଲେ । ଏମିତି ଅନେକ କଥା, କହି ବସିଲେ ଗୋଟିଏ ଜନ୍ମ ଯଥେଷ୍ଟ ନୁହେଁ ।



ବାପା ହେବା ଏବଂ ବାପାପଣ ଭିତରେ ଫରକ ଅନେକ । ଏହି ଫରକଟି ଚନ୍ଦ୍ରଶେଖର ରଥଙ୍କ ଝିଅ ହୋଇଥିବାରୁ ମୁଁ ବୁଝିବାରେ ସକ୍ଷମ ହୋଇଛି, ଏହା ମୋର ପରମ ସୌଭାଗ୍ୟ । ପିଲାଟି ଦିନରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା ତ ବର୍ଣ୍ଣନା କରିହେବ ନାହିଁ । ମୁଁ ପିଲାଦିନରୁ ନିଜ ଭିତରେ ମଗ୍ନ ରହିବା ଓ ନିରୋଳା ଜାଗାରେ ବସି ବିଭିନ୍ନ ପ୍ରକାର ଲୋକ ଏବଂ ଘଟଣା ବିଷୟରେ ଭାବିବାକୁ ଭଲ ପାଉଥିଲି । ହୁଏତ ସେଥିପାଇଁ ପିଲାଦିନର କିଛି ଘଟଣା ଏ ପର୍ଯ୍ୟନ୍ତ ଝାପସା ଭାବରେ ମନେଅଛି । ମୋ ଭାଇ ଓ ଭଉଣୀମାନେ ସ୍କୁଲ୍ ଗଲା ପରେ ମୁଁ ଘରେ ଏକୁଟିଆ ରହୁଥିଲି । ସେତେବେଳେ ଭାବୁଥିଲି କେମିତି ନନା ବୋଉଙ୍କର କାମରେ ସାହାଯ୍ୟ କରି ଟିକେ ପ୍ରଶଂସା ପାଇବି । ମୁଁ ଖଟ ତଳେ ଲୁଚିକରି ନନାଙ୍କ ଜୋତା ପାଲିସ୍ କରି ଠିକ୍ ଜାଗାରେ ରଖି ଦେଉଥାଏ । ଯେତେବେଳେ ନନା ଜୋତା ପିନ୍ଧିବାକୁ ଯାଆନ୍ତି ତାଙ୍କର ଭୂଲତା ଉପରକୁ ଉଠିଯାଏ । ସେ ଖୁବ୍ ପ୍ରଶଂସା କରନ୍ତି ଜୋତା ପାଲିଶ୍ କରିଥିବା ଗୁଣାତ୍ମକ ମଣିଷଟିକୁ, ସେ ଜାଣିଥାନ୍ତି ଯେ ଏ କାମ କାହାର । କିନ୍ତୁ ମୋତେ ସେ ଜଣାନ୍ତି ନାହିଁ ।

ଆଉ ଗୋଟିଏ ଘଟଣା, ସେତେବେଳେ ପୁରୁଣା ଡାକବଙ୍ଗଳା ଗୁଡ଼ିକୁ ଗଭରମେଣ୍ଟ୍ କ୍ୱାର୍ଟର୍ ହିସାବରେ ବ୍ୟବହାର କରାଯାଉଥିଲା । ଆମେ ସେମିତି ଗୋଟିଏ ଘରେ ରହୁଥିଲୁ । ଆମ ଘର ଚାରିପାଖରେ ପାଚେରୀ ଥିଲା । ଭିତରେ ବହୁତ ଖୋଲା ଜାଗା ଥିଲା । ମୁଁ ସବୁବେଳେ ନିଜର ଗୋଟିଏ ପରିଧି ଭିତରେ ରହିବାକୁ ପସନ୍ଦ କରୁଥିବାରୁ, ନିଜେ ଗୋଟିଏ ଘର ତିଆରି କରିବାକୁ ଭାବିଲି । ସେତେବେଳେ ମୋତେ ୫ ରୁ ୭ ବର୍ଷ ବୟସ । ମୁଁ ଅଦରକାରୀ ଇଟାଗୁଡ଼ିକ ଥାକ ମାରି ଦୁଇ ପାଖରେ ଏବଂ ପଛପଟେ ୩ ଫୁଟ୍ ଉଚ୍ଚର କାନ୍ଥ ଉଠାଇ ତା ଉପରେ କାଠ ପଟାର ଛାତ ଆଉ ସାମ୍ନାରେ ଗୋଟେ ଅଖାର ପରଦା ଝୁଲାଇ ଭିତରେ ପୁରୁଣା ଚାଦର ପକାଇ ତା ଉପରେ ମୁଁ ବସି ସାରିଲା ପରେ ସାମ୍ନାର ଅଖା ପରଦାଟି ପକାଇ ଦେଇ ଭାବୁଥିଲି ମୋତେ କେହି ଦେଖି ପାରିବେନି । ଯେତେବେଳେ ସମସ୍ତେ ମୋତେ ଖୋଜନ୍ତି, ମୁଁ ସେମାନଙ୍କୁ ଭିତରେ ଥାଇ ଦେଖୁଥାଏ । ନନା ସକାଳୁ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କଲା ବେଳେ ମୁଁ ଭାବୁଥାଏ ଯେ ସେ ନିଶ୍ଚୟ ମୋତେ ଦେଖିଦେବେ । ସେ ଜାଣନ୍ତି ଯେ ମୁଁ ସେଠି ଲୁଚିଛି । କିନ୍ତୁ କାହାକୁ କିଛି କହନ୍ତି ନାହିଁ । ତାଙ୍କ କହିବା କଥାହେଲା, ବାପାମାଆ ମାନେ ପିଲାଙ୍କ ନାଚୁରାଲ୍ କ୍ରିଏଟିଭିଟିକୁ ବାଧା ସୃଷ୍ଟି କରିବା ଉଚିତ ନୁହେଁ । ହୁଏତ ସେଥିପାଇଁ ମୁଁ ଆଜି ଜଣେ ସଫଳ ଚିତ୍ରକର ହୋଇପାରିଛି । ତାଙ୍କ ପାଦତଳେ ମୋର ବିନମ୍ର ପ୍ରଣାମ ।



ଆମ ଘରେ ପୂଜାପାର୍ବଣୀରେ ନନା ନିଶ୍ଚିତ ଭାବରେ ମୂର୍ତ୍ତି କିମ୍ବା ଚିତ୍ର ଆଙ୍କୁଥିଲେ । ଆମେ ସକାଳୁ ଘରେ ହୋଇଥିବା ପିଠା ଖାଇ ସାରିଲା ପରେ ସେ ମୋତେ ନେଇ ବାହାରି ଯାଉଥିଲେ ଉଇହୁଙ୍କାର ସନ୍ଧାନରେ । କଳା ରଙ୍ଗର ଉଇ ହୁଙ୍କାଟି ଆମ ମାଳି (ତା ନାମ ଖୀରୁ ଥିଲା)କୁ ଦେଖାଇ ଦେଇ ଆମେ ପରବର୍ତ୍ତୀ ଯୋଜନାରେ ଲାଗି ଯାଉଥିଲୁ । ଯେମିତିକି ହାତୁଡ଼ି, ପାଣି, ଚାଲୁଣି, ବଡ଼ ସାଇଜର ପଲିଥିନ୍ ପେପର୍ ଏସବୁ ଯୋଗାଡ଼ କରି ରଖୁଥିଲୁ । ଖୀରୁ ମାଟିକୁ ବସ୍ତାରୁ କାଢ଼ି ଗୁଣ୍ଡ କରି ସାରିଲା ପରେ ଚଟାଣ ସଫା କରୁଥଇଲା । ତାପରେ ପଲିଥିନ୍ ବିଛାଇ ତା' ଉପରେ ଗୁଣ୍ଡ ମାଟିକୁ ଛାଣି ରଖି ପାଣି ଛିଞ୍ଚିବା ପରେ ଆଉ ଖୀରୁର କାମ ଶେଷ । ତା'ପରେ

▼ନିଜ ବାପାଙ୍କ ସହିତ ଲେଖିକା ଉଷା ମିଶ୍ର



ଆମେ ଲଂଚ୍‌ ଖାଇବାକୁ ଯାଉଥିଲୁ । ମୂର୍ତ୍ତି ଗଢ଼ିବା କାମ ନନା ସବୁବେଳେ ଦ୍ୱିପ୍ରହରରେ ପସନ୍ଦ କରୁଥିଲେ । ଆମ୍ବ ଗଛ ତଳେ ଆରାମଚେୟାର୍‌ରେ ବସି ନିଜେ ତିଆରି କରିଥିବା ଶିଶୁକାଠର ଟେବୁଲ୍‌ ଉପରେ ମାଟି ପିଣ୍ଡୁଳାଟିକୁ ରଖୁଥିଲେ । ତା' ଉପରେ ହାତ ରଖି କିଛି ସମୟ ଭାବନା ରାଇଜରେ ବୁଡ଼ି ଯାଉଥିଲେ । ମୁଁ କିଛି ଜାଣି ପାରୁନଥିଲି । ମୁଁ କେବଳ ଘାସ ଉପରେ ଚକାମାରି ବସିରହି ତାଙ୍କ ମୁହଁକୁ ବଲବଲ ଅନେଇ ରହୁଥିଲି । ଥରେ ଏମିତି ବି ହୋଇଛି ଯେ ଶେଷକୁ ସିଏ ଏକ ଗଭୀର ନିଃଶ୍ୱାସ ଛାଡ଼ି, 'ନା ଆଜି ଆଉ ହେବ ନାହିଁ' କହି ମାଟି ଉପରେ ଓଦା କନା ଗୁଡ଼େଇ ରଖି ଦିଅନ୍ତି, ତା'ପର ଦିନ ଯେତେବେଳେ ସେ କପଡ଼ା ଖୋଲି ମାଟି ଉପରେ ଅନେକ ଟିପ ଚିହ୍ନ ଦେଖନ୍ତି ଆଖି ବଡ଼ବଡ଼ କରି ମୋତେ ଚାହିଁ କହନ୍ତି, "ଆଜି ନିଶ୍ଚୟ କିଛି ନା କିଛି ବନେଇବା ।" ଭାରି ସୁନ୍ଦର ଭାବରେ ମୂର୍ତ୍ତିଟି ଗଢ଼ା ହୋଇଯାଏ ତାପରେ । ଯଦିଓ ମୁଁ ତା'ର କିଛି ଅର୍ଥ ବୁଝି ପାରୁ ନଥିଲି । ଏବେ ସେଇ ମୂର୍ତ୍ତିଗୁଡ଼ିକ ଦେଖିଲେ ବୁଝି ପାରୁଛି ଯେ ନନା ସେତେବେଳେ କେତେ ଗଭୀର ଭାବରେ ଚିନ୍ତା କରୁଥିଲେ ।

ସରସ୍ୱତୀ ପୂଜା, ଗଣେଶ ପୂଜାରେ ନନା ନିଜେ ଯେଉଁ ପେଣ୍ଟିଂ କରୁଥିଲେ ତାକୁ ଆମେ ପୂଜା କରୁଥିଲୁ । ନନା ସରସ୍ୱତୀଙ୍କୁ ମଲ୍ଲି ଫୁଲ ମାଳାରେ ସଜାଇବାକୁ କହୁଥିଲେ । ସେହିପରି ଗଣେଶଙ୍କୁ ନାଲି ମନ୍ଦାର ମାଳ । ପ୍ରତ୍ୟେକ ପୂଜା ସେ ନିଜେ ହିଁ କରୁଥିଲେ । ତାଙ୍କର ଗମ୍ଭୀର ସ୍ୱର ସାଙ୍ଗକୁ ସଂସ୍କୃତରେ ସ୍ପଷ୍ଟ ମନ୍ତ୍ର ଉଚ୍ଚାରଣ ଥିଲା ଅତୁଳନୀୟ । ସତେକି ସେ ଶବ୍ଦଗୁଡ଼ିକ ନିଜେ ଭଗବାନ ଶୁଣୁଛନ୍ତି । ଘରେ ସେଇ ପର୍ବପର୍ବାଣି ଏବେ ବି ହେଉଛି, କିନ୍ତୁ ସେମିତି ଭାବରେ ହୁଏତ ଆଉ ହେଉନି, ଯେମିତି ନନା ଥିଲା ବେଳେ ହେଉଥିଲା ।

ସମସ୍ତେ ଶୁଣି ଭାରି ଆଶ୍ଚର୍ଯ୍ୟ ହୁଅନ୍ତି ଯେ ଆମେ କେବେ ବି ତାଙ୍କ ଠାରୁ ଗାଳି କିମ୍ବା ମାଡ଼ ଖାଇନାହୁଁ । କିନ୍ତୁ ଏହା ସତ୍ୟ । ସେ ଆମ ପିଲାମାନଙ୍କୁ ମଧ୍ୟ ମାଡ଼ ନଦେବା ପାଇଁ ସବୁବେଳେ କହୁଥିଲେ । ସେ ଆମକୁ ବୁଝାନ୍ତି ଯେ ଛୋଟ ପିଲାମାନେ ଭୁଲ୍‌ କଲେ ଆମେ ନିଜ ମନକୁ ଶାନ୍ତ କରିବା ପାଇଁ ସେମାନଙ୍କୁ ମାଡ଼ ମାରୁ, ଯେଉଁଟା କି ତାଙ୍କ ଶରୀର ଏବଂ ମନ ଉପରେ ପ୍ରଭାବ ପକାଇଥାଏ । ତାଙ୍କ ଭିତରେ ଯେଉଁ ସତ୍ତାଟି ଅଛି ତାକୁ ଆମକୁ ବୁଝିବା ଉଚିତ । ଥରେ ଆମେ ବୁଝିଗଲେ ଆଉ ପିଲାଙ୍କୁ ମାରିବାକୁ ଇଚ୍ଛା ହେବ ନାହିଁ । ନନା ମୋ ପାଇଁ ହିରୋ ଥିଲେ ଏବଂ ଅଛନ୍ତି ବି ।





### ନନାଙ୍କ ସ୍ମୃତିରେ ଏକ କବିତା

"ତୁମେ ଗଲା ପରେ ସବୁ ସ୍ତବ୍ଧ ଏଠି । / ସ୍ୱର୍ଣ୍ଣଚମ୍ପା ତ ଚାଲିଗଲା, / ଟଗର ଗଛର କଢ଼ ଆସେ / କେବେ କେମିତି । / କାଉଁରିଆ ପାଗ ଏଠି / କାଚ କପର ଚା' ଥଣ୍ଡା ହୁଏ / ସୂର୍ଯ୍ୟ ଉଅଁନ୍ତି ଛାତ ଉପରେ / କେବେ କେମିତି । / ବାକି ସବୁ ଗତାନୁଗତିକ / ପର୍ବପର୍ବାଣି ହୁଏନା ଆଉ / ପୂଜାଘର ଖୋଲା ହୁଏ / କେବେ କେମିତି । / ତୁମେ ଗଲା ପରେ ସବୁ ସ୍ତବ୍ଧ ଏଠି । - ***ଊଷା ମିଶ୍ର***

ଚନ୍ଦ୍ରଶେଖର ରଥ : ମୋ ବାପା । ନିଖୁଣ ମଣିଷଟିଏ । ଜଣେ ସୁଯୋଗ୍ୟ ପୁତ୍ର, ଆଦର୍ଶ ପତି ଏବଂ ପିତା ଭାବେ ସେ ଅଦ୍ୱିତୀୟ । ମୁଁ ବାଙ୍ଗାଲୋର୍‌ରେ ରହେ, କିନ୍ତୁ ଏମିତି ଗୋଟିଏ ଦିନ ନାହିଁ ଯେ ନନା ମୋର ସ୍ମୃତିରେ ଆସି ନାହାନ୍ତି ! ମୋ ଘରର କେଉଁ ସ୍ଥାନରେ ସେ ବସିବାକୁ ଭଲପାଉଥିଲେ, କେତେବେଳେ କୋଉ କଥା କହୁଥିଲେ, ବାଙ୍ଗାଲୋର୍‌ର ଅରବିନ୍ଦ ଆଶ୍ରମରେ କେମିତି ଭାଷଣ ଦେଉଥିଲେ, ସବୁକଥା ଏମିତି ପରସ୍ତ ପରସ୍ତ ମନେପଡ଼େ । ମନ ଭିତରର ଏହି ଶୂନ୍ୟ ସ୍ଥାନ ବଢ଼ିଗଲେ ଭାରି ଅଣନିଶ୍ୱାସୀ ଲାଗେ । ଆଉ ଏପରି ସନ୍ଧି ସମୟରେ ମୁଁ ତୂଳୀରେ ଚିତ୍ର କରେ । ନହେଲେ କବିତା ଲେଖେ । ନିଜକୁ ହାଲ୍‌କା କରିବା ପାଇଁ ।

# ମହାନଦୀ


## ରଂଜନ ପ୍ରଧାନ

**ବରିଷ୍ଠ ସାମ୍ବାଦିକ, 'ସମ୍ବାଦ', ଭୁବନେଶ୍ୱର**
**ଫୋନ : ୯୪୩୭୨୧୩୮୫୪**

**ଫଟୋ ସୌଜନ୍ୟ : ଲେଖକ**


ଯଶୋଧାରା (ଛଦ୍ମନାମ) ନାମ୍ନୀ ଜଣେ ଦେହଜୀବି ସହ ପରିଚୟ ହୁଏ, ଗୋଟିଏ ନିର୍ଦ୍ଧୂମ୍ ଖରାବେଳେ, ଅନୁଗୁଳ ଜିଲ୍ଲା ଟିକରପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟରେ, ମହାନଦୀ କୂଳର ଏକ ଗୋପନୀୟ ବସ୍ତିରେ । ମହାନଦୀ ଓ ସାତକୋଶିଆ ଗଣ୍ଡ ଯଶୋଧାରାକୁ ଦେଇଥାଏ, ଜୀବନ ଓ ଜୀବିକାର ପ୍ରତିଶ୍ରୁତି ଓ ଦେଖେଇଥାଏ ବଞ୍ଚିବାର ରାହା । ମହାନଦୀର ଭୟଙ୍କର ନୀରବତା, ସାତକୋଶିଆ ଗଣ୍ଡର ଛଳଛଳ ନୀଳ ଜଳ, ଘଞ୍ଚ ଶାଳ ଜଙ୍ଗଲ, ପାହାଡ଼, କୁମ୍ଭୀର, ଯଶୋଧାରାର ମଳିଛିଆ ଦେହର ମୋହରେ କେଜାଣି କାହିଁ କେଉଁଠୁ ଛୁଟି ଆସନ୍ତି ଦୂରନ୍ତ ଆଗନ୍ତୁକ ।

ଯେମିତି ଟିକରପଡ଼ାରେ ଥାଏ, ଜଙ୍ଗଲୀ ହାତୀ ଓ ବାଘଙ୍କ ଭୟ, ମହାନଦୀର ପାଣିରେ କୁମ୍ଭୀର ଡର; ସେମିତି ପାଖ ବସ୍ତିରେ ଥାଏ ନିଷିଦ୍ଧ ଦେହର ବ୍ୟାକୁଳ ପଣ । ତଥାପି ମହାନଦୀ ଓ ଯଶୋଧାରା ନିଜ ଲକ୍ଷ୍ୟ ଓ କର୍ମମୟ ଜଞ୍ଜାଳକୁ ନେଇ ଥା'ନ୍ତି ବ୍ୟସ୍ତ ।

ଦେହର ମାର୍କେଟିଂ କରି ସଞ୍ଜକୁ ଶହେ ଦୁଇଶ' ରୋଜଗାର କରିବା ପରେ ତଥାପି କ୍ଳାଂତ ହୋଇ ନଥାଏ ଯଶୋଧାରା । ଏହାରି ମଧ୍ୟରେ ମହାନଦୀକୁ ଆଗେଇବାକୁ ହୁଏ ପାରାଦୀପ, ବଙ୍ଗୋପସାଗର ଆଡ଼େ ତ' ଯଶୋଧାରାକୁ ଅପେକ୍ଷା କରିବାକୁ ହୁଏ ପରଦିନ ସୂର୍ଯ୍ୟ ଉଦୟ ହେବା ଯାଏ ।

ଏତେ ବଡ଼ ଦୁନିଆରେ, ଯଶୋଧାରାର ବାପା, ମା', ଭାଇ; କେହି ତା' ସହ ନଥିଲେ । ସେ ପାଖ ଢେଙ୍କାନାଳ ଜିଲ୍ଲାର କୋଉ ଏକ ନିପଟ ପଲ୍ଲୀ ଗାଁରୁ ଏଠାକୁ ଚାଲି ଆସିଥିଲା । ଆଉ ଜୀବନଜୀବିକା ଦାୟରେ ମହାନଦୀ କୂଳରେ ସେ ରହିଯାଇଛି ସବୁଦିନ । ଆଉ ଫେରିନି ଗାଁକୁ ଓ ନିଜ ମାଟିକୁ । ଟିକରପଡ଼ା ଶିଖାଇଛି ତାକୁ ଦେହର ବିନିମୟରେ ଟଙ୍କା ରୋଜଗାରର ପନ୍ଥା ।

ସେଦିନ ଅପରାହ୍ନର ସାକ୍ଷାତରେ, ଯଶୋଧାରାର ପ୍ରଥମ ବ୍ୟବହାର ଥିଲା କ୍ରୁର ଓ ବ୍ୟବସାୟିକ । ମାତ୍ର ଧୀରେ ଧୀରେ ତା'ର କଠୋରପଣ ତରଳିବା ଆରମ୍ଭ କରିଥିଲା ପ୍ରଚଣ୍ଡ ସୂର୍ଯ୍ୟ କିରଣରେ । ଓଃ, ତା' ଛାତି ତଳ ଥିଲା ସତରେ ଏତେ କୋମଳ ! ଅନୁଗୁଳ ସହରରୁ, କଟକ-ସମ୍ବଲପୁର ଜାତୀୟ ରାଜପଥ

# ନଦୀର ନାଁ : ମହାନ



ଲେଖକ ରଂଜନ ପ୍ରଧାନ

ଦେଇ ବଡ଼କେରା ଛକରେ ପହଞ୍ଚିଲାବେଳକୁ ସକାଳ ବୟସ୍କ ହେଉଥାଏ । ବଡ଼କେରାରୁ ଆମର ଯାତ୍ରା ଆରମ୍ଭ ହୁଏ, ଟିକରପଡ଼ା ସାତକୋଶିଆ ଗଣ୍ଡ ଅଭିମୁଖେ । ବଡ଼କେରା ଛକରୁ ବାମକୁ ଭାଙ୍ଗି ଏକ ପତଳା ପିଚୁ ରାସ୍ତା ଧରିଲୁ । ବଡ଼କେରାରୁ କିଛିବାଟ ଅତିକ୍ରମ କରିବା ପରେ ବଡ଼ଦାଣ୍ଡ ସାହି, ରାମିଆମୁଣ୍ଡା ଗାଁରେ ପହଞ୍ଚିଲାବେଳକୁ ଆମେ ଟିକରପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରୁଥାଉ । ଆଗକୁ ଜଙ୍ଗଲ ଓ ଜନପଦର ଲୁଚକାଳି ଖେଳ ଆମକୁ ବିମୋହିତ କରୁଥାଏ । ପତ୍ରଝଡ଼ା ପରେ ସଜସଜ କଅଁଳିଥିବା ସବୁଜ ପତ୍ରଙ୍କ ସାଥୀରେ ଡେଙ୍ଗୀ ଶାଳଗଛମାନେ ଆମକୁ ସ୍ୱାଗତ କରୁଥାନ୍ତି । ଚତୁର୍ଦ୍ଦିଗରେ ଘଞ୍ଚ ଜଙ୍ଗଲ ଓ ଶାଳବଣ । ଏହାରି ମଧ୍ୟରେ ଠାଏ ଠାଏ ଜନବସତି । ସୋରିଷପାଳ, ପାଞ୍ଜିଆସାହି, ମଦନମୋହନପାଟଣା, କରମଙ୍ଗାସାହି ଭଳି କେତେ ଗାଁ ଅତିକ୍ରମ କରି ପହଞ୍ଚୁ କରତପଟା ଛକରେ । କରତପଟା ଛକଟି ଗୋଟିଏ ଛୋଟକାଟର ବଜାର ଭଳି ମୁଣ୍ଡ ଟେକୁଥାଏ । ଚା', ଜଳଖିଆ ଦୋକାନ ସାଙ୍ଗକୁ ଗୋଟିଏ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟ ସେଠିଥାଏ ।

କରତପଟା ଛକରୁ ଆମେ ପଶୁଥାଉ ଟିକରପଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟକୁ । ଏହାରି ମଧ୍ୟରେ ପଡ଼େ ପବଲା, ପମ୍ପାସର ଭଳି ଆଉ କିଛି ଜନବସ୍ତି । ଏସବୁ ଅତିକ୍ରମ କରି ଶେଷରେ ପହଞ୍ଚିବାକୁ ହୁଏ ଟିକରପଡ଼ା ଠାରେ, ଯେଉଁଠି ମହାନଦୀର ଅପରୂପ ସୌନ୍ଦର୍ଯ୍ୟ କାହାରିକୁ ବି ବିଭୋର କରିଦେବ, ପାଗଳ କରିଦେବ !

ସେଦିନ ସଞ୍ଜରେ ଟିକରପଡ଼ାରୁ ଫେରି ଆସିବାକୁ ପଡ଼ିଥିଲା ନିଜ କର୍ମସ୍ଥଳୀକୁ । ମାତ୍ର ଯଶୋଧାରା ଓ ମହାନଦୀର ସ୍ମୃତି; ଶରୀର ଓ ମନକୁ ବେକାବୁ କରି ରଖିଛି ଆଜିଯାଏଁ । ଯଶୋଧାରାର ଅନେକ ଅକୁହା କାହାଣୀ ଓ ମହାନଦୀର ସାତକୋଶିଆ ଗଣ୍ଡ, ଏହାର ନୀଳଜଳରେ ଖେଳୁଥିବା ଟିକିଟିକି ଢେଉମାନଙ୍କୁ ଭୁଲିହେବନି ମଲାଯାଏ । ଭୁଲି ହେବନି ବି ପୁରୁଣାକୋଟ, ସାତକୋଶିଆ, ଛୋଟକେଇର ବିସ୍ତୀର୍ଣ୍ଣ ଲ୍ୟାଣ୍ଡସ୍କେପ୍ ।

ନୟାଗଡ଼ ଜିଲ୍ଲାର ଛାମୁଣ୍ଡିଆ ପ୍ରବେଶ ପଥ ଦେଇ ସାତକୋଶିଆ ମଧ୍ୟକୁ ପ୍ରବେଶ କରିବା ମଧ୍ୟରେ ଆପଣ ଛାମୁଣ୍ଡିଆର ଶାନ୍ତସବୁଜ ପରିବେଶ, ମଣିଭଦ୍ର ପାହାଡ଼ର ସୌନ୍ଦର୍ଯ୍ୟ, ବଡ଼ମୂଳ, ସାପପଥର, କୁଆଁରିଆ, ବୈଶିପାଲ୍ଲୀ ଅଭୟାରଣ୍ୟ, ସାତକୋଶିଆ ଗଣ୍ଡ ଓ ମହାନଦୀ ଅବବାହିକାର ଘଞ୍ଚ ସବୁଜ ଜଙ୍ଗଲର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ । ସେହିଭଳି ବୌଦ୍ଧ ଜିଲ୍ଲାର କୁସଙ୍ଗ ପ୍ରବେଶ ପଥ ଦେଇ ସାତକୋଶିଆ ବନ୍ୟପ୍ରାଣୀ ଅଭୟାରଣ୍ୟ ମଧ୍ୟକୁ ଯିବା ପଥରେ ଆପଣ କନକେଇ ଦେବୀ ପୀଠ ଏବଂ ଘନ ଜଙ୍ଗଲର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ ।

## ମହାନଦୀର ଉତ୍ପତ୍ତି ଓ ସର୍ପିଳ ଗତିପଥ


ମହାନଦୀ ଛତିଶଗଡ଼ର ମୁହୁକୋଟ୍, ଅମୋଗାଁ ଓ ତୋତାଝରିଆର ମଧ୍ୟ ସ୍ଥଳରୁ ଉତ୍ପତ୍ତିଲାଭ କରି ଲଖନପୁରୀ, ବିଶ୍ରାମପୁରୀ, ପୋଡ଼ାଗାଁ, ପନ୍ଦେରୱାହି, ଘୋଘୋପୁରୀ, ରାବିନିସିଂଘି, ସିର୍ସିଦା, ସିହାୱା ଦେଇ ଗତି କରିବା ପରେ ଦୁଧୱା ନିକଟରେ ମହାନଦୀ ଉପରେ ଏକ ଡ୍ୟାମ୍ ନିର୍ମିତ ହୋଇଛି । ଏହା ଦୁଧୱା ଡ୍ୟାମ୍ ଭାବେ ପରିଚିତ । କେତେକ କହନ୍ତି; ମହାନଦୀ ଛତିଶଗଡ଼ର ସିହାୱା ନିକଟରୁ ଉତ୍ପତ୍ତିଲାଭ କରିଛି; ମାତ୍ର ମୋ' ମତରେ (ଗୁଗୁଲ୍ ମ୍ୟାପ୍ ଆଧାରରେ) ମହାନଦୀ ସିହାୱାର ଆଉ କିଛି ବାଟ ପୂର୍ବରୁ ନିର୍ଗତ ହୋଇଛି ।

ଦୁଧୱା ଡ୍ୟାମ୍ ଆଗକୁ ବେୱାର୍ଡି ନିକଟରେ ମହାନଦୀ ସହ ଆଉ ଏକ ଧାର ଆସି ମିଶିଛି । ପୁଣି ବାମ ପାର୍ଶ୍ୱରୁ ଦଶପୁର ନିକଟରେ ମହାନଦୀର ଦ୍ୱିତୀୟ ଉପନଦୀ ଦୁଧ ନଦୀ ମିଳିତ ହୋଇଥିବାବେଳେ ସାମାନ୍ୟ ଆଗକୁ ଭିରାୱାହି ନିକଟରେ ଅନ୍ୟ ଏକ ସ୍ରୋତ ମହାନଦୀ ସହ ମିଳିତ ହୋଇଛି । ଆଗକୁ ଗଁରେଲ୍ (ଗଙ୍ଗ୍ରେଲ୍)ଠାରେ ଗଙ୍ଗ୍ରେଲ୍ ଡ୍ୟାମ୍ ନିର୍ମିତ ହୋଇଛି ।

ଗଙ୍ଗ୍ରେଲ୍ ଡ୍ୟାମ୍‌ର ଆଗକୁ ନୱାପାରାନଗର ଓ ରାଜିମ୍ ନିକଟରେ ମହାନଦୀର ଉପନଦୀ ପଏରୀ ନଦୀ ଦକ୍ଷିଣ ପାର୍ଶ୍ୱରେ ମିଶିଛି । ସମୋଦା ଓ ସାତବହେନିଆ ନିକଟରେ ପୁଣି ଦକ୍ଷିଣ ପାର୍ଶ୍ୱରେ ଏହାର ପ୍ରମୁଖ ଉପନଦୀ କୋଦାର୍ ନଦୀ ମିଳିତ ହୋଇଛି । ଏହାପରେ ଆଗକୁ ଦେୱାରଘଟା ଓ ପିକାରି ନିକଟରେ ବାମ ପାର୍ଶ୍ୱରୁ ପ୍ରବାହିତ ମହାନଦୀର ପ୍ରମୁଖ ଉପନଦୀ ଶିବନାଥ ଓ ଲୀଳାଘର ନଦୀ ବାମ ପାର୍ଶ୍ୱରେ ମିଳିତ ହୋଇଛନ୍ତି । ଜନକପୁର ମନ୍ଦିର ନିକଟରେ ମହାନଦୀର ଅନ୍ୟତମ ଉପନଦୀ ଜଙ୍କ୍ ନଦୀ ଦକ୍ଷିଣ ପାର୍ଶ୍ୱରେ ମିଳିତ ହୋଇଛି । ମହୁଆଡିହି ଓ ସୋନିଆଡିହି ନିକଟରେ ବାମ ପାର୍ଶ୍ୱରେ ହାସ୍‌ଦେଓ ନଦୀ ମିଳିତ ହୋଇଛି । ବିଶ୍ୱାସପୁର ନିକଟରେ ମହାନଦୀର ଅନ୍ୟତମ ଉପନଦୀ ମାଣ୍ଡ୍ ନଦୀ ମହାନଦୀର ବାମ ପାର୍ଶ୍ୱରେ ମିଳିତ ହୋଇଛି ।

କୋରାଠାରୁ ସାମାନ୍ୟ କିଛି ବାଟ ଆଗକୁ ଦକ୍ଷିଣରେ ଆମେରି ନଦୀ ମହାନଦୀ ସହ ମିଳିତ ହୋଇଛି । ଏହାପରେ ମହାନଦୀ ଓଡ଼ିଶାର ତୋରା, ଚିକିଲି, ଭରତପୁର ଏବଂ ଛତିଶଗଡ଼ର ଠେଙ୍ଗାଗୁଡ଼ି, ଗର୍ଣ୍ଣିଆପାଲି, ଶଙ୍କାରା ଦେଇ ପ୍ରବାହିତ ହେବାପରେ ଭରତପୁର ନିକଟରେ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ମଧ୍ୟକୁ ପ୍ରବେଶ କରିଛି ।

ଏହାପରେ ମହାନଦୀ ଓଡ଼ିଶାର ସମ୍ବଲପୁର ଜିଲ୍ଲାର ରେବ, ବଡ଼ଜାମପାଲି, ଚିଖିଲି, ଡୁଙ୍ଗୁରି, ଲଉଁସରା, ଜରିମୂଳି, ରେଙ୍ଗାଲି, କୁରୁମକେଲ୍, ଡେବ୍ରିଗଡ଼ ଅଭୟାରଣ୍ୟ, ବେହେଡ଼ାମାଳ, ଅଧପଡ଼ା ଦେଇ ଗତି କରିବା ପରେ ସମ୍ବଲପୁର



ସହର ନିକଟସ୍ଥ ହୀରାକୁଦ ଠାରେ ଏସିଆ ମହାଦେଶର ଦୀର୍ଘତମ ନଦୀବନ୍ଧ ନିର୍ମାଣ କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ଝାରସୁଗୁଡ଼ା ଜିଲ୍ଲା ଦେଇ ପ୍ରବାହିତ ଇବ୍ ନଦୀ ମହାନଦୀର ବାମ ପାର୍ଶ୍ୱରେ ମିଳିତ ହୋଇଛି । ହୀରାକୁଦ ଡ୍ୟାମ୍ ଆଗକୁ ମହାନଦୀ ବୁର୍ଲା, ସମ୍ବଲପୁର ସହର, ଚୌରପୁର, ଚିପିଲିମା, କାର୍ଦୋଳା, ହୁମ୍ମା, ଧାମା ଦେଇ ଗତି କରିବା ପରେ ଇଛାପୁର, ବଇପୁର ନିକଟରେ ଦକ୍ଷିଣରେ ଝାଉଁ ନଦୀ ମହାନଦୀରେ ମିଳିତ ହୋଇଛି । ସିଣ୍ଢୋଲ୍ ନିକଟରେ ଦକ୍ଷିଣରେ ଜିରା ନଦୀ ଆସି ମିଳିତ ହୋଇଛି । ଓଙ୍ଗ୍ ନଦୀ ଝାରପଡ଼ା ନିକଟରେ ମହାନଦୀ ସହ ମିଳିତ ହୋଇଛି ।

ଓଙ୍ଗ୍ ନଦୀକୁ ସାଥୀରେ ଧରି ମହାନଦୀ କବାଟଳାଇ, ବଡ଼ିଲା, ଖଜାରିଆପାଲି, ବିଜେପୁର, ମୁଣ୍ଡଘାଟ ଆଦି ସ୍ଥାନ ଦେଇ ଗତି କରିବା ମଧ୍ୟରେ ସୋନ୍‌ପୁର ସହରର ମନମୁଣ୍ଡା (ସୁବର୍ଣ୍ଣପୁର ଜିଲ୍ଲା) ନିକଟରେ ମହାନଦୀର ସବୁଠୁ ଶକ୍ତିଶାଳୀ ଉପନଦୀ 'ତେଲ୍ ନଦୀ' ନବରଙ୍ଗପୁର ଜିଲ୍ଲାର ଉମରକୋଟ-ଛତିଶଗଡ଼ ସୀମାନ୍ତ ଜଙ୍ଗଲରୁ ଉତ୍ପତ୍ତିଲାଭ କରି ଉମରକୋଟ, ଝରିଗାଁ, ଚନ୍ଦାହାଣ୍ଡି, ନୂଆପଡ଼ା ଜିଲ୍ଲା, କଳାହାଣ୍ଡି ଓ ବଲାଙ୍ଗୀର ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ମହାନଦୀର ଦକ୍ଷିଣ ପାର୍ଶ୍ୱରେ ମିଳିତ ହୋଇଛି ।

ତେଲ ନଦୀକୁ ମହାନଦୀର ସବୁଠୁ ବଡ଼ ଉପନଦୀ କୁହାଯାଇଥାଏ । ତେଲ୍ ନଦୀର ଅନ୍ୟାନ୍ୟ ଉପନଦୀମାନଙ୍କ ମଧ୍ୟରେ ଖଡ଼୍‌ଗ ନଦୀ, ସୋଙ୍ଗାଦ ନଦୀ, ଉତ୍ତେଇ ନଦୀ, ଲାଉଲ ନଦୀ, ସୁନ୍ଦର ନଦୀ, ଉଦନ୍ତୀ ନଦୀ, ଶଗଡ଼ା, ହାତୀ ନଦୀ ପ୍ରମୁଖ ଅନେକ ଛୋଟବଡ଼ ଉପନଦୀ ତେଲ୍ ନଦୀକୁ ସମୃଦ୍ଧ କରିଛନ୍ତି । ତେଲ୍ ନଦୀକୁ ସାଥୀରେ ଧରି ମହାନଦୀ ସୋନପୁର ସହର ଦେଇ ଆଗକୁ ଗତି କରିଛି ।

ବୌଦ୍ଧ ଜିଲ୍ଲା ସଦର ମହକୁମା ଠାରୁ କିଛି ବାଟ ପୂର୍ବରୁ ଚଣ୍ଡୀଗଡ଼ ନିକଟରେ ସୁରୁବାଲି ନଦୀ ମହାନଦୀର ବାମ ପାର୍ଶ୍ୱରେ ମିଳିତ ହୋଇଛି । ସେହିଭଳି ଆଉ ଟିକେ ଆଗକୁ ବାମ ପାର୍ଶ୍ୱରୁ ଅନ୍ୟ ଏକ ଉପନଦୀ ମାନ୍‌ଜୋର୍ ନଦୀ ମହାନଦୀରେ ମିଳିତ ହୋଇଛି । ସୁରୁବାଲି ଓ ମାନ୍‌ଜୋର ନଦୀକୁ ସାଥୀରେ ଧରି ମହାନଦୀ ବୌଦ୍ଧ ଛାଡ଼ି ନୟାଗଡ଼ ଓ ଅନୁଗୁଳ ଜିଲ୍ଲା ସୀମା ଦେଇ ଯାତ୍ରା କରିଛି ।

ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଞ୍ଚଳରୁ କୁଆଁରିଆ ନଦୀ ଉତ୍ପତ୍ତି ଲାଭ କରି କଣ୍ଟିଲୋ ନିକଟରେ ଦକ୍ଷିଣ ପାର୍ଶ୍ୱରେ ମହାନଦୀ ସହ ମିଳିତ ହୋଇଛି । ମୁଣ୍ଡୁଳି ଠାରୁ ମହାନଦୀ ଆଗକୁ ଅନନ୍ତପୁର, ତଳଗଡ଼ ଦେଇ ନରାଜ ଛୁଇଁଛି । ନରାଜ-ମାର୍ଥାପୁରଠାରେ ମହାନଦୀ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଦକ୍ଷିଣ ଶାଖାଟି କାଠଯୋଡ଼ି ନାମ ବହନ କରି କଟକ ସହରର ଦକ୍ଷିଣ ପାର୍ଶ୍ୱ ଦେଇ ଗତି କରିଛି । ସେହିଭଳି ନରାଜ-ମାର୍ଥାପୁର ନିକଟରେ କାଠଯୋଡ଼ିକୁ ଅଟକାଇ ନରାଜ ଆନିକଟ୍ ନିର୍ମିତ ହୋଇଛି ।

ନରାଜ ଠାରୁ ବାମ ପାର୍ଶ୍ୱସ୍ଥ ମୂଳ ମହାନଦୀ ଅନେକ ଶାଖାପ୍ରଶାଖାରେ ବିଭକ୍ତ ହୋଇ କିଛିବାଟ ଗତି କରି ପୁଣି ମିଳିତ ହୋଇ ଗୋଟିଏ ସ୍ରୋତରେ କଟକ ସହର ଅଭିମୁଖେ ଯାତ୍ରା କରିଛି । ଯୋବ୍ରାଠାରେ ମହାନଦୀ ଉପରେ ଏକ ଆନିକଟ୍ ନିର୍ମାଣ କରାଯାଇ ମହାନଦୀର ଜଳକୁ ଅଟକ ରଖାଯାଇପାରିଛି । ଯୋବ୍ରା ଆନିକଟ୍‌ର ସାମାନ୍ୟ ଉପରକୁ ମହାନଦୀର ଶାଖା ନଦୀ ବିରୁପା ବାମାଭିମୁଖୀ ହୋଇ କେନ୍ଦ୍ରାପଡ଼ା-ଚଣ୍ଡୀଖୋଲ ଆଡକୁ ଗତି କରି ବ୍ରାହ୍ମଣୀର ଶାଖା ନଦୀ କେଲୁଆରେ ମିଳିତ ହୋଇଛି । ଶେଷରେ ବିରୁପା-କେଲୁଆର ମିଶ୍ର ସ୍ରୋତ କେନ୍ଦ୍ରାପଡ଼ା ଜିଲ୍ଲାର ଇନ୍ଦୁପୁର ନିକଟରେ ବ୍ରାହ୍ମଣୀ ନଦୀରେ ପଡ଼ିଛି ।


ମୂଳ ମହାନଦୀ ଜଗତପୁର ଦେଇ କିଛିବାଟ ପ୍ରବାହିତ ହେବା ପରେ ଗୁଆଲି, ତରିତୋ ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ବାମ ଶାଖାଟି ଚିତ୍ରୋତ୍ପଳା ନାମ ବହନ କରି ସାଲେପୁର ଆଡକୁ ଗତି କରିଥିବା ବେଳେ ଦକ୍ଷିଣ ଶାଖାଟି (ମୂଳ ମହାନଦୀ) ଭାବେ ଆଗକୁ ଗତି କରି କିଛି ବାଟ ପରେ ଆୟିତିପୁର ନିକଟରେ ଏହାର ଦକ୍ଷିଣ ପାର୍ଶ୍ୱରୁ ଏକ ଶାଖା ସୃଷ୍ଟି ହୋଇ ସୁକ୍-ପାଇକା ନାମ ବହନ କରିଛି । ସୁକ୍ ପାଇକା କିଛିବାଟ ମହାନଦୀ ଠାରୁ ବିଚ୍ଛିନ୍ନ ହୋଇ ଆଗରେ କୁଳସାହି ନିକଟରେ ମହାନଦୀ ସହ ମିଳିତ ହୋଇଛି ।

ଗୁଆଲି, ତରିତୋ ଠାରୁ ମହାନଦୀର ବାମ ଶାଖା ଅର୍ଥାତ୍ ଚିତ୍ରୋତ୍ପଳା ଆଗକୁ ଗତି କରି ତେନ୍ତୋଳ, ସାଲେପୁର ଦେଇ ପ୍ରବାହିତ ହେବା ପରେ ନେମାଳ, ତିନିମୁହାଁଣି ବଜାର ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଏହାର ବାମ ଶାଖାଟି କରାଣ୍ଡିଆ ନାମ ବହନ କରିଥିବାବେଳେ ଦକ୍ଷିଣ ଶାଖାଟି ଚିତ୍ରୋତ୍ପଳା ଭାବେ ଦକ୍ଷିଣ-ପୂର୍ବ ଦିଗରେ ଆଗକୁ ଗତି କରିଛି । କରାଣ୍ଡିଆର ଆଉ ଏକ ଶାଖା କରିଲୋପାଟଣା, ଯଅଁପଡ଼ା ଦେଇ ପ୍ରବାହିତ ହେବା ପରେ କଳପଡ଼ା ନିକଟରେ ପୁନର୍ବାର କରାଣ୍ଡିଆ ସହ ମିଶିଛି ।

ଏଣେ ନେମାଳ ଠାରୁ ଅଲଗା ହୋଇଥିବା ଚିତ୍ରୋତ୍ପଳା; ନେମାଳ, ମେହେନ୍ଦିପୁର, ମଧୁଶାସନ, ବିଶ୍ୱନାଥପୁର, ତରଡ଼, ନେଦାଲୋ, କୋରୁଆ, କଳାବୁଦା, ପହଣ, ସମ୍‌ସାର, ପାଟକୁରା, ବିଚଣା, ନୂଆପଡ଼ା, ଶାସନିପଡ଼ା, ଗରଜଙ୍ଗ ଆଦି ଅଞ୍ଚଳ ଦେଇ ଗତି କରିବା ପରେ କୁଆଁରପାଳ ନିକଟରେ ବାମାଭିମୁଖୀ କରାଣ୍ଡିଆ (ଲୁଣା) ସହ ମିଳିତ ହୋଇଛି ।

ପାରାଦୀପଗଡ଼ ଠାରୁ ମହାନଦୀ ଲୁଣା ନଦୀକୁ ସାଥୀରେ ଧରି ପାରାଦୀପ ସହର ମଧ୍ୟକୁ ପ୍ରବେଶ କରି ନେହେରୁବଙ୍ଗଳା ନିକଟରେ ମୁହାଁଣମୁହଁରେ ବଙ୍ଗୋପସାଗରରେ ମିଳିତ ହୋଇଛି ।





କାଠଯୋଡ଼ି ନଦୀ ତ୍ରିଶୂଳିଆ କାଜିପାଟଣା ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଦକ୍ଷିଣ ଶାଖାଟି କୁଆଖିଆ (କୁଆଖାଇ) ନାମ ବହନ କରିଥିବାବେଳେ ମୂଳ କାଠଯୋଡ଼ି କଟକ ସହର ଆଡକୁ ଗତି କରିଛି । କୁଆଖିଆ ବାରଙ୍ଗ, ଫୁଲନଖରା, ପାହାଳ, ଇଞ୍ଜଣା, ରକତ୍, ମଞ୍ଚେଶ୍ୱର, ରୁଦ୍ରପୁର, ବାଲିଅନ୍ତା, ଭୁବନପୁର, କୋରଡ଼କଣ୍ଟା, ବଇଁରୁଆ, ବାଙ୍କୁଆଳ, ସତ୍ୟଭାମାପୁର ଦେଇ ଖୋର୍ଦ୍ଧା ଜିଲ୍ଲା ବାଳକାଟି (ସରଦେଇପୁର) ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଦକ୍ଷିଣ ଶାଖାଟି ଦୟାନଦୀ ନାମ ବହନ କରି ଚିଲିକାରେ ପଡ଼ିଥିବା ବେଳେ ବାମ ଶାଖାଟି ଭାର୍ଗବୀ ନାମରେ ପୁରୀ ଜିଲ୍ଲା ଅଭିମୁଖେ ଯାତ୍ରା କରି ପୁରୀ-କୋଣାର୍କ ମଧ୍ୟରେ ରାମଚଣ୍ଡୀ ନିକଟରେ ବଙ୍ଗୋପ ସାଗରରେ ମିଳିତ ହୋଇଛି । ମୁହାଁଣ ଅଞ୍ଚଳରେ ଭାର୍ଗବୀ, ନୂଆନଈ ନାମ ଧାରଣ କରିଛି ।

ରାମଚଣ୍ଡୀ ମୁହାଁଣ ଠାରୁ ସାମାନ୍ୟ କିଛିବାଟ ପୂର୍ବରୁ ଧନୁଆ ନଈ ବହିଆସି ନୂଆନଈ (ଭାର୍ଗବୀ) ସହ ମିଳିତ ହୋଇଛି । ଭାର୍ଗବୀର ଅନ୍ୟ ଏକ ଶାଖା ଦକ୍ଷିଣ ଦିଗକୁ ପ୍ରବାହିତ ହୋଇ ଦୟାନଦୀ ମୁହାଁଣ ଚିଲିକାରେ ମିଳିତ ହୋଇଛି । ସେହିଭଳି ଗଙ୍ଗୁଆ ନଦୀ ଭୁବନେଶ୍ୱର ସହର ଦେଇ ପ୍ରବାହିତ ହେବା ପରେ କଣ୍ଟି ନିକଟରେ ଦୟାନଦୀ ସହ ମିଳିତ ହୋଇଛି । ଦୟାର ଅନ୍ୟତମ ଉପନଦୀ ମଲାଗୁଣି (ମନ୍ଦାକିନୀ) ନଈ କଣାସ ନିକଟରେ ଦୟା ନଦୀରେ ମିଳିତ ହୋଇଛି ।

ମୂଳ କାଠଯୋଡ଼ି କଟକ ସହର ଦେଇ ପ୍ରବାହିତ ହେବା ପରେ କଟକ ସହରର ନେତାଜୀନଗରର ସାମାନ୍ୟ ଆଗକୁ ଝିଙ୍କିରିଆ, ବୟାଳିଶିମୌଜା ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇ କିଛି ବାଟ ପ୍ରବାହିତ ହେବା ପରେ ତୀଥପଡ଼ା ନିକଟରେ ପୁଣି ମିଳିତ ହୋଇଛନ୍ତି । ଏଇଠାରେ କାଠଯୋଡ଼ି ନଦୀ ବିଲୁଆଖାଇ ନାମ ବହନ କରି କିଛି ବାଟ ଆଗକୁ ପ୍ରବାହିତ ହୋଇଛି ।

ବିଲୁଆଖାଇ ଅନେକ ଶାଖାପ୍ରଶାଖାରେ ବିଭକ୍ତ ହୋଇ ଆଗକୁ ଦେବୀ ନଦୀ ନାମ ବହନ କରି କଟକ-ଜଗତ୍‌ସିଂହପୁର ଜିଲ୍ଲା ସୀମା ଦେଇ ଆଗକୁ ଗତି କରି ବଙ୍ଗୋପସାଗରରେ ମିଳିତ ହୋଇଛି ।

କୁଆଖାଇ ନଦୀରୁ ବାଲିଅନ୍ତା ପଞ୍ଚାୟତ ଏବଂ ହାଇଟେକ୍ ମେଡ଼ିକାଲ୍ କଲେଜ ନିକଟରୁ ଏକ ପତଳା ଧାରା ବାମାଭିମୁଖୀ ହୋଇ ପୁରୀ ଜିଲ୍ଲାର ନିମାପଡ଼ା ଅଭିମୁଖେ ଯାତ୍ରା କରିଛି; ଯାହାର ନାମ କୁଶଭଦ୍ରା । କୁଶଭଦ୍ରା ନଦୀ ଚନ୍ଦ୍ରଭାଗାର କିଛି ବାଟ ପୂର୍ବରୁ ବଙ୍ଗୋପ ସାଗରରେ ମିଳିତ ହୋଇଛି ।

## ମହାନଦୀ ଅବବାହିକାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ

ମହାନଦୀ ଅବବାହିକାରେ ଅନେକ ମନ୍ଦିର, ମଠ ଭଳି ଧାର୍ମିକ ଉପାସନା ସ୍ଥଳ, ଅନେକ ପ୍ରସିଦ୍ଧ ଜଙ୍ଗଲ ଏବଂ ଐତିହାସିକ, ପୌରାଣିକ ଓ ଭୌଗୋଳିକ ଗୁରୁତ୍ୱ ବହନ କରୁଥିବା ସ୍ଥାନ ଦେଖିବାକୁ ମିଳିଥାଏ ।

ସମ୍ବଲପୁର ଜିଲ୍ଲା: ମହାନଦୀକୁ ବାଦ୍ ଦେଇ ସମ୍ବଲପୁର ଜିଲ୍ଲାର ପର୍ଯ୍ୟଟନ ସମ୍ଭାର ବିଷୟରେ ଆଲୋଚନା କରାଯାଇ ନପାରେ । ସମ୍ବଲପୁର ଜିଲ୍ଲାର ଅଧିକାଂଶ ପର୍ଯ୍ୟଟନ କ୍ଷେତ୍ର ମହାନଦୀକୁ ଭିତ୍ତିକରି ସମ୍ଭବ ହୋଇଛି । ହୀରାକୁଦ ଡ୍ୟାମ୍, କ୍ୟାଟେଲ୍ ଆଇଲାଣ୍ଡ, ହୁମାର ବକ୍ର ମନ୍ଦିର, ସମଲେଶ୍ୱରୀ ମନ୍ଦିର, ଘଣ୍ଟେଶ୍ୱରୀ ମନ୍ଦିର, ଚିପିଲିମା ପାୱାର ହାଉସ୍, ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଆଦି ପର୍ଯ୍ୟଟନ କ୍ଷେତ୍ର ମହାନଦୀ କୂଳରେ ଅବସ୍ଥିତ ।

**ସୁବର୍ଣ୍ଣପୁର ଜିଲ୍ଲା:** ମହାନଦୀ ଉପତ୍ୟକାରେ ଥିବା ସୁବର୍ଣ୍ଣପୁର ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମଧ୍ୟରେ ରାମେଶ୍ୱର ପୀଠ ସର୍ବାଗ୍ରେ ରହିବେ । ଏହି ପୀଠଟି ମହାନଦୀ ଓ ତେଲନଦୀର ସଙ୍ଗମ ସ୍ଥଳରେ ଅବସ୍ଥିତ । ରାମେଶ୍ୱର ମନ୍ଦିରର କିଛି ଦୂରରେ ଭଗବତୀ ଓ ଚମ୍ପେଶ୍ୱର ମନ୍ଦିର ପଡେ । ସୁବର୍ଣ୍ଣପୁର ଜିଲ୍ଲାର ବୈଦ୍ୟନାଥ ନିକଟରେ ତେଲନଦୀ କୂଳରେ କୋଶଳେଶ୍ୱର ମନ୍ଦିର ଏବଂ ମହାନଦୀ କୂଳରେ ଗୋକର୍ଣ୍ଣେଶ୍ୱର ମନ୍ଦିର ଅବସ୍ଥିତ ।

**ବୌଦ୍ଧ ଜିଲ୍ଲା:** ବୌଦ୍ଧ ଜିଲ୍ଲାର ଜଗତି (ଗନ୍ଧରାଡ଼ି)ର ନୀଳମାଧବ ଓ ସିଦ୍ଧେଶ୍ୱର ମନ୍ଦିର, ରାମେଶ୍ୱର ମନ୍ଦିର (ରାମନାଥ ମନ୍ଦିର), ବୌଦ୍ଧ ରାଜବାଟି (ଯୋଗୀନ୍ଦ୍ର ଭିଲ୍ଲା ରାଜପ୍ରାସାଦ), ଡମ୍ବରୁଗୁଡ଼ା ଗିରିଶୃଙ୍ଗ, ପଦ୍ମତୋଳା (ସାତକୋଶିଆ), ମାର୍ଜାକୁଦ (ମହାନଦୀର ଏକ ଟାପୁ) ଆଦି ମହାନଦୀ କୂଳରେ ଅବସ୍ଥିତ ।

**ନୟାଗଡ଼ ଜିଲ୍ଲା:** ନୟାଗଡ଼ ଜିଲ୍ଲାର ନୀଳମାଧବ ମନ୍ଦିର (କଣ୍ଟିଲୋ), ବଡ଼ମୂଳ (ସାତକୋଶିଆ), କୁଟୁରି (ସାତକୋଶିଆ), ଗୋକୁଳାନନ୍ଦ ମନ୍ଦିର, କୁଆଁରିଆ ଡ୍ୟାମ୍, ପଞ୍ଚୁପେଲୀ ପ୍ରାକୃତିକ ପର୍ଯ୍ୟଟନସ୍ଥଳ (ମହାନଦୀ ଓ ବୃଉଙ୍ଗ ନଦୀର ମିଳନ ସ୍ଥଳ), ବୈଶିପାଲ୍ଲୀ ବନ୍ୟପ୍ରାଣୀ ଅଭୟାରଣ୍ୟ (ସାତକୋଶିଆ) ଆଦି ପ୍ରମୁଖ ପର୍ଯ୍ୟଟନ ସ୍ଥଳ ମହାନଦୀ କୂଳରେ ଅବସ୍ଥିତ ।

**ଅନୁଗୁଳ ଜିଲ୍ଲା:** ଅନୁଗୁଳ ଜିଲ୍ଲାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମଧ୍ୟରେ ଟିକରପଡ଼ା (ସାତକୋଶିଆ), ପୁରୁଣାକୋଟ୍ (ସାତକୋଶିଆ), ବିନିକେଇ ଠାକୁରାଣୀ ମନ୍ଦିର (ଆଠମଲ୍ଲିକ) ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ମହାନଦୀ କୂଳରେ ଅବସ୍ଥିତ ।

**କଟକ ଜିଲ୍ଲା:** କଟକ ଜିଲ୍ଲାରେ ମହାନଦୀ କୂଳରେ ଅନେକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ରହିଛି । କଟକ ଜିଲ୍ଲାର ମା' ଭଟ୍ଟାରିକା ମନ୍ଦିର (ଆଠଗଡ଼), ଚର୍ଚ୍ଚିକା (ବାଙ୍କୀ), ଧବଳେଶ୍ୱର (କଟକ), ବାରବାଟି ଦୁର୍ଗ, ବାରବାଟି ଷ୍ଟାଡ଼ିୟମ, ନରାଜ ଆନିକଟ୍, ଯୋବ୍ରା ଆନିକଟ୍, ଓଡ଼ିଶା ନୌବାଣିଜ୍ୟ ସଂଗ୍ରହାଳୟ, ଅଂଶୁପା ହ୍ରଦ, ଓଡ଼ିଶା ହାଇକୋର୍ଟ, ନେତାଜୀ ସଂଗ୍ରହାଳୟ, କଟକ ସହର, ନେମାଳ ମଠ ମହାନଦୀ କୂଳରେ ଅବସ୍ଥିତ ।

**ଜଗତ୍‌ସିଂହପୁର:** ଜଗତ୍‌ସିଂହପୁର ଜିଲ୍ଲାରେ ମହାନଦୀର ମୁହାଁଣରେ ପାରାଦୀପ ବନ୍ଦର, ମୁହାଁଣମୁହଁ, ନେହେରୁ ବଙ୍ଗଳା ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳ ଅବସ୍ଥିତ ।

## ମହାନଦୀର ପ୍ରମୁଖ ଉପନଦୀ

ମହାନଦୀର ଅନେକ ଉପନଦୀ ରହିଛି । ସେଗୁଡ଼ିକ ସମ୍ପର୍କରେ ସମ୍ୟକ ଆଲୋଚନା କରାଯାଇପାରେ ।

**ପଏରୀ:** ଛତିଶଗଡ଼ର ନୱାପାରାନଗର ଓ ରାଜିମ୍ ନିକଟରେ ମହାନଦୀର ଉପନଦୀ ପଏରୀ ନଦୀ ଦକ୍ଷିଣ ପାର୍ଶ୍ୱରେ ମିଶିଛି ।

**କୋଦାର୍:** ଛତିଶଗଡ଼ର ସମୋଦା ଓ ସାତବହେନିଆ ନିକଟରେ ଦକ୍ଷିଣ ପାର୍ଶ୍ୱରେ କୋଦାର୍ ନଦୀ ମିଳିତ ହୋଇଛି ।





**ଶିବନାଥ (ଶିଓନାଥ):** ଶିବନାଥ ନଦୀ ଛତିଶଗଡ଼ର ରାଜନନ୍ଦଗାଓଁ ଜିଲ୍ଲାର ପାନାବାରାସ ପର୍ବତରୁ ଉତ୍ପତ୍ତିଲାଭ କରି ଦେଓ୍ୱାରଘଟା ଓ ପିକାରି ନିକଟରେ ମହାନଦୀର ବାମ ପାର୍ଶ୍ୱରେ ମିଳିତ ହୋଇଛି । ଲୀଳାଘର  ଶିବନାଥ ନଦୀର ଏକ ପ୍ରମୁଖ ଉପନଦୀ । ଏହି ନଦୀର ଦୈର୍ଘ୍ୟ ୨୯୦ କିଲୋମିଟର ।

**ଜଙ୍କ:** ଛତିଶଗଡ଼ର ଶେଓ୍ୱରି ନାରାୟଣ ଓ ଜନକପୁର ମନ୍ଦିର ନିକଟରେ ମହାନଦୀର ଅନ୍ୟତମ ଉପନଦୀ ଜଙ୍କ୍ ନଦୀ ଦକ୍ଷିଣ ପାର୍ଶ୍ୱରେ ମିଳିତ ହୋଇଛି । ଏହି ନଦୀଟି ଓଡ଼ିଶା-ଛତିଶଗଡ଼ ସୀମା ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ଓ ମାରାଗୁଡ଼ା ଅବବାହିକାରୁ ଉତ୍ପତ୍ତିଲାଭ କରି ବରଗଡ଼ ଜିଲ୍ଲା ଦେଇ ପ୍ରବାହିତ ହୋଇଛି । ଜଙ୍କ୍ ନଦୀର ଦୈର୍ଘ୍ୟ ୨୧୦ କିଲୋମିଟର । ଏହି ନଦୀ ବେନିଆଧାସ ଓ ଖାର୍ଲାଧାସ ନାମରେ ଦୁଇଟି ଜଳପ୍ରପାତ ସୃଷ୍ଟି କରିଛି ।

**ହାସ୍‌ଦେଓ:** ହାସ୍‌ଦେଓ ନଦୀ ଛତିଶଗଡ଼ର ରାୟପୁର ଜିଲ୍ଲାର ବିଲେଇଗଡ଼ରୁ ଉତ୍ପତ୍ତିଲାଭ କରି ପ୍ରବାହିତ ହେବା ପରେ ଛତିଶଗଡ଼ର ମହୁଆଡିହି ଓ ସୋନିଆଡିହି ନିକଟରେ ମହାନଦୀର ବାମ ପାର୍ଶ୍ୱରେ ମିଳିତ ହୋଇଛି । ହାସ୍‌ଦେଓ ନଦୀର ଦୈର୍ଘ୍ୟ ୩୩୩ କିଲୋମିଟର । ଏହା ମହାନଦୀର ଅନ୍ୟତମ ପ୍ରମୁଖ ଉପନଦୀ । ଗେଜ୍ ହେଉଛି ହାସ୍‌ଦେଓର ମୁଖ୍ୟ ଉପନଦୀ ।

**ମାଣ୍ଡ:** ମାଣ୍ଡ ନଦୀ ଛତିଶଗଡ଼ରୁ ବାହାରି ବିଶ୍ୱାସପୁର ନିକଟରେ ଓ ମହାନଦୀର ବାମ ପାର୍ଶ୍ୱରେ ହୀରାକୁଦ ଡ୍ୟାମ୍‌ର ଉପର ମୁଣ୍ଡରେ ମିଳିତ ହୋଇଛି । ମାଣ୍ଡ ନଦୀର ଦୈର୍ଘ୍ୟ ୨୪୧ କିଲୋମିଟର ।

**ସୋନ୍ଦୁର:** ଛତିଶଗଡ଼ର ଧମ୍‌ତାରି ଜିଲ୍ଲାରୁ ସୋନ୍ଦୁର ନଦୀ ଉତ୍ପତ୍ତିଲାଭ କରିବା ପରେ ମହାନଦୀ ସହ ମିଳିତ ହୋଇଛି । ସୋନ୍ଦୁର ନଦୀ ଛତିଶଗଡ଼ର ପ୍ରସିଦ୍ଧ ସୀତାନଦୀ ଅଭୟାରଣ୍ୟ ଦେଇ ପ୍ରବାହିତ ହୋଇଛି । ଛତିଶଗଡ଼ ସରକାର ଏହି ନଦୀରେ ଏକ ଡ୍ୟାମ୍ ନିର୍ମାଣ କରିଛନ୍ତି ।

**ଆମେରି:** ଛତିଶଗଡ଼ର କୋରାଠାରୁ ସାମାନ୍ୟ କିଛି ବାଟ ଆଗକୁ ଦକ୍ଷିଣରେ ଆମେରି ନଦୀ ମହାନଦୀ ସହ ମିଳିତ ହୋଇଛି ।

**ଇବ୍:** ଇବ୍ ନଦୀ ଛତିଶଗଡ଼ର ପାଣ୍ଡ୍ରାପେଟ୍ ଠାରୁ ଉତ୍ପତ୍ତିଲାଭ କରି ଛତିଶଗଡ଼ର ରାଇଗଡ଼, ଜାଶପୁର ଜିଲ୍ଲା ଏବଂ ଓଡ଼ିଶାର ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ମହାନଦୀର ବାମ ପାର୍ଶ୍ୱରେ ମିଳିତ ହୋଇଛି । ଇବ୍ ନଦୀ ଉପତ୍ୟକା ଓଡ଼ିଶାର ବୃହତ୍ କୋଇଲା ସମୃଦ୍ଧ ଅଞ୍ଚଳ ଭାବେ ପରିଚିତ । ଇବ୍ ନଦୀର ଦୈର୍ଘ୍ୟ ୨୫୨ କିଲୋମିଟର । ଭେଡେନ୍ ନଦୀ ହେଉଛି ଇବ୍‌ର ପ୍ରମୁଖ ଉପନଦୀ । ଭେଡେନ୍ ନଦୀଟି ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଉପଖଣ୍ଡରୁ ଉତ୍ପତ୍ତିଲାଭ କରି ସମ୍ବଲପୁର, କୁଚିଣ୍ଡା, ଲଇଡ଼ା ଦେଇ ପ୍ରବାହିତ ହେବା ପରେ ଝାରସୁଗୁଡ଼ା ଜିଲ୍ଲା ମଧ୍ୟକୁ ପ୍ରବେଶ କରିଛି । ଝାରସୁଗୁଡ଼ା ନିକଟରେ ଭେଡ଼େନ୍ ନଦୀ ଇବ୍ ସହ ମିଳିତ ହୋଇଛି ।


**ଝାଉଁ:** ଝାଉଁ ନଦୀ ଓଡ଼ିଶାର ବରଗଡ଼ ଜିଲ୍ଲାରୁ ବାହାରି ବରଗଡ଼ ଜିଲ୍ଲା ମଧ୍ୟଦେଇ ପ୍ରବାହିତ ହେବା ପରେ ବରଗଡ଼ ଜିଲ୍ଲାର ଇଛାପୁର, ବଇପୁର ନିକଟରେ ମହାନଦୀର ଦକ୍ଷିଣରେ ମିଳିତ ହୋଇଛି ।

**ଜିରା:** ଜିରା ନଦୀ ଓଡ଼ିଶାର ବରଗଡ଼ ଜିଲ୍ଲାରୁ ଉତ୍ପତ୍ତିଲାଭ କରି ବରଗଡ଼ ଜିଲ୍ଲାର ଶେଷ ମୁଣ୍ଡରେ ସିଣ୍ଡୋଲ୍ ନିକଟରେ ମହାନଦୀର ଦକ୍ଷିଣରେ ମିଳିତ ହୋଇଛି । ଦନ୍ତା ହେଉଛି ଜିରା ନଦୀର ଏକ ଉପନଦୀ ଓ ଏହା ଭେଡ଼େନ୍ ନିକଟରେ ଜିରା ସହ ମିଳିତ ହୋଇଛି ।

**ଓଙ୍ଗ:** ଓଙ୍ଗ୍ ନଦୀ ଓଡ଼ିଶାର ନୂଆପଡ଼ା ଜିଲ୍ଲାରୁ ଉତ୍ପତ୍ତିଲାଭ କରିବା ପରେ ବରଗଡ଼ ଜିଲ୍ଲାର ଝାରପଡ଼ା ନିକଟରେ ମହାନଦୀରେ ମିଳିତ ହୋଇଛି । ଓଙ୍ଗ୍ ନଦୀର ଦୈର୍ଘ୍ୟ ୨୦୪ କିଲୋମିଟର ।

**ତେଲ୍:** ତେଲ୍ ନଦୀ ନବରଙ୍ଗପୁର ଜିଲ୍ଲାର ଉମରକୋଟ-ଛତିଶଗଡ଼ ସୀମାନ୍ତ ଜଙ୍ଗଲରୁ ଉତ୍ପତ୍ତିଲାଭ କରି ଉମରକୋଟ, ଝରିଗାଁ, ଚନ୍ଦାହାଣ୍ଡି, ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗୀର ଭଳି ଜିଲ୍ଲା ଦେଇ ପ୍ରବାହିତ ହୋଇ ସୋନ୍‌ପୁର ସହରର ମନମୁଣ୍ଡା (ସୁବର୍ଣ୍ଣପୁର ଜିଲ୍ଲା) ନିକଟରେ ମହାନଦୀର ଦକ୍ଷିଣ ପାର୍ଶ୍ୱରେ ମିଳିତ ହୋଇଛି । ଏହା ମହାନଦୀର ସବୁଠୁ ଶକ୍ତିଶାଳୀ ଉପନଦୀ ।

ବଲାଙ୍ଗୀର ଜିଲ୍ଲା ଦେଇ ପ୍ରବାହିତ 'ସୁକ୍‌ତେଲ୍ ନଦୀ' (ତେଲ ନଦୀର ପ୍ରମୁଖ ଉପନଦୀ) ଖଲିଆପାଲିର କିଛି ବାଟ ଆଗକୁ ତେଲ୍ ନଦୀ ସହ ମିଳିତ ହୋଇଛି । ବଲାଙ୍ଗୀର ସହରଠାରୁ ମାତ୍ର ୨୦ କିଲୋମିଟର ଦୂରରେ ନିମ୍ନ ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଓ ଡ୍ୟାମ୍ ନିର୍ମାଣ କରାଯାଇଛି । କେବଳ ସୁକ୍‌ତେଲ୍ କାହିଁକି ତେଲ୍‌ନଦୀର ଅନେକ ଉପନଦୀ ରହିଛି । ଏଣୁ ତେଲ ନଦୀକୁ ମହାନଦୀର ସବୁଠୁ ବଡ଼ ଉପନଦୀ କୁହାଯାଇଥାଏ । ତେଲ୍ ନଦୀର ଅନ୍ୟାନ୍ୟ ଉପନଦୀମାନଙ୍କ ମଧ୍ୟରେ ତେଲେନ୍, ଖଡ଼୍‌ଗ, ସୋଙ୍ଗାଦ, ଉତ୍ତେଇ, ଲାଉଲ,





ସୁନ୍ଦର, ଉଦନ୍ତୀ, ଶଗଡ଼ା, ହାତୀ, ଇନ୍ଦ୍ର  ପ୍ରମୁଖ ଅନେକ ଛୋଟବଡ଼ ଉପନଦୀ ତେଲ୍ ନଦୀକୁ ସମୃଦ୍ଧ କରିଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ନଦୀ କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରୁ ଉତ୍ପତ୍ତିଲାଭ କରିଛନ୍ତି ।

**ସୁରୁବାଲି:** ବୌଦ୍ଧ ଜିଲ୍ଲା ସଦର ମହକୁମାଠାରୁ କିଛି ବାଟ ପୂର୍ବରୁ ଚଣ୍ଡୀଗଡ଼ ନିକଟରେ ସୁରୁବାଲି ନଦୀ ମହାନଦୀର ବାମ ପାର୍ଶ୍ୱରେ ମିଳିତ ହୋଇଛି ।

**ମାନ୍‌ଜୋର:** ବୌଦ୍ଧ ଜିଲ୍ଲା ଦେଇ ପ୍ରବାହିତ ମାନ୍‌ଜୋର୍ ନଦୀ ମହାନଦୀର ବାମ ପାର୍ଶ୍ୱରେ ମିଳିତ ହୋଇଛି । ସୁରୁବାଲି ଓ ମାନ୍‌ଜୋର ନଦୀକୁ ସାଥୀରେ ଧରି ମହାନଦୀ ବୌଦ୍ଧ ଛାଡ଼ି ନୟାଗଡ଼ ଓ ଅନୁଗୁଳ ଜିଲ୍ଲା ସୀମା ଦେଇ ଯାତ୍ରା କରିଛି ।

**କୁଆଁରିଆ:** ନୟାଗଡ଼ ଜିଲ୍ଲାର ଦଶପଲ୍ଲା ଅଂଚଳରୁ କୁଆଁରିଆ ନଦୀ ଉତ୍ପତ୍ତିଲାଭ କରି ଦଶପଲ୍ଲା, ଖଣ୍ଡପଡ଼ା, ଗଣିଆ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ହେବା ପରେ କଣ୍ଟିଲୋ ନିକଟରେ ଦକ୍ଷିଣ ପାର୍ଶ୍ୱରେ ମହାନଦୀ ସହ ମିଳିତ ହୋଇଛି ।

## ମହାନଦୀର ପ୍ରମୁଖ ଶାଖା ନଦୀ

ତଳ ମୁଣ୍ଡରେ ମହାନଦୀରୁ ଜାଲ ଭଳି ଶାଖା ନଦୀମାନ ଉତ୍ପତ୍ତିଲାଭ କରି ପୁରୀ, କଟକ, ଜଗତସିଂପୁର ଓ କେନ୍ଦ୍ରାପଡ଼ା ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ବଙ୍ଗୋପସାଗରରେ ମିଳିତ ହୋଇଛନ୍ତି । ମହାନଦୀର ଏସବୁ ଶାଖା ନଦୀ ସମ୍ପର୍କରେ ସମ୍ୟକ ଆଲୋଚନା କରାଯାଇପାରେ ।

**କାଠଯୋଡ଼ି:** କଟକ ଜିଲ୍ଲାର ନରାଜ-ମାର୍ଥାପୁର ଠାରେ ମହାନଦୀ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଦକ୍ଷିଣ ଶାଖାଟି କାଠଯୋଡ଼ି ନାମ ବହନ କରି କଟକ ସହରର ଦକ୍ଷିଣ ପାର୍ଶ୍ୱ ଦେଇ ଗତି କରିଛି । ନରାଜ-ମାର୍ଥାପୁର ନିକଟରେ କାଠଯୋଡ଼ିକୁ ଅଟକାଇ ନରାଜ ଆନିକଟ୍ ନିର୍ମିତ ହୋଇଛି ।

**ବିରୁପା:** ଯୋବ୍ରା ଆନିକଟ୍‌ର ସାମାନ୍ୟ ଉପରକୁ ମହାନଦୀର ଶାଖା ନଦୀ ବିରୁପା ବାମାଭିମୁଖୀ ହୋଇ କେନ୍ଦ୍ରାପଡ଼ା-ଚଣ୍ଡୀଖୋଲ ଆଡକୁ ଗତି କରି ବ୍ରାହ୍ମଣୀର ଶାଖା ନଦୀ କେଲୁଆରେ ମିଳିତ ହୋଇଛି । ଶେଷରେ ବିରୁପା-କେଲୁଆର ମିଶ୍ର ସ୍ରୋତ କେନ୍ଦ୍ରାପଡ଼ା ଜିଲ୍ଲାର ଇନ୍ଦୁପୁର ନିକଟରେ ବ୍ରାହ୍ମଣୀ ନଦୀରେ ପଡ଼ିଛି ।

**ଗେଙ୍ଗୁଟି:** ଯୋବ୍ରା ଆନିକଟ୍ ନିକଟରୁ ମହାନଦୀର ଶାଖା ବିରୁପା ଉତ୍ପତ୍ତିଲାଭ କରିବା ପରେ କିଛି ବାଟ ଆଗକୁ ପ୍ରବାହିତ ହୋଇଛି । ଏହାପରେ ବିରୁପାର ଏକ ଶାଖା ନଦୀ ସୃଷ୍ଟି ହୋଇଛି ଯାହାର ନାମ ଗେଙ୍ଗୁଟି ।

**ଚିତ୍ରୋତ୍ପଳା:** ମୂଳ ମହାନଦୀ ଜଗତପୁର ଦେଇ କିଛିବାଟ ପ୍ରବାହିତ ହେବା ପରେ ଗୁଆଲି, ତରିତୋ ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ବାମ ଶାଖାଟି ଚିତ୍ରୋତ୍ପଳା ନାମ ବହନ କରି ସାଲେପୁର ଆଡକୁ ଗତି କରିଛି । ଚିତ୍ରୋତ୍ପଳା ନଈ କୂଳରେ ସାଲେପୁର ମହାବିଦ୍ୟାଳୟ, ବଟେଶ୍ୱର, ନେମାଳ ମଠ ଅବସ୍ଥିତ ।

**ସୁକ୍-ପାଇକା:** ମହାନଦୀ ଜଗତପୁର ଦେଇ କିଛିବାଟ ପ୍ରବାହିତ ହେବା ପରେ ଗୁଆଲି, ତରିତୋ ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ବାମ ଶାଖାଟି ଚିତ୍ରୋତ୍ପଳା ନାମ ବହନ କରି ସାଲେପୁର ଆଡକୁ ଗତି କରିଥିବାବେଳେ ଦକ୍ଷିଣ ଶାଖାଟି (ମୂଳ ମହାନଦୀ) ଭାବେ ଆଗକୁ ଗତି କରି କିଛି ବାଟ ପରେ ଆୟିତିପୁର ନିକଟରେ ଏହାର ଦକ୍ଷିଣ ପାର୍ଶ୍ୱରୁ ଏକ ଶାଖା ସୃଷ୍ଟି ହୋଇ ସୁକ୍-ପାଇକା ନାମ ବହନ କରିଛି । ସୁକ୍ ପାଇକା କିଛିବାଟ ମହାନଦୀଠାରୁ ବିଚ୍ଛିନ୍ନ ହୋଇ ଆଗରେ କୁଳସାହି ନିକଟରେ ମହାନଦୀ ସହ ମିଳିତ ହୋଇଛି ।

**କରାଣ୍ଡିଆ:** କଟକ ଜିଲ୍ଲାର ଜଗତପୁର ନିକଟ ଗୁଆଲି, ତରିତୋଠାରୁ ଚିତ୍ରୋତ୍ପଳା ଆଗକୁ ଗତି କରି ତେନ୍ତୋଳ, ସାଲେପୁର ଦେଇ ପ୍ରବାହିତ ହେବା ପରେ ନେମାଳ, ତିନିମୁହାଁଣି ବଜାର ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ବାମ ଶାଖାଟି



କରାଣ୍ଡିଆ ନାମ ବହନ କରିଥିବାବେଳେ ଦକ୍ଷିଣ ଶାଖାଟି ଚିତ୍ରୋତ୍ପଳା ଭାବେ ଆଗକୁ ଗତି କରିଛି ।

**ଲୁଣା:** କେନ୍ଦ୍ରାପଡ଼ା ଜିଲ୍ଲାର କଳପଡ଼ାଠାରୁ କରାଣ୍ଡିଆର ନାମ ବଦଳି ଲୁଣା ହୋଇଛି । ଆଗକୁ ଲୁଣା ନଦୀ ଗୋଧନ, ବାରତୁଙ୍ଗା, ଗରଜଙ୍ଗାପଲ୍ଲୀ, ନାରାୟଣପୁର ଦେଇ ପ୍ରବାହିତ ହେବା ପରେ କୁଆଁରପାଳ ଛୁଇଁଛି । ନେମାଳ ଠାରୁ ଅଲଗା ହୋଇଥିବା ଚିତ୍ରୋତ୍ପଳା କୁଆଁରପାଳ ନିକଟରେ ବାମାଭିମୁଖୀ କରାଣ୍ଡିଆ (ଲୁଣା) ସହ ମିଳିତ ହୋଇଛି । ପାରାଦୀପଗଡ଼ଠାରୁ କିଛି ବାଟ ପୂର୍ବରୁ ଲୁଣା ମହାନଦୀ ସହ ମିଳିତ ହୋଇଛି ।

**ସୁକ୍ ପାଇକା ଓ ପାଇକା:** ଜଗତପୁରଠାରୁ କିଛି ଦୂରରେ ଆୟିତିପୁର ନିକଟରେ ମହାନଦୀର ଦକ୍ଷିଣ ଶାଖାକୁ ସୁକ୍ ପାଇକା ନଦୀ କୁହାଯାଏ । ସୁକ୍ ପାଇକାରୁ ପୁଣି ଏକ ଶାଖା ନଦୀ ସୃଷ୍ଟି ହୋଇଛି, ଯାହାର ନାମ ପାଇକା । ପାଇକା ନଦୀ ମାର୍ଶାଘାଇଠାରେ ପୁଣି ମୂଳ ସୁକ୍ ପାଇକା ନଦୀ ସହ ମିଳିତ ହୋଇଛି ।

**କୁଆଖାଇ:** କାଠଯୋଡ଼ି ନଦୀ ତ୍ରିଶୂଳିଆ ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଦକ୍ଷିଣ ଶାଖାଟି କୁଆଖିଆ (କୁଆଖାଇ) ନାମ ବହନ କରିଛି ।

**ଦୟା:** କୁଆଖିଆ ନଦୀଟି ବାରଙ୍ଗ, ଫୁଲନଖରା, ପାହାଳ ଦେଇ ଖୋର୍ଦ୍ଧା ଜିଲ୍ଲା ବାଳକାଟି ଓ ସରଦେଇପୁର ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇଛି । ଦକ୍ଷିଣ ଶାଖାଟି ଦୟାନଦୀ ନାମ ବହନ କରି ଖୋର୍ଦ୍ଧା ଓ ପୁରୀ ଜିଲ୍ଲା ଦେଇ ପ୍ରବାହିତ ହେବା ପରେ ଚିଲିକାରେ ପଡ଼ିଛି । ପ୍ରସିଦ୍ଧ ବୌଦ୍ଧ ପୀଠ ଧଉଳିଗିରି ଦୟାନଦୀ କୂଳରେ ଅବସ୍ଥିତ । ଏହି ଦୟାନଦୀ କୂଳରେ ଇତିହାସ ପ୍ରସିଦ୍ଧ କଳିଙ୍ଗ ଯୁଦ୍ଧ ଅନୁଷ୍ଠିତ ହୋଇଥିଲା ।

**ମଲାଗୁଣୀ (ମନ୍ଦାକିନୀ):** ମୁହାଁଣ (ଚିଲିକା ମୁହାଁଣ)ର କିଛି ବାଟ ପୂର୍ବରୁ କଣାସ ନିକଟରେ ଦୟା ନଦୀ ସହ ଆଉ ଏକ ନଦୀ ମିଳିତ ହୋଇଛି । ଏହି ନଦୀର ନାମ ମଲାଗୁଣୀ (ମନ୍ଦାକିନୀ) । ମଲାଗୁଣୀ ପୁରୀ ଜିଲ୍ଲା କଣାସ ବ୍ଲକ ଅଂଚଳରେ ପ୍ରବାହିତ ହୋଇଛି ।

**ଗନ୍ଧବତୀ (ଗଙ୍ଗୁଆ) ନଦୀ:** ଚନ୍ଦକା-ଡମପଡ଼ା ଜଙ୍ଗଲର କମାରଖୁଣ୍ଟିଜଳଉତ୍ସରୁ ଗଙ୍ଗୁଆ (ଗନ୍ଧବତୀ) ନଦୀ ଉତ୍ପତ୍ତିଲାଭ କରି ଭୁବନେଶ୍ୱର ସହର ମଧ୍ୟ ଦେଇ ପ୍ରବାହିତ ହୋଇଛି । ଗଙ୍ଗୁଆର ପୌରାଣିକ ନାମ ଥିଲା 'ଗନ୍ଧବତୀ' । ମାତ୍ର, ଏହା ଅପଭ୍ରଂଶ ହୋଇ ଗଙ୍ଗୁଆ ନାମରେ ପରିଚିତ ହୋଇଛି । କମାରଖୁଣ୍ଟି ନିକଟରେ ଗଙ୍ଗୁଆର ନାମ 'ବିଶୁଆଣି' ଥିବାବେଳେ ଝୁମୁକା ଜଳ ଉତ୍ସରୁ ବଡ଼ଯୋଡ଼ ଏବଂ କମାରଖୁଣ୍ଟିରୁ ନିର୍ଗତ ଅନ୍ୟ ଏକ ଜଳଧାର 'ଛତିନିଆ' ନନ୍ଦନକାନନ ରୋଡ଼ ନିକଟସ୍ଥ ପଥରଗାଡ଼ିଆ ନିକଟରେ ମିଳିତ ହୋଇ 'ବୁଡୁନଈ' ନାମ ଧାରଣ କରିଛି । ଏହି ନଦୀଟି କଣ୍ଟି ନିକଟରେ ଦୟା ନଦୀରେ ମିଳିତ ହୋଇଛି ।

**ଭାର୍ଗବୀ:** ଉତ୍ତରା ଛକ ନିକଟରେ କୁଆଖାଇର ବାମ ଶାଖାଟି ଭାର୍ଗବୀ ନାମରେ ପରିଚିତ । ଭାର୍ଗବୀ ପୁରୀ ଜିଲ୍ଲା ଅଭିମୁଖେ ଯାତ୍ରା କରି ପୁରୀ-କୋଣାର୍କ ମଧ୍ୟରେ ରାମଚଣ୍ଡୀ ନିକଟରେ ବଙ୍ଗୋପ ସାଗରରେ ମିଳିତ ହୋଇଛି । ମୁହାଁଣ ଅଞ୍ଚଳରେ ଭାର୍ଗବୀ, ନୂଆନଈ ନାମ ଧାରଣ କରିଛି । ରାମଚଣ୍ଡୀ ମୁହାଁଣଠାରୁ ସାମାନ୍ୟ କିଛିବାଟ ପୂର୍ବରୁ ଧନୁଆ ନଈ ବହିଆସି ନୂଆନଈ (ଭାର୍ଗବୀ) ସହ ମିଳିତ ହୋଇଛି । ତେବେ ଭାର୍ଗବୀର ଅନ୍ୟ ଏକ ଶାଖା ଦକ୍ଷିଣ ଦିଗକୁ ପ୍ରବାହିତ ହୋଇ ଦୟାନଦୀ ମୁହାଁଣ ଚିଲିକାରେ ମିଳିତ ହୋଇଛି ।



**ଧନୁଆ:** ଭାର୍ଗବୀ ଓ କୁଶଭଦ୍ରା ନଦୀ ଉପତ୍ୟକାର ଖୋର୍ଦ୍ଧା ଜିଲ୍ଲା ବାଳକାଟି ଓ ବାଲିପାଟଣା ମଧ୍ୟବର୍ତ୍ତୀ ଅଂଚଳରୁ ଧନୁଆ ନଦୀ ଉତ୍ପତ୍ତିଲାଭ କରି ଦକ୍ଷିଣ-ପୂର୍ବ ଦିଗକୁ ଗତି କରିଛି । ଧନୁଆ ଗୋପ୍ ବ୍ଲକ ଦେଇ କିଛିବାଟ ପ୍ରବାହିତ ହେବା ପରେ ନୂଆନଈ (ଭାର୍ଗବୀର ତଳମୁଣ୍ଡ)ରେ ମିଳିତ ହୋଇଛି ।

**କୁଶଭଦ୍ରା:** ଖୋର୍ଦ୍ଧା ଜିଲ୍ଲାର ବାଲିଅନ୍ତା ପଞ୍ଚାୟତ ଏବଂ ହାଇଟେକ୍ ମେଡ଼ିକାଲ୍ କଲେଜ ନିକଟରେ କୁଆଖାଇ ନଦୀରୁ ଏକ ପତଳା ଧାରା ବାମାଭିମୁଖୀ ହୋଇ ପୁରୀ ଜିଲ୍ଲାର ନିମାପଡ଼ା ଅଭିମୁଖେ ଯାତ୍ରା କରିଛି; ଯାହାର ନାମ କୁଶଭଦ୍ରା । କୁଶଭଦ୍ରା ନଦୀ ଚନ୍ଦ୍ରଭାଗାର କିଛି ବାଟ ପୂର୍ବରୁ ବଙ୍ଗୋପ ସାଗରରେ ମିଳିତ ହୋଇଛି ।

**ପ୍ରାଚୀ:** ପ୍ରାଚୀ ନଦୀର ଉତ୍ପତ୍ତି ସ୍ଥଳକୁ ନେଇ ନାନା ମୁନିଙ୍କର ନାନା ମତ । କେହି କେହି କୁହନ୍ତି, ପ୍ରାଚୀ ମହାନଦୀର ଏକ ଶାଖାନଦୀ ଓ ଏହା ନରାଜ ନିକଟସ୍ଥ ଡାକଅମ୍ବାଠାରୁ ମହାନଦୀରୁ ବାହାରିଛି । ଆଉ କାହାର ମତ, ଏହା ମହାନଦୀର ବାଙ୍କୀ ମୁହାଁଣରୁ ଜାତ । ପୁଣି କେହି କୁହନ୍ତି, ବାରଙ୍ଗ ନିକଟରେ ପୁରୀ କେନାଲ ଓ ପ୍ରାଚୀ ନଦୀର ଉତ୍ପତ୍ତି ସ୍ଥଳ ଏକ । ପୁଣି କାହା ମତରେ, ପ୍ରାଚୀ କଟକ-ଭୁବନେଶ୍ୱର ମଧ୍ୟରେ ଫୁଲନଖରା ଲକ୍ଷେଶ୍ୱର ଗଣ୍ଡରୁ ଉତ୍ପତ୍ତିଲାଭ କରିଛି । ପୁଣି କେହି କୁହନ୍ତି; କାଠଯୋଡ଼ି, କୁଆଖାଇ, ଦେବୀ, କୁଶଭଦ୍ରା ଭଳି ନଦୀମାନେ ପ୍ରାଚୀନ ପ୍ରାଚୀ ନଦୀରୁ ସୃଷ୍ଟି ହୋଇଛନ୍ତି । ଅତୀତରେ ମହାନଦୀର ନିମ୍ନ ଅଞ୍ଚଳରେ ମହାନଦୀ ପ୍ରକୃତରେ ପ୍ରାଚୀ ନଦୀ ଭାବେ ପରିଚିତ ଥିଲା । କାଠଯୋଡ଼ି ଓ ବିଲୁଆଖାଇ (ଦେବୀ) ନଦୀରେ ମହାନଦୀର ଜଳ ବହୁଳ ମାତ୍ରାରେ ନିଷ୍କାସନ ହେବାରୁ ପ୍ରାଚୀ କ୍ରମଶଃ ପତଳା ହେବାକୁ ଲାଗିଲା । ପ୍ରାଚୀ ଦୁର୍ବଳ ହେବାରୁ କାଠଯୋଡ଼ି, ଦେବୀ, କୁଶଭଦ୍ରା, କୁଆଖାଇ ଭଳି ନଦୀ ପ୍ରଭାବଶାଳୀ ହୋଇପଡ଼ିଲେ । ଦୁଇଟି କାଠକୁ ଯୋଡ଼ି ନଦୀ ପାର ହେଉଥିବାରୁ ଏହାର ନାମ 'କାଠଯୋଡ଼ି' ହୋଇଥିଲା । ସେହିଭଳି ସ୍ୱଚ୍ଛ ପାଣିରେ କୁଆ ଗାଧୋଉଥିବାରୁ ଏହାର ନାମ 'କୁଆଖାଇ' ଏବଂ ପତଳା ଧାରରେ ବିଲୁଆ ପାର୍ ହୋଇ ପାରୁଥିବାରୁ ଏହାର ନାମ 'ବିଲୁଆଖାଇ' ହୋଇଥିଲା । 'ବିଲୁଆଖାଇ' ପରବର୍ତ୍ତୀ କାଳରେ ବିଶାଳ ଦେବୀ ନଦୀ ପାଲଟିଛି । କୁହାଯାଏ, 'ପ୍ରାଚୀ ନଦୀ' ହିଁ ଏ ସମସ୍ତ ନଦୀର ଜନ୍ମଦାତ୍ରୀ । ଅସ୍ତରଙ୍ଗ ବ୍ଲକର କେଲୁଣୀ ମୁହାଁଣ ନିକଟରେ ପ୍ରାଚୀ ନଦୀ ବଙ୍ଗୋପସାଗରରେ ମିଳିତ ହୋଇଛି ।

**ବିଲୁଆଖାଇ:** କାଠଯୋଡ଼ି କଟକ ସହର ଦେଇ ପ୍ରବାହିତ ହେବା ପରେ କଟକ ସହରର ନେତାଜୀନଗରର ସାମାନ୍ୟ ଆଗକୁ ଝିଙ୍କିରିଆ, ବୟାଳିଶିମୌଜା ନିକଟରେ ଦୁଇଟି ଶାଖାରେ ବିଭକ୍ତ ହୋଇ କିଛି ବାଟ ପ୍ରବାହିତ ହେବା ପରେ ତୀଥପଡ଼ା ନିକଟରେ ପୁଣି ମିଳିତ ହୋଇଛନ୍ତି । ଏଇଠାରେ କାଠଯୋଡ଼ି ନଦୀ ବିଲୁଆଖାଇ ନାମ ବହନ କରି କିଛି ବାଟ ଆଗକୁ ପ୍ରବାହିତ ହୋଇଛି ।

**ସିଦ୍ଧୁଆ:** ଝିଙ୍କିରିଆ ନିକଟରେ ପ୍ରବାହିତ ହେଉଥିବାବେଳେ କାଠଯୋଡ଼ିର ଦକ୍ଷିଣରେ ପୁଣି ଏକ ଶାଖା ନଦୀ ସୃଷ୍ଟି ହୋଇଛି ଯାହାର ନାମ ସିଦ୍ଧୁଆ । ଏହା ମାତ୍ର ୧୬ କିଲୋମିଟର ପ୍ରବାହିତ ହୋଇ ପୁନର୍ବାର ମୂଳ କାଠଯୋଡ଼ିରେ ମିଳିତ ହୋଇଛି ।

**କନ୍ଦଳ ଓ ଡାଇଖାଇ:** କଟକ ଜିଲ୍ଲା ଗୋବିନ୍ଦପୁର (କଟକ ଜିଲ୍ଲା) ନିକଟରେ ବିଲୁଆଖାଇ ନଦୀରୁ ସୃଷ୍ଟି ହୋଇଥିବା ଅନେକ ଶାଖା ମଧ୍ୟରୁ ଗୋଟିଏ ଶାଖାର ନାମ କନ୍ଦଳ ।

**ଦହିଖାଇ:** କଟକ ଜିଲ୍ଲା ଗୋବିନ୍ଦପୁର (କଟକ ଜିଲ୍ଲା)





ନିକଟରେ କନ୍ଦଳ ନଦୀରୁ ସୃଷ୍ଟି ହୋଇଥିବା ଏକ ଶାଖାର ନାମ ଦହିଖାଇ । ଏହା ଅଳ୍ପ କିଛିବାଟ ପ୍ରବାହିତ ହେବା ପରେ ପୁନର୍ବାର ବିଲୁଆଖାଇରେ ମିଳିତ ହୋଇଛି ।

**ଦେବୀ:** କଟକ ଜିଲ୍ଲା ଗୋବିନ୍ଦପୁର (କଟକ ଜିଲ୍ଲା) ନିକଟରେ ବିଲୁଆଖାଇ ଅନେକ ଶାଖାପ୍ରଶାଖାରେ ବିଭକ୍ତ ହୋଇଛି । ଏମାନଙ୍କ ମଧ୍ୟରୁ ପ୍ରମୁଖ ଶାଖାଟି ଆଗକୁ ଦେବୀ ନଦୀ ନାମ ବହନ କରି କଟକ-ଜଗତ୍‌ସିଂହପୁର ଜିଲ୍ଲା ସୀମା ଦେଇ ଗତି କରିବା ପରେ ବଙ୍ଗୋପସାଗରରେ ମିଳିତ ହୋଇଛି । ଦେବୀ ନଦୀ ମୁହାଁଣର ଦକ୍ଷିଣ ପାର୍ଶ୍ୱରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର, ନୂଆଗଡ଼ ସାମୁଦ୍ରିକ ମାଛଧରା ବନ୍ଦର ଥିଲାବେଳେ ବାମ ପାର୍ଶ୍ୱରେ ଜଗତ୍‌ସିଂହପୁର ଜିଲ୍ଲାର ମାଛଗାଁ, ନହରଣା ସାମୁଦ୍ରିକ ମାଛଧରା ବନ୍ଦର ରହିଛି ।

**ଅଳକା:** କଟକ ସହରର କିଛି ବାଟ ଆଗକୁ ଉତ୍ତର ଦିଗରେ କାଠଯୋଡ଼ିର ଏକ ଶାଖା ନଦୀ ସୃଷ୍ଟି ହୋଇଛି ଯାହାର ନାମ ଅଳକା । ଅଳକା ନଦୀରେ ଏକ ବନ୍ଧ ବନ୍ଧାଯାଇ ଏହାର ଜଳକୁ ଦେବୀ ଓ ତମ୍ପୁଆ ନଦୀକୁ ଛଡ଼ାଯାଉଛି । ବର୍ତ୍ତମାନ ଅଳକା ନଦୀଟି ମୃତପ୍ରାୟ । ମାତ୍ର, ଅତୀତରେ ଅଳକାର ଜଳ ଜଟାଧାରୀ ମୁହାଁଣରେ ବଙ୍ଗୋପ ସାଗରରେ ନିର୍ଗତ ହେଉଥିଲା । ଅଳକାକୁ ବନ୍ଧବାନ୍ଧି ଅଟକା ଯିବା ଫଳରେ ଜଟାଧାରୀ ମୁହାଁଣ ସହ ଏହାର ସମ୍ପର୍କ ଛିନ୍ନ ହୋଇଛି ।

## ବହି ବଜାର



- ପୁସ୍ତକର ନାମ: **କବିତା ବାରିକଙ୍କ ସୃଜନର ଦିଗ ଓ ଦିଗନ୍ତ**
- ଲେଖିକାଙ୍କ ନାମ : **ରଞ୍ଜିତା ପାତ୍ର**
- ପ୍ରକାଶକଙ୍କ ନାମ : **ଲେଖାଲେଖି, ବି.ଏଲ୍-୮, ଭି.ଏସ୍.ଏସ୍. ନଗର, ଭୁବନେଶ୍ୱର**
- ମୂଲ୍ୟ : **୧୬୦/-,** ପୃଷ୍ଠା : **୧୭୬**

**"ଯେତେବେଳେ ବେଦନାର ଲହଡ଼ି ଉଠିଛି, ଯେତେବେଳେ ଅତ୍ୟଧିକ ଉଦାସ ହେଇଯାଇଛି, ଭାଙ୍ଗି ପଡ଼ିବା ଭଳି ଲାଗିଛି, ଯେତେବେଳେ ନିଜକୁ କାହାରି ଆଗରେ ବୁଝାଇ ପାରିବାରେ ବ୍ୟର୍ଥ ହୋଇଛି, ଅପମାନିତ ବୋଧ କରିଛି, ସର୍ବୋପରି ଯେତେବେଳେ ହୃଦୟରେ ଆଘାତ ଲାଗିଛି, ଏହି ଲେଖା ହିଁ ମୋର ସାହାରା ପାଲଟିଛି । ଶବ୍ଦ ମାଧ୍ୟମରେ ନିଜ ଚେତନା, ଅଭିବ୍ୟକ୍ତିକୁ ପ୍ରକାଶ କରି ମୁଁ ହାଲ୍‌କା ହୋଇଯାଇଛି ।"**

ଏ ହେଉଛି ଆମ ସମୟର ଜଣେ ବିଶିଷ୍ଟ ସାହିତ୍ୟିକା ଡକ୍ଟର କବିତା ବାରିକଙ୍କ ମନକଥା । ପ୍ରକୃତରେ ଗଳ୍ପ ଓ ସମାଲୋଚନା ସର୍ଜନା କ୍ଷେତ୍ରରେ କବିତା ବାରିକ ଏକ ପରିଚିତ ନାମ । ଦୀର୍ଘ ତିନି ଦଶନ୍ଧିରୁ ଅଧିକ କାଳ ଧରି ସେ ଏକାଗ୍ର ଭାବରେ ଗଳ୍ପ ରଚନା କରିବା ସହିତ ସାହିତ୍ୟର ଅନ୍ୟାନ୍ୟ ବହୁ ବିଭାଗରେ ନିଜର ଲେଖନୀ ଚଳାଇ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇପାରିଛନ୍ତି । ନାରୀର ସ୍ୱାଧିକାର ଏବଂ ନାରୀର ବଞ୍ଚିବାର ଇଚ୍ଛାକୁ ନିଜର ଗଳ୍ପ ଉପନ୍ୟାସରେ ବିଶେଷ ଭାବରେ ପ୍ରାଧାନ୍ୟ ଦେଉଥିବା କବିତା ବାରିକ୍ ଫେମିନିଜିମ୍‌ର ତୀବ୍ର ସ୍ୱରକୁ ସ୍ୱୀକାର କରନ୍ତି । ତେବେ ତାଙ୍କର ଅନେକ ଲେଖାରେ ମଧ୍ୟ କୋଉଠି ନା କୋଉଠି ପାରିବାରିକ କାହାଣୀ ପାଠକଙ୍କୁ ମଧ୍ୟ ଆହ୍ଲାଦିତ କରିଥାଏ । ଆଲୋଚିତ ପୁସ୍ତକଟି କବିତା ବାରିକଙ୍କ ସୃଜନର ବହୁ ଦିଗକୁ ଉଦ୍‌ଭାସିତ କରିଛି । ଏଥିରେ କବିତା ବାରିକଙ୍କ ସମସ୍ତ ସାହିତ୍ୟ ସୃଷ୍ଟିର ଏକ ଗବେଷଣାଭିତ୍ତିକ ଅନୁଶୀଳନ କରିଛନ୍ତି ଲେଖିକା ରଞ୍ଜିତା । ଗବେଷଣା ହେଉଛି ଏକ ନିରବଚ୍ଛିନ୍ନ ଧାରା । ତେବେ କବିତାଙ୍କ ଜନ୍ମ, ଜୀବନୀ, ସୃଷ୍ଟି ଓ ପୁରସ୍କାର ସମ୍ପର୍କରେ ଏହି ପୁସ୍ତକରେ ସୂଚନା ରହିବା ସହିତ ବିଶେଷ କରି ତାଙ୍କର ଗଳ୍ପ ଓ ଉପନ୍ୟାସକୁ ଲେଖିକା ଅଧିକ ପ୍ରାଧାନ୍ୟ ଦେଇଛନ୍ତି । କାରଣ ସମସାମୟିକ ସର୍ଜନାକାରଙ୍କ ଭିତରୁ କବିତାଙ୍କ ଗଳ୍ପ ଓ ଉପନ୍ୟାସ ନିଶ୍ଚିତ ଭାବରେ ଆଲୋଚନାର ଯୋଗ୍ୟ । ତାଙ୍କର ଲେଖାରେ ସେ ସମୟର ସମସ୍ୟାକୁ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣନା କରିଥାନ୍ତି । ଏହାବ୍ୟତୀତ ତାଙ୍କର ସମାଲୋଚନା ଓ ପ୍ରବନ୍ଧ ସର୍ଜନାର ଦିଗଟି ମଧ୍ୟ ବେଶ୍ ପରିବ୍ୟାପ୍ତ । ତାଙ୍କର ସମାଲୋଚନାରେ ଥାଏ ଏକ ନିହିତ ଅନୁଶୀଳନ ଓ ତାତ୍ତ୍ୱିକ ପରିବେଷଣ । ଏହି ପୁସ୍ତକରେ କବିତା ବାରିକଙ୍କୁ ଖୁବ୍ ସୁନ୍ଦର ଭାବରେ ଆଲୋଚନା କରିଛନ୍ତି ଲେଖିକା । ତାଙ୍କ ଉପନ୍ୟାସର ଆଙ୍ଗିକ ଦିଗଠୁଁ ଆରମ୍ଭ କରି କଥାବସ୍ତୁ ଓ ଚରିତ୍ର ଚିତ୍ରଣ ପର୍ଯ୍ୟନ୍ତ ଅନେକ କଥା ଆଲୋଚନା ପରିସରକୁ ଆସିଛି । ସେହିପରି ତାଙ୍କର ଗଳ୍ପ ଗୁଡ଼ିକରେ ଥିବା ନାରୀ ଚରିତ୍ର ଓ ପୁରୁଷ ଚରିତ୍ରକୁ ନେଇ ଆଲୋଚନା ମଧ୍ୟ କରାଯାଇଛି । ଜଣେ ସମ୍ପାଦିକା ଭାବରେ ମଧ୍ୟ କବିତା ବାରିକଙ୍କର ରହିଛି ପୃଥକ୍ ପରିଚୟ । ତେବେ ପୁସ୍ତକଟି ନିଶ୍ଚିତ ଭାବରେ କବିତା ବାରିକଙ୍କ ପାଇଁ ଏକ ସ୍ମରଣୀୟ ପ୍ରୟାସ, ଏଥିରେ ସନ୍ଦେହ ନାହିଁ ।

ଅନୁଶୀଳନ-୧



# ଆଲୋକିତ ଅମାବାସ୍ୟା

# ସାମାଜିକ ଶୃଙ୍ଖଳ ବନାମ ଅମାବାସ୍ୟାର ଚନ୍ଦ୍ର


## ଡକ୍ଟର ଜୟନ୍ତ କୁମାର ଦାସ

**ସହାୟକ ପ୍ରଫେସର: ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ**
**ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର**
**ଫୋନ : ୯୫୫୬୫୯୭୭୭୩**


**ଫଟୋ ସୌଜନ୍ୟ : ଗୁଗୁଲ୍**




ଲେଖକ ଡକ୍ଟର ଜୟନ୍ତ କୁମାର ଦାସ

ବାରିଷ୍ଟର ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' ସର୍ବାଧିକ ପାଠକୀୟ ଆଦୃତି ଲାଭ କରିଥିବା ଉପନ୍ୟାସଗୁଡ଼ିକ ମଧ୍ୟରୁ ଅନ୍ୟତମ । ବିଜିଗୁପ୍ତ ଓ ରମେଶ କାଉଲ୍‌ଙ୍କ ଜୀବନର ସତ୍ୟନିଷ୍ଠତା ଓ ମାନବିକତା ମଧ୍ୟ ଔପନ୍ୟାସିକଙ୍କ ମାନସିକତାରେ ପ୍ରତିଫଳିତ । ସେଥିପାଇଁ ଉପନ୍ୟାସର ପ୍ରାରଂଭରେ ଏକ କ୍ଷୁଦ୍ର ଗପର ଅବତାରଣା କରି ଉପନ୍ୟାସଟିକୁ ଅଧିକ ଆକର୍ଷକ ଓ ଜୀବନ୍ତ କରିପାରିଛନ୍ତି । ପାଠକମାନଂକୁ ଅମାବାସ୍ୟାର ଅନ୍ଧକାର ମଧ୍ୟରେ ନରଖି ସ୍ୱଚ୍ଛ ଚନ୍ଦ୍ରାଲୋକ ପରି ସ୍ପଷ୍ଟ କରିଦେଇଛନ୍ତି ଉପନ୍ୟାସଟିକୁ । ଅର୍ଥାତ୍ ଏହାକୁ ଯେ, ସେ 'ଚିତ୍ରଲେଖା' ଉପନ୍ୟାସର ଅନୁକରଣରେ ଲେଖିଛନ୍ତି ତାହା ସ୍ୱୀକାର କରିଛନ୍ତି । ଭଗବତୀ ଚରଣ ବର୍ମାଙ୍କ 'ଚିତ୍ରଲେଖା' ଦ୍ୱାରା ପ୍ରଭାବିତ ହୋଇ ୧୯୬୪ରେ କାଳଜୟୀ ଉପନ୍ୟାସ 'ଅମାବାସ୍ୟାର ଚନ୍ଦ୍ର'ର ସୃଷ୍ଟି ହେଲା । ଏହି ସ୍ୱୀକାରୋକ୍ତି ସାହିତ୍ୟ ସର୍ଜକମାନଂକ କ୍ଷେତ୍ରରେ ବିରଳ । ତେଣୁ ପାଠକ ରମେଶ କାଉଲ୍‌ର ଚାରିତ୍ରିକ ଦୋଷ ଦୁର୍ବଳତା ଖୋଜିବା ଆଗରୁ ଏହି ଗପରୁ ସାମାଜିକ ଶୃଙ୍ଖଳା, ଭଲ-ମନ୍ଦ ଓ ପାପ-ପୁଣ୍ୟ ସଂପର୍କରେ ସୂଚନା ପାଇଥାଏ । ଏହି ସୂଚନା ଆଧାରରେ ସେ ଉପନ୍ୟାସଟିକୁ ବିଚାର କରିଥାଏ ।

ମାର୍କ ଟ୍ୱେନ୍‌ଙ୍କ ମହାନ ଉକ୍ତିକୁ ଉଦ୍ଧାର କରିଛନ୍ତି ଔପନ୍ୟାସିକ ଉପନ୍ୟାସର ଆରଂଭରେ, "ପ୍ରତ୍ୟେକ ମଣିଷ ଗୋଟେ ଗୋଟେ ଚନ୍ଦ୍ର ଏବଂ ସମସ୍ତଂକର କଳଂକ ଅଛି; ଯାହା ସେ କାହାକୁ ଦେଖେଇ ପାରେନା ।" ଏହି କଳଂକ ଯାହା ସମାଜ ନିର୍ଦ୍ଧାରିତ । ପରିବେଶ ଓ ପରିସ୍ଥିତିରେ ପଡ଼ି ବିଜିଗୁପ୍ତ ଓ ରମେଶ କାଉଲ୍ ବାଧ୍ୟ ହୋଇ କଳଂକିତ ପଥରେ ଅଗ୍ରସର ହୁଅନ୍ତି । ସମାଜ ସେମାନଂକୁ ଆଖ୍ୟା ଦିଏ ପାପୀ । ଔପନ୍ୟାସିକ ସମାଜର ଏହି ଦାୟବଦ୍ଧତାକୁ ବିରୋଧ କରିଛନ୍ତି । "କିନ୍ତୁ ତା' ବୋଲି ତୁମର କି ଅଧିକାର ଅଛି ତାକୁ ଜଣେଇବ ଯେ, ସେ ଏଇଆ । ଯାହା ଜାଣୁଛ ହୋଇପାରେ ତା ସତ୍ୟ । କିନ୍ତୁ ସତ୍ୟର ପ୍ରକାଶର ଅଧିକାର ତୁମକୁ ଦେଲା କିଏ ?" **(ଅମାବାସ୍ୟାର ଚନ୍ଦ୍ର, ପୃଷ୍ଠା-୧୮)** ପାପପୁଣ୍ୟରେ ବିଶ୍ୱାସ ରଖୁଥିବା ଲୋକଂକୁ ସେ ଘୃଣା କରିଛନ୍ତି । ପୃଥିବୀର ପ୍ରଥମ ପୁରୁଷ-ନାରୀ, ଆଦାମ-ଇଭ୍, ପାପୀ ବା ପୁଣ୍ୟାତ୍ମା ନଥିଲେ । କାରଣ ଜନ୍ମରୁ ପ୍ରତ୍ୟେକ ବ୍ୟକ୍ତି ନିଷ୍ପାପ । ମାତ୍ର ଏହି ସମାଜ ସମସ୍ତଙ୍କ ପାଇଁ ଲକ୍ଷ୍ମଣରେଖା ପରି ନିଷିଦ୍ଧ ଗାର ଟାଣି ଦିଏ । ତା ଆଢୁଆଳରେ ରହିଲେ ପୁଣ୍ୟାତ୍ମାର ତିଳକଃ; ମାତ୍ର ତାକୁ ଟପିଲେ ଆଖ୍ୟା ପାଇବ ଭ୍ରଷ୍ଟ, ପାପୀ ଓ ବିଚ୍ୟୁତ । ପାପ-ପୁଣ୍ୟର ଏହି ରେଖାକୁ ଔପନ୍ୟାସିକ ବିରୋଧ କରିବା ସହିତ ରୀତିଯୁଗୀୟ କାବ୍ୟାଦର୍ଶ ନ୍ୟାୟରେ ଅର୍ଥାତ୍ ରୀତିଯୁଗୀୟ କବିମାନେ ସେମାନଂକ କାବ୍ୟକୁ କେଉଁପ୍ରକାର ପାଠକ ପଢ଼ିବେ ବା ରସାସ୍ୱାଦ କରିବେ ଯେପରି ସେମାନେ ନିର୍ଦ୍ଧାରଣ କରୁଥିଲେ ସେହିପରି ଗୋବିନ୍ଦ ଦାସ ମଧ୍ୟ ଏଠାରେ ସ୍ପଷ୍ଟ କରିଦେଇଛନ୍ତି । ତେଣୁ ସେ ତାଂକର କାଉଲ୍‌ଙ୍କୁ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିନାହାନ୍ତି । ଏ ସଂପର୍କରେ ସୂଚନା ଦେଇ ସେ କହନ୍ତି- "ଯିଏ ପାପାପୁଣ୍ୟକୁ ସମାଜରେ ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି, ମନୁଷ୍ୟତାର ନିକିତିରେ ତଉଲି ପାରିଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏହି କାଉଲ୍‌ଙ୍କୁ ସମର୍ପି ଦେଉଛି ।"

ବାରିଷ୍ଟର ଗୋବିନ୍ଦ ଦାସ ଉପନ୍ୟାସଟିରେ ପାପପୁଣ୍ୟର ତର୍ଜମା ଓକିଲାତିଆ ଶୈଳୀରେ କରିଛନ୍ତି । ସେଥିପାଇଁ ଉପନ୍ୟାସ ଆରଂଭରେ ବିଜିଗୁପ୍ତ ଓ କୁମାରଗିରି ପ୍ରସଂଗ ଅବତାରଣା କରିଛନ୍ତି । ଏହି ପ୍ରସଂଗ ମାଧ୍ୟମରେ ସେ ପାଠକ ସଚେତନ ସୃଷ୍ଟି କରିବାକୁ ଚାହିଁଛନ୍ତି । ଏହାପରେ ପାଠକ ଯେତେବେଳେ ରମେଶ କାଉଲ ସଂପର୍କରେ ଅଧିକରୁ ଅଧିକ ପଢ଼ିବ, ତା ମନରେ ପୂର୍ବରୁ ଥିବା ପାପ-ପୁଣ୍ୟର ସଂଜ୍ଞା ଦେଇ ବିଚାରକରିବ । କାହା ସହିତ ରମେଶ କାଉଲର ସାଦୃଶ୍ୟ ରହିଛି ? ବିଜିଗୁପ୍ତ ନା କୁମାରଗିରି ? ଗୁରୁ ରତ୍ନାକର ତାଙ୍କର ଶିଷ୍ୟ ଶ୍ୱେତାଙ୍କ ଓ ବିଶାଳଦେବଙ୍କୁ ପଚାରିଥିବା ସେଇପ୍ରଶ୍ନ । ଏହି ଦୁଇଜଣଙ୍କ ମଧ୍ୟରୁ ପାପୀ କିଏ ? ଶ୍ୱେତାଙ୍କ କହିଲେ, "ମହାପ୍ରଭୁ ! ବିଜିଗୁପ୍ତ ଭଗବାନଙ୍କ ଅବତାର ପରି । ସଂସାରରେ ସେ ଶାନ୍ତ ମହତ୍ୱର ଜୀବ' ପ୍ରତିମା । ତାଂକର ହୃଦୟ ବିଶାଳ, ମନୁଷ୍ୟତା ଅସୀମ, ତ୍ୟାଗ ଅକଳନୀୟ କିନ୍ତୁ କୁମାରଗିରି ? ସେ ସ୍ୱାର୍ଥପର ପଶୁ । ନିଜର ଉଦ୍ଦେଶ୍ୟ ସିଦ୍ଧି ପାଇଁ ସମସ୍ତ ଜଗତକୁ କରିଛି ଭ୍ରୂକ୍ଷେପ । ନିଜର ତଥାକଥିତ ସ୍ୱର୍ଗୀୟ ଉପଭୋଗ ପାଇଁ ପ୍ରକୃତିର ନିୟମକୁ ଅବଜ୍ଞା କରିଛି । x x x ସମୟ ଓ ସୁଯୋଗର କି କଦର୍ଯ୍ୟ ଅପବ୍ୟବହାର ! ସେଥିରେ ନା ଅଛି ଗୌରବ, ନା ଅଛି କିଛି ମହତ୍ୱ । ସେ ହେଉଛି ପାପୀ । ଆମର ଏ ବିଜିଗୁପ୍ତ ପାଖରେ ଅତି କ୍ଷୁଦ୍ର ।" **(ଅମାବାସ୍ୟାର ଚନ୍ଦ୍ର, ପୃଷ୍ଠା-୩)**

ବିଶାଳଦେବ ମଧ୍ୟ ଦେଲେ ସେହି ପ୍ରଶ୍ନର ଉତ୍ତର । ମାତ୍ର ତାଙ୍କ ବିଚାରରେ ପାପୀ ହେଲେ




ବିଜିଗୁପ୍ତ । ସେ କହିଲେ, "ମହାପ୍ରଭୁ! ଯୋଗୀ କୁମାରଗିରି ଅଦମ୍ୟ ଓ ମହାନ୍ । ସେ ନିଜର ଅହଂକୁ, ନିଜର କାମ ମୋହକୁ, ଯାହା ବ୍ୟକ୍ତିକୁ ସଂକୁଚିତ କରେ, ବିଚ୍ୟୁତ କରେ, ତାକୁ ଦମନ କରିପାରିଛନ୍ତି । ତାଙ୍କର ଜ୍ଞାନ, ତାଙ୍କର ଐଶ୍ୱରିକ ଶକ୍ତିର ପଟାନ୍ତର ନାହିଁ । ଆଉ ଏ ବିଜିଗୁପ୍ତ- ସେ ପାର୍ଥିବ ସମ୍ଭୋଗର ହୀନ ଦାସ, ଉଚ୍ଛୃଙ୍ଖଳ ଭୋଗ-ବିଳାସର ପୁତ୍ତଳିକା । ତାର ହୃଦୟ, ତାର ମନୁଷ୍ୟତା, ତାର ତଥାକଥିତ ତ୍ୟାଗ ସବୁ ଏଇ ପାର୍ଥିବ ସୁଖ ପାଇଁ ନିୟୋଜିତ । ପାପର ଜୀବନ୍ତ ଉଦାହରଣ ଏଇ ମ୍ଳେଚ୍ଛ ବିଜିଗୁପ୍ତ ।"

ପାଟଳିପୁତ୍ରର ଗୁରୁ ରତ୍ନାକର ଶିଷ୍ୟ ଦ୍ୱୟଙ୍କର ପାପ-ପୁଣ୍ୟ ସଂପର୍କରେ ମତାମତ ଶୁଣିସାରି ଉପସଂହାରରେ କହିଲେ, "ପାପ ପୁଣ୍ୟ ମାନସିକ ପ୍ରକ୍ରିୟାର ପରିଣାମ । ବ୍ୟକ୍ତିର ଦୃଷ୍ଟିଭଙ୍ଗୀର ଉପସଂହାର । x x x ବ୍ୟକ୍ତିର ବିଚାର ପାଇଁ ତତ୍କାଳୀନ ମୂଲ୍ୟବୋଧର ଧାର୍ଯ୍ୟ ସୀମା ଯଥେଷ୍ଟ ନୁହେଁ । ଯୁଗେଯୁଗେ ବ୍ୟକ୍ତିର ବିଚାର ହୋଇଛି ତାର ମନୁଷ୍ୟତା ଜରିଆରେ ।" **(ଅମାବାସ୍ୟାର ଚନ୍ଦ୍ର, ପୃଷ୍ଠା-୧୧)** ଏହାକୁ ଉଦାହରଣ ସ୍ୱରୂପ ଗ୍ରହଣ କରି ଗୋବିନ୍ଦ ଦାସ ତାଙ୍କ କାଉଲ୍‌ର ଅମାବାସ୍ୟା ପରି ଅନ୍ଧକାର ଦିଗଗୁଡ଼ିକ ଯଥା- ମଦ୍ୟପାନ, ଲଂପଟତା ଓ ଚରିତ୍ରହୀନତା ଇତ୍ୟାଦି କିପରି ତାର ମହାନ୍ ମନୁଷ୍ୟତା ପାଖରେ ନିଷ୍ପ୍ରଭ ଓ ଗୌଣ ହୋଇଯାଇଛି ତାହା ସୂଚେଇଛନ୍ତି । ଉପନ୍ୟାସ ନାୟକ ରମେଶ କାଉଲ୍ ନୀରା, ମାୟା, ଲତା, ମିସ୍ ଜେନି, ବାଇଜୀ, ମନୀଷା ଇତ୍ୟାଦି ନାରୀ ଚରିତ୍ରମାନଂକ ସଂସ୍ପର୍ଶରେ ଆସିଛନ୍ତି । ସେମାନଂକ ସହ ଅଂତରଂଗ ହୋଇଛନ୍ତି । ସମାଜ ନିର୍ଦ୍ଧାରିତ ଲକ୍ଷ୍ମଣରେଖାକୁ ଅତିକ୍ରମ କରିଛନ୍ତି । ପୁଣ୍ୟ ସଂଗ୍ରହ କରିବାର କୌଣସି ଲାଳସା ରଖିନାହାନ୍ତି । ଜୀବନର ବିଭିନ୍ନ ଦୁଃଖ, ଲାଂଛନା, ବେଦନା ସତ୍ତ୍ୱେ ହୃଦୟଭରି ଉପଭୋଗ କରିଛନ୍ତି ସବୁକିଛି । ଆନନ୍ଦ ପ୍ରାପ୍ତିର ଦୁର୍ବାର ଲାଳସା ଓ ମଣିଷକୁ ଭଲପାଇବାର ଆବିଳତା ଯୋଗୁଁ କାଉଲ ଏହି ଉପନ୍ୟାସରେ ଆଂଟି ହିରୋ ଭାବେ ଉଭା ହୋଇଛନ୍ତି । ଦୀର୍ଘ ଅର୍ଦ୍ଧଶତାବ୍ଦୀ ଅତିକ୍ରାନ୍ତ ସତ୍ତ୍ୱେ ପାଠକମାନଂକ ପାଖରେ କାଉଲ୍ ଏବେ ବି ଚିରସବୁଜ ।

କାଉଲ୍ ଜଣେ ବହୁନାରୀ ଭୋଗୀ, ମଦ୍ୟପ, ଜୁଆଡ଼ି ଓ ଲଂପଟ ଚରିତ୍ର । ତଥାପି ତା ଭିତରେ ଥିବା ମାନବିକତା ଓ ଦୀପ୍ତ ଚେତନା ପାଇଁ ସେ ମହାନତାରେ ଉଦ୍‌ଭାସିତ ହୋଇଉଠୁଛି । ତା ପାଖରେ ନାହିଁ ଯନ୍ତ୍ରଣା ବା ଅନୁଶୋଚନା । ବିଜୟ ପାଇଁ ନାହିଁ ଆଗ୍ରହ, ନାହିଁ ପରାଜୟର ଗ୍ଲାନି । ତା ଜୀବନର କଳଙ୍କ ଓ ଚରିତ୍ରହୀନତା ମଧ୍ୟରେ ମହତ୍ୱର ଉପଲବ୍ଧି କରିଛନ୍ତି ଲେଖକ । "ତୁମର କଳଙ୍କ ଯିଏ ଦେଖିବ, ସେ ଏ ଆଲୋକକୁ ମଧ୍ୟ ଅବଜ୍ଞା କରିପାରିବ ନାହିଁ । x x x ତୁମ ଜୀବନରେ କିଛି ବିଡ଼ମ୍ବନା ନାହିଁ, କିଛି ପ୍ରତାରଣା ନାହିଁ, କିଛି ହିପୋକ୍ରାସୀ ନାହିଁ । ତୁମେ ସତ୍ୟ ମୃତ୍ୟୁ ପରି, ତୁମେ ଚିରଞ୍ଜୀବୀ- ଅନ୍ଧକାର ପରି ।" **(ଅମାବାସ୍ୟାରେ ଚନ୍ଦ୍ର /ପୃଷ୍ଠା-୧ ଓ ୨)**

ଗୋବିନ୍ଦ ଦାସ ଉକ୍ତ ଉପନ୍ୟାସରେ କେବଳ କାଉଲ୍‌ର ମାନବିକତା ଦର୍ଶାଇଛନ୍ତି ତାହା ନୁହେଁ, ସମସ୍ତ ନାରୀ ଚରିତ୍ରମାନଂକର ମହାନ ତ୍ୟାଗ ଓ ମାନବୀୟ ସମ୍ବେଦନା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି । ମାଟ୍ରିକ୍ ପାଶ୍ କରୁକରୁ ନୀରା ରୁଗ୍ଣ ମାତା ଓ ବୃଦ୍ଧ ପିତାଙ୍କ ଦାୟିତ୍ୱ ନେଇଛି । ଜୀବନ ଯୁଦ୍ଧରେ ଲଢିବା ପାଇଁ ଟାଇପିଷ୍ଟ, ଶିକ୍ଷୟିତ୍ରୀ ଓ ସେଲସ୍ ଗାର୍ଲ ଭାବେ ନିଜକୁ ନିୟୋଜିତ କରିଛି । ପରିଶେଷରେ ଦେହ ବ୍ୟବସାୟ । ମାତ୍ର ଲକ୍ଷ୍ୟ ବୃଦ୍ଧ, ରୋଗୀଣା ଓ ଅସହାୟ ପିତା-ମାତାଙ୍କ ସେବା । ଯିଏ ବାପା-ମାଙ୍କ ପାଇଁ ନିଜ ଜୀବନର ସବୁକିଛି ଜଳାଞ୍ଜଳି ଦେଇପାରେ ତା ଠାରୁ ମହାନ୍ ଆଉ କିଏ ? ଗୋଟିଏ ନାରୀର ଇଜ୍ଜତ ଠାରୁ ବଡ ଆଉ କିଛି ହୋଇନପାରେ । ନୀରା ସେତକ ମଧ୍ୟ ତା ବାପା-ମାଙ୍କ ପାଇଁ ଭ୍ରୂକ୍ଷେପ କରିନାହିଁ । ସେହିପରି ବେଶ୍ୟା ମାୟା ମଧ୍ୟ ଅସୁସ୍ଥ କାଉଲ୍‌କୁ ସେବାକରି ସୁସ୍ଥ କରିଛି । ଆଉ ବାଇଜୀ ଏକ ଅଜଣା ଯୁବକକୁ ବଂଚାଇବାକୁ ଯାଇ ପୋଲିସ ଆଗରେ ମିଛ ବୟାନ ଦେଇଛି । ସେଇ ଅପରିଚିତ ଯୁବକ ପାଇଁ ନିଜର ବ୍ୟବସାୟ, ନୃତ୍ୟ, ସଂଗୀତ ତ୍ୟାଗକରି ସର୍ବସ୍ୱାନ୍ତ ହୋଇଛି । ବାଇଜୀ ଏଠାରେ ଏକ ଆଦର୍ଶ ନାରୀ ଚରିତ୍ର । ମଣିଷ ପ୍ରତି ମଣିଷର ତ୍ୟାଗ, ଭଲପାଇବାକୁ ଗୁରୁତ୍ୱ ଦେଇ ବାଇଜୀ କହିଛି- "ଯାହାକୁ ତୁମେ ଅନ୍ତର ଦେଇ ଭଲପାଅ, ତା ପାଇଁ ଭିକାରୀ ସାଜିବାରେ ସେ କି ଗୌରବ ! ମୁଁ ସର୍ବସ୍ୱାନ୍ତ ହେଲି ଅର୍ଥରେ; କିନ୍ତୁ ହୃଦୟରେ ହେଲି ଐଶ୍ୱର୍ଯ୍ୟଶାଳିନୀ ।" **(ଅମାବାସ୍ୟାରେ ଚନ୍ଦ୍ର, ପୃଷ୍ଠା- ୮୦)** ସେହି ଯୁବକ ପାଇଁ ସେ ଅନୁଭବ କରିଛି ମାତୃତ୍ୱର ପରମ ଆନନ୍ଦ । ବାଇଜୀର ଜୀବନ ପାତ୍ର ପୂରି ଆସୁଥିବା ସମୟରେ ସେହି ଯୁବକର ମୃତ୍ୟୁ ତାକୁ ଶକ୍ତ ଆଘାତ ଦେଇଛି । ମାତ୍ର ସେ ଭାଂଗି ନପଡି ନିଜର ପିଲା ପାଇଁ ପୁଣି ସେ ଆରଂଭ କରିଛି ମୁଜୁରା । ସ୍ପଷ୍ଟ ଭାବରେ ଜଣେଇଦେଇଛି, ମାତା ପକ୍ଷରେ ଶିଶୁ ପାଇଁ କୌଣସି ତ୍ୟାଗ ଯଥେଷ୍ଟ ନୁହେଁ । ପରିବେଶ ଓ ପରିସ୍ଥିତର ତାଡନାରେ ନବଜନ୍ମ ଲାଭ କରିଛନ୍ତି ନିର୍ମଳା ଓ ନମିତା ଯଥାକ୍ରମେ ନୀରା ଓ ବାଇଜୀ ଚରିତ୍ର ମାଧ୍ୟମରେ । ମାତ୍ର ମଣିଷପଣିଆରେ ସେମାନେ ହୋଇପାରିଛନ୍ତି ନମସ୍ୟ ।

ଉପନ୍ୟାସରେ ବର୍ଣ୍ଣିତ ନାରୀ ଚରିତ୍ରମାନଂକର ମହନୀୟତା ପାଇଁ କାଉଲ୍ ହୋଇପାରିଛି ଏତେ ସାର୍ଥକ । ଏହି ନାରୀମାନଂକର ପ୍ରେମ, ଭଲପାଇବା, ମାନବିକତା, ଆତ୍ମତ୍ୟାଗ, ବଳିଦାନ କାଉଲ୍‌କୁ ଏକ ପ୍ରେମିକ ପୁରୁଷ ଭାବରେ ଚିହ୍ନେଇ ଦେଇଛି । ଦେଶ, ବିଦେଶର ବହୁ ନାରୀ ଭୋଗ ସତ୍ତ୍ୱେ ସେ ଚାହିଁଛି ତାର ପ୍ରିୟନାରୀର ଏକନିଷ୍ଠ ପ୍ରେମ । କାଉଲର ମନର ମାନସୀ ମନୀଷା । ବିଜିଗୁପ୍ତଙ୍କ ଚିତ୍ରଲେଖା । ପାଟଳିପୁତ୍ରର ସ୍ୱନାମଧନ୍ୟା ନର୍ତ୍ତକୀ ଚିତ୍ରଲେଖା ପାଇଁ ବିଜିଗୁପ୍ତ ହେଲେ ରାଜ୍ୟହୀନ, ଅର୍ଥହୀନ ଓ ଗୌରବହୀନ । ସେହିପରି ମନୀଷା ପାଇଁ କାଉଲ୍ ହେଲେ ନିଃସ୍ୱ । ଦୁଃସାଧ୍ୟ କ୍ୟାନସର ରୋଗରୁ ମଣିଷକୁ ରକ୍ଷା କରିବା ପାଇଁ ନିଜ ଜୀବନଯାକର ସମସ୍ତ ଅର୍ଥ ସର୍ବୋପରି ନିଜର କାରଖାନାକୁ ମଧ୍ୟ ପାଣି ଦରରେ ବିକ୍ରି କରିଦେଇଛନ୍ତି । ନିଜର ସୁଖ ପାଇଁ ସବୁକିଛି କରୁଥିବା ଏହି ମଣିଷ ପ୍ରେମ ପାଇଁ, ଭଗବାନଙ୍କ ଦ୍ୱାରସ୍ଥ ହୋଇଛନ୍ତି । "ଭାବୁଥାନ୍ତି ଯଦି ତୁମେ ଭଗବାନ କେଉଁଠି ଥାଅ, ଏ ଦୂର ଆକଶରେ, ତାହେଲେ ବଂଚାଅ ମୋ ମନୀଷାକୁ । ତାର ମଙ୍ଗଳକର ।" **(ଅମାବାସ୍ୟାର ଚନ୍ଦ୍ର, ପୃଷ୍ଠା- ୧୨୯)**

ବିଜିଗୁପ୍ତ ଓ ରମେଶ କାଉଲ୍ ଆତ୍ମସମୀକ୍ଷା କରିଛନ୍ତି । ନିଜର ଦୟନୀୟ ସ୍ଥିତି ଓ ସମାଜର କଟାକ୍ଷ ପାଇଁ ନିଜ ନିଜର ପ୍ରେମର ନିକଟତର ହେବାକୁ ଦ୍ୱିଧା ପ୍ରକାଶ କରିଛନ୍ତି । ସେଥିପାଇଁ ମନୀଷାର ରାମଚନ୍ଦ୍ର ସଂବୋଧନରେ କାଉଲ୍

ଭାବିଛନ୍ତି, "ରାବଣ ବି ରାମଚନ୍ଦ୍ର ହୋଇପାରେ । କିନ୍ତୁ ମୁଁ ତ ରାବଣ ନୁହେଁ; ତଥାପି କାହିଁକି ଅଭିଯୋଗ ଏ ସମାଜର ?" ଆହୁରି ମଧ୍ୟ କାଉଲ୍ ଦେଶାଇ ସହିତ ତୁଳନା କରି ନିଜକୁ ଛୋଟ ଭାବିଛନ୍ତି । ସେହିପରି ବିଜିଗୁପ୍ତ, ଶ୍ୱେତାଙ୍କ ଓ କୁମାରଗିରିଙ୍କ ସାମ୍ନାରେ ଅସହାୟ ହୋଇ ପଡିଛନ୍ତି । ଔପନ୍ୟାସିକଙ୍କ ଭାଷାରେ, "କାଉଲ ଭାବିଲେ ନିଜର କଥା । ତୁଳନା କଲେ ଦେଶାଇ ସାଂଗରେ- ମନୀଷାଙ୍କ ଜୀବନ ଦୃଷ୍ଟିରୁ, ଜ୍ଞାନ, ପ୍ରତିଷ୍ଠା, ଶିକ୍ଷା ରୂପରେ ଏ ଦେଶାଇ ହେଉଛି ମନୀଷାଙ୍କ ଆଦର୍ଶ ରାମଚନ୍ଦ୍ର । ... ସୂର୍ଯ୍ୟଙ୍କ ପରି ନିୟମିତ ନିର୍ଦ୍ଦିଷ୍ଟ ଏ ଦେଶାଇ । କିନ୍ତୁ ସେ ନିଜେ ? ଏକ ନୀତିହୀନ, ଚରିତ୍ରହୀନ, କକ୍ଷଚ୍ୟୁତ ସାମଗ୍ରୀ । ଯାହାର ଅତୀତ କୁତ୍ସିତ, ବର୍ତମାନ କଳଂକିତ, ଭବିଷ୍ୟତ ଅଂଧକାର ।" ଜୀବନର ଏତେ ପାପ, ଅସହାୟତା ଓ ହତାଶା ମଧ୍ୟରେ ପ୍ରେମର ଦୀପ୍ତିରେ ଏମାନେ ତେଜୀୟାନ ।

ଚିତ୍ରଲେଖା ହେଉ ବା ମନୀଷା ଏମାନେ ରୂପ, ରଂଗ ଓ ସଂପଦ ପରିବର୍ତେ ଭଲପାଇଛନ୍ତି ପୁରୁଷପଣିଆକୁ ଓ ମାନବିକତାକୁ । ଅର୍ଥ ଓ ପ୍ରତିଷ୍ଠା ବଦଳରେ ପ୍ରେମ ଓ କରୁଣାରେ ଭରି ଯାଇଥିଲା ଏମାନଂକ ହୃଦୟ । ଚିତ୍ରଲେଖା କହିଛି, ମୁଁ ଚାହେଁ ଏହି ମନୁଷ୍ୟଟିକୁ । ହେଉପଛେ ରଂଗହୀନ, ସଂପଦହୀନ, ଗୌରବହୀନ- କିନ୍ତୁ ହୋଇଥିବ ବିଜିଗୁପ୍ତ । ସେହିପରି ମନୀଷା ଜୀବନର ଅନ୍ତିମ କ୍ଷଣରେ ଦେଇଥିବା ଚିଠି କାଉଲଙ୍କୁ ଦେବା ପାଇଁ ଯେତେବେଳେ ଖୋଜାଯାଇଛି, ସେତେବେଳେ କାଉଲ୍ ନିରୁଦ୍ଦିଷ୍ଟ । ଔପନ୍ୟାସିକ ମନୀଷାର ଭଲପାଇବା, ପବିତ୍ରତା ସଂପର୍କରେ ସୂଚନା ଦେଇଛନ୍ତି । କାଉଲ୍, ଯଦି କେବେ ସମୟ ପାଅ, ଯିବ ମନୀଷାର କୋଠରୀକୁ । ସେ ସ୍ଥାନ ଯେକୌଣସି ମନ୍ଦିର ମସ୍‌ଜିଦ ଠାରୁ ଆହୁରି ପବିତ୍ର । ଆହୁରି ମହୀୟାନ୍ । ହୁଏତ ସନ୍ଧାନ ପାଇବ ଗୋଟିଏ କ୍ଷୁବ୍ଧ ଅଶାନ୍ତ ଆତ୍ମା ଘୂରିବୁଲୁଛି ତୁମର ଟିକିଏ ଦର୍ଶନ ପାଇଁ; ଟିକେ ପରଶ ଲାଗି । ଏଠାରେ ପୁରୁଷ-ନାରୀର ଦୈହିକ ଆକର୍ଷଣ ଉର୍ଦ୍ଧ୍ୱରେ ଥିବା ଶାଶ୍ୱତ ପ୍ରେମ ପରିଲକ୍ଷିତ ହୋଇଛି । ଯାହା ସମାଜ ଆଖିରେ ଅନନ୍ତ ପାପର ମୂଳଉତ୍ସ । ମାତ୍ର ଔପନ୍ୟାସିକ ପୁରୁଷ-ନାରୀର ସଂପର୍କ ଚିତ୍ରଣ କରିବାରେ ନିଜର ସୌନ୍ଦର୍ଯ୍ୟତାତ୍ତ୍ୱିକ ଦୃଷ୍ଟିଭଂଗୀର ପ୍ରୟୋଗ କରିଥିବାରୁ ଏହା ସ୍ୱର୍ଗୀୟ ପ୍ରେମରେ ପରିଣତ ହୋଇଯାଇଛି । ଘୃଣା ପରିବର୍ତେ ସମସ୍ତ ଚରିତ୍ର ପାଇଛନ୍ତି ପାଠକୀୟ ସଂବେଦନା । ଏହି ସମାଜ ନିର୍ଘଣ୍ଟ ପାପ ସମସ୍ତଙ୍କ ଚରିତ୍ରକୁ ମଳିନ କରିବା ପରିବର୍ତ ଉଜ୍ଜ୍ୱଳତାରେ ମହିମାନ୍ୱିତ କରିଛି ।

'ଅମାବାସ୍ୟାର ଚନ୍ଦ୍ର' ଏକ ପାଠକପ୍ରିୟ ଉପନ୍ୟାସ । ଏହା ପାଠକକୁ ଆନନ୍ଦ ଦିଏ, ସୁନ୍ଦର ଜୀବନ ବଂଚିବାକୁ ଖୋରାକ ଦିଏ, ପାପ-ପୁଣ୍ୟର ଉର୍ଦ୍ଧ୍ୱକୁ ଯିବାକୁ ସାହସ ଯୋଗାଏ । ଉପନ୍ୟାସ ମାଧ୍ୟମରେ ବ୍ୟର୍ଥତା ଓ ବିଷାଦକୁ ଅତିକ୍ରମ କରିବାକୁ ପ୍ରେରଣା ଯୋଗାଉଥିବା ବାରିଷ୍ଟର ଗୋବିନ୍ଦ ଦାସ ବିଜିଗୁପ୍ତ, ଚିତ୍ରଲେଖା ଓ କୁମାରଗିରିଙ୍କର ଗୋଟେ ତ୍ରିକୋଣୀୟ ରୋମାଞ୍ଚଭରା ପ୍ରେମକାହାଣୀର ଅବତାରଣା କରି ଉପନ୍ୟାସଟିକୁ ରସୋଦ୍ଦୀପ୍ତ କରିପାରିଛନ୍ତି । ଏହା ମାଧ୍ୟମରେ ପାପ-ପୁଣ୍ୟର ଏକ ସଂଜ୍ଞା ଦେବାକୁ ଚେଷ୍ଟା କରିଛନ୍ତି । ଫଳରେ ପାଠକ ସଚେତନ ଭାବରେ କାଉଲ ଚରିତ୍ରକୁ ଅନୁଧ୍ୟାନ କରିବାର ସୁଯୋଗ ପାଇବ । ସବୁଠାରୁ ବଡକଥା ହେଲା ଚିତ୍ରଲେଖା ଉପନ୍ୟାସର କେଉଁ ଅଂଶ ଦ୍ୱାରା ସେ ପ୍ରଭାବିତ ତାହା ଉପନ୍ୟାସ ପ୍ରାରଂଭରେ ଉଲ୍ଲେଖ କରିବା ତାଂକ ସାଧୁତାର ଓ ମାନବିକତାର ପରିଚୟ ଦିଏ । ଯାହା ସାଧାରଣତଃ ନିଆରା । ଯେଉଁ ମାନବିକତାର ଉଜ୍ଜ୍ୱଳ ଦୀପ୍ତିରେ ମହୀୟାନ ହୋଇଛନ୍ତି ଉପନ୍ୟାସର ନାୟକ ରମେଶ କାଉଲ୍ । ଏଥିପାଇଁ ଔପନ୍ୟାସିକ ଗୋବିନ୍ଦ ଦାସ, ତାଂକ ଉପନ୍ୟାସ 'ଅମାବାସ୍ୟାର ଚନ୍ଦ୍ର' ଓ ଉପନ୍ୟାସ ନାୟକ ରମେଶ କାଉଲ୍ ସମସ୍ତେ ପାଠକ ପାଖରେ ମହାନ୍ ହୋଇପାରିଛନ୍ତି ।

ବିଜିଗୁପ୍ତର ମହାନତା ଓ ଚିତ୍ରଲେଖା ସହ ସ୍ୱର୍ଗୀୟ ପ୍ରେମର ନୈସର୍ଗିକ ଆନନ୍ଦ ସହିତ ଭଣ୍ଡ ପାଷଣ୍ଡ ଯୋଗୀ କୁମାରଗିରିଙ୍କର ଅଧଃପତନକୁ ଯେପରି 'ଚିତ୍ରଲେଖା'ରେ ଦର୍ଶାଯାଇଛି ସେହିପରି ସାଂପ୍ରତିକ ଅଭିଜାତ ବର୍ଗର ସ୍ଖଳନକୁ ଗୋବିନ୍ଦ ଦାସ ସୌମେନ ଚରିତ୍ର ମାଧ୍ୟମରେ ସୁନ୍ଦର ଭାବେ ଦର୍ଶାଇ ପାରିଛନ୍ତି । କେବଳ ନାରୀର ଦେହ ଏମାନଙ୍କ ପାଇଁ ସବୁକିଛି । ସୌମେନ୍ ନୀରାର ଭଲପାଇବା, ଶ୍ରଦ୍ଧା ଓ ସରଳତାର ସୁଯୋଗ ନେଇଛି ଓ ତାକୁ ଉପହାସ କରିଛି ଓ ତାଚ୍ଛଲ୍ୟ କରିଛି । ମାତ୍ର ନୀରାର ରୂପ, ସୌନ୍ଦର୍ଯ୍ୟ ଓ ବୁଦ୍ଧିମତା ପାଖରେ ଭୂଲୁଂଠିତ ହୋଇଛି ତାର ଅର୍ଥ, ପ୍ରତିପତ୍ତି ଓ ସମ୍ମାନ । ଏପରିକି ନିଜ ସ୍ତ୍ରୀକୁ ଉପେକ୍ଷା କରି ନୀରାର ସାମାନ୍ୟ ସାନ୍ନିଧ୍ୟ ପାଇଁ ପ୍ରତ୍ୟହ ସୌମେନ୍ ଦୌଡିଛି ତା ପାଦ ତଳକୁ । ନୀରା ଉପହାସ ଓ ତାଚ୍ଛଲ୍ୟଭରା ଚାହାଁଣୀରେ ସୌମେନ୍ ଗାଲରେ ଗୋଟେ ଶକ୍ତ ଚଟକଣା ପକାଇ ପ୍ରତିଶୋଧ ନେଇଛି । ଅର୍ଥ, ସାମାଜିକ ପ୍ରତିଷ୍ଠା ଥିବା ପରେ ବି ଯୁବ ସମାଜ କିପରି ମାନସିକ ଭାବେ ଦୁର୍ବଳ ହୋଇପଡୁଛି ତାହା ଯୋଗୀ କୁମାରଗିରି ପ୍ରସଂଗ ଅବତାରଣା ପୂର୍ବକ ସୌମେନ୍ ଚରିତ୍ର ମାଧ୍ୟମରେ ଉପସ୍ଥାପନ କରିଛନ୍ତି ।

ପରିବେଶ ଓ ପରିସ୍ଥିତି ମଧ୍ୟ ଦେଇ ରମେଶ କାଉଲ ଚରିତ୍ରକୁ ଅନନ୍ୟ କରି ଗଢି ତୋଳିବାକୁ ଯଥାସାଧ୍ୟ ଚେଷ୍ଟା କରିଛନ୍ତି ଔପନ୍ୟାସିକ । ଫଳରେ କିଛି ସ୍ଥାନରେ ଏହା ମାତ୍ରାଧିକ ହୋଇଯାଇଛି ବୋଲି ମୋର ମନେହୁଏ । ଯାହାର ସେମିତି କୌଣସି ପ୍ରୟୋଜନ ନାହିଁ କହିଲେ ଚଳେ । ଯଥା ରାଜନୀତି ଠାରୁ ଦୂରରେ ଥିବା ଜଣେ ବ୍ୟକ୍ତି ଗୋଟେ ମାସ ଭିତରେ ଭୋଟରେ ଜିତିବା, ପ୍ରତିନିଧିମାନଙ୍କ ଅନୁରୋଧରେ ଚେୟାରମ୍ୟାନ ହେବା ଏବଂ ଯେଉଁଦିନ ସଂବର୍ଦ୍ଧନା ସଭା ହେଉଥିଲା, ସେଠାରେ ସର୍ବସମ୍ମୁଖରେ ସଭ୍ୟ ପଦରୁ ଓ ଚେୟାରମ୍ୟାନ୍ ପଦରୁ ଇସ୍ତଫା ଦେବା । ଏହା ନାଟକୀୟତା ପରି ମନେହୁଏ । କାଉଲ୍ ଚରିତ୍ରର ମହାନତା ଦର୍ଶାଇବା ପାଇଁ ଔପନ୍ୟାସିକ ଏହି ଅଂଶଟିକୁ ଯୋଡିଛନ୍ତି । 'ହାତଯୋଡି ପେଣ୍ଡାଲ୍ ଉପରୁ ତଳକୁ ଆସିଲେ କାଉଲ୍ । ଆସ୍ତେ ଆସ୍ତେ ଆଗେଇଲେ ସଭାସ୍ଥଳୀ ଭିତରକୁ । ଜନତା ଛିଡାହୋଇ ରହିଲେ । x x x ଦିନେ ପିତୃସତ୍ୟ, ମାତୃ ଆଦେଶ ପାଇଁ ରାଜ ସିଂହାସନ ତ୍ୟାଗ କରି ବିଦାୟ ନେଇଥିଲେ ଆର୍ଯ୍ୟ ରାମଚନ୍ଦ୍ର । ଆଜି ଆମର କାଉଲ୍, ନିଜର ବିବେକର ନିର୍ଦ୍ଦେଶରେ ବ୍ୟକ୍ତିର ସମ୍ମାନ ପାଇଁ ତ୍ୟାଗ କଲେ ନିଜର ପଦବୀ, ନିଜର ପ୍ରତିଷ୍ଠା ।" (ତତ୍ରୈବ, ପୃଷ୍ଠା-୧୦୧) କାର୍ଡ ଖେଳରେ ବନ୍ଧୁମାନଙ୍କ ସହ କଥା ପ୍ରସଂଗରେ ଜିଦ୍ କରି ମାସେ ଭିତରେ କାଉଲଙ୍କୁ ରାଜନେତା ବନେଇବା ଓ ପ୍ରଭୁ ରାମଚନ୍ଦ୍ରଙ୍କ ସହ ତୁଳନା କରି ମହାମାନବରେ ପରିଣତ କରେଇବା ବାରିଷ୍ଟର ଦାସଙ୍କର କାଉଲ୍ ପ୍ରତି ଅତ୍ୟଧିକ ଭାବପ୍ରବଣତାର ଲକ୍ଷଣ ବୋଲି ମୋର ମନେହୋଇଛି । ଯାହା ଉପନ୍ୟାସର ସାଫଲ୍ୟକୁ ସାମାନ୍ୟ କ୍ଷୁର୍ଣ୍ଣ କରୁଛି ।

ଏସବୁ ପରେ ବି 'ଅମାବାସ୍ୟାର ଚନ୍ଦ୍ର' ଏକ ଉଚ୍ଚମାନର ଉପନ୍ୟାସ ଏହା ସ୍ୱୀକାର୍ଯ୍ୟ । ଗୋବିନ୍ଦ ଦାସଙ୍କର ସବୁଠାରୁ ବଡ କୃତିତ୍ୱ ହେଉଛି ଗୋଟେ ଛୋଟ ଘଟଣାକୁ ଆଦର କରି ଏତେ ସୁନ୍ଦର ଏକ ଉପନ୍ୟାସ ରଚନା କରିବା । ନରନାରୀଙ୍କର ଦୈହିକ ଆକର୍ଷଣ ପରେ ବି, ଏସବୁ ଉର୍ଦ୍ଧ୍ୱରେ ଯେ ଏକ ଶାଶ୍ୱତ ସଂପର୍କ ରହିଛି ତାହାକୁ ବିଜିଗୁପ୍ତ, ଚିତ୍ରଲେଖା, ନୀରା, ବାଇଜୀ, କାଉଲ୍ ଓ ମନୀଷା ଚରିତ୍ର ମାଧ୍ୟମରେ ଚମତ୍କାର ଢଙ୍ଗରେ ଚିତ୍ରଣ କରିଛନ୍ତି ଔପନ୍ୟାସିକ । ଅନାବିଳ ପ୍ରେମ ଓ ମାନବୀୟ ସଂବେଦନା ଦ୍ୱାରା ଏମାନେ ଛନ୍ଦି ହୋଇଯାଇଛନ୍ତି, ଯାହା ପାଠକ ପ୍ରାଣରେ ବାରମ୍ବାର ଆଲୋଡନ ସୃଷ୍ଟି କରୁଛି । ଯେତେଥର ପଢିଲେ ବି ନୂଆନୂଆ ଲାଗୁଛି ଉପନ୍ୟାସଟିର ଚମତ୍କାର ସଂଳାପ ଓ ଗୋବିନ୍ଦ ଦାସଙ୍କ ବୌଦ୍ଧିକ ଦୃଷ୍ଟିଭଙ୍ଗୀ । ପ୍ରକାଶନର ଏତେ ବର୍ଷ ପରେ ମଧ୍ୟ ସମସ୍ତଙ୍କୁ ଆକର୍ଷିତ କରିପାରୁଛି, ଭଲଲାଗୁଛି, ସର୍ବୋପରି ଜୀବନନିଷ୍ଠ ଲାଗୁଛି ।

ଧର୍ମ ଓ ସମାଜ ନିର୍ଦ୍ଧାରିତ ପାପକୁ ସମସ୍ତେ ନିଜନିଜ ଜୀବନ ପରିଧି ମଧ୍ୟରେ ସ୍ୱୀକାର କରି ଗୋଟେ ଦୃଢ ମାନବୀୟ ଗୁଣଯୁକ୍ତ ଆଦର୍ଶ ଜୀବନ ବଂଚିବାକୁ ଉପନ୍ୟାସ ସୂଚନା ଦେଉଛି । ଫଳରେ ଫମ୍ପା ମୂଲ୍ୟବୋଧ ଠାରୁ ଦୂରେଇ ବ୍ୟକ୍ତି, ପରିବାର ଓ ସମାଜ ହୋଇପାରିବ ସତ୍ୟ, ଶିବ ଓ ସୁନ୍ଦର ।

# ହୃଦୟବାନ ହୃଷୀକେଶ



# କବିତାର ଆର୍ଥନୀତିକ ଆଧାର : ହୃଷୀକେଶଙ୍କ କୃତି ସମ୍ଭାର




**ଡକ୍ଟର ଭରତ ବେହେରା**

ଏମ୍‌ଆଇଜି - ୨୨, ଜିଏସ୍ ନଗର,
ଜଗତପୁର, କଟକ
ଫୋନ : ୯୪୩୭୫୭୦୧୨୦


ଫଟୋ ସୌଜନ୍ୟ : କବି ହୃଷୀକେଶ ମଲ୍ଲିକ

॥ ୭ ॥

୬୧ଟି ଏପିସୋଡ୍‌ର ସମାବେଶରେ ହୃଷୀକେଶଙ୍କ ମିଥକୀୟ କବିତା ଗ୍ରନ୍ଥ 'ବସୁଷେଣ' ସମୃଦ୍ଧ । ତେବେ ଶ୍ରେଷ୍ଠ କବିତା ସଂକଳନରେ ସ୍ଥାନିତ ହୋଇଛି ବଛା ବଛା ପନ୍ଦରଟି ଏପିସୋଡ୍ । ସେହି ସବୁ ଏପିସୋଡ୍ କର୍ଣ୍ଣ ଜୀବନ ଚରିତର ଅନେକ ଦିଗକୁ ସ୍ପର୍ଶ କରିଛି । ମହାଭାରତ ମହାକାବ୍ୟରେ ସେ ହେଉଛି ଅଭିଶପ୍ତ ଚରିତ୍ର । ତା'ର ଜୀବନ ଯେତିକି ରହସ୍ୟପୂର୍ଣ୍ଣ ତା' ଠାରୁ ଆହୁରି ବେଶି ଅଭେଦ୍ୟ । ସେ ଚିରକାଳ ଅବିଚାରିତ । ସଂସାରର କେହି ତାକୁ ନ୍ୟାୟ ଦେଇନାହାନ୍ତି । ସେ ଦୃଷ୍ଟିରୁ ସେ ଆଜି ବି ଅପଢ଼ା, ଅବମୂଲ୍ୟାୟିତ । ଏମିତିକି ବ୍ୟାସଦେବ ବି ତାକୁ ନ୍ୟାୟ ପ୍ରଦାନ କରିନାହାନ୍ତି । ଗୋଟେ ବିବଶ ମାଆର ବେଦନା ହିଁ କର୍ଣ୍ଣର ଅଭିଶପ୍ତ ଜୀବନ ପାଇଁ ଦାୟୀ । ପୁରୁଷ ପ୍ରାଧାନ୍ୟ ସମାଜରେ ବ୍ୟକ୍ତି ନାରୀ ଓ ସମଷ୍ଟି ନାରୀ ଉଭୟ ଉପେକ୍ଷିତା । ସେ ନାରୀ ଯେଉଁ କୁଳରେ ଜନ୍ମ ହୋଇ ଥାଆନ୍ତୁ ନା କାହିଁକି । ପକ୍ଷାନ୍ତରରେ ଜାତି ବିଭକ୍ତ ସମାଜରେ ବ୍ୟକ୍ତିର ବୁଦ୍ଧି, ପ୍ରଜ୍ଞା, ବୀରତ୍ୱ, ବ୍ୟକ୍ତିତ୍ୱ, ଯାହା ଥାଉନା କାହିଁକି ସେମାନେ ଅବିଚାରିତ ଜୀବନ ବିତେଇବାକୁ ବାଧ୍ୟ । ଉଚ୍ଚ ଜାତି କୁଆଁରୀ ମାଆର ବିବଶ ବେଦନା ଓ ତଳଜାତି ପାଳିକା ମାଆର ଲାଳନପାଳନ କର୍ଣ୍ଣ ଜୀବନରେ ପରିଚୟ ସଂକଟ ସୃଷ୍ଟି କରିଛି । ଗୋଟିଏ ଯୁଗ କାହିଁକି, କୌଣସି ଯୁଗରେ ତାକୁ କେହି ନ୍ୟାୟ ଦେଇପାରିବେ ନାହିଁ । ଜାତିବିଭକ୍ତ ଓ ପୁରୁଷ ପ୍ରାଧାନ୍ୟ ସମାଜ ଥିବା ଯାଏଁ ଏମିତିକା ଚରିତ୍ରମାନେ ଉପେକ୍ଷିତ ହୋଇ ରହିବେ ହିଁ ରହିବେ । ହୃଷୀକେଶ ସେ ଦିଗରେ ଅନ୍ତରଙ୍ଗ ପ୍ରୟାସ କରିଛନ୍ତି ମାତ୍ର ।

ଦ୍ରୌପଦୀ ସ୍ୱୟମ୍ବରରୁ ଆରମ୍ଭ ହୋଇ କର୍ଣ୍ଣ ନିହତ ହେବା ପର ପର୍ଯ୍ୟନ୍ତ 'ବସୁଷେଣ' ଗ୍ରନ୍ଥର ବ୍ୟାପ୍ତି । ଦ୍ରୌପଦୀଙ୍କ କାରୁଣ୍ୟରେ ଭେଦିଯାଇଛି ସମ୍ପୃକ୍ତ ଗ୍ରନ୍ଥର ପୃଷ୍ଠା ପରେ ପୃଷ୍ଠା । ସ୍ୱୟମ୍ବର ସମୟରେ ଦ୍ରୌପଦୀଙ୍କ ତୁଣ୍ଡର ତିରସ୍କାର କର୍ଣ୍ଣ ହୃଦୟରେ ଅଲିଭା ଦାଗ ସୃଷ୍ଟି କରିଛି । ପକ୍ଷାନ୍ତରରେ ଉଚ୍ଚ ବର୍ଣ୍ଣୀ ବ୍ରାହ୍ମଣ

**ହୃଷୀକେଶ ମଲ୍ଲିକ : ଓଡ଼ିଆ କବିତାର ମହାନାୟକ । ୧୯୫୫ ମସିହା ମାର୍ଚ୍ଚ ପାଞ୍ଚ ତାରିଖରେ ଜନ୍ମ । ଭଦ୍ରକ ଜିଲ୍ଲାର ବାଣିତିଆ ଗ୍ରାମରେ । ଛାତ୍ରାବସ୍ଥାରୁ ତାଙ୍କ କୃତି ସମ୍ଭାରର ଚୁମ୍ବକୀୟ ଆକର୍ଷଣ ସ୍ପଷ୍ଟ ଭାବରେ ବାରି ହୋଇ ପଡ଼ିଥିଲା । ଉଚ୍ଚ ଶିକ୍ଷା ସମାପ୍ତି ପରେ ବିଭିନ୍ନ ସରକାରୀ କଲେଜ୍‌ରେ ଅଧ୍ୟାପନା ସହ ତୁଳନାତ୍ମକ ସାହିତ୍ୟରେ ବିଶ୍ୱଭାରତୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡ଼ି ପ୍ରାପ୍ତ । କେବଳ କବିତା ନୁହେଁ ସମାଲୋଚନା କ୍ଷେତ୍ରରେ ତାଙ୍କ ବ୍ୟୁତ୍ପତ୍ତି ଅସୀମ । ନଅ ଖଣ୍ଡ କବିତା ପୁସ୍ତକ, ଦୁଇଖଣ୍ଡ ଗଳ୍ପ ପୁସ୍ତକ, ଦୁଇଖଣ୍ଡ ଶିଶୁ ପୁସ୍ତକ, ଚାରିଖଣ୍ଡ ସମାଲୋଚନା ପୁସ୍ତକର ସ୍ରଷ୍ଟା ସେ । ରବୀନ୍ଦ୍ରନାଥଙ୍କ 'ଗୀତାଞ୍ଜଳି'ର ଓଡ଼ିଆ ଅନୁବାଦ ତାଙ୍କର ଏକ ଅମୂଲ୍ୟ କୃତି । ଭଦ୍ରକରୁ ଏକଦା ପ୍ରକାଶିତ 'ଗଳ୍ପଝର'ର ସେ ଥିଲେ ସମ୍ପାଦନା ଦାୟିତ୍ୱରେ । ଅଧୁନା ଅବସର ପରେ 'ଧରିତ୍ରୀ ସାହିତ୍ୟାୟନ'ର ସମ୍ପାଦନାରେ ବ୍ରତୀ । ତାଙ୍କର ସମୁଦାୟ କାବ୍ୟକୃତିକୁ ନେଇ ଭରତ ବେହେରାଙ୍କ ଆକଳନର ପ୍ରଥମ ଭାଗ ଡିସେମ୍ବର ୨୦୧୯ରେ ପ୍ରକାଶ ପାଇଥିଲା । ଏଥର ତାର ଶେଷ ଭାଗ ପ୍ରକାଶ କରୁଛୁ ।**

ପରିଚୟରେ ଅର୍ଜୁନ ସ୍ୱୟମ୍ବରର ସର୍ତ୍ତ ଜିଣି ପତି ହେବାର ଯୋଗ୍ୟତା ହାସଲ କରିଥିଲେ । ଏପରି ବାଛବିଚାରପୂର୍ଣ୍ଣ ଦୃଶ୍ୟ କର୍ଣ୍ଣ ମନରେ ଭାବାନ୍ତର ସୃଷ୍ଟି କରିଛି । ତା'ର ଗୋଟିଏ ଉଦ୍ଧୃତି ଏମିତି : "ଏ କି ଖାଲି ଆନୁଷ୍ଠାନିକତା / ସରି ଯାଇଥିବା ବିବାହର" **(ଶ୍ରେ.କ. : ପୃ. - ୧୯୪)** ବସ୍ତୁତଃ ବିବାହ ନିର୍ଦ୍ଧାରଣ ହୋଇ ସାରିଥିଲା ବହୁପୂର୍ବରୁ । ଅପମାନିତ ଓ ଅବିଚାରିତ ହୋଇ ଫେରୁଥିବା ବେଳେ କର୍ଣ୍ଣ ଆତ୍ମପରିଚୟ ଖୋଜିଛି । ମାନସିକ କ୍ଳାନ୍ତିର ସୀମା ନଥିଲା । ସମ୍ଭବତଃ, କର୍ଣ୍ଣଙ୍କର ଆତ୍ମସମୀକ୍ଷାକୁ ହୃଷୀକେଶ ଗୀତିକବିତାରେ କହିବାକୁ ଶ୍ରେୟ ମଣିଛନ୍ତି । କର୍ଣ୍ଣର ମାନସିକ ଭାବନାକୁ କବି ବେଦନା ଓ କାରୁଣ୍ୟରେ ଭରି ଦେଇଛନ୍ତି । ଦୀର୍ଘ ହେଲେ ବି ତାକୁ ଉଦ୍ଧୃତି ନକଲେ ଜାତିଗ୍ରସ୍ତ ସମାଜକୁ ଚିହ୍ନିବା ମୁସ୍କିଲ । ଯେମିତି :

"ବାଟ ପଚାରୁଛି ବାପା ନାଆଁ ମୋର
ଆକାଶ ମାଗୁଛି ଠିକଣା...
ମୋ ଏନ୍ତୁଡ଼ି ଜଳିଛି
ମୁସାଫିର ଘରେ
+ + କ୍ଷୀର ଖୁଆଇଛି ଶାଗୁଣା ।
ସିଲଟ ଦେଇଛି ଅଭିଶାପ ମୋତେ
ଖଡ଼ି ପଚାରୁଛି ଜାତି ମୋର
ମୁଁ... ତିରସ୍କାର ।" **(ଶ୍ରେ.କ. : ପୃ. ୧୯୬)**

ଏପିସୋଡ଼ ଉଣେଇଶିରେ କାବ୍ୟନାୟକ କର୍ଣ୍ଣ ହୃଦୟର ଗଭୀରତାକୁ ଆକଳନ କରିଛନ୍ତି । ଚମ୍ପାନଗ୍ରର ରାଜା ଥିଲେ କର୍ଣ୍ଣ । ରାଜସୂୟ ଯଜ୍ଞର ବାର୍ତ୍ତା ନେଇ ଆସିଥାନ୍ତି ଭୀମ । ବସ୍ତୁତଃ, ସକାଳ ସ୍ନାନ ପରେ କର୍ଣ୍ଣ ଦାନଦକ୍ଷିଣା ପ୍ରଦାନ କରିଥାନ୍ତି । ସେଦିନ ସକାଳର ଯାଚନା ଥିଲା ଅକଳ୍ପନୀୟ । ଯୁଦ୍ଧମୃତ ପୁଅକୁ ଫେରେଇ ଦେବା ପାଇଁ ଯାଚନା କରନ୍ତି ଜନୈକା ମାଆ । ହତଭମ୍ବ କର୍ଣ୍ଣ । ପୁତ୍ର ମୃତ୍ୟୁଜନିତ ଯନ୍ତ୍ରଣାଗ୍ରସ୍ତ ମାଆକୁ ତୃପ୍ତ କରିବା ପାଇଁ ଚମ୍ପାନଗ୍ର ରାଜପଦରୁ କର୍ଣ୍ଣ ଓହ୍ଲେଇ ଆସିଛନ୍ତି । ତାଙ୍କର ଏ ମହାନ୍ ତ୍ୟାଗ ମାନବ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ । ଚବିଶ ଏପିସୋଡ଼ରେ ହୃଷୀକେଶ କର୍ଣ୍ଣଦମ୍ପତିଙ୍କ ମଧ୍ୟରେ ଅଭିମାନ ଓ ପ୍ରେମୋଚ୍ଛ୍ୱାସର ଗମ୍ଭୀର ଚିତ୍ର ଅଙ୍କନ କରିଛନ୍ତି । ପରିଚୟ ସଂକଟରେ ଜର୍ଜରିତ କର୍ଣ୍ଣ ସାରା ଜୀବନ ଅନ୍ୟମନସ୍କ । ସେଦିନ ରାଜସୂୟ ଯଜ୍ଞର ପ୍ରତ୍ୟାବର୍ତ୍ତନ ପରେ ଅନ୍ୟମନସ୍କ କର୍ଣ୍ଣ ପୋଷାକପତ୍ର ପ୍ରତି ଥାଆନ୍ତି ଉଦାସୀନ । ଉଦାସ ପତିଙ୍କୁ ଦେଖି ପତ୍ନୀ ବୃଷାଳିଙ୍କ ମନରେ ଭାବାନ୍ତର ସୃଷ୍ଟି ହୋଇଛି । କାହା ଅନ୍ତପୁରରେ ଉତ୍ତରୀୟ ଛାଡ଼ି ଆସିଛନ୍ତି, ଥିଲା ତାଙ୍କର ଆବେଗପୂର୍ଣ୍ଣ ପ୍ରଶ୍ନ । ଏ କଥା ସତ ପାଞ୍ଚାଳିଙ୍କ ମର୍ମସ୍ଥଳରେ କର୍ଣ୍ଣର ଅର୍ଥ 'ହୃଣା ହିଁ ଘୃଣା' । ବାସ୍ତବିକ୍ ପତ୍ନୀମାନେ ଚିରକାଳ ପତିମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିଥାନ୍ତି । ଅଧିକନ୍ତୁ, କର୍ଣ୍ଣଙ୍କର ବୀରତ୍ୱ, ସତ୍ୟନିଷ୍ଠା, ଦାତା ସ୍ୱଭାବ ଓ ଶୌର୍ଯ୍ୟ ପ୍ରତି କେଉଁ ନାରୀ ସମ୍ମୋହିତ ନହେବ ଯେ ! ସଖୀମାନଙ୍କ ଗହଣରେ ପାଞ୍ଚାଳି ବ୍ୟକ୍ତ କରିଥିବା ଭାବନାକୁ କାବ୍ୟପୁରୁଷ ବୃଷାଳି ତୁଣ୍ଡରେ ଉଚ୍ଚାରଣ କରି ସତ୍ୟାସତ୍ୟର ପ୍ରମାଣ ଦେଇଛନ୍ତି । ଉଦ୍ଧୃତିଟି ଏମିତି:

"ବର୍ଷକ ବାରମାସ, ଛ'ରେ ଠିକ୍
ଛିଡ଼ୁ ଥାଆନ୍ତ ପାଳି
ଯଦି ଇୟେ ନା
ହେଇଥାନ୍ତେ ପତି ମୋର ।" **(ଶ୍ରେ.କ. : ପୃ. - ୨୦୩)**

କୁହାଯାଇଛି Life is a game, Play it । ସେ ଖେଳ ପଶାଖେଳ ବି ହୋଇପାରେ । ଆରମ୍ଭରୁ ପଶା ଖେଳ ପ୍ରତି କର୍ଣ୍ଣ ବିମୁଖ । କିନ୍ତୁ ଦୁର୍ଯ୍ୟୋଧନ ପଶାଖେଳ ପ୍ରିୟ । ଦୁଇ ଚରିତ୍ରର ଏହା ହେଉଛି ବିଶେଷତ୍ୱ । ପଶାଖେଳ ସପକ୍ଷରେ ସେ ବହୁ ଯୁକ୍ତି ଉପସ୍ଥାପନ କରିଛନ୍ତି । ଦୁର୍ଯ୍ୟୋଧନଙ୍କ ଦୃଷ୍ଟିରେ ଯୁଦ୍ଧ, ଦାମ୍ପତ୍ୟର ମାନ ଅଭିମାନ ଓ ସର୍ବୋପରି ବନ୍ଧୁତା ବି ଦ୍ୟୁତ ପର୍ଯ୍ୟାୟଭୁକ୍ତ । ଦ୍ୟୁତ ଶବ୍ଦର ବାରମ୍ବାର ଉଚ୍ଚାରଣ କର୍ଣ୍ଣ କାନରେ ପ୍ରତିଧ୍ୱନିତ ହୁଏ । ବିସ୍ମିତ କର୍ଣ୍ଣ ଭାବୁଥାନ୍ତି ତାଙ୍କୁ ମିଳିଥିବା ପୁତ୍ର, ପତ୍ନୀ, ପାଳିକା ରାଧାମାଆ, ବାପା ଅଧିରଥ, ଦୁର୍ଯ୍ୟୋଧନର ସଖ୍ୟ ସବୁ କ'ଣ ଗୋଟେ ଗୋଟେ ଦ୍ୟୁତ । ସମ୍ପୃକ୍ତ ଏପିସୋଡ଼ ପଚିଶିରେ କର୍ଣ୍ଣଙ୍କ ଜନ୍ମ ରହସ୍ୟ ଯେ ଗୋଟେ ଦ୍ୟୁତ ପ୍ରକାଶ କରିବାକୁ ଯାଇ କାବ୍ୟନାୟକ, ମହାଦାନୀଙ୍କ ଚେତନାକୁ ହଲଚଲ କରି ଦେଇଛନ୍ତି ।

ଏପିସୋଡ଼ ଛବିଶ ବସ୍ତ୍ରହରଣ ପ୍ରସଙ୍ଗ ଉପରେ ପର୍ଯ୍ୟବସିତ, ଯାହା ହୃଷୀକେଶଙ୍କ ଶୀର୍ଷତମ କାବ୍ୟିକ ପରିପ୍ରକାଶର ବଳିଷ୍ଠ ପ୍ରମାଣ । ଦୁର୍ଯ୍ୟୋଧନଙ୍କ ନିର୍ଦ୍ଦେଶ, ଦୁଃଶାସନର କାର୍ଯ୍ୟାନ୍ୱୟନ, ପର୍ବତ ପ୍ରମାଣ ଶାଢ଼ିର ଆଗମନ, ଅଦୃଶ୍ୟ ବଂଶୀସ୍ୱନ ଓ ସର୍ବୋପରି କର୍ଣ୍ଣଙ୍କ ମାନସିକ ମନ୍ଥନ ହିଁ ସମ୍ପୃକ୍ତ ଏପିସୋଡ଼ର ବିଶେଷତ୍ୱ । ଏକ ପକ୍ଷରେ ପାଞ୍ଚାଳିକୁ ବିବସ୍ତ୍ର କରିବାର ଇପ୍ସା, ଅନ୍ୟପକ୍ଷରେ ବସ୍ତ୍ରାବୃତ ପାଇଁ ଅଦୃଷ୍ଟ ଶକ୍ତିର ଇଚ୍ଛା ସଭାସଦ୍‌ବର୍ଗକୁ ସ୍ତବ୍ଧ କରିଦେଇଛି । ବାସ୍ତବିକ୍, କର୍ଣ୍ଣ-ଦ୍ରୌପଦୀ, ଉଭୟ ଉଭୟଙ୍କ ପ୍ରତି ଅପ୍ରକଟ ଆସକ୍ତିକୁ ହୃଷୀକେଶ ଅକପଟ ହୃଦୟରେ ପ୍ରକାଶ କରିଛନ୍ତି । ଅଦୃଶ୍ୟ ଶକ୍ତି ଦ୍ୱାରା ସବୁକିଛି ଯଥାସମୟରେ ପରିପ୍ରକାଶ ଘଟେ ବୋଲି କାବ୍ୟପୁରୁଷ ସ୍ୱୀକାର କରିଛି । ସତରେ ଏତେ ପରିମାଣରେ ବହୁବର୍ଣ୍ଣା ଶାଢ଼ି କେଉଁଠୁ ଆସି ଦ୍ରୌପଦୀଙ୍କ ନାଭିମଣ୍ଡଳକୁ ଆଚ୍ଛାଦିତ କଲା । ନାରୀ ପ୍ରତି ଅବିଚାରର ଆଢୁଆଳରେ କର୍ଣ୍ଣ ଯେମିତି ଦେଖି ପାରିଛନ୍ତି ଲୁବ୍ଧକର କରୁଣ ପରିଣତି । ବଡ଼ ବିଭତ୍ସ, ଭୟଙ୍କର ଦୁଃଖଦ ସେ ପରିଣତି । ଇତିମଧ୍ୟରେ କର୍ଣ୍ଣ ପାଞ୍ଚାଳିଙ୍କ ଶ୍ୟାମଳ ପାଦକୁ ଚାହିଁ ଭାବାନ୍ତରିତ ହୋଇ ଯାଇଛନ୍ତି । ତାହା କ'ଣ ଜଣେ ମହାବୀରର ଆତ୍ମ ସମୀକ୍ଷା, ନା ଜଣେ ପରାସ୍ତ ପ୍ରେମିକର ଆତ୍ମ ଅଭିବ୍ୟକ୍ତି ! ହୃଷୀକେଶଙ୍କ ସୃଜନର ଶ୍ରେଷ୍ଠତମ ସଂଭାରର ରୂପରେଖ ଏମିତି:

"କୃଷ୍ଣା, ତମେ ମୋ ପ୍ରେମ, ଘୃଣା ତମେଇ
ମୋ ଅଧଃପତନ ତମେ
ଉତ୍ତରଣ ତମେଇ
ତମେ ମୋ ତିରସ୍କାର, ଗୌରବ ମୋ ତମେଇ
ତମେ ମୋ ଅମାବାସ୍ୟା
ପୂର୍ଣ୍ଣିମା ତମେଇ ।" **(ଶ୍ରେ.କ. : ପୃ. - ୨୦୯)**

ବାସ୍ତବିକ୍, ମହାଭାରତ ମହାକାବ୍ୟରେ କର୍ଣ୍ଣ ଏପରି ଏକ ମହାଚରିତ୍ର ଯେ ତାକୁ ପରାସ୍ତ କରିବା ପାଇଁ, ନିହତ କରିବା ପାଇଁ ଦେବତା, ଈଶ୍ୱର ମଧ୍ୟ ମାୟାଜାଲ ପ୍ରସ୍ତୁତ କରିଛନ୍ତି । ସେ କେବଳ ଶୌର୍ଯ୍ୟମୟ ବୀର ନୁହଁ, ଅନମନୀୟ ଦାତା ମଧ୍ୟ, ଶପଥବଦ୍ଧ ଯୋଦ୍ଧା ବି । ଛଦ୍ମବେଶରେ ଇନ୍ଦ୍ର, କର୍ଣ୍ଣଙ୍କର ମହାର୍ଘ



କବଚ କୁଣ୍ଡଳ ଯାଚନା କରି ନେଇ ତାଙ୍କ ସୁରକ୍ଷାର ବ୍ୟାରିକେଡ୍‌କୁ ଦୁର୍ବଳ କରିଦେଇଛି । ପକ୍ଷାନ୍ତରରେ ଶ୍ରୀକୃଷ୍ଣଙ୍କ ମୟୂରପୁଚ୍ଛ, ପ୍ରତିପକ୍ଷ ଅର୍ଜୁନଙ୍କ ରକ୍ତ ଓ ମାନସୀ ପ୍ରେମିକା ପାଞ୍ଚାଳିଙ୍କ ଆଭୂଷଣର ରୁଣୁଝୁଣୁ ଶବ୍ଦଜନିତ ଅଯଥାର୍ଥ ଭାବନା ତାଙ୍କୁ ବିଚଳିତ କରିଦେଉଥିଲା ।

ଏପିସୋଡ୍ ଛପନରେ କର୍ଣ୍ଣଙ୍କର ମୃତ ପୁତ୍ର ବୃଷସେନର ଭାବନାକୁ ଅତ୍ୟନ୍ତ ହୃଦୟସ୍ପର୍ଶୀ ଶବ୍ଦରେ ପ୍ରକାଶ କରିଛି କାବ୍ୟନାୟକ । ସମୁଦାୟ ଏପିସୋଡ୍ ବୃଷସେନର ମାଆ ବୃଷାଳିଙ୍କ ପ୍ରତି ଅଭିପ୍ରେତ । ବିଜୟ ପରାଜୟର କ୍ଷେତ୍ର ଯୁଦ୍ଧ । ଯୁଦ୍ଧର ଶର ଅନ୍ୟ କାହା ଆଖିକୁ ଲୁହ ଜର୍ଜର କରିପାରେ, କିନ୍ତୁ ଲୁହ ପୋଛିବାକୁ ଅସମର୍ଥ । ଯୁଦ୍ଧକ୍ଷେତ୍ରରେ ମୃତ୍ୟୁ ପୂର୍ବରୁ ବୃଷସେନ ଆଞ୍ଜୁଳାଏ ରକ୍ତ ସ୍ନାତ ମାଟି ମୁଠାରେ ଧରି ଫେରିଥାନ୍ତି । ମୃତ ବୀରପୁତ୍ର ମାଆ ପାଇଁ ଆଉ କ'ଣ ବା ଆଣି ପାରିଥାନ୍ତା ! ସେତକ ସମ୍ବଳ ଯୋଦ୍ଧାର । ସେତକ ହିଁ ଶ୍ରଦ୍ଧାଞ୍ଜଳି ଜନ୍ମଭୂମି କର୍ମଭୂମି ପ୍ରତି ।

ବସୁଷେଣ ମିଥିକୀୟ କାବ୍ୟଗ୍ରନ୍ଥର ଶେଷ ଦୁଇ ଏପିସୋଡ୍ ଦ୍ରୌପଦୀଙ୍କର କର୍ଣ୍ଣ ପ୍ରତି ଥିବା ପ୍ରଚ୍ଛନ୍ନ ଅନୁରକ୍ତିର ସର୍ବଶ୍ରେଷ୍ଠ ପରିପ୍ରକାଶ । ଉଭୟ ଉଭୟଙ୍କ ପ୍ରତି ଥିବା ଦୁରନ୍ତ ଅନୁରାଗ, ପ୍ରେମର ରୂପ କିମ୍ବା ନିବିଡ଼ ପ୍ରେମ ସାକାର ହେବା ପୂର୍ବରୁ କର୍ଣ୍ଣ ଯୁଦ୍ଧ କ୍ଷେତ୍ରରେ ନିହତ ହୋଇଛନ୍ତି । ସେମାନଙ୍କ ପ୍ରେମପଥରେ ବ୍ୟାରିକେଡ୍ ହୋଇ ଛିଡ଼ା ହୋଇଛି ଜାତିଭେଦ ବ୍ୟବସ୍ଥା । ମହାଭାରତ ଯୁଗରେ ଜାତିଭେଦ ବ୍ୟବସ୍ଥା ଥିଲା ଅତ୍ୟନ୍ତ କଠୋର ଓ ସଂକୀର୍ଣ୍ଣ । କୁହାଯାଇଛି, ପ୍ରେମ ଅନ୍ଧ । କିନ୍ତୁ ଅତିରିକ୍ତ କଟକଣାରେ ପ୍ରେମ ଭାବ ଅଙ୍କୁରିତ ହେବାକୁ ଲୋଡ଼ୁଥିବା ଉପାଦାନ ନିଷ୍ପ୍ରଭ ହୋଇଯାଇଛି । ଫଳଶ୍ରୁତି ସ୍ୱରୂପ ଦୁଇ ସମାନ୍ତରାଳ ପଥରେ ଉଭୟ ଚାଲିଛନ୍ତି ସତ, ମାତ୍ର ନିବିଷ୍ଟ ହୋଇ ପାରିନାହାନ୍ତି । କର୍ଣ୍ଣଙ୍କ ଚିତାଗ୍ନିକୁ ମାନସିକ ଗବାକ୍ଷ ନିକଟକୁ ଆଣିଛନ୍ତି ଦ୍ରୌପଦୀ, ତାଙ୍କ ପ୍ରଚ୍ଛନ୍ନ ପ୍ରେମାନୁରାଗର ଚରିତ୍ରକୁ କାବ୍ୟପୁରୁଷ ଏମିତି ପରଶିଛନ୍ତି: "ଯଜ୍ଞରୂପା ମାଆ ମୋର ! କ୍ଷାନ୍ତ ହୁଅ / ଜଳିଗଲା ତୋ କନ୍ୟାର / ଆଦି ଶଙ୍ଖା ଅୟମା ସିନ୍ଦୂର ।" **(ଶ୍ରେ.କ. : ପୃ. - ୨୨୮)** କୁହାଯାଏ ପରକୀୟା ଓ ଚୋରା ପ୍ରୀତି ଅଧିକ ଦମ୍‌ଦାର । କିନ୍ତୁ ଏ ଉଭୟ ପ୍ରୀତିର ବହୁ ଉର୍ଦ୍ଧ୍ୱରେ ବସୁଷେଣ ଓ ଦ୍ରୌପଦୀଙ୍କ ପ୍ରୀତିହେଉଛି ଅଦୃଶ୍ୟ ଓ ଲୁକ୍‌କାୟିତ । ତାହା ଯେ ଆହୁରି ଦମ୍‌ଦାର, ଆବେଗମୟ ଓ ଅନ୍ତରଙ୍ଗ ଅନୁରକ୍ତିର ବଳିଷ୍ଠ ଦୃଷ୍ଟାନ୍ତ, ଏଥିରେ ସନ୍ଦେହର ଲେଶମାତ୍ର ଅବକାଶ ନାହିଁ । କର୍ଣ୍ଣଙ୍କ ଅବିସ୍ମରଣୀୟ ମୃତ୍ୟୁ ଦୃଶ୍ୟକୁ ଏପରି ଭାବରେ ପ୍ରକାଶ କରାଯାଇପାରେ:

"ମୃତ୍ୟୁ କ'ଣ ତିଆରି ଆଜୀବନରୁ
ନା କିଛି ଭୟାନକ ସତ୍ତାରୁ
+ + + +
ତୁମେ ଜାଣ କେଉଁଠୁ ଆସେ ମୃତ୍ୟୁ
ତଳୁ ନା ଉପରୁ
+ + + +
ମୋ ଧ୍ୱଂସ ପରେ, ଯେବେ ମୁଁ ଚିରନିଦ୍ରିତ
କ'ଣ ବଞ୍ଚିଥିବ ମୋ ଆଘ୍ରାଣ ଶକ୍ତି, ମୋ ଯନ୍ତ୍ରଣା ।"

**(ନେରୁଦାଙ୍କ ପ୍ରଶ୍ନ କବିତା, ପୃ.- ୪୦, ୪୧, ୬୧, ଅନୁବାଦ : ବିଷ୍ଣୁ ନାରାୟଣ ମହାପାତ୍ର)**

ସତରେ କର୍ଣ୍ଣଙ୍କ ଜନ୍ମ ଯେତିକି ରହସ୍ୟପୂର୍ଣ୍ଣ, ମୃତ୍ୟୁ ମଧ ଅନୁରୂପ ଭାବରେ ଚିନ୍ତା ଉଦ୍ରେକକାରୀ । ତାଙ୍କ ମୃତ୍ୟୁ ଦ୍ରୌପଦୀଙ୍କ ହୃଦୟକୁ ମକ୍‌ଚି ପକେଇଛି । ତା'ର ଗୋଟେ ଆବେଗପୂର୍ଣ୍ଣ ଚିତ୍ର ଏମିତି:

"ଏୟ ! ଉଠୁଚ ନା ଉଠ....
ନିଚ୍ଛିଦ୍ର ମୋ ଭଲ ପାଇବାରେ
ମୁଁ ଗଢ଼ିଛି ଏ ବାସର ରାତି
ତୋଫା ଜହ୍ନ ଆଲୁଅକୁ
କରିଚି ଶେଯ
ଝୁଲେଇଚି ଝାଲର ମୁଁ ତରାରେ ତିଆରି
ଅନୁରୂପୀ ଅନ୍ୟ କାରୁକାର୍ଯ୍ୟ ।" **(ଶ୍ରେ.କ. : ପୃ. - ୨୩୦)**

ଅଧିକନ୍ତୁ କର୍ଣ୍ଣଙ୍କ ପ୍ରତି ଦ୍ରୌପଦୀଙ୍କର ଅନ୍ତରଙ୍ଗ ଭାବାବେଗର ଆଉ ଏକ ମର୍ମଦାହୀ, ହୃଦୟସ୍ପର୍ଶୀ ଶବ୍ଦର ଉଦ୍ଧୃତି ଏମିତି:

"ଶୁଣନ ଯେ ! କ'ଣ ସତରେ ରାଗିଛ ?
ଲାଖମନା ବିଧିରେ ତମକୁ, ଯେଣୁ
ଲୋକ ଜାଣିବାକୁ ସେତେବେଳେ
ତମେ ସୂତପୁତ୍ର....
+ + + +
ଉଁହୁଁ ଏଥରକ !
ହେଲେ ବା ହେଲି
ମୁଁ ତମ ଶେଷପତ୍ନୀ
ତମେ ତ ମୋ ପ୍ରଥମ ପ୍ରେମିକ !" **(ଶ୍ରେ.କ. : ପୃ. - ୨୩୧, ୨୩୨)**

ହୃଷୀକେଶଙ୍କ ବସୁଷେଣ ମିଥିକୀୟ କାବ୍ୟଗ୍ରନ୍ଥରୁ ଏକଥା ସ୍ପଷ୍ଟ ଯେ ମହାଭାରତ ଯୁଗରେ ସମାଜରେ ଜାତି ପ୍ରଥା, ପୁରୁଷ ପ୍ରାଧାନ୍ୟ ଓ ବହୁପତ୍ନୀକ ବ୍ୟବସ୍ଥା ପ୍ରଚଳିତ ଥିଲା । ଜାତି ପ୍ରଥା ଯେ ପ୍ରେମର ବାଧକ ଏକଥା ସମ୍ପୃକ୍ତ ଗ୍ରନ୍ଥରୁ ଖୁବ୍ ପ୍ରାଞ୍ଜଳ । ଯଥାର୍ଥରେ କବି ମିଥ୍ କାବ୍ୟର ପୁନର୍ଗଠନ କରି ତାତ୍କାଳିକ ସାମାଜିକ ବ୍ୟବସ୍ଥାର ବିଭିନ୍ନ ଦିଗକୁ ସ୍ପର୍ଶ କରିବାରେ ସଫଳ ହୋଇଛନ୍ତି ।

॥ ୮ ॥

'ଜେଜେ ଦେଖି ନଥିବା ଭାରତ' ଆତ୍ମପ୍ରକାଶ କରେ ୨୦୧୫ ମସିହାରେ । ଉଦାରୀକରଣ ଅର୍ଥବ୍ୟବସ୍ଥା ରୂପାୟନର ପାଖାପାଖି ପଚିଶ ବର୍ଷ ପରେ । ଏକଥା ସତ, ସମ୍ପୃକ୍ତ ବ୍ୟବସ୍ଥା ତଳ ଥାକର ମଣିଷ ପାଇଁ ବିପର୍ଯ୍ୟୟ ଆଣି ଦେଇଛି । କୃଷି, ଶିକ୍ଷା, ସାହିତ୍ୟ, ସଂସ୍କୃତି, ଶିଳ୍ପକଳା କ୍ଷେତ୍ରରେ ଆମୂଳ ପରିବର୍ତ୍ତନ ଶୋଷଣର ଆଧାରକୁ ନୂଆ କୌଶଳରେ ମଜବୁତ୍ କରିଛି । ତା'ର ବହୁଳ ପ୍ରଭାବକୁ ନିଷ୍ପଟ ଭାବରେ କାବ୍ୟପୁରୁଷ ବିଶ୍ଳେଷଣ କରିଛନ୍ତି । କବିତା ଲେଖିବା ପୂର୍ବରୁ ହୃଷୀକେଶ ଭୂମିମନସ୍କ । ଭୂମିପୁତ୍ରଙ୍କର ଦୁଃଖ ଦୁର୍ଦ୍ଦିନ ଅଭାବ ଅନଟନର ଜୀବନ୍ତ ଚିତ୍ରଣ ତାଙ୍କ କବିତା ଗ୍ରନ୍ଥରେ ଜଳ ଜଳ ଦିଶେ । ବାସ୍ତବିକ୍, ସେମାନଙ୍କ ଲୁହଲହୁରେ କବିତାର ଅନେକ ପୃଷ୍ଠା ଆପ୍ଲୁତ । ସେହି ଚରିତ୍ରମାନଙ୍କ ପାନଚାଷୀ, ଘୁଷୁରିଆ, ପାଟୁଆ, ସଙ୍ଗୀତ ଗାୟକ ସ୍ଥାନ ପାଇବା ସଙ୍ଗେ ସଙ୍ଗେ ବେହାଲ ଗାଁର ଅବସ୍ଥା, ପ୍ରାକୃତିକ ବିପର୍ଯ୍ୟସ୍ତ ଓ ସ୍ୱଚ୍ଛ ବେତନଭୋଗୀର ଜୀବନ ଯନ୍ତ୍ରଣାକୁ ଏକାନ୍ତ ଅନ୍ତରଙ୍ଗ ଭାବରେ ପ୍ରକାଶ କରି ଭୂମିମନସ୍କ ଭାବନାର ପ୍ରମାଣ ଦେଇଛନ୍ତି ।

ନାତି ଓ ଜେଜେ ମଧରେ ତିନି ପୁରୁଷର ବ୍ୟବଧାନ । ଉଭୟ ମାନସିକ ଓ ବାସ୍ତବ ଦୃଷ୍ଟିରୁ ଅନେକ ଅମେଳ ରହିବା ସ୍ୱାଭାବିକ । କାବ୍ୟପୁରୁଷ ଗ୍ରନ୍ଥ ଆରମ୍ଭରେ ଜେଜେ ଦେଖିଥିବା ଭାରତ ଓ ଦେଖିନଥିବା ଭାରତର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି ପାଠକକୁ ବିସ୍ମିତ କରି ଦେଇଛନ୍ତି । ପୂର୍ବରୁ ସମାବେଶରେ ଯୋଗଦେବା ନିଃସର୍ତ୍ତ ଥିବା ବେଳେ ଏବର ଯୋଗଦାନ ପ୍ରାୟୋଜିତ କାର୍ଯ୍ୟକ୍ରମରେ ପରିଣତ । ତ୍ୟାଗ ବଦଳରେ ଭୋଗ, ଭାତ ଡାଲମା ବଦଳରେ ଚରମ ଓ ଦୁଷ୍କର୍ମ ଯେମିତି ଖୁବ୍ ମାମୁଲି ଘଟଣାରେ ପରିଣତ ହୋଇଯାଇଛି । ଏପରି ହୋହୋ ଘୋଘୋ ତଇଲ ଭଳି ମଳିମୁଣ୍ଡିଆଙ୍କ ପାଇଁ ଫରକ ପଡ଼େନା । ବରଂ ସେମାନଙ୍କ ପାଇଁ ଜନ୍ମ ଗୋଟେ ଦେ'ଣା, ଯାହାକୁ ସେମାନେ ସାରା ଜୀବନ ଲୁହଲହୁ ଝାଳଲାଳ ଦେଇ ପରିଶୋଧ କରି ଆସୁଛନ୍ତି । ବାସ୍ତବିକ୍ ଭାରତବର୍ଷ ତଇଲମାନଙ୍କର ନୁହେଁ, ବରଂ ଅର୍ଥ, କ୍ଷମତା ଓ ବାହୁବଳୀମାନଙ୍କର । ସେମାନଙ୍କ ଅପ୍ରାପ୍ତି ଅଭୁକ୍ତିର ସ୍ପଷ୍ଟ କାରଣ କାବ୍ୟପୁରୁଷ ଉନ୍ମୋଚିତ କରିଛି । ସେହି ସେହି ଅସମାନତାରୁ ସୃଷ୍ଟି ହେଉଛି ହିଂସା, ପ୍ରତିହିଂସା, ଏନ୍‌କାଉଣ୍ଟର୍

ଡେଥ୍, ହାଜତ ମୃତ୍ୟୁ ଭଳି ଅମାନବିକ ଓ ପାଶବିକ ଘଟଣା ।

ମଣିଷ ପ୍ରକୃତିର ସନ୍ତାନ । ସୁତରାଂ ପ୍ରକୃତିଦତ୍ତ ଦ୍ରବ୍ୟ ଉପରେ ସମସ୍ତଙ୍କର ସମାନ ଅଧିକାର ରହିଛି । ମାତ୍ର ଧୂର୍ତ୍ତ, ଚାଲାକ ଚତୁର ମଣିଷ କାଏଦା କୌଶଳରେ ସେ ସବୁକୁ କରାୟତ୍ତ କରିନେଇଛି । ମେହେନତି ମଣିଷ ସବୁକିଛି ଦ୍ରବ୍ୟ ସାମଗ୍ରୀର ନିର୍ମାତା, ଉତ୍ପାଦକ । ସୁତରାଂ, ସବୁଥିରେ ତା'ର ପ୍ରାପ୍ୟ ଜଡ଼ିତ । ମାତ୍ର ସେ ସବୁଠି ବଞ୍ଚିତ । କାବ୍ୟପୁରୁଷ ସେହି ବଞ୍ଚିତ ପାଇଁ ଦୃଢ଼ ସମର୍ଥନ ଜଣେଇଛନ୍ତି । ତା'ର ଗୋଟେ ମର୍ମସ୍ପର୍ଶୀ ଉଦ୍ଧୃତି ଏମିତି :

"ଯୋଉ ଚଉକିରେ ବସିଚ ତମେ, ସେ ଚଉକି
ମୋର, ବନ୍ଧ ବାନ୍ଧୁଛ ଯୋଉ ପାଣିରେ
ସେ ପାଣି ମୋର
ନିଲାମ କରୁଚ ଯେଉଁ ଜଙ୍ଗଲ
ସେ ଜଙ୍ଗଲ ମୋର
ମହୁଲି ମୋର, ମହୁଲ ବି ମୋର ।" **(ମୁଁ ମାଓ କ୍ୟାଡ଼ର : ପୃ. - ୧୫)**

'ମୁଁ ମାଓ କ୍ୟାଡ଼ର (୧)' କବିତାରେ କାବ୍ୟପୁରୁଷ ଆର୍ଥିକ ସାମାଜିକ ବୈଷମ୍ୟର କାରଣ ଅନୁଧ୍ୟାନ କରିଥିବା ବେଳେ ଦ୍ୱିତୀୟ କବିତାରେ ମହାସଂଗ୍ରାମର ସ୍ଫୁଲିଙ୍ଗ ଭରି ଦେଇଛନ୍ତି । ପ୍ରତ୍ୟେକ ଧାଡ଼ି ଓ ପଂକ୍ତିରେ ସଂଘର୍ଷର ଆବାଜ, ଅଗ୍ନିଶିଖା ହାଉହାଉ । ସମାଜ ପ୍ରତି ଦାୟବଦ୍ଧତା ଥିବା ଅଥଚ ମାଓ କ୍ୟାଡ଼ର ହୋଇନଥିବା ଜଣେ ମୁକ୍ତ କବି ହିଁ ଏକଥା ଉଦାତ୍ତ କଣ୍ଠରେ ଘୋଷଣା କରିପାରେ । ଆସ୍ପର୍ଦ୍ଧାର ସହ ହୃଷୀକେଶ ଅଗ୍ନିବର୍ଷୀ ଶବ୍ଦମାନଙ୍କୁ ଉର୍ଦ୍ଧ୍ୱକୁ ଟେକି ଧରିଛନ୍ତି । ଦୁଇଟିଯାକ କବିତା ମୁଖସ୍ଥ ଯୋଗ୍ୟ । ଯେମିତି :

"ପ୍ରୟୋଜନ ହେଲେ ଛିଣ୍ଡେଇ ଆଣି ପତାକା
ଢ଼ାଙ୍କି ଦେବି ଲୁହ ସର ସର ନାବାଳିକାର
କ୍ଷତାକ୍ତ ଯୋନି
+ + + +
ଜରୁର୍ ହେଲେ
ନିଲାମ ଡାକିବି ଦେଶର ସାର୍ବଭୌମ
ଯଦି କେଉଁଠି ଜଣେ ବି ରହେ
ଅପରିଧିତ, ଅଭୁକ୍ତ ।" **(ମୁଁ ମାଓ କ୍ୟାଡ଼ର (୨) ପୃ. - ୧୮, ୧୯)**

ହୃଷୀକେଶଙ୍କ ସାମାଜିକ ଦାୟବଦ୍ଧତା ସହିତ ସାମଞ୍ଜସ୍ୟ ଥିବା ତେଲୁଗୁ କବି ଏମ୍. ହୃଷୀକେଶ ରାଓଙ୍କ (ନଗ୍ନମୁନି) କବିତା ସମସ୍ୱରରେ ଗତି କରିଛି । ଉଭୟ ହୃଷୀକେଶ ମାର୍କ୍ସବାଦୀ ନୁହନ୍ତି କିନ୍ତୁ ମାର୍କ୍ସବାଦ ଅଧ୍ୟୟନ ପ୍ରତି ରୁଚି ଅଛି, ଅନୁରାଗ ବି ଅଛି । ତଳ ଶ୍ରେଣୀ ମଣିଷ ପ୍ରତି ଦରଦ ଅଛି । ତାଙ୍କ କବିତା ପଂକ୍ତି ଏମିତି :



"ନୂଆ ସ୍ୱପ୍ନରେ ନୂଆ ମୂଲ୍ୟବୋଧରେ
ନୂଆ ବିଶ୍ୱାସରେ ବିଶ୍ୱ ଜନିନ
ବସ୍ତ୍ରଟିଏ ବୁଣି
ଫେରି ଆସି ମୁକ୍ତ ଆକାଶ ତଳେ
ପଡ଼ି ରହିଥିବା
ଉଲଙ୍ଗ ନିଃସହାୟ ଲୋକଙ୍କ ଦେହ ଘୋଡ଼ାଇବି ।"


**(କାଠ ଘୋଡ଼ା : ଅନୁବାଦ- ଜି.ଅନୁରାଧା, କାବ୍ୟଲୋକ, ପୃ. - ୧୩୦, ସଂଖ୍ୟା - ୨୮)**

ହୃଷୀକେଶ ମଲ୍ଲିକଙ୍କ କବିତାରେ ଅତି ଦରିଦ୍ର ଓ ବାସ୍ତୁହରାମାନେ ବାରମ୍ବାର ଦେଖା ଦିଅନ୍ତି । ବାସ୍ତୁହରା ବାଞ୍ଛା ଘୁଷୁରିଆ ଘର ଗୋଟେ ବଳିଷ୍ଠ ଦୃଷ୍ଟାନ୍ତ । ସ୍ୱାଧୀନତା ପୂର୍ବ ଓ ପର ଅବସ୍ଥାରେ ସବୁ କିଛିର ପରିବର୍ତ୍ତନ ହୋଇଛି । ମାତ୍ର ବାସ୍ତୁହରା ବାଞ୍ଛାର ଆର୍ଥିକ ଅବସ୍ଥା ଅପରିବର୍ତ୍ତିତ । ଘୁଷୁରି ହିଁ ତା'ର ପରିସମ୍ପତ୍ତି । ଗୋଟିଏ ଦିନର ଦିନଳିପି ହିଁ ଏହି କବିତାର ଆତ୍ମିକ ସତ୍ତା । ତା'ର ପାତିଳୀ ଝିଅ ରିବନ ଚୁଡ଼ି ଫେରି କରେ । ପତ୍ନୀ ଲାଉତୁମ୍ବା ବାସନରେ ପଡ଼ିଶାଘରୁ ତର୍କାରି ସଂଗ୍ରହ କରେ । ହଦ ପୋଖରୀଆଡ଼ି ପଲା ଘର ତା'ର ରହଣି ସ୍ଥାନ । କବିତାର ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ରାତାରାତି ବାସ୍ତୁହରା ବାଞ୍ଛା ବିସ୍ଥାପିତ ହେବା ସଂଗେ ସଂଗେ ଶିଳ୍ପପ୍ରତିଷ୍ଠା ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ସେ କେବଳ ବିସ୍ଥାପିତ ହୋଇନାହିଁ, ତା' ସାଥେ ସାଥେ ପତ୍ନୀ, ନାବାଳିକା କନ୍ୟା ଦୁଷ୍କର୍ମର ଶରବ୍ୟ ହୋଇଛନ୍ତି, ଘୁଷୁରିଙ୍କର କେବଳ ଲାଞ୍ଜ ହିଁ ପଡ଼ି ରହିଛି । ଶିଳ୍ପ ସଭ୍ୟତାର ଆଗମନ ବାସ୍ତୁହରା ମଣିଷକୁ ଥଇଥାନ ନକରି ନିଶ୍ଚିହ୍ନ କରିଦେଇଛି । ଏହା ହିଁ ଉଦାରୀକରଣ ବ୍ୟବସ୍ଥାର କ୍ରୁର ଦୃଶ୍ୟ । ଅତ୍ୟନ୍ତ କଳାତ୍ମକ ଭାବରେ ଅତି ଦରିଦ୍ର ମଣିଷର କରୁଣ ବ୍ୟଥାକୁ କାବ୍ୟପୁରୁଷ ପାଠକ ସମ୍ମୁଖରେ ଉପସ୍ଥାପିତ କରିଛି । ଯେମିତି : "ଘରେ ସ୍ତ୍ରୀ ନାହିଁ, ପଡ଼ିଛି ଖାଲି / ତା' ପାଲଟା ଶାଢ଼ି / ଘରେ ଝିଅ ନାହିଁ, ଝୁଲୁଛି ତାରରେ / ତା ବୋତାମ ଛିଣ୍ଡା ଫ୍ରକ୍ ।" **(ଘୁଷୁରିଆ. ପୃ.- ୨୬)** ଅନୁରୂପ ବାସ୍ତୁହରା ଚରିତ୍ର ହଜୁ ତାଣ୍ଡିର ବ୍ୟଥା ବେଦନା ଜର୍ଜର ଜୀବନର ଚିତ୍ର କବି ବାସୁଦେବ ସୁନାନୀଙ୍କ କବିତାରେ ଭରପୂର । ଯେମିତି :

"ମୋ ନାଆଁ ହଜୁ ତାଣ୍ଡି
ଦନ୍ତୁଡ଼ା କନ୍ଥା
ଚେପ୍ଟା ରସ ଡେକିଚି
ମୋର ଛୋଟୀ ମାଇକିନା
ତିନିଟା ଛୁଆ ସହ
କିଛି କାମ ଅନ୍ୱେଷଣେ
ଗାଁ ଗାଁ ବୁଲୁଛି
ଶ୍ରମିକଟିଏ ମୁଁ
ମୋର ଶ୍ରମ ଘେନା କର
ମେହେରବାନ୍ ।"

**(ମହୁଲବଣ : ହଜୁତାଣ୍ଡିର ଶ୍ରମକଥା, ପୃ.- ୫୬)**

ଅନ୍ୟଚାଷୀ ଭଳି ପାନଚାଷୀର ଋଣ କରଜ ଦେ'ଣା କିଛି କମ୍ ନୁହେଁ । ପାନ ବରଜ ହିଁ ପାନଚାଷୀ ଦୁଃଖ ଦୁର୍ଦ୍ଦଶାର



ମୂକସାକ୍ଷୀ । ପକ୍ଷାନ୍ତରରେ ଗାଁ ମାଟିରୁ ଲାଳିତପାଳିତ ହୋଇ ହାକିମ ଆସନରେ ଅଧିଷ୍ଠିତ ବ୍ୟୁରୋକ୍ରାଟ୍‌ମାନେ ସଇତାନ ଠାରୁ ଅଧିକ ଭୟଙ୍କର । ସେମାନଙ୍କର କଠୋର ନିର୍ଦ୍ଦେଶରେ ପାନବରଜ ଧୂଳିସାତ୍ ହୋଇଯାଏ କମ୍ପାନୀ ସ୍ୱାର୍ଥରେ । ସେମାନେ ଚାଷୀର ଦୁଃଖ ଖଟଣି ଓ ପ୍ରତିବାଦର ମୂଲ୍ୟ ବୁଝିବାକୁ ନାରାଜ । ଏ ସମସ୍ତ ନିଷ୍କରୁଣ ଘଟଣା ପାନଚାଷୀର ଡାଇରୀରୁ ମିଳିପାରିବ । ଅନୁରୂପ ଭାବରେ ସାରା ଦେଶର ବିଭତ୍ସ ଅମାନବିକ ଦୃଶ୍ୟ ଦେଖି କାବ୍ୟପୁରୁଷ ଧିକ୍‌କାର କରେ । ପ୍ଲାଟ୍‌ଫର୍ମରେ ଛୋଟ ଛୁଆ ସହ ବାସ୍ତୁହରା ମାଆ, ନିର୍ମାଣ କ୍ଷେତ୍ରରେ କର୍ମରତ ରେଜା ପ୍ରତି ଲୁବ୍ଧକ ଠିକାଦାରର ଆଖି । ଶୈଶବର ସୁଖ ଭୁଲି ବାଉଁଶ ରାଣୀର ବିପଜ୍ଜନକ ଖେଳ କସରତ ଓ ସର୍ବୋପରି ଯୌନବିକୃତ ବାପାଙ୍କର ଆପଣା ଝିଅ ଉପରେ ନଜର, ହୃଷୀକେଶଙ୍କ ଦୃଷ୍ଟିରୁ ବାଦ୍ ପାଇ ନାହିଁ । ସତରେ ଏ ଦୃଶ୍ୟ କ'ଣ ସୁସ୍ଥ ଦେଶର ପରିଚୟ ।

ସର୍ଜନା ସକାଳରୁ ହୃଷୀକେଶ ଅତି ଦରିଦ୍ର, ବାସ୍ତୁହରା ମଣିଷର ଜୀବନ ସଙ୍ଗୀତକୁ ଶବ୍ଦାକ୍ଷରରେ ଗାନ କରିଛନ୍ତି । ସେମାନଙ୍କ ସମସ୍ୟାକୁ ପ୍ରତ୍ୟକ୍ଷରେ ଏବଂ ପରୋକ୍ଷରେ ସାମ୍ନା କରିଛନ୍ତି । ଗାଁ-ମୟତା ହିଁ ତାଙ୍କ ସୃଜନ କଳାର କେନ୍ଦ୍ରସ୍ଥଳ । ଏମିତିକି 'ଝୁଣା ପାଟୁଆ ଗୀତ'ର ସେ ରିମିକ୍ସ କରିଛନ୍ତି । ଏହା ଗାନ ଯୋଗ୍ୟ ହୋଇଥିବାରୁ ସମକାଳର ରାଜନୀତିଜ୍ଞଙ୍କ ଭୋଗବିଳାସକୁ ସେହି ଶୈଳୀରେ କଟାକ୍ଷ କରିଛନ୍ତି । ଯେମିତି :

"ପବନରେ ଉଡ଼େ ଡାଲି ଚାଉଳ
ଚୁଲିରେ ବିଲେଇ ହୁଏ ଗେଲ
ଆମ ନେତା ସତେ କେଡ଼େ ମିଜାଜି
ବିନା ଅରଟରେ ଧୋତି କାମିଜି ।" **(ଝୁଣା ପାଟୁଆର ଗୀତ, ପୃ. - ୪୩)**

॥ ୯ ॥

'ରେବତୀ' କବିତା ଗ୍ରନ୍ଥ ପ୍ରକାଶିତ ହୁଏ ୨୦୧୬ ମସିହାରେ । ସମକାଳର ଝିଅ ରେବତୀ ଠାରୁ ପୋଡ଼ି ଯାଉଥିବା ପେଷ୍ଟାଗନ୍ ପର୍ଯ୍ୟନ୍ତ ସମ୍ପୃକ୍ତ ଗ୍ରନ୍ଥର କାୟା କଳେବର ପରିବ୍ୟାପ୍ତ ।

ଅଶିକ୍ଷାରୁ ଶିକ୍ଷା, ପୁରାତନରୁ ବର୍ତ୍ତମାନ, ପଛୁଆ ମାନସିକତାରୁ ଆଗୁଆ ମାନସିକତା ଦିଗକୁ ଯାତ୍ରା ଥିଲା ଫକୀରମୋହନଙ୍କ 'ରେବତୀ' ଗଳ୍ପର ଦୌଡ଼ । ରେବତୀର ପଠନ ଜିଜ୍ଞାସା ଓ ଅଧ୍ୟୟନ ଆକାଂକ୍ଷା ମହାନ୍ତି ପରିବାରର ପତନର କାରଣ ହୋଇଥିଲା । କଥାକାର ଫକୀରମୋହନ 'ରେବତୀ' ଗଳ୍ପକୁ ସମ୍ପୂର୍ଣ୍ଣ ଟ୍ରାଜେଡ଼ିରେ ପରିଣତ କରିଥିଲେ । ସାମ୍ପ୍ରତିକ ସମୟରେ କୌଣସି ଝିଅ ଆଉ ରେବତୀ ପରିସୀମା ମଧ୍ୟରେ ବନ୍ଦୀ ହେବାକୁ ଚାହୁଁ ନାହାନ୍ତି । କବୀ ସୁଚେତା ମିଶ୍ରଙ୍କ କାବ୍ୟନାୟିକା 'ରେବତୀ' ହେଉ କି କବି ହୃଷୀକେଶଙ୍କ 'ରେବତୀ' । କବି ହୃଷୀକେଶ ରେବତୀକୁ ଗୋଟିଏ ସମ୍ବେଦନଶୀଳ କ୍ଷେତ୍ରକୁ ନେଇ ଯାଇଛନ୍ତି । ଘରର ଆର୍ଥିକ ଦୁରବସ୍ଥାକୁ ଉପଶମ କରିବା ପାଇଁ ରେବତୀ ଓଡ଼ିଶାର ନାମ୍‌ଜାଦା ଯାତ୍ରାପାର୍ଟିରେ ଅଭିନେତ୍ରୀ ହୋଇଛି ଏବଂ ଅବଶେଷରେ ଧର୍ଷଣ ଓ ମୃତ୍ୟୁମୁଖରେ ପଡ଼ିଛି । କବି ହୃଷୀକେଶ୍ ରେବତୀ ମୃତ୍ୟୁ ପଛର କରଣ, ମଣିଷର ବିକୃତ ମାନସିକତାକୁ ଦାୟୀ କରିଛନ୍ତି । ନାରୀ କ'ଣ ଅସୂର୍ଯ୍ୟଂପଶ୍ୟା ହୋଇ ରହିବ ଏବର ସମୟ ଖଣ୍ଡରେ ? କାବ୍ୟ ନାୟକ ମଣିଷର ଜଟିଳ ମାନସିକତାକୁ ବେଶି ବେଶି ଅଧ୍ୟୟନ କରିବାକୁ ଚାହିଁଛନ୍ତି । ପୁରୁଷ ମାନସିକତାକୁ ଲକ୍ଷ୍ୟ କରି କବି ରେବତୀ ତୁଣ୍ଡରେ ଏପରି ଶବ୍ଦୋଚ୍ଚାରଣ କରିଛନ୍ତି:

"କେତେ ସୁସୁରିଲୋ ମାଆ
ଏତେ ତରା ନଥିବେ ଆକାଶରେ
କି ଆଖିମରା ଲୋ ବୋପା !
ମୁଁ ମାଆ ହୋଇଯାଏ ଥରକରେ ।" **(ରେବତୀ, ପୃ.- ୧୦)**

କବିଙ୍କ କବିତା ଗ୍ରନ୍ଥ 'ରେବତୀ' ମୁଖ୍ୟତଃ ଗୋଟିଏ ନାରୀମନସ୍କ କବିତାଗ୍ରନ୍ଥ । ତାଙ୍କ କାବ୍ୟନାୟିକା କେବେ ଧର୍ଷିତା ତ ଆଉ କେବେ ପରକୀୟାର ପୂଜାରିଣୀ । ଏମିତିକି ତାଙ୍କର କେତେକ କାବ୍ୟନାୟିକା ହସ୍ତିନୀ ଜାତୀୟା ମହିଳାଙ୍କ ଠାରୁ ବି ଉଗ୍ର । ସେମାନଙ୍କ ଦେହର ଭୋକକୁ ପରିତୃପ୍ତ କରିବାକୁ ପୁରୁଷ ଅସମର୍ଥ । ନାରୀ ଚରିତ୍ରକୁ ନେଇ 'ରେବତୀ', 'ଫୋନ୍‌ରେ ରୁବି', 'ଚାଉଳ କୁଲାରୁ ଗୋଡ଼ି ବାଛୁଥିବା ଝିଅ', 'ମିଲି ଅପା', 'ଟ୍ରକ୍ ଆଗରେ କୁହୁଡ଼ି ଘେରା ଝିଅ', 'ରାଧା ଡିଅରୁଣୀ', 'ଖୁଡ଼ୀ', 'ଦେବନଟୀ', 'ଜୟନ୍ତୀ ମଲାଦିନୁ' ଓ 'ଭଲପାଉଥିବା ଝିଅ' ଶୀର୍ଷକ କବିତା ସମେତ ନାରୀ ମନସ୍କତାର ଅନେକ ଘଟଣା ଦୁର୍ଘଟଣା ତାଙ୍କ କବିତାର ପ୍ରଧାନ ଉତ୍ସ । ସାମ୍ପ୍ରତିକ ଦାମ୍ପତ୍ୟ ଜୀବନର ଦୁର୍ବିସହ ଅନୁଭୂତି ମଧ ତାଙ୍କ ଦୃଷ୍ଟିରୁ ଅପସରି ଯାଇନାହିଁ । ନାରୀ ଚରିତ୍ରର ଉଭୟ ପଜିଟିଭ୍ ଓ ନେଗେଟିଭ୍ ଦିଗକୁ କବି ସ୍ପର୍ଶ କରି ନାରୀର ସାମଗ୍ରିକ ଜୀବନ ଯନ୍ତ୍ରଣାକୁ ବିଶ୍ଳେଷଣ କରିଛନ୍ତି । ହାଟ ବଜାର ପଥପ୍ରାନ୍ତରେ ମାଛ ବିକୁଥିବା ମାଛବାଲୀ ଠାରୁ ଆକାଶଛୁଆଁ ଫ୍ଲାଟ୍‌ରେ ବିଳାସମୟ ଜୀବନ ବିତଉଥିବା ନାରୀ ପର୍ଯ୍ୟନ୍ତ ହୃଷୀକେଶଙ୍କ କବିତାର ଉଡ଼ାଣ । ଅର୍ଥାତ୍ ସବାତଳ ମହିଳା ଠାରୁ ସବା ଉପରମହଲାର ମହିଳାଙ୍କ ଜୀବନଯାତ୍ରାର ଜୀବନ୍ତ ପ୍ରତିବିମ୍ବ ହେଉଛି କବି ହୃଷୀକେଶଙ୍କ କବିତାଗ୍ରନ୍ଥ 'ରେବତୀ' । ରୂପବତୀ ରାଧା ମାଛବାଲୀ ପ୍ରତି ବହୁ କାମାସକ୍ତ ପାପାସକ୍ତ ଲୁବ୍ଧକ ମାନଙ୍କର ଆଖି । ସେମାନଙ୍କୁ ପାନେ ଦେବା ପାଇଁ ରାଧା ମସୁଧା କରିଥିଲା । ରାଧାର ମସୁଧା ମାଧ୍ୟମରେ କବି ନାରୀ ଚରିତ୍ରର ଜଟିଳତମ ଦିଗକୁ ଅନ୍ୱେଷଣ ଅନୁଶୀଳନ ଓ ଅଧ୍ୟୟନ କରିଛନ୍ତି । ବ୍ୟକ୍ତି ମାଛବାଲୀ ସ୍ଖଳିତ ହୋଇପାରନ୍ତି । କିନ୍ତୁ ସମୁଦାୟ ମାଛବାଲୀ ସ୍ଖଳିତ ନୁହଁନ୍ତି । ଅନୁରୂପ ଭାବରେ ବ୍ୟକ୍ତି ଗ୍ରାହକ ପାପାସକ୍ତ ହୋଇପାରେ, ମାତ୍ର ଗ୍ରାହକ ସମୁଦାୟ କାମାସକ୍ତ ନୁହନ୍ତି । ଲୁବ୍ଧକ ଗ୍ରାହକଙ୍କ ପ୍ରତି ରୂପବତୀ ରାଧା ମାଛବାଲୀର ଭର୍ତ୍ସନା ଏମିତି : "ପେଟ ଉପରୁ ଠେଲି ଦେଇ ଦିନେ କହିଲା ରାଧା / ଉଠେଇଲୁ ସାତ ଖଣ୍ଡି, ବରଷିଲୁ ନାହିଁ ଖଣ୍ଡେ / ତୁ'ଟା କି ଅଣ୍ଡିଆ ।" **(ରାଧା ଡିଅରୁଣୀ, ପୃ.- ୨୮)** ଅସ୍ତିତ୍ୱ ଖୋଜୁଥିବା ଫେରିବାଲୀ ରାଧା ଚରିତ୍ରର ଗଭୀରତମ ଓ ଜଟିଳତମ ଦିଗକୁ କାବ୍ୟନାୟକ ଉନ୍ମୋଚନ କରିବାକୁ ଉଦ୍ୟମ କରିଛନ୍ତି ।



ପ୍ରେମ ପାଇଁ ବୟସ ଏବଂ ବିବାହ ବାଧକ ହୋଇ ରହିନାହିଁ । ବିବାହ ପର ଉତ୍ତୀର୍ଣ୍ଣ ବୟସ ପ୍ରେମ ପାଇଁ ଏବେ ଉତ୍ତମ ଓ ଅନୁକୂଳ ସମୟ । ପଥପ୍ରାନ୍ତର ମହିଳାଙ୍କ ଠାରୁ ଆକାଶଛୁଆଁ ଅଟ୍ଟାଳିକାର ମହିଳା, ବିବାହପର ପ୍ରେମାଲିଙ୍ଗନରେ ଆବଦ୍ଧ । ପରିବାର ଓ ପରକୀୟା ମଧ୍ୟରେ ସୁନ୍ଦର ସାଲିସ୍ । ଏହା ହିଁ ଆଧୁନିକ ନାରୀପୁରୁଷ ଜୀବନର ଜଟିଳତମ ଦିଗ । ଯାହା ହୃଷୀକେଶଙ୍କ କବିତାର ଅନ୍ତର୍ନିହିତ ଗୁଣ । ସମ୍ଭବତଃ, ନବ୍ୟ ଉଦାରୀକରଣ ବ୍ୟବସ୍ଥାର ଏହା ହିଁ ଶେଷ ଫଳଶ୍ରୁତି । କିଏ ସହମତ ହେଉ କି ନହେଉ ପରକୀୟା ଖୁବ୍ ଶକ୍ତିଶାଳୀ । ଚୋରା ପ୍ରୀତି ଆହୁରି ଦମ୍‌ଦାର । ପରିବାର ଓ ପରକୀୟା ମଧ୍ୟରେ ସାମାନ୍ୟ ଉଲମ୍ଫ ବିଲମ୍ଫର ଭୟଙ୍କର ପରିଣତି ଭୋଗ କରିବାକୁ ପଡ଼େ । ଯେମିତି : "ତମକୁ ଭଲପାଏ ବୋଲି ମୁଁ / ଗଳାରେ ଭିଡ଼େ ଶାଢ଼ିର ଗଣ୍ଠି / ମୋ' ମୃତ୍ୟୁ ପାଇଁ ମୁଁ ଦାୟୀ ଲେଖି / ତମକୁ ଭଣେ ମୋ ଅନ୍ତିମ ଚିଠି ।" **(ଦାମ୍ପତ୍ୟ ପ୍ରେମ, ପୃ.- ୧୨)** ଜୀବନର ପଥ ଅମଡ଼ା, ଅବାଗିଆ, ମାପି ଚୁପି ଚାଲିବା ସଦାବେଳେ ସମ୍ଭବ ନୁହେଁ । ବେଳେବେଳେ ପାଦତଳର ବାଲି, ମାଟି ଧୋଇଯାଏ । ଯାହାର ଅଶ୍ଳୀଳ ପରିଣତି ଭୋଗ କରିବାକୁ ପଡ଼ିଥାଏ । ଅନ୍ୟ ପକ୍ଷରେ ପରିବାର ଓ ପରକୀୟା ମଧ୍ୟରେ ସୁନ୍ଦର ସାଲିସ୍ କରି ଚାଲୁଥିବା ନାରୀପୁରୁଷଙ୍କ ପାଇଁ ସଂପୃକ୍ତ ଜୀବନ ପ୍ରେରଣାଦାୟକ ଓ ଆନନ୍ଦଦାୟକ ହୋଇଥାଏ । ସାହିତ୍ୟ ସଦାବେଳେ ପରକୀୟାର ସମର୍ଥକ । କାବ୍ୟନାୟିକା ରୁବି ପରକୀୟା ପ୍ରେମ ପାଇଁ ନିର୍ଜନ ନିକାଞ୍ଚନରେ ଅବସ୍ଥିତ ମନ୍ଦିରକୁ ଏକାନ୍ତ ନିରାପଦ ସ୍ଥାନ ଭାବରେ ମନୋନୀତ କରିଛି । ଅଧିକନ୍ତୁ ଆଜିକାଲି ପ୍ରେମର ଯୋଗାଯୋଗ ରାସ୍ତା ବଦଳି ଯାଇଛି । ମେସେଜ୍, ଟେଲିଫୋନ୍, ମୋବାଇଲ୍ ନୂଆ ନୂଆ ରାସ୍ତା ଖୋଲି ଦେଇଛି ପ୍ରେମ ପାଇଁ । ଜାତି, ଧର୍ମ, ବର୍ଣ୍ଣ, ବୟସ, ଭାଷା ପ୍ରଭୃତି ପ୍ରେମ ପାଇଁ ବାଧକ ହୋଇ ରହିନାହିଁ । ସବୁ ସତ୍ତ୍ୱେ ଚୋରା ପ୍ରେମ, ପରକୀୟା ପ୍ରେମର ଗତାଗତ ଉଚ୍ଚବିତ୍ତ ମଧ୍ୟରେ କେବଳ ସୀମିତ । ସମାଜର ତଳଶ୍ରେଣୀ ମଣିଷଙ୍କ ପାଇଁ ପରକୀୟା ପ୍ରେମ ପ୍ରେରଣାଦାୟୀ ପରିବର୍ତ୍ତେ କ୍ଷତି ସାଧନ କରେ । କାବ୍ୟନାୟିକା ଜୟନ୍ତୀ ତଳଶ୍ରେଣୀ ମହିଳାଙ୍କ ପ୍ରତିଭୂ । ତା'ର ପରକୀୟା ପ୍ରୀତି ଗାଁ ଲୋକଙ୍କ ଦୃଷ୍ଟିକଟୁ ହୋଇଛି । ରୋଗଗ୍ରସ୍ତ, ଧାର୍‌କରଜଗ୍ରସ୍ତ ଜୟନ୍ତୀ ଅବଶେଷରେ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛି । ସାମଗ୍ରିକ ଭାବରେ ଜୟନ୍ତୀ ଖରାପ ନଥିଲା । ଭଲମନ୍ଦ ପାପପୁଣ୍ୟକୁ ନେଇ ଜୀବନ । କୁଚକ୍ରୀମାନଙ୍କ ଶବ୍ଦ ପ୍ରହାରରେ ଜୟନ୍ତୀ ଆତ୍ମହତ୍ୟା କଲା ପରେ ମେଘ, ବର୍ଷିବାକୁ ବିସ୍ମରି ଯାଇଛି ତ ଜହ୍ନ ଜ୍ୟୋସ୍ନା ବିତରିବାକୁ ଭୁଲି ଯାଇଛି । ସୁତରାଂ ଜୟନ୍ତୀ ପ୍ରତି ଅନେକଙ୍କର ସହାନୁଭୂତି ଥିଲା । ପୁରୁଷ ପ୍ରାଧାନ୍ୟ ସମାଜରେ ପୁରୁଷର ସାତଖୁଣ ମାଫ୍ । କିନ୍ତୁ ନାରୀ ସବୁବେଳେ ଅଭିଶପ୍ତା । ଯେମିତି : "କ'ଣ ପାପର ଗୋଲାପ ସବୁବେଳେ ଧଳା / ଓ ପୁଣ୍ୟର ଫୁଲ କଳା ।" **(ନେରୁଦାଙ୍କ ପ୍ରଶ୍ନ କବିତା, ପୃ.- ୬୩, ଅନୁବାଦ- ବିଷ୍ଣୁ ମହାପାତ୍ର)**

ସୌନ୍ଦର୍ଯ୍ୟର ଆକର୍ଷଣ ସୃଜନଶୀଳ ସ୍ରଷ୍ଟା ବ୍ୟତୀତ ସାଧାରଣ ମଣିଷକୁ ମଧ୍ୟ ଆନମନା କରିଦିଏ । ବେଳେ ବେଳେ ନାରୀର ଅତିରିକ୍ତ ସୌନ୍ଦର୍ଯ୍ୟ ଭ୍ରମ ସୃଷ୍ଟି କରେ । ସେମିତି ଏକ ସୌନ୍ଦର୍ଯ୍ୟବତୀ ନାରୀ ଚରିତ୍ରକୁ କବି ବିଶ୍ଳେଷଣ କରିଛନ୍ତି । ସାତ ଜଣ ଅନ୍ଧ ହାତୀର ବିଶାଳକାୟ କାୟାକୁ ଦେଖି ଯେମିତି ସ୍ୱ ସ୍ୱ ଅନୁଭବ ବ୍ୟକ୍ତ କରିଥିଲେ, ସେମିତି ତନ୍ୱୀ ତରୁଣୀଙ୍କୁ ସାମ୍ନାରେ ଦେଖି କିଏ କିଏ ତାକୁ ସ୍କୁଲ୍ ମାଷ୍ଟ୍ରାଣୀ ବୋଲି ଅଭିହିତ କରିଥିଲେ । ମାତ୍ର ସେ ଥିଲା ମେଘ, ବଜ୍ର ସାମୁଦ୍ରିକ ଝଡ଼, ଅଣଚାଶ, କୋଇଲିର କୂଜନ, ପେଚାର ବିରକ୍ତିବୋଧକ ଶବ୍ଦ । ବାସ୍ତବିକ କବି ହୃଷୀକେଶ୍‌ଙ୍କ କାବ୍ୟନାୟିକା ଉଭୟ ନାରାୟଣୀ ଓ ଭୈରବୀର ଅପୂର୍ବ ମିଶ୍ରଣ । ହୃଷୀକେଶ୍‌ଙ୍କ କାବ୍ୟନାୟିକା ମଣିଷ ମନ ତଳର ଭାଷାକୁ, ଭାବକୁ ପଢ଼ିପାରେ । ପ୍ରଲୁବ୍ଧ ପୁରୁଷମାନଙ୍କର ମତିଗତିକୁ ଆକଳନ କରି ପ୍ରତ୍ୟାଖ୍ୟାନ କରିପାରେ । ଯେମିତି: "ଏଡ଼େ ବୃଷାଳ ତମ ବୀଜଦଣ୍ଡ ଯେ / ମାଟିକଣ / ଗଜା ମେଲିବ ମରୁଭୂଇଁ / ହେଲେ ଅପ୍‌ସରୀ ମୁଁ / ମାତେ ଶୃଙ୍ଗାରରେ, ମାଆ ନ ହୋଇ ।" **(ଦେବନଟୀ, ପୃ.-୮୩)** ବାସ୍ତବ ଜଗତ ନାରୀ ଚରିତ୍ରର ଜଟିଳତମ ଦିଗକୁ ବିଶ୍ଳେଷଣ କରି କବି କଳ୍ପନା ରାଜ୍ୟକୁ ଫେରି ଯାଇଛନ୍ତି । ଦେହଧାରୀ ପ୍ରେମ ଅପେକ୍ଷା ଦିଗ୍‌ବଧୂ ପ୍ରେମକୁ କାବ୍ୟନାୟକ ଗ୍ରହଣ କରିନେଇଛି । କାରଣ ବିଦେହୀ ପ୍ରେମିକା ଅଭିଯୋଗ କରେନି, ପ୍ରତିବାଦ କରେନି, ଅଭିମାନ କରେନି, ରାଗରୁଷା ତା' ପାଖରେ ନଥାଏ । ସେ କାବ୍ୟ ପୁରୁଷର ସକଳ ଅଭିବ୍ୟକ୍ତିକୁ ସ୍ୱୀକାର କରେ, ସାକାର କରେ । ଯେମିତି : "ଭଲପାଉଥିବା ଝିଅ / ନା ରୁଷେ, ନା କାନ୍ଦେ +++ କେବେ ବି ଜିଦ୍ କରେ ନାହିଁ + + + କେବେବି ଆଶା ବଳାଏ ନାହିଁ /ଭଲ ପାଇବାର ଔରସରୁ ଜାତ ପିଲାଙ୍କୁ / ଶୁଣାଇବାକୁ ନାନାବାୟା ।" **(ଭଲପାଉଥିବା ଝିଅ, ପୃ.- ୧୦୪)** ଏକବିଂଶ ଶତାବ୍ଦୀର କିଛି ନାରୀ ବିବାହ, ଦାୟିତ୍ୱ ବନ୍ଧନ ଅପେକ୍ଷା ଲିଭିଙ୍ଗ୍ ଟୁଗେଦର୍ ଅବଧାରଣାକୁ ବେଶି ବେଶି ଗ୍ରହଣ କରିନେଇଛନ୍ତି । ଆଧୁନିକ ନାରୀ ମାନସିକତାକୁ କବି ଗଭୀର ଭାବରେ ଅଧ୍ୟୟନ କରିଛନ୍ତି । ସେମାନଙ୍କ ଚରିତ୍ରର ବିଭିନ୍ନ ଦିଗକୁ ସେ ସ୍ପର୍ଶ କରିଛନ୍ତି । ଏବର ନାରୀ ଶିକ୍ଷିତା, କର୍ମଜୀବୀ, ପଦପଦବୀରେ ଆସୀନା । ତଥାପି ନାରୀ ମାନସିକତା ଓ ଚେତନାରେ ଯେପରି ଦ୍ରୁତ ପରିବର୍ତ୍ତନ ହେବା କଥା ସେପରି ପରିବର୍ତ୍ତନ ହୋଇନାହିଁ । କାରଣ ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ଏବେ ବି ସେବିକା, ତା'ର ନିଜସ୍ୱ ଇଚ୍ଛା ନାହିଁ । ହୁଏତ ବ୍ୟକ୍ତି ନାରୀ ମୁକ୍ତା । କିନ୍ତୁ ସମଷ୍ଟି ନାରୀ ବନ୍ଦିତା । ଯୁଗ ଯୁଗର ବନ୍ଧନ ତା' ମାନସିକ ସ୍ତରକୁ କାଟି ଟିକି ଟିକି କରି ଦେଇଛି । ଫଳଶ୍ରୁତି ସ୍ୱରୂପ ନାରୀ ଆଜି ଚିଡ଼୍‌ଚିଡ଼ା । ଯୁଗ ଯୁଗର ବନ୍ଧନ ଓ ପ୍ରତିବାଦର ମୁହଁ ଏମିତି : "ଦେଖୁଛି / ଗୋଟେ ଗାତରେ ପଡ଼ି ଗଲାଣି / ତମ ଛେଚି କୁଟେଇ ହବା / ମୋ କହିବା, କହିବା ନୁହେଁ / ଦେଖୁଛି / ଖାଲି ତମ କହିବା, କହିବା ।" **(କରାର୍ ନାମା, ପୃ-୬୬)**

ଘଟଣା ଓ ଚରିତ୍ରମାନଙ୍କୁ ଗଭୀର ଭାବ ଓ ଭିନ୍ନ ଦୃଷ୍ଟିରେ ବିଚାର ବିଶ୍ଳେଷଣ କରି ସିଦ୍ଧାନ୍ତରେ ଉପନୀତ ହୁଅନ୍ତି କବି ହୃଷୀକେଶ । ତାଙ୍କ ଉପସ୍ଥାପନା, ଶବ୍ଦବିନ୍ୟାସ ଓ ଆତ୍ମିକ ସତ୍ତା ସବୁ ଅଲଗା । ଧର୍ମପଦ ଉପାଖ୍ୟାନ ଓ କୋଣାର୍କର ପ୍ରତ୍ନତାତ୍ତ୍ୱିକ ଦିଗ ଉପରେ କବିଙ୍କର ଦୃଷ୍ଟିଭଙ୍ଗୀ ସମ୍ପୂର୍ଣ୍ଣ ଅଲଗା । ବାର ବର୍ଷର ଶିଶୁ ଧରମାର କୋଣାର୍କ ମନ୍ଦିର ଚୂଡ଼ା ବସାଣ ପ୍ରସଙ୍ଗକୁ କେତେକ ଲୋକକଥା କହୁଥିଲା ବେଳେ ଅନ୍ୟ କେତେକ କିମ୍ବଦନ୍ତୀ ବୋଲି କହନ୍ତି । କୋଣାର୍କ ମନ୍ଦିରର ଚୂଡ଼ାବସାଣ ଏବେ ବି ବିବାଦୀୟ । କୋଣାର୍କ ଭିତ୍ତିକ 'ପ୍ରତ୍ନତାତ୍ତ୍ୱିକ' ଓ 'ଧର୍ମପଦ' ଶୀର୍ଷକ ଦୁଇଟି କବିତା ଏକତ୍ର ଆଲୋଚନାର ଦାବି ରଖେ । କବି, ବେଶ୍ ଚେତନା ଉଦ୍ରେକକାରୀ ପ୍ରଶ୍ନ ପଚାରିଛନ୍ତି ମଣିଷ ସମାଜକୁ । ଡାହା ମିଛକୁ କିପରି ସତ ବୋଲି ଗ୍ରହଣ କରିନେଇଛି ଗୋଟିଏ ଜାତି ? କାବ୍ୟନାୟକ ବିସ୍ମୟ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଧରମା ତୁଣ୍ଡରେ ଯେଉଁ ଶବ୍ଦୋଚ୍ଚାରଣ କରିଛନ୍ତି ତା'ର ବିନ୍ୟାସ ଏମିତି: "ରାତିରେ କ'ଣ ମରେ କେବେ / ଦେଉଳ ଚୂଳ / ଦିହକରେ ପାରିଲେନି ଯାହାକୁ / ବଛା ବଛା ବଢ଼େଇ / ମୁଁ ପାରିଗଲି / କ'ଣ ଖେଳଘର ।" **(ପ୍ରତ୍ନତାତ୍ତ୍ୱିକ, ପୃ-୩୯)** ଅନୁରୂପ ଭାବରେ ଧରମାର ମୃତ୍ୟୁ ରହସ୍ୟ ବି ବିବାଦୀୟ । ଧରମା ସ୍ୱଇଚ୍ଛାରେ

ଆତ୍ମହତ୍ୟା କରିଥାଉ ବା ତା'କୁ ମନ୍ଦିର ଚୂଡ଼ାରୁ ଠେଲି ଦିଆଯାଉ, ଉଭୟ କିନ୍ତୁ ଚିନ୍ତାଜନକ । କବି ଉଭୟ ଠାରୁ ଦୂରେଇ ଯାଇ ଧରମାକୁ ବଳି ଚଢ଼ା ଯାଇଛି ବୋଲି ମତପୋଷଣ କରିଛନ୍ତି । ତେବେ ପ୍ରଶ୍ନ ଉଠେ ମନ୍ଦିର ଚୂଡ଼ା ବସାଣ ସହ ବଳିର ସମ୍ପର୍କ କ'ଣ ? ନିର୍ମାଣାଧୀନ ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ କିଏ ? ଈଶ୍ୱରୀ ଯଦି ପ୍ରେମମୟୀ, କରୁଣାମୟୀ, ମଙ୍ଗଳମୟୀ ଏବଂ ସମସ୍ତେ ଯଦି ଈଶ୍ୱର ଈଶ୍ୱରୀଙ୍କର ସନ୍ତାନ, ଜୀବନ ଦାତା କ'ଣ ଆପଣା ସନ୍ତାନର ଏଭଳି ବିଭତ୍ସ ମରଣ ଦେଖିବାକୁ ଚାହାନ୍ତି ? ଶୈଶବର ରକ୍ତପାନ କରି ଜୀବନଦାତା (ଈଶ୍ୱର, ଈଶ୍ୱରୀ) କ'ଣ ପରିତୃପ୍ତ ହୋଇପାରିବେ ? ? ଏମିତି ଅନେକ ପ୍ରଶ୍ନ, ଅମୀମାଂସିତ ଉତ୍ତର ସ୍ୱତଃ ଉଠିଥାଏ । ଏମିତି ଯୁକ୍ତି ପ୍ରତିଯୁକ୍ତି ବାହାରେ କବି ହୃଷୀକେଶ ଯେଉଁ ବଳି ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି ତା'ର କାବ୍ୟ ରୂପ ଏପରି: "ଏଥର ଆକାଶ ଆଡ଼େ ଉଠିଲା ଗୋଟେ / ଧାରୁଆ ଖଣ୍ଡା + + + ଲାଲ୍ ହେଇଗଲା ଦରିଆ ପାଣି ରକ୍ତରେ / ଭୋର୍ ବେଳକୁ ବସି ସାରିଥିଲା ଦଧି ନଉତି / ଭୋର୍ ବେଳକୁ ମୁଁ କିମ୍ବଦନ୍ତୀ ।" **(ଧର୍ମପଦ, ପୃ-୫୧)**

କବି ନାରୀ ଚରିତ୍ରର ଜଟିଳ ଓ ଗଭୀରତମ ଦିଗକୁ ବିଶ୍ଳେଷଣ କରିବା ସଙ୍ଗେ ସଙ୍ଗେ ସମାଜର ଅଗ୍ରଗତି ପାଇଁ ଜୀବନବ୍ୟାପୀ ତ୍ୟାଗ ସ୍ୱୀକାର କରିଥିବା ଗାୟକ, ଜନନାୟକଙ୍କ ଜୀବନାଲେଖ୍ୟକୁ ଗଭୀର ଦୃଷ୍ଟିରେ ବିଚାର କରିଛନ୍ତି । 'ଧାନ ସାଉଁଟା ଝିଅ' କବିତା ଗ୍ରନ୍ଥରୁ ଗ୍ରାମୀଣ ଶବ୍ଦର ବହୁଳ ବ୍ୟବହାର କରିଥିବା ହୃଷୀକେଶଙ୍କ ସେହି ସ୍ରୋତ ଥମି ଯାଇନାହିଁ । 'ରେବତୀ' କବିତା ଗ୍ରନ୍ଥରେ କବି କମ୍ ଗ୍ରାମୀଣ ଶବ୍ଦ ବ୍ୟବହାର କରିନାହାନ୍ତି ! ଗ୍ରାମୀଣ ଶବ୍ଦ ବ୍ୟବହାରରେ କବି ଓଡ଼ିଆ ସାହିତ୍ୟରେ ଅଦ୍ୱିତୀୟ । 'ରେବତୀ' ଗ୍ରନ୍ଥରେ ବ୍ୟବହୃତ ହୋଇଥିବା ଗ୍ରାମୀଣ ଶବ୍ଦଗୁଡ଼ିକ ହେଉଛି, ଗ୍ରାଜ୍ୟ, ରଇବାରି, ରେକେ, ଯାତରାକାଳି, ବେଇଛି, ନାହାକ ସାହି, ଭେଲକା, ହୁଡ଼ିହାଟ, ଉଠିଆ, ଚାଷବସ୍ତ, କବାଟ, ଅଉତେ, ପାଣିଚାର, ନୁସେଇଦବା, ହିଂସୁକୁଡ଼ୀ, କୁତୁରୁକାଳିଆ, କୁଟୁମ, ଜିଗର, ବୃଷାଳ, ଛେକେ ଓ ବେରାମ୍ ପ୍ରଭୃତି ।

ଉପସଂହାରରେ ଏତିକି କହିଲେ ଯଥେଷ୍ଟ ହେବ ଯେ ହୃଷୀକେଶ ନାରୀ ଚରିତ୍ରର କେବଳ ଜଟିଳତମ ଓ ଗଭୀରତମ ଦିଗକୁ ପ୍ରବେଶ କରିନାହାନ୍ତି । ସେ ମଧ୍ୟ ନାରୀର ସରଳ ଓ ସ୍ୱଚ୍ଛତମ ଦିଗକୁ ଭେଦି ଯାଇଛନ୍ତି । ନାରୀ ସରଳ, ଜଟିଳ, ଗଭୀର ଯାହା ହେଉ ତା'ର ପୃଥିବୀର ସୀମା ଖୁବ୍ ସଂକୀର୍ଣ୍ଣ, ଅଣଓସାରିଆ । ସେପରି ପାଠ ପୁରୁଷ ପ୍ରାଧାନ୍ୟ ସମାଜ ତା'କୁ ବତେଇ ଦେଇଛି । ସେହି ସୀମା ଭିତରେ ତା'ର ଗତାଗତ, ଚଳପ୍ରଚଳ । ତା'ର ନିଜର ରୁଚି, ଇଚ୍ଛା ବୋଲି କିଛି ନାହିଁ ! ଖୁବ୍ ସୂକ୍ଷ୍ମ ଭାବରେ, ଅଦୃଶ୍ୟରେ ତା' କରରେ, କପାଳରେ କଚଟିରେ ସଂପୃକ୍ତ ସମାଜ ଖୋଦେଇ କରି ଦେଇଛି । ପୁରୁଷ ପ୍ରଧାନ୍ୟତା ନିକଟରେ ଈଶ୍ୱର ବି ନିରବି ଯାଇଛନ୍ତି । ଯେମିତି : "ଭେଳିକିରେ ଭଳିଯିବାକୁ / କାହିଁକି ତିଆରି ହୋଇଥାଏ / ନିୟତି ଝିଅଟିର / ନିଜର ବୋଲି ବାକ୍ୟଟିଏ କାହିଁକି ଗଢ଼ିନଥାଏ ଝିଅ ପାଇଁ / କେହି କବି ବା କେଉଁ ଈଶ୍ୱର ।" **(ନିଜର ବୋଲି ବାକ୍ୟଟିଏ, ପୃ-୯୫)** ନାରୀ ସପକ୍ଷରେ ସବୁ ଆଇନ୍‌କାନୁନ୍ ଥିଲେ ବି ରକ୍ତମାଂସଧାରୀ ମଣିଷର ଘୋର ଅଭାବ । ନିର୍ଜୀବ ଆଇନ୍, କାଠଗଡ଼ା କ'ଣ ନାରୀକୁ ଅହରହ କାବ୍ୟିକ ନ୍ୟାୟ ପ୍ରଦାନ କରିପାରିବ ? ଗଭୀର ଆତ୍ମବିଶ୍ୱାସ ସହିତ ଖୋଦ୍ ନାରୀ ତାର ଆତ୍ମପରିଚୟ ପ୍ରତିଷ୍ଠା କରିପାରିବ ବୋଲି କବିଙ୍କର ଦୃଢ଼ ଆଶା । ମୋଟରେ 'ଧାନସାଉଁଟା ଝିଅ' ଠାରୁ 'ରେବତୀ' ପର୍ଯ୍ୟନ୍ତ କବିତା ଗ୍ରନ୍ଥରେ ଭୂମି ମନସ୍କତାରେ ଆବଦ୍ଧ ନହୋଇ ଅନ୍ୟ ଏକ ଦିଗ୍‌ବଳୟ ପର୍ଯ୍ୟନ୍ତ ଯାତ୍ରା କରିପାରିଛନ୍ତି କବି ହୃଷୀକେଶ ମଲ୍ଲିକ । **(ସମାପ୍ତ)**



ପ୍ରେରଣା

## ଇଏ ବି ଜଣେ ରେବତୀ



# ମହିଳା ସଂଗଠିକା : କାର୍ମୀ ବେସ୍ରା




**ଶ୍ରୀଗୋବିନ୍ଦ**
ସାନମଛୁଆଘାଇ, ଭଦ୍ରକ
ଫୋନ : ୭୦୦୮୯୧୩୫୮୯


ଫଟୋ ସୌଜନ୍ୟ : ଲେଖକ

**କାର୍ମୀ ବେସ୍ରା । ନିଜର କର୍ମପଥ ନିଜେ ବାଛି ନେବା ସହ ଅବହେଳିତ ମହିଳାଙ୍କ ପାଇଁ ଯିଏ ସାଜିଛନ୍ତି ଆଶାର ଆଲୋକ । ସାରା ଓଡ଼ିଶାର ପଛୁଆ ବର୍ଗ ମହିଳାଙ୍କ ପାଇଁ ସେ ଗଢିଛନ୍ତି ନୂଆ ଏକ ପୃଥିବୀ ।**



ସମୟ ଥିଲା ନିଜର ପେଟ ଚାଖଣ୍ଡକ ପାଇଁ ଅନ୍ୟର ବିଲରେ କାମ କରିବାକୁ ପଡୁଥିଲା ତାଙ୍କୁ । ଆର୍ଥିକ ଅନାଟନ ସାରା ପରିବାରକୁ କବଳିତ କରି ରଖିଥିଲା ଯେ, ଖାଇବାକୁ ଦୁଇଓଳି ନଥିଲା ତ ପାଠ କଥା ପଚାରୁଛି କିଏ ! ତଥାପି ନିଜ ଘରେ ତଥା ପର କ୍ଷେତରେ କାମ କରି ଦଶମ ଶ୍ରେଣୀ ଯାଏଁ ପାଠ ପଢ଼ିବାକୁ ସକ୍ଷମ ହୋଇଥିଲେ । ଏମିତି ଏକ ସଂଯୋଗ କ୍ରମେ କିଛି ମହିଳା ସ୍ୱଂୟ ସହାୟିକାଙ୍କ ଠୁ ଖାତାପତ୍ର ଲେଖିବାର ସୁଯୋଗ ପାଉ ପାଉ ମନରେ ସେତେବେଳେ ମହିଳା ସଶକ୍ତିକରଣକୁ ନେଇ ଉଠିଥିଲା ଅନେକ ପ୍ରଶ୍ନ । କିପରି ମହିଳାମାନେ ନିଜକୁ ସ୍ୱାବଲମ୍ବନଶୀଳ କରି ପାରିବେ, ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରିବେ ଓ ନିଜର ଗୁଜୁରାଣ ମେଣ୍ଟାଇବାକୁ ସ୍ୱାମୀଙ୍କ ଉପରେ ନିର୍ଭର କରିବାକୁ ପଡ଼ିବନି, ସେଥିପାଇଁ ଅଣ୍ଟା ଭିଡ଼ିଲେ କାର୍ମୀ । **କାର୍ମୀ ବେସ୍ରା** । ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ, ପାଟଣା ପଞ୍ଚାୟତ, ଭୋଗବେଡ଼ା ଗାଁରେ ଜନ୍ମ ହୋଇଥିବା କାର୍ମୀ ଆଜି ଓଡ଼ିଶାର ଜଣେ ପ୍ରତିଭାମୟୀ ମହିଳା । ସେ ନିଜେ ନିଜର କର୍ମପଥ ବାଛିନେବା ସହ ଅନେକ ମହିଳାଙ୍କ ଆଶାର ଆଲୋକ ହୋଇ ଛିଡ଼ା ହୋଇଛନ୍ତି । ନିଜ ପାଠପଢ଼ାରେ ଡ଼ୋରି ବନ୍ଧା ହୋଇଥିଲେ ବି ଇଗ୍ନୌର ଡ଼ିଷ୍ଟାନ୍ସ ଶିକ୍ଷାରେ ଗ୍ରାଜୁଏଟ୍ ମଧ୍ୟ ହୋଇପାରିଛନ୍ତି । ନିଜର ଭାଷାଜ୍ଞାନ ବଢ଼ାଇବାକୁ ବା ଇଂରାଜୀରେ କଥାବାର୍ତ୍ତା କରିବାକୁ ସ୍ୱତନ୍ତ୍ର ଟ୍ରେନିଂ ମଧ୍ୟ ନେଇଛନ୍ତି । ଓଡ଼ିଶା ନାରୀ ସମାଜର ଦାୟିତ୍ୱ ନେଇ ହଜାର ହଜାର ମହିଳାଙ୍କୁ ଏକଜୁଟ୍ କରାଇ ଆଶାର ଆଲୋକ ଦେଖାଇ ପାରିଛନ୍ତି କାର୍ମୀ । ନିଜକୁ ଅର୍ଗାନିକ୍ ଚାଷ ସହିତ ଜଡ଼ିତ ରଖି ମହିଳାଙ୍କୁ ମଧ୍ୟ ସାମିଲ୍ କରାଇ ପ୍ରୋତ୍ସାହିତ କରିପାରିଛନ୍ତି ଏ ଦିଗରେ ମନୋନିବେଶ କରିବାକୁ । ଓଡ଼ିଶାର ୫୩ଟି ବ୍ଲକ୍‌ରେ ନାରୀ ସମାଜ ଗଠନ କରାଯାଇ ସେମାନଙ୍କୁ ସଶକ୍ତିକରଣ କରିବାକୁ ଯେଉଁ ଭୂମିକା ନେଇଛନ୍ତି, ତାହା ଆଜି କାର୍ମୀଙ୍କୁ ସ୍ୱତନ୍ତ୍ର ପରିଚୟ ଆଣି ଦେଇଛି । କେବଳ ଏତିକି ନୁହେଁ ଏହାକୁ ଦେଶବିଦେଶରେ ମାର୍କେଟିଂ କରିବାର ଯୋଜନା ମଧ୍ୟ ନେଇ ଫଳବତୀ ହୋଇଛନ୍ତି । ସେ ଓଡ଼ିଶାରେ ମିଳୁଥିବା ପ୍ରାକୃତିକ ଦ୍ରବ୍ୟକୁ ନେଇ ବିଭିନ୍ନ ଏଜେନ୍ସି ମାଧ୍ୟମରେ ପହଞ୍ଚାଇବା ଓ ମହିଳାଙ୍କୁ ବେଶ୍ ଭଲ ଦୁଇପଇସା ରୋଜଗାର କରେଇବାର ବାଟ ଦେଖାଇଛନ୍ତି । ସେ ଏହାକୁ ଶିଳ୍ପ ସହିତ ସାମିଲ କରିବାର ଲକ୍ଷ୍ୟ ନେଇ କୋରାପୁଟରୁ ଉତ୍ପାଦିତ ହେଉଥିବା ମାଣ୍ଡିଆ, ହଳଦୀ, ସମ୍ବଲପୁରରୁ ହରିଡ଼ା, ଅଁଳା, ବାହାଡ଼ା ଓ ମୟୂରଭଞ୍ଜର ନିମକୁ ନେଇ ଭାରତ ବାହାରେ ବିକ୍ରି କରିବାର ଯେଉଁ ଯୋଜନା ନେଇଥିଲେ, ଆଜି ତାହା ଫଳବତୀ ହୋଇଛି ।

ସେ ପ୍ରଥମେ ମୟୂରଭଞ୍ଜର ଖୁଣ୍ଟା, ତିରିଂ, ସାରସକଣାରେ କାମ ଆରମ୍ଭ କରିଥିଲେ ବି ସାରା ରାଜ୍ୟରେ ଏହାର ଶାଖା ସବୁ କରି ମହିଳାଙ୍କୁ ଏକଜୁଟ କରାଇ ସ୍ୱାବଲମ୍ବୀ କରିବାକୁ ବଦ୍ଧପରିକର ହୋଇଯାଇଛନ୍ତି । କେବଳ ଏତିକି ନୁହେଁ, କୋରାପୁଟର କାକିରିଗୁମ୍ମାରେ ଥିବା ସାମାଜିକ ସଂଗଠନ ସିଦ୍ଧାର୍ଥ ଭିଲେଜ୍‌ରେ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ରହିବାର ସୁବନ୍ଦୋବସ୍ତ କରିବା ସହ ଏହାକୁ ବ୍ୟବସାୟିକ କାର୍ଯ୍ୟରେ ଲଗାଇ ମହିଳାଙ୍କୁ କାମ ଯୋଗାଇ ପାରିଛନ୍ତି ।

ସବୁଠୁ ବଡ଼ କଥା ହେଲା କାର୍ମୀ ମହିଳାମାନଙ୍କୁ ପ୍ରାକୃତିକ ଉପାୟରେ କିଭଳି ଚାଷବାସ କରିହେବ, ସେଥିପାଇଁ ସମସ୍ତଙ୍କୁ ତାଲିମ ପ୍ରଦାନ କରି ନିଜ ବାଡ଼ିବଗିଚାରେ ଚାଷବାସ କରିବାକୁ ପ୍ରେରଣା ଦେଉଛନ୍ତି । ଏମିତିକି ଏହାକୁ କିଭଳି ବ୍ୟବସାୟିକ ଉଦ୍ଦେଶ୍ୟରେ କାମରେ ଲଗାଇ ହେବ,ସିଧାସଳଖ ମହିଳାଙ୍କ ସହ ଯୋଗସୂତ୍ର କରି କାର୍ଯ୍ୟ କରୁଛନ୍ତି ।

କିପରି ପ୍ରାକୃତିକ ଉପାୟରେ ବିହନ ଅମଳ କରିହେବ, ତାହାର ଜ୍ଞାନକୌଶଳ ମଧ୍ୟ ସେ ପ୍ରଦାନ କରୁଛନ୍ତି । ଏଥିପାଇଁ ସେ ସ୍ୱତନ୍ତ୍ର ଭାବେ ଟ୍ରେନିଂ ନେଇଛନ୍ତି । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବାଲ୍ୟବିବାହ, ସାର୍ବଜନୀନ ଶିକ୍ଷାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ ମହିଳାଙ୍କୁ ସାମାଜିକସ୍ତରରେ ଏ ଘଟଣାକୁ ବିରୋଧ କରିବା ପାଇଁ ସଚେତନତା ସୃଷ୍ଟି କରୁଛନ୍ତି ।

ସେ ଓଡ଼ିଶାରେ ଥିବା ଅବହେଳିତ ମହିଳାଙ୍କୁ ମୁଖ୍ୟସ୍ରୋତକୁ ଆଣିବାର ପ୍ରୟାସରେ ଲାଗିଛନ୍ତି ।

### ସଂକ୍ଷେପରେ ବେସ୍ରା

ନାମ : **କାର୍ମୀ ବେସ୍ରା**
ପିତା : **ମୋହନ ବେସ୍ରା**
ମାତା : **ଲକ୍ଷ୍ମୀ ବେସ୍ରା**
ଗ୍ରାମ : **ଭୋଗବେଡ଼ା**
ପୋ : **ପାଟଣା**
ବ୍ଲକ : **ଜାମଦା**
ଜିଲ୍ଲା : **ମୟୂରଭଞ୍ଜ**





କାର୍ମୀ ବେସ୍ରା



ଆମ ପରିବାରମାନଙ୍କରେ ଜମିଜମା ଏବଂ ବିବାହ ଛାଡ଼ପତ୍ର ତଥା ମହିଳାମାନଙ୍କ ସମ୍ପତ୍ତିଗତ ଅଧିକାରକୁ ନେଇ ଆମ ଆଇନ କଣ କହେ ସେ ବାବଦରେ ମହିଳାମାନେ ଅନେକ କଥା ଜାଣିନଥାନ୍ତି । ଭୁବନେଶ୍ୱର ବାର୍ ଏସୋସିଏସନ୍‌ରେ ୨୦୧୮ରୁ ସଭ୍ୟା ଥିବା ଆଡ଼ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ 'ରେବତୀ' ପୃଷ୍ଠାରେ ଆଇନକାନୁନ୍‌କୁ ନେଇ ଦେଉଛନ୍ତି ପରାମର୍ଶ । ଆପଣମାନେ ଆଇନ ସମ୍ବନ୍ଧିତ ପ୍ରଶ୍ନ ମଧ୍ୟ ପଚାରି ପାରନ୍ତି ।

# ଠିକାଦାର ଏବଂ ଶ୍ରମିକଙ୍କ ପାଇଁ ଆଇନ୍ ବ୍ୟବସ୍ଥା

## ଆଇନ ପରାମର୍ଶ - ୨




**ଆଡ୍‌ଭୋକେଟ୍ ସ୍ନିଗ୍ଧା ତ୍ରିପାଠୀ**

ଭୁବନେଶ୍ୱର ବାର୍ ଏସୋସିଏସନ୍

ଫୋନ : ୯୩୦୯୧୧୯୬୨୫


ଲୋକମାନେ ନିଜ ଗାଁରୁ ଆସି ପ୍ରବାସୀ ଭାବେ କଠିନ ପରିସ୍ଥିତିରେ କାମ ଅନ୍ୱେଷଣ କରିଥାନ୍ତି । ସେମାନେ ଠିକାଦାର କିମ୍ବା ଦଲାଲ୍‌ମାନଙ୍କ ଦ୍ୱାରା ବିଭିନ୍ନ ନିଯୁକ୍ତିଦାତାମାନଙ୍କ ପାଖରେ ନିଯୁକ୍ତି ପାଇଥାନ୍ତି । ଶ୍ରମିକମାନେ କାମ, ବେତନ ଏବଂ ଘର ପାଇଁ ସମ୍ପୂର୍ଣ୍ଣ ଭାବେ ଠିକାଦାରଙ୍କ ଉପରେ ନିର୍ଭର କରିଥାନ୍ତି । ଯଦିଓ ଶ୍ରମିକମାନେ ଜାଣିଥାନ୍ତି ଠିକାଦାର ସେମାନଙ୍କୁ ସମ୍ପୂର୍ଣ୍ଣ ବେତନ ଦେଉନାହାଁନ୍ତି ଅବା ଅଧିକ କାମ କରାଉଛନ୍ତି କିମ୍ବା ବିଳମ୍ବରେ ବେତନ ଦେଉଛନ୍ତି ବା କିଛି ସୁବିଧା ମିଳୁନି, ତଥାପି ସେମାନେ କୌଣସି ପଦକ୍ଷେପ ନେବାକୁ ସକ୍ଷମ ହୋଇନଥାନ୍ତି । ଏପରିକି ସେମାନଙ୍କୁ କେହି ସାହାଯ୍ୟ ମଧ୍ୟ କରିନଥାନ୍ତି । ତେବେ ଏ ପରିପ୍ରେକ୍ଷୀରେ ଶ୍ରମିକଙ୍କୁ କ'ଣ କରିବାର ଅଛି, ସେମାନଙ୍କର କି କି ସୁବିଧା ରହିଛି ସବୁକିଛି ଜାଣିବା ଆବଶ୍ୟକ । ଆସନ୍ତୁ ଏଥର ଜାଣିବା ।

### ଶ୍ରମିକମାନେ ସାମ୍ନା କରୁଥିବା ଅସୁବିଧା

ଠିକାଦାରଙ୍କ ଦ୍ୱାରା ବିଭିନ୍ନ ନିଯୁକ୍ତିଦାତାଙ୍କ ପାଖରେ ଶ୍ରମିକମାନେ କାମ କରିଥାନ୍ତି । ବେଳେବେଳେ ଏପରି ଦେଖାଯାଏ ଠିକାଦାର କହିଥିବା ବେତନ ରାଶି ଶ୍ରମିକମାନଙ୍କୁ ଠିକ୍ ଭାବେ ମିଳି ନଥାଏ । ସମୟେ ସମୟେ ବେତନ ଡେରିରେ ମିଳିଥାଏ । ଶ୍ରମିକମାନଙ୍କ ପାଇଁ ଘର କିମ୍ବା ଖାଇବା ବ୍ୟବସ୍ଥା ମଧ୍ୟ ଠିକ୍ ହୋଇ ନଥାଏ । ଏସବୁ ସେମାନେ ଜାଣିଲେ ମଧ୍ୟ ନିଜେ କିଛି କରିବାକୁ ସକ୍ଷମ ହୋଇ ନଥାନ୍ତି ଏବଂ ତାଙ୍କୁ କେହି ସହଯୋଗ କରିନଥାନ୍ତି । ଏପରିକି କେତେକ ଠିକାଦାର ଶ୍ରମିକଙ୍କୁ କାମ ହେଉଥିବା ସ୍ଥାନରୁ ବାହାରକୁ ଯିବା ପାଇଁ ଅନୁମତି ଦେଇ ନଥାନ୍ତି ।

### ଆଇନ୍ ମାନିବା ପାଇଁ ବାଧ୍ୟ

କର୍ମଚାରୀ ନିଯୁକ୍ତି କରିବା ପାଇଁ ଠିକାଦାର ଏବଂ ନିର୍ଦ୍ଦିଷ୍ଟ ନିଯୁକ୍ତିଦାତାମାନେ ମଧ୍ୟ ଉଦ୍ଦିଷ୍ଟ ଆଇନ୍ ମାନିବାକୁ ବାଧ୍ୟ ଅଟନ୍ତି ।

+ ଠିକା ଶ୍ରମିକ ନିୟାମକ ଏବଂ ଉଚ୍ଛେଦ ଆଇନ୍ ୧୯୭୦
+ କୋଠା ଏବଂ ନିର୍ମାଣ ଶ୍ରମିକ ନିଯୁକ୍ତି ଏବଂ କାର୍ଯ୍ୟ ସଂସ୍ଥାବଳୀ ନିୟମ ଆଇନ୍ ୧୯୯୬ ।

### ଶ୍ରମିକଙ୍କ ସମ୍ପୂର୍ଣ୍ଣ ବିବରଣୀ ପଞ୍ଜିକୃତ

ଠିକାଦାର ଶ୍ରମ ବିଭାଗରୁ ଲାଇସେନ୍ସ ପାଇଥିବା ଉଚିତ୍ । ଯେଉଁଥିରେ ସେ କାମରେ ନିୟୋଜିତ କରିଥିବା ସମସ୍ତ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ କରିଥିବେ ।

+ ନିଯୁକ୍ତିଦାତା ଠିକା ଶ୍ରମିକଙ୍କ ଦ୍ୱାରା କରାଇଥିବା ସମସ୍ତ କାମର ପଞ୍ଜିକରଣ କରାଇବା ନିତାନ୍ତ ଆବଶ୍ୟକ ।
+ ଶ୍ରମିକଙ୍କ ପାଇଁ ଠିକାଦାରଙ୍କ ଆଇନଗତ ଦାୟିତ୍ୱ ରହିଛି ।

### ଶ୍ରମିକଙ୍କ ଅଧିକାର

+ ସର୍ବନିମ୍ନ ମଜୁରୀ ଏବଂ ଅତିରିକ୍ତ ସମୟ ମଜୁରୀ ପୈଠ ।
+ ଗୋଟିଏ ଦିନର ମଜୁରୀ ଦେଇ ଛୁଟିଦେବା ।
+ ପ୍ରତ୍ୟେକ ମାସରେ ୭ ଅବା ୧୦ ତାରିଖ ଭିତରେ ଶ୍ରମିକଙ୍କୁ ପାରିଶ୍ରମିକ ଦେବା ।
+ ସମାନ କାମ ପାଇଁ ପୁରୁଷ ଏବଂ ମହିଳାଙ୍କୁ ସମାନ ଦରମା ଦେବା ।
+ କାମ କରିବା ସ୍ଥାନରେ ଶ୍ରମିକମାନଙ୍କ ପାଇଁ ପିଇବା ପାଣି ଏବଂ ପାଇଖାନାର ବ୍ୟବସ୍ଥା କରିବା ।
+ ୨୦ରୁ ଅଧିକ ମହିଳା ଶ୍ରମିକଙ୍କ ପାଇଁ କ୍ରେଜର ବ୍ୟବସ୍ଥା କରିବା ।

### ଠିକାଦାର ଏବଂ ନିଯୁକ୍ତିଦାତାଙ୍କ ଦାୟିତ୍ୱ

+ ପ୍ରତ୍ୟେକ ଠିକାଦାର ଏବଂ ନିଯୁକ୍ତିଦାତା ଏକ ରେଜିଷ୍ଟର୍ ରଖି ସେଠାରେ କାମ କରୁଥିବା ଶ୍ରମିକଙ୍କ ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ କରିବା ଉଚିତ ।
+ ପ୍ରତ୍ୟେକ ମାସ ବେତନ ଦେବା ପରେ ବେତନ ରେଜିଷ୍ଟର୍‌ରେ କର୍ମଚାରୀଙ୍କ ଦସ୍ତଖତ ରହିବା ଆବଶ୍ୟକ ।
+ ନିଯୁକ୍ତିଦାତାଙ୍କର ଜଣେ ପ୍ରତିନିଧି ଶ୍ରମିକଙ୍କୁ ବେତନ ଦେବା ସମୟରେ ନିୟୋଜିତ ରହିବା ଆବଶ୍ୟକ ।
+ ଶ୍ରମିକଙ୍କ ବେତନରୁ ଠିକାଦାର ନିଜର କମିଶନ୍ ନେବା ଉଚିତ ନୁହେଁ ।
+ ଯଦି ଠିକାଦାର ବେତନ ଦେଉନାହାଁନ୍ତି ଅବା ସୁବିଧା ଯୋଗାଇ ଦେଉନାହାଁନ୍ତି ତେବେ ନିଯୁକ୍ତିଦାତା ସମସ୍ତ ସୁବିଧା ଯୋଗାଇ ଦେବାର ଦାୟିତ୍ୱ ନେବା ଉଚିତ୍ ।
+ ଯଦି କର୍ମଚାରୀମାନେ ସର୍ବନିମ୍ନ ବେତନ ପାଉନଥିବା ଅଭିଯୋଗ କରନ୍ତି ତେବେ ଶ୍ରମ ଅଧିକାରୀ ବାକିଥିବା ବେତନ ଦେବା ଏବଂ ଦିଆଯାଇ ନଥିବା ବେତନର ଦଶଗୁଣା କ୍ଷତିପୂରଣ ରାଶି ଭାବରେ ଦେବା ପାଇଁ ନିର୍ଦ୍ଦେଶ ଦେଇପାରିବେ ।

### ଦଣ୍ଡ ବିଧାନ

+ ସର୍ବନିମ୍ନ ବେତନ ନଦେବା ଏକ ଦଣ୍ଡନୀୟ ଅପରାଧ ଅଟେ । ଏଥିପାଇଁ ୬ମାସ କାରାଦଣ୍ଡ ଏବଂ ଅର୍ଥ ଦଣ୍ଡର ବ୍ୟବସ୍ଥା କରାଯାଇଛି ।




ଆମ ମାଟିର ସ୍ୱର
କଷ୍ଟ୍ୟୁମ୍ ଡିଜାଇନର୍ : ଅଞ୍ଜୁ ହାଜାରିକା
ଫଟୋଗ୍ରାଫି : ରାଜୁ ନାଥ
ମଡେଲ୍ : ଆଞ୍ଜେଲିକା ଦତ୍ତା
ଉଚ୍ଚତା : ୫ ଫୁଟ୍ ୫ ଇଞ୍ଚ୍
ଶିକ୍ଷା : ଉଚ୍ଚ ମାଧ୍ୟମିକ
ମେକ୍‌ଅପ୍ : ଡାନିଏଲ୍ ମାରାକ୍
Costume Designer : Anju Hazarika
Photographer : Raju Nath
Model : Angelica Dutta
Height : 5’ 5”
Qualification : HS Passed
Make-up : Daniel Marak

ୟାଲେଣ୍ଡର

# ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

**ପର୍ବପର୍ବାଣି**

୦୮/୦୨/୨୦୨୦ : ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା, ଯୋରନ୍ଦା ମେଳା
୦୯/୦୨/୨୦୨୦ : ମାଘ ପୂର୍ଣ୍ଣିମା
୧୩/୦୨/୨୦୨୦ : କୁମ୍ଭ ସଂକ୍ରାନ୍ତି
୨୧/୦୨/୨୦୨୦ : ଜାଗର ମହାଶିବରାତ୍ରି

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | | | |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଶୁକ୍ର | ଶନି | ରବି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

# କେତେ ଆପଣାର

## ଅଖିଳ କୁମାର ମିଶ୍ର

ଆଜି ପୁଣି ଅପରାହ୍ନରେ ଘଣ୍ଟଧ୍ୱନି ଶୁଭେ,
ଅସଂଖ୍ୟ ଆତସବାଜିର ତୋରଣରେ ସହରଟା ଇତସ୍ତତ,
କୁଆଡ଼େ ଉଭାନ୍ ରହରହ ଫଟାଉଥିବା ଗହଳି,
ସମୟର କହୁଣୀ ବଂଧରେ ଯିଏ ଯେତେ ମଗ୍ନ
ଆପଣା ଆପଣା ସ୍ୱୀକାରୋକ୍ତିରେ ସବୁ କିଛି ମିଛ ।

ତମେ କ'ଣ କିଛି କହିଥିଲ କି ?
ସେ ମୁହୂର୍ତ୍ତରେ, ଯାହା ଦିଶୁଥିଲା,
ତମ କାନ୍ଧରେ କିଏ କୁଦି ପଡୁଥିଲା ନା
ତମେ ଝୁଲି ଯାଉଥିଲ କା' ଉପରେ
ଆଦିମ ଭୋଗର କ୍ଷୁଦ୍ରତମ ପ୍ରକାଶ ମୁହୂର୍ତ୍ତ;
ଆକାଶଗଂଗା ଯେଭଳି ଛାଇ ରହିଥିଲା,
ବାନ୍ଧି ରଖିଥିଲା ସାଙ୍ଗ ଅଦ୍ଭୁତ ସର୍ତ୍ତ ।

ଅଧା ପାଦେ ଚାଲିବା,
ଅନୁଚ୍ଚ ସ୍ୱରରେ ଗାଇବା,
ଅଧା ଆଶଙ୍କାରେ ଜିଇଁବା,
ଭାଳିହେବା–
କ'ଣ ରହିଲା, କ'ଣ ଛାଡ଼ି ଚାଲିଗଲା,
କିଏ ଜାଣେ, ଅମଡ଼ାବାଟରେ
କୋଉଟା ଭଲ,
ଆଗକୁ ଯିବା ନା
ପୂର୍ବବତ୍ ଦୂରେଇ ଯିବା । ♥

ନିର୍ଦ୍ଦେଶକ: ରିଜିଓନାଲ୍ ଆଉଟ୍‌ରିଚ୍ ବ୍ୟୁରୋ,
ସୂଚନା ପ୍ରସାରଣ ମନ୍ତ୍ରଣାଳୟ, ଏନ୍‌ଏବିଏମ୍ କ୍ୟାମ୍ପସ୍,
ଓମ୍‌ଫେଡ୍ ଛକ, ଭୁବନେଶ୍ୱର
ଫୋନ : ୯୪୩୭୧୬୬୫୦୭



▶ଫଟୋ ଅଖିଳ କୁମାର ମିଶ୍ର



▶ଫଟୋ କେଦାର ମିଶ୍ର

# ଗଛ ପରି ଏ ମୋର ଜୀବନ

## କେଦାର ମିଶ୍ର

ଦୁଇ ପାଦ ବୋଲି ମାଟି ଓ ସେଇଠି ପାଦ ପୋତି ଠିଆ ହୋଇଛି ମୁଁ ଏକା ଗଛ ।

ମୋର ଚେର ତୋର ପାତାଳରେ
ମୋର ପତ୍ର ତୋର ଆକାଶରେ
ମୁଁ ଜୀବନ୍ୟାସ ପାଏ ତୋର ଛୁଆଁରେ
ମୋର ମରଣ ହୁଏ ତୋର ନିଆଁରେ ।

ମୁଁ ମରେ ଓ ପୁଣି ପିକେଇ ଯାଏ ତୋର ଚୁମାରେ ।

ପୁଣିଥରେ ପଲ୍ଲବର ଆୟୁଷ ହୋଇ ମୁଁ ତୋତେ ଭଲପାଏ
ପୁଣିଥରେ ଫୁଲର ମହକ ହୋଇ ସଞ୍ଚରିଯାଏ ତୋର ଦେହରେ
ପୁଣିଥରେ ମୁଁ ଫଳ ହୋଇ ବଢୁଥାଏ ତୋର ଗର୍ଭାଶୟରେ
ମୁଁ ପୁନଶ୍ଚ ତୋ ଦେହରେ କୁରାଢ଼ୀର ଚୋଟ
ତୋତେ ରକ୍ତାକ୍ତ କରେ ମୋର କ୍ରୋଧରେ ।
ତୋତେ କାଟୁ କାଟୁ ମୁଁ ନିଜେଇ କଟି ଯାଇଥାଏ କରତରେ ।

ତରଳ ରୂପାର ଜହ୍ନରାତିରେ ତୁ ମୋତେ ଉତାରି ଆଣୁ ମୋର ମଞ୍ଜିରୁ
ମୋତେ ଖେଳୁ ତୁ ଆଞ୍ଜୁଳା ଆଞ୍ଜୁଳା ପାଣି ପରି ଜଳପ୍ରପାତରେ
ମୋତେ ଲୁଚାଉ କୁମ୍ଭାଟୁଆ ପରି ଏ ଡାଳୁ ସେ ଡାଳ
ମୋତେ ଶାଗ ପରି ଖରଡ଼ି ଦେଉ ଗୋଟେ ବିଚିତ୍ର ଉଲ୍ଲାସରେ
ମୁଁ ସ୍ୱାଦିଷ୍ଟ ହେବାକୁ ବାରମ୍ବାର ଜଳୁଥାଏ ତୋର ରୋଷେଇଘରେ ।

ତୋର ଇଚ୍ଛା ହେଲେ, ପୁଣି ଫେରେଇ ଦେଉ ମୋତେ ମୋର ଗଛ ହେବାର ଭାଗ୍ୟକୁ
ମୁଁ ପୁଣି ସେମିତି ମାଟିରେ ପାଦ ପୋତି
ସେମିତି ପତ୍ର ଓ ଫୁଲର କଳ୍ପନା ବୋହି
ଚାହିଁ ରହେ ତୋର ଫେରିବା ବାଟକୁ ।

ହେଲେ ତୋର ଯିବା ଓ ଫେରି ଆସିବା ସବୁବେଳେ
ଘଟୁଥାଏ ମୋର ଇ ଦାରୁ ଘଟରେ ।

ବିନୋଦିନୀ ନିବାସ, ୨୬୫/୧୭୩୬- ଏ, ଶାସ୍ତ୍ରୀନଗର, ୟୁନିଟ-୪, ଭୁବନେଶ୍ୱର-୧
ଫୋନ :୯୪୩୭୧୫୪୪୪୫

# କବିତାର ଧାଡ଼ି

**କେ.ଶ୍ୟାମବାବୁ ଦୋରା**

ମୁଁ ଅନେକବେଳେ ଶୁଏ ନାହିଁ, ଶୋଇପାରେ ନାହିଁ
ରାତିରାତି ଧରି ଉଜାଗର ଥାଏ, ଛଟପଟ ହୁଏ
ଏପଟ ସେପଟ ହେଉଥାଏ ମୋ ବଖରାରେ ଏମିତି ଯେ'
ଯେମିତି ତାରିଖ ପଡ଼ି ନଥିବା କୌଣସି ବିଚାରାଧୀନ ବନ୍ଦୀ,
ମୋ ଭିତରର ଦୂର ଦିଗନ୍ତରୁ ରହିରହି ସ୍ୱରଟିଏ ଶୁଭୁଥାଏ
ଯାହା ମୋତେ ଉଚ୍ଚାଟ କରେ
ଯାହା ମୋତେ ଅନ୍ଧ କରିଦିଏ ।

ସେ ସ୍ୱରକୁ ଅନୁସରଣ କରୁକରୁ ମୁଁ ବାହାରିଯାଏ
ମୋ ଆଖିର ପୃଥିବୀରେ କେବେ ବି ଧ୍ୱଂସ ହେଉ ନଥିବା
ପ୍ରାଣଶକ୍ତି ମୁଁ
ବଞ୍ଚିଥାଏ, ଆଉ ମୋ ଭିତରେ ଗୋଟେ ମଲାଲୋକ ।

ସେ କଡ଼ ଲେଉଟାଏ ଓ କଟି ଯାଉଥାଏ ମୋର ଜଡ଼ତ୍ୱ
ମୋ ପରିଚୟର ଠିକ୍ ପଛ ପାଖରୁ ମୁଁ ଉଠି ଝାଡ଼ିଝୁଡ଼ି ହୁଏ
କିଛି ଚିଜକୁ ଅଟକେଇ ହୁଏନା ।
ଗୋଟେ ବିଚାରଧାରା ସ୍ରୋତ ପରି ଆଗକୁ ଆଗକୁ ବଢ଼ି ଚାଲିଥାଏ
ଯେମିତି ଶବ୍ଦମାନଙ୍କୁ ବାନ୍ଧି ରଖିହୁଏନା ରକ୍ଷଣଶୀଳତାର ଜାଲରେ
ଜାଲ ବି ତ ଦିନେ ଛିଣ୍ଡିଯାଏ ପବନରେ
ଉଡ଼ିଯାଏ ଆକାଶର ପ୍ରଶ୍ୱାସରେ, ଇଶାରାରେ ।

ନିଦ ମାଡୁଥିବା ପୃଥିବୀକୁ ଉନ୍ନିଦ୍ରପଣର ନିଶା ଘାରେ
ପୁରୁଣା ସେଇ ମଲାଲୋକ ମୋ ଆଖି ଆଗରେ ଆସି ଠିଆ ହୁଏ
ସେ ମଲାଲୋକ ମୋର ହଜି ସାରିଥିବା ପ୍ରେମ

ତୀବ୍ର ବେଦନାର ପଙ୍‌କ୍ତିଟିଏ କବିତା ଭିତରୁ ବାହାରି
ପ୍ରାଚୀନ ଏକ ପୋଲ ଉପରେ
ଚୁପ୍‌ଚାପ୍ ବସିଥାଏ ଯେ' ବସିଥାଏ
ଏଇ ଆଶାରେ ଯେ'
ଦିନେ ତା' କବିତା ତାକୁ ଖୋଜି ଖୋଜି ଆସିବ
ଆଉ କହିବ -
ଉଠ ଉଠ...ଆମକୁ ଯିବାକୁ ଅଛି ଦୂର, ବହୁଦୂର ।

ମୋର କିନ୍ତୁ କୁଆଡ଼େ ଯିବାର ନଥାଏ
ଅର୍ଥ ଓ କଥ୍ୟ ଭିତରୁ ବାହାରି
ମୋର ଯେ' ଲୁଚି ଯିବାର ଥାଏ ।

ଲକ୍ଷ୍ମୀ ବ୍ୟାଙ୍ଗଲସ,
ଜନାନା ହସ୍‌ପିଟାଲ୍ ରୋଡ଼
ବ୍ରହ୍ମପୁର-୭୬୦୦୦୧
ଫୋନ :୯୩୩୮୬୮୮୪୨୩



ଫଟୋ କେ. ଶ୍ୟାମବାବୁ ଦୋରା

# ଗୋଟେ ଘରର ଚିତ୍ର

**ଅମିୟ ରଞ୍ଜନ ମହାପାତ୍ର**



ଫଟୋ ଅମିୟ ରଞ୍ଜନ ମହାପାତ୍ର

କାନ୍ଥରେ ଟଙ୍ଗା ହେଇଥିବା କ୍ୟାଲେଣ୍ଡର୍‌ରେ
ଝୁଲୁଥିବା ଗୋଟେ ସୁନ୍ଦର ଘରର ଚିତ୍ର ।

ଡ୍ରେସିଂ ଟେବୁଲ୍ ଥାକରେ
ଥୁଆ ହେଇଥିଲା ହଳେ ଆଖି ।
ଗୋଟେ ଜହ୍ନକୁ କୋଳେଇ ଧରିଥିବା
ହଳେ ପାପୁଲି ବି ଥିଲା ସେଠି ।

ଆଖି ଖୋଲିଲି । ପାଇଲି ଗୋଟେ ଅଧାଅଙ୍କା ସ୍ୱପ୍ନ ।
ସ୍ୱପ୍ନ ଗୋଟେ କାଉ ହେଇ ଉଡ଼ିଲା ପବନରେ ।

ହଠାତ୍ ପବନ ପାଲଟିଗଲା ଝଡ଼ ।
ଝଡ଼ରେ ଚିରିଗଲା ଘରର ଚିତ୍ର ।
ଗୋଟେ ରକ୍ତ ଜୁଡୁବୁଡୁ ସମୟ
କ୍ଷତଟେ ପରି ଝୁଲୁଥିଲା କାନ୍ଥରେ ।

ଡରକୁଳା ଛାତି ପିନ୍ଧି ପାଖକୁ ଗଲି ।
କାଳିବିଲେଇ ପରି ରାତିଟେ
ଡେଇଁ ପଡ଼ିଲା ସାମ୍ନାକୁ ।
ଝଡ଼ିପୋକ ପରି ପାଦ ପାଖରେ
ମରି ପଡ଼ିଥିଲ କିଛି ତାରା ।
ରାତି ପାହିବାର ଖବର ନଥିଲା କାହା ପାଖରେ ।

ଅଧାଚିରା ଚିତ୍ରର ଝରକାରେ
ଆଶ୍ରୟ ନେଇଥିବା ଆକାଶରେ
ଝୁଲୁଥିଲା ଅନେକ ମଲାମେଘ ।
ଲୁହର ମାର୍ବଲ୍ ଫଳକରେ
ଲେଖା ହେଇଥିଲା ମୋ ନାଆଁ ।

ବାରିପଟ ପାଉଁଶ-ପୋଖରୀରେ
ଯେଉଁଠି ମୋ ପୂର୍ବପୁରୁଷ ଫୁଟିଥିଲେ କଇଁ ହେଇ
ମୁଁ ମତେ ଖୋଜିଲା ବେଳକୁ
ସେଇଠି ବୋହୁଥିଲା ମୋ ରକ୍ତର ନଈ ।

ହେଲେ, ମୁଁ ମତେ ପାଇଲି ନାହିଁ... ।

କଳାମଣ୍ଡପ ରାସ୍ତା, ପିଠାପୁର, କଟକ
ଫୋନ : ୯୪୩୭୦୨୭୫୭୦



ଉପାଦାନ : ଇଣ୍ଟରନେଟ୍



# ରବିବାର

## ବିଭୁ ପାଢ଼ୀ

ବର୍ଷା ଏବେ ସହରସାରା ।
ମୁଁ ଏବେ ବସିଛି ମୋ ସ୍ୱପ୍ନଙ୍କୁ ନେଇ
ମୋର ଏଇ ନିଛାଟିଆ ଘରେ ।
ତୁମଆଡ଼େ ମଧ୍ୟ ବର୍ଷା ହେଉଥିବ
ଆଉ ତୁମେ ବସିଥିବ
ତୁମର ସ୍ୱପ୍ନଙ୍କୁ ନେଇ
ତୁମର ସେଇ ନିଛାଟିଆ ଘରେ ।

ବର୍ଷା ପଡ଼େ, ଏକ ନରମ ଖରା ମଧ୍ୟ
ଉଙ୍କିମାରେ ବର୍ଷାଙ୍କ ଭିତରେ
ତୁମେ ଆଜି ଆସିବ କି ମୋ ପାଖକୁ
ସବୁକିଛି ବେଖାତିର କରି
ଏଇ ବର୍ଷା ମଧ୍ୟ ଦେଇ ?

ଘର ସାରା ତୁମର ବାସ୍ନା
ସବୁଠାରେ ତୁମେ
ମୋର ଏଇ ନିଛାଟିଆ ଘରେ ।
ତୁମର ସ୍ୱପ୍ନ କଣ ବୁଲୁଥାଆନ୍ତି
ମୋର ଚାରିପାଖେ ।
ଏଇ ବର୍ଷା ପରି ଝରୁଥାନ୍ତି ଦେହସାରା

ତୁମେ ଥରେ କହିଦିଅ,
ତୁମେ ଆସିବ କି ଏତେ ବର୍ଷ ପରେ ?

ବୋଧେ ତୁମର ମନେଥିବ
ଆମର ପ୍ରଥମ ସାକ୍ଷାତ
ଯେବେ ବର୍ଷା ପଡୁଥିଲା ଆଜି ପରି,
ମୋର ସବୁକିଛି ମନେଅଛି ଏତେ ବର୍ଷ ପରେ ।

ଆଜି ଛୁଟିଦିନ ।
ବର୍ଷା ପଡ଼େ ସବୁଆଡ଼େ
ମୋ ଭିତରେ, ଏଇ କ୍ଲାନ୍ତ ମୁହୂର୍ତ୍ତରେ । ♥

୨୦୩, ନୀଳପଦ୍ମା ଆପାର୍ଟମେଣ୍ଟସ,
ଶାନ୍ତିନଗର, ଝରପଡ଼ା ରୋଡ଼,
ଭୁବନେଶ୍ୱର-୭୫୧୦୦୬
ଫୋନ : ୯୪୩୮୫୦୭୭୦୫



ମଡେଲ୍ : ପ୍ରିୟା ମହାନ୍ତି

# ନିରବ ନିଆଁ

## ଲିପିକା ଦାସ

ଭରସା ଭାଙ୍ଗିଲା ବେଳଠୁ
ଚୁପ୍ ମାରଗଲା ରାତି ।

ଓଠ ଓ ଶବ୍ଦ
ପାଦ ଓ ବାଟ
ଛାତି ଓ ପରିଚୟ
କାହାସହ କାହାର ବି
ଯା ପରଠୁ ପଡୁନି ।

ମୁଁ ମୋତେ ଖୋଜିଲେ
ଏବେ ଶୀତସଞ୍ଜ
ମୁଁ ମୋତେ ଆଙ୍କିଲେ
ଦିଶେ ଅସଜଡ଼ା ପୃଥିବୀ
ମୁଁ ହିଁ ମୋର
ବିପରୀତଧର୍ମୀ
ମାରାତ୍ମକ ପ୍ରତିଦ୍ୱନ୍ଦୀ ।

ମୋ ଭାଗରେ ମହଜୁଦ୍ ଅଛଡ଼ି
ନିର୍ଜନ ନର୍କ
ବେରଙ୍ଗ ଆକାଶ
ବିଷାଦର ନଈ ।
ଭୋଗରେ ଅଛି
ଦ୍ରୋହର ଯୁଦ୍ଧକ୍ଷେତ୍ର
ନିରବ ଆଗ୍ନେୟଗିରି ।

ସେଇ ଈଶ୍ୱର ବୋଲି କେହିଜଣେ
ଯେତେବି ପ୍ରେମପକ୍ଷ
ଯେତେକ ସୁଖଭୋଗ
ତା' ଭାଗରେ ରଖୁ ।

ମୋର ବୋଲି
ମୋତେ ଆବୋରି ବସିଥାଉ
ଜଳନ୍ତା ନିଆଁର କ୍ଷତ
ଆଚ୍ଛାଦିତ ଭ୍ରମ
ସ୍ୱୀକୃତ ଶୂନ୍ୟତା
ଅହଙ୍କାରୀ ଅନ୍ଧାର ।

ଲୁହର ଛାତିରେ
ପଦେ ପାଦ ଦେଇ
ଏରୁଣ୍ଡି ଡେଇଁ ଆସିବାର
ମୋର ସ୍ୱର୍ଦ୍ଧାର ସେଲଫିଟେ
ନେଇ ପାରିବି ଯୋଉଦିନ
ଠିକ୍ ସେଇଠୁ ହିଁ
ସବୁ ପୋଡ଼ା ମାଂସ
ସବୁ ବିଭତ୍ସ ରାତି
ସବୁ ଲୋଲୁପତା
ଆବର୍ଜନାର ଏ ପୃଥିବୀ
ଉଭାନ୍ ହେଇଯିବ ଭୟରେ ।

ଅପେକ୍ଷା କର,
ଯନ୍ତ୍ରଣାର ସେ ପକ୍ଷୀ
ନିଜକୁ ତିଆର୍ କରୁଛି
ଅନ୍ଧାରର କମାରଶାଳରେ । ♥

ବାରିପଦା, ମୟୂରଭଂଜ
ଫୋନ:୮୨୪୯୩୩୬୬୭୫



କବି ଲିପିକା ଦାସ

# ନିଜ ଗୀତ

**ଜଳଧର ସ୍ୱାଇଁ**


ଜଳଧର ସ୍ୱାଇଁ

ଢେର୍ ବେଳ ଶୋଇଲିଣି
ବାସି ଶେଯରେ
କେହି ଡାକୁ ନାହାନ୍ତି ଉଠ ବୋଲି
କାଲିଯାଏ ଜାଳିଥିଲି ଯେତେ ନିଆଁ
କାଣିଚାଏ ସେଥିରୁ ବି ନାହିଁ
ଏବେ ମୋ ଭିତରେ ଆଜି
ମୋତେ ଉଠାଇ ନେଇ କହିବାକୁ
ଦୁଇପାଦ ଚାଲି ଆସ ବୋଲି ।

ମୋ ଭିତରେ ଜଳୁଥିବା ମହଣ ମହଣ ନିଆଁ
କୁଆଡ଼େ ଗଲା କେଜାଣି
ଏବେ ସବୁ ଲାଗେ ଥଣ୍ଡା ଥଣ୍ଡା
ପାଣି ଆଉ ପାଣି
ଲାଗୁଛି ମୋ ଆଖିର ଜମାଟ ବନ୍ଧା
ଅନ୍ଧାର ନିଆଁ ପାଣି ପବନକୁ ଛାଡ଼ି
ତରଳିବା ଆରମ୍ଭ କଲାଣି ।

ଶୋଇଛି କି ଚେଇଁଛି
ଭାସୁଛି କି ବସିଛି
କିଛି ବି ପାରୁନି ଜାଣି
କହିବି କହିବି ହୋଇ
ମନକଥା, ହୃଦୟର ବ୍ୟଥା
ଯେତେ ବିକଳରେ ଚିତ୍କାର କଲେ ବି
କିଛି ବୋଲି କିଛି କାହାକୁ ଶୁଭୁନି ।

ଲାଗୁଛି ନିଜକୁ ହଜେଇ ଦେଇ
ଯେତେ ଯାହା ରଖିଛି ସାଇତି
ସେ ସବୁ ନୁହଁଇ ଏବେ କେଉଁ ବି କାମର
କାଲେ କିଛି କହିଦେବି ଭାବି
ଶୋଇବା ଶେଯରୁ ନ ଉଠାଇ
ମୁଦ ଦେଇ ପାଟି ଆତ୍ମଜ କହୁଛି
ଏବେ ଚୁପ୍‌ଚାପ୍ ଚାହିବା ହିଁ ଭଲ ।

ନିଷ୍କଲଙ୍କ ନେତ୍ରରେ ମୁଁ
ଚାହିଁ ରହିଥିଲା ବେଳେ
ମନ ଭରି ଦେଖି ନେବା ପାଇଁ
ମୋ ହଜିଲା ଦିନମାନଙ୍କର ସାଇତା ସ୍ମୃତିକୁ
ଜଳଜଳ ଜଳୁଥିବା ଡୋଳାକୁ
ଘୋଡ଼ାଇ ବୋହୁ ପଣଭର୍ତ୍ତି ଥୋଉଛି ଚାଉଳ
କହୁଛି ଏଇଠୁ ଦେଖିବା ବନ୍ଦ
ଆଉ କେଉଁ ଦୃଶ୍ୟ ତୁମ ପାଇଁ
ଏଠି ନୁହେଁ ଅନୁକୂଳ ।

ସବୁ ଅଧିକାର ଆପଣା ପଣକୁ
ସାଥୀରେ ଧରି ମୁଁ ଶୋଭା ଯାତ୍ରାରେ
କିଏ କିଏ ଫେରିଲେଣି ତ୍ରିଛକିରେ
ଟାଣିଦେଇ ଗାର
ସମର୍ପି ଦେଇ ମୋ ସାଥୀରେ
ପରିବ୍ୟାପ୍ତ ନୀଳାଭ ଆକାଶ
ଗଛଲତା ବିଲ ବଣ ପାହାଡ଼ ପର୍ବତ
ଆଉ ଯେତେ ଯାହା ଥିଲା ସର୍ବସାଧାରଣ ।

ମେଘ ଉଠାଇଛି ଦେଖି-
ବୋଝ ବୋହୁଥିବା କିଛି ଅନ୍ତରଙ୍ଗ ଲୋକ
ଶୀଘ୍ର ଶୀଘ୍ର ବଢ଼େଇ ଦେଲେଣି ଆଗକୁ ପାହୁଣ୍ଡ
ନିଛାଟିଆ ନିର୍ଜନ ରାସ୍ତାରେ
ଏକା ଏକା କେଉଁଠି କେମିତି ମୋତେ
ଆହୁରି ଅନେକ ବାଟ ଚାଲିବାକୁ ହେବ
ଏହା ନିପାତନ ସିଦ୍ଧ ।



ଢେର୍ ବେଳ ହେଲା ମୋତେ
ଶୁଆଇ ଦିଆ ଯାଇଛି
ପ୍ରଜ୍ୱଳିତ ହେବା ପାଇଁ ଥିବା
ଶୁଷ୍କ କର୍କଶ କାଷ୍ଠର ଶେଯରେ
ଚଉପାଶେ ବେଢ଼ିଛନ୍ତି ନିଜ ଲୋକ
ଶୋକ ଦୁଃଖ ଜର୍ଜରିତ ଆଉ କିଛି ସୁଖ
ମୋତେ ନିଜ ଠୁ ନିଖୋଜ କରୁଛି
ପୁରୋହିତ ଉଚ୍ଚାରିତ ଶ୍ଳୋକ ।

ମୁଁ ଏବେ ଖୋଜି ପାଉନି ନିଜ ଚିହ୍ନବର୍ଣ୍ଣ
ଲାଗୁଛି ଏଇଠୁ ବୋଧେ ଶେଷ ହୋଇ ଯାଉଛି
ଯେତେ ସବୁ ଅପେକ୍ଷାର ଦିନ ।

ମାଟି ପାଣି ପବନ ଆକାଶ ନିଆଁ
ସଭିଏଁ ତ ଡାକୁଛନ୍ତି ଆ ଆ
ମୁଁ କେମିତି ହେବି ବା କାହାର
ଶିଖା ମେଲି ଜଳୁଥିବା ଜୁଇ
ମୋତେ ତ ପାରୁନି ଛୁଇଁ
ପାଣି ବି ହୋଇ ପାରୁନି ସକ୍ଷମ
ଭସେଇ ଦେବାକୁ ମୋତେ ନିଜ ପ୍ଲାବନରେ
ପବନ ତ ପରାସ୍ତ ସୈନିକ ପରି
ମଥାନତ କରି ଠିଆ ହୋଇଛି ସାମ୍ନାରେ ।

ପୂଜାରୀପୁଟ୍ଟ ରୋଡ଼, କୋରାପୁଟ-୭୬୪୦୨୦
ଫୋନ :୯୮୬୧୫୫୩୫୩୯



ଫଟୋ : ଗାୟତ୍ରୀ ଦାସ

# ଦେବୀ

## ଗାୟତ୍ରୀ ଦାସ

ହୁଏତ ଆର୍ଯ୍ୟାବର୍ତ୍ତରେ ସ୍ୱର୍ଣ୍ଣାକ୍ଷରରେ
କେବେ ଲେଖା ହେବନି ମୋ ନାଁ
କେଉଁ ବିଶିଷ୍ଟ ଚିତ୍ରଶିଳ୍ପୀ କେବେ ଆଙ୍କିବେନି
ମୋ ଦୟନୀୟ ତୈଳଚିତ୍ର
କେବଳ ରୋଷଘରର ଐଶାନ୍ୟ କୋଣରେ
ମାଟିସ୍ତୁପର ରୂପା ଫରୁଆରେ
ବନ୍ଦୀ ହେବ ମୋ ମରଣୋତ୍ତର ଭାଗ୍ୟ ।

ଯେଉଁ ମଞ୍ଜି କେବେ ଗଜୁରିନି
ଯେଉଁ ତାରା କେବେ ଉଧେଇନି
ଯେଉଁ ଫୁଲ କେବେ କଷି ଧରିନି
ସେଇ ଅଭୂତ ଫୁଲ ଫୁଟେଇବା ପାଇଁ
ସ୍ଥିତିର ସ୍ଥିତାବସ୍ଥାକୁ ଚିରସ୍ଥାୟୀ କରିବା ପାଇଁ
ନିଜକୁ ଉର୍ବରା ସଜେଇ
ଯଜ୍ଞବେଦୀରେ ଆହୂତି ଦିଏ ନିଜକୁ

ଅନ୍ଧାରର ନିବିଡ଼ ନିଃଶବ୍ଦତାରେ
ଅସୁର ଅସୁର ଲାଗୁଥିବା ଭୋକକୁ
ମୌନତାର କୌପୀନ ପିନ୍ଧାଇ
ଦେହଳୀର ନିଭୃତ ଗୁହା ବୁଲାଇବାର
ଅଦ୍ଭୁତ ଚାତୁରୀ କାହାଠୁ ଶିଖିଲି କେଜାଣି ?

ଦୁଇ ସମାନ୍ତର ସରଳରେଖାର
ସଂଯୋଗୀକରଣ ଓ ବିଭେଦାୟନର ନିଷ୍କର୍ଷ
ଏବେ କୃଷ୍ଣଗର୍ଭର ପରୀକ୍ଷାଗାରରେ
ମନ୍ତ୍ରପୂତ ପବିତ୍ର ଆତ୍ମାର ଆବାହନ
ଅକ୍ଷିମୁଠିରେ ବ୍ରହ୍ମର ସଂସ୍ଥାପନ
ଜଠରୁ ଓହ୍ଲାଇ ଆସେ ଦିବ୍ୟଚେତନାର ଅଂଶ
କ୍ଷୀତି, ଆପ, ତେଜ, ମରୁତକୁ ରୂପ ଦେବା ପାଇଁ
ଲୋଡ଼ା ପଡ଼େ ଧମନୀର ସବୁ ତାଜା ରକ୍ତ

ଦଶମାସ ଦଶଦିନ, ଦଶାବତାର ଦେବୀର
ପିଣ୍ଡୁଳାରୁ ନାଭିଚକ୍ର, ଅସ୍ଥି, ମଜ୍ଜା,
ସ୍ନାୟୁ, ଚକ୍ଷୁ, ନାସା, କର୍ଣ୍ଣ
ଚର୍ମ, କେଶ, ନଖ
ଉବୁଟୁବୁ ଟିଆପକ୍ଷୀ ଅଥଳ ଜଳରେ
ଅନ୍ଧାରରେ ଗଣୁଥାଏ ଦିନ
ସଂକୀର୍ଣ୍ଣ ଗିରିପଥ ଦେଇ
ଜୁଳୁଜୁଳୁ ଚାହିଁ ଦେଖେ
ମୁହାଣ ଆଉ ବେଶି ଦୂର ନୁହଁ

ଅୟୁତ ବର୍ଷର ପୁରୁଣା ଛୁରୀରେ
ଗିରିପଥ କାଟିବାର କଷ୍ଟ
ଅଶ୍ରୁ, ସ୍ୱେଦ, ଶୋଣିତର ସ୍ରୋତ
ଜୀବନ ମୃତ୍ୟୁର ପଞ୍ଝା ଲଢ଼େଇରେ

ମୁର୍ଦ୍ଦାରର ଶେଷ ଦୃଶ୍ୟ
ଓଃ...ଚିତ୍ରଗୁପ୍ତ ଦେଖୁଥିଲା ପାଞ୍ଜି
ଯମ କି ଟାଣୁଛି ହାତ, ପିଚ୍ ପିଚ୍ କ୍ଷରୁଥାଏ ରକ୍ତ

ଏତେବେଳେ ଯୋଡ଼ହସ୍ତେ ଡାକିଦେଲୁ
ମା'- ଏଇ ଦେଖ, ତମସାର ଆରପାଖ ଡେଇଁ
ଦିଶିଯାଏ ଶଂଖଶୁଭ୍ର କଅଁଳ ସକାଳ
ବିସ୍ମୟର କୁନି ଜହ୍ନଟିଏ ଜାନୁ ଚିରି
ଆବିର୍ଭାବ ହେଲା ଶୂନ୍ୟ ପୃଥିବୀରେ
ସ୍ତନଚୂଳର ଅମୃତ ଦ୍ରବଣ ଛୁଆଁରେ
ତୁନିହେଲା ସ୍ୱରବର୍ଣ୍ଣର ତୀବ୍ର ଉଚ୍ଚାରଣ ।

ଜୀବନ ଚକ୍ରର ବୃହତ୍ତର ବୃତ୍ତରେ
ପ୍ରସବରୁ ତିରୋଧାନର ଅୟୁତ ବ୍ୟବଧାନକୁ
ଜୀବନର ନାଁ ଦେଇ
ପାଲଟିଗଲି ସୁବର୍ଣ୍ଣର ସାଞ୍ଜୁ
ତୋ ପ୍ରତିସ୍ୱର୍ଦ୍ଧୀ ଯୋଦ୍ଧା ବେଶ ପାଇଁ
ତୋର ପ୍ରତିଟି ଅତିକ୍ରମଣ
ମୋ ପାଇଁ ମର୍କତ ଓ ବୈଦୁର୍ଯ୍ୟର ମଣି

ଅମୃତ ତନୟ ମୋର-
ମୁଁ ଭୁଲିଯାଇଛି, ତୋ ଠକି ଯାଇଥିବା ପ୍ରତିଶ୍ରୁତିମାନଙ୍କୁ
ହାବୁକାଏ କୁହୁଡ଼ିର କୁହୁକ ପରି, ଆଡ଼େଇ ଦେଇଛି
ତୋ ଉଦାସୀନ ଗ୍ରାର୍ହସ୍ଥ ଧର୍ମକୁ
ଏଇ ବୃଦ୍ଧାଶ୍ରମର ଫଟାକାନ୍ଥର ଆଁ ଭିତରେ
ଝୁଲେଇ ଦେଇଛି ମୋର ଶିଉଳିଲଗା ଶୂନ୍ୟପଣଙ୍କୁ
ନାଭି ତଳେ ଚାଖଣ୍ଡେ ଲମ୍ବର
ବାଦାମୀ ଘା' ଚିହ୍ନରେ
ତୋର ଆତ୍ମିକ ପରଶ
ପୁତ୍ ନର୍କରୁ ଉଦ୍ଧାର ପାଇଁ ଏବେ
ଗଭୀର ଆଶ୍ୱାସନାଟେ କେବଳ ।♥

ଗୀତାଗ୍ରାମ, ଅନୁଗୁଳ
ଫୋନ-୮୨୪୯୫୮୬୪୪୩



ଫଟୋ : ଇଣ୍ଟରନେଟ୍



ଧାରାବାହିକ
ଚରିତ-ଉପନ୍ୟାସ
ଦାସେ
ଆପଣେ

୨

# ଦାସେ ଆପଣେ


**ପବିତ୍ର ମୋହନ ଦାଶ**

ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮


ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ

‘ଦାସେ ଆପଣେ’ କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୁଡା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । ‘ରେବତୀ’ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।



◀ ଔପନ୍ୟାସିକ ପବିତ୍ର ମୋହନ ଦାଶ

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।




ସୁଆଣ୍ଡୋ ଗାଁ ▶

ଦିନଟିଏ ତା ବାଟରେ ବଡ ସ୍ୱଚ୍ଛନ୍ଦରେ ହାତଧରି ଡାକି ଆଣେ ଆଉ ଗୋଟିଏ ଦିନକୁ । ଘନଘଟାରବାଦଲ ଧୀରେ ଅପସରି ଗଲା ପରି ମନେ ହେଉଥାଏ । ସମୟ ସହ ତାଳ ଦେଇ ନିଜକୁ ସମ୍ଭାଳିବା ଆରମ୍ଭ କରନ୍ତି ଦଇତାରି । ଅଦୃଷ୍ଟର ଏତେ ଛେଚାକଚା ଭିତରେ ଦବି ଯାଇ ନ ଥାଏ ତାଙ୍କ ଭିତରର ଅଦମନୀୟ ପ୍ରାଣଶକ୍ତି । ସେ ନିଜକୁ ପ୍ରବୋଧ ଦେବା ଆରମ୍ଭ କରିଥାନ୍ତି । ଏନ୍ତୁଡିଶାଳାରୁ ମା ଛେଉଣ୍ଡ ଗୋପର ବାଲୁତ ଦିହ ବଳ ପାଇବା ଆରମ୍ଭ କରିଥାଏ । କମଳାଙ୍କର ଗୋପ ପ୍ରତି ଥିବା ଅନାବିଳ ଆଦର ତାଙ୍କର ମନୋବଳ ଆଉଟିକେ ବଢାଇଦେବା ଆରମ୍ଭ କରିଥାଏ । ପ୍ରତି ବଦଳରେ କମଳାଙ୍କ ପ୍ରତି ତାଙ୍କ ମନ ଭିତରେ କେନା ମେଲିଥାଏ ଆଉ ଟିକେ ଦରଦ । ସତ କହିଲେ ବାଲ୍ୟ ବିଧବା ଏଇ ସଂପର୍କିୟା ଭଉଣୀ ଜଣଙ୍କର ଦୁର୍ଭାଗ୍ୟ ତାଙ୍କୁ ଅନେକ ସମୟରେ ମାଡି ପଡେ । କପାଳରେ ଅଚାନକ ଚଡକ ପଡିଲା ପରେ ସେ ଯେ କିପରି ଜୀବନ ବିତାଉଛି ଏକଥା ଦେଖିବା ଲୋକ ହିଁ କହି ପାରିବେ । ତାଙ୍କର ହାହୁତାଶମୟ ଜୀବନର କଥା ମନରେ ଆଣି ଦଇତାରି ବ୍ୟଥା ପାଅନ୍ତି । ବିଚାରୀ ଜୀବନରେ ସଂସାର ସୁଖ କ'ଣ ଜାଣିଲା ନାହିଁ । ରକ୍ଷଣଶୀଳ ବ୍ରାହ୍ମଣ ସମାଜରେ ବାଲ୍ୟ ବିଧବାର ଦୁଃଖ କ'ଣ ସେକଥା ବୁଝାଇ କହିବା ଦରକାର ନାହିଁ । କୋହୋଚ୍ଛ୍ୱାସ, ଦୀର୍ଘଶ୍ୱାସ ସବୁ ଜଳ ଜଳ ହୋଇ ଫୁଟେ କେବଳ ଫେଟା ଖଣ୍ଡିକ ପିନ୍ଧି ସେ ବାହାରି ପଡିଲେ । ମୁକ୍ତିଆର ବେଳେ ବେଳେ ଭାବନ୍ତି ପ୍ରଥମ ସ୍ତ୍ରୀ ବିୟୋଗ ପରେ ତାଙ୍କ ଉପରେ ଯଦି ଏମିତି ପ୍ରତିବନ୍ଧକ ଥାନ୍ତା ତା ହେଲେ କ'ଣ ହୋଇଥାନ୍ତା ? ଦୁନିଆଁ କଡ ଲେଉଟାଉଛି । କେତେ ପ୍ରକାରର ନୂଆ ପବନ ବୋହିଲାଣ । ବାଲ୍ୟ ବିଧବାଙ୍କ ପାଇଁ କେତେ ସଂସ୍କାରକ କେତେ ପ୍ରକାରର ଚିନ୍ତା କରୁଛନ୍ତି । ହେଲେ ସେ ନିଜେ ଏ ଭଉଣୀଟି ପାଇଁ କିଛି କରି ପାରନ୍ତି ନାହିଁ । କୁଳୀନ, ରଢିବନ୍ତ ପରିବାରର ମୁରବୀ ଆଉ ଅଧିକା ଭାବି ମଧ ପାରେନା । ଆଉ ଦୂରକୁ କୁଳାଏନା ସାହସ । ତାର ବେଦନାକୁ ନେଇ ବେଳେ ବେଳେ ଘାରି ହେବା କଥା, ବିଦାରି ହୋଇ ଛଟପଟହେବା କଥା । ଧରି ନେବା କଥା ଯେମିତି ତା'ର ମଳିନ ମୁହଁ ସେ ଦେଖି ନାହାନ୍ତି, ଦୀର୍ଘ ନିଃଶ୍ୱାସ ଶୁଣି ନାହାନ୍ତି । ସେ ଯେ ଅଛି ଛାଇଟିଏ ଆତଯାତ ହେଲା ପରି ।

କମଳା କିନ୍ତୁ ନିଜ ଭାଗ୍ୟ ଆଦରି ନେଲେଣି କେବେଠୁ । ନିଆଁ ଲଗା ଜୀବନର ଗୁଳୁଗୁଳି ଭିତରେ ଗୋପ କିନ୍ତୁ ତାଙ୍କ ପାଇଁ ଚନ୍ଦନର ଛରା ହୋଇ ଆସିଛି । ତା ସହ ସମ୍ବନ୍ଧ ତାଙ୍କ ଭିତରେ କି ଅପୂର୍ବ ଶୀତଳତା ଆଣିଛି ତା କେବଳ ସେ ଜାଣନ୍ତି । ସେ ରହସ୍ୟ ନିଜେ ଦଇତାରି ଭାଇନା ମଧ ଭେଦ କରିପାରିବେ ନାହିଁ ତାହା ଧ୍ରୁବ । ପିଲାଦିନେ ତାକୁ ଛଳ କରି କ୍ଷୀର ପିଆଇବା ଦିନଠାରୁ ତା ପ୍ରତି କେମିତି ଲାଗି ଯାଇଛି ଅହେତୁକ ମାୟା । ମୁହଁଟି ତାର ସେମିତି ଆଖି ପଡିଲେ ଲାଖିଗଲାଭଳି । ଧୀରେ ଧୀରେ ସିଏ ବଡ ହେଉଛି । ତା'ର ଗୁଲୁରୁ ଗୁଲୁରୁ ଦରୋଟି, ଛୋଟ ମୋଟ ଦୁଷ୍ଟାମି ସବୁ କିଛି କମଳାଙ୍କୁ ମଧୁର ମନେ ହୋଇ ଆସିଛି । ଜୀବନରେ ସିଏ ଦାମ୍ପତ୍ୟ ସୁଖ ପାଇ ନାହାନ୍ତି ସନ୍ତାନ ସୁଖ ତ ଆକାଶ କଇଁଆ । ହେଲେ ପରିସ୍ଥିତି ଚକ୍ରରେ ଗୋପ ପ୍ରତି ଜାଗରୁକ ହୋଇଥିବା ସ୍ନେହ ତାଙ୍କ ମର୍ମ ଭିତରୁର ଫିଟାଇ ଦେଇଛି ମାତୃତ୍ୱରର ପାହାଡି ଝର । ଅନ୍ତଫାଡି ଜନ୍ମ ଦେଇ ନାହାନ୍ତି ସିନା ହେଲେ ଏନ୍ତୁଡିରେ ସେକିଲା ବେଳେ ସିଏ ନିଜେ ପାଇଛନ୍ତି ଅପତ୍ୟ ସ୍ନେହର ଅନାବିଳ ଉଷ୍ମତା । ସେଥିପାଇଁ ସାରାଦିନର ଜଂଜାଳ ଭିତରେ କୌଣସି ମତେ ଗୋପ ସହ ନିଜକୁ ଯୋଡିବା ତାଙ୍କର ସବୁଠୁ ସୁଖକର ପାଇଟି ହୋଇ ରହିଛି ।

ଦଇତାରି ଚାହାନ୍ତି ତାଙ୍କର ପୁଅମାନେ ଉଚ୍ଚ ଶିକ୍ଷା ପାଆନ୍ତୁ । ସେମାନଙ୍କ ମଗଜରେ ଜମିଦାରୀ ସମ୍ଭାଳିବାର ବିଷୟବୁଦ୍ଧି ହେଉ । ହେଲେ କମଳାଙ୍କର ସେ ଆଡକୁ ମନ ଯାଏନା । ସେ ଖାଲି ଲୋଡନ୍ତି ଗୋପର ନଟଖଟ । ସେଥିରୁ ତାଙ୍କୁ ମିଳେ କହି ନ ହେଲା ଭଳି ସୁଖ । ତା ଉପରେ ତାଙ୍କର ବେଶି କିଛି ଅଧିକାର ନାହିଁ । ତା'ର ଅନାଗତ ଭବିଷ୍ୟ କଳ୍ପନା କରି ବିଶେଷ ଉଲ୍ଲସିତ ବି ହେବାର ନାହିଁ । କିନ୍ତୁ କେଜାଣି କାହିଁକି ତାକୁ ଛାତିରେ ଜାକି ଧରି କମଳା ପାଆନ୍ତି ଜୀବନର କୋଉ ନ ମିଳିଥିବା ସୁଖର ସୁଆଦ । ଆଖି ଆଗରେ ଚାହୁଁ ଚାହୁଁ ସିଏ ବଡ ହେବାରେ ଲାଗିଛି । ସମୟଥିଲେ ସୁବିଧା ମିଳିଲେ ଭାଇନାଙ୍କ ସହ ଗୋପର ଚଗଲାମିକୁ ନେଇ କଥା ପଡେ । କେତେ କଥା କହି ହସି ହସି ଲୋଟି ପଡନ୍ତି କମଳା । ଗୋପର ଦରୋଟିର ଅନୁକରଣ କଲାବେଳେ ସେ ଏତେ ହସନ୍ତି ଯେ ତାଙ୍କୁ ଏତେ ଖୁସି ଦେଖି ନ ଥିବା ଦଇତାରି ପ୍ରୀତ ହୁଅନ୍ତି । ଦିନେ ଦଇତାରି ବାରଣ୍ଡାରେ ବସିଥାନ୍ତି ଅନ୍ୟମନସ୍କ ହୋଇ । ଜାଗେଶ୍ୱରୀ ଓ ବିନୋଦ ବିହାରୀଙ୍କ ପାଖେ ସଂଜ ଦୀପ ଜଳାଇ ସାରି ଆସି ପହଂଚିଲେ କମଳା । ଏରୁଣ୍ଡି ସେପାଖକୁ ବସି ପଡିଲେ । ଗୋପ ହୁଏତ କୁଆଡେ ବୁଲୁଥିବ । ହେଲେ କଥା ନ ହସରେ ଆରମ୍ଭ ହୋଇଗଲା ତା'ର ଗୁଣଗ୍ରାମର ଚର୍ଚ୍ଚା । ଗୋପ କେମିତି ବଡ ହେବା ଆରମ୍ଭ କଲାଣି । ତା'ର ଭଙ୍ଗା ଭଙ୍ଗା ଦରୋଟି କେମିତି ବଦଳିବା ଆରମ୍ଭ କଲାଣି । ସେ କେମିତି କଥା ମଝିରେ ବୟସ୍କ ଲୋକଙ୍କ ପରି ବଡ ବଡ କଥା କହୁଚି ଇତ୍ୟାଦି ।

ଏ ଭିତରେ ଥରେ ଗୋପ କମଳାଙ୍କ ସହ ଯାଇଥିଲେ ସାକ୍ଷୀଗୋପାଳ । ନାହାରେ ନଈପାରି ହୋଇ ଦିହେଁ ଚାଲି ଚାଲି ଯାଉଥାନ୍ତି । ଗୋପ ଧରିଥାଏ ନାନୀର କାନି । ବାଟରେ ଦେଖେ ହୃଷ୍ଟପୁଷ୍ଟ ବଳଦଟିଏ ଚରୁଛି । କୁତୂହଳୀ ହେଇ ପଚାରେ "ନାନୀ ଏ କାହାର ବଳଦ ?"

ବଳଦ କାହାର ଜାଣି ନ ଥାନ୍ତି କମଳା, ତେଣୁ ଭୁଲାଇବାକୁ ଯାଇ ଜବାବ ଦିଅନ୍ତି – "ଏଇଟି ମଠ ବଳଦ ।"

"ମଠ କ'ଣ ?" ଗୋପ ମନରେ ପ୍ରଶ୍ନ

"ମଠ ଜାଣିନୁ ? ସେଠି ଥାଆନ୍ତି ମହନ୍ତ, ତାଙ୍କର ସେବା କରିବାକୁ କେତେ ଚେଲା । ସମସ୍ତେ ନାମ ନେଇଥାନ୍ତି, ମୁଣ୍ଡରେ କଟା ହେଇଥାଏ ଚିତା ଚଇତନ । ମଠରେ ଦିନରାତି କୀର୍ତ୍ତନ ହୁଏ । ମାଗଣାରେ ମିଳେ ଅନ୍ନପ୍ରସାଦ । ଯେତେଲୋକ ଆସି

ଖାଇଲେ ବି ପ୍ରସାଦ ସରେନି ।"

"ମହନ୍ତେ ଦେଖିବାକୁ କେମିତି ?" ଗୋପ ମନରେ ପ୍ରଶ୍ନ

"ମୋଟାସୋଟା, ଏତେ ବଡ ପେଟ, ଅରୁଆରେ ଘିଅ ପକାଇ ଖାଆନ୍ତି ତ ।" ଗୋପକୁ ହସାଇବା ପାଇଁ ଅଙ୍ଗଭଙ୍ଗୀ କରି କହନ୍ତି । କମଳା ଏ ଭିତରେ କିଛି ବାଟ ଅତିକ୍ରାନ୍ତ ହୋଇଯାଇଥାଏ । ବନ୍ଧ ଦାଢରେ ଆଉ ଗୋଟିଏ ବଳଦ ଚରୁଥିବାର ଦେଖାଯାଏ । ଗୋପର ଦୃଷ୍ଟି ପୁଣି ଟାଣି ହୋଇଯାଏ ।

"ନାନୀ ଏ ବଳଦ କାହାର ?"

ଓହୋ ବଳପୁରରୁ ସାକ୍ଷୀଗୋପାଳ ଯାଏ ବନ୍ଧ ଦାଢରେ ଗହୀରରେ ଯେତେ ବଳଦ ଚରୁଛନ୍ତି ସେ ସବୁର ମାଲିକ କିଏ କମଳା ବା କେମିତି ଜାଣନ୍ତେ । ତେଣୁ ସେ ପୁଣି ଦିଅନ୍ତି ସେଇ ଘଷରା ଉତ୍ତର ।

"ମଠ ବଳଦ"

ଗୋପ ତା'ର ଚିକି ଚିକି ଦାନ୍ତ କାଢି ହସି ଉଠେ ।

"ନାନୀ ସବୁ ବଳଦ ଯଦି ମଠର ତା ହେଲେ ସେଠି ଆଉ ମଣିଷ ରହିବାକୁ ଜାଗା ଥିବ କି ? ମଠରେ ବୋଧେ ମୋଟା ସୋଟା ଡଉଲ ଡାଉଲ ବଳଦ ମାନେ ରହନ୍ତି ।"

ଏ ନବଜିଆ କଥାରେ ଦିହେଁ ହସି ହସି ବେଦମ୍ । ତା'ଭିତରେ ଚାଲନ୍ତି ଆଗକୁ । ଦୂରରେ ଆଉ ଗୋଟିଏ ବଳଦ ଚରୁଥିବାର ଦେଖିଲେ କମଳା ଗୋପର ଦୃଷ୍ଟି ଅଲଗା ଆଡକୁ ନେବାର ଚେଷ୍ଟା କରନ୍ତି । କାଳେ ସିଏ ପୁଣି ପଚାରି ଦେବ – ନାନୀ ଏ ବଳଦ କାହାର ?

ଦଇତାରି ଗୋପର ଏ କଥା ଶୁଣି ହସୁ ହସୁ ମନେ ପକାଇଲେ ଆଉ କଥାଏ ।

"ମନେ ଅଛି ଦିନେ ଗୋପ ଆମର ପଡିଶାଙ୍କ ବାଡିରୁ ପାଳଛତୁ ତୋଳିବାକୁ ଯାଇଥିଲା ଲୁଚି ଲୁଚି ?

"ହଁ ଭାଇନା ।"

"ଛତୁ ସିନା ତୋଳା ସରିଗଲା ହେଲେ କାଳେ କିଏ ଦେଖି ପକାଇଥିବ, ଗାଳିଦେବ, ଆକଟ କରି ଆଂଟ କଥା କହିବ ଏଇ ଚିନ୍ତାରେ ଗୁଣମଣି ଛାନିଆଁ । ଡରରେ ତରତର ହୋଇ ଡେଇଁଲେ ଝାଟି ବାଡ ।"

"ହଁ ମନେ ଅଛି । ତରତରରେ ବାଡ ଡେଉଁ ଡେଉଁ ଗୋପ ତଳେ ପଡିଗଲା, ହାତ ହେଲା ଅସଜ ।"

"କେତେ କବିରାଜୀ ଚିକିତ୍ସା ପରେ ହାତ ଟିକେ ବାଟକୁ ଆସିଲା ହେଲେ ଏବେ ବି ଟିକେ ବଙ୍କା,ଚଗଲାମିର ଫଳ ।"

"ଭାଇନା ଛତୁ କ'ଣ କାହା ସମ୍ପତ୍ତି ? ତୋଳି ଆଣିଲାରୁ ଦୋଷ ଲାଗିଲା ? ସିଏ ସେମିତି ପିଲା ବୋଲି ଡରିଲା ।"

କମଳାଙ୍କର ମନ କଷ୍ଟ ହୁଏ ପିଲାଟା ଏତେ କଷ୍ଟ ପାଇଲା, ଭାଇନାଙ୍କୁ କୌତୁକ ଲାଗୁଛି ।

ତା ପରେ ପୁଣି ପାରାୟଣ ଆରମ୍ଭ ହୁଏ ଆଉ ଅଧ୍ୟାୟେ ଦୁଷ୍ଟାମି । ଅବଶ୍ୟ ସେ କାହାଣୀ ମନେ ପକାଇବା ବେଳେ ବଡ ଗମ୍ଭୀର ହୋଇ ଉଠନ୍ତି ଦୈତାରି । ଜଣେ ଗାଁ ଭାଇଙ୍କର ନଡିଆ ଚୋରି ଯାଇଥାଏ । ସେ କେମିତି କେଜାଣି ଟେର ପାଇଥାନ୍ତି ଯେ ଗୋପର କେତେ ଜଣ ସାଙ୍ଗ ମିଶି ଏ ଅପକର୍ମ କରିଛନ୍ତି । ଯେହେତୁ ସମସ୍ତେ ଅବଧାନଙ୍କର ଚାଟ ତେଣୁ କଥା ପଡିଥାଏ ତାଙ୍କ ଇଜଲାସରେ । ଗାଁରେ ଅବଧାନଙ୍କର ଖାତିର କିଛି କମ ନୁହେଁ ବିଶେଷ କରି ଚାଟ ଆଉ ସେମାନଙ୍କ ମୁରବୀ ମାନଙ୍କ ନିକଟରେ ।

ଅଭିଯୁକ୍ତ ମାନଙ୍କୁ ଡକାଯାଇ ଧାଡି କରି ଠିଆ କରାଗଲା ।

"କୁହ କିଏ କିଏ ଚୋରି କରିଛ ନଡିଆ ? କିଟିକିଟି ଅନ୍ଧାର ଭିତରେ ସାପ ବେଙ୍ଗ କାହାକୁ ନ ଡରି ଏଇ ସବୁ ତାମସା ଚଲେଇଛ । ବେଶି ଉତ୍ପାତ ହଉଚ । ତମର ଡର କି ଖାତିର ନାହିଁ । ବିଜି ବାଲୁଙ୍ଗା ଦଳ । କୁହ କିଏ କିଏ ଯାଇଥିଲ ନଡିଆ ତୋଳି ?"

ଜଣେ କହିଲା – "ମୁଁ ସଂଜ ବୁଡୁ ବୁଡୁ ଶୋଇ ପଡିଥିଲି ।

– କାହା ନଡିଆ ମୁଁ କିଛି ଜାଣିନି ।"

ଆଉ ଜଣେ –"ମୁଁ ନନାଙ୍କ ସଙ୍ଗେ ବ୍ରାହ୍ମଣ ପଣ କରି ଯାଇଥିଲି ରାୟଖଣ୍ଡି ।"

ଆଉ ଜଣେ– "ମୋତେ ସଂଜ ପହରୁ ଜର ହୋଇଥିଲା ।"

ପୁଣି କିଏ"– ମୁଁ ଦଦେଇଙ୍କ ସହ ଯାଇଥିଲି ବଳଙ୍ଗା ।"

ଏମିତି ମୁନୀ ଗୋଟିକେ ମତ ଗୋଟିଏ ହେଲା । ଅବଧାନଙ୍କ ବେତ ନେପଥ୍ୟରୁ ଆସିଥିବା ପ୍ରଶ୍ନର ଉତ୍ତରରେ ସବୁ ଚାଟ ମାରିଲେ ବାଁ ଖାଡିଆ । ଘୋଷିଲା ଶୁଆ ଭଳି କହିଗଲେ ଗଳ ଗଳ ମିଛ । ଅବଧାନେ ରାଗି ଫଁ ଫଁ ହେଉଥାନ୍ତି । ହେଲେ ଏକମାତ୍ର ଗୋପ ଥାଏ ସ୍ଥିର, ଧୀର, ଗମ୍ଭୀର ।

ପ୍ରଶ୍ନ ବାଣ ଗର୍ଜିଲା ଗୋପ ଉପରେ – "ତୁ କହ ଗୋପ ! କ'ଣ ଜାଣିଚୁ କହ ସତ । ବାଲୁଙ୍ଗା ଗୁଡାଙ୍କ ସାଙ୍ଗରେ ପଡି ଧାନ ବି ବାଲୁଙ୍ଗା ହେଲେଣି ।"

– "ମୁଁ ଏମାନଙ୍କ ସାଙ୍ଗରେ ଥିଲି । ଏମାନେ ସବୁ ତାଙ୍କ ଗୋରଡାରୁ ନଡିଆ ତୋଳିଥିଲେ । ନଡିଆ ନେଇ କୋଉଠି ଠାଏ ବିକିଥିଲେ । ମୁଁ ଗୋଟିଏ ବି ନେଇନାହିଁ । ନଡିଆ ବିକା କଉଡିରୁ ଭାଗ ମାଗି ନାହିଁ । ମୁଁ ଖାଲି ସାଙ୍ଗରେ ଯାଇଥିଲି ।"

ଗୋପର କଥା ଶୁଣି ଅବଧାନଙ୍କ ମୁହଁ ବି କେମିତି ଗମ୍ଭୀର ହୋଇଯାଇଥିଲା । ତା'ର ସ୍ପଷ୍ଟବାଦୀତା ପାଖରେ ସେ ହୋଇପଡିଥିଲେ ଅପ୍ରତିଭ ।

ଏ କଥା ପଡିଲା ବେଳେ କମଳାଙ୍କ ଆଖିରୁ କିନ୍ତୁ ଝରି ପଡିଥିଲା କେଇଟୋପା ଲୁହ । ତାଙ୍କ ଆଦରର ଧନକୁ ଏତେ କିଟିମିଟିଆ ଦହଗଂଜରେ ଘାଂଟି ହେବାକୁ ହୋଇଥିଲା ଏ କଥା ମନେ ପକାଇ ତାଙ୍କ ଅନ୍ତରକୁ ବଡ ବାଧିଥିଲା । ତାପରେ ଚୋରି କରିଥିବା ପିଲାଏ ଗୋପ ଉପରେ ଅକଶ ରଖିଥିଲେ । ଢେର ଦିନ ଯାଏ ସତର୍କ ବି ରହିବାକୁ ପଡୁଥିଲା । ସ୍ପଷ୍ଟବାଦିତା, ସତପଣିଆ ଏ ସବୁ କମଳାଙ୍କ ଲାଗି ପଛ କଥା, ଗୋପ ସବୁ ବେଳେ ସୁରକ୍ଷିତ ଥାଉ, ବିନୋଦ ବିହାରୀ ତାକୁ ଚକ୍ର ଆଡୁଆଳ କରି ରଖିଥାନ୍ତୁ ସବୁବେଳେ ଏତିକି ତାଙ୍କର ଯାଚଞ୍ଚା । ଅବଶ୍ୟ ଏ ଘଟଣାର ପ୍ରତିକ୍ରିୟାରେ ସେ ମନ ପକାଇଦେଲେ କିପରି ସେଇ ଅବଧାନଙ୍କ ଜୀବନ ରକ୍ଷା କରିଥିଲା ଗୋପ । ଦଇତାରି ପୂର୍ବରୁ ଏ ଘଟଣା ଶୁଣି ନ ଥିଲେ । ବାଲୁତ ପିଲାର କେତେ କଥା । କୋଉ ସବୁ କଥା ତାଙ୍କ ନଜରକୁ ଆସୁଛି । ଜାଣିବାକୁ ଇଚ୍ଛା କରନ୍ତେ ବଡେଇର ସହ ବଖାଣିବା ଆରମ୍ଭ କଲେ କମଳା :–

"ଦିନେ ଅବଧାନେ ପଢାଇସାରି ଚାଟମାନଙ୍କୁ ପାଠ ଘୋଷିବାକୁ ଦେଇଥାନ୍ତି । ନିଜେ ଆକଣ୍ଠ ଭୋଜନ ସାରି ସନ୍ତରା ମଶିଣା ଉପରେ ଗଡତ ପଡତ ହେଉଥାନ୍ତି । ଖରାବେଳେ, ନଈ କଣ୍ଠିଆରୁ ବହି ଆସୁଥାଏ ସୁଲୁସୁଲିଆ ପବନ । ଅବଧାନଙ୍କୁ ଭାତ ନିଦ ଘୋଟିବା ଆରମ୍ଭ କରିଥାଏ । ଆଉ ଆମ ଗୋପ ଦେଖିଲା ଗୋଟିଏ ହଳଦୀଗଣ୍ଠି ନାଗ ଧୀରେଧୀରେ ମାଡି ଚାଲିଛି ତାଙ୍କରି ଆଡକୁ । ବାକୀ ପିଲାଏ କାବା କାଠ । କାହାରି ତୁଣ୍ଡରେ ଭାଷା ଫୁଟୁ ନାହିଁ । ସରସର ହୋଇ ସାପଟି ଅବଧାନଙ୍କ ମସିଣା ପାଖାପାଖି ହେଲାଣି ।

ବଡ ଉତ୍କଣ୍ଠିତ ହୋଇ ଦଇତାରି ପଚାରିଲେ – ତହୁଁ ?

"ସାହସ ଦେଖ ଆମ ଗୋପର । କୋଉଠୁ ଚଟ୍‌କରି ଯୋଗାଡି ଧରିଲା ବାଡିଟିଏ । ସେଇଠି ପିଟି ପିଟି ସାପକୁ ସଫା କରିଦେଲା । ପିଲାଏ ଗହଳି କଲେ । ପାଟିତୁଣ୍ଡ ଶବ୍ଦରେ ଉଠିପଡି ଅବଧାନେ ଦେଖିଲେ ଗୋପ ତାଙ୍କୁ କାଳଯମ କବଳରୁ ରକ୍ଷା କରିଛି । ଆମ ଗୋପକୁ କେତେ କଇଲାଣ କଲେ । କହିଲେ ବାବୁରେ ତୋର ଡର ନାହିଁ ତୁ ଦିନେ ନିଶ୍ଚେ ଖୁବ ବଡ ହେବୁ ।"

ନାଗ ସାପକୁ ନେଇ ଅଘଟଣ ଦଇତାରିଙ୍କ ପିତୃପ୍ରାଣରେ ଆଶଙ୍କା ଘଟାଇଥିଲା ସତ । ହେଲେ ସେ ଗୋପ ଭିତରେ ଅନ୍ୟମାନଙ୍କ ଠାରୁ ବାରି ହୋଇପଡିବାର ଲକ୍ଷଣ ଦେଖିପାରୁଥିଲେ । ଆଉ ଦେଖିଲେ ଭିତରେ ଭିତରେ ଖୁସି ହେଉଥିଲେ ।

"ହଁ ଅବଧାନେ ଅବଶ୍ୟ ଗୋପର ତାରିଫ କରୁଛନ୍ତି । ହେଲେ ଅନେକ ସମୟରେ ଅଲଗା କାରଣରୁ । ଥରେ ଅବଧାନଙ୍କର ପେଟ ଗୋଳମାନେ ହେଲା । ଆଉ କି ପାଠପଢା । ପେଟକୁ ଚାପି ଧରି ଛଟ ପଟ । ଧୂ ଧୂ ଖରାବେଳ । କ'ଣ କରାଯିବ । କୋଉ ଚାଟ ମୁଣ୍ଡକୁ କିଛି  ବି ବୁଦ୍ଧି ଜୁଟୁ ନ ଥାଏ ।  ଗୁରୁଙ୍କୁ ପେଟବଥାରୁ କେମିତି ଉପଶମ ଦିଆଯିବ ? ସବୁ ପିଲେ ତାଟକା ହେଇ ଦେଖୁଥାନ୍ତି । ଜଣେ ଦି ଜଣ ବାଲୁଙ୍ଗା ଭାବୁଥାନ୍ତି ଅବଧାନଙ୍କର ପେଟ ଏମତି ବଥଉଥାଉ ପାଠ ପଢା ହେବନି କି ପିଠିରେ ବେତ ବାଜିବନି । ହେଲେ ଆମ କୁମରମଣି ଖରାତରା ନମାନି ଧାଇଁଲେ ଘରକୁ – କ'ଣ ନା ଆପଣେଙ୍କର କାଗେଜି ଲେମ୍ବୁ ଲୋଡା । ଲେମ୍ବୁ ପାଣିରେ ବଥା ଉପଶମ ହେଲା । ସେଥର ବି ଅବଧାନେ ଗୋପକୁ ବଡ କଇଲାଣ କରିଥିଲେ । କହିଥିଲେ ଜଗନ୍ନାଥ ତତେ ମହୋଦଧି ବାଲିର ଆୟୁଷ ଦିଅନ୍ତୁ ।" ପୁଅର ବଡେଇ କରିବାରେ କୃପଣ ଭାଇନାଙ୍କ ମୁହଁରୁ ତା'ର ପ୍ରଶଂସା ଶୁଣି କମଳା ଚାହୁଁଥିଲେ ଆଉ କିଛି କଥା ଶୁଣିବା ପାଇଁ । ଦଇତାରି ପ୍ରାୟ ପ୍ରଗଲ୍‌ଭ ନୁହନ୍ତି । କିନ୍ତୁ କାହିଁକି କେଜାଣି ସେ ଗପି ଚାଲିଥାନ୍ତି ।

"ଦିନେ ଆମ ଗୋପ  ଚିଲପାଟଣା ଆଡୁ ନଈବନ୍ଧରେ ଚାଲି ଚାଲି ଆସୁଥାଏ । ଗୋଟିଏ ଆଖି ବନ୍ଦ କରି ଆର ଆଖିରେ ଚାହୁଁଥାଏ କଣ୍ଡିଆ ଆଡକୁ, ନେଳି ପାଣି ଧାରକୁ, ପୋଲାଙ୍ଗ, ପଣସ ଗଛକୁ, କାନ ଡେରୁଥଏ କ'ଣ ଶୁଣିବ ବୋଲି । ଚାଲିଛି ଅନ୍ୟମନସ୍କ ନଜର ନାହିଁ କୁଆଡକୁ । ଅଚାନକ ସାମ୍ନା ପଟୁ ହାବୁଡି ଗଲେ ଅବଧାନେ –

–"କିରେ ଗୋପ ଏମିତି କ'ଣ ଗୋଟେ ଆଖି ବନ୍ଦ କରି ଚାଲିଚୁ ?"

ଟିକିଏ ଲାଜେଇ ଆମ ଗୁଣମଣି ଜବାବ ଦେଲେ– "ଗୋଟିଏ ଆଖିରେ ଏ ନଈ କେମିତି ଦେଖାଯାଉଚି ଦେଖୁଚି ।"

ଏମିତି ଉତ୍ତର ଅବଧାନଙ୍କୁ କିଏ ଦେବ ? ଟିକେ ଭାବିତ ହୋଇ ଅବଧାନେ ହସି ହସି ତାଙ୍କ ବାଟେ ଗଲେ ଆଉ ଗୋପ ତା ବାଟେ । ତା ପିଲା ମୁଣ୍ଡରେ ଏମିତି ଖିଆଲ କେମିତି ଖେଳୁଚି ଭାବି ଦିହେଁ ପୁଣିଥରେ ହସିଲେ । ଯା'ପରେ ଅବଶ୍ୟ ଦିହିଁଙ୍କ ଭିତରେ ପଡିଲା ଆହୁରି ହସିଲା ଭଳି କଥା । ଘଟଣା ମନେ ପକାଉଥିଲେ କମଳା

"ଗୋପ ଆଉ ତାର ସାଙ୍ଗମାନେ ଘରଠୁ ଲୁଚି ବାରିଆଡେ ଅପନ୍ତରାରେ ଭୋଜୀ କରନ୍ତି । ନାଁ କୁ ଭୋଜୀ କିଏ ଘରୁ ଆଣେ ଚାଉଳ, କିଏ ଡାଲି, କିଏ ବନ୍ତଳ କଦଳୀ । କେହି କେହି ଲୁଚାଇ ଆଣନ୍ତି ମୁଗ ଜାଇ । ଯାହା ଯେମିତି କରି ଘାଂଟି ଦିଆଯାଏ । ରୋଷେଇ ସୁଆଦ ମା ଗଙ୍ଗେଇ ଜାଣନ୍ତି । ହେଲେ ସମସ୍ତେ ଏକାଠି ହୋଇ ଖାଇ ପଙ୍ଗତର ମଉଜ ନିଅନ୍ତି । ପ୍ରତିଥର ରୋଷେଇର ପାଳି ପଡେ ଅଲଗା ଅଲଗା ପିଲାଙ୍କର । ସେଦିନ ଥିଲା ଗୋପର ପାଳି । ଚୁଲୀ ଲାଗିଲା, ହାଣ୍ଡି ବସିଲା, ପରିବା କଟା ସରି ହାଣ୍ଡିରେ ପକାଗଲା ।  ହେଲେ ଗୋପ ବୁଝିପାରୁ ନ ଥାଏ କଦଳୀ କି ବାଇଗଣ ବୁଡୁନି ଯଦି ତରକାରୀ ହେବ କେମିତି ? ତେଣେଯେ ଚୁଲିରେ ଧୁଆଁ କୁହୁଳୁଚି ଫୁଙ୍କି ଫୁଙ୍କି ଆଖିରୁ ପାଣି ବୋହି ଯାଉଛି । ମନେ ଅଛି ଭାଇନା ସେତେବେଳକୁ ନିଶା ଗରଜିଲାଣି । ଆମେ ଦିହେଁ ଗୋପକୁ ଖୋଜି ଖୋଜି ପହଁଚିଲେ ଅରମାରେ ।"



ଉତ୍କଳମଣି ସେତୁ

"ହଁ ମନେ ପଡିଲା । ସେତେବେଳକୁ ବିଚରା ଭୋକ ଆତୁରା ପିଲାଏ ନିଦ ମଳ ମଳ ଆଖିରେ ଚାହିଁଥାନ୍ତି ଚୁଲୀକୁ  । କଦଳୀ ବୁଡିବ ନା ତରକାରୀ ହେବ । ନାନୀକୁ ଦେଖି ତ ଆମ ଗୁଣମଣି ଧାରସାର ।"

"ହଁ ଭାଇନା, ସିଏ ଯୋଉ କାନ୍ଦ । ନାନୀ ଏ ପରିବା ପାଣିରେ ବୁଡୁନି । ତା ପରେ ପିଲାଏ ଗଲେ ଯେଝା ଘରକୁ ଆମେ ଫେରିଲେ ଗୋପକୁ ଧରି ।"

ସେଦିନର ଅପୂର୍ଣ୍ଣ ହସକୁ ଆଜି ପୂରା କରି ଦିହେଁ ହସି ଉଠିବା ବେଳକୁ ଗୋପ ବାହାରୁ ଆସି ପ୍ରାର୍ଥନା ପାଇଁ ଗଲା ବିନୋଦ ବିହାରୀଙ୍କ ପାଖକୁ । କମଳା ବି ତା କଥା ବୁଝିବାକୁ ଗଲେ ଭିତରକୁ । ଆଉ ବାରଣ୍ଡାରେ ବସି ଅନ୍ଧାର ଭିତରେ ଗୋପ ଗଳାରୁ ଧୀର  ଭାଗବତ ପଦର ଲହରୀ ଶୁଣୁଥାନ୍ତି ଦଇତାରି । ଗୋପ ଭାଗବତ ପଢିବା ବେଳେ ତା'ର ଆଖି ଛଳ ଛଳ ହୋଇ ଯାଉଚି । କୋଉ ବା ମଣିଷ ହେଲାଣି ସିଏ । ପିଲା ବକଟେର ଏ ଭାବ ? ଅବଧାନେ କହୁଥିଲେ ଗୋପର ମନ ହିସାବ କିତାବ, ଅଙ୍କ ଆଡକୁ ଯେତେ ଯାଉନାହିଁ ସେତେ ଯାଉଛି ଭାଗବତର ପଦ ଆଡକୁ । ନବାକ୍ଷରୀ ପଦ ପକାଇ ଏତେ ଅଳପ ବଅସରୁ  ଧାଡି ଧାଡି ଲେଖି ବସୁଚି । ଅବଧାନଙ୍କଠୁ ଏକଥା ଶୁଣି ତାଙ୍କ ମନ ହରଷ ହୋଇ ଉଠିଥିଲା । ଗାଁରେ ବୟସ୍କଙ୍କ ମେଳରେ ବଡ ଗରବରେ ସିଏ ଏକଥା ପକାଇଥିଲେ । ଆଜି କାହିଁ ଲାଗୁଥିଲା ବକଟେ ପିଲାର ଏ ଭାଗବତ ପଢା, ଧର୍ମ ଭାବନା ବିସ୍ମୟକର । ପିଲାବେଳେ ଗୋପ ଲେଙ୍ଗୁଟି ପିନ୍ଧି ବୁଲୁଥାଏ । ଦଇତାରି ପଚାରନ୍ତି

"ବଡ ହେଲେ ଆମ ବାପା କ'ଣ ହେବ ?

କ'ଣ ହେବ  !"

ଗୋପ ଖନେଇ ଖନେଇ କହେ "ବାଆଜୀ ହେବି, ବାଆଜୀ ହେବି ।"

ଏ ସତରେ ସଂସାର ସମ୍ଭାଳିବଟି ?– ନିଜକୁ ନିଜେ ପଚାରୁଥିଲେ ଦଇତାରି ।



ଉତ୍କଳମଣି ବ୍ୟବହାର କରୁଥିବା ଡାଳ ଓ ଦୀପ



# ଚେତନାର ଚଉହଦି



ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

# ଶ୍ରୀମା ଶ୍ରୀଅରବିନ୍ଦଙ୍କ ଆଶ୍ରମ

**ମମତା ଦାଶ**
୪୦୫, ଆର୍କିଡ୍ ପ୍ରାଇଡ୍,
ଶ୍ରୀରାମ ନଗର, ସାମନ୍ତରାପୁର,
ଭୁବନେଶ୍ୱର-୭୫୧୦୦୨
ଫୋନ : ୯୪୩୮୧୦୭୩୧୭


ଫଟୋ ସୌଜନ୍ୟ : ହିରଣ୍ମୟୀ ମିଶ୍ର ଓ ଗୁଗୁଲ୍



ଜୀବନରେ ଏଭଳି ଗୋଟିଏ ଗୋଟିଏ ମୁହୂର୍ତ୍ତ ଆସେ ବେଳେବେଳେ, ଯେଉଁଥିରେ ନିହିତ ରହିଥାଏ, ଆମ ଜୀବନର ପୂର୍ଣ୍ଣ ନିଷ୍ପତ୍ତିର ଓ ଲକ୍ଷ୍ୟର ବୀଜବିନ୍ଦୁ । କିନ୍ତୁ ସେହି ମୁହୂର୍ତ୍ତଟିରେ ସେ କଥା ଆମକୁ ଅଜଣା ଥାଏ ।

୧୯୭୩ ମସିହା ମେ' ମାସରେ, ଏମିତି ଗୋଟିଏ ମୁହୂର୍ତ୍ତ ମୋ' ପାଇଁ ଆସିଥିଲା । ମୋର ସାନଭାଇ ଦିନଟେ ମୋତେ ଗୋଟିଏ ବହି ଦେଲା, ତାର ଟ୍ୟୁସନ୍ ଶିକ୍ଷକଙ୍କ ଠାରୁ ଆଣି । ମୋତେ କହିଲା, "ଏ ବହି ବହୁତ ନୂଆ ପ୍ରକାରର, ତୋତେ ଭଲ ଲାଗିବ ।" ମୁଁ ଦେଖିଲି, 'ମାତୃବାଣୀ', ଶ୍ରୀଅରବିନ୍ଦ ଆଶ୍ରମ ଦ୍ୱାରା ପ୍ରକାଶିତ, ବାବାଜୀ ରାମକୃଷ୍ଣ ଦାସଙ୍କ ଦ୍ୱାରା ଅନୂଦିତ । ସେ କହିଲେ ଶ୍ରୀମା'ଙ୍କର ପ୍ରଶ୍ନୋତ୍ତର ରହିଛି । ମୁଁ ସଂଗେ ସଂଗେ ବହିଟି ପଢ଼ିବା ଆରମ୍ଭ କଲି ଓ ବିସ୍ମିତ ହେଲି । ଏକ ଆଧ୍ୟାତ୍ମିକ ପରମ୍ପରାରେ, ପ୍ରେମକୁ, କଳା, ସଂଗୀତକୁ ଗ୍ରହଣ କରାଯାଇଛି ? ସେଥିରେ 'ଯୋଗ' ସମ୍ବନ୍ଧରେ, ନୈତିକତା ସମ୍ବନ୍ଧରେ, 'ସମର୍ପଣ ଓ ଆତ୍ମ ପ୍ରତ୍ୟାଖ୍ୟାନ' ଉପରେ ସୁନ୍ଦର ପ୍ରଶ୍ନୋତ୍ତର ସବୁ ରହିଥିଲା । ମୁଁ ସ୍ତବ୍ଧ ହୋଇଗଲି । ମୁଁ ଜାଣିଥିଲି ଯେ, ଆଧ୍ୟାତ୍ମିକ ଜୀବନ ପାଇଁ ସବୁକିଛି ଇ ତ୍ୟାଗ କରାଯାଏ । ସେଥିରେ, କଳାର, ସଂଗୀତର, ପ୍ରେମର, ସୌନ୍ଦର୍ଯ୍ୟର କୌଣସି ମୂଲ୍ୟ ନଥାଏ ।

ମୁଁ ଭାବିଲି, ମୋର ତ ଆଧ୍ୟାତ୍ମିକ ଆସ୍ପୃହା ରହିଛି, ମୁଁ ଏହି ମାର୍ଗରେ ଯାଇ ପାରିବି । ମୁଁ ସେତେବେଳେ ମ୍ୟାଟ୍ରିକ୍ୟୁଲେସନ୍ ପରୀକ୍ଷା ଦେଇ ଦୀର୍ଘ ଛୁଟିରେ ଥାଏ । ଠିକଣା ଦେଖି, ବାବାଜୀ ରାମକୃଷ୍ଣ ଦାସଙ୍କ ନିକଟକୁ ଚିଠିଟିଏ ଲେଖିଲି ଶ୍ରୀମା'ଙ୍କ ବିଷୟରେ ଜାଣିବା ପାଇଁ । ସେ ସଂଗେ



ସଂଗେ ଉତ୍ତର ଦେଲେ । ତାଙ୍କ ଲିଖିତ କିଛି ଲୋକସାହିତ୍ୟ ଓ ଶ୍ରୀମା ଶ୍ରୀଅରବିନ୍ଦଙ୍କର କିଛି ଫଟୋ ମଧ୍ୟ ପଠାଇଥିଲେ । ସେମାନଙ୍କ ବିଷୟରେ କିଛି ନଜାଣି ମଧ୍ୟ ମୋର ମନେହେଲା, ଏହିମାନେ ହିଁ ମୋର ଗୁରୁ, ମୋର ମାର୍ଗଦର୍ଶକ ମୋର ଈଶ୍ୱର ।

ସେତେବେଳେ ମୁଁ ଇଚ୍ଛାକଲି ଆଶ୍ରମ ଚାଲିଯିବି । କିନ୍ତୁ ବାବାଜୀ କହିଲେ, ପାଠ ପଢ଼ା ସରିଲେ ମୁଁ ଯାଇପାରିବି । କିନ୍ତୁ ପରିସ୍ଥିତିର ଚାପରେ ମୁଁ ସଂସାରକୁ ବାଛିଲି । ଆଶ୍ରମ ଜୀବନ ବିତାଇ ପାରିଲି ନାହିଁ । ସେଦିନ ଠାରୁ ଏତେ ବର୍ଷ ଧରି ଏ ପର୍ଯ୍ୟନ୍ତ ମୁଁ ଅନେକ ଦୁର୍ଘଟଣା, ଦୁଃଖ ଓ ଦୁର୍ବିପାକର ଯନ୍ତ୍ରଣା ଭିତରେ ବଞ୍ଚିଛି, ସଂଘର୍ଷ କରିଛି, ତାଙ୍କର କରୁଣାରେ ଭରସା ରଖିଛି, ଯଦିଓ ଅଭିଯୋଗ ଓ ଅଭିମାନ କମ୍ କରିନାହିଁ ।

'ରେବତୀ'ର ସହଯୋଗୀ ସମ୍ପାଦକ ଲେଖକ ଶ୍ରୀ କୃଷ୍ଣ କୁମାର ମହାନ୍ତିଙ୍କର ଅନୁରୋଧ କ୍ରମେ ଏହି ଆଲେଖ୍ୟଟି ପ୍ରସ୍ତୁତ କରୁଛି, ଯଦିଓ ମୁଁ ଜାଣେ, ଶ୍ରୀଅରବିନ୍ଦ, ଶ୍ରୀମା', ଶ୍ରୀଅରବିନ୍ଦ ଆଶ୍ରମ, ଆରୋଭିଲ୍ ଏବଂ ମନୋଜ ଦାସଙ୍କ ସହିତ ମୋର ସଂପର୍କ- ଏସବୁ ସମ୍ବନ୍ଧରେ ଲେଖିବା (କୃଷ୍ଣବାବୁଙ୍କର ଅନୁରୋଧ) ମୋ' ଲାଗି ଏକ ଦୁରୁହ ବ୍ୟାପାର । କାରଣ ଏ ସୀମିତ ପରିସରରେ, ଏ ବିଶାଳତାକୁ କେମିତି ବର୍ଣ୍ଣିପାରିବି ?

ଶ୍ରୀଅରବିନ୍ଦ ଥିଲେ ମହାଯୋଗୀ ଦ୍ରଷ୍ଟା, କବି, ଅତିମାନସ ଶକ୍ତିର ଆବିଷ୍କାରକ ଓ ଧାରକ । ଭାରତର ନିୟତି ସହିତ ସଂପୃକ୍ତ ଥିଲେ ସେ ଓ ପରବର୍ତ୍ତୀ କାଳରେ ମାନବ ନିୟତିର ପରିବର୍ତ୍ତନ ପାଇଁ ବିଶ୍ୱବାସୀଙ୍କୁ 'ପୂର୍ଣ୍ଣଯୋଗ'ର ଶିକ୍ଷା ଦେଇଥିଲେ । ଶ୍ରୀମା (ମୀରା ଆଲ୍‌ଫାସା) ଥିଲେ ସଂଗୀତଜ୍ଞ, ଗଣିତଜ୍ଞ, କଳାକାର, ରତ୍ନବିଦ୍ୟାବିଦ୍, ଯୋଗୀ, ଅତିମାନସ ଶକ୍ତିର ସଂଚାଳିକା, ଶ୍ରୀଅରବିନ୍ଦ ଆଶ୍ରମର ପ୍ରତିଷ୍ଠାତା- ସେ ଜଣେ ରହସ୍ୟମୟୀ, ମଧୁମୟୀ, ସୌନ୍ଦର୍ଯ୍ୟମୟୀ, ମହାଶକ୍ତିଶାଳିନୀ ମହାଯୋଗିନୀ ଥିଲେ ।

## ଶ୍ରୀଅରବିନ୍ଦ

୧୫ ଅଗଷ୍ଟ ୧୮୭୨ ମସିହାରେ, କୋଲ୍‌କାତାରେ ଶ୍ରୀଅରବିନ୍ଦ ଜନ୍ମ ହୋଇଥିଲେ । ତାଙ୍କର ପିତା କୃଷ୍ଣଧନ ଘୋଷ୍, ତାଙ୍କୁ ସଂପୂର୍ଣ୍ଣ ଇଂରେଜ୍ ଭାବରେ ଗଢ଼ିବା ପାଇଁ ପାଞ୍ଚ ବର୍ଷ ବୟସରୁ ଦାର୍ଜିଲିଂର ଆଇରିଶ୍ କନ୍‌ଭେଣ୍ଟ୍‌କୁ ପଠାଇ ଦେଇଥିଲେ । ସାତବର୍ଷ ବୟସରେ ଅନ୍ୟ ଦୁଇ ଭାଇଙ୍କ ସହିତ ସେ ଲଣ୍ଡନ୍ ଯାତ୍ରା କଲେ ପାଠପଢ଼ି, ଆଇ.ସି.ଏସ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ । କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ଇଂଲଣ୍ଡ୍‌ରେ ରହିଥିଲେ । ସେତେବେଳେ ସେ ଇଂରେଜୀରେ କବିତା ଲେଖି ପ୍ରସିଦ୍ଧ ହୋଇ ଯାଇଥିଲେ । ସେ ଇଂରାଜୀ, ଲାଟିନ୍ ଓ ଫରାସୀ ଭାଷାରେ ପଣ୍ଡିତ ଥିଲେ । ଆଇ.ସି.ଏସ୍.ର ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ମଧ୍ୟ, ସେ ଘୋଡ଼ାଚଢ଼ା ପରୀକ୍ଷା ଦିନ ଅନୁପସ୍ଥିତ ରହି, ନିଜକୁ ଅସଫଳ କରିଦେଲେ ଓ ଭାରତ ଫେରି ଆସିଲେ । ଭାରତକୁ ବ୍ରିଟିଶ ଶାସନରୁ ମୁକ୍ତ କରିବା ପାଇଁ, ସେ ଲଣ୍ଡନ୍‌ରେ ରହି ବି ପ୍ରଚେଷ୍ଟା କରୁଥିଲେ । ଭାରତ ଫେରିବା ବେଳକୁ ତାଙ୍କର ପିତା ଦେହ ତ୍ୟାଗ କରିଥିଲେ । ମା' ଅସୁସ୍ଥ ଥିଲେ । ସେ ବରୋଦା ଷ୍ଟେଟ୍ କଲେଜ୍‌ରେ ଇଂରାଜୀ ଓ ଫରାସୀ ଭାଷାରେ ଅଧ୍ୟାପନା କଲେ । ସେତେବେଳେ





ସେ ସଂସ୍କୃତ ଓ ବଙ୍ଗଳା ଭାଷା ପଢ଼ିଲେ । ୨୯ ବର୍ଷ ବୟସରେ ସେ ମୃଣାଳିନୀ ଦେବୀଙ୍କୁ ବିବାହ କରିଥିଲେ ।

୧୯୦୬ ମସିହାରେ ଶ୍ରୀଅରବିନ୍ଦ ବରୋଦା ଛାଡ଼ି ରାଜନୈତିକ ଝଂଜା ଭିତରେ ମଗ୍ନ ହୋଇ ରହିଲେ । ବିପିନ୍ ପାଲ୍ ନାମରେ ଜଣେ ଜାତୀୟବାଦୀ ବ୍ୟକ୍ତିଙ୍କ ସହିତ ମିଶି ସେ 'ବନ୍ଦେ ମାତରଂ' ନାମରେ ଏକ ଇଂରାଜୀ ପତ୍ରିକା ପ୍ରକାଶ କଲେ । ସେ ସକ୍ରିୟ ବିପ୍ଳବାଇକ ରାଜନୀତିରେ ଅଂଶ ଗ୍ରହଣ କରିଥିଲେ । ୧୯୦୨ ମେ' ଦୁଇ ତାରିଖରେ ବ୍ରିଟିଶ୍ ପୋଲିସ୍ ତାଙ୍କୁ ଜଣେ ବ୍ରିଟିଶ୍ ମାଜିଷ୍ଟ୍ରେଟ୍‌ଙ୍କ ହତ୍ୟା ଅଭିଯୋଗରେ ଆରେଷ୍ଟ୍ କରିନେଲା । ସେହି ବିଫଳ ହତ୍ୟାକାଣ୍ଡଟିରେ ତାଙ୍କର କିଛି ହାତ ନଥିଲା ଯଦିଓ, ସେ ଆଲିପୁର ଜେଲ୍‌ରେ ବର୍ଷେ କାଳ ରହିଥିଲେ । ସେହି ସମୟରେ ତାଙ୍କର 'ବାସୁଦେବ ସର୍ବମିତି' ଓ 'ନିର୍ବାଣ' ଅଭିଜ୍ଞତା ହୋଇଥିଲା । ବର୍ଷେ ପରେ ସେ ନିର୍ଦ୍ଦୋଷରେ ଖଲାସ ହେଲେ ।

ଜେଲ୍‌ରୁ ଫେରି ସେ 'କର୍ମଯୋଗୀନ୍' ବୋଲି ଇଂରାଜୀ ପତ୍ରିକାଟିଏ ବାହାର କଲେ । କିନ୍ତୁ କିଛିଦିନ ପରେ ଜଣେ କେହି ତାଙ୍କୁ କହିଲା ଯେ, ବ୍ରିଟିଶ୍ ସରକାର ତାଙ୍କୁ ଆରେଷ୍ଟ୍ କରି ଆଣ୍ଡାମାନସ୍ ପଠାଇ ଦେବାକୁ ଯୋଜନା କରୁଛି । ହଠାତ୍ ସେ ଗୋଟିଏ ସ୍ୱର ଶୁଣିଲେ, ତିନିଟି ସ୍ପଷ୍ଟ ଶବ୍ଦ, 'ଚନ୍ଦନ ନଗର'କୁ ଯାଅ । ଦଶମିନିଟ୍ ପରେ ସେ ଗଂଗାକୁ ଯାଉଥିବା ପ୍ରଥମ ବୋଟ୍‌ରେ ଚଢ଼ିଲେ । ଏହା ହିଁ ଥିଲା ତାଙ୍କର ରାଜନୈତିକ ଜୀବନର ଶେଷ ଓ ପୂର୍ଣ୍ଣଯୋଗର ପ୍ରାରମ୍ଭ ।

ପଣ୍ଡିଚେରୀରେ ରହି ଶ୍ରୀଅରବିନ୍ଦ ପ୍ରଗାଢ଼ ସାଧନା କଲେ । ସେ ଉପଲବ୍ଧି କଲେ ଯେ, ମାନବ ଚେତନାର ପରିବର୍ତ୍ତନ ବ୍ୟତୀତ ତା'ର ସମସ୍ତ ସମସ୍ୟାର ସମାଧାନ ଆଉ ହୋଇପାରିବ ନାହିଁ । ମାନବ ଚେତନାର ଊର୍ଦ୍ଧ୍ୱରେ ଥିବା ଅତିମାନସ ଶକ୍ତି ପୃଥିବୀ ପୃଷ୍ଠରେ କାର୍ଯ୍ୟକାରୀ ହେଲେ ହିଁ ମନୁଷ୍ୟ ଚେତନାର ପରିବର୍ତ୍ତନ ହେବ । ତେଣୁ ଏହି ଶକ୍ତିକୁ ସେ ପୃଥିବୀରେ ଅବତରଣ କରାଇଥିଲେ ଏବଂ ଏହି ଶକ୍ତିକୁ ଧାରଣ କରିବା ନିମିତ୍ତ 'ପୂର୍ଣ୍ଣଯୋଗ'ର ପ୍ରବର୍ତ୍ତନ କରିଥିଲେ । ମନୁଷ୍ୟ ଏକ ମଧ୍ୟବର୍ତ୍ତୀକାଳୀନ ପ୍ରଜାତି ଏବଂ ଏହି ଶକ୍ତିର ପ୍ରଭାବରେ ସେ 'ଅତିମାନବ'ରେ ପରିଣତ ହେବ । ମଣିଷର ସାଧନ ଓ ସହଯୋଗ ଏହି ଶକ୍ତିର ପ୍ରଭାବକୁ ତ୍ୱରାନ୍ୱିତ କରିବ ।



ଶ୍ରୀଅରବିନ୍ଦଙ୍କ ନିକଟରେ ସେତେବେଳେ ଅଳ୍ପସଂଖ୍ୟକ ଶିଷ୍ୟ ରହୁଥିଲେ । ୧୯୧୪ ମସିହାରେ ମୀରା ଆଲଫାସା ତାଙ୍କର ସ୍ୱାମୀ ପଲ୍ ରିଚାର୍ଡଙ୍କ ସହିତ ପଣ୍ଡିଚେରୀ ଆସିଥିଲେ ଓ ଶ୍ରୀଅରବିନ୍ଦଙ୍କ ସହିତ ସାକ୍ଷାତ କରିଥିଲେ । ଏହି ସାକ୍ଷାତକାର ମାନବ ସଭ୍ୟତାର ଏକ ଯୁଗାନ୍ତକାରୀ ସାକ୍ଷାତ, ଯେଉଁଦିନ ପ୍ରକୃତିର ବିବର୍ତ୍ତନକୁ ତ୍ୱରାନ୍ୱିତ କରିବା ପାଇଁ ଭାଗବତ ସଂକଳ୍ପର ପ୍ରଥମ ପାହାଚ ଗଠିତ ହୋଇଥିଲା । ମା' କହିଥିଲେ, "ଶ୍ରୀ ଅରବିନ୍ଦଙ୍କୁ ଦେଖିବା ମାତ୍ରେ ମୁଁ ଜାଣିପାରିଲି ଯେ, ସେ ହିଁ 'ସେ', ଯେ ପୃଥିବୀକୁ ଏହି କର୍ମ କରିବାକୁ ଆସିଛନ୍ତି ଓ ତାଙ୍କ ସହିତ ହିଁ ମୋର କର୍ମ କରିବାର ଅଛି ।" ପ୍ରଥମ ବିଶ୍ୱଯୁଦ୍ଧ ହେତୁ ମୀରାଙ୍କୁ ଭାରତରୁ ଚାଲିଯିବାକୁ ହେଲା । ୧୯୨୦ ମସିହା ୨୪ ଏପ୍ରିଲ୍‌ରେ ମୀରା ପଣ୍ଡିଚେରୀରେ ସ୍ଥାୟୀ ଭାବରେ ବାସ କରିଥିଲେ । ଏ ବର୍ଷ ଏହି ଦିବସର ସୁବର୍ଣ୍ଣ ଜୁବୁଲି ଆଶ୍ରମରେ ପାଳିତ ହେଉଛି । ଶ୍ରୀଅରବିନ୍ଦ ମୀରା ଆଇଫାସାଙ୍କୁ ଶ୍ରୀମା' ଭାବରେ ଗ୍ରହଣ କରି ଅନ୍ୟମାନଙ୍କୁ ଚିହ୍ନାଇଥିଲେ । ଶ୍ରୀମା' ଆସିବା ପରେ ହିଁ ଆରମ୍ଭ ହେଲା 'ଶ୍ରୀଅରବିନ୍ଦ ଆଶ୍ରମ' ।

## ଶ୍ରୀମା

ଶ୍ରୀମା' ୧୮୭୮ ମସିହା ଫେବୃଆରୀ ୨୧ ତାରିଖରେ ଫ୍ରାନ୍ସରେ ଜନ୍ମ ଗ୍ରହଣ କରିଥିଲେ । ପିଲାଟି ଦିନରୁ ତାଙ୍କର ଚମତ୍କପ୍ରଦ ଆଧ୍ୟାତ୍ମିକ ଉପଲବ୍ଧି ସବୁ ହେଉଥିଲା ଓ ସେ ଜାଣିଥିଲେ ଯେ ପୃଥିବୀପୃଷ୍ଠରେ କିଛି ଅନନ୍ୟ କର୍ମ କରିବା ପାଇଁ ସେ ପ୍ରେରିତ ହୋଇଛନ୍ତି । ସେ ପିଲାଦିନରୁ ଶ୍ରୀଅରବିନ୍ଦଙ୍କୁ ସ୍ୱପ୍ନରେ ଦେଖୁଥିଲେ, ତାଙ୍କର ନାଆଁ ସେ ଦେଇଥିଲେ 'କୃଷ୍ଣ' । ଶ୍ରୀଅରବିନ୍ଦଙ୍କୁ ଦେଖିବା ମାତ୍ରେ ସେ ତାଙ୍କୁ ଚିହ୍ନି ପାରିଥିଲେ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଏକ ହିଁ ଚେତନା, ଦ୍ୱୈତ ଶରୀରରେ ରହି ଅତିମାନସର ଅବତରଣ ନିମିତ୍ତ ସାଧନା କଲେ । ୧୯୨୬ ମସିହା ନଭେମ୍ବର ୨୪ ତାରିଖରେ, ଶ୍ରୀଅରବିନ୍ଦ ଘୋଷଣା କଲେ ଯେ, ଅଧିମାନସ ଚେତନା ବା କୃଷ୍ଣ ଚେତନା ତାଙ୍କର ଶରୀର ମାଧ୍ୟମରେ ପୃଥିବୀରେ ସ୍ଥାୟୀ ଭାବରେ ଅବତରଣ କରିଛି ଏବଂ ଏହା ଅତିମାନସର ଅବତରଣରେ ସାହାଯ୍ୟ କରିବ । ଏହାପରେ ୨୪ ବର୍ଷ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ନିର୍ଜନବାସରେ ରହିଲେ ଏବଂ ଶ୍ରୀମା' ଆଶ୍ରମର କାର୍ଯ୍ୟକାରିଣୀ ଶକ୍ତି ଭାବରେ, ଶିଷ୍ୟମାନଙ୍କ ଭିତରେ ଯୋଗାଗ୍ନିକୁ ପ୍ରଜ୍ୱଳିତ କରିବାରେ ସଦା ପ୍ରବୃତ୍ତ ରହିଲେ । ଶ୍ରୀଅରବିନ୍ଦ ୧୯୫୦ ଡିସେମ୍ବର ୫ରେ ଏବଂ ଶ୍ରୀମା' ୧୯୭୨ ନଭେମ୍ବର ୧୭ ତାରିଖରେ ମହାପ୍ରୟାଣ ଲାଭ କରିଥିଲେ । କିନ୍ତୁ ସେମାନଙ୍କର ଶାରୀରିକ ଅନୁପସ୍ଥିତି ସତ୍ତ୍ୱେ, ଶ୍ରୀଅରବିନ୍ଦ ଆଶ୍ରମ ଜୀବନ୍ତ, ସକ୍ରିୟ ଓ ସଚେତନ ହୋଇ ରହିଲା ଓ ରହିଛି । ଏଠାରେ ଅନେକ ସାଧକ ସାଧିକା ନିଷ୍ଠାପର ଭାବରେ ଯୋଗ ସାଧନା କରୁଛନ୍ତି ପୃଥିବୀର ଓ ପ୍ରକୃତିର ସ୍ଥାୟୀ ରୂପାନ୍ତର ନିମିତ୍ତ ।

## ଶ୍ରୀଅରବିନ୍ଦ ଆଶ୍ରମ

ଏହି ଆଶ୍ରମ ପୃଥିବୀର ଯେ କୌଣସି ଆଶ୍ରମ ଠାରୁ ସଂପୂର୍ଣ୍ଣ ଭିନ୍ନ । କାରଣ ଶ୍ରୀଅରବିନ୍ଦ ଓ ଶ୍ରୀମା ବିଶ୍ୱ ଆଧ୍ୟାତ୍ମିକ ପରମ୍ପରାର ଅନ୍ତର୍ଗତ ନୁହନ୍ତି । ସେମାନେ ସିଧାସଳଖ ଭାଗବତ ସଂକଳ୍ପର ଅବତାର ଭାବରେ ଅତିମାନସ ଯୋଗକୁ କ୍ରିୟାଶୀଳ



▲ ଆଶ୍ରମ ଭିତରେ ବିଶିଷ୍ଟ ସାରସ୍ୱତ ସାଧକ ଶ୍ରୀ ମନୋଜ ଦାସ

କରିବା ନିମିତ୍ତ ଆସିଥିଲେ । ଏଠାରେ ପ୍ରଥମେ ପହଞ୍ଚିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ ଯେ, ଏହା କିପରି ଆଶ୍ରମ ଯେଉଁଠାରେ ଦୀକ୍ଷା ଦିଆଯାଏ ନାହିଁ, ମନ୍ତ୍ରୋଚ୍ଚାରଣ ହୁଏ ନାହିଁ, କିଛି ବାଧ୍ୟବାଧ୍ୟକତା ନାହିଁ, ପୋଷାକରେ, ଚାଲିଚଳଣରେ କିଛି ନିୟମ କଟକଣା ନାହିଁ, ଏଠାରେ ପୂଜା ହୁଏ ନାହିଁ, ହୋମ ଯଜ୍ଞ ହୁଏ ନାହିଁ । ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ସମାଧି ରହିଥିବା ପରିସରଟିକୁ 'ଆଶ୍ରମ' ବୋଲି କୁହାଯାଏ । କିନ୍ତୁ, ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀର ହ୍ୱାଇଟ୍ ଟାଉନ୍‌ରେ ବିଚ୍ଛୁରିତ ହୋଇ ରହିଛି । ଶ୍ରୀଅରବିନ୍ଦ ଆଶ୍ରମର ସମସ୍ତ ଘର ପାଉଁଶିଆ (Pearl Grey) ରଂଗର । ଆଶ୍ରମର ବିଭିନ୍ନ ଡିପାର୍ଟମେଣ୍ଟ, ଯଥା: ଡିସ୍‌ପେନ୍‌ସରି, ନର୍ସିଂହୋମ୍, ଏମ୍ବ୍ରୋଡ଼ରୀ, ଧୂପକାଠି, ବାଟିକ୍, ପରଫ୍ୟୁମେରୀ, ବେକରି, ହୋମିଓପାଥି, ଆୟୁର୍ବେଦିକ, ଡାଇନିଂହଲ୍, ସ୍ପୋର୍ଟସ୍ ଗ୍ରାଉଣ୍ଡ, ପ୍ଲେଗ୍ରାଉଣ୍ଡ, ଏକଜିବିସନ୍ ହଲ୍, ଆଶ୍ରମବାସୀଙ୍କ ନିମିତ୍ତ ଘର, ଆଶ୍ରମ ଓ ସୋସାଇଟିର ଅନେକ ଗେଷ୍ଟ ହାଉସ୍ ରହିଛି । ସେଠାରେ ପ୍ରାୟ ତିନି ହଜାର ଆଶ୍ରମବାସୀ କର୍ମ କରୁଛନ୍ତି, ନିଜର ଚେତନାର ଅଭିବୃଦ୍ଧି ନିମିତ୍ତ, ବ୍ୟବସାୟିକ ସଫଳତା ନିମିତ୍ତ ନୁହେଁ । ଶାରୀରିକ ଭାବରେ ସମର୍ଥ ଥିବା ପର୍ଯ୍ୟନ୍ତ ସେମାନଙ୍କର ଅବସର ନାହିଁ । ସେମାନଙ୍କର ସମସ୍ତ ଦାୟିତ୍ୱ ଓ ଖର୍ଚ୍ଚ ଆଶ୍ରମ ବହନ କରିଥାଏ ।

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ୧୯୫୯ ମସିହା ଜାନୁଆରୀ ୬ ତାରିଖରେ ପ୍ରତିଷ୍ଠିତ ହୋଇଥିଲା । ଏଠାରେ କିଣ୍ଡରଗାର୍ଟନ୍ ଠାରୁ ଗ୍ରାଜୁଏସନ୍ ଯାଏଁ, ସଂପୂର୍ଣ୍ଣ ଭିନ୍ନ ଏକ ଶିକ୍ଷା ପଦ୍ଧତିରେ ଶିକ୍ଷା ଦିଆଯାଏ । ଦେଶର କୌଣସି ଶିକ୍ଷା ବୋର୍ଡ଼କୁ ଏହା ଅନୁସରଣ କରେ ନାହିଁ । ପରୀକ୍ଷା ନଥାଏ । ଡିଗ୍ରୀ ଦିଆଯାଏ ନାହିଁ । ମା' କହିଥିଲେ, "ଆମେ ଦକ୍ଷ ଛାତ୍ର ଚାହୁଁନାହୁଁ, ଜୀବନ୍ତ ଆତ୍ମା ଚାହୁଁ ।" ଏଠାରେ ଶାରୀରିକ ଶିକ୍ଷା, ଟେନିସ୍, ସୁଇମିଂ, ସ୍ପୋର୍ଟସ୍ ଇତ୍ୟାଦିକୁ ଖୁବ୍ ପ୍ରାଧାନ୍ୟ ଦିଆଯାଏ ।

## ଅରୋଭିଲ୍

ଶ୍ରୀଅରବିନ୍ଦ ଆଶ୍ରମରେ ପୂର୍ଣ୍ଣଯୋଗର ସାଧନା ଚାଲିଥିବା ବେଳେ, ଶ୍ରୀମା ୧୯୬୮ ମସିହା ୨୮ ଫେବୃଆରୀ ଦିନ 'ଅରୋଭିଲ୍' ବା ଉଷାନଗରୀ ପ୍ରତିଷ୍ଠା କରିଥିଲେ । ମା' କହିଥିଲେ, "ଅରୋଭିଲ୍‌ର ଉଦ୍ଦେଶ୍ୟ ହେଉଛି, ରାଜନୀତି, ଧର୍ମ, ଜାତିର ଊର୍ଦ୍ଧ୍ୱରେ ଥିବା ଏକ ପ୍ରଗତିଶୀଳ ସଂହତି, ମାନବଜାତିର ଏକତ୍ୱକୁ ଉପଲବ୍ଧି କରିବା ହିଁ ଏହାର ଲକ୍ଷ୍ୟ । ଏହାର ପ୍ରତିଷ୍ଠା ଦିବସରେ, ଭାରତର ସମସ୍ତ ପ୍ରଦେଶର ଏବଂ ୧୨୪ଟି ଦେଶର ଯୁବ ପ୍ରତିନିଧିମାନେ ନିଜ ନିଜ ଦେଶର ମାଟି ସହିତ ଜାତୀୟ ପତାକା ଧରି ମାର୍ଚ୍ଚ କରିଥିଲେ । ଆର୍ମି ଥିଏଟର୍‌ରେ ଥିବା ଏକ ପଦ୍ମ ଆକାରର ଗଠନ ଭିତରେ ସେ ମାଟିକୁ ପକାଇଥିଲେ । ତାହା ବନ୍ଦ୍ କରାଯାଇଥିଲା, ବିଶ୍ୱ ସଂହତିର ଏକ ପ୍ରତୀକ ଭାବରେ । ମା' ଏହିଦିନ 'ଅରୋଭିଲ୍ ଚାର୍ଟର୍' ପ୍ରସ୍ତୁତ କରିଥିଲେ । ଏହା ତାମିଲନାଡୁରେ ଅବସ୍ଥିତ । ଏଠାରେ ବିଦେଶୀ ଓ ଭାରତୀୟ ମିଶି ପ୍ରାୟ ୨୫୦୦ ସାଧକସାଧିକା ରହିଛନ୍ତି । ଏହାର କେନ୍ଦ୍ରରେ ରହିଛି 'ମାତୃମନ୍ଦିର'- ସୁବର୍ଣ୍ଣ ରଂଗର ପ୍ଲେଟ୍‌ରେ ଗଠିତ ଏକ ଗୋଲାକାର ମନ୍ଦିର । ତାହା ଭିତରେ ରହିଥିବା ଏକ ଆଲୋକିତ ସ୍ଫଟିକ ଆଗରେ ଧ୍ୟାନ କରିବାର ସୁବିଧା ରହିଛି । 'ଅରୋଭିଲ୍'କୁ ମା' ଆଶ୍ରମ ଠାରୁ ଭିନ୍ନ ଏକ ପରିବେଶ ଓ କର୍ମପଦ୍ଧତି ଦେଇଥିଲେ, ଏହା ଏକ ବିସ୍ମୟ । 'ମାତୃମନ୍ଦିର' ମଧ୍ୟ ଏକ ଅତ୍ୟାଧୁନିକ ସ୍ଥାନ, ନିଜେ ନଗଲେ କେହି ଏହାର ଆଧ୍ୟାତ୍ମିକ ସ୍ପନ୍ଦନର ତୀବ୍ରତାକୁ ଅନୁଭବ ସୁଦ୍ଧା କରିପାରିବ ନାହିଁ । ଏଠାରେ ଅଳ୍ପସମୟ ବସି ରହିଥିଲେ ବି ଆତ୍ମଦର୍ଶନ ହୋଇଯାଏ ।

## ଶ୍ରୀଅରବିନ୍ଦ ଆଶ୍ରମ ଓ ମୁଁ

ପନ୍ଦର ବର୍ଷ ବୟସରୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଅନୁଗାମୀ ହୋଇଥିଲେ ହେଁ, ମୁଁ ବେଶ୍ ବିଳମ୍ବରେ ଆଶ୍ରମ ସହିତ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ହୋଇଥିଲି । ବର୍ଷକୁ ୬ ଥର ରୁମ୍ ଦର୍ଶନ ପାଇଁ ଯାଉଥିଲି । ୧୯୯୮ ମସିହାରେ ମୁଁ ଓ ମୋର ସ୍ୱାମୀ ପଣ୍ଡିଚେରୀରେ ରହିଲୁ । କାରଣ ଡକ୍ଟର ଦାଶ ଓଡ଼ିଶା ସରକାରଙ୍କ କର୍ମକ୍ଷେତ୍ରରୁ ଅବସର ନେଇ ସେଠାର ମେଡ଼ିକାଲ୍ କଲେଜରେ କାର୍ଯ୍ୟ କଲେ । ସେ ବାତାବରଣ ଆମକୁ ଆଚ୍ଛନ୍ନ କରି ରଖିଲା । ଆଶ୍ରମରେ ଧ୍ୟାନ କରିବା, ସମୁଦ୍ର କୂଳରେ ବୁଲିବା, ଏକ୍‌ଜିବିସନ୍, ମ୍ୟୁଜିକ୍ ପ୍ରୋଗ୍ରାମ୍ ଇତ୍ୟାଦିରେ ଯୋଗ ଦେଇ ନିଜକୁ ଖୁବ୍ ମୁକ୍ତ ଲାଗିଲା । ମୋତେ ଆଉ ଲେଖିବା ପାଇଁ ଇଚ୍ଛା ହେଲା ନାହିଁ । ମୁଁ ବହୁତ କମ୍ ଲେଖିଲି, ମନେହେଲା, ଏଠାରେ





ମୋର ଜୀବନର ଅନ୍ୟ ଗୋଟିଏ ପର୍ଯ୍ୟାୟ ଆରମ୍ଭ ହେଲା । ସେଠାରେ ଆମେ ଘର କିଣି ରହିଲୁ । କିନ୍ତୁ ୨୦୦୯ ମସିହାରେ ଡ. ଦାଶଙ୍କର ଅକାଳ ବିୟୋଗ ଫଳରେ ମୁଁ ହତବମ୍ଭ ହୋଇଗଲି । ଦୁଇବର୍ଷ ପରେ ଓଡ଼ିଶାକୁ ଫେରିଆସି, ପଣ୍ଡିଚେରୀକୁ ଯିବା ଆସିବା କଲି । ଏବେ ବି ମୁଁ ଓ ମୋର ପରିବାର ପଣ୍ଡିଚେରୀକୁ ଆମର ଘର ବୋଲି ଭାବୁ ।

## ମନୋଜ ଦାସ ଓ ପଣ୍ଡିଚେରୀ

ପିଲାଟି ଦିନରୁ ମନୋଜ ଦାସଙ୍କର ଗଳ୍ପର ମୁଁ ଜଣେ ମୁଗ୍ଧ ପାଠିକା ଥିଲି । ତାଙ୍କ ନିକଟକୁ ଚିଠି ଲେଖୁଥିଲି, ଉତ୍ତର ପାଉଥିଲି । କିନ୍ତୁ ତାଙ୍କୁ ପ୍ରଥମେ ଦେଖିଲି, ବ୍ରହ୍ମପୁରରେ । ପରେ, ସେ ଯେତେବେଳେ ଭୁବନେଶ୍ୱର ଆସୁଥିଲେ ଦେଖା ହେଉଥିଲା । ୧୯୯୮ ମସିହାରେ ଆମେ ଯେତେବେଳେ

▼ଶ୍ରୀ ମନୋଜ ଦାସଙ୍କ ସହିତ ଲେଖିକା ମମତା ଦାଶ



ପଣ୍ଡିଚେରୀରେ ପହଞ୍ଚିଲୁ, ତାଙ୍କ ସହିତ ଭିନ୍ନ ସଂପର୍କ ଗଢ଼ି ଉଠିଲା । ତାଙ୍କର ସହଧର୍ମିଣୀ ପ୍ରତିଜ୍ଞାଦେବୀ ଆମକୁ ଖୁବ୍ ସ୍ନେହ କରୁଥିଲେ । ଆମ ପାଇଁ ତାଙ୍କର ଘର ହିଁ ସବୁଠାରୁ ଆକର୍ଷଣୀୟ ଜାଗା ଥିଲା । ଆଶ୍ରମ ନିକଟରେ ତାଙ୍କର ଘର, ସମସ୍ତଙ୍କ ପାଇଁ ସଦା ଉନ୍ମୁକ୍ତ ଥିଲା । ପ୍ରତିଜ୍ଞା ଅପା ଅତି ସ୍ନେହମୟୀ, ଉଦାର ମହିଳା ଥିଲେ । ସେ ଜଣେ ନିଷ୍କାପଟ ଏକଗ୍ର ଓ ଆନ୍ତରିକ ଯୋଗିନୀ ଥିଲେ । ପାର୍ଥିବତାର ସମସ୍ତ ବନ୍ଧନରୁ ମୁକ୍ତ ପ୍ରତିଜ୍ଞା ଅପା ଆମ ଦୁହିଁଙ୍କୁ ତାଙ୍କର କରୁଣା ଓ ସ୍ନେହରେ ଆବୋରି ଧରିଥିଲେ । ଆମର ଖୁବ୍ ଦୁଃଖଦ ବେଳାରେ, ଯନ୍ତ୍ରଣାର ଚରମ ଅବସ୍ଥାରେ ମନୋଜ ବାବୁ ଓ ସେ ଆମକୁ ଆଲୋକିତ କରି ରଖିଥିଲେ, ଆଶ୍ୱାସନା ଓ ସ୍ନେହରେ ବୁଡ଼ାଇ ରଖିଥିଲେ । ସେ ସମୟର ଅନୁଭବ ଖୁବ୍ ମହାର୍ଘ ଓ ସୁନ୍ଦର ।

ସମୟ ବଦଳିଗଲା, ମୁଁ ଡ. ଦାଶଙ୍କୁ ହରାଇଲି, ପ୍ରତିଜ୍ଞା ଅପାଙ୍କୁ ବି ହରାଇଲି । ମନୋଜ ଦାସ ମୋ ପାଇଁ କେବଳ ଜଣେ ଉଚ୍ଚାଙ୍ଗ ସାହିତ୍ୟିକ ନୁହନ୍ତି, ତାଙ୍କ ସହିତ ମୋର ଆତ୍ମିକ ସଂଯୋଗ ରହିଛି । ତାଙ୍କର ସେ ବ୍ୟକ୍ତିତ୍ୱ, ସରଳ ଜୀବନ, ଜ୍ଞାନ ଏବଂ ନିରପେକ୍ଷ ବ୍ୟବହାର, ପୁଣି ଏକ ବିରଳ ଉଷ୍ମତାର ସହିତ, ସମସ୍ତଙ୍କୁ ଆକୃଷ୍ଟ କରିଥାଏ ।

ଏବେ ମଧ୍ୟ ମୋର ଯାତ୍ରା ଅବ୍ୟାହତ ରହିଛି, ସାଧନାର ବିଶେଷ ଉଚ୍ଚତର ଅବସ୍ଥାରେ ମୁଁ ପହଞ୍ଚି ପାରିନାହିଁ । କିନ୍ତୁ ଶ୍ରୀମା' ଓ ଶ୍ରୀଅରବିନ୍ଦଙ୍କର ପ୍ରେରଣା, ଆଶ୍ରମ ଓ ଅରୋଭିଲ୍‌ର ବାତାବରଣ, ମୋତେ ଏକ ଉର୍ଦ୍ଧ୍ୱତର ଆୟତନରେ ଅବସ୍ଥାପିତ ରଖିଥାଏ ।

ଯେତେଦିନ ପର୍ଯ୍ୟନ୍ତ ପୃଥିବୀ ପୃଷ୍ଠରେ ସଚ୍ଚିଦାନନ୍ଦଙ୍କର ସତ୍ୟଚେତନାକୁ ଧାରଣ କରି, ପ୍ରତ୍ୟକ୍ଷ ଭାବରେ ବିଚରଣ କରିନାହିଁ, ସେତେବେଳ ଯାଏଁ, ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ଯୋଗ ସାଧନାର ସିଦ୍ଧି ହେବ ନାହିଁ । ସେଥିପାଇଁ ଏହି ଯୋଗ ନିଜର ମୁକ୍ତି ନିମିତ୍ତ, ସମଗ୍ର ମାନବଜାତି ନିମିତ୍ତ, ଭାଗବତ ସଂକଳ୍ପର କାର୍ଯ୍ୟକାରିଣୀ ନିମିତ୍ତ ଏବଂ ଏହା ଅତ୍ୟନ୍ତ କଠିନ ସାଧନା, କେବଳ ସେହିମାନଙ୍କର କରୁଣା ଓ ସାହାଯ୍ୟରେ ହିଁ ସାଧକସାଧିକାମାନେ ଏହି ଚେତନାର ଦୁଃସାହସିକ ଅଭିଯାତ୍ରାରେ ଏକାଗ୍ର ଭାବର ଅଗ୍ରସର ହେଉଛନ୍ତି ।



# ସ୍ୱର୍ଗଯାତ୍ରା


## ସୁପ୍ରିୟା ପ୍ରଶାନ୍ତ

ଡିଏସ୍ ମ୍ୟାକ୍ସ ସିଗ୍‌ମା ଆପାର୍ଟମେଣ୍ଟ, ଫ୍ଲାଟ୍ ୦୨୩
ନେଷ୍ଟ, ଗୋଲ୍ଲାହାଲ୍ଲି ରୋଡ୍, ଇଲେକ୍ଟ୍ରୋନିକ୍ ସିଟି
ଫେଜ୍-୧, ବେଙ୍ଗାଲୁରୁ-୫୬୦୧୦୦
ଫୋନ: ୯୮୩୬୮୬୪୪୨୮




ଫଟୋ: ସୁପ୍ରିୟା ପ୍ରଶାନ୍ତ

ଚାରିଆଡ଼େ ଚହଳ ପଡ଼ିଗଲା- ସହର ଉପକଣ୍ଠରେ ଗାଁ ଷଠିପୁର, ସେଠି ଯୋଉ ବାବା ଆବିର୍ଭାବ ହେଇଛନ୍ତି, ସେ ଏମିତି ମନ୍ତ୍ର ଜାଣନ୍ତି, ଯାହା ବଳରେ ମଣିଷ ମଲାପରେ ନିଜ ଧନସମ୍ପତ୍ତି ସାଙ୍ଗରେ ନେଇ ସ୍ୱର୍ଗରେ ବିଳାସ କରିପାରିବ, ଅପ୍‌ସରାଙ୍କ ସାଙ୍ଗରେ ନୃତ୍ୟ, ଗୀତ ଓ ମଦିରା ପାନ, ରାତ୍ରିଭୋଜନ ତଥା ପୁଷ୍ପକ ବିମାନରେ ଆକାଶ ଭ୍ରମଣ ଇତ୍ୟାଦି ମଧ୍ୟ ସମ୍ଭବ ।

ବାବାଙ୍କର ଚେଲା ଓ ଚେଲି ମିଶି ପାଞ୍ଚ- ଦୁଇ ଚେଲା, ତିନି ଚେଲି, ବୟସ ତିରିଶ୍ ଭିତରେ । ସେମାନଙ୍କ ମୁହଁରେ ବାବାଙ୍କର ଅଷ୍ଟପ୍ରହରୀ ଚରିତାମୃତ- ବାବା ଏମିତି ସେମିତି ବାବା ନୁହଁନ୍ତି । ସେ

ଏ ଗପଟି ମଣିଷର ଲୋଭ ଓ ମୋହକୁ ମୁଖ୍ୟ ବିଷୟବସ୍ତୁ କରି ଲେଖାଯାଇଛି । ଆମେ କଥା କଥାରେ ମନ୍ତବ୍ୟ ଦେଉ, 'ସେ ଲୋକର ଏତେ ଲୋଭ କାହିଁକି କେଜାଣି, କଣ ମଲା ବେଳକୁ ସମ୍ପତ୍ତି ନେଇକି ଯିବ ?' ତେଣୁ ମୁଁ ଭାବିଲି ଏକ କାଳ୍ପନିକ ପରିସ୍ଥିତିରେ ଯଦି ଏମିତି କଥାଟିଏ ସମ୍ଭବ ହୁଏ, ତାହେଲେ ସାଧାରଣ ଲୋକଙ୍କ ମନରେ କି ପ୍ରକାର ପ୍ରତିକ୍ରିୟା ହେବ । ଭିନ୍ନ ଭିନ୍ନ ଚରିତ୍ର ମାଧ୍ୟମରେ ମଣିଷ ମନର ଲୋଭ, ମୋହ ତଥା ଅନ୍ଧବିଶ୍ୱାସକୁ ଏହି ଗପରେ କହିବାକୁ ଚେଷ୍ଟା କରାଯାଇଛି ।

ତ୍ରିକାଳଦର୍ଶୀ, ଭୂତ-ଭବିଷ୍ୟତ ତାଙ୍କ ନଖ ଦର୍ପଣରେ । ତାଙ୍କୁ ଯେତେବେଳେ ସାଢ଼େ ବାର ବର୍ଷ ହେଉଥିଲା, ଆଦ୍ୟ କିଶୋରରେ ଦେହ ମନ ପୁଲକିତ ହେଉଥିଲା, ଶ୍ରାବଣର ଏକ ଉଚ୍ଚାଟିତ ରାତିରେ ସ୍ୱୟଂ ମହାଦେବ ଆବିର୍ଭୂତ ହେଇ ହିମାଳୟକୁ ଯାଇ ସାଧନା କରିବାକୁ ସ୍ୱପ୍ନାଦେଶ ଦେଇଥିଲେ । ତା'ପରଦିନ ସକାଳୁ ସେ ଗାଁ ନଈରେ ବୁଡ଼ ଦେଇ ଚାଲିଚାଲି ଯାଇ ଛକରେ ବସ୍ ଧରିବା ଆଗରୁ ଗାଁର ଲେଖାଯୋଖା କକେଇ, ଯିଏ ସଡ଼କ ତଳେ ଗୋଟେ ଦୋକାନ ଦେଇଥିଲେ, ତାଙ୍କୁ ସବୁ କଥା ବଖାଣି, ଘରେ ଜଣେଇ ଦେବାକୁ କହି, କକେଇ ରହ ରହ, ଶୁଣ୍ ଶୁଣ୍ କହୁକହୁ ଗୋଟେ ଦୋକାନ ଟାଟାବସ୍ ଧରି ପକେଇଲେ । ଏମିତିରେ ବାବାଙ୍କର ଭାଇଭଉଣୀ ମିଶେଇ ଏଗାର । ବାପା ବୋଉ ଭାଇ ଭଉଣୀ ଯେ ବେଶି ଦୁଃଖ କରିବେନି ବାବା ସେକଥା ମନକୁ ବୁଝେଇ ଦେଲେ । ଏମିତିରେ ତ ପାଠ ହଉନଥିଲା, ବାପା କହୁଥିଲେ ସାଙ୍ଗରେ ଯାଇ ହଳ ପକେଇବାକୁ । କିନ୍ତୁ ତାଙ୍କ କପାଳରେ ତ ଆଧ୍ୟାତ୍ମିକ ଉପଲବ୍ଧି ଲେଖା । ଖାଲି ଲକ୍ଷ୍ୟ କେମିତି ହିମାଳୟରେ ପହଞ୍ଚିବେ । ନିଜ ଭିତରେ ଅଦ୍ଭୁତ ଆଲୋଡ଼ନ ଅନୁଭବ କଲେ ସାଢ଼େ ବାରବର୍ଷର କିଶୋର । ନିଜ ଗାଁରୁ ଟାଟାରେ ପହଞ୍ଚି କୁଆଡ଼େ ଯିବେ କିଛି ଠିକ୍ ନଜାଣି ପାରି ଗୋଟେ ଜଳଖିଆ ଦୋକାନରେ ବୋଲହାକ କରି ରହିଲେ । ସେଠୁ ଦିନେ ଗୟା ବସ୍‌ରେ ଉଠିଲେ । ଗୟାବୁଡ଼ ପକେଇ ଟ୍ରେନ୍ ଧରିଲେ ସିଧା ହିମାଚଳ ଋଷିକେଶ୍ । ସେଠୁ ଆରମ୍ଭ ହେଲା ପଦଯାତ୍ରା । ହିମାଳୟର କେଉଁ ଏକ ଗୁମ୍ଫାରେ ସେ ବାରବର୍ଷ ବାରଦିନ ତପସ୍ୟା କରି ମହାଦେବଙ୍କ କୃପାରୁ ଅସାଧାରଣ ଶକ୍ତି ପ୍ରାପ୍ତ ହେଲେ । ସେହି ଶକ୍ତି ବଳରେ ସେ ଉତ୍ତରରେ ଅନେକ ଚମତ୍କାର କରିବା ପରେ ନିଜ ଜନ୍ମମାଟିର ଟାଣରେ ଦିନେ ଆସି ପୁରୀ ଜଗନ୍ନାଥ ପୀଠରେ ପହଞ୍ଚିଲେ- ବାବାଙ୍କ ଭାଷାରେ ମଣିଷ ଦେବତା ହେଲେ ବି ଜନ୍ମମାଟିର ଋଣ ଶୁଝି ପାରେ ନାହିଁ । ସେଇ ମାଟି, ପାଣି, ପବନ- ସେଇଠି ତ କଟେ ନିରିମାଖି ଶୈଶବ । ବାସ୍, ଷଠିପୁର ଗାଁ ଯାହା ରାଜଧାନୀ ଭୁବନେଶ୍ୱର ଓ ପୁରୀ ମଝିଆମଝି- ସେଠି ପର୍ଣ୍ଣକୁଟୀରରେ ବାବା ବର୍ତ୍ତମାନ ବିରାଜମାନ । ତାଙ୍କର ଚେଲା ଓ ଚେଲୀ ପଞ୍ଚ ମହାରଥୀ ପ୍ରାୟ ଜନସମ୍ପର୍କ ଓ ପ୍ରଚାର ବ୍ୟବସ୍ଥାରେ ଅହର୍ନିଶି ମନପ୍ରାଣ ଦେଇ ଲାଗିଗଲେ ।

ଭୀମା ସାହୁ କାନରେ ବାବା ମାହାତ୍ମ୍ୟ ପଡ଼ିଲା ଗାଁ ମନ୍ଦିର ମଙ୍ଗଳବାରିଆ ପୂଜା ବେଳେ । ପ୍ରତି ମଙ୍ଗଳବାର ସେ ମନ୍ଦାରଫୁଲ ମାଳ ଦେଇ ମଙ୍ଗଳା ବିମଳା ସ୍ତୋତ୍ର ବୋଲିବା ପରେ ଯାଇ ଜଳ ସ୍ପର୍ଶ କରନ୍ତି । ସେଦିନ ସ୍ତୋତ୍ର ପାଠ କଲାବେଳେ ତାଙ୍କର ଧ୍ୟାନ ବାରମ୍ବାର ବ୍ୟାହତ ହେଲା । ମନ୍ଦିର ପ୍ରାଙ୍ଗଣ ଭିତରେ ତିନି ଚାରିଜଣ ଝିଅବୋହୂ ବାବାଙ୍କର ଗୁଣଗାରିମା, ଚମତ୍କାରିତା ଭାରି ଆଗ୍ରହରେ ଗପୁଥାନ୍ତି ।

"ହ୍ୟାତ୍, ଏ ମାଇପିଙ୍କର କିଛି କାମ ନଥାଏ, ଯୋଉଠି ଏକାଠି ହେଲେ ଖାଲି ବଜର ବଜର ।" ହେଲେ ମନଟା ଯେମିତି ଶ୍ରବଣ ଇନ୍ଦ୍ରିୟକୁ ଖନ୍ ଖନ୍ କଲା, ସେଇଆଡ଼େ ହିଁ ଭୀମା କାନ ଯେମିତି ଲମ୍ବିଗଲା- "ନିଜ ସାଙ୍ଗରେ ଧନସମ୍ପତ୍ତି ନେଇ ପାରିବ !"

"ମରିବା ପରେ !"

"ହଁ, ପା !"

ପୂଜାରେ କୋଉ ମନ ଆଉ ଲାଗନ୍ତା ! ଏମିତିରେ ଭୀମା ତେଲିର କୃପଣ ହିସାବରେ ନାଁ ଡାକ । ତା' ପଛରେ ଲୋକେ କଥା ହୁଅନ୍ତି- "ତା ମୁହଁ ଯିଏ ସକାଳୁ ଦେଖେ, ତାକୁ ସେଦିନ ଖାଇବା ମିଳେନି । ଆଉ ଯଦି ରାତିରେ ଶୋଇବା ଆଗରୁ ଦେଖେ, ନିଦରେ ଭୋକରେ ହାଉଳି ଚାଉଳି ହବା ଥୟ ।" ବାଙ୍ଗରା, ପେଟା, କଳା- ଅନ୍ଧାରରେ ଦେଖିଲେ ଯେକେହି ହାଉଳି ପକେଇବ । ଗାଁ ଟୋକାଏ ତାକୁ କୁବେର ବୋଲି ମୁହଁରେ ଟେକନ୍ତି ଓ ପଛରେ ଚୋଠାଙ୍କର ଚୋଠା କହି ଚୁଗୁଲି କରନ୍ତି । ଗ୍ରାମଦେବୀ ମେଳାରେ, ବୁଢ଼ା ଟଙ୍କା ତ ବାହାର କରିବନି, ଦୁନିଆ କଥା ଶୁଣେଇବ । ଦେଇ ଦେଇ ଦବ ଭୁସିମାଲ୍ ଦୋକାନର ପୁରୁଣା ଖୁଦ ଚାଉଳ, କଞ୍ଚା କଦଳୀ, ପୋକରା ବାଡ଼ି ବାଇଗଣ । ବୁଢ଼ାର ବୁଢ଼ୀ କୋଉ କାଳୁ ଛବି, ଗୋଟିଏ ପୁଅ ନରେନ୍ଦ୍ର, ବୋହୂ ସୁଷମା । ପୁଅକୁ ବାହା ଦେଇଥିଲା ଛଅ ସାତ ବରଷ ତଳେ, ନାତିଟେ ପାଇଁ ଅଧିଆ ପଡ଼ି ପଡ଼ି ନାତିଟେ ଘରକୁ ଆସିଲ । ତିନି ବରଷ ହେବ । ଭୀମା ସାହୁର ବନ୍ଧୁବାନ୍ଧବ ବା ଗାଁ ସାଇପଡ଼ିଶା କାହା ସାଙ୍ଗେ ସେମିତି ଭାବଦୋସ୍ତ ନାହିଁ । ଭାବଦୋସ୍ତ କଥା କଣ କି ଆଉ ପଇସା ଖର୍ଚ୍ଚ । ବୁଢ଼ା ଏକଥା ପୁଅ ନରିଆକୁ ବହୁ ସମୟରେ ତା ସାଙ୍ଗମାନଙ୍କ ସାମ୍ନାରେ ବୁଝେଇ ଦେଇଛି । ନରିଆ ବାପା ମୁହଁରେ କିଛି କୁହେନି । ବାପା ଗୁଣ ଜାଣି କାହାସହ ବେଶି ମିଳାମିଶା କରେନି । ଭୀମା ତିନି ଝିଅଙ୍କୁ ବିଭାଦେବା ପରେ କେବେ ଖୋଜାଲୋଡ଼ା କରେନି । ସେମାନେ ଆସିକି ଦି'ଦିନ ରହିଲେ, ବୁଢ଼ା କହିବ, "ମାଆ ତୋର ଘରେ ସେଠି ସମସ୍ତେ ହଇରାଣ ହେଉଥିବେ, ତୁମ ବୋଉ ବିଭାଘର ପରେ ସେଇ ଅଷ୍ଟମଙ୍ଗଳାରେ ଯାଇ ଫେରିଲେ ଯେ ପୁଣି ତୁମ ଆଈର ଦଶ ତୁଠକୁ ଗଲେ, ସତର ବରଷ ପରେ । ସେମିତି ଘର କଲେ, ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ ବୈକୁଣ୍ଠ ଛାଡ଼ି ଘରେ ବିରାଜିବେ ।" ଏମିତି ଶୁଣିବା ପରେ କୋଉ ଝିଅ ବାପଘରକୁ ମନ ବଳେଇବ ?

ନିଜର ଧନ କେମିତି ବଢ଼ିବ, ଜମା ଖାତାରେ ସୁଧ କେମିତି ବଢ଼ିବ, ଏହା ହିଁ ଭୀମା ସାହୁ ଜୀବନର ଲକ୍ଷ୍ୟ । ଅବଶ୍ୟ ରେଳରେ ବରଷକରେ ଥରେ କୁଆଡ଼େ ଯାଇ ବୁଲି ଆସିବ- ତିରୁପତି ବାଲାଜୀ, ଦିଲ୍ଲୀ ଲାଲ୍‌କିଲ୍ଲା, କଲିକତା କାଳୀ । ଭୀମା କାନରେ ଏକଥା ପଡ଼ିଲାରୁ ସେ କେମିତି ଗୋଟେ ଭୟମିଶା ଉତ୍କଣ୍ଠା ଅନୁଭବ କଲା । ଯୋଉ ଭାବନା, ତା ମନରେ ଆସି ଉଙ୍କି ମାରି ଚାଲିଗଲା, ତା ଫଳରେ ତାର ହୃଦ୍‌ସ୍ପନ୍ଦନ ବଢ଼ିଗଲା; ଏମିତି ସେ ଅନୁଭବ କରେ ରାତିରେ ଦୋକାନରୁ ଟଙ୍କା ନେଇ ଘର ସିନ୍ଧୁକରେ ରଖିବା ବେଳେ, ଫିକ୍ସ ଡିପୋଜିଟ୍ ଟଙ୍କା ଦି'ଗୁଣା ହେଇ ମିଳବା ସମୟରେ ।

ଭୀମା ସାହୁ ପରିବାର ବୋଇଲେ ଚାରି ପ୍ରାଣୀ । ଭୀମା ଖାଇବା ଆଗରୁ ଆଉ କେହି ଘରେ ଭାତ ଖାଇ ବସିଲେ, ଭୀମାର ଦେହ ସହେନା । ତେଣୁ ନରିଆ ବି ଦୋକାନ କାମ ସାରି ଗଡ଼ିଆରେ ଡୁବଟେ ପକେଇ ଆସି ଅପେକ୍ଷା କରି ରହେ କେତେବେଳେ ବାପା ମନ୍ଦିରରୁ ପୂଜାସାରି ଆସିବେ । ନାତି ଟୋକାକୁ ଆଗରୁ ବୋହୂ ସୁଷମା ଅଳ୍ପ କରି ଗଳା ଭାତ ଖୁଆଇ ଦେଇଥାଏ । ବୋହୂ ଉପରେ ଦୁନିଆଯାକ ଦାୟିତ୍ୱ, ସକାଳ ପାଇଟି କରି, ଗାଈ କାମ ସାରିବା ବେଳକୁ ଆଠଟା ବାଜିଯାଏ । ଘରେ ଗାଈ ଦୁହାଁଳ ସମୟରେ କ୍ଷୀର ଚା', ନହେଲେ ନାଲି ଚା' ସାଙ୍ଗରେ ମୁଢ଼ି ତାଟିଏ ପାଟିରେ ପକେଇ ଭୀମା ଦୋକାନ ଯାଏ । କାଳେ କୋଉ ଗରାଖ ଆସି ଫେରିଯିବ, ସକାଳୁ ପୁଅକୁ ପଠେଇଥାଏ । ବୁଢ଼ାର ସନ୍ଦେହ ପୁଅ ସକାଳ ବଇନି କରି କିଛି ରୋକଡ଼ା ପକେଟ୍ କରେ । କିନ୍ତୁ ତା ବେଶି ନୁହେଁ, ବୁଢ଼ା ଜାଣେ, ଦୋକାନରେ ଭିଡ଼ ଏତେ ସକାଳୁ ହୁଏନା । ଧର, କାହାର ଅଫିସ୍ କଚେରୀ ଯିବାର ଅଛି, ତା ଘରେ ସକାଳୁ କାମ । ତାଙ୍କ ଗାଁରେ ଏମିତି ପାଠପଢୁଆ, ଅଫିସିଆ ଗଣ୍ଡାଏ ହେବେ । କଥା ହେଲା, ଦିନେ ସକାଳୁ ତା ଦେହ ଭଲ ଲାଗୁ ନଥିଲା, ପୁଅକୁ ଦୋକାନ ଖୋଲି ପଠେଇଲା । ସେଦିନ ଦେଖିଲା, ଭାରି ଭଲ ବେପାର ହେଇଛି । ସେଦିନ ଠୁ ସେ ଭାବିଲା ପୁଅ ହାତରେ ବଇନି କଲେ ଲାଭ ।

ସେଦିନ ଅପରାହ୍ନରେ ଯିଏ ତା ଦୋକାନକୁ ଆସୁଥାଏ ତା ମୁହଁରେ ବାବାଙ୍କ କଥା । ସତେ ଚମତ୍କାରୀ ବାବା ! ସଂକ୍ଷେପରେ, ବାବାଙ୍କର ଆବିର୍ଭାବ ଗାଁ ବାଲାଙ୍କ ମନରେ ଚରମ ଆଗ୍ରହ ଓ ଉଦ୍ଦୀପନା ସୃଷ୍ଟି କରିଥାଏ । ଦିନେ କାଳେ ଯୋଉ କଥା କାନ ଶୁଣିନଥିଲା, ଯାହା କେବେ ସମ୍ଭବ ନୁହେଁ ବୋଲି ମଣିଷ ଭାବୁଥିଲା, ଯଦି ତାହା ସମ୍ଭବ ହେଇ ପାରିବ, ତା ଠୁ ବଡ଼ ଆଶ୍ଚର୍ଯ୍ୟ କଥା ଆଉ କଣ ଥାଇପାରେ ? ପ୍ରତିଥର କିଏ ନା କିଏ ପହଞ୍ଚୁଥାଏ

ଆଉ ଅଭିନବ ଚମତ୍କାରୀ କଥାସବୁ ଯୋଡୁଥାଏ ।

"ଶୁଣିଲଣି ନା, ଏବେ ଆଉ କେହି କହିବେନି, ମଲାବେଳକୁ କଣ ଧନ ଗଣ୍ଠିରେ ବାନ୍ଧିକି ନେବୁ ? ମନବୋଧ ଚଉତିଷା ଆଉ ଚଳିବନି, ବୁଝିଲ ?" ଜଣେ ଗରାଖ କହିଲା ।

"ଗଲେଣି ତୋ ସାଙ୍ଗରେ ଯେତେ ଜନ, ଗଣ୍ଠିରେ ବାନ୍ଧିନେଲେ ପୁଳିଏ ଧନ, ରେ ବାଇମନ । ଏଥର ଠୁ କଥା ଅଲଗା । ନୂଆ ଯୁଗ ଆସିଲା, ନୂଆ ଯୁଗ ।" ଗାଁ ମନ୍ଦିର ପୂଜାରୀ ହସି ହସି ବ୍ୟଙ୍ଗ କଲେ ।

"ଆରେ ଯା", ପାଠପଢୁଆ ବିମଳ ବାବୁ, ଆମ ଏଜି ଅଫିସ୍‌ରେ ହାକିମ, କହିଲେ- "ଆଜିକାଲି ଭଣ୍ଡ ବାବାଜୀ କଣ କମ୍ ଅଛନ୍ତି ?"

"ଆଜ୍ଞା, ମୋତେ ଟିକେ ବୁଝେଇବେ, କି, ଯଦି ମଣିଷ ଚନ୍ଦ୍ରକୁ ଯାଇ ପାରୁଛି, ଅନ୍ତରୀକ୍ଷକୁ ସାଟେଲିଟ୍ ପଠାଇ ପାରୁଛି, ସ୍ୱର୍ଗକୁ ସମ୍ପତ୍ତି କାହିଁକି ନେଇ ପାରିବନି ?" ବାବାଙ୍କର ଚେଲା, ଯିଏ ପତଳା ଓ ତ୍ରିପଣ୍ଡ କଳା, ଶୂନ୍ୟରୁ ଆସି ପ୍ରତ୍ୟୁତ୍ତର ଦେଲା ।

"କୋଉ କଥାକୁ କାହା ସହ ଯୋଡୁଛ ବା ?" ବିମଳ ବାବୁ ଏଭଳି ଯୁକ୍ତି ଶୁଣି କଣ କହିବେ କିଛି ଠିକ କରିପାରିଲେ ନାହିଁ ।

"ସେଇ ଏକା କଥା ଆଜ୍ଞା । ସମ୍ଭବରେ ଭାଇ, ସବୁ ସମ୍ଭବ । ପ୍ରଭୁଙ୍କର ମାୟା, ଆମର କଳନା କରିବାର ସାଧ୍ୟ ନାହିଁ ।"

ଭୀମା ସାହୁ ଜିନିଷ ଦଉଥାଏ, ଶୁଣୁଥାଏ, ଆଉ ମୁଣ୍ଡ ହଲଉଥାଏ । ତା ମନର ନିକିତି ଖାଲି ଉପର ତଳ, କଣ ସଂଭବ, କଣ ସଂଭବ ନୁହେଁ ।

"ବାପା ଆଗରୁ ଏ ଚମତ୍କାର ଆଉ କୋଉଠି ସମ୍ଭବ କରେଇଛନ୍ତି ?" କୌତୁହଳୀ ହୋଇ ଜଣେ ସମ୍ଭ୍ରମତାରେ ପଚାରିଲା ।

"ଉତ୍ତରରେ ସେ ଏ କଥା କରେଇଛନ୍ତି । ଆପଣେ ଯଦି କେବେ ଋଷିକେଶ୍ ତୀର୍ଥରେ ଯିବେ, ସେଠୁ ଗଙ୍ଗାନଦୀ ଉପରମୁଣ୍ଡକୁ ଉଠିଲେ ବାମ ପଟେ ଗୁଞ୍ଜଲତା ଘେରା ଦିବ୍ୟସୁନ୍ଦର ଆଶ୍ରମଟିଏ ପଡ଼ିବ, ସେଇ ପବିତ୍ର ଆଶ୍ରମ ପ୍ରାଙ୍ଗଣରେ ବାବା ଅନେକ ଚମତ୍କାର ସାଧିଛନ୍ତି । ଯଉଠି ନାହିଁ ସେଠି କଣ ଚମତ୍କାର ସମ୍ଭବ ? ଏପରି ଅସମ୍ଭବ ମନେ ହେଉଥିବା କଥା କେବଳ ପୁଣ୍ୟମାଟିରେ, ବିରଳ ପବିତ୍ର ତିଥିରେ ସମ୍ଭବ । ବାବା ଧ୍ୟାନରେ ପ୍ରତ୍ୟକ୍ଷ କରିଛନ୍ତି, ଏ ଗାଁ ମାଟି ପବିତ୍ର, ଏଠିକାର ବାସିନ୍ଦା ଧର୍ମାଶ୍ରିତ, ସେମାନଙ୍କର ଅଶେଷ ସୁକର୍ମ ।"

"ହଁ, ଆଜ୍ଞା, ଆମେ ଧର୍ମକୁ ଆଶ୍ରାକରି ତ ଚାଲିଛୁ । ନହେଲେ ଆମ କଥା କିଏ ବୁଝୁଛି, ଆମେ ମଲୁ କେତେ ରହିଲୁ କେତେ ସରକାରର କଣ ଯାଏ ଆସେ ?" ଉପସ୍ଥିତ ଗାଁ ଲୋକେ ବ୍ୟକ୍ତ କଲେ ।

ଏମିତି ଚର୍ଚ୍ଚା ଲାଗି ରହିଥିବା ବେଳେ, ଦିନେ ଶୁଣାଗଲା, ବାବା ଆସନ୍ତା ଚିତାଲାଗି ଅମାବାସ୍ୟା ଦିନ ଗୋଟେ ଯଜ୍ଞ କରିବେ । ଏଥର ଅମାବାସ୍ୟାରେ ଯେଉଁ ଷଡ଼ମହାଗ୍ରହକୁଟ ଯୋଗ ପଡୁଛି, ସେଇ ଯୋଗରେ ମଣିଷର ସର୍ବମନୋବାଞ୍ଛା ପୂରଣ ହୁଏ । ଯଜ୍ଞ ଆଗରୁ ବାବାଙ୍କ ପ୍ରଚାରକମାନେ ଆସି ସମସ୍ତଙ୍କୁ ସାଦର ନିମନ୍ତ୍ରଣ, ବାରମ୍ବାର ଅନୁରୋଧ କରିଗଲେ । ଘରଘର ବୁଲି ଗାଁ ସ୍ତ୍ରୀଲୋକଙ୍କୁ ଯଜ୍ଞର ମହତ୍ତ୍ୱ ବୁଝେଇ ପୁଅଝିଅ ସ୍ୱାମୀ ତଥା ପରିବାରର ଉନ୍ନତି ପାଇଁ ସେଦିନ ବ୍ରତ ଉପବାସ ରଖିବାକୁ ଅନୁରୋଧ କଲେ । ବାବା ଏ ଯଜ୍ଞ କରୁଛନ୍ତି ଗାଁ ଲୋକଙ୍କ ଉତ୍ତରୋତ୍ତର ଉନ୍ନତି ପାଇଁ । ଗାଁ କ୍ଷେତରେ ସୁନେଲୀ ଫସଲ ଫଳିବ, ପୋଖରୀରେ ରୂପେଲି ମୀନ ଖେଳିବେ, ବାଡ଼ିରେ ଛନଛନିଆ ସବୁଜ କଖାରୁ ଡ଼ଙ୍କ ଲଟେଇବ, ପିଲେ ବେମାର ପଡ଼ିବେନି- ଯଜ୍ଞରେ ବ୍ରତୀ ହେଇ ହୋମ ଓ ଦାନ କଲେ ଅଶେଷ ପୁଣ୍ୟ ଅର୍ଜନ ହେବ, ମଣିଷ ମଲା ପରେ ବି ନିଜର ସମ୍ପତ୍ତି ନେଇ ଭୋଗ କରିବ- ବାବାଙ୍କ ଅଲୌକିକ ଆଧ୍ୟାତ୍ମିକ ଶକ୍ତି ବଳରେ ଏସବୁ ସମ୍ଭବ ହେବ ।

ଯଜ୍ଞକଥା ପ୍ରଚାର ପରେ ଗାଁରେ କେମିତି ଶିହରଣ ଖେଳିଗଲା । ସମସ୍ତଙ୍କ ମୁହଁରେ ଗୋଟେ କଥା । ଆଉ ସେଇ ଗରମାଗରମ ଚର୍ଚ୍ଚାରେ ଘିଅ ଢାଳିବାକୁ ବାବାଙ୍କ ଚେଲା ଚେଲୀ ସର୍ବଦା ତତ୍ପର ।

"ସତେ ଏସବୁ ସମ୍ଭବ ହେବ ?"

"ଏଥିରେ ଅସମ୍ଭବ କଣ ଅଛିଯେ ? ମଣିଷ ଆଜି ଚନ୍ଦ୍ରକୁ ନାନା ଜିନିଷ ନେଇ ଯାଇପାରୁଛି, ସ୍ୱର୍ଗକୁ କାହିଁକି ଧନ ନେଇ ପାରିବନି ? ଆମ ଝିଅ କଳ୍ପନା ଚାଓ୍ୱଲା- ସ୍ୱଦେହରେ ପୁଣି ସ୍ୱର୍ଗକୁ ଗଲାଟି !"

ଏକଥା ମଧ୍ୟ ପ୍ରଚାର ହେଲା, ଯେଉଁମାନେ ମୃତ୍ୟୁ ପରେ ନିଜର ଧନସମ୍ପତ୍ତି ନେବାକୁ ଚାହୁଁଛନ୍ତି, ସେମାନଙ୍କୁ ବାବାଙ୍କ ସହ ବିଶେଷ ସାକ୍ଷାତ ପରାମର୍ଶ କରିବାକୁ ପଡ଼ିବ । ସେଥିପାଇଁ ଏକ ନିର୍ଦ୍ଦିଷ୍ଟ ଦିନ ଓ ସମୟ ମଧ୍ୟ ଠିକ୍ କରାଗଲା ।

ଚେଲା ଚେଲୀଙ୍କ ଯୁକ୍ତି ହେଉ ବା ନିଜର ଅହେତୁକ କୌତୁହଳ ହେଉ, ଗାଁ ଲୋକେ ଯଜ୍ଞଦିନକୁ ଉତ୍କଣ୍ଠାରେ ଅପେକ୍ଷା କରି ରହିଲେ । ଦଳେ ବିଶ୍ୱାସ କଲେ, କଣ ମାନସିକ ରଖିବେ ଭାବି ହେଲେ, ଆଉ କେତେ ସାଙ୍ଗରେ ନେବେ କେତେ ପିଲାଝିଲାଙ୍କ ପାଇଁ ରଖିଯିବେ, ସେକଥା ବିଚାରିଲେ । ଆଉ ଦଳେ ଅବିଶ୍ୱାସୀ, ସନ୍ଦେହୀ କଣ କେମିତି ହେବ ସେକଥା ଦେଖିବା ଅପେକ୍ଷାରେ ରହିଲେ । ସେଇ କେତେଟା ଦିନ ଭୀମା ସାହୁ ବେଶ୍ ଗମ୍ଭୀର ଜଣା ପଡ଼ିଲା ।

ବାବାଙ୍କ ପର୍ଣ୍ଣକୁଟୀର । ତୋଟା ପଡ଼ିଆକୁ ସଫା କରି ବାଡ଼ ଘେରା ହେଇଛି । ଯଜ୍ଞ ଦୁଇଦିନ ଆଗରୁ ଯେଉଁ ବିଶେଷ ସାକ୍ଷାତକାର ସ୍ଥିର ହେଲା, ଦେଖାଗଲା ଭୀମା ସାହୁକୁ ମିଶେଇ ଗାଁର ନଅ ଜଣ



ବାବାଙ୍କୁ ଏକାନ୍ତରେ ଭେଟିବାକୁ ଗଲେ । ନବ ଗ୍ରହ ତୁଲ୍ୟ ସେମାନଙ୍କର ରୂପ, ଗୁଣ, କର୍ମ ଭିନ୍ନ ଓ ସ୍ୱତନ୍ତ୍ର ।

ବାବାଙ୍କ କୋଠରୀ ଦୁଇଟି ଘିଅ ଦୀପର କ୍ଷୀଣ ଆଲୋକରେ ଆଲୋକିତ । ଗୋଟେ କୋଣରୁ ଅଗରବତୀ ଧୂପ ଓ ଚନ୍ଦନର ସୁଗନ୍ଧ, ଝୁଣା ଧୂଆଁ ସହ ମିଶି କୋଠରୀ ମଧ୍ୟରେ ଆଦିଭୌତିକ ପରିବେଶ ସୃଷ୍ଟି କରିଥାଏ । ବାବାଙ୍କ ଦେହରେ ହାଲୁକା ଗେରୁଆ ଧୋତି ଓ କାନ୍ଧରେ ମଠା ଚାଦର । ଯତ୍ନରେ ବଢ଼ା ହେଇଥିବା ଝୁଲନ୍ତ କଳା ଧଳା ଦାଢ଼ୀ । କପାଳରେ ରକ୍ତ ଚନ୍ଦନର ତୃତୀୟ ନେତ୍ର ଅଙ୍କା ହେଇଛି, ସତେ ଦେବଗୁରୁ ବୃହସ୍ପତି !

ସବା ଆଗେ ଯାହାକୁ ଜଣେ ଚେଲା ଭିତରକୁ କଢ଼େଇ ନେଲେ, ସେ ହେଉଛନ୍ତି ଚୌଧୁରୀ ହରିଶ୍ଚନ୍ଦ୍ର ମହାନ୍ତି । ତାଙ୍କ ବୟସ ପାଖାପାଖି ପଚାଶ । ରକ୍ତଚାପ, ମଧୁମେହ ଓ ହୃଦ୍‌ରୋଗରେ ପୀଡ଼ିତ । ତାଙ୍କର ବାପାଙ୍କ ଜେଜେଙ୍କ କକେଇପୁଅ ଭାଇର ଜାଗିର୍ ଥିଲା, ସେଇ ସୂତ୍ରରେ ଚାରି ପୁରୁଷ ପରେ ବି ସେ ଅଗାଧ ଜମି ବାଡ଼ିର ମାଲିକ । ଧୀରେ ଆସି ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ପାଖରେ ପଡ଼ିଥିବା ଆସନରେ ବସିଲେ ।

କିଛିକ୍ଷଣ ନୀରବରେ ବିତିଗଲା । ନୀରବତା ଭଙ୍ଗ କରି ନରମ ଗମ୍ଭୀର କଣ୍ଠରେ ବାବା ପଚାରିଲେ, "ମନକଥା ଖୋଲି କହିବାରେ ବିଳମ୍ବ କାହିଁକି ?"

"ବାବା, ମୁଁ ଆଜିକୁ ପ୍ରାୟ ପାଞ୍ଚବର୍ଷ ଧରି ଉଚ୍ଚ ରକ୍ତଚାପ, ମଧୁମେହ ଆଦି ଭୋଗୁଛି । ଗତ ବର୍ଷ ଷ୍ଟ୍ରୋକ୍ ହେଇଥିଲା । ମରୁ ମରୁ ବଞ୍ଚିଲି ।"

ବାବାଙ୍କ ଆଖି ସ୍ଥିର, ମହାନ୍ତି ବାବୁଙ୍କ କଥାକୁ ମନ ଦେଇ ଶୁଣୁଥାନ୍ତି ।

"ମୋର ଗୋଟେ ବୋଲି ପୁଅ ଶ୍ରୀକାନ୍ତ, ଦୁଃସଙ୍ଗରେ ପଡ଼ି ଚାରିପାଞ୍ଚିରୁ ଗଲାଣି ।"

"ଯାହା ପ୍ରଭୁଙ୍କର ଇଚ୍ଛା । ଏସବୁ ପୂର୍ବଜନ୍ମର କର୍ମଫଳ ।" ବାବା ଉଦାର କଣ୍ଠରେ କହିଲେ ।

"ବହୁତ ଅଶାନ୍ତିରେ ମୋ ଜୀବନଟା ଗଲା । ମରିବା ପରେ ଯଦି ଟିକେ ଶାନ୍ତିରେ ରହିପାରନ୍ତି ହେଲେ ?"

"ଅବଶ୍ୟ । କିନ୍ତୁ ଦାନ ଧର୍ମ ବିନା ତା କଣ ସମ୍ଭବ ? ଆପଣତ ଜାଣିବା ଲୋକ, ଆମର ଶାସ୍ତ୍ରରେ କୁହାଯାଇଛି– ଗ୍ରହେ ଦେୟାନି ଦାନାନି ଗ୍ରହେ ଦେୟାଚ ଦକ୍ଷିଣା । ଗ୍ରହବିପ୍ରାୟ ଦାତବ୍ୟଂ ତାନ୍ୟଥା ନିଷ୍ଫଳଂ ଭବେତ୍ ।

ଅର୍ଥାତ୍, ଗ୍ରହମାନଙ୍କ ପିତ୍ୟର୍ଥେ ଦେୟ ଦାନଦ୍ରବ୍ୟ ଓ ଦକ୍ଷିଣା ଗ୍ରହବିପ୍ର ଯଜ୍ଞାଧୀଶମାନଙ୍କୁ ଦେବା ଉଚିତ । ତା'ନହେଲେ ତାହା ନିଷ୍ଫଳ ହେବ ।"

"ମୁଁ ଭାବୁଥିଲି ଯଦି ନଈକୂଳିଆ ଯୋଉ ଚାରିମାଣ ଜମି ଅଛି... ।"

"ହଁ, ହଁ, ଏଥିରେ କୌଣସି ଅସୁବିଧା ହେବ ନାହିଁ । ଯଜ୍ଞ ସନ୍ଧ୍ୟାରେ ମୁଁ ଯେଉଁ ବିଶେଷ ପୂଜାର୍ଚ୍ଚନା କରିବି, ତାର ପୁଣ୍ୟଫଳରେ ତୁମେ ସେ ସମ୍ପତ୍ତି ଦେବଲୋକରେ ଭୋଗ କରିପାରିବ ।"

ତାଙ୍କ ପାଟିରୁ 'ବାବାଆଆ' ବାହାରିଲା ଓ ସେ ବାବାଙ୍କ ଗୋଡ଼ ତଳେ ଲମ୍ବ ହେଇ ପଡ଼ିଗଲେ । "ମୋ ପୁରୁଣା ମାରୁତିଟା ଯଦି ନେଇ ପାରନ୍ତି... ?"

"ନବାରେ କିଛି ଅସୁବିଧା ନାହିଁ ଯେ, ହେଲେ..." ବାବା ଟିକେ ଚିନ୍ତା କଲେ ।

"ହେଲେ କଣ ବାବା ?"

"ସେଠି ଖରାପ ହେଲେ ଭାରି ଅଡୁଆ; ସ୍ପେଆର୍ ପାର୍ଟ୍ ମିଳିବା କଷ୍ଟ ।"

"ଆଜ୍ଞା ।" ମହାନ୍ତି ବାବୁ ମୁହଁ ଶୁଖେଇଲେ, "ହଉ, ଛାଡ଼ । କୁଳାଙ୍ଗାରଟା ଚଢୁ ।"

"ଯାହା ମୋ ଶିଷ୍ୟମାନେ କହିବେ ସେ ଅନୁସାରେ ଦାନଦକ୍ଷିଣା ଦେଇ ନିର୍ଜଳା ଉପବାସ ରଖିବେ ।" ଏହା କହି ବାବା ତାଙ୍କୁ ପ୍ରସ୍ଥାନ କରିବାର ଅନୁମତି ଦେଲେ ।

ବାବାଙ୍କ ଚେଲାମାନେ ସାକ୍ଷାତକାର ସମୟ ସମସ୍ତଙ୍କ ପାଇଁ ଅଲଗା କରିଥିଲେ, ଯେମିତି କେହି କାହାର ମୁହାଁମୁହିଁ ହେବେ ନାହିଁ ।

ଉଷା ମଞ୍ଜରୀ ଦେବୀଙ୍କର ତିନିପୁଅ, ଉଚ୍ଚ ପଦସ୍ଥ । ସ୍ୱାମୀ ଥିଲାବାଲା କାଠ ବ୍ୟବସାୟୀ, ଏବେ ବୟସାଧିକ୍ୟରୁ ବେପାର କାମ ବୁଝିବାକୁ ଲୋକ ରଖିଛନ୍ତି । ତିନିପୁଅ ବିଭା ଅନ୍ତେ ସ୍ୱାମୀସ୍ତ୍ରୀ ଦୁହେଁ ବରଷରେ ଛଅମାସ ବାହାରେ ପୁଅବୋହୂ ରହୁଥିବା ସ୍ଥାନରେ କଟାନ୍ତି । ଉଷାଦେବୀ ଅଷ୍ଟଅଳଙ୍କାର ଭୂଷିତା । ହଳଦୀ ପଶାପାଳୀ ଶାଢ଼ିଟିଏ ପିନ୍ଧିଥାନ୍ତି, ସଲଜ୍ଜ ଓଢ଼ଣା ମୁଣ୍ଡରେ ଟାଣିଥାନ୍ତି । ବାବାଙ୍କୁ ପ୍ରଣାମ କରି ଯଥା ସ୍ଥାନରେ ବସିଲେ ।

"ମୋ ପୁଅ ସବୁ ଗୋଟେ ଗୋଟେ ସୁନା ମୁଣ୍ଡା । ଶିକ୍ଷାଦୀକ୍ଷା କୋଉଥିରେ ଊଣା ନୁହେଁ । ମାଆକୁ ନପଚାରି କିଛି କରିବେନି ।"

"ଭାଗ୍ୟବତୀ ତୁମେ ମାଆ ।"

"ନା, ହୀନକପାଳୀ ମୁଁ । ଏ ତିନିଟା ଯାକ ବୋହୂ କେହି କାହାକୁ କମ୍ ନୁହନ୍ତି । କି ମନ୍ତ୍ର ମୋ ପୁଅଙ୍କ

**"ଭାବିଥିଲି ଯିଏ ମୋ କଥା ବୁଝିବ, ମୋର ସେବା ଯତ୍ନ କରିବ, ତାକୁ ମୋ ସୁନା ଗହଣା ସବୁ ଦେବି । କିନ୍ତୁ, ବୋହୂମାନଙ୍କଠୁ ମୋ ମନ ଛାଡ଼ିଯାଇଛି । ମୁଁ ଯେତେବେଳେ ଶୁଣିଲି ଆପଣଙ୍କ ଅସାଧ୍ୟସାଧନ ଶକ୍ତି କଥା, ସାଙ୍ଗେ ସାଙ୍ଗେ ଠିକ୍ କଲି, ନାଁ ଏମାନଙ୍କ ପାଇଁ ଯାହା କରିଛି, ବହୁତ କରିଛି, ସୁନା ଗହଣା ଦୂରେ ଥାଉ, ଦେହର ମଳି ଟିକେ ବି ଦେବିନି ।''**

କାନରେ ଫୁଙ୍କିଲେ, ସେମାନେ ଆଉ ମୋତେ ପଚାରୁ ନାହାନ୍ତି ।"

"ସବୁ ମାୟା ମାଆ, ସବୁ ମାୟା ।"

"ଭାବିଥିଲି ଯିଏ ମୋ କଥା ବୁଝିବ, ମୋର ସେବା ଯତ୍ନ କରିବ, ତାକୁ ମୋ ସୁନାଗହଣା ସବୁ ଦେବି । କିନ୍ତୁ, ବୋହୂମାନଙ୍କ ଠୁ ମୋ ମନ ଛାଡ଼ି ଯାଇଛି । ମୁଁ ଯେତେବେଳେ ଶୁଣିଲି ଆପଣଙ୍କ ଅସାଧ୍ୟସାଧନ ଶକ୍ତି କଥା, ସାଙ୍ଗେ ସାଙ୍ଗେ ଠିକ୍ କଲି, ନା ଏମାନଙ୍କ ପାଇଁ ଯାହା କରିଛି, ବହୁତ କରିଛି, ସୁନାଗହଣା ଦୂରେ ଥାଉ, ଦେହର ମଳି ଟିକେ ବି ଦେବିନି ।"

"ଅତି ଉତ୍ତମ ଚିନ୍ତା, ମାଆ ।" ବାବା ତାଙ୍କ କଥାକୁ ସମର୍ଥନ କଲେ ।

ପ୍ରାୟ ତିରିଶ ଭରି ସୁନାଗହଣାକୁ ସେ କେମିତି ସ୍ୱର୍ଗକୁ ନେବେ, ସେଥିପାଇଁ ତାଙ୍କୁ କଣ ଦାନଧର୍ମ କରିବାକୁ ପଡ଼ିବ,ଏକଥା ପୁଙ୍ଖାନୁପୁଙ୍ଖ ବିଚାର କରି ଉଷାଦେବୀ ପ୍ରତିଶୋଧ ନେଇ ପାରିବାର ଏକ ଉଗ୍ର ଉଲ୍ଲାସ ଧରି ଘରକୁ ଫେରିଲେ ।

ରମେଶ ଚନ୍ଦ୍ର ମହାପାତ୍ର, ସାମ୍ବାଦିକ । ଅନେକ ଗୁଡ଼ିଏ ଖବରକାଗଜକୁ ଆଞ୍ଚଳିକ ଖବର ଦେବା ତାଙ୍କର ବୃତ୍ତି । ତା ବାଦ୍, ବିଭିନ୍ନ ପତ୍ରପତ୍ରିକାକୁ ଗପ କବିତା ମଧ୍ୟ ପଠାନ୍ତି । ବଖୁରିଆ ଘରେ ଓଡ଼ିଆ ତଥା ଇଂରାଜୀର ବହି ଦୁଇତିନି ଆଲମିରାରେ ଖୁନ୍ଦା ହେଇ ରହିଛି । ସେ ଯେଉଁଦିନରୁ ଲେଖାଲେଖି କରୁଛନ୍ତି, ସେବେ ଠୁ ତାଙ୍କର ଯେତେ ଲେଖା ବାହାରିଛି, ସେହି ଅଂଶକୁ କାଟି ରଖିବା ହେଉଛି ତାଙ୍କର ଅଭ୍ୟାସ । ଏମିତି ଚିରକୁଟ୍ କାଗଜ ଟୁକୁରା ଫାଇଲ୍ ଚାରି ଛଅ ଗଦା । ସ୍ତ୍ରୀପିଲା ଦୂରରେ ରୁହନ୍ତି, କେବେ ଥରେ ଅଧେ ବୁଲି ଆସିଲେ ସେ ତାଗିଦ୍ କରିଥାନ୍ତି, ଯେମିତି ତାଙ୍କ କାଗଜପତ୍ରରେ କାହାର ହାତ ନ ବାଜେ ।

ବାବାଙ୍କୁ ସବିନୟ ନମସ୍କାର ଜଣାଇ ସେ ଠିଆ ହେଇ ରହିଲେ । ବାବା ତାଙ୍କୁ ଆସନ ଗ୍ରହଣ କରିବାକୁ ଅନୁରୋଧ କଲାରୁ ସେ ବିନମ୍ର ଭାବେ କହିଲେ– "ମୁଁ ଆଜି ଟିକେ ତରବରିଆରେ ଅଛି, ଗୋଟେ ନିଉଜ୍ ଅଧଘଣ୍ଟେ ଭିତରେ ଲେଖିକି ନପଠେଇଲେ କାଲି ବାହାରି ପାରିବ ନାହିଁ । ମୋର ଖାଲି ଗୋଟେ ଚିନ୍ତା, ଯଦି ମୋ କାଗଜପତ୍ର, ମୋ ଦୁର୍ମୂଲ୍ୟ ବହି ମୁଁ ସାଙ୍ଗରେ ନେଇ ଏ ଇହଧାମ ତ୍ୟାଗ କରନ୍ତି... ?"

"ବାବୁ, ଏ ଅତି ମହତ କାମନା ।"

ରମେଶ ବାବୁ ଆଶ୍ୱସ୍ତିର ଗୋଟେ ଲମ୍ବା ନିଶ୍ୱାସ ମାରିଲେ । "ବାବା, ମୁଁ ଆପଣଙ୍କର ଯଜ୍ଞ କଥା ଖବରକାଗଜକୁ ଲେଖିକି ଦେବି କି ?"

"ନା ବାବୁ, ପ୍ରଚାରରେ ମୁଁ ବିଶ୍ୱାସ କରେ ନାହିଁ । ତୁମେ ହୁଏତ ପରତେ ଯିବନି, କିନ୍ତୁ ବହୁ ବଡ଼ ବଡ଼ ଆନ୍ତର୍ଜାତୀୟ ଖବର ସଂସ୍ଥାର ମାଲିକ ମୋର ଅନୁଗତ । ସେମାନେ ମୋତେ ପ୍ରଚାର କଥା କୁହନ୍ତି, କିନ୍ତୁ ମୁଁ ସେସବୁ ଠୁ ନିଜକୁ ଦୂରରେ ରଖି ଆସିଛି । ନିଜର ପ୍ରଚାର ମୋର ଲକ୍ଷ୍ୟ ନୁହେଁ, ମୋର ଲକ୍ଷ୍ୟ ଈଶ୍ୱର ସେବା ଓ ଜନସେବା ।"

ରମେଶ ବାବୁ ତରବରିଆ ନମସ୍କାରଟେ ପକେଇ ବାହାରିଗଲେ ।

କିଛି ସମୟ ପରେ ଜଣେ ସୌମ୍ୟଦର୍ଶୀ ଯୁବକ, ବୟସ ଚାଳିଶ୍ ପାଖାପାଖି ହେବ, ବାବାଙ୍କ କୋଠରୀକୁ ପ୍ରବେଶ କଲେ । ରାଜୀବ ଦାସ, କୋଉ ଗୋଟେ ପ୍ରଯୁକ୍ତି ବିଦ୍ୟା କମ୍ପାନୀରେ ଚାକିରି କରେ । ବେଶପୋଷାକ ସଦାବେଳେ ପିନ୍, ପିନ୍ ଦାମୀ ଅତରର ସ୍ନିଗ୍ଧ ବାସ୍ନା ପାଖରେ ବାରିହୁଏ ।

ବାବାଙ୍କ ପାଦ ଛୁଇଁ ଆଣ୍ଠେଇ ବସି କହିଲେ, "ବାବା, ମୋର ଧନସମ୍ପତ୍ତି ଟଙ୍କାସୁନା କିଛିରେ ଲୋଭ ନାହିଁ । ମୋର ଏସବୁ କିଛି ଲୋଡ଼ା ନାହିଁ ।"

"ଏହା ଖୁବ୍ ଭଲ କଥା ।" ବାବା ଗମ୍ଭୀର ହୋଇ କହିଲେ ।

"ମୁଁ ଗୋଟେ କଥା ଭାବୁଥିଲି, ଆପଣ କାଳେ କ୍ରୋଧିତ ହେବେ..."

"କ୍ରୋଧ ମୋ ବଶୀଭୂତ, ଭୟ ନକରି କୁହ ।"

"ମୁଁ ଭାବୁଥିଲି ଯଦି କେଇ ବୋତଲ ଜାପାନୀ ତେଲ ନେଇ ପାରନ୍ତି..."

"ଅବଶ୍ୟ !" କରୁଣାମୟ ବାବା କହିଲେ ।

"ଆଉ କିଛି ଅଶ୍ୱଗନ୍ଧା ବଟିକା... ?"

"ହଉ ତେବେ, ତୁମର ଯଦି ସେଥିରେ ମନ ।"

ରାଜୀବ ବାବୁ କୃତକୃତ୍ୟ ହେଇ ବାହାରିଗଲେ ।

ଶ୍ୟାମବନ୍ଧୁ ମିଶ୍ର, ଗୀତ ଗାଇବା ତାଙ୍କର ନିଶା ଓ ପେସା, ତାଙ୍କୁ ଦିଆ ଯାଇଥିବା ସମୟର ବହୁ ଆଗରୁ ଆସି ହାଜର ହେବା ଫଳରେ ରାଜୀବ ଦାସର ମୁହାଁମୁହିଁ ହେଇଗଲେ । ଦିହେଁ ଦିହିଁଙ୍କୁ ଦେଖି ଟିକେ ଅପ୍ରସ୍ତୁତ ହେଇ କିଛି ନକହି ନିଜ ବାଟରେ ଗଲେ । ଶ୍ୟାମବନ୍ଧୁ ବାବୁଙ୍କୁ ସମସ୍ତେ ଶ୍ୟାମ ଭାଇ ଡାକନ୍ତି । ସେ ସଂଗୀତ, ମୃଦଙ୍ଗ ଛଡ଼ା ଆଉ କିଛି ବୁଝନ୍ତି ବୋଲି ମନେ ହୁଏନି । ଶ୍ରାବଣ ରାତି ହେଉ ବା ବସନ୍ତର ମଧ୍ୟାହ୍ନ, ତାଙ୍କ ସୁର ଅବିରତ ମୃଦଙ୍ଗର ତାଳେ ତାଳେ ଚାଲିଥାଏ । ବୟସ ସତୁରୀ ଛୁଇଁବ, କିନ୍ତୁ ଦେଖିଲେ ମନେ ହୁଏନି । ସଂଗୀତ ହିଁ ତାଙ୍କର ସାଥୀ, ସଂଗୀତ ହିଁ ପ୍ରେୟସୀ । ସକାଳେ ସନ୍ଧ୍ୟାରେ ଲୋକେ ଦେଖନ୍ତି, ସେ ତାଙ୍କ ହାର୍ମୋନିୟମ୍ ଆଉ ମୃଦଙ୍ଗଙ୍କୁ ଏମିତି ଆଉଁସୁଥିବେ ସତେକି ସେ ଦୁଇଟି ବସ୍ତୁ ନୁହେଁ, ବରଂ ଯୋଡ଼ିଏ ଗୁଲୁଗୁଲିଆ କଅଁଳା ଛୁଆ ।

କୋଠରୀରେ ପଶୁ ପଶୁ ସେ କହି ଉଠିଲେ– "ସେ ଦୁହିଁଙ୍କୁ ମୁଁ କାହା ପାଖରେ ଛାଡ଼ି ମରିବି, ବାବା ? ମୁଁ ଶାନ୍ତିରେ ମରି ପାରିବିନି ।"

"ମୁଁ ତ ଛାଡ଼ିଯିବା କଥା କହୁନାହିଁ ।"

"ସେଥିପାଇଁ ତ ଆପଣଙ୍କ ପାଖକୁ ଦଉଡ଼ି ଆସିଛି, ମୃଦଙ୍ଗ ଓ ହାର୍ମୋନିଅମ୍ ମୁହୂର୍ତ୍ତେ ଛାଡ଼ି ପାରିବି ନାହିଁ । ନା ।" କହୁ କହୁ ସେ କାନ୍ଦି ପକେଇଲେ ।

"ଶାନ୍ତ ହୁଅ । ତୁମ ମୃଦଙ୍ଗ ଓ ହାର୍ମୋନିୟମ୍ ସ୍ୱର୍ଗରେ ତୁମ ପାଖରେ ସ୍ଥାନ ପାଇବେ ।"

"ଆପଣ ଭରସା ଆଜ୍ଞା ।" ଏକଥା କହି ସେ ପ୍ରସ୍ଥାନ ଗ୍ରହଣ କଲେ ।

ସକାଳ ବେଳାଟି ଏ ପ୍ରକାରେ କଟିଗଲା । ବାବା ଚେଲାଚେଲୀଙ୍କୁ ଡାକି କିଏ କଣ ଦାନ କରିବ, ଦାନର ସମୟ, ଯଜ୍ଞ ବ୍ୟବସ୍ଥା ଆଦି କଥା ଆଲୋଚନା କଲେ । ଆଲୋଚନା ହୁଏତ ଆହୁରି ଚାଲିଥାନ୍ତା, କିନ୍ତୁ ଧୀରେନ୍ଦ୍ର ନାୟକ ବାହାରୁ ଡାକ ଛାଡ଼ିଲେ । ଭଦ୍ରବ୍ୟକ୍ତିଙ୍କର ବିଶେଷ ରୁଚି ରହିଛି । ଯୁଆଡୁ ଯେତେ ଡାକଟିକଟ, ଦିଆସିଲି ଖୋଳ, ସିଗାରେଟ୍ ଖୋଳ ପାଇବେ, ଆଣି ସାଇତି ରଖିବେ । ଯିଏ ଯାହା ଫୋପାଡ଼ି ଦେବ, ତାକୁ ଆଣି ଘରେ ଆଣ୍ଟିକ୍ ପିସ୍ ଭଳି ସଜେଇବେ । ବାବାଙ୍କୁ ନମସ୍କାରଟେ ପକେଇ ସେ କହିଲେ, "ମୋ ଅନ୍ତେ ମୋ ଜିନିଷକୁ କିଏ ଯତ୍ନ କରିବ ? ଏଥିପାଇଁ ତ ଘରଲୋକେ ଅଶାନ୍ତି, ସବୁବେଳେ ମୋ ଉପର ଗରଗର । କଣ କିଛି କରି ଯଦି ମୁଁ ଏସବୁ ମୋ ସାଙ୍ଗରେ ନେଇ ଯାଇ ପାରନ୍ତି, ଆପଣ ଯଦି ଏଇ ଟିକକ ଉପକାର କରନ୍ତେ ।"

ବାବା କହିଲେ, "ଏହା ମୋର ପରମ କର୍ତ୍ତବ୍ୟ । ଆପଣଙ୍କ ଜିନିଷ ସୁରକ୍ଷିତ ଭାବେ ଆପଣ ପାଇବେ ।"

ସନ୍ଧ୍ୟାବେଳେ ଦିନବନ୍ଧୁ ପୂଜାପଣ୍ଡା ବାବାଙ୍କ ପାଖରେ ପହଞ୍ଚିଲା ବେଳକୁ ଆରତୀ ସମୟ । ବାବା ଧ୍ୟାନରେ ବସି ଶ୍ଲୋକ ପରେ ଶ୍ଲୋକ ଆବୃତ୍ତି କରିବାରେ ଲାଗିଲେ ।

"ମୁଖେ ଚିହ୍ନଂ କରେ ବେଦାଃ ପାଦ ଯୁଗ୍ମେ ଦ୍ୱୟମ୍/କ୍ରୋଡ଼େ ବାଣ ସ୍ତଥାବେଦାଃ କରେ ସବ୍ୟେଚରେପି ଚ । / ଦ୍ୱୟଂ ଦ୍ୱୟଂ ତଥା ନେତ୍ରେ ମସ୍ତକେ ତ୍ରିତୟଂ ତଥା । / ଦ୍ୱୟଂ ଚୈବ ତଥା ନେତ୍ରେ ମସ୍ତକେ ତ୍ରିତୟମ୍ ତଥା । / ଫଳଂ ମୁଖେ ଦୁଃଖଂ କରେ ଲାଭଂ ପାଦୋଦ୍ୱୟଂ ଭ୍ରମଣଂ / ହୃଦି କାନ୍ତା ସ୍ୟାଦବନ୍ଧନଂ ବାମେ କିଞ୍ଚିତ ଲାଭଶ୍ଚଦକ୍ଷିଣେ । / ସମ୍ମାନଂ ନେତ୍ରୟୋଶ୍ଚୈଇବ ଅପମାନଶ୍ଚ ମସ୍ତକେ / ଗୁହ୍ୟେଚୈବଂ ଭବେନମୃତ୍ୟୁ ଷଡ଼ଶୀତିଫଳଂ ଶୃତ ।"

ପୂଜାପଣ୍ଡା ବାବୁ ଦିନେକାଳେ ମନ୍ଦିର ଦୁଆର ମାଡ଼ନ୍ତିନି । ଦେଶୀ କୁକୁଡ଼ା ମାଂସ ନହେଲେ ତାଙ୍କ ତଣ୍ଟିରେ ଭାତ ଗଳେନି ।

ଆରତୀ ପରେ ବାବାଙ୍କୁ ଜୁହାର ହେଇ କହିଲେ– "କୁକୁଡ଼ା ବିନା ମୁଁ ଦଣ୍ଡେ ଚଳି ପାରିବିନି । ଡଜନେ ମାଇ ଅଣ୍ଡିରା ମିଶେଇ ନେଇପାରିଲେ ମୋର ଆଉ କିଛି ପରବାୟ ନାହିଁ ।"

"କିନ୍ତୁ ତୁମକୁ ଯଜ୍ଞର ଆଗଦିନରୁ ଆମିଷ ଖାଦ୍ୟ ବର୍ଜନ କରିବାକୁ ପଡ଼ିବ । ଯଜ୍ଞଦିନ ସଂପୂର୍ଣ୍ଣ ପାକତ୍ୟାଗ ।"

"ଦୁଇଦିନ ବିନା କୁକୁଡ଼ାରେ ମୁଁ ଡହଳ ବିକଳ ହେବି ।"

"କିଛି ପାଇବାକୁ ହେଲେ କିଛି ତ୍ୟାଗ କରିବାକୁ ପଡ଼ିଥାଏ, ତୁମର ଇଚ୍ଛା ।"

"ବାବା ଯାହା ଆଦେଶ ଦେବେ, ମୁଁ ସେମିତି କରିବି । କାଲିଠୁ ଯଜ୍ଞ ଶେଷ ହେବାଯାଏଁ ମୁଁ କୁକୁଡ଼ା କଥା ମନରେ ସୁଦ୍ଧା ଆଣିବି ନାହିଁ ।"

'ସାଧୁ ସାଧୁ' କହି ବାବା ଯିବାକୁ ଅନୁମତି ଦେଲେ ।

ନବେ ବର୍ଷୀୟ ବୃଦ୍ଧା, ମନୋରମା ଦେବୀ । ବଙ୍କୁଲି ବାଡ଼ି ଠକର ଠକର କରି ସେ ବାବାଙ୍କ ପାଖରେ ପହଞ୍ଚିଲେ । ପୂଜାପାଠରେ କେତେବେଳେ ସକାଳ ହୁଏ, କେତେବେଳେ ସନ୍ଧ୍ୟା, ସେ ନିଜେ ଜାଣନ୍ତିନି । ଧଳା ସଫା ଜରିଦିଆ ଶାଢ଼ି ପରିହିତା, ଶୁଭ୍ରକେଶୀ । ପାକୁଆ ପାଟି ପାନ ରସରେ ଲାଲ୍ । ଗାଁରେ ସବୁ ପୂଜା ପର୍ବପର୍ବାଣିରେ ଉପାସ, ହାତଯୋଡ଼ି ପଡ଼ିଥିବେ । ସ୍ୱାମୀ, ପିଲେ ସଂସାର ଛାଡ଼ିବା ପରେ ତାଙ୍କର ଆଉ କୋଉଥିରେ ମୋହ ?

**ନବେ ବର୍ଷୀୟ ବୃଦ୍ଧା, ମନୋରମା ଦେବୀ । ବଙ୍କୁଲି ବାଡ଼ି ଠକର ଠକର କରି ସେ ବାବାଙ୍କ ପାଖରେ ପହଞ୍ଚିଲେ । ପୂଜାପାଠରେ କେତେବେଳେ ସକାଳ ହୁଏ, କେତେବେଳେ ସନ୍ଧ୍ୟା, ସେ ନିଜେ ଜାଣନ୍ତିନି । ଧଳା ସଫା ଜରିଦିଆ ଶାଢ଼ି ପରିହିତା, ଶୁଭ୍ରକେଶୀ । ପାକୁଆ ପାଟି ପାନ ରସରେ ଲାଲ । ଗାଁରେ ସବୁ ପୂଜା ପର୍ବପର୍ବାଣିରେ ଉପାସ, ହାତଯୋଡ଼ି ପଡ଼ିଥିବେ । ସ୍ୱାମୀ, ପିଲେ ସଂସାର ଛାଡ଼ିବା ପରେ ତାଙ୍କର ଆଉ କୋଉଥିରେ ମୋହ ?**

"ମୋର ଯୋଉ ପିତଳ ଖିଳିକାଡିଟା ଅଛି, ମୋ ବାପା ବାହାଘର ବେଳେ ଖାସ୍ ମୋ ପାଇଁ ତିଆରି କରେଇଥିଲେ; ସେଇଟି ମୋର ଭାରି ପ୍ରିୟ ।"

"ଏ ତ ସାମାନ୍ୟ କଥା । ଆପଣ ଚିନ୍ତାମୁକ୍ତ ରୁହନ୍ତୁ ।" ବାବା ଏକଥା କହି ନିଜର ଦୁଇ ହାତ ଯୋଡ଼ିଲେ ।

ଭୀମା ସାହୁ ବାବାଙ୍କ ପାଖରେ ପହଞ୍ଚିଲା ବେଳକୁ ରାତି ନଅଟା ପାଖାପାଖି । ଦୋକାନ ଛାଡ଼ି ଆସି ପାରିବନି ବୋଲି ସେ ନିଜେ ଏଇ ସମୟଟି ତାଙ୍କ ପାଇଁ ଉପଯୁକ୍ତ ବୋଲି ଚେଲାଙ୍କୁ କହି ଠିକ୍ କରିଥିଲେ । ବାବାଙ୍କୁ ଦଣ୍ଡବତ ହେଇ ଆସନରେ ବସିଲେ । ବାବାଙ୍କର ବିଶ୍ରାମ ସମୟ ଉପନୀତ ହେଇଛି ବୋଲି ଶିଷ୍ୟା ଆସି କହିଗଲେ ।

ଭୀମା ସାହୁ ଅପେକ୍ଷା ନକରି କହିଲା– "ବହୁ କଷ୍ଟରେ ମୁଁ କିଛି ବ୍ୟାଙ୍କ୍ ବାଲାନ୍ସ କରିପାରିଛି ।"

ବାବା ଧୈର୍ଯ୍ୟର ସହ ଶୁଣିଲେ ।

"ମୋ ପୁଅ ନରିଆଟା ନେଇ ଆଣି ଥୋଇବା ପିଲା ନୁହଁ । କଞ୍ଚା ଟଙ୍କା ହାତରେ ପଡ଼ିଲେ ହଡ଼ବଡ଼େଇ ଯିବ ।"

"ସମସ୍ତେ କଣ ସବୁ କଥାକୁ ପାରନ୍ତି ? ସବୁ ଲୀଳାମୟଙ୍କର ଇଚ୍ଛା ।"

"ନଗଦ ଟଙ୍କା ଆଉ ବ୍ୟାଙ୍କ୍ ବାଲାନ୍ସ ଯଦି ନେଇ ପାରନ୍ତି, ମୋର ଆଉ କିଛି ଚିନ୍ତା ନାହିଁ ।"

"କିନ୍ତୁ ସେଥିପାଇଁ ଉଚିତ ପରିମାଣର ଦାନଧର୍ମ କରିବାକୁ ପଡ଼ିବ । ବାବା ଶ୍ଳୋକ ଆବୃତ୍ତି କଲେ- "ଶର୍କରା ରଜନୀ ତୁରଙ୍ଗମଂ ଚ ପୀତଧାନ୍ୟମପି ପୀତାମ୍ବରମ୍ । ପଦ୍ମରାଗଂ ଲବଣଂ ଚ ପ୍ରିତୟେ ସୁରଗୁରୋ ପ୍ରଦୀୟତାମ୍ ।"

ଗୁଡ଼, ହଳଦୀଗୁଣ୍ଡ, ଅଶ୍ୱ ବା ତା ସମାନ ଅର୍ଥ, ହଳଦିଆ ବସ୍ତ୍ର, ଗୋବିନ୍ଦଭୋଗ ଧାନ, ପଦ୍ମରାଗ ମଣି, ଲୁଣ ଆଦି ବିପ୍ରଙ୍କୁ ଦକ୍ଷିଣା ସହ ଦାନ କରିବେ । ଏତଦ୍‌ବ୍ୟତୀତ ବ୍ରହ୍ମଯଷ୍ଟି ମୂଳକୁ ବ୍ରାହ୍ମଣଙ୍କ ଦ୍ୱାରା ନିଜ ନାମ, ଗୋତ୍ରରେ ଅଭିମନ୍ତ୍ରିତ କରାଇ ଶହେ ଆଠ ଆହୁରି ପ୍ରଦାନ ପୂର୍ବକ ହୋମ କରାଇ ପୁରୁଷମାନେ ଦକ୍ଷିଣବାହୁରେ ଧାରଣ କଲେ ମନୋବାଞ୍ଛା ପୂରଣ ହେଇଥାଏ ।

ବାବାଙ୍କ ପାଖରୁ ଫେରି ଭୀମା ସାହୁ ଘରେ ପହଞ୍ଚିଲା ବେଳକୁ ରାତି ଦଶଟା ପାଖେଇବ । ପୁଅବୋହୂ ନଖାଇ ଅପେକ୍ଷା କରିଥିଲେ । "ପରିବାରର ସୁଖଶାନ୍ତି ହିଁ ମୋର କାମନା । ମୋର ଆଉ କେତେଦିନ ? ତୁମେମାନେ ଖୁସିରେ ରହିଲେ ମୁଁ ଶାନ୍ତିରେ ଆଖି ବୁଜିବି ।" ଭାତ ଗୁଣ୍ଡାଏ ପାଟିକୁ ନେଉ ନେଉ ଭୀମା ସାହୁ କହିଲା ।

ଶ୍ୱଶୁରଙ୍କର ଏମିତି କଅଁଳ କଥା ଶୁଣି ବୋହୂ ଟିକେ ଆଶ୍ଚର୍ଯ୍ୟ ହେଲା । ଏସବୁ ବୋଧେ ସେଇ ଚମତ୍କାରୀ ବାବାଙ୍କର ପ୍ରଭାବ । ତା ପୁଅର ଦେହଟା ସଦାବେଳେ ଖରାପ । ସେ ଯଜ୍ଞଦିନ ମାନସିକ କରିବ ।

ଚିତାଲାଗି ଅମାବାସ୍ୟା । ସୂର୍ଯ୍ୟୋଦୟ ଆଗରୁ ଶଂଖଧ୍ୱନି, ଝାଞ୍ଜ, ମୃଦଙ୍ଗରେ ଯଜ୍ଞସ୍ଥାନ ପ୍ରକମ୍ପିତ ହେଲା । ଗାଁଲୋକେ ଦଳଦଳ ହେଇ ଆଗେଇଲେ । ସୁଷମା ପଡ଼ୋଶୀ ରାଧା ମାଉସୀ ଓ ଅନ୍ୟ ଗାଁ ସ୍ତ୍ରୀଲୋକଙ୍କ ମେଳରେ ଫୁଲଫଳ ଡାଲା ଧରି ପହଞ୍ଚିଲା । ପବିତ୍ର ମନୋଜ୍ଞ ପରିବେଶ । ଯଜ୍ଞ କୁଣ୍ଡ ପାଖରେ ବସି ବାବା ଅଗ୍ନିପୂଜା ଆରମ୍ଭ କଲେ ।

"ଓଁ ଭୂର୍ଭୁବ ସ୍ୱଃ ତସ୍ୟ ବିତୁର୍ବରେଣ୍ୟ ଭର୍ଗୋଦେବସ୍ୟ ଧୀମହି ? ଧିୟୋ ୟୋ ନଃ ପ୍ରଚୋଦୟାତ୍ ।"

ଭକ୍ତଗଣଙ୍କ ପାଇଁ ବାବା ବ୍ୟାଖ୍ୟା କଲେ- ସେହି ପ୍ରାଣସ୍ୱରୂପ, ଦୁଃଖ ନାଶକ, ସୁଖ ସ୍ୱରୂପ, ଶ୍ରେଷ୍ଠ, ତେଜସ୍ୱୀ, ପାପନାଶକ, ଦେବସ୍ୱରୂପ, ପରମାତ୍ମାଙ୍କୁ ଆମେ ଅନ୍ତରାତ୍ମାରେ ଧାରଣ କରିବା, ସେହି ପରମାତ୍ମା ଆମର ବୁଦ୍ଧିକୁ ସତ୍ ମାର୍ଗରେ ପ୍ରେରିତ କରିବ ।

ଶଂଖ ହୁଳହୁଳି ଦେଇ ଉପସ୍ଥିତ ଭକ୍ତ ମଣ୍ଡଳୀ ଗଦ ଗଦ ହେଇ ପଡ଼ିଲେ ।

ବାବା ଅଗ୍ନିକୁ କାଠ ଖଣ୍ଡିଏ ପକେଇ ଘିଅ ଢାଳିଲେ ।

ଓଁ ହିଙ୍ଗ୍ କ୍ଳିଙ୍ଗ୍ ସ୍ଳିଙ୍ଗ୍ ଅଗ୍ନ୍ୟାୟ ନମଃ ।

ଓଁ ଡିଙ୍ଗ୍ ଡିଙ୍ଗ୍ ବିଙ୍ଗ୍ ଆକାଶାୟ ନମଃ ।

କେହି ଖବର ଦେଇଥିବା ହେତୁ ବା ନିଜସ୍ୱ ସୂତ୍ରରୁ ଏକ ଘରୋଇ ଟିଭି ଚାନେଲ୍‌ର ସାମ୍ବାଦିକ କ୍ୟାମେରାମ୍ୟାନ୍ ସହ ସେଠି ପହଞ୍ଚିଲେ । ବାବାଙ୍କର ଚେଲା ତଥା ଗାଁ ଲୋକେ ସେମାନଙ୍କୁ ଯଥାମାନ୍ୟ ଦେଇ ବାବା ପ୍ରଚାରପ୍ରିୟ ନହୋଇଥିବାରୁ ରେକଡିଙ୍ଗ୍ କରିବାକୁ ବାରଣ କଲେ । ଏହି ଯଜ୍ଞ ଗାଁର ସମୃଦ୍ଧି ପାଇଁ, ଗାଁବାସୀଙ୍କ ଉନ୍ନତିକଳ୍ପେ ହେଉଛି ବୋଲି ସୂଚନା ଦେଲେ ।

ପ୍ରସାଦ ବିରତି ବେଳକୁ ଦେଖାଗଲା ଆଖପାଖ ଅଞ୍ଚଳରୁ ବେଶ୍ କିଛି ଲୋକେ ତଥା ପତ୍ରକାର ସେଠି ଏକାଠି ହୋଇଛନ୍ତି । ସମସ୍ତଙ୍କୁ ସାଦରେ ଫଳ ଓ ଖେଚୁଡ଼ି ପ୍ରସାଦ ଦିଆଯାଇ ଆପ୍ୟାୟିତ କରାଗଲା । ଯଜ୍ଞଦିନର ପବିତ୍ରତା ଓ ସଫଳତା ପାଇଁ ବାବା ଯେ ସେଦିନ କୌଣସି ପ୍ରକାର ଆଲୋଚନା କରିବେ ନାହିଁ ତାହା ସବିନୟେ ବୁଝାଇ ପତ୍ରାକାରମାନଙ୍କୁ ତା' ପରଦିନ ଆସିବାକୁ ନିମନ୍ତ୍ରଣ ରହିଲା । ପୂଜା, ହୋମ, ହୁଳହୁଳି, ଗପ, ସପ, ପିଲାଙ୍କ ହସ ଖୁସିରେ ସନ୍ଧ୍ୟା ଉପନୀତ ହେଲା । ଯେ ଯାହାର ମନକଥା ପ୍ରାର୍ଥନା କରି ଦକ୍ଷିଣା ଦେଇ ଘରକୁ ଫେରିଲେ । ଯେଉଁ ନଅ ଜଣ ଦେହତ୍ୟାଗ ପରେ ବିଶେଷ ସୁବିଧା ଆଶା କରୁଥିଲେ, ସେମାନେ ଜଣେ ପରେ ଜଣେ ବାବାଙ୍କ କୋଠରୀକୁ ଯାଇ ଆଦେଶାନୁସାରେ ଯଥାବିଧି ଦାନଦକ୍ଷିଣା ଦେଇ ଗଭୀର ଆତ୍ମସନ୍ତୋଷରେ ଫେରିଲେ । ଭୀମା ସାହୁ ଘରକୁ ଫେରୁ ଫେରୁ ରାତି ପ୍ରାୟ ଏଗାର । ବାବାଙ୍କ କଲ୍ୟାଣରୁ ତାଙ୍କ ଘର ଶ୍ରୀମଣ୍ଡିତ ହେବ ଏଥିରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଅଛି- ଏକଥା ପୁଅ ବୋହୂକୁ କହି ଗୋଡ଼ ହାତ ଧୋଇ ଶୋଇବାକୁ ଗଲେ ।

ଯଜ୍ଞ ପରଦିନ ସକାଳ । ଦୂରରୁ କୁଟୀର ଦେଖା ଯାଉଛି ସ୍ପଷ୍ଟ । କେହି ଜଣେ ଆବିଷ୍କାର କଲେ- କୁଟୀର ଭିତରୁ କିଛି ଶବ୍ଦ ଆସୁନି । କେହି ଦେଖା ଯାଉ ନାହାନ୍ତି । କଣ ଏତେ ଡେରିଯାଏଁ ସମସ୍ତେ ଶୋଇଛନ୍ତି ? କିନ୍ତୁ ଖୁବ୍ ବେଶି ନୁହେଁ, ଅଳ୍ପସମୟ ମଧ୍ୟରେ ଗାଁରେ କଥା ଖେଳିଗଲା- ବାବା ଅନ୍ତର୍ଦ୍ଧାନ ।

ଗରାଖ ଠିଆ କରେଇ ନରିଆ ଘରକୁ ଧାଇଁଯାଇ କହିଲା- "ବାବା ଆଉ ତାଙ୍କ ଲୋକେ କେହି ଦେଖା ଯାଉନାହାନ୍ତି ।"

"ଏଁ ?" ଦାନ୍ତ ଘଷୁଥିବା ଭୀମା ପାଟିରୁ ବାହାରିଲା ଓ ତା ହାତରୁ ପାଣି ଲୋଟାଟା ଖସି ପଡ଼ିଲା ।

"ମୁଁ କହୁ ନଥିଲି ଭଣ୍ଡ ବାବା ବୋଲି ।"

"ସେ ଚେଲୀଙ୍କ ଭିତରୁ ଜଣେ କାଳେ ତା ସ୍ତ୍ରୀ ।"

"ସବୁଗୁଡ଼ାଙ୍କୁ ତ ରଖିଛି, ଜଣେ !"

"ଏ ଡହରା ବାବା ମୋ ଶ୍ୱଶୁର ଘର ଗାଁରେ ମାଡ଼ ଖାଇଥିଲେ । ମୁଁ ପରେ ଏକଥା ଜାଣିଲି ।"

"ମୋର ତ ଆରମ୍ଭରୁ ସନ୍ଦେହ ହେଉଥିଲା ।"

"ଏ ଗୋଟେ ଡକାୟତ ଦଳ । କହ ଆମ ଜୀବନ ବଞ୍ଚି ଯାଇଛି ।"


ଏମିତି ଚର୍ଚ୍ଚା ବେଶ୍ କିଛି ଦିନ ଷଠିପୁର ତଥା ଆଖପାଖ ଅଞ୍ଚଳରେ ଚାଲିଲା । ଖବରକାଗଜରେ ମଧ୍ୟ ଛୋଟିଆ ବକ୍ସ ଖବରଟିଏ ବାହାରିଲା । ବାବାଙ୍କ ଷଠିପୁର ଗାଁରେ ଆବିର୍ଭାବ ତଥା ଅନ୍ତର୍ଧାନକୁ ପ୍ରାୟ ଛଅମାସ ହେଲାଣି । ବାବାଙ୍କ ରାତାରାତି ଫେରାର୍ ଖବର ପାଇବା ପରେ ଭୀମା ତେଲି ମନରେ ଯେଉଁ ତୀବ୍ର ପ୍ରତିକ୍ରିୟା ହେଲା, ତା ପ୍ରଭାବରେ ସେ ମାନସିକ ଭାରସାମ୍ୟ ହରାଇ ବସିଲା । ରାତିରେ ନିଦରେ ବାଉଳିଚାଉଳି ହେଲା । ଗଭୀର ବିଷାଦ ହେତୁ ବିଛଣାରୁ ଆଉ ଉଠି ସ୍ୱାଭାବିକ ହେବା ସମ୍ଭବ ହେଲା ନାହିଁ । ବର୍ତ୍ତମାନ ସେ ଶଯ୍ୟାଶାୟୀ । ନିତ୍ୟକର୍ମ ଶେଷ ପାଇଁ ନରିଆ ବାପାକୁ ଟେକି ଟେକି କୂଅମୂଳକୁ ନେଇଯାଏ, ପୁଣି ଖୁଏଇ ପିଏଇ ଶୁଏଇ ଦିଏ । ଦୋକାନ ଦାୟିତ୍ୱ ଏବେ ପୂରା ନରିଆ ଉପର । ଅବେଳରେ ଯଦି କିଛି ଦରକାର ପଡ଼େ ବୁଢ଼ା ବୋହୂକୁ ହୁରି ଛାଡ଼େ । ସୁଷମା ମନ ହେଲେ ଶୁଣେ, ନହେଲେ ଉଁ ଚୁଁ କିଛି ଜବାବ୍ ଦିଏ ନାହିଁ ।

ସେଦିନ କୂଅମୂଳେ ସନ୍ଧ୍ୟାଲୁଗା ଧୋଇବା ବେଳେ ସୁଷମା ଓ ପଡ଼ୋଶୀ ରାଧା ମାଉସୀ ଏଣୁତେଣୁ ଗପୁଥିଲେ ।

"କିଏ ଭାବିଥିଲା, ଏ ବଦ୍‌ମାସ୍ ବୁଢ଼ା ପେଟରେ ଏତେ ବିଷ । ବ୍ୟାଙ୍କ୍ ଟଙ୍କା ନେଇ ସ୍ୱର୍ଗକୁ ଯାଇଥାନ୍ତେ । ଆମ କଥା ନହେଲା, ନାତି ଛୁଆ କଥା ଟିକେ ମନକୁ ଆସିଲାନି । କେଜାଣି କେତେ ସେ ବାବାଜୀକୁ ଦେଲେ, ସତକଥା କଣ ଏ ବୁଢ଼ା ପେଟରୁ ବାହାରିବ ? ଆମେ ଯାହା ଏବେ ଧନ୍ଦି ହେଉଛୁ ।"

ରାଧା ମାଉସୀ କଣ କହିବାକୁ ଯାଉଥିଲେ, ତାଙ୍କ ନଜର ସୁଷମା ଗଳାରେ ପଡ଼ିଲା । ନୂଆ ସୁନା ହାର ଚକ୍ ଚକ୍ କରୁଛି । ହସ ଚାପି ପଚାରିଲେ- "ଆଲୋ ନରିଆ କରେଇ ଦେଇଛି କି, ନୂଆ ହାର ? ଜାଣ, ଯଜ୍ଞ ଶୁଭଫଳ ଆମ ଗାଁରେ କେବଳ ତୋତେ ମିଳିଲା । ନା ଏ ବାବା ଆସିଥାନ୍ତେ ନା..."

ତାଙ୍କୁ କଥା ପୁରା କହିବାକୁ ନଦେଇ ସୁଷମା ଉତ୍ତର ଦେଲା- "ନିର୍ଜଳା ବ୍ରତ ରଖିଥିଲିଟି ! ଏମିତି ଶୁଖିଲାରେ କାହାକୁ କିଛି ମିଳେ ନା କଣ ?"



# ବାପା

## ଅଶ୍ୱିନୀ କୁମାର ମହାନ୍ତି

ପ୍ରଧାନ ଶିକ୍ଷକ: କିଶୋରଚନ୍ଦ୍ର ପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଗବପାଳ, କିଶୋର ଚନ୍ଦ୍ରପୁର
ବରହମପୁର, ବାଲେଶ୍ୱର-୭୫୬୦୫୮
ଫୋନ : ୯୯୩୭୫୩୮୧୨୦


ଦିନେ ନୁହେଁ କି ଅଧେ ନୁହେଁ ସବୁଦିନ ଏମିତି ଖଟ୍ ଖଟ୍ ହେଲେ କିଏ ଯେ ଏ ଘରେ ରହିବ ? ଚାକିରି କରିନାହିଁ ବୋଲି ତା'ର କ'ଣ କିଛି ସ୍ୱାଧୀନତା ନାହିଁ ? ସେ କ'ଣ ଆଉ ଛୋଟପିଲା ହୋଇଛି ଯେ ଡରିମରି ଚଳୁଥିବ ? ଗାଧୁଆ ଘରେ କେଉଁଠି ଲୁଗା ପଡ଼ିଲା, ବିଛଣା କେଉଁଠି ଘଣ୍ଟାଚକୁଟା ହେଲା, ଫ୍ୟାନ୍ କି ଟିଭି କାହିଁକି ଚାଲିଲା, ଲାଇଟ୍ କାହିଁକି ବନ୍ଦ୍ ନହେଲା, ପୁଣି ମୋବାଇଲ୍ କାହିଁକି ସବୁବେଳେ ଦେଖିଲା...ଏମିତି ସବୁକଥାର ପାଟି କଲେ କେତେ ବା କିଏ କାହିଁକି ସହିବ ? ସହିବାର ତ ଗୋଟେ ସୀମା ଅଛି । ବଡ଼ ଚାକିରିଟେ ତ କଲେ ନାହିଁ । ମାଷ୍ଟର ଚାକିରି । ସେଥିରେ ପୁଣି କେତେ ଫୁଟାଣି । ଆଉ କେଉଁ ବଡ଼ ଅଫିସର୍ଟିଏ ହୋଇଥିଲେ, କେତେ ତାଗିଦ୍ ନ କରିଥାନ୍ତେ । ନା, ଆଉ ଯାଙ୍କ ସହ ଚଳି ହେବନି । ଚାକିରିଟା ଆଜି ମିଳି ଯାଆନ୍ତା କି ଭଲା, ଏ କଥାରେ ପେଡ଼ିପୋଟଳା ବାନ୍ଧି ଚାଲି ଯାଆନ୍ତି ।

ବନ୍ଦକୋଠରୀ ଭିତରେ ରାଗରେ ଗରଗର ହୋଇ ମନକୁ ମନ ଏମିତି ନାନାକଥା କହି ଯାଉଥାଏ ସିପୁନ । ଆଉ ତାହାରି ମଧ୍ୟରେ ପ୍ୟାଣ୍ଟ୍‌ସାର୍ଟ ପିନ୍ଧି ଇଣ୍ଟରଭ୍ୟୁକୁ ଯିବା ପାଇଁ ପ୍ରସ୍ତୁତ ହେଉଥାଏ ।

ଆର ଘରେ ବାପା, ମମି ପାଟିତୁଣ୍ଡ ଲାଗିଥାନ୍ତି । ମମିର ପାଟି ଶୁଭୁଛି- କାହିଁକି ଏମିତି ଛୁଆଟା ସାଙ୍ଗରେ ଲାଗିଛ କହିଲ ? ସେ କ'ଣ ଛୋଟ ଛୁଆ ହୋଇଛି ? ମୂଳରୁ ତ ତୁମେ ତାକୁ ସେକ୍‌ଫୁଲିଆ କରି ସାରିଲ, ଏବେ ଏତେବେଳକୁ କାହିଁକି ପାଟିତୁଣ୍ଡ କରୁଛ ? ବୁଢ଼ାଟିଏ ହେଲଣି, ବୁଦ୍ଧିଶୁଦ୍ଧି ସବୁ ଗଲାଣି । ଛୁଆ ବଡ଼ିଲେ ତାଙ୍କ ଠାରୁ ଦୂରେଇ ରହିବା କଥା । ତା' ନକରି ହୁମୁହୁମୁ ହୋଇ ତା' ପାଖକୁ ଦୌଡ଼ି ଯାଉଚ । ସେ ଯଦି ଧକ୍କାଟିଏ ପକାଇବ, ହାଲୁଏ ମାଟି ଖାଇବ । ଆଜି ପୁଣି ତା'ର ଇଣ୍ଟରଭ୍ୟୁ ଅଛି । ପାଟିତୁଣ୍ଡ ନ କରିଥିଲେ ହୋଇ ନଥାନ୍ତା ? କବାଟ କିଳି ପଶିଲାଣି, ଯିବ କି ନଯିବ କେଜାଣି । ମୁଁ ମରିଯାଏ ଭଲା । ଏ ବାପପୁଅଙ୍କର ଏ ଅବସ୍ଥା ଦେଖିବାକୁ ନଥାନ୍ତା ।

ରାଗରେ ଗରଗର ହୋଇ ବାପା କହୁଛନ୍ତି- ହଁ ସବୁ ତ ମୋର ଦୋଷ । ହୁଁ, ଛୁଆ ହୋଇଛି । ତା' ସାଙ୍ଗରେ ପିଲା ଚାକିରି କରି କେତେ କ'ଣ ଆଗେଇଲେଣି । ହେଲେ ଏ ଅପଦାର୍ଥ ନଷ୍ଟ ହୋଇଗଲା । ଜୀବନସାରା ସମସ୍ତଙ୍କୁ ମଣିଷ କରାଇ କରାଇ ଶେଷରେ ନିଜ ପୁଅ ଯେ ମୋତେ ଏମିତି ଠକିଦେବ, ମୁଁ ସ୍ୱପ୍ନରେ ବି ଭାବି ନଥିଲି । ସଂସ୍କାର ଯେଉଁ ପିଲା ଶିଖିଲା ନାହିଁ, ସିଏ ଜୀବନରେ କ'ଣ ଉନ୍ନତି କରିବ ? ବାପା ମରିଗଲେ, ତାଙ୍କ ସାମ୍ନାରେ ଆମେ ପାଞ୍ଚଭାଇ ଉଁ କି ଚୁଁ କହିନଥିଲୁ । ହେଲେ ଏ କୁଳାଙ୍ଗାର ମୋ ମୁହଁରେ ଜବାବ୍ ଦେଉଛି । ମୁହଁକୁ ମୁହଁ ଦେଇ ଯୁକ୍ତି କରିବାକୁ ଛୁଟି ଆସୁଛି । ଆଉ ନୁହେଁ । ବହୁତ ସହିଲିଣି । ଆଜି ସିଏ ମତେ ଚିହ୍ନିବ ଓ ତୁମେ ବି କେତେ ଛୁଆ ସୁହାଗି ତାହା ଜାଣିବ ।

ଆଉ ଶୁଣିବାକୁ ଧୈର୍ଯ୍ୟ ନଥିଲା ସିପୁନର । ଏ ଘରେ ଆଉ ଦଣ୍ଡେ ମାତ୍ର ରହିବାକୁ ତା'ର ଇଚ୍ଛା ନାହିଁ । ଏ ବାପ ପାଖରେ ଚଳିବା ମୁସ୍କିଲ୍ । ଏଇଥିପାଇଁ ସବୁ ଭାଇଭଉଣୀ କେହି ଯାଙ୍କର ଛାଇ ମାଡୁ ନାହାନ୍ତି । ସବୁ ଭାଇ, ଭାଉଜ ତ ଦୂରେଇ ରହିଲେ । ଫୁଟାଣି କାହିଁରେ କ'ଣ ? ଆଦର୍ଶ ଦେଖାଉଛନ୍ତି । ଶୁଖିଲା ଆଦର୍ଶରୁ କ'ଣ ମିଳିବ ?

### କାହାଣୀ ପଛର କାହାଣୀ

**ବାପା ମୋର ଆଦର୍ଶ ଥିଲେ । ସେ ମୋତେ ବହୁତ ଭଲ ପାଉଥିଲେ । ମୁଁ ବି ତାଙ୍କୁ ବହୁତ ଭକ୍ତି ଓ ସମ୍ମାନ କରୁଥିଲି । ତାଙ୍କର ପ୍ରତିଟି ଆଦେଶ, ଉପଦେଶ ଓ ନିର୍ଦ୍ଦେଶକୁ ମୁଁ ସଙ୍ଗେ ସଙ୍ଗେ ପାଳନ କରୁଥିଲି । ଆମ ଭିତରେ ଏକ ନିବିଡ଼ ଆତ୍ମୀୟତାଭାବ ଥିଲା, ଯାହାକି ପ୍ରତ୍ୟେକ ବାପା ଓ ପିଲାଙ୍କ ମଧ୍ୟରେ ରହିବା କଥା । କିନ୍ତୁ ମୁଁ ବଡ଼ ହୋଇ ନିଜେ ବାପା ହେବା ବେଳକୁ ମୋ ବାପା ଇହଧାମରେ ନଥିଲେ ଓ ସମାଜରେ ଅନେକ ପରିବର୍ତ୍ତନ ଆସି ଯାଇଥିଲା । ସବୁ ବାପାମାନଙ୍କ ଠାରେ ମୁଁ ଲକ୍ଷ୍ୟ କରିଥିଲି କେମିତି ଏକ ଅସହାୟତା ଭାବ । ନୈତିକ ମୂଲ୍ୟବୋଧ ଠୁଁ ଦୂରେଇ ଯାଇ ଏକ ବେପରୁଆ ଲଗାମ୍‌ହୀନ ଜୀବନ କାଟିବାକୁ ଚାହାନ୍ତି ଆଜିର ପିଲାମାନେ । ବାପା ହୃଦୟର ଅନାବିଳ ସ୍ନେହକୁ ଅନୁଭବ କରିବା ଓ ତାଙ୍କର ଉପଦେଶକୁ ପାଳନ କରିବା ପାଇଁ ସେମାନେ ବୀତସ୍ପୃହ । ବାପା ଯେପରି ସେମାନଙ୍କର ଚିର ଶତ୍ରୁ । ପ୍ରତିବନ୍ଧକ ଓ ଅଦରକାରୀ ଜୀବଟିଏ, ଏଇ ଭାବନା ସମସ୍ତଙ୍କ ଠାରେ ।**

**ସଂସାରରେ ସବୁ ବାପାମାନେ ହେଉଛନ୍ତି ପିଲାମାନଙ୍କର ପଥପ୍ରଦର୍ଶକ, ପରମ ହିତାକାଂକ୍ଷୀ ଓ ସବୁଠାରୁ ଆପଣାର ବନ୍ଧୁ । ସେମାନଙ୍କର ଅନୁଶାସନ ପ୍ରତ୍ୟେକ ପିଲାଙ୍କ ଜୀବନରେ ଅମୂଲ୍ୟ ସମ୍ପଦ, ଏକଥା ସମାଜରେ ସବୁ ପିଲାମାନଙ୍କୁ ଜଣାଇବା ପାଇଁ ମୋର ଏହି 'ବାପା' ଗଳ୍ପର ପରିକଳ୍ପନା ।**

*ଅଶ୍ୱିନୀ କୁମାର ମହାନ୍ତି*



ଗାଳ୍ପିକ ଅଶ୍ୱିନୀ କୁମାର ମହାନ୍ତି

ଧଡ଼୍ କରି କବାଟ ଖୋଲି ଦୁମ୍ ଦୁମ୍ ହୋଇ ଘରୁ ବାହାରିଗଲା ସେ । "ଛୁଆଟା ଖାଇଲାନି, ଚାଲିଗଲା" ବୋଲି ମମି କହୁଥିବାର ସେ ସ୍ପଷ୍ଟ ଭାବେ ଶୁଣି ପାରୁଥିଲେ ବି ନ ଶୁଣିଲା ପରି ଆଗକୁ ଆଗେଇଲା । ବସ୍‌ରୁ ଓହ୍ଲାଇ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିଲା ସିପୁନ୍ । ଦେଖିଲା ଗେଟ୍ ପୁରା ମେଲା । ପାଞ୍ଚତାଲା ବିଶିଷ୍ଟ ସୁନ୍ଦର ଅଟ୍ଟାଳିକା । ସମ୍ମୁଖଭାଗ ବଗିଚାଟି ସୁନ୍ଦର ଫୁଲଗଛରେ ପୂର୍ଣ୍ଣ । ଗୋଟିଏ ପାର୍ଶ୍ୱରେ ଗାଡ଼ି ପାର୍କିଂ ପାଇଁ ସ୍ଥାନ । ବହୁତଗୁଡ଼ିଏ ଦୁଇଚକିଆ ଚାରିଚକିଆ ଯାନ ଭର୍ତ୍ତି । ବିରାଟ ବଡ଼ ସାଇନ୍‌ବୋର୍ଡ଼ ସୂଚାଇ ଦେଉଛି ତା'ର ନିର୍ଦ୍ଦିଷ୍ଟ ସ୍ଥାନ । ଫୁଲ ବଗିଚାରେ ନାଲି, ହଳଦୀ, ଗୋଲାପୀ, କମଳା, ଧଳା ରଙ୍ଗର ଫୁଲସବୁ ପେଣ୍ଟା ପେଣ୍ଟା ହୋଇ ସତେ ଯେମିତି ତାକୁ ସ୍ୱାଗତ ଜଣାଉଛି । ବହୁତ ଖୁସି ଲାଗିଲା ତାକୁ । ଉଦାସ ମନରେ ଟିକେ ସରସତା ଖେଳିଗଲା । ହଠାତ୍ ସିପୁନ୍ ଲକ୍ଷ୍ୟ କଲା ଗୋଟିଏ ଦୁଇଟି ବୁଲାଗୋରୁ ଖୋଲା ଗେଟ୍‌ବାଟେ ପଶି ଆସି ଗଛଗୁଡ଼ିକୁ ଖାଇବାକୁ ବସିଲେ । ଆଉ ସ୍ଥିର ହୋଇ ରହି ପାରିଲାନି ସିପୁନ । ଆଗକୁ ବଢ଼ାଉଥିବା ପାଦ ଦୁଇଟି ପୁଣି ପଛକୁ ଫେରି ଆସିଲା । ଗୋରୁ ଦୁଇଟିକୁ ଘଉଡ଼ାଇ ଦେଇ ଗେଟ୍‌ଟି ବନ୍ଦ କରିଦେଲା । ପୁଣି ଟିକେ ଆଗକୁ ଯାଇଛି କି ନାହିଁ ଦେଖିଲା ରାସ୍ତାଟି ପାଣିରେ ଭରପୁର ହେଲାଣି । ଲକ୍ଷ୍ୟ କଲା ସେ, ଗଛଗୁଡ଼ିକୁ ଦିଆ ଯାଇଥିବା ପାଣି ପାଇପ୍‌ଟିରୁ ପାଣି ଅନବରତ ବହିବାରେ ଲାଗିଛି । ବୋଧହୁଏ ମାଳୀଟି ପାଣି ଦେଉ ଦେଉ ପାଇପ୍‌କୁ ଛାଡ଼ି ପଳାଇଛି । ମନେ ପଡ଼ିଗଲା ସିପୁନ୍‌ର ବାପା ବଗିଚାରେ ପାଣି ଦେଉଥିବା କଥା । ପାଣି ପାଇପ୍ ଧରି ଗୋଟିଏ ଗୋଟିଏ ଗଛ ମୂଳରେ କିଛି ସମୟ ଛାଡ଼ି ଦିଅନ୍ତି । ସେଟା ପୁରିଗଲେ ପୁଣି ଗୋଟିଏ ଗଛ ମୂଳକୁ ନେଇ ଯାଉଥିଲେ । ଏଣୁ ସେ ସେହିପରି ପାଇପ୍‌ଟିକୁ ଉଠାଇ ଦୂରବର୍ତ୍ତୀ ଗଛମୂଳ ପର୍ଯ୍ୟନ୍ତ ଟାଣି ନେଇଗଲା । ଏବେ ରାସ୍ତାରେ ପାଣି ବୋହିବା ବନ୍ଦ ହୋଇଗଲା । ତତ୍ପରେ ସେ ଆଗେଇଲା ଆଗକୁ । ଦେଖିଲା ବାରଣ୍ଡାରେ କେହି କୁଆଡ଼େ ନାହାନ୍ତି । କବାଟ ଠେଲି ଭିତରକୁ ପଶି ଦେଖିଲା ସେହି କୋଠରୀରେ କେହି ନାହାନ୍ତି । ଘରସାରା ବିଜୁଳିବତୀ ଜଳୁଛି । ଫ୍ୟାନ୍‌ଗୁଡ଼ିକ ମଧ୍ୟ ଘୁରି ବୁଲୁଛି । ମନେପଡ଼ିଗଲା ବାପାଙ୍କ କଥା ତା'ର । କେହି ନଥିବାବେଳେ ବିଜୁଳିବତୀ ଜଳିଲେ କି ଫ୍ୟାନ୍ ଘୁରିଲେ ବଡ଼ ବିରକ୍ତ ହୁଅନ୍ତି ବାପା । ବାପାଙ୍କ କ୍ରୋଧାତୁର ମୁହଁ ତାକୁ ଦିଶିଗଲା । ସେ ସୁଇଚ୍ ବୋର୍ଡ଼ ପାଖକୁ ଯାଇ ସବୁଗୁଡ଼ିକ ବନ୍ଦ କରିଦେଲା । ହାତ, ମୁହଁ ଧୋଇବାକୁ ବେସିନ୍ ପାଖକୁ ଗଲା ସେ । ସେଠି ମଧ୍ୟ ପାଣି ପାଇପ୍ ଖୋଲା । ପାଣି ବହି ଚାଲିଛି । ମୁହଁହାତ ଧୁଆଧୋଇ ହୋଇ ବେସିନ୍ ବନ୍ଦ କରି ଦେଇ ଭିତର କୋଠରୀକୁ ଯିବା ପାଇଁ ବାହାରିଲା ।

ଆଜି ସାକ୍ଷାତ୍‌କାର ପରୀକ୍ଷା । ଏତେବଡ଼ କମ୍ପାନୀ କିନ୍ତୁ କେହି ଦେଖା ନାହାନ୍ତି । ଆଶ୍ଚର୍ଯ୍ୟ ଲାଗୁଥାଏ ତାକୁ । ପୁଣି ଭାବୁଥାଏ, ସେ ଭୁଲ୍ ସ୍ଥାନକୁ ଆସିନାହିଁ ତ ? କିନ୍ତୁ କାନ୍ଥରେ ତ ସେହି କମ୍ପାନୀର ଫଟୋ ଓ ପୋଷ୍ଟର୍ । ନା, ସେ ଠିକ୍ ସ୍ଥାନକୁ ଆସିଛି । ଦେଖାଯାଉ, ଭିତରେ କ'ଣ ହେଉଛି । ଏମିତି ଭାବି ଭାବି ସେ ଭିତରକୁ ଯିବା ପାଇଁ ଦ୍ୱାର ଠେଲି ଆଗେଇଲା । ଦେଖିଲା ବିରାଟ ଏକ କୋଠରୀ । ତାରି ପରି ପିଲାସବୁ ଟି.ଭି. ପାଖରେ ବସି ହୋହଲ୍ଲା ହେଉଛନ୍ତି । କାନ୍ଥରେ ଟି.ଭି.ର ଉତ୍ତେଜକ ନୃତ୍ୟର

**ଆଉ ଶୁଣିବାକୁ ଧୈର୍ଯ୍ୟ ନଥିଲା ସିପୁନର । ଏ ଘରେ ଆଉ ଦଣ୍ଡେ ମାତ୍ର ରହିବାକୁ ତା'ର ଇଚ୍ଛା ନାହିଁ । ଏ ବାପା ପାଖରେ ଚଳିବା ମୁସ୍କିଲ । ଏଇଥିପାଇଁ ସବୁ ଭାଇଭଉଣୀ କେହି ଯାଙ୍କର ଛାଇ ମାଡ଼ୁନାହାନ୍ତି । ସବୁ ଭାଇ, ଭାଉଜ ତ ଦୂରେଇ ରହିଲେ । ଫୁଟାଣି କାହିଁରେ କ'ଣ ? ଆଦର୍ଶ ଦେଖାଉଛନ୍ତି । ଶୁଖିଲା ଆଦର୍ଶରୁ କ'ଣ ମିଳିବ ?**

ଛବି ପରିବେଷିତ ହେଉଛି । ସମସ୍ତେ ହସିହସି ମନଭରି ତାକୁ ଉପଭୋଗ କରୁଛନ୍ତି । ସିପୁନ ସେମାନଙ୍କ ପାଖକୁ ନଯାଇ ପଛ ପାଖକୁ ଆଗେଇଲା । ସେଠାରେ ଟେବୁଲ୍‌ଟିଏ ପଡ଼ିଥିଲା । ଟେବୁଲ୍ ଉପରେ ସ୍କ୍ରିନ୍ ଅଧା ପଡ଼ି ଅନ୍ୟ ଅଧାକ ତଳକୁ ଓହଳିଛି । ସମ୍ବାଦପତ୍ର ଓ ମ୍ୟାଗାଜିନ୍ ଗୋଟେ ତଳେ ପଡ଼ିଛି । ଫୁଲଦାନୀଟି ମଧ୍ୟ ତଳେ ପଡ଼ିଛି । ଟେବୁଲ୍ ପଛ ଚେୟାରଟି ଓଲଟି ପଡ଼ିଛି । ସିପୁନର ମନେ ପଡ଼ିଗଲା ବାପାଙ୍କ କଥା । ଟେବୁଲ୍, ଚେୟାର, ବିଛଣା ଟିକେ ଅସଜଡ଼ା ହେଲେ ସେ ରାଗି ପଞ୍ଚମ ହୋଇ ଯାଆନ୍ତି । ନିଜେ ସବୁଟା ସଜାଡ଼ନ୍ତି । ଏଇଥିପାଇଁ ଅଧାବେଳେ ତାଙ୍କ ସହ ତା'ର ଝଗଡ଼ା । ସତରେ ଏ ସୁନ୍ଦର କୋଠରୀରେ ଏମିତି ହୋଇ ପଡ଼ିବା ତାକୁ ଅସୁନ୍ଦର ଲାଗିଲା । ସେ ଟେବୁଲ୍ କ୍ଲଥ୍‌ଟିକୁ ସଜାଡ଼ି କରି ଟେବୁଲ୍ ଉପରେ ପକାଇ ତା' ମଧ୍ୟରେ ଫୁଲଦାନୀ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ସମ୍ବାଦପତ୍ର, ପତ୍ରିକା ରଖିଦେଲା । ଓଲଟି ପଡ଼ିଥିବା ଚେୟାରଟିକୁ ଟେକି ଦେଇ ଅନ୍ୟ ଏକ ଚେୟାରରେ ବସିଲା ।

ଆଜି ଇଣ୍ଟରଭ୍ୟୁ । କ'ଣ ପଚାରିବେ କେଜାଣି । ଆସିବାବେଳେ ଘରୁ ତ ବାପାଙ୍କ ସହ ଝଗଡ଼ା ହୋଇ ଆସିଛି । ତେଣୁ କ'ଣ ହେବ କେଜାଣି ? ପକେଟ୍‌ରୁ ସାଇବାବାଙ୍କ ଫଟୋ କାଢ଼ି ମୁଣ୍ଡରେ ଲଗାଇ ପ୍ରଣାମ କଲା । ତା'ପରେ ଟେବୁଲ୍ ଉପରୁ ସାଧାରଣ ଜ୍ଞାନ ମ୍ୟାଗାଜିନ୍‌ଟିକୁ ନେଇ ଗୋଟିଏ ପରେ ଗୋଟିଏ ପୃଷ୍ଠା ଓଲଟାଇଲା । ଏହି ସମୟରେ ଉକ୍ତ କୋଠରୀରେ କାନ୍ଥରେ ଖଂଜା ଯାଇଥିବା ମାଇକ୍ରୋଫୋନ୍‌ଟି ବାଜି ଉଠିଲା । ଜଣକ ପରେ ଜଣକ ନାମ ଡକା ହେଲା । ସିପୁନ ଲକ୍ଷ୍ୟ କଲା, ସମସ୍ତେ ଭିତରକୁ ପଶୁଥାନ୍ତି ଓ ସଙ୍ଗେ ସଙ୍ଗେ ଫେରି ଆସୁଛନ୍ତି । ସେ କିଛି ବୁଝିପାରୁ ନଥାଏ କି କାହାକୁ ପଚାରି ପାରୁନଥାଏ । ଆଖିବୁଜି ଠାକୁରଙ୍କୁ ଡାକୁଥାଏ, ଯେପରିକି ଚାକିରିଟା ପାଇଁ ସେ ସିଲେକ୍ଟ ହୋଇଯାଏ ।

ଶେଷରେ ସିପୁନ୍‌ର ନାମ ଡକାଗଲା । ତରିତରି ପୁଣିଥରେ ଠାକୁରଙ୍କ ଫଟୋକୁ କାଢ଼ି ମୁଣ୍ଡରେ ମାରି ଦ୍ୱାର ପେଲି ଭିତରକୁ ଅନାଇ ପଚାରିଲା, "ମେ ଆଇ କମ୍ ଇନ୍ ସାର୍ ?" ଭିତରୁ କେହି ଜଣେ କହିଲେ "ୟେସ୍ କମ୍ ଇନ୍ ।" ସିପୁନ୍ ଭିତରକୁ ଯାଇ ଦେଖିଲା ପ୍ରକାଣ୍ଡ ଟେବୁଲ୍ ପାଖରେ ପାଞ୍ଚଜଣ ଭଦ୍ରବ୍ୟକ୍ତି ବସିଛନ୍ତି । ସେମାନଙ୍କ ସାମ୍ନାରେ ଗୋଟିଏ ଚେୟାର୍ ପଡ଼ିଚି । ସିପୁନ୍ ସେହି ଚେୟାର୍ ପାଖକୁ ଯାଉ ଯାଉ ମନେ ପଡ଼ିଲା ବାପାଙ୍କ କଥା । ବାପା କୁହନ୍ତି, ତା'ଠାରୁ ବୟସ୍କ ବ୍ୟକ୍ତିଙ୍କୁ ଯଥୋଚିତ ସମ୍ମାନ ଦେବାକୁ ଯେପରି ନଭୁଲେ । ଏଣୁ ସେ ହାତଯୋଡ଼ି ସମସ୍ତଙ୍କୁ ନମସ୍କାର କଲା । ସମସ୍ତେ ଖୁସି ହେବା ପରି ଜଣାଗଲା । ତତ୍ପରେ ସେହି ଚେୟାରରେ ବସିବାକୁ କହିଲେ । ଥ୍ୟାଙ୍କ୍ ୟୁ, କହି ସିପୁନ୍ ଉକ୍ତ ଚେୟାର୍‌ରେ ବସିଲା ଓ ନିଜ ସାର୍ଟିଫିକେଟ୍ ଫାଇଲ୍‌ଟି ସେମାନଙ୍କ ଆଡ଼କୁ ବଢ଼ାଇ ଦେଲା । ସେମାନେ ଫାଇଲ୍‌ଟି ତାକୁ ଫେରାଇ ଦେଇ କହିଲେ, "କେବେ ଜଏନ୍ କରୁଛନ୍ତି ? ଆମେ ଭାବୁଛୁ ଆସନ୍ତା କାଲି ଆପଣ ଜଏନ୍ କରନ୍ତୁ ।"

କିଛି ବୁଝିପାରୁ ନଥାଏ ସିପୁନ୍ । ବଲବଲ କରି ସେମାନଙ୍କ ମୁହଁକୁ ଚାହିଁ ରହିଥାଏ । ଭାବୁଥାଏ, ତାକୁ ବୋଧହୁଏ ସେମାନେ ଥଟ୍ଟା ପରିହାସ କରୁଛନ୍ତି । ତା'ର ଚିନ୍ତିତ ମୁଖମଣ୍ଡଳର ଆଭାକୁ ଖୁବ୍ ସହଜରେ ପଢ଼ି ପାରୁଥିଲେ ବିଚାରକ ମଣ୍ଡଳୀ । ଜଣେ ତାଙ୍କ ମଧ୍ୟରୁ ହସି ହସି କହିଲେ, "ୟୁ ଆର୍ ସିଲେକ୍ଟେଡ୍ । ଡୋଣ୍ଟ୍ ଓରି ।" ସିପୁନ୍ ତଥାପି କିଛି ଜାଣି ପାରୁ ନଥାଏ କି ବୁଝି ପାରୁନଥାଏ । ମ୍ୟାଟ୍ରିକ୍‌ରେ ଏ ଗ୍ରେଡ୍

ପାଇ ଘରେ ସମସ୍ତ ଭାଇ, ଭଉଣୀଙ୍କ ଠାରୁ ସର୍ବୋଚ୍ଚ ନମ୍ବର ରଖି ଏଫ୍.ଏମ୍. କଲେଜ୍‌ରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିବା ବେଳକୁ ଯୁଗ ପୁରାପୁରି ବଦଳି ସାରିଥିଲା । ଆରମ୍ଭ ହୋଇ ଯାଇଥାଏ ହ୍ୱାଟ୍ସଆପ୍ ଓ ଫେସ୍‌ବୁକ୍ ଯୁଗ । ତା'ରି ପରି ପିଲାମାନେ ସ୍କୁଟି, ବଡ଼ବଡ଼ ମୋବାଇଲ୍ ଧରି ଯେତେବେଳେ କଲେଜ୍ ନଯାଇ ସେଥିରେ ହଜି ଯାଇଥାନ୍ତି, ସେ ବି ବାଦ୍ ପଡ଼ନ୍ତା କୁଆଡୁ ? ସେ ସେତେବେଳେ ଭୁଲି ବସିଥିଲା ଯେ ତା'ର ବାପା ଜଣେ ସ୍ୱଳ୍ପ ବେତନଭୋଗୀ ହାଇସ୍କୁଲ୍ ଶିକ୍ଷକ । ବଡ଼ ବାପାମାନଙ୍କ ପୁଅଝିଅମାନେ ବି-ଟେକ୍ କରି ଆମେରିକା, ବାଙ୍ଗାଲୋର, ମୁମ୍ବାଇ, ଚେନ୍ନାଇରେ ଚାକିରି କରି ବିଳାସମୟ ଜୀବନ କଟାଉଛନ୍ତି, ଆଉ ସେ କ'ଣ ଏମିତି ମଫଙ୍କ ପରି ଶାନ୍ତ, ସରଳ ଜୀବନ କାଟିବ ? ସେ ବି ସେଇ ବଂଶର ପୁଅ । ତାର ମଧ୍ୟ ସ୍ୱାଭିମାନ ଅଛି । ସେ ମଧ୍ୟ ଦେଖାଇଦେବ ସେ ବି ମଡ଼ର୍ଣ୍ଣ ସୋସାଇଟି ସହ ତାଳ ଦେଇ ଚାଲିଛି । ଫେସ୍‌ବୁକ୍ ଖୋଲି ସେମାନଙ୍କ ସହ ସଂପର୍କ ଯୋଡ଼ିଲା, ହ୍ୱାଟ୍ସଆପ୍‌ରେ ଚାଟିଂ ଖେଳିଲା । ସେମାନେ ତାକୁ ଉପଦେଶ ଦେଇ ବାରଣ କଲେ ବି ସେ ଶୁଣିଲାନି । ସେ ସବା ସାନ ହୋଇଥିବାରୁ ସମସ୍ତଙ୍କର ଗେହ୍ଲା ହୋଇଥାଏ । ଏଣୁ ସେମାନେ ବି ବେଶି କିଛି କହିଲେନି । କାଳେ ତା' ମନରେ କଷ୍ଟ ହେବ । ତା' ଛଡ଼ା ଦାଦା ଯେମିତି ସେମାନଙ୍କୁ ତାଗିଦା କରି ଗୋଡ଼େ ଗୋଡ଼େ ଜଗୁଥିଲେ- ତାକୁ ଯଦି ସେ କିଛି ନକହୁଛନ୍ତି, ସେମାନଙ୍କର କହିବାର ମାନେ କିଛି ନାହିଁ । ପଢ଼ାକୁ ଅବହେଳା କରି ସେ ଏମିତି ହେଲେ ତା' ଫଳ ସିଏ ଭୋଗିବ । ବାସ୍ ସତକୁ ସତ ଯୁକ୍ତ ଦୁଇରେ ଫଳ ତା'ର ଖରାପ ହେଲା । ବାପା, ମମିଙ୍କ ସ୍ୱପ୍ନକୁ ଧୂଳିସାତ୍ କରି ପ୍ରଥମ ଶ୍ରେଣୀରୁ ଅଳ୍ପ କେତେ ମାର୍କ ପାଇଁ ବଞ୍ଚିତ ହେଲା । କିଛିଦିନ ଘରେ ବିଷାଦର ଛାୟା ଘେରିଗଲା । କିନ୍ତୁ ସେକଥାକୁ ବେଶି ଗୁରୁତ୍ୱ ନଦେଇ ସେ ଜିଦ୍ ଧରିଲା ଓଇସିରେ ବି-ଟେକ୍ ପଢିବାକୁ । ଭାଇ, ଭଉଣୀମାନେ ବି କହିଲେ କମ୍ପ୍ୟୁଟରରେ ଡିଗ୍ରୀ କରିବାକୁ । ସମ୍ବଳ ଅଭାବ ଥିବା ସତ୍ତ୍ୱେ ବାପା ତା' କଥାରେ ବାଧ୍ୟ ହୋଇ ସମ୍ମତି ଜଣାଇଲେ । ସେଠାରେ ବି କେଉଁ ପାଠପଢ଼ାରେ ମନ ଲାଗେ ଯେ ! ସେଇ ମୋବାଇଲ, ଲାପଟପ୍‌ରେ ଚାରିଟା ବର୍ଷ ଯେ କେମିତି ଚାଲିଗଲା ସେ ଜାଣି ପାରିଲାନି । ବି-ଟେକ୍ ପରେ ବର୍ଷେ ହେଲା ଯେତେ ଯେଉଁଠାରେ ଚାକିରିଟିଏ ପାଇଁ ଆବେଦନ କରିଛି, ସବୁଆଡୁ ଫେଲ୍ ମାରିଛି । ଘରେ ରହି ରହି ଚିଡ଼ି ଗଲାଣି । ପ୍ରତି କଥାରେ ବାପାଙ୍କ ଟିପ୍ପଣୀ- ତା' ଦେଇ କିଛି ହେବ ନାହିଁ । ଜୀବନଟାକୁ ସେତେବେଳେ ଜଗିଲାନି । ଏବେ ଭୋଗୁ ।


ସିପୁନ୍‌ର ମନର ଅବସ୍ଥାକୁ ଲକ୍ଷ୍ୟ କରୁଥିଲେ ବିଚାରକ ମଣ୍ଡଳୀ । ତାର ଏଇ ଅବସ୍ଥା ଦେଖି ଜଣେ ବିଚାରକ କହିଲେ, "ଆପଣଙ୍କ ଆବେଦନ ପତ୍ରରେ ଆପଣଙ୍କର ସାର୍ଟିଫିକେଟ୍‌ର ଜେରକ୍ସ କପି ଦେଇଥିଲେ । ସେଥିରୁ ଆମେ ଆପଣଙ୍କ ଯୋଗ୍ୟତା ଜାଣି ସାରିଛୁ । ଏଣୁ ଅରିଜିନାଲ୍ ସାର୍ଟିଫିକେଟ ଦେଖିବାର ଏବେ ଆବଶ୍ୟକତା ନାହିଁ । ଆବଶ୍ୟକ ପଡ଼ିଲେ ପରେ ଦେଖିନେବୁ । ଖାଲି ସାର୍ଟିଫିକେଟ୍‌ରେ ଯୋଗ୍ୟତା ମପା ଯାଏନି । ପିଲାର ଚରିତ୍ର, ସ୍ୱଭାବ, ବ୍ୟବହାର, ସଂସ୍କାର ତା'ର ବଡ଼ ଯୋଗ୍ୟତା, ଯେଉଁଟା ଆପଣଙ୍କ ପାଖରେ ଭରି ରହିଛି ।

ଆପଣ ଲକ୍ଷ୍ୟ କରିନାହାନ୍ତି ଆମର ସି.ସି. କ୍ୟାମେରା ପ୍ରତି ମୁହୂର୍ତ୍ତରେ ଆପଣଙ୍କର ଗତିବିଧିକୁ ଲକ୍ଷ୍ୟ କରି ଚାଲିଥିଲା । ଜାଣି ଶୁଣି ଆମେ ଗେଟ୍ ମେଲା କରିଥିଲୁ । ଗୋରୁଙ୍କ ଦ୍ୱାରା କିଛି ଗଛ ନଷ୍ଟ ହୋଇପାରେ, ମାତ୍ର ବିରାଟ ବଡ଼ ଏ କମ୍ପାନୀକୁ କୋଟି କୋଟି ଟଙ୍କାର କ୍ଷତିରୁ ତ ଉଦ୍ଧାର କରାଯାଇ ପାରିବ । ଅନ୍ୟମାନେ ସେମିତି ଚାଲିଗଲେ । ଆପଣ କିନ୍ତୁ ଗୋରୁଙ୍କୁ ଘୌଡ଼ାଇଲେ, ଗେଟ୍ ବନ୍ଦ୍ କଲେ, ଅଯଥା ନଷ୍ଟ ହେଉଥିବା ପାଣିର ସଦ୍ ବ୍ୟବହାର କରି ଅନ୍ୟଗଛ ମୂଳେ ଦେଲେ, ପୁଣି ଘର ଭିତରେ ଫ୍ୟାନ୍ ସୁଇଚ୍, ଲାଇଟ୍ ସୁଇଚ୍ ବନ୍ଦ୍ କରି ବିଦ୍ୟୁତ ଶକ୍ତିର ସଂରକ୍ଷଣ ସାଙ୍ଗକୁ ଅଯଥା ବିଲ୍ ଖର୍ଚ୍ଚରୁ ରକ୍ଷା କରାଇଲେ । ପୁଣି ଅସଜଡ଼ା ଟେବୁଲ୍, ଚେୟାର୍‌କୁ ସଜାଇଲେ । ପକେଟ୍‌ରେ ମୋବାଇଲ୍ ଥିଲେ ମଧ୍ୟ ସୁଇଚ୍ ଅଫ୍ କରି ନିଜ କର୍ତ୍ତବ୍ୟ ପରାୟଣତାର ଯଥାର୍ଥତା ଦର୍ଶାଇଲେ । ଅନ୍ୟମାନେ ମୋବାଇଲ୍ ଧରି ଗପୁଥିବା ବେଳେ ଆପଣ ଧୀରସ୍ଥିର ଭାବରେ ଠାକୁରଙ୍କ ଫଟୋକୁ ମୁଣ୍ଡରେ ମାରି ଜି.କେ. ବହିକୁ ଦେଖିବାକୁ ଲାଗିଲେ ।

ଜଣେ ସଂସ୍କାରିତ ପରିବାରର ପିଲା କେବଳ ଏସବୁ କରିପାରେ । ଆପଣ ଆପଣଙ୍କ ଆବେଦନ ପତ୍ରରେ ପିତା ଜଣେ ଶିକ୍ଷକ ବୋଲି ଦର୍ଶାଇଥିଲେ । ଏଣୁ ଜଣେ ଶିକ୍ଷକ ହିଁ କେବଳ ତାଙ୍କର ପିଲାକୁ ଏମିତି ସଂସ୍କାର ଦେଇ ଗଢ଼ିଥାନ୍ତି । ଯେଉଁଟା ଆପଣ ଶିକ୍ଷା କରିଛନ୍ତି ଓ ନିଜ ଜୀବନରେ ଲଗାଇଛନ୍ତି । ତାହା କେବଳ ଆପଣଙ୍କୁ ମହତ କରିନାହିଁ ଅପରନ୍ତୁ ଏ ସମାଜକୁ ମଧ୍ୟ ମହତ କରିପାରିଛି । ହଜାରେ ଖରାପ ପିଲାଙ୍କ ମଧ୍ୟରେ ଗୋଟିଏ ଭଲପିଲା ରହିଲେ ସବୁ ଭଲ ହୋଇଯିବ । ମୋବାଇଲ୍ ବ୍ୟବହାର କରିବା ଭୁଲ୍ ନୁହେଁ, ତାକୁ ସଦ୍‌ବ୍ୟବହାର କରିବା ଉତ୍ତମ ବ୍ୟକ୍ତିର ଲକ୍ଷଣ । ନିଜକୁ ସୁନ୍ଦର କରିବା ବଡ଼ କଥା ନୁହଁ, ପରିବେଶକୁ ସୁନ୍ଦର କରିବା ବଡ଼କଥା ।

ଆମର ଏ କମ୍ପାନୀରେ ଏମିତି ଯୋଗ୍ୟ ବ୍ୟକ୍ତିକୁ ଆମେ ନିଯୁକ୍ତି ଦେବାକୁ ଚାହୁଁଥିଲୁ, ଯିଏକି ନିଃସ୍ୱାର୍ଥପର ହୋଇ ସଂସ୍କାରକ ଭାବେ ଏ କମ୍ପାନୀର ଉନ୍ନତି କରିପାରିବ । ଏଣୁ ସେ ଦୃଷ୍ଟିରୁ ଆପଣ ଯୋଗ୍ୟ ବିବେଚିତ ହୋଇଛନ୍ତି । ଆପଣ ଏଥର ଆସି ପାରନ୍ତି । ଆମେ ଆଶା କରୁଛୁ ଆପଣ ଆସନ୍ତାକାଲି ନିଶ୍ଚୟ ଯୋଗଦେବ ।"

ଆଖି ଛଳଛଳ ହୋଇଗଲା ସିପୁନ୍‌ର । ସମସ୍ତଙ୍କୁ ପୁଣିଥରେ ନମସ୍କାର ଜଣାଇ ନିଯୁକ୍ତିପତ୍ର ସହ ଚୁପ୍‌ଚାପ୍ ବାହାରି ଆସିଲା । ପକେଟ୍‌ରୁ ମୋବାଇଲ୍‌କୁ ବାହାର କରି ଦେଖିଲା, ତାହା ସୁଇଚ୍‌ଅଫ୍ ଅଛି । ବାପା ସବୁବେଳେ ମୋବାଇଲ୍ ଅଫ୍ କରି ପଢ଼ିବାକୁ କୁହନ୍ତି । ସେହି ମୋବାଇଲ୍‌କୁ ନେଇ ଅନେକ ଥର ବାପାଙ୍କ ସହ ତା'ର ପାଟିତୁଣ୍ଡ । "ମୋବାଇଲ୍ ବିଷୟରେ କ'ଣ ଜାଣିଛ ଯେ ମୋତେ ସେକଥା କହୁଛ, ମାଷ୍ଟର ଚାକିରି କରି ଦୁନିଆ ବିଷୟରେ କିଛି ତ ଜାଣିଲ ନାହିଁ, ଖାଲି ଫମ୍ପା ଉପଦେଶ ଦେଇ ଦେଇ ବୁଢ଼ା ହେଲ"...ଏମିତି କେତେ କ'ଣ ସେ ସବୁବେଳେ ବାପାଙ୍କୁ ନକହିଛି । କିନ୍ତୁ ଆଜି ବାପାଙ୍କ ସହ ପାଟି ହେବା ବେଳେ କେହି ଜଣେ ଫୋନ୍ କରିବାରୁ ସେ ରାଗରେ ସୁଇଚ୍ ଅଫ୍ କରିଦେଇଥିଲା ଯେ ଏଯାଏଁ ଖୋଲିନଥିଲା । ତାହା ହିଁ ତା'ର





ସଫଳତାର ଅନ୍ୟ ଏକ କାରଣ ହେଲା ।

ବାପାଙ୍କ ପ୍ରତି ଭକ୍ତିରେ, କୃତଜ୍ଞତାରେ ସିପୁନ୍‌ର ମନ ଭରି ଉଠିଲା । ସତରେ ତା'ର ବାପା କେତେ ମହାନ । କେତେ ଦୂରଦ୍ରଷ୍ଟା ସତରେ । ତାଙ୍କର ପ୍ରତିଟି କଥା, ପ୍ରତିଟି ଉପଦେଶ ଆଜି ତା' ଜୀବନରେ ଗୋଟି ଗୋଟି ହୋଇ କାର୍ଯ୍ୟରେ ଲାଗୁଛି । କିନ୍ତୁ ସେ ମୂର୍ଖ ତାଙ୍କୁ କେତେ କ'ଣ ନ କହିଛି ! ତା'ର ସବୁ ଶିକ୍ଷା, ଦୀକ୍ଷା, ଗର୍ବ, ଅହଙ୍କାର ସବୁ ଯେମିତି ସମାଜର ଅତି ଉଚ୍ଚସ୍ତରକୁ ଯାଇ ପାରି ନଥିବା ବାପାଟି ପାଖରେ ହାର୍ ମାନି ଯାଇଛି । ଆଖିରେ ଲୁହ ଭରିଗଲା, ତା'ର ଭୁଲ୍ ସେ ଆଜି ବୁଝି ପାରିଛି ।

ସବୁ ଭାଇଭଉଣୀ, ସାଙ୍ଗସାଥୀ ଦୂରେଇ ଯାଇଛନ୍ତି । ଯେଉଁମାନଙ୍କୁ ସେ ଅତି ନିଜର ବୋଲି ଭାବୁଥିଲା ସମସ୍ତେ ସମୟର ସୁଅରେ କ୍ରମଶଃ ଦୂରକୁ ଦୂରକୁ ଚାଲି ଯାଇଛନ୍ତି । ହେଲେ ତା'ରି ମୁଖରେ, ଦୁଃଖର ସାହା ହୋଇ ଠିଆ ହୋଇ ରହିଛନ୍ତି ଏଇ ବାପା । ବାପାଙ୍କ ଗୋଡ଼ ଧରି ସେ ଆଜି ଭୁଲ୍ ମାଗିବ । ତାକୁ କ୍ଷମା କରିଦେବାକୁ କହିବ । ଏହା ସ୍ଥିର କରି ଗୃହାଭିମୁଖେ ଚାଲିଲା ସିପୁନ୍ ।

ଘରେ ପହଞ୍ଚି ଖୋଜିଗଲା ବାପାଙ୍କୁ । ବାପାଙ୍କୁ ନପାଇ ମମିକୁ ବାପାଙ୍କ ବିଷୟରେ ପଚାରିଲା । ବିରକ୍ତ ହୋଇ ମମି କହିଲେ, "ମୁଁ କିପରି ଜାଣିବି, ସେ କୁଆଡ଼େ ଗଲେ ? ମୋତେ କହିଛନ୍ତି ନା କଣ ? ଯାଆନ୍ତୁ ଯୁଆଡ଼େ ତାଙ୍କ ସହ ଆଉ ରହି ହେବନି ।" ବିରକ୍ତ ହୋଇ ସିପୁନ୍ କହିଲା, "କ'ଣ ଏମିତି ବାଜ୍ୟେ କଥା କହୁଛୁ ?" ତାପରେ ସେ ମୋବାଇଲ୍ ଲଗାଇଲା ବାପାଙ୍କ ପାଖକୁ । କିନ୍ତୁ ମୋବାଇଲ୍ ତ ଆର କୋଠରୀରେ ବାଜୁଛି । ସେ ମୋବାଇଲ୍ ପାଖକୁ ଯାଇ ଦେଖିଲା, ଚିଠିଟିଏ ଥୁଆ ହୋଇଛି ଟେବୁଲ୍ ଉପରେ । ଚିଠିଟି ତରତରରେ ଏକା ନିଃଶ୍ୱାସରେ ପଢିଗଲା ସିପୁନ୍ । ସେଥିରେ ଲେଖା ଥିଲା: ସିପୁନ୍, ପରିବାର ସ୍ୱର୍ଗ ସହ ସମାନ । ସେଠାରେ ହସ, ଖୁସି, ତ୍ୟାଗ, ସେବା ଭରି ରହିଥାଏ । ମାତ୍ର ଯେଉଁ ପରିବାରରେ ଏସବୁ ନରହି ଅଶାନ୍ତି ଲାଗି ରହେ, ତାହା ନର୍କ ସହ ସମାନ । ଏ ଘର ବର୍ତ୍ତମାନ ନର୍କ ପାଲଟି ଯାଇଛି । ଏଣୁ ଏ ନର୍କରୁ ସବୁଦିନ ପାଇଁ ଛାଡ଼ି ଚାଲି ଯାଉଛି । ଆଲମାରୀରେ ଟଙ୍କା କିଛି ଅଛି । ଏ.ଟି.ଏମ୍. କାର୍ଡ଼ ରଖି ଦେଇଗଲି । ବ୍ୟାଙ୍କ୍‌ରୁ ଟଙ୍କା ଉଠାଇ ଯାହା ଇଚ୍ଛା ତାହା କରିବୁ । ଏଣିକି ତୋ ମମି ଓ ତୁ ସୁଖରେ, ଶାନ୍ତିରେ ରୁହ । 'ବାପା' ।

ଧଡ଼୍ କରି ବେଡ଼୍ ଉପରେ ବସି ପଡ଼ିଲା ସିପୁନ୍ । ଚାରିଆଡ଼େ ତାକୁ ଅନ୍ଧାର ଲାଗିଲା । ଆଖିରୁ ଧାର ଧାର ହୋଇ ଲୁହ ବୋହିଗଲା । କ'ଣ କରିବ ନ କରିବ ବୋଲି ସ୍ଥିର କରି ପାରୁନଥାଏ । ଠାକୁରଙ୍କ ଫଟୋ ତଳେ ଆଣ୍ଠେଇ ପଡ଼ି କହିଲା, "ହେ ପ୍ରଭୋ, ମୋ ଦୋଷ କ୍ଷମା କରିଦିଅ, ମୋ ବାପାଙ୍କୁ ଫେରାଇ ଆଣ ଠାକୁର, ମୋ ବାପାଙ୍କୁ ଫେରାଇ ଆଣ ।"

ଏହି ସମୟରେ ମୋବାଇଲ୍ ବାଜି ଉଠିଲା । ସିପୁନ୍ ହାଲୋ କହିବା କ୍ଷଣି ଅପର ପାର୍ଶ୍ୱରୁ ପାର୍ଥ କହିଲା, "ସିପୁନ, ସାର୍‌ଙ୍କର ଆକ୍ସିଡେଣ୍ଟ୍ ହୋଇଛି । ମେଡ଼ିକାଲ୍‌ରେ ସେ ଅଛନ୍ତି । ତୁ ଶୀଘ୍ର ମାଡ଼ାମ୍‌ଙ୍କୁ ନେଇ ଆ ।" ସିପୁନ ମମି ମମି ବୋଲି ହୁରିଛାଡ଼ି କହିଲା, "ତୁ ଶିଘ୍ର ଚାଲ୍, ବାପା ଆକ୍ସିଡେଣ୍ଟ୍ ହୋଇ ମେଡ଼ିକାଲ୍‌ରେ ଅଛନ୍ତି ।"

ମେଡ଼ିକାଲ୍‌ରେ ପହଞ୍ଚିବା ବେଳକୁ ଲୋକାରଣ୍ୟ । ବାପାଙ୍କ ବେଡ୍ ପାଖକୁ ଯାଇ ଦେଖିଲା, ବାପାଙ୍କ ମୁଣ୍ଡ, ଗୋଡ଼ରେ ବ୍ୟାଣ୍ଡେଜ୍ ବନ୍ଧା ହୋଇଛି । ବାପା ଶୋଇଛନ୍ତି ବେଡ଼୍‌ରେ । 'ବାପା' ବୋଲି କହି କାନ୍ଦି ପକାଇଲା ସିପୁନ୍ । ହଠାତ୍ ଲୋକ ଗହଳି ମଧ୍ୟରୁ ତାକୁ ଇଣ୍ଟରଭ୍ୟୁ କରୁଥିବା ଜଣେ ବିଚାରକ ସେଠାରେ ବାପାଙ୍କ ପାଖକୁ ଆସି କହିଲେ, "ସାର୍, ଆପଣଙ୍କ ପୁଅ ହୀରା ଖଣ୍ଡେ । ତାକୁ ଆମ କମ୍ପାନୀରେ ଆଜି ଆମେ ନିଯୁକ୍ତି ଦେଇଛୁ ।"

ବାପାଙ୍କ ଆଖିରୁ କୃତଜ୍ଞତାରୁ ଅଶ୍ରୁ ବହିଗଲା । ସେ ସିପୁନ୍‌କୁ ପାଖକୁ ଡାକି ତା' ମୁଣ୍ଡରେ ହାତ ବୁଲାଇ ଆଣିଲେ । ସେହି ହାତର ସ୍ପର୍ଶରେ ସିପୁନ୍ ଅନୁଭବ କରୁଥିଲା, ତା'ର ସବୁ ପାପ ଯେପରି ଧୋଇ ହୋଇ ଯାଉଛି । ସେ ନିଜକୁ ଆଉ ଥୟ ଧରି ରହି ପାରିଲାନି । 'ବାପା' ବୋଲି କହି ବାପାଙ୍କ ଛାତିରେ ମୁଣ୍ଡ ଗୁଂଜି ଦେଲା ।



ବିରଳ ମଣିଷ

# ନାଟକ ଯାହାର ନିୟତି



# ଭଗବାନ ଭତ୍ରା


**ମୀନା ସ୍ୱାଇଁ**

ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ,
କୋରାପୁଟ
ଫୋନ : ୯୪୩୭୭୮୩୫୧୫

ଫଟୋ : ଲେଖିକା


**ନାଟକ ତାଙ୍କର ନିୟତି । ନାଟକ ବି ନିଶା । ବିରଳ ମଣିଷଟେ ସେ । ନାଟଗୁରୁ ଭାବେ କୋରାପୁଟର ଘରେ ଘରେ ପରିଚିତ ଭଗବାନ ଭତ୍ରା, ସତରେ ଏକ ଅଦ୍ଭୁତ ମଣିଷ । ଶିକ୍ଷା ନଥାଇ ମଧ୍ୟ ଅଦମ୍ୟ ଆଗ୍ରହ ଓ ଅଭ୍ୟାସ ହିଁ ଭଗବାନଙ୍କୁ କରିଛି ନାଟଗୁରୁ । ଅଣସ୍ତରୀ ବର୍ଷ ବୟସ୍କ ଏହି ନାଟକର ମଣିଷଟି କିନ୍ତୁ ବାପାଙ୍କ ସୂତ୍ରରୁ ପାଇଛନ୍ତି ଏହି କଳା । ନାଟକ ଲେଖିବା ଠୁ ମଞ୍ଚସ୍ଥ କରାଇବା ପର୍ଯ୍ୟନ୍ତ ସବୁ କରନ୍ତି ଭଗବାନ । ତାଙ୍କ ବ୍ୟକ୍ତିତ୍ୱରେ ଆପଣ ବି ହେବେ ମୁଗ୍ଧଚକିତ, ଯେପରି 'ରେବତୀ'ର ଲେଖିକା ମୀନା ସ୍ୱାଇଁ ହୋଇଛନ୍ତି । ତାଙ୍କୁ ଭେଟି ସେ ପରଷିଛନ୍ତି ଏଇ ଆଲେଖ୍ୟ ।**



ଆ...ଆ...ଆ...ଚାଲନ୍ତେ ଶୂନ୍ୟେ ଶବଦ...

ସାର୍ଙ୍ଗ (ସାରଙ୍ଗୀ)ର ତାନ ସହ କରୁଣ କଣ୍ଠସ୍ୱର ! ଭାସି ଆସୁଥିଲା ଚାଳଘର ପରିବେଷ୍ଟିତ କେଉଁ ଏକ ଅଗଣାରୁ । ବିଳପି ଉଠୁଥିଲା ଯେମିତି ସମଗ୍ର ବାତାବରଣ । ମୋ ପାଦ ଅଟକିଗଲା । ମୁଁ ବି ଯେମିତି ବତୁରି ଯାଉଛି ସେ ସ୍ୱର, ଗୀତର ଆର୍ଦ୍ରତାରେ । ମାଟିଘରର ଚାଳ ନଇଁ ପଡ଼ିଛି ତନ୍ମୟତାରେ, ଅଗଣା ଦଉଡ଼ିରେ ଶୁଖୁଥିବା ଲୁଗାରୁ ଯେମିତି ଥପ୍ ଥପ୍ ଖସୁଛି ଲୁହ । ଚାଳଘର ପଛରେ ମୁଣ୍ଡଟେକି ଠିଆ ହୋଇଥିବା ସଲପ ଗଛ ଦି'ଟା ମନ୍ତ୍ରମୁଗ୍ଧ, ଗମ୍ଭୀର ।

ମୋର ବିଭୋର ପାଦ ଯନ୍ତ୍ରବତ୍ ଟାଣି ହୋଇ ଚାଲିଲା ହତା ଭିତରକୁ, ଅଗଣାକୁ । ଡାହାଣ କାନ୍ଥକୁ ଲାଗି ଥୁଆ ହୋଇଥିବା ଶଗଡ଼ ଗାଡ଼ିକୁ ଅତିକ୍ରମ କରି ପାଦ ମୋର ଅଟକିଗଲା ସେଇଠି, ଯେଉଁଠି ଜରି ଅଖାର ଆସନ ଉପରେ ବସି ସୁରଙ୍ଗୀର ତାନ ଓ ଗୀତର ସୁରରେ ହଜି ଯାଇଥିଲେ ଖଇରା ଗାଁର ନାଟଗୁରୁ **ଶ୍ରୀ ଭଗବାନ୍ ଭତ୍ରା** । ଦେହରେ ଧଳା ପଞ୍ଜାବୀ ଉପରେ କଳାରଙ୍ଗର ହାତକଟା ଜାକେଟ୍, ଚେକ୍ ଲୁଙ୍ଗି ଖଣ୍ଡେ । ଶୀର୍ଣ୍ଣ ଆଙ୍ଗୁଳି ତରଙ୍ଗାୟିତ ହେଉଥିଲା ତାର ଉପରେ କେଉଁ ଏକ କଳ୍ପିତ ବିରହୀର ଦୁଃଖଭରା ତାଳରେ । ଅତିନ୍ଦ୍ରୀୟ ଜଗତରେ ହଜି ଯାଇଥିବା କଳାକାରଙ୍କ ପାଖରେ ବସି ପଡ଼ିଲି କିଛି ସମୟ ଲାଗି ।

"ଗୋଡ଼ ଧୋଇ ଦିଅନ୍ତୁ ।"

ତନ୍ଦ୍ରା ଭାଙ୍ଗିଗଲା ଆମର । ଆଦିବାସୀ ମହିଳା ଜଣକ ଦୁଇଟି ଜଳ ଭର୍ତ୍ତି କଂସା ଢାଳ ଆମ ଆଡ଼କୁ ବଢ଼େଇ 'ଗୋଡ଼ ଧୋଇ ପକାନ୍ତୁ' ବୋଲି ଅନୁରୋଧ କରୁଥିଲେ । ଓଡ଼ିଆ ଘରର ପରମ୍ପରା । ଆଦିବାସୀ ଗାଁରେ ବି ମହଜୁଦ । ମୋତେ ବାଟ କଢ଼େଇ ନେଇ ଯାଇଥିବା ଯୁବଲେଖକ ସବ୍ୟସାଚୀ ବିଷୋୟୀ ପରିଚୟ କରେଇ ଦେଲେ, ଇଏ ହେଉଛନ୍ତି ସୁବାଇ ଭତ୍ରା, ନାଟଗୁରୁ ଭଗବାନ ଭତ୍ରାଙ୍କ ଧର୍ମପତ୍ନୀ । ଆଉ ଇଏ ହେଲେ ତାଙ୍କର ଦୁଇ ପୁଅଝିଅ ଓ ନାତିନାତୁଣୀ । ସମସ୍ତେ ଗାଁ ମାଟିର ବାସ୍ନା ଭଳି ସରଳ, ଛଳଛଳ ।

ସବ୍ୟସାଚୀ କହିଲେ, କେବଳ ସାର୍ଙ୍ଗ ନୁହେଁ, ଭଗବାନ ଭତ୍ରା ହାର୍‌ମୋନିୟମ୍, ଧୁଡ଼୍‌କୀ, କେନ୍ଦରା, ହାତବୀଣା, ଟଇଲା, ଖଞ୍ଜଣି, କାଠି, ବଂଶୀ, ଡୁବିତବଲା ଆଦି ବିଭିନ୍ନ ପାରମ୍ପରିକ ବାଦ୍ୟ ବଜେଇବାରେ ସିଦ୍ଧହସ୍ତ । ଚକିତ ହେଲି ମୁଁ । ଭଗବାନ ଭତ୍ରାଙ୍କ ପୁଅ କହୁଥିଲେ, "ବାପା ପିଆନୋ, ଡ୍ରମ୍ ବି ବଜାଇ ଜାଣନ୍ତି । ବେଞ୍ଜୋଟିଏ ଆଣିଦେବାକୁ ଅନେକଥର କହିଲେଣି ।"

"ଗୁରୁ ତାଙ୍କର କେହି ନାହାନ୍ତି । ବଜଉ ବଜଉ ଶିଖିଯାନ୍ତି । ସୀମାତୀତ ଆଗ୍ରହ ଓ ଅଭ୍ୟାସ ହିଁ ବାଦନ କୌଶଳ କରାୟତ୍ତ କରିବା ଲାଗି ବାଟ ଫିଟାଏ ।"

"ବାଦ୍ୟ ଯନ୍ତ୍ର ପ୍ରତି ଏତେ ଆଗ୍ରହ ସୃଷ୍ଟି ହେଲା କାହିଁକି ?"

ଦୁଇହାତ ପାପୁଲିକୁ ଦୁଇ ଆଣ୍ଠୁ ମଝିରେ ଚାପି ଟିକିଏ ହସିଲେ ନାଟଗୁରୁ ।

"ଅନେକ ଦଶନ୍ଧି ଧରି ଏଇ ଆଦିବାସୀ ଗାଁଗୁଡ଼ିକରେ ନାଟ ପ୍ରଦର୍ଶିତ ହୋଇ ଆସୁଛି । ମୋ ବାପାଙ୍କ ଅମଳରୁ ମୁଁ ଦେଖି ଆସୁଛି । ନାଟ ଆରମ୍ଭ ପୂର୍ବରୁ ଓ ନାଟଟି ଗତିଶୀଳ ହେଲାବେଳେ ପରିସ୍ଥିତି ଓ ଚରିତ୍ର ଅନୁଯାୟୀ ବିଭିନ୍ନ ପ୍ରକାରର ବାଦ୍ୟର ଆବଶ୍ୟକତା ପଡ଼ିଥାଏ । ଯେହେତୁ ସେତେବେଳେ ଅନ୍ୟ କୌଣସି ଆଧୁନିକ ବାଦ୍ୟଯନ୍ତ୍ର ଉପଲବ୍ଧ ନଥିଲା, ନାଟଗୁରୁକୁ ସ୍ଥାନୀୟ ଅଞ୍ଚଳର ପାରମ୍ପରିକ ବାଦ୍ୟଯନ୍ତ୍ର ବଜାଇବାକୁ ପଡୁଥିଲା । ନାଟଗୁରୁର ସମସ୍ତ ପ୍ରକାର ବାଦ୍ୟଯନ୍ତ୍ର ଉପରେ ଦକ୍ଷତା ନ ରହିଲେ, ନାଟକଟି ସରସ ହୁଏ ନାହିଁ ।"

ଆବଶ୍ୟକତା ଓ ଆଗ୍ରହ ହିଁ ନାଟଗୁରୁ ଭଗବାନ୍ ଭତ୍ରା ଓ ବାଦ୍ୟଯନ୍ତ୍ର ଗୋଟିଏ ସୂତ୍ରରେ ବାନ୍ଧି ପକେଇଥିଲା ।

ଖୁବ୍ ଆଗ୍ରହ ସହକାରେ ଭଗବାନଙ୍କ ପୁଅ କହୁଥିଲା, ଥରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ଉତ୍ସବ 'ମଣ୍ଡେଇ'ରେ ମନ୍ତ୍ରୀଙ୍କ ଆଗ୍ରହ ରକ୍ଷା କରିବାକୁ ଭଗବାନ ଭତ୍ରା ମଞ୍ଚ ପଛରେ କେଇଖଣ୍ଡ କାଠ / ବାଉଁଶକୁ ଯୋଡ଼ି ବାଦ୍ୟଟିଏ ତିଆରି କରି ମଞ୍ଚରେ ବଜାଇ ପକାଇଥିଲେ । ତତ୍‌ସହିତ ମଞ୍ଚାସୀନ ଅତିଥିମାନଙ୍କୁ ବନ୍ଦନା କରି ତତ୍‌କ୍ଷଣାତ୍ ଗୀତଟିଏ ବି ରଚି ଗାଇ ପକାଇଥିଲେ । ଅତିଥିଗଣ ହତଚକିତ ହୋଇ ରହିଗଲେ ।

ମୁରୁକି ହସୁଥିଲେ ନାଟଗୁରୁ । ସେହି ଗୀତଟିକୁ ପୁନରାବୃତ୍ତି କଲେ । ମୋ ସମ୍ମୁଖରେ ଖୋଲୁଥିଲା, ଅପହଞ୍ଚ ଇଲାକାରେ ଥିବା ଜଣେ କଳାକାରଙ୍କର ପ୍ରତିଭାର ଗୋଟିଏ ପରେ ଗୋଟିଏ ପୃଷ୍ଠା । ଖୁବ୍ ସୁନ୍ଦର ଛନ୍ଦପାତ, ଶୁଦ୍ଧ ସାହିତ୍ୟିକ ଓଡ଼ିଆ ଭାଷା ।

 କୋଉଠୁ ପାଇଲେ ଏ ଶୁଦ୍ଧ ଓଡ଼ିଆ ଶବ୍ଦର ଭଣ୍ଡାର ତାହା ପୁଣି ନିପଟ ଏକ ଆଦିବାସୀ ଗାଁ



ଭଗବାନ ଭତ୍ରାଙ୍କ ସହିତ ଲେଖିକା ଆଳାପରତ

ଭିତରେ ? ସଂସ୍କୃତ ଶ୍ଳୋକଗୁଡ଼ିକୁ ସୁନ୍ଦର ଭାବେ ଉଚ୍ଚାରଣ କରି ତାର ଭାବାର୍ଥ ବୁଝାଉଥିଲେ । ପୌରାଣିକ ନାଟକଗୁଡ଼ିକର ସଂଳାପ କହିଲେ ।

"କୋଉ ଶ୍ରେଣୀଯାଏଁ ଅଧ୍ୟୟନ କରିଛନ୍ତି ଯେ ଶବ୍ଦ ଉପରେ ଏତେ ଦକ୍ଷତା ଆସିଛି ?"

'ଶ୍ରେଣୀ !' ଟିକିଏ ଲାଜେଇ ଗଲେ ନାଟଗୁରୁ । ଝରିଗଲା ଯେମିତି ପାହାଡ଼ୀ ଝରଣାଟିଏ । ଅଣସ୍ତରୀ ବର୍ଷ ବୟସ୍କ ନାଟଗୁରୁ ଭଗବାନ ଭତ୍ରା ହଜିଗଲେ କିଛିସମୟ ପାଇଁ ଅତୀତର ନାଲିନେଳି ପୃଷ୍ଠା ଭିତରେ ।

ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍‌ର 'କଙ୍ଗରା' ଗାଁ ଭଗବାନଙ୍କ ଭିଟାମାଟି,ସେଇଠି ଜନ୍ମ ତାଙ୍କର । ପ୍ରଥମ ଶ୍ରେଣୀରେ ନାଁ ଲେଖେଇଥିଲେ । ମାତ୍ର ଦୁଇମାସ ବିଦ୍ୟାଳୟକୁ ଯାଇଛନ୍ତି କି ନାହିଁ ବାପା ଚାଲି ଆସିଲେ 'ଖଇରା' ଗାଁକୁ । ଦାସକାଠିଆ କରୁଥିଲେ ବାପା । ବାପାଙ୍କ ସହ ଗାଁ ଗାଁ ବୁଲିଲେ ଭଗବାନ । ଏହା ପ୍ରାୟ ସତୁରୀ ବର୍ଷ ତଳର କଥା ।

ମୁଁ କଳ୍ପନା କରୁଥିଲି, ସଇଁତିରିଶ୍ ବର୍ଷ ତଳେ ମୁଁ ଯେତେବେଳେ କୋରାପୁଟରେ ପାଦ ଦେଇଥିଲି, କୋରାପୁଟ ସହରରେ କମ୍ କୋଠାଘର ଥିଲା । ପାହାଡ଼ ସବୁ ଜଙ୍ଗଲରେ ଭରପୁର ଥିଲା । ଗମନାଗମନ ବ୍ୟବସ୍ଥା ବି ସେତେ ଉନ୍ନତ ନଥିଲା । କୋରାପୁଟ ସହରରେ ଅଟୋଟିଏ ନଥିଲା । ଚାରି ପାଞ୍ଚ ଖଣ୍ଡ ରିକ୍ସା ମାତ୍ର ଥାଏ । ସ୍କୁଟର, ମଟର ସାଇକେଲ୍ ବି ହାତ ଗଣତି । ସେଭଳି ସମୟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ସଦର ମହକୁମା ଠାରୁ ୧୦୦ କି.ମି. ଦୂର ଆଦିବାସୀ ଅଧ୍ୟୁଷିତ ଗାଁଗୁଡ଼ିକରେ କୋଉ ସାଧନ ଅବା ଉପଲବ୍ଧ ଥିବ ? ସେହି ସମୟରେ ସେହି ଅଞ୍ଚଳ ଗୁଡ଼ିକରେ ଦାସକାଠିଆ ଗାୟନ, ଶୁଦ୍ଧ ସାହିତ୍ୟିକ ଭାଷାରେ ପୌରାଣିକ ଆଖ୍ୟାୟିକାର ବର୍ଣ୍ଣନା ଯେ କାହାକୁ ବି ଆଶ୍ଚର୍ଯ୍ୟ କରିବ । ହୁଏତ ସେ ସମୟରେ ଉପକୂଳ ଅଞ୍ଚଳରୁ କେହି କେହି ନିଜ ଜୀବିକା ଅନୁସନ୍ଧାନରେ ଆସି ପହଞ୍ଚିଥିବେ କୋରାପୁଟର ନିପଟ ଗାଁଗୁଡ଼ିକ ଭିତରେ । ସେମାନଙ୍କ ସଂସ୍ପର୍ଶରେ ଆସି ପାଳିଆ ଧରି ଗାଉଗାଉ କାଠି ଗୀତ ଆରମ୍ଭ ହୋଇଥିବ । ଆଦିବାସୀ ଭାଷା କହୁଥିବା କିଛି ବ୍ୟକ୍ତି ଶୁଦ୍ଧ ଓଡ଼ିଆ ଭାଷାକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିବେ । ଶ୍ରୀ ଭଗବାନ ଭତ୍ରାଙ୍କ ବାପା ସେଇମାନଙ୍କ ମଧ୍ୟରୁ ଅନ୍ୟତମ । ତାହା ଉତ୍ତରାଧିକାରୀ ସୂତ୍ରରେ ଶ୍ରୀ ଭତ୍ରା ଶିଖିଥାଇ ପାରନ୍ତି ।

"ଉତ୍ତରାଧିକାରୀ ହିସାବରେ ବାପାଙ୍କ ଠାରୁ ପାଇଛନ୍ତି କ'ଣ ଆଉ ହରାଇଛନ୍ତି କ'ଣ ?"

"ପାଇଛି ଅନେକ । ନାଟଗୁରୁ ଭଗବାନ ଭତ୍ରାକୁ ପାଇଛି । ଭାଷା ପ୍ରତି ମୋହ, କଳା ପ୍ରତି ନିଶା; କଳା, ସଂସ୍କୃତି, ଭାଷାସାହିତ୍ୟର ପ୍ରସାର ଲାଗି ଅଜବ ଉନ୍ମାଦନା ଏସବୁ ତ ବାପାଙ୍କ ଠାରୁ ହିଁ ପାଇଛି । ପାଇନି କହିଲେ, କେବଳ ବିଦ୍ୟାଳୟ ଶିକ୍ଷା ପାଇନି ।" ଉତ୍ତର ଦେଲେ ନାଟଗୁରୁ ଭଗବାନ ।

"କୋରାପୁଟରେ ବୋଧେ ଶିକ୍ଷା ପାଇଁ ବହିର ଆଶ୍ୟକତା କମ୍ ପଡ଼େ । ପାହାଡ଼, ଝରଣା, ନଈ, ଜଙ୍ଗଲ- ଏଇମାନେ ତ ବହିର ଗୋଟିଏ ଗୋଟିଏ ପୃଷ୍ଠା ।" ହସି ହସି କହିଲେ ସବ୍ୟସାଚୀ ।

ବିଦ୍ୟାଳୟ ଶିକ୍ଷା ନ ପାଇବାର ଅବସୋସ୍ ପରିଣତ ବୟସରେ ଅନୁଭୂତ ହୁଏ । କାରଣ ସେତେବେଳେ ତା'ର ଆବଶ୍ୟକତା ପଡ଼େ, ଅଭାବ ଜଣାପଡ଼େ ।

ଶ୍ରୀ ଭତ୍ରା କିନ୍ତୁ ଏକ ଭିନ୍ନ ମଣିଷ ଥିଲେ । କଙ୍ଗ୍ରା ଗାଁ ପ୍ରାଇମେରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ଦୁଇମାସ ମାତ୍ର ଅଧ୍ୟୟନ କରିଥିବା ଶିଶୁ ଭଗବାନଙ୍କୁ ତାଙ୍କ ବାପା ନେଇ ଚାଲି ଆସିଥିଲେ ଖଇରା ଗାଁକୁ । ସେଠି ସେ ଗାଁ ପିଲାଟିଏ ଠାରୁ ଚାଟଶାଳୀ ବର୍ଣ୍ଣବୋଧ ପାଇଥିଲେ । ଦିନରାତି ତାକୁ ପଢ଼ି ନିଜେ ନିଜେ ଅକ୍ଷର ଶିଖିଲେ । ଗାଁରେ ବିଭିନ୍ନ ବ୍ୟକ୍ତିଙ୍କ ଘରେ ଥିବା ପୌରାଣିକ ବହି ଦିନରାତି ପଢ଼ି ମୁଖସ୍ଥ କରି ପକେଇଲେ । ପ୍ରାୟ ସାତବର୍ଷ ବୟସରୁ କାଠି ଗୀତ ଗାଉଥିବା ବାପାଙ୍କ ସହ ବୁଲି ବୁଲି ବାପାଙ୍କ ଭଳି ଅନର୍ଗଳ ଗୀତ ଗାଇବା ଲାଗି ଏକ ଅଦମ୍ୟ ଆଗ୍ରହ ସୃଷ୍ଟି ହୋଇଥିଲା । କିଶୋର ଭଗବାନଙ୍କ ମନରେ । କାଠି ଗୀତ ଗାଉ ଗାଉ ସେ ପରେ ପାଲଟିଗଲେ ନାଟଗୁରୁ । ତାଙ୍କ ବାପା ମଧ୍ୟ ସେହି ଅଞ୍ଚଳର ନାଟଗୁରୁ ଥିଲେ ।

ନାଟଗୁରୁମାନଙ୍କୁ ପାଖାପାଖି ବିଭିନ୍ନ ଗାଁରୁ ନାଟ ଶିଖାଇବା ଲାଗି ନିମନ୍ତ୍ରଣ ଆସେ । ନାଟଗୁରୁ ନିଜର ସାତ / ଆଠଜଣିଆ ଦଳ ଓ ବାଦ୍ୟ ସହ ସେଇ ଗାଁରେ ପହଞ୍ଚନ୍ତି । ଗ୍ରାମବାସୀଙ୍କ ସହ ଆଲୋଚନା ଆରମ୍ଭ ହୁଏ । ପୌରାଣିକ ଅବା ସାମାଜିକ, ଯେଉଁ ପ୍ରକାର ନାଟକ ପାଇଁ ସେମାନେ ଆଗ୍ରହ ପ୍ରକାଶ କରନ୍ତି, ସେହି ନାଟ ଲେଖା ଆରମ୍ଭ ହୁଏ ସେହି ଗାଁରେ । ନାଟଗୁରୁମାନେ ପ୍ରାୟ ଦଶ /ପନ୍ଦର ଦିନ ନିଅନ୍ତି ନାଟକଟିକୁ ସମ୍ପୂର୍ଣ୍ଣ ଲେଖିବା ପାଇଁ । ପ୍ରାରମ୍ଭିକ ଦେବାଦେବୀ ବନ୍ଦନା ବି ରଚନା ହୁଏ । ତା'ପରେ ବିଷୟବସ୍ତୁକୁ ଆଧାରିତ କରି ଗୀତ ରଚନା ହୁଏ, ସଂଳାପ ଲେଖା ହୁଏ । ନାଟ ବହି ଲେଖିସାରିବା ପରେ ସେହି ଗାଁର ଆଗ୍ରହୀ କଳାକାରମାନଙ୍କୁ ନାଟଗୁରୁ ନିର୍ଦ୍ଦେଶନା ଦେବା ଆରମ୍ଭ କରନ୍ତି । ଗୀତ ପାଇଁ ସୁର ଦିଅନ୍ତି । ନିଜର ପାରମ୍ପରିକ ବାଦ୍ୟ ବଜାଇ ନାଟଟିକୁ ପ୍ରତିଦିନ ଅଭ୍ୟାସ କରାନ୍ତି । ଗୋଟିଏ ନାଟ ବହି ଲେଖିବା ଠାରୁ ଆରମ୍ଭ କରି ମଞ୍ଚସ୍ଥ ହେବା ପର୍ଯ୍ୟନ୍ତ ପ୍ରାୟତଃ ତିନିମାସ ଲାଗିଯାଏ । ପ୍ରତ୍ୟେକ ଦିନ ସନ୍ଧ୍ୟା ପରେ ଅଭ୍ୟାସ ଆରମ୍ଭ ହୁଏ । ସେତିକି ଦିନ ନାଟଗୁରୁ ନିଜ ଦଳ ସହ ସେହି ଗାଁରେ ଅବସ୍ଥାନ କରନ୍ତି । ନାଟଗୁରଙ୍କ ଅନୁପସ୍ଥିତିରେ କେବେ କେମିତି ତାଙ୍କ ମୁଖ୍ୟ ଶିଷ୍ୟ ଅଭ୍ୟାସ କରାନ୍ତି । ନାଟ ସମୟରେ ଝୁମୁକା, ମର୍ଦ୍ଦଳ, ସାଇଡ୍ ଡ୍ରମ, ହାତବୀଣା, ତାଳ, ହାର୍‌ମୋନିୟମ୍ ଆଦି ବାଦ୍ୟ ଲୋଡ଼ା ହୁଏ । ଜଣେ ପାଳିଆ ବି ରହନ୍ତି । ବାଦନ ନିମନ୍ତେ ନାଟଗୁରୁଙ୍କ ବ୍ୟତିରେକ ଆଉ କେତେଜଣ ବାଦକ ମଧ୍ୟ ରହନ୍ତି । କିଛି ସମୟାନ୍ତରରେ କିଛି କିଛି ପାରିଶ୍ରମିକ ପାଆନ୍ତି । ସମସ୍ତେ ତାକୁ ବାଣ୍ଟି ନିଅନ୍ତି ନିଜ ନିଜ ମଧ୍ୟରେ ।

"ପାରିଶ୍ରମିକ ଯଥେଷ୍ଟ ମିଳେ ? ଚଳିଯାଏ ?" ମୋର ଅନିଚ୍ଛା ସତ୍ତ୍ୱେ ଏହି ପ୍ରଶ୍ନଟି ପଚାରିଦେଲି । ଜଣେ କଳାକାର ପାଇଁ ପାରିଶ୍ରମିକ ଶବ୍ଦଟି ଅସମ୍ମାନଜନକ ହୋଇପାରେ । କିନ୍ତୁ କୃତି ଯେତେବେଳେ ବୃତ୍ତି ହୋଇଯାଏ, ପାରିଶ୍ରମିକ ଅପରିହାର୍ଯ୍ୟ ହୋଇପଡ଼େ । କଳାକାର ସହ ଗୋଟିଏ ପରିବାର ବି ଯୋଡ଼ି ହୋଇ ରହିଥାଏ, ଯିଏ କି ତା'ପାଇଁ ଅହରହ ପ୍ରେରଣାର ଉତ୍ସ ବୃହାଉଥାଏ ।



▲ସପରିବାର ଭଗବାନ ଭତ୍ରା

ମୋ ପ୍ରଶ୍ନ ଶୁଣି ହସିଲେ ଭଗବାନ ଭତ୍ରା । ଆଗେ ନାଟ କରୁଥିବା ଗାଁ ନାଟଗୁରୁଙ୍କୁ ପାଞ୍ଚ/ଛଅ ପୁଟି ଧାନ ଦେଉଥିଲେ । ହାତରେ ଶହେ / ଦୁଇ ଶହ ଟଙ୍କା ଦେଉଥିଲେ । ଆଜିକାଲି ଟଙ୍କାର ପ୍ରଚଳନ । ପ୍ରାୟତଃ ତିରିଶ୍ / ଚାଳିଶ୍ ହଜାର । ତାହା ବଣ୍ଟା ହୁଏ ଦଳ ଭିତରେ । ଯଦିଓ ହାତକୁ ବେଶି ପଇସା ଆସେନି, ତେବେ ପରିବାର ଭରଣପୋଷଣରେ ଅଭାବ ହୁଏନି, ଚଳିଯାଏ । ନାଟଦଳର ମୁଖ୍ୟ ଉଦ୍ଦେଶ୍ୟ ଆଦୌ ଅର୍ଥ ଉପାର୍ଜନ ନଥାଏ । ନାଟ କରିବାରେ ସେମାନେ ପ୍ରଚୁର ଆନନ୍ଦ ପାଆନ୍ତି । ଯେହେତୁ ଭଗବାନ ତାଙ୍କୁ କିଛି ପ୍ରତିଭା ଦେଇଛନ୍ତି, ତାହାକୁ ସମାଜ ଉଦ୍ଦେଶ୍ୟରେ ବିନିଯୋଗ କରିବା ସେମାନଙ୍କର କର୍ତ୍ତବ୍ୟ ବୋଲି ମନେ କରନ୍ତି । ଲୋକେ ନାଟ ଦେଖି ଯେଉଁ ଖୁସି ଓ ଶିକ୍ଷା ଆହରଣ କରନ୍ତି, ତାହା ହିଁ ସେମାନଙ୍କର ସର୍ବଶ୍ରେଷ୍ଠ ପ୍ରାପ୍ୟ ବୋଲି ଗ୍ରହଣ କରନ୍ତି ।

ନିଆରା ତାଙ୍କ ଖୁସିର ପରିଭାଷା, ସ୍ୱତନ୍ତ୍ର ତାଙ୍କର କର୍ତ୍ତବ୍ୟବୋଧ । କାଠିଗୀତ ଶୁଣି ଶୁଣି ସୃଜନ ପ୍ରତି ଉଦ୍‌ବୁଦ୍ଧ ହୋଇଥିବା ଭଗବାନଙ୍କ ନିଶା ଓ ଆଗ୍ରହ କଥା ବାପା ଦିନେ ଆବିଷ୍କାର କରିଥିଲେ ଏକ ନାଟକୀୟ ପରିବେଶରେ ।

ନାଟ ପାଇଁ ଆଗୁଆ ନିମନ୍ତ୍ରଣ ଦେଇଥିଲେ ନିକଟବର୍ତ୍ତୀ ଗ୍ରାମବାସୀମାନେ । ବାପାଙ୍କ ପାଟିରେ ଘାଆଟିଏ ହୋଇଗଲା । ନାଟ ଲେଖିବା ଓ ନିର୍ଦ୍ଦେଶନା ଦେବାକୁ ଅସମର୍ଥ ହୋଇପଡ଼ିଲେ । ଦୁଇମାସ ମାତ୍ର ବାକି ଥାଏ । ଚିନ୍ତାଗ୍ରସ୍ତ ବାପାଙ୍କୁ ଆଶ୍ଚର୍ଯ୍ୟ କରି ଭଗବାନ କହିଲେ, "ବାପା ମୁଁ ନାଟ ଲେଖିବି ।" ପନ୍ଦର ବର୍ଷ ବୟସ୍କ କିଶୋର ଭଗବାନଙ୍କର ଏ ପ୍ରସ୍ତାବ ଶୁଣି ବାପା ବିସ୍ମିତ ହେଲେ । ବାପାଙ୍କ ଚକ୍ଷୁରୁ ଅବିଶ୍ୱାସର ଭାଷାକୁ ପଢ଼ିପାରିଲେ ଭଗବାନ । ଆରମ୍ଭ କଲେ ଦାର୍ଢ୍ୟତା ଭକ୍ତି ପୁରାଣ ଆବୃତ୍ତି ଅନର୍ଗଳ ଭାବେ । ପ୍ରଥମ ଶ୍ରେଣୀ ଶିକ୍ଷା ସମ୍ପୂର୍ଣ୍ଣ କରିପାରି ନଥିବା ପୁଅର ଏଭଳି ନିଷ୍ଠା, ଆଗ୍ରହ ଦେଖି ବାପାଙ୍କ ଆଖିରୁ ଲୁହ କେଇଧାର ବୋହିଗଲା । ତାହା ଥିଲା ପନ୍ଦର ବର୍ଷ ବୟସ୍କ ଭଗବାନ ଭତ୍ରାଙ୍କ ନାଟ ଜୀବନର ଅୟମାରମ୍ଭ । ପୁରାଣ, ମହାଭାରତ ଯାହାବି ଗ୍ରନ୍ଥ ପାଇଲେ, ପଢ଼ି ଚାଲିଲେ, ମୁଖସ୍ଥ କଲେ । 'ନାଟଗୁରୁ' ପଦବୀର ପାଦ ଉପରେ ନିଜର ପାଦ ଥୋଇବା ଆଗରୁ ନିଜର ଦକ୍ଷତା ବୃଦ୍ଧି କଲେ, ଶିଖିଲେ ବିଭିନ୍ନ ପାରମ୍ପରିକ ବାଦ୍ୟଯନ୍ତ୍ରର ବାଦନ । ତାଙ୍କର ପ୍ରଥମ ନାଟକ ଥିଲା 'କାଞ୍ଚନକଳା ହରଣ' । ତାପରେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ତାଙ୍କର ଜନପ୍ରିୟତା ବଢ଼ି ଚାଲିଲା । ଗୋଟିଏ ପରେ ଗୋଟିଏ ଗାଁରୁ ନିମନ୍ତ୍ରଣ ପାଇ ସେଠାରେ ନାଟ ବହି ଲେଖିଲେ । ନାଟ ଅଭ୍ୟାସ ଓ ମଞ୍ଚସ୍ଥ କଲେ । କଳାର ସରୋବରରେ ସନ୍ତରଣ କରି ଚାଲିଲେ ଗଭୀର ଉନ୍ମାଦନାରେ । ସେ ଚାରିଶହ ଅଠେଇଶରୁ ଅଧିକ ନାଟକ ଲେଖିଛନ୍ତି ଓ ମଞ୍ଚସ୍ଥ କରିଛନ୍ତି । 'ଖଇରା କରିଆ ଗୁରୁ' ନାମରେ ସେ ଆଖପାଖ ଅଞ୍ଚଳରେ ବେଶ୍ ପରିଚିତ ।

ତାଙ୍କ କଣ୍ଠରେ ଶୁଦ୍ଧ ଓଡ଼ିଆ ସାହିତ୍ୟିକ ଭାଷାରେ ସଂଳାପ ଚମତ୍କୃତ କଲା ଆମକୁ । ଆଖପାଖର ସମସ୍ତ ବ୍ୟକ୍ତି ଦେଶିଆ ଭାଷାରେ କଥାବାର୍ତ୍ତା କରୁଥିବା ସତ୍ତ୍ୱେ ଭଗବାନ ଭତ୍ରାଙ୍କ ମୁଖରେ ଓଡ଼ିଆ ଭାଷାର ଏତେ ଶୁଦ୍ଧ ଓ ସ୍ପଷ୍ଟ ଉଚ୍ଚାରଣ ଶୁଣି ଯେକେହି ବି ଗର୍ବବୋଧ କରିବ । ଷାଠିଏ ସତୁରୀ ବର୍ଷର ଅନେକ ପୂର୍ବରୁ କୋରାପୁଟର ଏତେ ଅପହଞ୍ଚ ଜଙ୍ଗଲ ଗିରି ପରିବେଷ୍ଟିତ ଆଦିବାସୀ ଅଞ୍ଚଳରେ ଶୁଦ୍ଧ ଓଡ଼ିଆ ଭାଷାରେ ପୌରାଣିକ ଓ ସାମାଜିକ ବିଷୟବସ୍ତୁ ଆଧାରିତ ନାଟକ ହେଉଥିଲା, ତାହା ମୋ ଭଳି ବ୍ୟକ୍ତିକୁ ବିସ୍ମିତ କଲା । ଚାହିଁଲି ମୁଁ । ଦୁଆରରେ ଗୋଟିଏ କୋଣରେ ଶଗଡ଼ଗାଡ଼ି । ଓଡ଼ିଆଘର ଅତୀତର ଏକ ଅତ୍ୟାବଶ୍ୟକ ଅଂଶ । ଶଗଡ଼ ହିଁ ସେତେବେଳେ ଥିଲା ଏକମାତ୍ର ସାଧନ । ଏହି ଶଗଡ଼ ଗାଡ଼ି ହିଁ ନାଟ ପାଇଁ ଆବଶ୍ୟକୀୟ ପୋଷାକ, ପରିଚ୍ଛଦ, ମୁକୁଟ, ଉତ୍ତରୀୟ, କିରୀଟ ଆଦି ପହଞ୍ଚାଇ ଥିବ ।

ଭଗବାନଙ୍କ ପୁଅ କହିଲା, ସତୁରୀ କି.ମି. ଦୂରସ୍ଥ ଜୟପୁର କିମ୍ବା ଉମରକୋଟ୍‌ରେ ଥିବା ଚିତ୍ରାଳୟକୁ ବଇନା ଦେଲେ, ସେମାନେ ପୋଷାକ କେଶ, ମୁକୁଟ, କିରୀଟ, ଜୋତା ଆଦି ପ୍ରସ୍ତୁତ କରୁଥିଲେ । ଭିନ୍ନ ଭିନ୍ନ ସାଧନ ଦ୍ୱାରା ପରିବହନ ହୋଇ ତାହା ଶେଷରେ ଶଗଡ଼ ଗାଡ଼ି ଦ୍ୱାରା ଗାଁରେ ପହଞ୍ଚୁଥିଲା । କଳାପ୍ରେମ ମଣିଷ ଦ୍ୱାରା କ'ଣ କରାଇ ନପାରେ ? କଳା ଲାଗି ବୋଧହୁଏ କିଛି ବି ଅପହଞ୍ଚ, ଅଲଭ୍ୟ, ଦୁର୍ଲଭ ନୁହେଁ । କଳା ଭରିଦିଏ ଅସୀମ ଶକ୍ତି । ନିଷ୍ପାର ଘୋଡ଼ାରେ ଚଢ଼ି, କଳା ସଂଗ୍ରାମ କରିପାରେ ଯେକୌଣସି ପରିସ୍ଥିତି ସହ ।

ଶ୍ରୀ ଭତ୍ରାଙ୍କର ଅନେକ ନାଟ ମଧ୍ୟରେ ପ୍ରମୁଖ ନାଟକଗୁଡ଼ିକ ହେଲା, କର୍ଣ୍ଣବଧ, ମହିଷାସୁର ବଧ, ସୁଭଦ୍ରା ହରଣ, ରାଣା ପ୍ରତାପ ସିଂ, ତ୍ରିପୁରାସୁର ବଧ, ବେଲାଳସେନ ବଧ, ଭକ୍ତ ପ୍ରହ୍ଲାଦ, ସତ୍ୟବାନ ସାବିତ୍ରୀ, ଇନ୍ଦ୍ରଜିତ ବଧ, ଭକ୍ତର ଭଗବାନ, ଜରାସନ୍ଧ ବଧ, ଜଳନ୍ଧର ବଧ, ଚନ୍ଦ୍ରକଳା ହରଣ, ବିଲଙ୍କା ରାମାୟଣ, ଦୁର୍ଯ୍ୟୋଧନ ଜାନୁଭଗ୍ନ, ମହାଦାନୀ କର୍ଣ୍ଣ, କଂସ ବଧ, ଦାନବୀର ହରିଶ୍ଚନ୍ଦ୍ର ଇତ୍ୟାଦି ପୌରାଣିକ ନାଟ ଓ ଗର୍ବରାଇ ଚାଉଁରିଆ, ଶୁଶୀଳା ମାଳତୀ, ସକଳ ତୀର୍ଥ ତୋ ଚରଣେ, ସତୀନାରୀ ପତିଭକ୍ତି, ଭାଙ୍ଗିଗଲା ମୋର ସୁନା ସଂସାର, ଦ୍ରୌପଦୀ ଲାଖବିନ୍ଧା, ଅମର ବିଳାସ, ହଜିଲା ଧନ ପାଇବ କିଏ, କର୍ମ ମୋହର ନିଜ ଗୁରୁ ଇତ୍ୟାଦି ସାମାଜିକ ନାଟକ ।

ଧୂଡ଼୍‌କି ବଜାଇବାକୁ ଆରମ୍ଭ କଲେ ଶ୍ରୀ ଭତ୍ରା । "କେଉଁ ପ୍ରକାର ନାଟଗୁଡ଼ିକ ବେଶି ଆଦୃତ ?" ପଚାରିଲି ।

ଧୂଡ଼୍‌କିକୁ ଗୋଟିଏ କୋଣକୁ ରଖିଦେଇ ନାଟଗୁରୁ କହିଲେ, "ଭିନ୍ନ ଭିନ୍ନ ବର୍ଗର ବ୍ୟକ୍ତିଙ୍କ ରୁଚି ଭିନ୍ନ । ବୟସ୍କ ବ୍ୟକ୍ତି ପୌରାଣିକ ନାଟକ ପସନ୍ଦ କରନ୍ତି, ଯୁବବର୍ଗ ସାମାଜିକ ନାଟକ । ତେବେ ମୁଖ୍ୟ ନାଟ ବହି ଆରମ୍ଭ ପୂର୍ବରୁ ସଚେତନଧର୍ମୀ ନାଟକଟିଏ ପରିବେଷଣ ହୁଏ । ନାଟକ ମଝିରେ ସୁଆଙ୍ଗ ହୁଏ । ସୁଆଙ୍ଗଟି ଗଉଡ଼-ଗଉଡୁଣୀ, ଲୋହରା-ଲୋହାରୁଣୀ, କେଉଟ-କେଉଟୁଣୀ ମଧ୍ୟରେ କଥୋପକଥନ ମାଧ୍ୟମରେ ହୋଇଥାଏ ।

ଶ୍ରୀ ଭାଗବାନ ଭତ୍ରାଙ୍କ ନାଟକ ଓଡ଼ିଶାର ସୀମାନ୍ତବର୍ତ୍ତୀ ରାଜ୍ୟ ଛତିଶଗଡ଼ରେ ମଧ୍ୟ ଅଭିନୀତ ହୁଏ । "ଭାଷାର ଅସୁବିଧା ହୁଏନି ? ସେମାନେ ଓଡ଼ିଆ ଲିପି ପଢ଼ନ୍ତି କେମିତି ?"

ଓଡ଼ିଆ ନାଟକୁ ହିନ୍ଦୀ ଲିପିରେ ସେମାନେ ଲେଖି ନିଅନ୍ତି । କିନ୍ତୁ

ଭାଷା ଓଡ଼ିଆ ହିଁ ରହେ । ଛତିଶଗଡ଼ ରାଜ୍ୟରେ ବସତି ସ୍ଥାପନ କରିଥିବା ଓଡ଼ିଆ ଆଦିବାସୀ ସେମାନେ । ଅନେକ ପିଢ଼ି ଧରି ସେଠାରେ ରହି ଆସୁଛନ୍ତି । ବିଦ୍ୟାଳୟ ଶିକ୍ଷା ସେଠାକାର ହିନ୍ଦୀ ଭାଷା ମାଧ୍ୟମରେ । ତେଣୁ ଓଡ଼ିଆ ଭାଷା କହିପାରନ୍ତି କିନ୍ତୁ ଲେଖିପାରନ୍ତି ନାହିଁ । ଛତିଶଗଡ଼ର ସୁକ୍‌ମା, କୁମାର ରାସ, ଧାକନ୍ ରାସ୍, ମାର୍ କେଲି, ପିଠାପୁର, ଭଜାହାଣ୍ଡି, ରଫଦିଆ, ମାନଗୁରୁ ଆଦି ଅନେକ ଖଣ୍ଡ ଗାଁରେ ତାଙ୍କର ନାଟବହି ତାଙ୍କ ନିର୍ଦ୍ଦେଶନାରେ ହିଁ ମଞ୍ଚସ୍ଥ ହୋଇ ସାରିଛି ।

ସବ୍ୟସଚୀ କହିଲେ, "ଜାଣି ପାରୁଛନ୍ତି, ଓଡ଼ିଆ ଭାଷାର ସୁରକ୍ଷା, ପ୍ରଚାର ପ୍ରସାରରେ ପରୋକ୍ଷ ଭାବେ ଭଗବାନ ଭତ୍ରାଙ୍କ ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ ରହିଆସିଛି !"

ନିଜ ଗଣ୍ଡି ଠାରୁ ବିଚ୍ଛିନ୍ନ ହୋଇଯାଇଥିବା ଡାଳ ଅନ୍ୟସ୍ଥାନରେ ଥାଇ ବି ନିଜ ଫୁଲର ମହକ ସାଇତି ରଖିବାକୁ ଚେଷ୍ଟା କରୁଛି । ସେଥିରେ ଭଗବାନ ଭତ୍ରାଙ୍କ ପ୍ରଚ୍ଛନ୍ନ ହାତ କେତେ ଓଜନିଆ, ସେ କଥା ଆମେ ଭଲଭାବେ ଅନୁଭବ କଲୁ । ଉପାନ୍ତ ଆଦିବାସୀ ଅଞ୍ଚଳ ଓ ହିନ୍ଦୀଭାଷୀ ଅଞ୍ଚଳଗୁଡ଼ିକରେ ଶୁଦ୍ଧ ଓଡ଼ିଆ ଭାଷାକୁ ଲୋକଙ୍କ ତୁଣ୍ଡରେ ସୁନ୍ଦର ଭାବେ ବଜାୟ ରଖିବାରେ ତାଙ୍କର ଅବଦାନ ଆଜକୁ ଷାଠିଏ ବର୍ଷ ହେଲା ଅତୁଟ ରହିଛି ।

ଭଗବାନ ଭତ୍ରା ଗାଉଥିଲେ ଜୀବନ ଦର୍ଶନର ଗୀତ, ଯାହାର ଆଦ୍ୟ ଅକ୍ଷର 'କ' ଠାରୁ 'କ୍ଷ' ପର୍ଯ୍ୟନ୍ତ ଥିଲା ।

ଭଗବାନ ଭତ୍ରାଙ୍କ ପ୍ରତିଭାର ଗଭୀରରୁ ଗଭୀରତମ ପ୍ରଦେଶକୁ ପ୍ରବେଶୁଥିଲି ମୁଁ । ଯେତେ ଗଭୀରକୁ ଯାଉଥିଲି ମୋର ମଥା ସେତେ ନଇଁ ନଇଁ ଯାଉଥିଲା ନିହାତି ସରଳ ଗାଉଁଲି ମଣିଷଟି ପାଖରେ । ଗର୍ବରେ ଛାତି କୁଣ୍ଢେମୋଟ ହୋଇ ଯାଉଥିଲା ଯେ, କୋରାପୁଟ ମାଟି ଏଭଳି ଜଣେ ପ୍ରତିଭାଧାରୀଙ୍କୁ ତା' କୋଳରେ ଧାରଣ କରିଛି ଜାଣି ।

"ଆଜିକାଲିର ନାଟ ଆଉ ଆପଣଙ୍କ ସମୟର ନାଟ ମଧ୍ୟରେ କ'ଣ ଫରକ୍ ଦେଖୁଛନ୍ତି ? ଆପଣ ସନ୍ତୁଷ୍ଟ ତ ଆଜିକାଲିର ନାଟରେ ?"

ମୋର ଏ ଜିଜ୍ଞାସାରେ କଳାହାଣ୍ଡିଆ ମେଘଟିଏ ଓହ୍ଲାଇ ଆସିଲା ଯେମିତି ଭଗବାନ ଭତ୍ରାଙ୍କ ଶ୍ୟାମଳ ସରୁ ଧାରାସିଆ ମୁହଁ ଉପରକୁ ।

"ଦେଶିଆ ନାଟର ମୌଳିକତା ହଜି ହଜି ଯାଉଛି । ନାଟକ ଆରମ୍ଭ ପୂର୍ବରୁ ବୋଲା ଯାଉଥିବା ବନ୍ଦନା ଗୀତଟିକୁ ନାଟଗୁରୁ ନିଜେ ଲେଖିଥାନ୍ତି ଓ ବୋଲିଥାନ୍ତି । କିନ୍ତୁ ଏବେ ଆଉ କାହିଁ ? ଆଲ୍‌ବମ୍ ଭଜନ ଗୀତଟିଏ ଗାଉଛନ୍ତି । ନାଟକରେ ଦୂରଦର୍ଶନ ଧାରାବାହିକ କିମ୍ବା ଚଳଚ୍ଚିତ୍ରର ପ୍ରତିଫଳନ ବେଶି ରହୁଛି । ଅପେରାକୁ ଅନୁକରଣ କରୁଛନ୍ତି । ମାର୍‌ଧର୍, ହିଂସ୍ରତା, ଅଶ୍ଳୀଳତା ଭରି ରହୁଛି ଯାହାକି ଯୁବପିଢ଼ି ମଧ୍ୟରେ ସଂସ୍କାର ଆଣିବା ପରିବର୍ତ୍ତେ ସେମାନଙ୍କୁ ବିପଥଗାମୀ କରାଉଛି ।" ତାଙ୍କ ବିଷାଦ ମୋତେ ବି ଛୁଇଁ ଯାଉଥିଲା ।

"ନାଟ ଆଉ ରହିବନି !"

ଖୁବ୍ କରୁଣ ଶୁଭିଲା ଭଗବାନଙ୍କ କଣ୍ଠରେ ଏହି ଧାଡ଼ିଟି । ମୋ ଭଳି ନାଟ୍ୟପ୍ରେମୀ ବ୍ୟକ୍ତିର ଛାତି ଦୁଇଭାଗ ହେବା ଲାଗି ଏଇ ଧାଡ଼ିଏ ଯଥେଷ୍ଟ ଥିଲା । କାରଣ ମନୋରଞ୍ଜନର ପାରମ୍ପରିକ ସ୍ରୋତଟି ବର୍ତ୍ତମାନ ଆଧୁନିକତା ଭିତରେ ବାଟବଣା ହୋଇଚାଲିଛି, ମୌଳିକତା ହରାଇ ସାରିଛି, ଏକଥା କାହାକୁ ଅଛପା ନାହିଁ । ମନୋରଞ୍ଜନର ପରିଭାଷା ଆଧୁନିକ ମଣିଷ ଲାଗି ବଦଳି ଯାଇଛି । ତାର ସ୍ଥାନ ବଦଳି ଯାଉଛି, ଚରିତ୍ର ବଦଳି ଯାଉଛି ।

"ଆପଣ ଚାହାନ୍ତି କି ଆପଣଙ୍କ ନାତିନାତୁଣୀ ନାଟ ଶିଖନ୍ତୁ ବୋଲି ?"

"ସେମାନେ ପାଠ ପଢ଼ିବାକୁ ଚାହୁଁଛନ୍ତି । ନାଟ, ଗୀତ ଦେଖିବାକୁ କିମ୍ବା ମୁଖସ୍ଥ କରିବାକୁ ଇଚ୍ଛା କରୁନାହାନ୍ତି । ନାଟକରେ ଖର୍ଚ୍ଚର ପରିମାଣ ଖୁବ୍ ବଢ଼ି ଚାଲିଛି । ତେଣୁ ଗାଁ ଗୁଡ଼ିକ ସହଜଲବ୍ଧ ମନୋରଞ୍ଜନକୁ ଆପଣେଇ ନେଉଛନ୍ତି । ଉଚ୍ଚାଟିତ ଗୀତ ଓ ଉତ୍ତେଜିତ ଦୃଶ୍ୟକୁ ଦେଖିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ।"

ଅବସୋସ୍ ଭରା କଣ୍ଠରେ କହିଲେ, "ଗାଁରେ ଝିଅମାନେ ଆଉ ପୁଷ୍ ପୁନେଇଁର ଗୀତ ଗାଉନାହାନ୍ତି । ପାଖରେ ଠିଆ ହୋଇଥିବା ସୁବାଇ ଭତ୍ରା ଗାଇବାକୁ ଆରମ୍ଭ କଲେ ପୁଷ୍ ପୁନେଇଁ ଗୀତ,

"ଧନିଆ, ପୁନିଆ...ଗୋଟେକ୍ ଚାଉଲ୍ ଦିଆ<br>ଦେଲେ ଦିଅ ନହେଲେ ନାଇଁ, ଯିବୁ ଆମର୍ ପରା<br>ଉଡ଼ିଗଲା ଚେଟିଆରେ ବସିଗଲା ଚେଟିଆ ।"






▲ଭଗବାନଙ୍କ କୃତି ଓ କୃତିତ୍ୱର ସ୍ୱାକ୍ଷର

"ହଜିଗଲାଣି ଏସବୁ ଗୀତ" । ବିଷାଦ ଭରା ସ୍ୱର ଭଗବାନ ଭତ୍ରାଙ୍କର ।

"ପୂର୍ବେ ସନ୍ଧ୍ୟା ପରେ ଧାଙ୍ଗ୍‌ଡ଼ାଧାଙ୍ଗ୍‌ଡ଼ି ଖାଇସାରିବା ପରେ ମିଶି କରି ସାଇଲୋଡ଼ି ଗାଉଥିଲେ, ନାଚୁଥିଲେ । ଏବେ ସେସବୁ ପାସୋରି ଦେଲେଣି ।" ମୋର ଅନୁରୋଧରେ ସୁବାଇ ଭତ୍ରା ସାଇଲୋଡ଼ି ଗାଇବାକୁ ଆରମ୍ଭ କଲେ ।

"କଟା ମୋର ଶାଢ଼ି ଲୋ ଯମୁନା<br>ଦୁଇମୁଣ୍ଡି କାଇ ପିନ୍ଧି, ଦୁଇ ମୁଣ୍ଡି ସିନ୍ଧ୍‌ବୀ<br>ମୁଇଁ ସିନ୍ଧିର ଲଗତେ ଆସିଲିରେ<br>ମୋର କଟା ମାଲ୍ୟା ବନ୍ଧୁ ଦୁଇ କାନ୍ଧେ ଫୁଲପିନ୍ଧି<br>ଏ ବନ୍ଧୁ ଜମାଇଲୁରେ...<br>ବାଟର ପିନ୍ଧାନୀ ମୋର ଶାଢ଼ିଲ ଯମୁନା ।<br>କୁଦ କୁଦେ କାଇ ଲାଗେ, କୁଦ କୁଦେ ଲାଗୁ<br>ପିଠା ପଢ଼ାଇଲୁ ମୋର ଶାଢ଼ି ଲୋ ଯମୁନା<br>ପତ୍ର ପଡ଼େରେ ନାଇଁ ପତ୍ର ପଡ଼େ ନାଇଁ..."

କିଛି ଶବ୍ଦ ଅବୁଝା ରହୁଥିଲେ ବି ଗୀତର ଭାବ ଭେଦି ଯାଉଥିଲା ମୋ ଭିତରକୁ । ଏତେ ମିଠା ଗୀତ ଓ ସୁର ହଜିଯାଉଛି ଆଧୁନିକତାର ଦୌଡ଼ରେ । ସେହିଭଳି ପ୍ରାଚୀନ ନାଟ ବି ତାର ଆଦର ହରାଇବାକୁ ବସିଲାଣି । ଦୀର୍ଘଶ୍ୱାସ ନେଲେ ଭଗବାନ ଭତ୍ରା । କେନ୍ଦରାରେ ଏକ କରୁଣ ଗୀତର ସୁର ଧରିଲେ ।

ନାଟଗୁରୁ ଚୈତନ୍ୟ ବିଷୋଇଙ୍କ ପରେ ଶ୍ରୀ ଭଗବାନ ଭତ୍ରାଙ୍କର ନାମ ଆସେ । ତାଙ୍କର ସବୁଠାରୁ ଆଦୃତ ଓ ଅଧିକ ଥର ମଞ୍ଚସ୍ଥ ହୋଇଥିବା ନାଟ 'ଗର୍ଭରାଇ ଓ ଚାଉଁରିଆ' ମୋ ଜିଜ୍ଞାସା ଦୃଷ୍ଟିରୁ ଶ୍ରୀ ଭତ୍ରା ସେହି ନାଟର କାହାଣୀ ବର୍ଣ୍ଣନା କରିଥିଲେ ।

ଚାଉଁରିଆ, ବୁଢ଼ାରଜା, ଭୈରବ ଓ ଜେନା- ଏହି ଚାରିଭାଇଙ୍କର ଗୋଟିଏ ଭଉଣୀ ଗର୍ଭରାଇ ।

ରାଜା ଚାଉଁରିଆଙ୍କର ପାଟରାଣୀ ନିର୍ଯ୍ୟାତନା ଦିଏ ଗର୍ଭରାଇକୁ । ଦିନକର କଥା, ଚାରିଭାଇଙ୍କର ଅନୁପସ୍ଥିତି ସମୟରେ ଗର୍ଭରାଇଙ୍କର ମାସିକ ଧର୍ମ ହେତୁ ଭାଉଜଙ୍କୁ ତେଲ, ହଳଦୀ ସହ ଡେକ୍‌ଚିଟିଏ ମାଗିଲେ ଗରମ ପାଣିରେ ଲୁଗାସଫା କରିବାକୁ । ଭାଉଜଙ୍କ ନିର୍ଦ୍ଦେଶରେ କଇଁପତ୍ରରେ ଲୁଗା ରଖି ଗରମ କରିବା ସମୟରେ, ଲୁଗାତକ ପୋଡ଼ିଗଲା । ଉଲଗ୍ନ ଗର୍ଭରାଇ ଲଜ୍ଜା ସରମରେ କାନ୍ଦିବାକୁ ଆରମ୍ଭ କଲେ । ଏହି ସମୟରେ ବଡ଼ଭାଇ ଚାଉଁରିଆ ପହଞ୍ଚନ୍ତେ, ଭାଇଙ୍କୁ ପାଖକୁ ଆସିବାକୁ ମନାକରି ଦୌଡ଼ିଯାଇ ପଥର ସନ୍ଧିରେ ଲୁଚି ନିଜର ଦୁଃଖ ଓ ଅପମାନ କଥା ବର୍ଣ୍ଣନା କଲେ । ସେଇ ପଥର ସନ୍ଧିରେ ପଥର ପାଲଟି ଗଲେ । ସେଠାରେ ପାହାଡ଼ ଉପରେ ପଥର ସନ୍ଧିରେ ପାଦଚିହ୍ନଟିଏ ଦେଖିବାକୁ ମିଳେ, ଯାହାକି ବର୍ତ୍ତମାନ ଗର୍ଭରାଇ ମନ୍ଦିର । ସେହି ମନ୍ଦିରର ଅନତି ଦୂରରେ ଅର୍ଥାତ୍ ପାହାଡ଼ ତଳେ ପଥର ପାଲଟି ଯାଇଥିବା ଘୋଡ଼ାପିଠିରେ ଉପବିଷ୍ଟ ରାଜା ଚାଉଁରିଆଙ୍କ ମନ୍ଦିର ବି ଅବସ୍ଥିତ । ପାହାଡ଼ରୁ ଝରି ଆସୁଛି ତଳକୁ ପାହାଡ଼ି ଝରଟିଏ, ସତେ ଅବା ଗର୍ଭରାଇର ଲୁହ । ରାକ୍ଷସ ଗୁଣଧାରୀ ପାଟରାଣୀ ରାକ୍ଷସୀ (ଡେକୁନ୍‌ମାରୁ) ପାଲଟିଗଲେ । ରାଣୀ ଓ ଚାଉଁରିଆଙ୍କ ବାପମା' ଛେଉଣ୍ଡ କନ୍ୟା ଦୁଃଖରେ ନଈ ପାଲଟି ଗଲା । ତୁରୀ ନଈ ନବରଙ୍ଗପୁର ଜିଲ୍ଲାର ଏକ ପ୍ରମୁଖ ନଈ, ଯାହାର କୂଳରେ ଶହୀଦ୍ ସ୍ମୃତି ସ୍ତମ୍ଭ ରହିଛି । ତୁରୀ ଅର୍ଥାତ୍ ବାପମା' ଛେଉଣ୍ଡ ।



ଭଗବାନ ଭତ୍ରା ବୁଝାଉଥିଲେ, 'ଦେବତା' ଆଉ କ'ଣ କି ? ମଣିଷ ଭିତରର ସୁଗୁଣ । ମଣିଷ ଭିତରର ଦୁର୍ଗୁଣ ହେଉଛି ରାକ୍ଷସ । 'ମଣିଷ ଭିତରେ ଦେବତ୍ୱ' ଗୁଢ଼ତତ୍ତ୍ୱଟିଏ କହୁଥିଲେ ଭଗବାନ ।

ଶ୍ରୀ ଭଗବାନ ଭତ୍ରାଙ୍କ ସରଳ, ନିରୀହ, ନିଷ୍କପଟ ବ୍ୟକ୍ତିତ୍ୱ ଭିତରେ ଦେବତ୍ୱଟିଏ ଝଟକି ଉଠୁଥିଲା । ସାରା ଜୀବନ ଲୋକଙ୍କ ମନୋରଞ୍ଜନ ତଥା ସାହିତ୍ୟ,ନାଟକ, ଭାଷାର ପ୍ରସାର ଲାଗି କାମ କରି ଆସିଥିବା ଅଣସ୍ତରୀ ବର୍ଷ ବୟସରେ ଭଗବାନ ଭତ୍ରା ଏବେ ବି ଯୁବକ ସୁଲଭ ଚଞ୍ଚଳ । ତାଙ୍କର ଅବଦାନ ପାଇଁ ମଣ୍ଡେଇ ପୁରସ୍କାର, ପଞ୍ଚପଟମାଳୀ ନାଟ୍ୟ ସମ୍ମାନ, ଜିଲ୍ଲା ସଂସ୍କୃତି ପରିଷଦ ନବରଙ୍ଗପୁର ଦ୍ୱାରା ସମ୍ମାନିତ ହୋଇଛନ୍ତି ।

କୋରାପୁଟ, ମାଲକାନାଗିରି, ରାୟଗଡ଼ା, ନବରଙ୍ଗପୁର, ଉମରକୋଟ



▲ନାଟ ନିର୍ଦ୍ଦେଶନାର ନିଆରା ଦୃଶ୍ୟ

ଆଦି ଜିଲ୍ଲାର ବିଭିନ୍ନ ଗ୍ରାମରେ ନିଜର କଳା ପ୍ରଦର୍ଶନ କରିସାରିଥିବା, ଛତିଶଗଡ଼ ରାଜ୍ୟର ବିଭିନ୍ନ ଉପାନ୍ତ ଗ୍ରାମଗୁଡ଼ିକରେ ନିଜ ଲିଖିତ ଓ ନିର୍ଦ୍ଦେଶିତ ନାଟ ମଞ୍ଚସ୍ଥ କରି ସାରିଥିବା ଶ୍ରୀ ଭଗବାନ ଭତ୍ରାଙ୍କ ପାଖରେ ଥିବା ଅଜସ୍ର ପ୍ରତିଭା କ'ଣ ଲୋପ୍ ପାଇଯିବ ତାଙ୍କ ଅନ୍ତେ ?

ଏକ ପ୍ରଶ୍ନ, ଅନୁସନ୍ଧିତ୍ସା ନେଇ ଚାହିଁଲି ସବ୍ୟସାଚୀଙ୍କୁ । ସବ୍ୟସାଚୀ ମୁହଁରେ ବି ଏକ ଆଶଙ୍କା, ଦୁଃଖ, ଅବସୋସ୍ । କହିଲେ, "ଆମେମାନେ (ରଞ୍ଜନ ମହୁରିଆ, ଜେମାମଣି ବିଷୋଇ) ଆଦି କିଛି ବ୍ୟକ୍ତି ମିଶି 'ଦେଶିଆ ନାଟ ଏକାଡ଼େମୀ' ତିଆରି କରିଛୁ । ଏକ ନାଟଗୁରୁ ସମ୍ମିଳନୀ କରି ବର୍ତ୍ତମାନ ପରିପ୍ରେକ୍ଷୀରେ ନାଟକର ମୌଳିକତା ଓ ପାରମ୍ପରିକତା ବଜାୟ ରଖିବାର ଆବଶ୍ୟକତା ସମ୍ବନ୍ଧରେ ସେଠାରେ ଆଲୋକପାତ କରିବୁ । ଯେ ପର୍ଯ୍ୟନ୍ତ ପ୍ରୟାସ ଆମ ଠାରୁ ଆରମ୍ଭ ନହେବ, ସେ ପର୍ଯ୍ୟନ୍ତ ନାଟଗୁରୁମାନେ ବାସ୍ତବତା ଠାରୁ ଦୂରରେ ହିଁ ରହିବେ ଓ ଧିରେ ଧିରେ ଆହୁରି ଦୂରେଇ ଯାଇ ଦିନେ ବିସ୍ମୃତିର ଅତଳ ଗହ୍ୱରରେ ହଜିଯିବେ, ଏଥିରେ ସନ୍ଦେହ ନାହିଁ ।"

ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ତରଫରୁ ଥରେ କିଛି ପ୍ରୋତ୍ସାହନ ରାଶି ମିଳିଥିଲା ତାଙ୍କ ଦଳକୁ । ଆଉ କୌଣସି ବିଶେଷ ସହାୟତା ବିନା ଆଜି ବି ସେ ନିଜ କର୍ମ ପଥରେ ଏକ ଅଜେୟ ବୀର ଭଳି ସଂଘର୍ଷ କରି ଚାଲିଛନ୍ତି ।

ଉଠିଲି ମୁଁ । ଅପରାହ୍ନର ଖରା ମଉଳି ଆସିଥିଲା । ହେଲେ ମୋ ଭିତରେ ଡହଡହ ଫୁଟୁଥିଲା ଅନେକ ପ୍ରଶ୍ନର ପ୍ରହେଳିକା । ଆଶଙ୍କା, ଦ୍ୱନ୍ଦ୍ୱ, ଅବସୋସ ।

କ'ଣ ହେବ ତାଙ୍କ ଅପ୍ରକାଶିତ ନାଟ ବହିର ଭବିଷ୍ୟତ ? କେହି କ'ଣ ସେତିକି ଆଗ୍ରହ ନେଇ ସାଉଁଟି ଆଣି ପାରିବ ଗାଁମାନଙ୍କ ଭିତରୁ ତାଙ୍କର ପାଣ୍ଡୁଲିପି ଗୁଡ଼ିକୁ? ନା' ସାହିତ୍ୟଜଗତକୁ, ନାଟ ଜଗତକୁ ତାଙ୍କର ଅବଦାନ ଦିନେ ଲୁଚିଯିବ ଅବିଭକ୍ତ କୋରାପୁଟ ଜିଲ୍ଲାର ଡଙ୍ଗର ଅନ୍ଧାର ପଛରେ ?

ଭଗବାନ ଭତ୍ରା ବୋଧେ ପୁଣି ବଜାଇବାକୁ ଆରମ୍ଭ କରିଥିଲେ ସାରଙ୍ଗୀ । ସାରଙ୍ଗୀ ସହ ଗର୍ବରାଇ ଚରିତ୍ରର ଗୀତ, ଭାଇ ମୁଁ କାହୁଁ,କହିବି ଆଉ.../ ପୁରଣୀ ପତର ବାନ୍ଧି, ସଫା କରୁଥିଲି ଖଦି / କନା ଖଣ୍ଡେ ବଞ୍ଚିଲାନି ଆଉ... /

କେଜାଣି କିଏ ବଞ୍ଚେଇବ ପ୍ରତିଭା ବିଜଡ଼ିତ ଭଗବାନଙ୍କ କନାକୁ ! ଗାଡ଼ିର ଚକା ଗଡୁଥିଲା ଆଗକୁ, ମୁଁ ଯେମିତି ରହିଯାଉଥିଲି ପଛରେ...ଭତ୍ରାଙ୍କ ଭିତରେ ।

# ହସଖୁସିର ପରିବାର - ୧୨

ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।



ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

**ସମସ୍ୟା: ୧**

ମୋତେ ଏବେ ୫୦ ବର୍ଷ ବୟସ । ମୁଁ ଚାକିରି କରିଛି । ପ୍ରାୟ ପାଂଚ ବର୍ଷ ତଳେ ମୋ ସ୍ୱାମୀଙ୍କର ଦେହାନ୍ତ ହୋଇ ଯାଇଛି । ମୋର ଦୁଇ ଝିଅ ଓ ଦୁଇ ପୁଅ । ପୁଅ ଦୁଇ ଜଣ ପ୍ରାଇଭେଟ୍‌ରେ ଭଲ ଚାକିରି କରୁଛନ୍ତି । ଗୋଟିଏ ଝିଅ ବିବାହ କରି ସାରିଛି । ସାନ ଝିଅ ସରକାରୀ ଚାକିରି କରୁଛି, ବାହା ହେଇନି । ବଡ ପୁଅ ବିବାହ କରି ବାଙ୍ଗାଲୋରରେ ତାର ଚାକିରି ଜାଗାରେ ନିଜ ପରିବାର ସହିତ ରହୁଛି । ସେ ବେଳେବେଳେ କୁଣିଆ ପରି ଘରକୁ ଆସେ ଏବଂ ଦୁଇ ତିନି ଦିନ ରହି ପୁଣି ଫେରିଯାଏ । ଘରର କୌଣସି କଥାରେ ସେ ମୁଣ୍ଡ ଖେଳାଏ ନାହିଁ । ସାନ ପୁଅ କୋରାପୁଟରେ ଚାକିରି କରିଛି । ସେ ଏବେ ଯାଏଁ ବିବାହ କରିନି । ମୋ ସ୍ୱାମୀ ସରକାରୀ ଚାକିରି କରୁଥିଲେ । ତାଙ୍କର ଦେହାନ୍ତ ପରେ ଯାହା କିଛି ଟଙ୍କା ମୋତେ ମିଳିଛି ମୁଁ ତାହା କାହାକୁ ନ ଦେଇ ବ୍ୟାଙ୍କରେ ରଖି ଦେଇଛି ସାନ ପୁଅ ଓ ଝିଅର ବାହାଘର ପାଇଁ । କିନ୍ତୁ ଏବେ ମୋ ପିଲାମାନଙ୍କର ନଜର ସେହି ଟଙ୍କା ଉପରେ ରହିଛି । ସେମାନେ ମୋତେ ପରୋକ୍ଷରେ ସେ ଟଙ୍କାକୁ ସମସ୍ତଙ୍କ ଭିତରେ ସମାନ ଭାବରେ ବାଂଟି ଦେବାକୁ କହୁଛନ୍ତି । ଏବଂ ମାଆ ହିସାବରେ ସବୁ ପିଲାଙ୍କ ପାଠ ପଢାରୁ ନେଇ ବିବାହ ପର୍ଯ୍ୟନ୍ତ ସବୁ ଦାୟିତ୍ୱ ମୋର ବୋଲି ମୋତେ ବାରମ୍ବାର ତାଗିଦ କରୁଛନ୍ତି । ବଡ ପୁଅ କିଛି ନ କହିଲେ ମଧ୍ୟ ମତେ ଲାଗୁଛି ସେ ବି ପରୋକ୍ଷରେ ଏହାକୁ ସମର୍ଥନ କରୁଛି । ମୁଁ ତାକୁ ଯେତେବେଳେ ଏହି ସମସ୍ୟା କଥା କହିବାକୁ ଚେଷ୍ଟା କରୁଛି ସେ ତାହାକୁ ଚତୁରତାର ସହିତ ଆଡେଇ ଯାଉଛି । ଏପରିକି ସେ ଏହା ମଧ୍ୟ କହୁଛି ଯେ ଏସବୁ



▼କବି ହେମନ୍ତ ମହାନ୍ତିଙ୍କ ହସଖୁସିର ପରିବାର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।
www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

ପଛରେ ତୁମେ ହିଁ ଦାୟୀ । ଦିନ ଦିନ ଧରି ମୋ ପିଲାମାନେ ମୋ ସହିତ କଥା ହେଉ ନାହାନ୍ତି । ଏ ପରିସ୍ଥିତିରେ ମୁଁ କଣ କରିବି ଦୟାକରି ମୋତେ କୁହନ୍ତୁ ।

**ରଶ୍ମିତା ପଲେଇ,** କଟକ

### ସମାଧାନର ସୂତ୍ର

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣା ପଡୁଛି ଯେ ଆପଣଙ୍କ ପରିବାରରେ କାହାର କାହା ସହିତ ମନ ମିଳୁନାହିଁ । ବଡପୁଅ ବାଙ୍ଗାଲୋରରେ ନିଜର ପରିବାର ସହିତ ଖୁସିରେ ଅଛନ୍ତି । ବାପାଙ୍କ ଦେହାନ୍ତ ପରେ ବଡପୁଅ ହିଁ ଘରର ଦାୟିତ୍ୱ ନେବା କଥା । ବଡପୁଅ ସହିତ ଆପଣଙ୍କର ବଡଝିଅ ବି ଆପଣଙ୍କୁ ସବୁ ପ୍ରକାର ସହଯୋଗ କରିବା କଥା । ଝିଅମାନଙ୍କର ବାହାଘର ହେଇଗଲା ପରେ ବି ସେମାନେ ସବୁବେଳେ ବାପଘର ପାଇଁ ଚିନ୍ତା କରିଥାନ୍ତି । ଆପଣଙ୍କ ପରିବାରରେ ବଡପୁଅ ଓ ବଡଝିଅ ଯଦି ଆପଣଙ୍କର ବିଶ୍ୱାସ ଭାଜନ ହେଉ ନାହାନ୍ତି ତେବେ ବଡ ଦୁଃଖର କଥା । କିନ୍ତୁ ଆପଣ ଏଥିରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ । ଏବେ ଆପଣଙ୍କର ବଡ ଦାୟିତ୍ୱ ହେଉଛି ସାନପୁଅ ଓ ଝିଅଙ୍କର ବାହାଘର କରାଇବା । ଆପଣ କୌଣସି କଥାରେ ମୁଣ୍ଡ ନ ପୂରାଇ କେବଳ ସେମାନଙ୍କର ବାହାଘର ପାଇଁ ବ୍ୟବସ୍ଥା କରନ୍ତୁ । ଆପଣଙ୍କ ସହିତ ପିଲାମାନେ ଭଲରେ କଥା ହୁଅନ୍ତୁ ବା ନ ହୁଅନ୍ତୁ ତାହା ଆପଣଙ୍କ ପାଇଁ ଏବେ ପ୍ରାଧାନ୍ୟ ନୁହେଁ । ସ୍ୱାମୀଙ୍କ ଦେହାନ୍ତ ପରେ ମିଳିଥିବା ଅର୍ଥକୁ ସୁରକ୍ଷିତ ଭାବରେ ବ୍ୟାଙ୍କରେ ଜମା ରଖନ୍ତୁ । ତେବେ ପୁଅଝିଅଙ୍କ ବାହାଘରବେଳେ ଆପଣ ଆଉ କାହା ପାଖରୁ ଅର୍ଥ ସାହାଯ୍ୟ ନେବା ଦରକାର ପଡିବ ନାହିଁ । କିଏ କଣ କହିଲା ବା ନ କହିଲା ସେଥିରେ ଭାବପ୍ରବଣ ନ ହୋଇ ଆପଣଙ୍କର ଯାହା ମୁଖ୍ୟ ଦାୟିତ୍ୱ ସେଥିପ୍ରତି ଧ୍ୟାନ ରଖନ୍ତୁ । ଅର୍ଥ ହିଁ ଅନର୍ଥର କାରଣ, ଏହା ଆପଣ ଭଲ ଭାବରେ ଜାଣନ୍ତି । ଆପଣଙ୍କ ଘରର କଥା ବାହାର ଲୋକଙ୍କ ଆଗରେ କେବେ ବି ପ୍ରକାଶ କରନ୍ତୁ ନାହିଁ । ତାହା ଦ୍ୱାରା କଥାଟା ଆହୁରି ଜଟିଳ ହୋଇ ଯାଇପାରେ ।


### ସମସ୍ୟା: ୨

ମୁଁ ଜଣେ ଛାତ୍ର । ମୁଁ ସରକାରୀ ଇଞ୍ଜିନିୟରିଂ କଲେଜରୁ ୨୦୧୮ ମସିହାରେ ବି.ଟେକ୍ ପାସ୍ କରିଛି । ମୋ ସାନ ଭାଇ ମେଡିକାଲ ପାଇଁ ନିଜକୁ ପ୍ରସ୍ତୁତ କରୁଛି । ମୋ ବାପା ଏକ ପ୍ରାଇଭେଟ ସଂସ୍ଥାରେ କାମ କରନ୍ତି । ମୋର ସଂପୂର୍ଣ୍ଣ କ୍ୟାରିଅର ବହୁତ ଭଲ । ତେଣୁ ସବୁବେଳେ ମୋର ମନରେ ଗୋଟିଏ ଇଚ୍ଛା ରହିଛି ଯେ ସରକାରୀ ଚାକିରି କରିବି । ସେଥିପାଇଁ ବହୁତ ସମୟ ପାଠ ବି ପଢୁଛି । ଯାହା ସରକାରୀ ଚାକିରି ବାହାରୁଛି ସେ ସବୁର ପ୍ରବେଶିକା ପରୀକ୍ଷା ଦେଉଛି । କିନ୍ତୁ ଦୁଃଖର କଥା ଯେ ଏବେ ଯାଏ ମୋର କୌଣସି ଗୋଟିଏ ବି ସରକାରୀ ଚାକିରି ହେଲା ନାହିଁ । କେବଳ ସରକାରୀ ଚାକିରି କରିବି ବୋଲି ଦୁଇ ତିନିଟି ପ୍ରାଇଭେଟ ଚାକିରି ମଧ୍ୟ ମୁଁ ହାତଛଡା କରିଛି । ବନ୍ଧୁବାନ୍ଧବରେ ମୋ ଠାରୁ ସାନ ଭାଇଭଉଣୀମାନେ ଚାକିରି କଲେଣି । କିନ୍ତୁ ମୁଁ ଏ ପର୍ଯ୍ୟନ୍ତ ଚାକିରି ପାଇ ପାରୁନି ବୋଲି ମୋତେ ବହୁତ ଖରାପ ଲାଗୁଛି । ଏପରିକି ଘରେ ବାପାମାଆ କିଛି କହିଲେ ମୁଁ ସହି ପାରୁନି । ବହୁତ ମନ କଷ୍ଟ ହେଉଛି । ମୁଁ ଏବେ ହଷ୍ଟେଲରେ ରହି ନିଜକୁ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଛି । ହେଲେ ସବୁବେଳେ ଘରେ ଟଙ୍କା ମାଗିବାକୁ ବି ମୋତେ ଖରାପ ଲାଗୁଛି । ଆଜିକାଲି ସରକାରୀ ଚାକିରିରେ ଏତେ କମ୍ପିଟିସନ୍ ବଢି ଗଲାଣି ଯେ ମୋର ଆଉ ନିଜ ଉପରେ ସେତିକି ଭରସା ରହୁନି । ମୁଁ ନିଜର ଆତ୍ମବିଶ୍ୱାସ ହରାଇ ବସୁଛି । ବେଳେବେଳେ ଭାବୁଛି ଆଉ ପାଠ ନ ପଢି ଯାଇ କୌଣସି ପ୍ରାଇଭେଟ ସଂସ୍ଥାରେ ଚାକିରି କରିବି । ପୁଣି ଭାବୁଛି ଏତେ ଦିନ ହେଲାଣି କଷ୍ଟ କରି ନିଜକୁ ଯେଉଁ ଚାକିରି ପାଇଁ ପ୍ରସ୍ତୁତ କରୁଛି ତାହା ସବୁ ବ୍ୟର୍ଥ ହୋଇଯିବ । ଏଥିପାଇଁ ମୋର ମାନସିକ ଯନ୍ତ୍ରଣା ଦିନକୁ ଦିନ ବଢିବାରେ ଲାଗିଛି । ମୋତେ ରାସ୍ତା ବତାନ୍ତୁ ।

**ସନ୍ତୋଷ ସାହୁ,** ସାଲେପୁର

### ସମାଧାନର ସୂତ୍ର

ତୁମ ପରି ଅନେକ ପିଲା ପଢିସାରି ବି ଚାକିରି ପାଇ ନାହାନ୍ତି । କିଛି ପିଲା ମନ ମୁତାବକ ଚାକିରି ନ ପାଇ ଅଶାନ୍ତିରେ ଅଛନ୍ତି । ତୁମେ ୨୦୧୮ରେ ପାସ୍ କରିଛ । ବେଶି ସମୟ ହେଇ ନାହିଁ । ପିଲାମାନେ ଚାରି ପାଂଚ ବର୍ଷ ତଳୁ ପାସ୍ କରି ବି ଏବେ ଯାଏଁ ଚାକିରି ପାଇ ନାହାନ୍ତି । ଏହା ସେପରି ଏକ ଜଟିଳ ସମସ୍ୟା ନୁହେଁ । କାରଣ ଏବେ ଆମ ରାଜ୍ୟରେ ତଥା ଦେଶରେ ଚାକିରିର ଘୋର ଅଭାବ । ଏଣୁ ବି.ଟେକ୍ ପାସ କରି ବି ପିଲାମାନେ ଅନ୍ୟ ବିଭାଗରେ ଚାକିରି କରୁଛନ୍ତି । ଏଥିରେ କୌଣସି ଆଶ୍ଚର୍ଯ୍ୟ ହେବାର ନାହିଁ । ତୁମେ ଯଦି କେବଳ ସରକାରୀ ଚାକିରି ଖୋଜିବ ତେବେ ହୁଏତ ନ ପାଇଲେ ତୁମର



କବି ଅନସୂୟା ପଣ୍ଡାଙ୍କ ହସଖୁସିର ପରିବାର

ହତାଶା ବଢ଼ି ବଢ଼ି ଯିବ । ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଜୀବନ ସାରା ବେସରକାରୀ ସଂସ୍ଥାରେ କାମ କରି ବହୁ ଉଚ୍ଚ ସ୍ଥାନକୁ ଯାଇଛନ୍ତି । ଆଜିକାଲି ବଡ଼ ବଡ଼ ବେସରକାରୀ ଅନୁଷ୍ଠାନମାନଙ୍କରେ ସରକାରୀ ଚାକିରିଠାରୁ ବି ଯଥେଷ୍ଟ ଅଧିକ ଦରମା ସହିତ ସମ୍ମାନ ବି ମିଳୁଛି । ସେଥିପାଇଁ ତୁମେ ନିଜର ଯୋଗ୍ୟତା ପ୍ରମାଣ କରିବା ଦରକାର । ଯଦି ତୁମେ ନିଜର ଲକ୍ଷ୍ୟ ହାସଲ କରିବାକୁ ଚାହୁଁଛ ତେବେ ତୁମେ ନିଜ ମୁଣ୍ଡରୁ ଆସୁଥିବା ବିଭିନ୍ନ ପ୍ରକାର ଦୁଃଶ୍ଚିନ୍ତାକୁ କାଢ଼ିଦିଅ । ପିଲାମାନେ ଛୋଟ ବେସରକାରୀ ସଂସ୍ଥାରେ ଚାକିରି କରି ମଧ୍ୟ ଜାତୀୟସ୍ତରର ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏ ସବୁ ପାଇଁ ଦୃଢ଼ ଇଚ୍ଛାଶକ୍ତି ଦରକାର । ସକାଳେ ଓ ସଂଧ୍ୟାରେ ଟ୍ୟୁସନ କରି ମଧ୍ୟ ତୁମେ ନିଜ ଖର୍ଚ୍ଚ ପାଇଁ ଅର୍ଥ ରୋଜଗାର କରି ପାରିବ । ବାପାଙ୍କୁ ଆଉ ଟଙ୍କା ମାଗିବା ଆବଶ୍ୟକ ପଡ଼ିବ ନାହିଁ । ମନ ସ୍ଥିର ରଖି ପ୍ରତ୍ୟେକ ପରୀକ୍ଷା ପାଇଁ ନିଜକୁ ପ୍ରସ୍ତୁତ କଲେ ସ'ଳତା ମିଳିବ ହିଁ ମିଳିବ । ମନରେ ଏଣୁତେଣୁ ଭାବନା ରଖିଲେ ଲକ୍ଷ୍ୟ ହାସଲ ହେବ ନାହିଁ । ଆତ୍ମବିଶ୍ୱାସର ସହିତ କାମ କଲେ ସୁଫଳ ମିଳିବ । ଅନ୍ୟର ସଫଳତା ଦେଖି ସେଥିପାଇଁ ମନକୁ ଦୁର୍ବଳ କରିବା ପରିବର୍ତ୍ତେ ନିଜକୁ ସେଭଳି ସଫଳ ହେବାର ପ୍ରେରଣା ଦେବା ଉଚିତ ।

**ସମସ୍ୟା: ୩**

ମୋର ବୟସ ୨୫ ବର୍ଷ । ମୁଁ ବାପାମାଆଙ୍କର ଗୋଟିଏ ଝିଅ । ମୁଁ ଗୋଟିଏ ବେସରକାରୀ ସଂସ୍ଥାରେ କାମ କରୁଛି । ମୁଁ ସ୍କୁଲରେ ପାଠ ପଢ଼ିବା ବେଳଠାରୁ ଗୋଟିଏ ପୁଅକୁ ଭଲ ପାଉଛି । ସେ ମୋଠାରୁ ଚାରି ବର୍ଷ ବଡ଼ । ଏପରିକି ଆମେ ଦୁହେଁ ଦୁହିଁଙ୍କୁ ବିବାହ କରିବୁ ବୋଲି ପ୍ରତିଶ୍ରୁତି ଦେଇଛୁ । ସେ ମଧ୍ୟ ଗୋଟିଏ ପ୍ରାଇଭେଟ ସଂସ୍ଥାରେ ଚାକିରି କରିଛନ୍ତି । ସେମାନେ ଗୋଟିଏ ଭାଇ ଓ ଗୋଟିଏ ଭଉଣୀ । ଭଉଣୀର ବାହାଘର ହୋଇ ସାରିଛି । ତାଙ୍କ ପରିବାରରେ ଆମ ଭଲ ପାଇବା ବିଷୟରେ ଜାଣନ୍ତି । ସେମାନେ ସମସ୍ତେ ରାଜି । କିନ୍ତୁ ମୋ ବାପା ରାଜି ନୁହଁନ୍ତି । କାରଣ ସେ ଆମ ଠାରୁ ଅଲଗା ଜାତିର ଏବଂ ସରକାରୀ ଚାକିରି କରିନାହାନ୍ତି । ଆମ ଘରେ ମୋ ବାପା ସରକାରୀ ଚାକିରି କରିଛନ୍ତି । ତେଣୁ ତାଙ୍କର ପସନ୍ଦ ସରକାରୀ ଚାକିରି କରିଥିବା ପିଲାଟିଏ । ମୋ ବାପା ବହୁତ ଏକଜିଦିଆ । ତେଣୁ ତାଙ୍କୁ କେହି ବୁଝାଇ ପାରୁ ନାହାନ୍ତି । ମୋ ମାଆ ବି ବାପାଙ୍କୁ ବହୁତ ଡରନ୍ତି । ଘରୁ ଲୁଚି ପଳାଇ ଯାଇ ବାହା ହେବା ସପକ୍ଷରେ ମୁଁ ନୁହେଁ । କାରଣ ଏଥିରେ ମୋ ମାଆବାପାଙ୍କର ମାନସମ୍ମାନ ଉପରେ ଆଂଚ ଆସିବ । ତେଣୁ ଆମେ ଦୁଇ ଜଣ ଉଭୟ ପରିବାରର ସହମତି ନ ପାଇଲେ ବିବାହ କରିବୁ ନାହିଁ ବୋଲି ସ୍ଥିର କରିଛୁ । ଧୀରେ ଧୀରେ ମୋର ବୟସ ବଢ଼ିବାରୁ ବନ୍ଧୁବାନ୍ଧବରେ ବି ଅନେକ ପ୍ରସ୍ତାବ ଆସୁଛି । କିନ୍ତ ମୁଁ ସବୁ ଜାଗାରେ ବିଭିନ୍ନ ଆଳ ଦେଖାଇ ମନା କରି ଦେଉଛି । କିନ୍ତୁ ତାହା ପରେ ଘରେ ସବୁବେଳେ ଏକ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି । ବାପା ରାଗି ଦିନେ ଦୁଇ ଦିନ ଯାଏ କାହା ସହିତ କଥା ହେଉ ନାହାନ୍ତି । ମାଆ ବି ଏଥିପାଇଁ ବହୁତ କଷ୍ଟ ପାଉଛନ୍ତି । ବୟସ ବଢ଼ିବାରୁ ତାଙ୍କ ଘରେ ବି ତାଙ୍କ ଉପରେ ବିବାହ ପାଇଁ ଚାପ ପକାଇବା ଆରମ୍ଭ କଲେଣି । ତେଣୁ ଏ ସବୁ ପରିସ୍ଥିତିରେ ମୋର ମାନସିକ ଭାରସାମ୍ୟ ଠିକ୍ ରହୁନି । ମୁଁ ଜାଣି ପାରୁନି କଣ କରିବି ?

**ପଲ୍ଲବୀ ପ୍ରିୟଦର୍ଶିନୀ,** ଖୋର୍ଦ୍ଧା

**ସମାଧାନର ସୂତ୍ର**

ତୁମେ ପାଠ ପଢ଼ିଛ ଏବଂ ଚାକିରି କରିଛ । ତୁମ ଚାରିପଟେ ଘଟୁଥିବା ସବୁ ଘଟଣାକୁ ବି ତୁମେ ଦେଖୁଥିବ । ଏଣୁ ତୁମେ ତୁମ ନିଜର ସମସ୍ୟାକୁ ନିଜେ ଠିକ୍ ଭାବରେ ବୁଝିଯିବା କଥା । ଏଥିରେ ମାନସିକ ଭାରସାମ୍ୟ ହରାଇବାର କୌଣସି ପ୍ରଶ୍ନ ଉଠୁନାହିଁ । ଯେଉଁ ପୁଅକୁ ବାହା ହେବ ବୋଲି ତୁମେ ସ୍ଥିର କରିଛ ତୁମର ବାପାଙ୍କର ତାହା ପସନ୍ଦ ନୁହେଁ । ପିଲାଦିନରୁ ତୁମେ ତୁମ ବାପାଙ୍କୁ ଭଲ ଭାବରେ ଜାଣିଛ । ସେଥିରେ ଲୁଚାଛପା କିଛି ନାହିଁ । ତୁମ ବାପାଙ୍କୁ ବି ତୁମ ମାଆ ବୁଝାଇ ପାରିବେ ନାହିଁ । ତାହା ମଧ୍ୟ ତୁମେ ଜାଣିଛ । ଏଣୁ ତୁମେ ଏବେ ସବୁ କଥା ଘରେ ଖୋଲି କରି କହି ଦେବା ଆବଶ୍ୟକ । ବାପାଙ୍କୁ ଜଣାଇ ଦେବା ଆବଶ୍ୟକ ଯେ ବାପା ରାଜି ହେଲେ ତୁମେ ସେଇଠି ବାହା ହେବ । ଯଦି ବାପା ରାଜି ନ ହୁଅନ୍ତି ବରଂ ତୁମେ ଅବିବାହିତା ରହିବ କିନ୍ତୁ ଘରୁ ବାହାରି ଯାଇ ସେ ପିଲା ସହିତ ବିବାହ କରିବ ନାହିଁ । ଏହାଦ୍ୱାରା ତୁମ ଘରେ ଅନ୍ୟ ପ୍ରସ୍ତାବ ଆସି ଅଶାନ୍ତି ସୃଷ୍ଟି ହେବ ନାହିଁ । ଘଟଣା ଯେତେ ଜଟିଳ ହେଲେ ବି ପରିବାରରେ ସମସ୍ତେ ମୁହାଁମୁହିଁ ବସି ମନଖୋଲା କଥା ହେଲେ ହିଁ ସମସ୍ୟାର ସମାଧାନ ହେବ । ପିଲାମାନେ ନିଜର ସ୍ୱାର୍ଥ ପାଇଁ ବାପାମାଆମାନଙ୍କୁ ଭୁଲ ବୁଝନ୍ତି । ଏବଂ ପରେ ନିଜର କର୍ମ ପାଇଁ ଅନୁତାପ କରନ୍ତି । ତୁମ ଭବିଷ୍ୟତ ପାଇଁ ତୁମେ ସିଦ୍ଧାନ୍ତ ନେଇଛ । ଏଣୁ ଏଥିପାଇଁ ତୁମକୁ ଧୈର୍ଯ୍ୟ ଧରି କିଛି ତ୍ୟାଗ କରିବାକୁ ପଡ଼ିବ । ବାପାଙ୍କର ଜିଦ୍ ଆଗରେ ତୁମର ଜିଦ୍ ନ ରଖି ବିନମ୍ରତାର ସହିତ କଥା ହେଲେ ବାପାଙ୍କ ମନରେ ପରିବର୍ତ୍ତନ ଆସିପାରେ । ଏଣୁ ଏହାର ସମାଧାନର ବାଟ ତୁମକୁ ହିଁ ଖୋଜିବାକୁ ପଡ଼ିବ । ଭାବପ୍ରବଣତାର ପ୍ରଭାବରେ ଭାଙ୍ଗି ପଡ଼ିବା ଉଚିତ ନୁହେଁ । ଧୈର୍ଯ୍ୟ ରଖି ଥଣ୍ଡା ମୁଣ୍ଡରେ କାମ କଲେ ସମାଧାନର ବାଟ ପାଇ ପାରିବ ।

**ସମସ୍ୟା: ୪**

ମୁଁ ଗୋଟିଏ ସରକାରୀ ସ୍କୁଲରେ ଶିକ୍ଷୟିତ୍ରୀ । ମୋର ସ୍ୱାମୀ ଗୋଟିଏ ମଲ୍ଟି ନ୍ୟାସନାଲ କଂପାନିରେ କାର୍ଯ୍ୟରତ । ମୋର ଗୋଟିଏ ପୁଅ ଓ ଗୋଟିଏ ଝିଅ । ଝିଅ ବଡ଼ ଓ ପୁଅ ସାନ । ଝିଅ ଏମବିଏ କରି ବାଙ୍ଗାଲୋରରେ ଚାକିରି କରିଛି । ପୁଅକୁ ଏବେ ଚଉଦ ବର୍ଷ ବୟସ । ସେ ନବମ ଶ୍ରେଣୀରେ ପାଠ ପଢୁଛି । ଠିକ୍‌ରେ ପାଠ ପଢ଼ିଲାନି ବୋଲି ସ୍କୁଲ ସହିତ ମୁଁ ତାକୁ ଟ୍ୟୁସନ ବି ଦେଇଛି । ତଥାପି ତାର ପାଠରେ ଅବା କୌଣସି କାମରେ ମନ ଲାଗୁନି । ପାଠ ଛଡ଼ା ଡ୍ରଇଁ, ନାଚ, ଗୀତ ଯାହା ବି ନିଜ ଇଚ୍ଛାରେ ଶିଖିବାକୁ ଯାଉଛି କିଛି ଦିନ ପରେ ବନ୍ଦ କରି ଦେଉଛି । ପଚାରିଲେ ବିଭିନ୍ନ ଆଳ ଦେଖାଇ ମୋର ସମୟ ନଷ୍ଟ ହେଉଛି ବୋଲି କହୁଛି । ପ୍ରତି ଛଅ ମାସରେ ମନରେ ତାର ନୂଆ ନୂଆ ପ୍ରକାରର ବିଷୟ ପ୍ରତି ଆଗ୍ରହ ସୃଷ୍ଟି ହେଉଛି । କିନ୍ତୁ କୌଣସି କାମକୁ ସଂପୂର୍ଣ୍ଣ କରିବାର ଧୈର୍ଯ୍ୟ ନାହିଁ କି ଇଚ୍ଛା ବି ନାହିଁ । ମୁଁ ତା ପାଖରେ ବସିଲେ ହିଁ ସେ ପାଠ କରୁଛି ନଚେତ ସେମିତି ବହି ଧରି ବସି ରହୁଛି । ବୁଝି ପାରୁଛି କିନ୍ତୁ କିଛି ମନେ ରଖୁନି । ମୋର ସ୍ୱାମୀ ତାଙ୍କ ବାପାମାଆଙ୍କର ଗୋଟିଏ ପୁଅ । ତେଣୁ ଶାଶୁଶ୍ୱଶୁର ସବୁବେଳେ ମୋ ପାଖରେ । ମୁଁ ଘରର ସବୁ କାମ କରିବା ସହ ପିଲାକୁ ଦେଖୁଛି । ସ୍ୱାମୀ ସକାଳୁ ଯାଇ ରାତିରେ ଫେରନ୍ତି । ଅବଶ୍ୟ ଛୁଟି ଦିନରେ ପୁଅକୁ ସମୟ ଦିଅନ୍ତି । ପୁଅ ଜେଜେବାପା ଓ ଜେଜେମାଆଙ୍କ କଥା ବି ଶୁଣେନି । ସବୁବେଳେ କିପରି ଅନ୍ୟମନସ୍କ ରହେ । ସବୁବେଳେ ତାକୁ ସବୁ କିଛି ନୂଆ ଦରକାର । ଆଉ ତାର ଇପ୍ସିତ ବସ୍ତୁଟି ପାଇବା ପାଇଁ ସେ କଳେ ବଳେ କୌଶଳେ ଚେଷ୍ଟା କରେ । ଧୀରେ ଧୀରେ ବଡ଼ ହେଉଛି । ମୁଁ ବୁଝି ପାରୁନି ସେ ଭବିଷ୍ୟତରେ କଣ କରିବ । ଏ ସବୁ ଭାବିଲା ବେଳକୁ ମୋର ଚିନ୍ତା ବଢ଼ି ଯାଉଛି । ଏ ପରିସ୍ଥିତିରେ ମୁଁ କଣ କରିବି ।

**ସୁମତି ପାଢ଼ୀ,** ରାଉରକେଲା

**ସମାଧାନର ସୂତ୍ର**

ଆପଣଙ୍କର ପରିବାରର ଯେଉଁ ପରିସ୍ଥିତି ଓ ପରିବେଶ ସେଥିରେ ଆପଣଙ୍କର ଝିଅ ଭଲ ଭାବରେ ପାଠ ପଢ଼ି ବାଙ୍ଗାଲୋରରେ ଚାକିରି କରିଛି । ଆପଣ ଓ ଆପଣଙ୍କର ସ୍ୱାମୀ ଦୁହେଁ ଚାକିରି କରିଛନ୍ତି । ଆପଣଙ୍କ ଘରେ ଶାଶୁଶ୍ୱଶୁର ବି ଅଛନ୍ତି । ଆପଣ ଚାକିରି କରିବା ସହିତ ଘର କାମ ବି କରୁଛନ୍ତି । ଏହି ପରିସ୍ଥିତିରେ ଯଦି ଝିଅର କୌଣସି ପ୍ରକାରର ଅସୁବିଧା ହେଇନି ତେବେ ପୁଅ ପାଇଁ କାହିଁକି ହେଉଛି । ଝିଅ ଘରେ ଥିଲା ବେଳେ ନିଶ୍ଚିତ ଭାବରେ ଭାଇଭଉଣୀଙ୍କର ଭଲ ସଂପର୍କ ଥିବ । ଭାଇ କିଛି ଦୁଷ୍ଟାମୀ କଲେ ବଡ଼ ଭଉଣୀ ନିଶ୍ଚିତ ଭାବରେ

ବୁଝାଉ ଥିବ । ପୁଅ ବିଷୟରେ ଆପଣ ଯାହା ସବୁ ଲେଖିଛନ୍ତି ସେଥିପାଇଁ ଆପଣ ଓ ଆପଣଙ୍କ ସ୍ୱାମୀ କେତେ ଦୂର ଦାୟୀ ସେ ଦିଗରେ ଆପଣ ଆତ୍ମସମୀକ୍ଷା କରନ୍ତୁ । ଅନେକ ସମୟରେ ଗୋଟିଏ ପୁଅ ବୋଲି ଅତି ଗେଲବସରରେ ବାପାମାଆ ପୁଅର ଇଚ୍ଛା ମୁତାବକ ସବୁ ଯୋଗାଇ ଦେଇଥାନ୍ତି । ତାହା ପ୍ରଥମରୁ ଅତି ଖୁସି ଦେଉଥିଲେ ବି ପରବର୍ତୀ ସମୟରେ ପୁଅ ଅଧିକରୁ ଅଧିକ ପାଇବା ପାଇଁ ଜିଦି କରି ବସେ । ଚଉଦ ବର୍ଷ ବୟସରେ ପିଲାମାନଙ୍କର ମନ ଅସ୍ଥିର ରହିବ ଏବଂ ପାଠ ପଢାରେ ମନ ନ ଦେଇ ସେମାନେ ଅନ୍ୟ ବିଷୟରେ ଅଧିକ ଧ୍ୟାନ ଦେବେ । ସେଥିପାଇଁ ଆଦୌ ବିଚଳିତ ହେବାର ଆବଶ୍ୟକତା ନାହିଁ । କିମ୍ବା ତାର ଦୋଷ ବାହାର କରି ଘରେ ବିରକ୍ତ ଭାବ ପ୍ରକାଶ କରିବା ଅବା ଅନ୍ୟମାନଙ୍କ ଆଗରେ ତାକୁ କହିବା ଆଦୌ ଉଚିତ ନୁହେଁ । ଧୈର୍ଯ୍ୟର ସହିତ ଥଣ୍ଡାମୁଣ୍ଡରେ ପରିସ୍ଥିତିକୁ ଅନୁଧ୍ୟାନ କରି ପ୍ରତିକାରର ବ୍ୟବସ୍ଥା କରାଯିବା ଉଚିତ । ଆପଣ ଯେପରି ଚାହିଁବେ ସେପରି ସେ ହେବ ବୋଲି ଭାବିବା ମୂର୍ଖାମି ହେବ । ଆପଣ ଭୁଲରେ କେବେ ବି ତାକୁ ତାର ବଡ ଭଉଣୀ ସହିତ ତୁଳନା କରିବେ ନାହିଁ । କିମ୍ବା ଆପଣଙ୍କର ମନୋଭାବକୁ ପୁଅ ଉପରେ ଲଦି ଦେବେ ନାହିଁ । ଆପଣଙ୍କର ଅସନ୍ତୋଷ ଭାବକୁ ସ୍ନେହଶ୍ରଦ୍ଧାର ସହିତ ତା ପାଖରେ ପ୍ରକାଶ କଲେ ହୁଏତ ସୁପ୍ରଭାବ ପଡି ପାରେ । କିନ୍ତୁ ବିରକ୍ତ ଭାବ ପ୍ରକାଶ କଲେ 'ଳ ଓଲଟା ହେବ । ଏ ବିଷୟରେ ଆପଣ ବାହାରେ କାହା ସହିତ ଆଲୋଚନା ଆଦୌ କରିବେ ନାହିଁ । ପ୍ରତି ମୁହୂର୍ତରେ ମାଆଟିଏ ପରି ତାକୁ ଆନ୍ତରିକତାର ସହିତ ଠିକ୍ ରାସ୍ତା ଦେଖାଇବେ । ଧୀରେ ଧୀରେ ନିଶ୍ଚିତ ସେ ବୁଝି ପାରିବ । ଏଥିପାଇଁ ଅଧିକରୁ ଅଧିକ ଧୈର୍ଯ୍ୟ ଦରକାର ।

**ସମସ୍ୟା: ୫**

ମୋତେ ଏବେ ୩୦ ବର୍ଷ ବୟସ । ମୁଁ ଭଲ ପାଇ ବିବାହ କରିଛି । ମୋର ବିବାହକୁ ତିନି ବର୍ଷ ହୋଇ ଗଲାଣି । ଭଲ ପାଇବାର ଚାରି ବର୍ଷ ପରେ ଆମେ ଦୁହେଁ ବିବାହ କଲୁ । ମୋ ସ୍ତ୍ରୀ ମୋ ଠାରୁ ଦୁଇ ବର୍ଷ ବଡ । ଆମେ ଦୁହେଁ ବେସରକାରୀ ସଂସ୍ଥାରେ ଚାକିରି କରୁ । ଆଗରୁ ଦୁଇ ଜଣ ଏକା ସ୍ଥାନରେ ଚାକିରି କରୁଥିଲୁ । କିନ୍ତୁ ଭଲ ପାଇବାର ଦୁଇ ବର୍ଷ ପରେ ମୁଁ ସେଠାରୁ ଚାକିରି ଛାଡି ଅନ୍ୟତ୍ର ଚାକିରି କରିଲି । ଚାକିରି ଅନ୍ୟତ୍ର ଥିଲେ ବି ଆମେ ଦୁହେଁ ଏକା ସହରରେ ରହୁଥିଲୁ । ତା ପରେ ପରିବାରର ସହମତିରେ ଆମ ଦୁଇ ଜଣଙ୍କର ବିବାହ ହୋଇଗଲା । ବିବାହର ଠିକ ଛଅ ମାସ ପରେ ହଠାତ ମୋ ସ୍ତ୍ରୀ ପୂର୍ବ ଚାକିରି ଛାଡି ଅନ୍ୟତ୍ର ଚାକିରି କରିଲେ । ତାଙ୍କର ନୂଆ ଚାକିରି ଅନ୍ୟ ଏକ ସହରରେ ଥିଲା । ଏ ବିଷୟରେ ସେ ମୋତେ ଆଗରୁ ବି କିଛି କହି ନ ଥିଲେ । ନୂଆ ଚାକିରିରେ ଜଏନ କରିବା ପୂର୍ବ ଦିନ ହିଁ ମୁଁ ଏ କଥା ଜାଣିଲି । ଏପରିକି ସେଠାରେ କି ପ୍ରକାର ଚାକିରି ସେ ବିଷୟରେ କହିବାକୁ ବି ସେ କୁଣ୍ଠାବୋଧ କଲେ । ତେଣୁ ମୁଁ ସେଥିରେ ତାଙ୍କୁ ବାଧ କଲିନି । ସେ ସକାଳୁ ଯାଆନ୍ତି ଓ ରାତିରେ ଆସନ୍ତ । କୌଣସି ଛୁଟି ଦିନ ବି ଘରେ ରୁହନ୍ତି ନାହିଁ । ଏପରିକି ମୋ ବାପାମାଆ ଆସିଲେ ବି ସେ ଅଫିସରେ ଜରୁରୀ କାମ ଅଛି କହି ଚାଲି ଯାଆନ୍ତି । ଏବେ ବିବାହର ତିନି ବର୍ଷ ପୂରି ଗଲାଣି । ମୋ ବାପାମାଆ ନାତିନାତୁଣୀ ବିଷୟରେ ପଚାରିବା ଆରମ୍ଭ କଲେଣି । କିନ୍ତୁ ମୋ ସ୍ତ୍ରୀ ଏଥିରେ ନିଜର ସହମତି ପ୍ରକାଶ କରୁ ନାହାନ୍ତି । ଯେତେବେଳେ ଏ କଥା ଉଠୁଛି ସେ ଭୀଷଣ ଭାବରେ ରାଗି ଯାଇ ଭୟଙ୍କର ପରିସ୍ଥିତି ସୃଷ୍ଟି କରୁଛନ୍ତି । ଏପରିକି ଘରୁ ଚାଲିଯିବାକୁ ମଧ୍ୟ ଧମକ ଦେଉଛନ୍ତି । ବେଳେବେଳେ ମୋତେ ବି ସନ୍ଦେହ କରୁଛନ୍ତି । ଏପରିକି ମୋର ଅନ୍ୟତ୍ର ସଂପର୍କ ଅଛି ବୋଲି ସେ ତାଙ୍କ ବାପାମାଆଙ୍କ ଆଗରେ କହୁଛନ୍ତି । ରାତିଅଧରେ ଉଠି ମୋର ଫୋନ୍ ବି ଖୋଲି ଚେକ୍ କରୁଛନ୍ତି । ମୁଁ ଜାଣି ପାରୁନି ଯେ ତାଙ୍କର ହଠାତ ଏପରି ପରିବର୍ତନ କାହିଁକି ହେଲା ଓ ସେ ପ୍ରକୃତରେ କଣ ଚାହୁଁଛନ୍ତି । ଏହାର ସମାଧାନର ବାଟ ବତାଇବାକୁ ଅନୁରୋଧ ।

**ସୁମନ୍ତ ମହାରଣା, ପୁରୀ**

**ସମାଧାନର ସୂତ୍ର**

ତୁମେ ଯାହା ସବୁ ଲେଖିଛ ତାହା ତୁମର ନିଜସ୍ୱ ମତାମତ ବା ଭାବନା । ଏଥିରେ ତୁମେ କେବଳ ତୁମ ସ୍ତ୍ରୀର ବ୍ୟବହାର ବା କାର୍ଯ୍ୟକଳାପ ଉପରେ ଲେଖିଛ । ଏହାକୁ ଯିଏ ପଢିବ ସେ ତୁମକୁ ସଂପୂର୍ଣ୍ଣ ଭାବରେ ନିର୍ଦ୍ଦୋଷ ବୋଲି ଭାବିବ । ତୁମେ ଦୁହେଁ ଭଲପାଇ କରି ବାହା ହୋଇଛ । ତୁମ ସ୍ତ୍ରୀଙ୍କର ବ୍ୟବହାରରେ ହଠାତ ଏପରି ପରିବର୍ତନର ନିଶ୍ଚିତ କିଛି କାରଣ ରହିଥିବ । ତାହା ତୁମକୁ ଖୋଜି ବାହାର କରିବାକୁ ହେବ । ପ୍ରଥମେ ତୁମେ ତୁମ ନିଜର କିଛି ଭୁଲ ଅଛି କି ନାହିଁ ତାହା ପରଖିବା ଦରକାର । ତୁମ ସ୍ତ୍ରୀଙ୍କର ଅନ୍ତରଙ୍ଗ ବନ୍ଧୁ ବା ବାନ୍ଧବୀମାନଙ୍କୁ ପଚାରି ତାଙ୍କ ଅସନ୍ତୋଷର କାରଣ ବୁଝିବା ଦରକାର । ଥଣ୍ଡା ମୁଣ୍ଡରେ ଓ ବିନମ୍ର ଭାବରେ ତୁମେ ମନଖୋଲି ତୁମ ସ୍ତ୍ରୀଙ୍କ ସହିତ କଥା ହେଲେ ନିଶ୍ଚୟ କାରଣଟା ଜଣା ପଡିବ । ତାଙ୍କୁ କୌଣସି ପ୍ରକାରର ଦୋଷ ଦେଲେ ସମସ୍ୟା ସମାଧାନ ହେବ ନାହିଁ ବରଂ ବଢିବ । ତାଙ୍କ ମନରେ କଣ ଭାବନା ଅଛି ତାହା ଖୋଲି କହିବା ପାଇଁ ତୁମେ ତାଙ୍କୁ ଅନୁରୋଧ କରିବ । କୌଣସି ପରିସ୍ଥିତିରେ ବି ତୁମେ ବିରକ୍ତ ହେବ ନାହିଁ କିମ୍ବା ଅନ୍ୟ କାହା ପାଖରେ ସ୍ତ୍ରୀଙ୍କ ସଂପର୍କରେ କହିବ ନାହିଁ । ତୁମର ଆଉ କାହା ସହିତ ସଂପର୍କ ଅଛି ବୋଲି ଯଦି ସେ ସନ୍ଦେହ କରୁଥାନ୍ତି ତାହା ବି ତୁମେ ତାଙ୍କୁ ଖୋଲି କହିଦେବା ଉଚିତ । କୌଣସି ବିଷୟ ପାଇଁ ତାଙ୍କ ଉପରେ ଚାପ ପକାଇବେ ନାହିଁ । ଧୈର୍ଯ୍ୟ ଧରନ୍ତୁ ସବୁ ଠିକ୍ ହୋଇଯିବ ।

ଡ. ଶୈଳେନ୍ଦ୍ର ନାରାୟଣ ତ୍ରିପାଠୀଙ୍କ ହସଖୁସିର ପରିବାର





# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ଦୀର୍ଘକାଳୀନ ଗର୍ଭାବସ୍ଥା



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

ଯାଜ୍ଞବଲ୍କ୍ୟଙ୍କର ଜନ୍ମ ବୃତ୍ତାନ୍ତର ବିସ୍ତୃତ ବିଷ୍ଣୁ ପୁରାଣରୁ ଅନେକ ପଢ଼ିଥିବେ । ଯାଜ୍ଞବଲ୍କ୍ୟ ୧୨ ବର୍ଷ ପର୍ଯ୍ୟନ୍ତ ମା' ଗର୍ଭରେ ରହିଥିଲେ ଏବଂ ତାଙ୍କ ମା'ଙ୍କୁ ବ୍ରତଘରର ସମସ୍ତ ଉପକରଣ କରିବାକୁ ହୋଇଥିଲା ଏବଂ ପୁଅ ଯାଜ୍ଞବଲ୍କ୍ୟ ବ୍ରହ୍ମଚାରୀ ବେଶରେ କମଣ୍ଡଲୁ ଧରି ପାଟସହ ଜାଲ ପିନ୍ଧି ଜନ୍ମ ହୋଇଥିଲେ । ଅବିଶ୍ୱାସ ହେଲେ ବି ମୁନିଋଷିଙ୍କ କ୍ଷେତ୍ରରେ ଏହା ଝଡିଥିବାର ଅନେକ ଜନଶ୍ରୁତି ରହିଛି । ତେବେ ଗର୍ଭକାଳ ଦଶମାସ (୪୦ ସପ୍ତାହ) ବା' ୨୮୦ ଦିନରୁ ଅଧିକା ହୋଇଗଲେ ଏହାକୁ ଦୀର୍ଘକାଳୀନ ଗର୍ଭାବସ୍ଥା (ପ୍ରୋଲୋଙ୍ଗଡ୍ ପ୍ରେଗ୍ନେନ୍ସି) ଏବଂ ୪୦ ସପ୍ତାହରୁ ଅଧିକ ହୋଇଗଲେ (ପୋଷ୍ଟ ମାଚ୍ୟୁରଡ୍ ପ୍ରେଗ୍ନାନ୍ସି କୁହାଯାଏ । ଏଥିରେ ମା' ଓ ଗର୍ଭସ୍ଥ ଶିଶୁର ଅନେକ କ୍ଷତି ହୋଇଥାଏ । ଅନେକ ଗର୍ଭାବସ୍ଥା ଦୀର୍ଘକାଳୀନ ହେଲେ ମଧ୍ୟ ଅଣ୍ଟାବ୍ୟଥା ଓ ପ୍ରସବ ବ୍ୟଥା ବା' ଲେବର ପେନ୍‌କୁ ଅପେକ୍ଷା କରନ୍ତି । ଯେତେ ଦିନ ଯାଏଁ କଷ୍ଟ ନ ହୋଇଛି, ଡ଼ାକ୍ତରଙ୍କ ପାଖକୁ ଚେକ୍ ଅପ ପାଇଁ ଯାଆନ୍ତି ନାହିଁ । ଗାଁ ଗହଳରେ ଏବେ ମଧ୍ୟ କୁ ସଂସ୍କାର ବସା ବାନ୍ଧି ରହିଛି ଯେ, ଗର୍ଭାବସ୍ଥା ଦୀର୍ଘକାଳୀନ ହେଲେ ମଧ୍ୟ ବା' ଏକ୍ସପେକ୍ଟେଡ୍ ଡେଟ୍ ଅଫ୍ କନ୍‌ଫାଇନ୍‌ମେଣ୍ଟ ଗଡ଼ିଗଲେ ମଧ୍ୟ ପ୍ରସବ ବ୍ରତା ଆରମ୍ଭ ନହୋଇ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞଙ୍କର ପାଖକୁ ଗଲେ ସେ ସିଜରିଆନ୍ ଅସ୍ତ୍ରୋପଚାର କରିଦେବେ ।

ତଥ୍ୟ ଅନୁଯାୟୀ ଦୀର୍ଘକାଳୀନ ଗର୍ଭାବସ୍ଥା ଶତକଡ଼ା ୨ ରୁ ୧୦ ଭାଗ ଦେଖାଯାଇଥାଏ ।

## କାରଣ

ଯଦିଓ ଏହାର ସଠିକ୍ କାରଣ ଜଣାପଡି ନାହିଁ ତେବେ ଏହା ବଂଶଗତ ବୋଲି ଅନେକ କହିଥାନ୍ତି । ସାଧାରଣତଃ ମା', ମାଉସୀ ମାନଙ୍କ କ୍ଷେତ୍ରରେ ଗର୍ଭାବସ୍ଥା ଦୀର୍ଘ ହୋଇଥିଲେ ଝିଅମାନଙ୍କର ମଧ୍ୟ ଗର୍ଭାବସ୍ଥା ଦୀର୍ଘହୋଇଥାଏ । ଗୋଟିଏ ମହିଳାଙ୍କ ପ୍ରଥମ, ଦ୍ୱିତୀୟ, ତଥା ଭିନ୍ନ ଭିନ୍ନ ଗର୍ଭରେ ମଧ୍ୟ ଦୀର୍ଘ ହୋଇଥାଏ ।

ଉଚ୍ଚ ମଧ୍ୟବତ୍ତ ପରିବାରର ମହିଳାମାନେ ବେଶୀ ପୁଷ୍ଟିସାର ଓ ସ୍ନେହସାର ଖାଦ୍ୟ ଖାଉଥିବାରୁ ଏବଂ ବେଶି ପରିଶ୍ରମ କରୁ ନଥିବାରୁ ଗର୍ଭାବସ୍ଥା ଦୀର୍ଘକାଳୀନ ହୁଏ । ବେଳେ ବେଳେ ମୁଣ୍ଡ ନଥିବା ଶିଶୁ ଗର୍ଭରେ ଥିଲେ ଏଭଳି ହୋଇଥାଏ । ବେଶୀ ବୟସରେ ଗର୍ଭଧାରଣା କରିଥିଲେ ପ୍ରଥମ ଗର୍ଭା ମହିଳା ବା' ବୟସ୍କା ବହୁଗର୍ଭା ମହିଳା ମାନଙ୍କର ଗର୍ଭକାଳ ମଧ୍ୟ ଏହି ଭଳି ଦୀର୍ଘ ହୋଇଥାଏ । ଥରେ ବିଳମ୍ବ ହେଲେ, ଦ୍ୱିତୀୟଥର ମଧ୍ୟ ଗର୍ଭବସ୍ଥା ବିଳମ୍ବ ହେବାର ଶତକଡ଼ା ୫୦ ଭାଗ ଚାନସ୍ ଥାଏ ।

## ଲକ୍ଷଣ

ପ୍ରସବର ସମ୍ଭାବ୍ୟ ତାରିଖ ଗଡିଗଲେ, ବେଳେ ବେଳେ ଶିଶୁ ଜରାୟୁ ଭିତରେ ଭଲ ଭାବେ ବୁଲିପାରେ ନାହିଁ ।

## ଚିହ୍ନଟ

ସମୟ ସମୟରେ ଏହାକୁ ଚିହ୍ନଟ କରିବା କଷ୍ଟକର ହୋଇପଡେ, ବିଶେଷକରି ପ୍ରସବର ସମ୍ଭାବ୍ୟ ସମୟ ଗଡିଯିବା ପରେ ଯଦି ପ୍ରଥମଥର ପାଇଁ ଗର୍ଭବତୀ ନାରୀକୁ ପରୀକ୍ଷା କରାଯାଏ, ତେବେ ତା'ର ପରୀକ୍ଷାର ସଠିକ୍ ରେକର୍ଡ ମିଳେ ନାହିଁ ଏବଂ ଏହାର ଚିହ୍ନଟ ମଧ୍ୟ କଷ୍ଟକର ହୋଇପଡ଼େ । ତେବେ କେତେକ ଦରକାରୀ ତଥ୍ୟ ଏହାକୁ ଚିହ୍ନଟ କରିବାରେ ଜରୁରୀ ହୋଇଥାଏ ।

## ମାସିକ ରକ୍ତସ୍ରାବର ଇତିହାସ

ଯଦି ମହିଳାମାନଙ୍କର ମାସିକ ରକ୍ତସ୍ରାବ ନିୟମିତ ଭାବେ ହେଉଥାଏ ଏବଂ ସେ

Post-term Pregnancy Causes and Risk - Birth Injury



ଋତୁସ୍ରାବର ଶେଷ ତାରିଖକୁ ଠିକ୍ ଭାବେ ମନେ ରଖିଥାନ୍ତି, ତେବେ ସେ ପ୍ରସବର ସମ୍ଭବ୍ୟ ତାରିଖ ଠିକ୍ କରିବା ସମ୍ଭବ ହୋଇଥାଏ । କିନ୍ତୁ ଅନିୟମିତ ଋତୁସ୍ରାବ ହେଉଥିଲେ ମାସକ ଋତୁସ୍ରାବରେ ଶେଷ ତାରିଖ ଭୁଲି ଯାଇଥିଲେ, ଶିଶୁକୁ ସ୍ତନ୍ୟପାନ କରିବା ସମୟରେ ଗର୍ଭଧାରଣ ହେଲେ କିମ୍ବା ଗର୍ଭ ନିରୋଧକ ବଟିକା ଖାଇବା ଛାଡି ଦେବା ପରେ ସଂଗେ ସଂଗେ ଗର୍ଭଧାରଣ ହେଲେ ସାଧାରଣତଃ ପ୍ରସବର ସମ୍ଭାବ୍ୟ ତାରିଖ ଜାଣିବା କଷ୍ଟକର ହୋଇପଡେ । ଏହି କ୍ଷେତ୍ରରେ ଗର୍ଭବତୀ ନାରୀର ପ୍ରଥମ ୩ ମାସ ମଧ୍ୟରେ ପ୍ରସୂତି ପରିଚର୍ଯ୍ୟା ଗାରରେ ଗର୍ଭ ପରୀକ୍ଷା, ଜରାୟୁ ପରୀକ୍ଷା, ପରିଶ୍ରା ପରୀକ୍ଷା ତଥା ଅଲଟ୍ରାସାଉଣ୍ଡ ପରୀକ୍ଷା ଦ୍ୱାରା ଏହାର ନିରୂପଣ କରାଯାଇ ଥାଏ । ଏହାଛଡା ରୋଗିଣୀର ସ୍ୱାସ୍ଥ୍ୟ ପରୀକ୍ଷା କଲେ କେତେ ଗୁଡିଏ ଜିନିଷ ଜଣା ପଡେ । ଯାହାଦ୍ୱାରା ସମ୍ଭାବ୍ୟ ତାରିଖ ଗଡି ଯାଇଛି ବୋଲି ଜଣା ପଡିଥାଏ ।

### ଓଜନ

ଗର୍ଭବତୀମାନଙ୍କର ଓଜନ ନ ବଢ଼ିଲେ ଯଥା: ପ୍ରତି ଭିଜିଟ୍‌ରେ ଏକ ଓଜନ ରହିଲେ ଏବଂ ଓଜନ କମିଗଲେ ସମ୍ଭାବ୍ୟ ତାରିଖ ଗଡି ଯାଇଥିବାର ଚାନ୍ସ୍ ଥାଏ ।

### ପେଟର ଗୋଲେଇ ମାପିବା

ନାଭି ପାଖରେ ପେଟର ଗୋଲେଇ ମାପିଲେ ଜଣାଯାଏ ଯେ, ଶିଶୁ ବଢିବା ସଂଗେ ସଂଗେ ଏହା ମଧ୍ୟ ବଢିଥାଏ । ଏହା ପ୍ରାୟ ୩୮ ସପ୍ତାହ ପର୍ଯ୍ୟନ୍ତ ବଢିଥାଏ । ଏବଂ ୪୦ ସପ୍ତାହ ପର୍ଯ୍ୟନ୍ତ ସେତିକି ଥାଏ । ତେବେ ୪୦ ସପ୍ତାହ ଟପିଗଲେ ଆସ୍ତେ ଆସ୍ତେ ପେଟର ପରିସୀମା ବା' ଗୋଲେଇ କମି କମି ଯାଏ । କାରଣ ଜରାୟୁ ଭିତରେ ଥିବା ପାଣିଥଳୀରୁ ଜଳୀୟ ଅଂଶ ବା' ଲାଇକର୍‌ର ପରିମାଣ କମିଯାଏ ।

### ପ୍ରସବ ବେଦନା


ଏଥିରେ ପ୍ରକୃତ ପ୍ରସବ ବେଦନା ଆରମ୍ଭ ନ ହୋଇ ତଳି ପେଟରେ ଅଳ୍ପ ବ୍ୟଥା ଆରମ୍ଭ ହୋଇ କମିଗଲେ ଆସ୍ତେ ଆସ୍ତେ କମିଯାଏ ।


### ଗର୍ଭ ପରୀକ୍ଷା

ଗର୍ଭବତୀ ନାରୀର ଗର୍ଭପରୀକ୍ଷା କରି ଦୀର୍ଘ କାଳୀନ ଗର୍ଭବସ୍ଥା ଜାଣିବା ପାଇଁ ତୀକ୍ଷଣ ଅନୁଭୂତ ଥିବା ଜରୁରୀ । ଯଥା ଜରାୟୁର ଉଚ୍ଚତା, ଶିଶୁର ଆକାର ଏବଂ ଶିଶୁର ମସ୍ତିଷ୍କ ହାଡ଼ କେତେ ପାକଳ, ଆହୁରି ମଧ୍ୟ ପାଣି ଥଳୀରୁ ପାଣି କମିଯାଉଥିବାରୁ ଗର୍ଭାରେ କେବଳ ଶିଶୁ ଥିବା ଜଣା ପଡିଥାଏ ।

### ଶିଶୁର ମାଚ୍ୟୁରିଟି ପରୀକ୍ଷା

୧- ଅଲଟ୍ରାସାଉଣ୍ଡ ପରୀକ୍ଷା ଦ୍ୱାରା ଶିଶୁର ବୟସ, ଜଣା ପଡିଥାଏ । ଏଥିପାଇଁ ଗର୍ଭାବସ୍ଥାର ପ୍ରଥମ ତିନି ମାସରୁ ସିରିଆଲ ଅଲଟ୍ରା ସାଉଣ୍ଡ ରିପୋର୍ଟ ଥିଲେ ଦୀର୍ଘକାଳୀନ ଗର୍ଭାବସ୍ଥା ଚିହ୍ନଟ କରିବା ସହଜ ହୁଏ ।




### ଗର୍ଭଫୁଲ



୧- ଗର୍ଭଥଳୀର ପାଣି ବା' ଲାଇକର୍ ଆମ୍ନି ପୁରା କମିଗଲେ ବା' ହଳଦିଆ ରଂଗ ହୋଇଗଲେ ।

୨- ଜନ୍ମ ହେବା ପରେ ଶିଶୁର ଓଜନ ବେଶୀ ହୋଇଥିଲେ ଚମ ସଂକୁଚିତ ହୋଇଥିଲେ ଓ ଶିଶୁର ଦେହ ଓ ନାଭିନାଡ ନଚଳିଆ ହୋଇ ଯାଇଥିଲେ ନଚ୍ୟ ବଢିଯାଇଥିଲେ ।

୩- ଗର୍ଭଫୁଲ ବୟସ୍କ ଦେଖାଯାଏ ଏବଂ ତା' ଭିତରେ କଲ୍‌ସିଫିକେସନ୍ ବା' ଧଳା ଧଳା ଅଂଶ ଜମିଯାଇ ଥାଏ ।

୪- ନାଭିନାଡ- ବେଳେ ବେଳେ ନାଭିନାଡ଼ ଓ ଶିଶୁର ସାରା ଶରୀର ହଳଦିଆ ପଡିଯାଏ ଏବଂ ନାଭିନାଡ ଶୁଖିଯାଏ ।

### ଦୀର୍ଘକାଳୀନ ଗର୍ଭାବସ୍ଥାରେ ବିପଦ

#### ଶିଶୁ ପାଇଁ ବିପଦ :

ଗର୍ଭାବସ୍ଥାରେ ଶିଶୁର ଦେହରେ ଓ ମସ୍ତିଷ୍କରେ ଅମ୍ଳଜାନ ମାତ୍ରା କମିଯାଇ ଥାଏ । କାରଣ ଗର୍ଭଫୁଲର ବୟସ ବଢିଯିବାରୁ ଗର୍ଭଫୁଲ ଦେଇ ଶିଶୁ ଦେହକୁ ରକ୍ତ ଓ ଅମ୍ଳଜାନ ଯାଇପାରେ ନାହିଁ । ଏହା ସହ ଯଦି ଗର୍ଭବତୀ ନାରୀ ବୟସ୍କା ହୋଇଥାଏ, ଗର୍ଭାବସ୍ଥାରେ ଉଚ୍ଚ ରକ୍ତଚାପ ହୋଇଥାଏ, ଏବଂ ଗର୍ଭାବସ୍ଥାରେ ରକ୍ତସ୍ରାବ ହୋଇଥିଲେ ପ୍ରସବ ସମୟରେ ଶିଶୁ ପ୍ରସବ ହେବା ପରେ ଅଣ ନିଶ୍ୱାସୀ ହୋଇଯାଏ ଏବଂ ମସ୍ତିଷ୍କ ଭିତରେ ରକ୍ତସ୍ରାବ ହେଉଥାଏ । ଏହାର କାରଣ ହେଉଛି କ୍ରମାଗତ ଭାବରେ ଶିଶୁକୁ ଅମ୍ଳଜାନ କମ୍ ମିଳୁଥିବାରୁ ଶିଶୁଟି କ୍ରମେ କ୍ରମେ ଅଣ ନିଶ୍ୱାସୀ ହୋଇପଡ଼େ । ଯଦି ଶିଶୁଟି ଓଜନରେ ବଢି ଯାଇଥାଏ ବା' ବଡ ଶିଶୁ ହୋଇଥାଏ । ତେବେ ଶିଶୁ ବିକଳାଙ୍ଗ ହୁଏ ନାହିଁ । ଏହା ଛଡା ଏ ମାନଙ୍କର ସହଜ ପ୍ରସବ ନ ହୋଇ, ଅସ୍ତ୍ରୋପଚାର ଦ୍ୱାରା ପ୍ରସବ ହୋଇଥାଏ । ଶିଶୁର ନାଭିନାଡରେ ଥିବା ଜଳୀୟ ଅଂଶ କମିଯିବାରୁ ନାଭିନାଡ ଶୁଖିଯାଇ ଚିପି ହୋଇଯାଏ । ଫଳରେ ଶିଶୁ ଅଣ ନିଶ୍ୱାସୀ ହୋଇଯାଏ ।

# ଶୀତଦିନିଆ ପରିଧାନ



# ଶୀତବସ୍ତ୍ରର ନୂଆ ଲୁକ୍




**ସ୍ନିଗ୍ଧା ତ୍ରିପାଠୀ**

**ବିଶ୍ରାନ୍ତୱାଡ଼ି, ପୁନେ, ମହାରାଷ୍ଟ୍ର**

**ଫୋନ : ୯୩୦୯୧୧୯୬୨୫**


ଫଟୋ ସୌଜନ୍ୟ : ଲେଖିକା

ଶୀତ ଆସିବା ମାତ୍ରେ ମନେପଡ଼େ ଉଲ୍ ବସ୍ତ୍ର । କେବଳ ମଲ୍ କି ଅନ୍‌ଲାଇନ୍ କାହିଁକି, ମାର୍କେଟ୍‌ରେ ଥରେ ବୁଲି ଆସଲେ ଉଲେନ୍ ବସ୍ତ୍ରର ନଜାରା ଦେଖିବାକୁ ପାଇବେ । ଟୋପି ଠୁ ନେଇ ମଫଲର, ଜ୍ୟାକେଟ୍, ସ୍ୱେଟର୍ ଭିନ୍ନ ଭିନ୍ନ ମୂଲ୍ୟର ଆପଣଙ୍କ ମନମୁତାବକ ରଙ୍ଗର ଦେଖିବାକୁ ପାଇବେ ।

ଶୀତଦିନ ଆସିଲା କ୍ଷଣି ଆମ କପ୍‌ବୋର୍ଡ଼ ଏପଟସେପଟ ହୋଇଥାଏ । କାରଣ ଶୀତଦିନେ ଆମର ଶୀତବସ୍ତ୍ର ଅଲଗା ହୋଇଥାଏ । ତେବେ ଶୀତଦିନ ସପିଙ୍ଗ୍ କରିବା ପୂର୍ବରୁ କେତେକ କମନ୍ ଡ୍ରେସ୍ ସମ୍ପର୍କରେ ଜାଣି ରଖନ୍ତୁ । ଯଦ୍ୱାରା କି ଅଧିକ ସପିଙ୍ଗ୍ କରିବାକୁ ପଡ଼ିବ ନାହିଁ । ଏହି ଋତୁରେ ନିଜକୁ କିପରି ଷ୍ଟାଇଲିଶ୍ ଭାବେ ଗଢ଼ି ତୋଳିବେ, କେଉଁ ରଙ୍ଗର ଚୟନ କରିବେ, ଆସନ୍ତୁ ଜାଣିବା...

**କପ୍ତାନ:** କପ୍ତାନ୍ ବେଶ୍ ଜଣାଶୁଣା ଡ୍ରେସ୍ । ଦେଖିବାକୁ ଯେପରି ଏହା ବ୍ୟକ୍ତିତ୍ୱକୁ ମଧ୍ୟ ଅଧିକ ଦ୍ୱିଗୁଣିତ କରିଥାଏ । ଶୀତଦିନେ ଏହାର ଟ୍ରେଣ୍ଡ୍ ଅଧିକ । ଏହା ଭିନ୍ନ ଭିନ୍ନ ପ୍ରିଣ୍ଟର ମାର୍କେଟ୍‌ରେ ଉପଲବ୍ଧ । ଯଥା: ଆନିମଲ୍ ପ୍ରିଣ୍ଟେଡ଼, ଫ୍ଲାୱାର୍ ପ୍ରିଣ୍ଟେଡ୍ । କଟନ୍, ସିଲ୍‌କ୍- ଏପରି ଭିନ୍ନ ଭିନ୍ନ ମ୍ୟାଟେରିଆଲ୍‌ରେ ମାର୍କେଟରେ ମିଳୁଛି ।

**ଶୀତଦିନର ରଙ୍ଗ:** ଶୀତଦିନେ ରଙ୍ଗର ଗୁରୁତ୍ୱ ମଧ୍ୟ ଅଧିକ । ଏହି ଋତୁରେ ହାଇନେକ୍ ସ୍ୱେଟର୍ ପେଷ୍ଟାଲ୍ ରଙ୍ଗର କିମ୍ବା ବ୍ରାଇଟ୍ ରଙ୍ଗର, ଯଥା: ସବୁଜ ଗୋଲାପି, ବାଇଗଣି ଏବଂ ଡିପ୍ ରଙ୍ଗର ଯଥା: ମାଟିଆ ରଙ୍ଗ ପିନ୍ଧିବାକୁ ବେଶ୍ ରୁଚିକର ହୋଇଥାଏ । ଜିନ୍ସ କିମ୍ବା ୱାନ୍‌ପିସ୍ ଡ୍ରେସ୍ ସହ ଆପଣ ପିନ୍ଧି ପାରିବେ ।

**ଜୋତା:** ଶୀତଦିନେ ଜୋତା ସହ ମଧ୍ୟ କିଛି ଏକ୍ସପେରିମେଣ୍ଟ୍ କରିପାରିବେ । ଶୀତଦିନେ ୱିଣ୍ଟରସୁର ମଧ୍ୟ ଖାସ୍ ଭୂମିକା ରହିଛି । ବ୍ଲାକ୍ ସୁ ସବୁଠୁ ବେଷ୍ଟ୍ ଅଟେ । ଏହି ବ୍ଲାକ୍ କାଜୁଆଲ୍ ସୁ ସବୁ ଆଉଟ୍ ଫିଟ୍ ପାଇଁ ଠିକ୍ ହୋଇଥାଏ । ଯଦି ପ୍ରଫେସନାଲ୍ ଲୁକ୍ ଚାହୁଁଥାନ୍ତି ତେବେ ଡ୍ରେସ୍ ସହ ମ୍ୟାଚିଙ୍ଗ୍ ସୁ ପିନ୍ଧନ୍ତୁ । ଯଦି ଟ୍ରେଣ୍ଡିଂ ଦେଖାଯିବାକୁ ଇଚ୍ଛୁକ ତେବେ ସନିକର୍ ଟ୍ରାଏ କରନ୍ତୁ ।

**ଲଙ୍ଗ୍‌କୋଟ୍:** ମାର୍କେଟରେ ଭିନ୍ନ ଭିନ୍ନ ରଙ୍ଗର ଲଙ୍ଗ୍ କୋଟ୍ ଆସୁଛି । ଷ୍ଟ୍ରାଇପ୍, ଫ୍ଲାୱାର୍ସ ଏବଂ ଚେକ୍ ପ୍ରିଣ୍ଟର ମଧ୍ୟ ଉପଲବ୍ଧ । ଏହି ଲଙ୍ଗ୍ କୋଟ୍‌ରେ 'କ୍ଲାସିକ୍ ଇଣ୍ଡିଆନ୍' ଡିଜାଇନ୍‌କୁ ଅଧିକାଂଶ ପସନ୍ଦ କରିଥାନ୍ତି । କାରଣ ଏହା ଶାଢ଼ି ହେଉ କି ୱେଷ୍ଟର୍ଣ୍ଣ ସବୁଥିରେ ପିନ୍ଧି ପାରିବେ ।

**ଜ୍ୟାକେଟ୍:** ମାର୍କେଟ ଉପରେ ନଜର ପକାଇବା ଓ ବିଭିନ୍ନ ଡିଜାଇନ୍‌ର ଜ୍ୟାକେଟ୍ ଟେକ୍‌ସ୍‌ଚର୍, ଷ୍ଟାଇଲ୍ ଏବଂ ରଙ୍ଗରେ ମିଳୁଛି । ଗାଢ଼ ଲାଲ୍ ଏବଂ ପିଙ୍କ୍ ରଙ୍ଗର ଜ୍ୟାକେଟ୍ ବର୍ତ୍ତମାନ୍ ବେଶି ଚାଲିଛି । ଟିନ୍ ଏଜର୍ସମାନେ ହୁଡ୍ ବାଲା ଜ୍ୟାକେଟ୍ ବେଶି ପସନ୍ଦ କରୁଛନ୍ତି ।









# ଓଡ଼ିଆ ବ୍ୟଞ୍ଜନ



# ଦୁଇଟି ବ୍ୟଞ୍ଜନ




**ରିମି ଦାସ**

ମାର୍ଫତ: ଡକ୍ଟର ଜୟନ୍ତ ଦାସ

ସହକାରୀ ପ୍ରଫେସର, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

ଫୋନ:୯୫୫୬୫୯୭୭୭୩


ଫଟୋ ସୌଜନ୍ୟ : ଲେଖିକା

## ଡାଲ୍ ପାଲକ୍



**ଆବଶ୍ୟକ ସାମଗ୍ରୀ :** ୧ କପ୍ ବୁଟ ଡାଲି, ୫୦୦ ଗ୍ରାମ୍ ପାଳଙ୍ଗ ଶାଗ, ୩ଟା ବଡ ପିଆଜ (ଛୋଟ ଛୋଟ କରି କଟା), ୩ଟା ଟମାଟୋ, ଅଦା ରସୁଣ (ଛୋଟ କରି କଟା)- ୨ ଚାମଚ, ଧନିଆ ପତ୍ର, କଂଚାଲଙ୍କା, ଲୁଣ- ସ୍ୱାଦ ଅନୁସାରେ, ହଳଦୀ- ପରିମାଣ ଅନୁସାରେ, ଜିରା ଗୁଣ୍ଡ, ଚିନି, ଗରମ ମସଲା ଗୁଣ୍ଡ, ଗୋଟା ଗରମ ମସଲା, ରିଫାଇନ୍ ତେଲ, ଘିଅ ।

**ପ୍ରସ୍ତୁତି ପ୍ରଣାଳୀ:** ବୁଟଡାଲିକୁ ଅଧ ଘଂଟା ଭିଜାଇ ରଖି ତା'ପରେ ପାଣି ଗଡେଇ ତାକୁ ପ୍ରେସର୍ କୁକରରେ ଦିଅନ୍ତୁ । ସେଥିରେ ଧୋଇ କଟା ହୋଇଥିବା ପାଳଙ୍ଗ ଶାଗ ଦେଇ ସେଥିରେ ଲୁଣ ଓ ପରିମାଣ ଅନୁସାରେ ପାଣି ଦେଇ ଡାଲି ଭଲ କରି ସିଝାନ୍ତୁ ।

କଡେଇରେ ରିଫାଇନ୍ ତେଲ ଗରମ କରି ସେଥିରେ ଗୋଟା ଗରମ ମସଲା ଫୁଟଣ ଦେଇ ସେଥିରେ ପିଆଜ, ଅଦା, ରସୁଣ କଟା ଦେଇ ଟିକିଏ ଭାଜନ୍ତୁ । ତା'ପରେ ଲୁଣ, ହଳଦୀ, ଜିରା ଗୁଣ୍ଡ, କଂଚାଲଙ୍କା ଓ ଟମାଟୋ କଟା ଦେଇ ଭଲକରି କଷନ୍ତୁ । ଦରକାର ପଡିଲେ ଟିକିଏ ପାଣି ଦେଇ କଷନ୍ତୁ । ୨/୩ ମିନିଟ କଷିବା ପରେ ସିଝା ହୋଇଥିବା ପାଳଙ୍ଗ ଶାଗ ଓ ଡାଲି ସେଥିରେ ଦେଇଦିଅନ୍ତୁ । ଏହାକୁ ୫ ମିନିଟ ପର୍ଯ୍ୟନ୍ତ ଧୀରେ ଧୀରେ କଷନ୍ତୁ । ଏଥର ଟିକିଏ ପାଣି ଦେଇ ପରିମାଣ ଅନୁସାରେ ଚିନି ଓ ଧଣିଆ ପତ୍ର ଦେଇ କିଛି ସମୟ ଢାଙ୍କିକି ରଖନ୍ତୁ । ଏହାପରେ ଗ୍ୟାସ୍ ବନ୍ଦ କରି ସେଥିରେ ଘିଅ ଓ ଗରମ ମସଲା ଦେଇ କିଛି ସମୟ ଢାଙ୍କି ରଖନ୍ତୁ । ରୁଟି ବା ପରଟା ସହିତ ପରିବେଷଣ କରନ୍ତୁ ସୁସ୍ୱାଦୁ ଡାଲ୍ ପାଲକ୍ ।

## ମୋଗ୍‌ଲାଇ ପରଟା

**ଆବଶ୍ୟକ ସାମଗ୍ରୀ :** ମଇଦା- ୪ କପ୍, ରିଫାଇନ୍ ତେଲ, ଚିନି- ୨ଚାମଚ, ଲୁଣ ସ୍ୱାଦ ଅନୁସାରେ, ପିଆଜ-୨ଟା(ଛୋଟ କରି କଟା), ଗ୍ରେଡ୍ କରା ଗାଜର ଅଧା କପ୍, ଅଣ୍ଡା- ୩ଟା, ଚିଲି ସସ୍, ଟମାଟୋ ସସ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଇଦା, ୩ ଚାମଚ ରିଫାଇନ୍ ତେଲ, ପରିମାଣ ଅନୁସାରେ ଲୁଣ, ୨ ଚାମଚ ଚିନି ପକେଇ ଭଲକରି ମିଶେଇବାକୁ ହେବ । ତାପରେ ପରିମାଣ ଅନୁସାରେ ପାଣି ଦେଇ ନରମ କରି ଚକଟି ଅଧଘଂଟା ପର୍ଯ୍ୟନ୍ତ ଢାଙ୍କି ରଖନ୍ତୁ । ଅନ୍ୟ ଏକ ପାତ୍ରରେ ପିଆଜ କଟା, ଗ୍ରେଡ୍ କରା ଗାଜର, ଅଣ୍ଡା, ଚିଲି ସସ୍, ଟମାଟୋ ସସ୍, ଲୁଣ ଦେଇ ଭଲକରି ମିଶେଇ ରଖନ୍ତୁ । ଏଥର ମାଖି ରଖିଥିବା ଚକଟାରୁ ମଇଦା ନେଇ ବଡ ବଡ ଗୋଲ୍ କରି ରିଫାଇନ୍ ତେଲ ଦେଇ ବେଲନ୍ତୁ । ଏହା ଭିତରେ ଆଗରୁ କରି ରଖିଥିବା ମିଶ୍ରଣରୁ ୨ଚାମଚ କରି ଦେଇ ଚାରିପାଖରୁ ଭାଙ୍ଗି ଚାରିକୋଣିଆ ପରଟା ଆକାରରେ କରନ୍ତୁ । ଏଥର ଫ୍ରାଇଙ୍ଗ୍ ପ୍ୟାନ୍‌ରେ ଡିପ୍ ଫ୍ରାଏ କରିବା ଭଳି ରିଫାଇନ୍ ତେଲ ଦେଇ ଗରମ କରନ୍ତୁ । ତେଲ ଗରମ ହୋଇଗଲେ ସେଥିରେ ଏହି ପରଟାକୁ ଦେଇ ଭଲକରି ଭାଜନ୍ତୁ । ଏହିପରି ଗୋଟେ ପରେ ଗୋଟେ ପରଟା ଭାଜି ନିଅନ୍ତୁ । ଏହାକୁ ଆଳୁ କଷା ବା ଚିକେନ୍ ବା ମଟନ୍ କଷା ସହିତ ଗରମ ଗରମ ପରିବେଷଣ କରନ୍ତୁ ।



# କର୍ମଜୀବୀ ମହିଳାଙ୍କ ରୂପଚର୍ଚ୍ଚା



# କର୍ମଜୀବୀ ମହିଳାଙ୍କ ପାଇଁ କେତୋଟି ଉପାଦେୟ କଥା






**ସସ୍ମିତା ମେହେର**

ବିୟୁଟିସିଆନ୍, ବିବେକାନନ୍ଦ ନଗର, ସୋନ୍‌ପୁର

ଫୋନ : ୯୪୩୭୯୭୭୩୮୭


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ବ୍ୟସ୍ତତା ସହ ଘରକାମ, ଘରର ସଦସ୍ୟଙ୍କ କଥା ବୁଝିବା, ଆଦୌ ସହଜ କାମ ନୁହଁ । ଅନେକ ଗୁଡ଼ିଏ ଚିନ୍ତା ନେଇ ପୁଣି ନିଜର ଯତ୍ନ ନେବା ପାଇଁ ସମୟ ହିଁ ନଥାଏ ସେମାନଙ୍କ ପାଖରେ । କେବେ କେବେ ସମୟ ମିଳିଲେ ଇଚ୍ଛା ବି ହୁଏନି ନିଜ କାମ କରିବାକୁ । ସେଥିପାଇଁ ସମୟ ଆଉ ଇଚ୍ଛାଶକ୍ତି ଅଭାବରୁ କେତେକ ସ୍ଥଳରେ ସମୟ ଆଗରୁ ସେମାନଙ୍କର ବୟସର ଛାପ ମୁହଁରେ ସ୍ପଷ୍ଟ ବାରି ହୋଇପଡ଼େ । କିନ୍ତୁ ଟିକିଏ ସମୟ ଦେଇ ନିଜକଥା ଭାବିଲେ ଏ ସବୁରୁ ଆମେ ବଞ୍ଚିପାରିବା ।

ଚାଲନ୍ତୁ ଚର୍ଚ୍ଚା କରିବା କେମିତି ସହଜ ଉପାୟରେ କମ୍ ସମୟ ମଧ୍ୟରେ ଆମେ ନିଜର ଯତ୍ନ ନେଇ ତ୍ୱଚାର ଚମକ ବଜାୟ ରଖିବା ସଙ୍ଗେ ସଙ୍ଗେ ନିଜ ମନକୁ ମଧ୍ୟ ଫୁର୍ତ୍ତି ରଖିବା । ଯାହା ଫଳରେ ଆତ୍ମବିଶ୍ୱାସ ବି ବଢ଼ିବ ।

ପ୍ରଥମେ ଯିବା ଦିନଚର୍ଯ୍ୟାକୁ । ସକାଳୁ ଉଠୁ ଉଠୁ ଚିନ୍ତା ପଡ଼ିଯାଏ, କେମିତି ସହଳ ଘରକାମ ସାରି କାର୍ଯ୍ୟକ୍ଷେତ୍ରକୁ ଠିକ୍ ସମୟରେ ପହଞ୍ଚିବା । ଥରେ ଉଠି କାମ ଆରମ୍ଭ କରିଦେଲେ ନିଜକଥା ଭୁଲି ହୋଇଯାଏ, ସେଥିପାଇଁ ଆମେ ଉଠୁଉଠୁ ଆଗରୁ ବେଡ୍ ପାଖରେ ରଖିଥିବା କ୍ଲିଂଜିଂ ମିଲ୍କ୍ କିମ୍ବା ଗୋଲାପ ଜଳ (ନିଜ ତ୍ୱଚା ଅନୁଯାୟୀ)କୁ ତୁଳାରେ ନେଇ ମୁହଁକୁ ପ୍ରଥମେ ପରିଷ୍କାର କରିନେବା । ଯଦି ଶୀତଋତୁ ହୋଇଥାଏ, ଦେହରେ ନଡ଼ିଆ ତେଲ ମସାଜ୍ କରିନେବା । ଏବେ ଫୁର୍ତ୍ତି ଲାଗିବ । ତା'ପରେ ଦୈନନ୍ଦିନ କାର୍ଯ୍ୟକୁ ଯିବା । ଗାଧୋଇଲା ସମୟରେ ବାଥ୍‌ଟପ୍‌ରେ କମଳା ଲେମ୍ବୁର ଚୋପା, ଲେମ୍ବୁ ଚୋପା, ଗୋଲାପ ଜଳ କିମ୍ବା ଶୀତଋତୁ ହୋଇଥିଲେ ନଡ଼ିଆ ତେଲ କେଇବୁନ୍ଦା କିମ୍ବା ଲେଭେଣ୍ଡର୍ ଏସେନ୍‌ସିଏଲ୍ ଓଏଲ୍ ପକେଇ ଗାଧୋଇଲେ ଦିନ ସାରା ତାଜା ଲାଗିବ । କମଳାଲେମ୍ବୁ ଚୋପା କିମ୍ବା ଲେମ୍ବୁ ଚୋପାକୁ କାଖରେ ଘଷି ଦେଇ ତାପରେ ସାବୁନ କିମ୍ବା ବଡ଼ିୱାଶ୍‌ରେ ସଫା କରି ଗାଧୋଇଲେ ଦିନସାରା ଝାଳଗନ୍ଧ ରହିବନି । ମୁହଁରେ ଭଲ ବ୍ରାଣ୍ଡ୍‌ର ଫେସ୍‌ୱାସ୍, ତାପରେ ଟୋନର୍ ଆଉ ମଏଶ୍ଚରାଇଜର୍ ଲଗେଇବେ । କର୍ମକ୍ଷେତ୍ରକୁ ଯିବାର ଦଶମିନିଟ୍ ପୂର୍ବରୁ ଅଲଟ୍ରା ଭାଓଲେଟ୍ ରଶ୍ମିରୁ ନିଜ ତ୍ୱଚାକୁ ବଞ୍ଚେଇବା ପାଇଁ ସନ୍‌ସ୍କ୍ରିନ୍ ଲୋସନ୍‌ର ବ୍ୟବହାର ନିଶ୍ଚିତ କରିବେ । ତା'ପରେ ଯାଇ ଯାହା ଇଚ୍ଛା ମେକ୍‌ଅପ୍ ନେବେ । ବାହାରକୁ ଯିବାବେଳେ ମୁହଁକୁ ସ୍କାର୍ଫରେ ଘୋଡ଼େଇ ହାତରେ ମଧ୍ୟ ଗ୍ଲୋବ୍‌ସ୍ ଲଗେଇବେ । ସନ୍‌ଗ୍ଲାସ୍ ମଧ୍ୟ ବ୍ୟବହାର କରିବେ ।

କାର୍ଯ୍ୟକ୍ଷେତ୍ରରୁ ଘରକୁ ଫେରିଲା ପରେ ଋତୁ ଅନୁଯାୟୀ ଗରମ କିମ୍ବା ଥଣ୍ଡା ପାଣିରେ ମୁହଁହାତ ଧୋଇବେ । ତରତର ଥିଲେ ମେକ୍‌ଅପ୍ ନହଟାଇ ପାଣିଛିଞ୍ଚି ମୁହଁରେ ହାଲ୍‌କ ହାଲ୍‌କା ଥାପି ପୋଛିଦେବେ । ସଫା ପୋଷାକ ବଦଳେଇ ଚୁଟିକୁ କୁଣ୍ଡେଇ ବାନ୍ଧିନେବେ । ଏବେ ଆପଣ ଟିକିଏ ଫୁର୍ତ୍ତି ଅନୁଭବ କରିବେ । ଚା' କିମ୍ବା ଅନ୍ୟକିଛି ହେଲ୍‌ଥ୍ ଡ୍ରିଙ୍କ୍‌ସ୍ ନେଇ, ସମୟ ଥିଲେ ଟିକିଏ ବିଶ୍ରାମ ପରେ ଆପଣ, ଆପଣଙ୍କ କାମରେ ଲାଗି ପାରିବେ । ରାତି ନଅଟା ଭିତରେ ହାଲ୍‌କା ରାତ୍ରିଭୋଜନ ନେଇଯିବା ସ୍ୱାସ୍ଥ୍ୟ ପକ୍ଷେ ହିତକର, ଚେଷ୍ଟା କରିବେ । ସମୟ ବାହାରକରି ପାରିଲେ ଉଷୁମ ପାଣିଟବ୍‌ରେ କେଇବୁନ୍ଦା ଏସେନ୍‌ସିଏଲ ଓଏଲ କିମ୍ବା କିଛି ଲୁଣ ପକେଇ ପାଦ ୧୦ ମିନିଟ୍ ପର୍ଯ୍ୟନ୍ତ ବୁଡ଼େଇ ରଖି ପରେ ପୋଛି ଦେଇ ଫୁଟ୍‌କ୍ରିମ୍ ଲଗେଇଲେ ସାରାଦିନର ଥକ୍କାପଣ ମେଣ୍ଟିଯିବ ।

ଶୋଇବାକୁ ଯିବା ପୂର୍ବରୁ ନିଶ୍ଚିତ ଭାବରେ ମେକ୍‌ଅପ୍ ରିମୁଭର୍ କିମ୍ବା ନଡ଼ିଆ ତେଲ ମସାଜ୍ କରି ନରମ କପଡ଼ା କିମ୍ବା ତୁଳା ସାହାଯ୍ୟରେ ପୋଛି, ତାପରେ ଭଲ କ୍ଲିନ୍‌ଜର୍‌ରେ ମୁହଁ ଧୋଇ ନାଇଟ୍‌କ୍ରିମ୍ କିମ୍ବା ଭିଟାମିନ୍ ଇ ଯୁକ୍ତ କୌଣସି ତେଲ ମସାଜ୍ କରି ଶୋଇବେ । କାର୍ଯ୍ୟସ୍ଥଳର ବ୍ୟସ୍ତତା କିମ୍ବା ଘରୋଇ ଜଞ୍ଜାଳ ସବୁକୁ ଭୁଲି ସକରାତ୍ମକ ଚିନ୍ତା ନେଇ ଆପଣ ୬ ରୁ ୭ ଘଣ୍ଟା ଶୋଇ ପାରିଲେ ପୁଣି ପରଦିନ, ସ୍ୱାଭାବିକ ଭାବେ କର୍ମଚଞ୍ଚଳ ରହିବେ ।

ସପ୍ତାହରେ ଥରେ ଭଲ କରି ସ୍କ୍ରବ୍ କରି ଘରୋଇ ଫେସ୍‌ପେକ୍ କିମ୍ବା ବଜାରରୁ ଉପଲବ୍ଧ ଭଲ ବ୍ରାଣ୍ଡ୍‌ର ଫେସ୍‌ପେକ୍ ଲଗେଇବେ । ଛୁଟି ଆଗଦିନ ରାତିରେ ପେକ୍ ଲଗେଇଲେ ଛୁଟିଦିନ ଆପଣଙ୍କର ତ୍ୱଚା ଆପଣଙ୍କ ସହିତ ସତେଜ ରହିବ । ପାର୍ଲର ଯାଇ ମାସରେ ଥରେ ଫେସିଆଲ୍ ଆଉ ପେଡ଼ିକିଓର୍ କରେଇନେବେ ।




ସୁକୁମାରୀ
ଶିବାନୀ

# ଅଭିନୟ କେବେ ବି ଛାଡ଼ିବି ନାହିଁ : ଶିବାନୀ ସଂଗୀତା



ସାକ୍ଷାତ୍ : ଶ୍ରୀଗୋବିନ୍ଦ ଓ କୃଷ୍ଣ କୁମାର ମହାନ୍ତି
ଫଟୋ ସୌଜନ୍ୟ : ଗୁଗୁଲ୍






ଅଭିନୟ ତାଙ୍କର ଶିରାପ୍ରଶିରାରେ ପ୍ରବାହିତ । ରକ୍ତର ରଙ୍ଗ ପରି ଲାଲ୍ ତାଙ୍କ ଅଭିଳାଷ । ବୟସ କୋଡ଼ିଏ ଟପିନି, ହାତରେ ଫିଲ୍ମର ଫୁଲହାର । ବିଶ୍ୱାସ କରି ହେବନି ଏତେ କମ୍ ବୟସରୁ ଅଭିନୟରେ ଏତେ ସଫଳ କେମିତି ଏ ଝିଅ ! ଝିଅର ନାଁ **ଶିବାନୀ ସଂଗୀତା** । ଆଦରର ନାମ ନିକି । ଜଣେ ଶିଶୁ କଳାକାର ଭାବରେ ନିଜର ଫିଲ୍ମି କ୍ୟାରିଅର୍ ଆରମ୍ଭ କରିଥିଲେ ଶିବାନୀ 'ମିତରେ ମିତ' ଫିଲ୍ମ ମାଧ୍ୟମରେ । ବୋଧେ ତାଙ୍କ ଆଈ ନଥିଲେ ଆଜି ଶିବାନୀ ବି ଓଲିଉଡ୍‌ର ନାୟିକା ହୋଇଥାନ୍ତେ କି ନା ଜଣାନାହିଁ । କାରଣ ସେଇ ଗୋଟିଏ ମଣିଷ ହିଁ ତାଙ୍କୁ ବେଶି ଉତ୍ସାହିତ କରି ଆସିଛନ୍ତି । ନିକି କେବଳ ଅଭିନୟ ନୁହେଁ, ତା ସାଙ୍ଗକୁ ପାଠପଢାରେ ବି ବେଶ୍ ସିନ୍‌ସିଅର୍ । ଚୁଲ୍‌ବୁଲି ଚୈତାଲି ସେ । ହଳଦୀପତ୍ରର ହସ ଫିଙ୍ଗିପାରେ ବେଧଡ଼କ ଦର୍ଶକଙ୍କ ହୃଦୟକୁ । ସୁନୟନା, ଶୁଭ୍ରାଙ୍ଗୀ ଓ ଶାନ୍ତ ଶିବାନୀ ଏବେ 'ସିଷ୍ଟର ଶ୍ରୀଦେବୀ'ର ଅପାର ସଫଳତାରେ ମସ୍‌ଗୁଲ୍ । ମାଆର ପଣତ ତଳେ ଏବେ ବି ସେ ଲାଡ଼୍‌ଲି । କିନ୍ତୁ ଅଭିନୟ ବେଳେ ସେ ସିରିଅସ୍ । '**ରେବତୀ**' ପାଇଁ ଶିବାନୀଙ୍କ ସହିତ ଏକ ସାକ୍ଷାତକାର ।





**▲ପାଠ ପଢୁଥିବାବେଳେ ଅଭିନୟ ପାଇଁ କାହିଁକି ଆକୃଷ୍ଟ ହେଲେ ?**

◢ମୋ ଭିତରେ ଅଭିନୟ କରିବାର କଳା ଥିବା କଥା ଆଇ ପ୍ରଭାତ ନଳିନୀ ମିଶ୍ର ମୂଳରୁ ଜାଣି ପାରିଥିଲେ । ସେଥିପାଇଁ ସେ ପିଲାଟି ବେଳୁ ମୋର ଅଭିନୟକୁ ନେଇ ଯତ୍ନବାନ ଥିଲେ । ତାଙ୍କ ପାଇଁ ମୁଁ ପିଲାଟି ବେଳୁ ବିଭିନ୍ନ ସିରିଏଲ୍ କି ସିନେମାରେ ଅଭିନୟ କରିବାର ସୁଯୋଗ ପାଇବା ସହ ସବୁବେଳେ ପ୍ରେରଣା ପାଇ ଆସୁଛି । ମୁଁ ଯେତେବେଳେ ଅଭିନୟ କଣ ଜିନିଷ ଜାଣି ନଥିଲି, ସେତେବେଳୁ ମାତ୍ର ୬ବର୍ଷ ବୟସରୁ ଶିଶୁ କଳାକାର ଭାବରେ ଅଭିନୟ ଆରମ୍ଭ କରିଦେଇଥିଲି ।

**▲ଗୋଟେପଟେ ଗ୍ଲାମର୍ ଦୁନିଆର ମୋହ ଅନ୍ୟ ପଟେ ପାଠପଢ଼ା, କାହାକୁ ଗୁରୁତ୍ୱ ଦିଅନ୍ତି ? ଦୁଇଟିକୁ ସମାନ୍ତରାଳ କରି ନେବାବେଳେ ସେମିତି କିଛି ଅସୁବିଧା ହୋଇନାହିଁ ତ ?**

◢ମୁଁ ଦୁଇଟାକୁ ତ ସବୁବେଳେ ଗୁରୁତ୍ୱ ଦେଇଆସିଛି । ଅଭିନୟକୁ ଯେମିତି ପାଠପଢ଼ାକୁ ସେମିତି ସମାନ ଭାବରେ ସମୟର ବିନିଯୋଗ କରେ, ଯାହା ପାଇଁ ଯେତିକି ସମୟ ଦରକାର, ସେତିକି ହିଁ ଦିଏ । ମୁଁ ଭାବେ ସବୁବେଳେ ମୋ ପାଇଁ ପାଠପଢ଼ା ନସରୁ ସେମିତି ବି ଶେଷ ନିଃଶ୍ୱାସ ଚାଲୁଥିବା ଯାଏ ଅଭିନୟ ଚାଲୁଥାଉ । ମୋର ସେମିତି କିଛି ଦୁଇଟିକୁ ନେଇ ଅସୁବିଧା ହୋଇନାହିଁ । ମୋ ମାମା ଶିଖେଇଛନ୍ତି କିଭଳି ଏସବୁ କଥାକୁ ସହଜରେ ହ୍ୟାଣ୍ଡେଲ୍ କରିହେବ ।

**▲ସିନେମା ଦୁନିଆରେ ପାଦ ଥାପିବାକୁ କାହାର ସହଯୋଗ ଆପଣଙ୍କ ପଛରେ ରହିଛି ?**

◢ପ୍ରଥମେ ତ କହିଛି ମୋର ଆଇ ମୋତେ ସିନେମା ଦୁନିଆରେ ପାଦ ଥାପିବାକୁ ସାହାଯ୍ୟ କରିଥିଲେ । ମୋ ପ୍ରତି ମୋର ବାବା-ମାମାଙ୍କର ଅବଦାନ ବି ଯଥେଷ୍ଟ । ଏହାସହିତ ଯେଉଁ ଇଣ୍ଡଷ୍ଟ୍ରୀରେ କାମ କରୁଛି, ସମସ୍ତଙ୍କର ସାହାଯ୍ୟ ସହାନୁଭୂତି ନଥିଲେ, ମୁଁ କଣ ଏତେ ବାଟ ଆସିପାରିଥାନ୍ତି ।

**▲ଅଭିନୟକୁ ସାରାଜୀବନ ପାଇଁ କ୍ୟାରିଅର୍ କରିବାକୁ ଚାହିଁବେ ନା ସାଇଡ୍‌ରେ ରଖିବେ ?**



◢କ୍ୟାରିଅର୍ କଥା ଯାହା ହେଉନା କାହିଁକି, ସାରା ଜୀବନ କିନ୍ତୁ ଅଭିନୟକୁ ସାଥିରେ ରଖିବି । ଅଭିନୟକୁ ନେଇ ଲୋକଙ୍କ ଠାରୁ ଯେତିକି ସ୍ନେହ-ଶ୍ରଦ୍ଧା ପାଇଛି, ମୋତେ ଅଭିନୟ ଦୁନିଆରୁ ଦୂରେଇ ପାରିବ ନାହିଁ । ଅଭିନୟ ମୋ ରକ୍ତରେ ଯେମିତି କଣିକା ହୋଇ ରହିଯାଇଛି । ଅଭିନୟକୁ ଛାଡ଼ିବାର ସ୍ୱପ୍ନ କେବେ ବି ଦେଖିନାହିଁ ।

**▲ଅଭିନୟରୁ ଯାହା ପାରିଶ୍ରମିକ ମିଳେ, ତାହା ଷ୍ଟାର୍‌କାଷ୍ଟ୍‌ରେ ରହିବାକୁ ମ୍ୟାନେଜ୍ ହୋଇପାରିବ କି ?**

◢ଅଭିନୟକୁ ନେଇ ଚଳି ହେବନି ବୋଲି ଅବଶ୍ୟ କିଛି ଲୋକ ଭାବନ୍ତ, କିନ୍ତୁ ମୋର ବ୍ୟକ୍ତଗତ ମତ ହେଲା- ଅଭିନୟକୁ ନେଇ ଚଳିବାରେ କିଛି ଅସୁବିଧା ନାହିଁ । ଆଜିଦିନ ଯାଏଁ ତ ଠିକ୍ ଅଛି । କିନ୍ତୁ ପରବର୍ତ୍ତୀ ସମୟ କଣ ହେବ ତାହା ଜାଣି ନାହିଁ । ଓଡ଼ିଶାରେ ଅବଶ୍ୟ ନାୟକଙ୍କ ତୁଳନାରେ ନାୟିକାଙ୍କର ପାରିଶ୍ରମିକ କମ୍ । ମୋ ମତରେ ସମସ୍ତଙ୍କର ପାଖାପାଖି ପାରିଶ୍ରମିକ ରହିବା ଉଚିତ ।

**▲ଓଡ଼ିଶାରେ ସିନେମାର ସ୍ଥିତିକୁ ନେଇ ଆପଣଙ୍କ ମତ କଣ ?**

◢ଏମିତି ଏକ ଖରାପ ସମୟ ଦେଇ ଓଡ଼ିଆ ସିନେମା ଗତି କରୁଥିଲା । ମୁଁ କହିବି ୨୦୨୦ ଆଉ ସେମିତି ହୋଇ ରହିବ ନାହିଁ । ଓଡ଼ିଆ ସିନେମାରେ ଏକ ଭଲ ସ୍ଥିତି ଆସିଛି, ଯାହା ଦର୍ଶକଙ୍କୁ ଫେରାଇ ଆଣିବାକୁ ସମର୍ଥ ହେବ । ପୂର୍ବରୁ ଲୋକମାନେ ଅଭିଯୋଗ କରୁଥିଲେ, କପି ପେଷ୍ଟରେ ଓଡ଼ିଆ ସିନେମାର କାମ ଚଳେଇ ନିଆ ଯାଉଛି । ଏବେ କିନ୍ତୁ ଦର୍ଶକ ମୁହଁ ଫେରାଇ ନେବା ପରେ ମୌଳିକ କାହାଣୀକୁ ନେଇ ସିନେମା ତିଆରି ହେବାରେ ଲାଗିଲାଣି । ନିକଟରେ ମୁଁ ବିପକ୍ଷରେ ନାୟିକା ରୋଲ୍‌ରେ ଅଭିନୟ କରିଥିବା ସିନେମା 'ବାବୁ ଭାଇଜାନ୍' ସିନେମା ସେମିତି ଏକ ସିନେମା, ଯାହା ଦମ୍‌ଦାର୍ ମୌଳିକ କାହାଣୀକୁ ନେଇ କରାଯାଇଛି । ୨୦୨୦ ଆରମ୍ଭରୁ ଏହା ମଧ୍ୟ ଭଲ ବ୍ୟବସାୟିକ ସଫଳତା ଦେଇଛି, ଆଶା କରୁଛି ଓଡ଼ିଆ ଇଣ୍ଡଷ୍ଟ୍ରୀ ପୁଣି ତାର ସ୍ଥିତିକୁ ଫେରି ଆସିବ ।



## ସଂକ୍ଷେପରେ ଶିବାନୀ



ଡାକ ନାଁ : ନିକି
ଭଲ ନାମ : ଶିବାନୀ ସଂଗୀତା
ପିତା : ଲଳିତ ମୋହନ ରଥ
ମାତା : ବୈଜୟନ୍ତୀ ମିଶ୍ର
ଜନ୍ମ : ୧୨ ଜୁଲାଇ୨୦୦୦
ଉଚ୍ଚତା : ୫ଫୁଟ୍ ୮ଇଞ୍ଚ୍
ଓଜନ : ୫୧କେଜି
ହବି : ନାଚିବା, ଗାଇବା, ବୁଲିବା
ଜନ୍ମସ୍ଥାନ : ଲିଙ୍କ୍ ରୋଡ଼୍, କଟକ
ପ୍ରିୟ ରଙ୍ଗ : ଯାହା ମାନେ
ପ୍ରିୟ ଖାଦ୍ୟ : ପନିର୍‌ର ଯେକୌଣସି ଆଇଟମ୍
ପ୍ରିୟସ୍ଥାନ : ମହାବୀର ମନ୍ଦିର
ପ୍ରିୟ ମଣିଷ : ଆଈ
ପ୍ରିୟ ଅଭିନେତା: ବାବୁସାନ ମହାନ୍ତି
ପ୍ରିୟ ଅଭିନେତ୍ରୀ : ଅର୍ଚ୍ଚିତା ସାହୁ
ସିରିଏଲ୍ : ଉତ୍ତରଦାୟୀ, ବଧୂ, ଦେବୀ (ଶିଶୁ କଳାକାର)
ସିନେମା : ଲେଖୁଲେଖୁ ଲେଖିଦେଲି, ପହିଲି ରଜ, ମିତ ବସିଛି ଭୂତ ସାଥିରେ, ଗୁଡ଼ବାଏ, ମିତରେ ମିତ
ସିନେମା(ନାୟିକା) : ସିଷ୍ଟର ଶ୍ରୀଦେବୀ, ପ୍ରେମକୁମାର, ବାବୁ ଭାଇଜାନ



**▲ସିନେମାରେ ଓଡ଼ିଆର ବାସ୍ନା ରହୁ ନଥିବାରୁ ଦର୍ଶକ ଦୂରେଇ ଯାଉଛନ୍ତି କି ?**

◢ଆଗକୁ ଅନେକ ପରିବର୍ତ୍ତନ ଆସିବ । ଏବେ ନିର୍ମାତା, ନିର୍ଦ୍ଦେଶକମାନେ ଗୁରୁତ୍ୱ ଦେଲେଣି । ଯଦି ବିଶ୍ୱାସ ହେଉନାହିଁ, 'ବାବୁ ଭାଇଜାନ୍' ଥରେ ସମୟ ବାହାର କରି ଦେଖିବାକୁ ଯାଆନ୍ତୁ, ନିଶ୍ଚୟ ଭାବିବେ- ଓଡ଼ିଶାର ପାଣିପାଗ, କାହଣୀକୁ ନେଇ ସିନେମା ତିଆରି ହେଲାଣି ।

**▲ଭଲଗୀତ ନା କାହାଣୀ- କେଉଁଟା ଭଲ ହେଲେ ସିନେମା ଚାଲିପାରିବ ?**

◢ଦୁଇଟି ଯାକ ଗୁରୁତ୍ୱପୂର୍ଣ୍ଣ । ଗୀତ ସିନେମା ଦେଖିବାକୁ ଲୋକଙ୍କୁ ଆକୃଷ୍ଟ କରିପାରେ କିନ୍ତୁ କାହାଣୀ ଦମ୍‌ଦାର୍ ରହିବା ଦରକାର । ଗୀତ ଥାଇ ଯଦି କାହାଣୀ ରହିବ ନାହିଁ, ତାହେଲେ ସିନେମାକୁ ଲୋକ ଗ୍ରହଣ କରିବେ ନାହିଁ ।

**▲ଏମିତି କିଛି ଅଭୁଲା ମୁହୂର୍ତ୍ତ ଅଛି କି ?**

◢ମୋ ପାଇଁ ସିନେମାର ପ୍ରତ୍ୟେକଟି ମୁହୂର୍ତ୍ତ ମୂଲ୍ୟବାନ । କେମିତି ଭଲ ଭାବରେ ଅଭିନୟ କରିହେବ, ସେଥିପାଇଁ ସବୁବେଳେ ଗୁରୁତ୍ୱ ଦେଇଥାଏ । ଏମିତି ବି ଭାବେ-ଶେଷଦିନର ସୁଟିଂ ନସରନ୍ତା କି ।

**▲ଭଲ ଅଭିନୟ କରିବାକୁ ହେଲେ ଅଧିକ ଶିଖିବାର ଆବଶ୍ୟକତା ଅଛି କି ?**

◢ସବୁବେଳେ ମଣିଷକୁ ତ ଶିଖିବାର ଥାଏ, ଶିଖିବା କଣ କେବେ କଣ ସରେ ।

**▲ଆପଣ କାହାକୁ ଆଦର୍ଶ ବୋଲି ଅଭିନୟରେ ଭାବିବେ ?**

◢ବାବୁସାନ୍ ମହାନ୍ତିଙ୍କ ଅଭିନୟ ମୋତେ ବହୁତ ଭଲ ଲାଗେ । ସେ ଅଭିନୟରେ ଯେମିତି ରିୟଲିଟିକୁ ଗୁରୁତ୍ୱ ଦିଅନ୍ତି, ତା ମୋତେ ପ୍ରଭାବିତ କରେ ।

**▲ଛୋଟ ପରଦାରେ ଅଭିନୟ କରିବାକୁ ଅଫର୍ ଆସିଲେ କରିବେ କି ?**

◢ନା, ଏବେ କିଛି ପ୍ଲାନିଙ୍ଗ୍ ନାହିଁ ।

**▲ଓଡ଼ିଆ ସିନେମାର ପ୍ରମୋସନ ଅଧିକ କରିବାର ଆବଶ୍ୟକତା ରହିଛି କି ?**

◢ହଁ, ଏହାକୁ ସମସ୍ତେ ନିଜର ଭାବି ଯଦି ପ୍ରମୋସନ କରିବାକୁ ଚାହିଁବେ, ହୋଇପାରିବ । ଯେତେ ଲୋକ ସିନେମାଟିଏ ତିଆରି ହେଲାବେଳେ ଟିମ୍‌ରେ ସାମିଲ୍ ହେଉଛନ୍ତି, ଯଦି ସମସ୍ତେ ଟିକେ ଟିକେ ଗୁରୁତ୍ୱ ଦେବେ ହୋଇଯିବ । ତା ପରେ ବର୍ତ୍ତମାନ ସୋସିଆଲ୍ ମିଡ଼ିଆ ହେଉ ଅବା ଟିଭିରେ ହେଉ ଅଧିକ ପ୍ରମୋସନ କରିବା ଦରକାର ।

**▲ଯଦି ଭଲ ଚାକିରି କରିବାର ସୁଯୋଗ ମିଳିବ, ଅଭିନୟ ଛାଡ଼ିଦେବେ କି ?**

◢ନା, ଅଭିନୟକୁ ସବୁଦିନ ପାଇଁ ମୋ ସହିତ ରଖିବି । ଯଥାସମ୍ଭବ ଚେଷ୍ଟା କରିବି, ସମୟକୁ ଠିକ୍ ଭାବରେ ମ୍ୟାନେଜ୍ କରିବା ପାଇଁ ।

# ଲେଖକର ବଡ଼ସାନ ଭେଦ


ଲେଖକ ଭାବରେ ପରିଚିତ ହେବା ପର୍ଯ୍ୟନ୍ତ ଲେଖାଲେଖି କରୁଥିବା ଜଣେ ସଂଘର୍ଷରତ ଥାଏ କି ? କ'ଣ ଏହି 'ପରିଚୟ'ର ମାଧ୍ୟମ, ଯାହାକୁ ପାଇଗଲେ ଲେଖକଟି ଧନଧାନ୍ୟରେ ପୂର୍ଣ୍ଣ ମଣିଷଟେ ବୋଲି ଭାବି ବସେ ! ଆଉ ତା'ର ଅଭାବରେ ଭାବେ: ଧିକ୍ ଏ ଜୀବନ ! ଲେଖାଲେଖି କରୁଥିବା ପ୍ରତ୍ୟେକଟି ମଣିଷ ଭିତରେ ପ୍ରତ୍ୟାଶାଟିଏ ତ ଥାଏ- ସେ ମାନୁ ଅବା ନମାନୁ । ସେଇ ପ୍ରତ୍ୟାଶା ଟିକକ ହିଁ ତାକୁ ପରିଚାଳିତ କରେ, ଯେମନ୍ତ ଗାଡ଼ିକୁ ତା'ର ଚାଳକ ନିୟନ୍ତ୍ରଣ କରିଥାଏ । କିନ୍ତୁ ବେଳେବେଳେ ଅତ୍ୟଧିକ ପ୍ରତ୍ୟାଶା ବା ଉଚ୍ଚାଶା କ୍ଷତିକାରକ ହୋଇଥାଏ । ସେତେବେଳେ ଲେଖକ ଭାବରେ ପରିଚିତ ହେବାର ଆଗ୍ରହ ଓ ଆକାଂକ୍ଷା ଏତେ ବୃଦ୍ଧି ପାଇଯାଏ ଯେ, ସେ ବ୍ୟକ୍ତିଜଣକ ଅଣାୟତ୍ତ ହୋଇ 'କର ବା ମର' ଅବସ୍ଥାରେ ପହଞ୍ଚିଯାଏ । ଫଳରେ ସର୍ଜନାତ୍ମକ କ୍ରିୟାର ଯେଉଁ ମହତ୍ ଲକ୍ଷ୍ୟଟି ପଥଭ୍ରଷ୍ଟ ହେବା ସହ, ଉକ୍ତ ଲେଖକ-ଆଶାୟୀ ମଣିଷଟି ଦ୍ୱାରା ପୁରା ସାହିତ୍ୟ-ସମାଜର ପରିବେଶଟି ହୁଏ ପୂତିଗନ୍ଧମୟ । ଲେଖାଲେଖି ମୂଳରେ କାହାର କିଛି ଉଦ୍ଦେଶ୍ୟ ଥାଉ ଅବା ନଥାଉ, ତାହା ଭିନ୍ନ ପ୍ରସଙ୍ଗ । କିନ୍ତୁ ଲେଖକ ବୋଲାଇ ସାରା ଲେଖକ ଗୋଷ୍ଠୀ ଭିତରେ ନିଜକୁ ପ୍ରକାଣ୍ଡ ସଫଳ ସର୍ଜନଶୀଳ ବ୍ୟକ୍ତି ଭାବେ ଦେଖାଇ ହେବାର କାରଣଟି ବେଶ୍ ହାସ୍ୟାସ୍ପଦ ।

ଆମେ ଲେଖାଲେଖି କରୁଥିବା ମଣିଷମାନେ ସବୁବେଳେ ବଡ଼ ସାନର ବିଭେଦ ଭିତରେ ଘାଣ୍ଟିଚକଟି ହେଉ । କିଏ ବଡ଼, କିଏ ସାନ, କିଏ ବିଶିଷ୍ଟ, କିଏ ପ୍ରତିଷ୍ଠିତ- ଏସବୁକୁ ନେଇ ଦ୍ୱନ୍ଦ୍ୱ ବରାବର ଥାଏ । କିନ୍ତୁ ଆମେ ଭୁଲିଯିବା ଉଚିତ ନୁହେଁ ଯେ, ଲେଖକୀୟ ପ୍ରତିଭାଟି ଜଣକ ଭିତରେ ଅନ୍ତର୍ନିହିତ ବା in-built ହୋଇ ରହିଥାଏ । ଏହା କେଉଁଠୁ କ୍ରୟ କରି ଆଣି ହୁଏନା କି ଏହାକୁ କେହି ପ୍ରତିରୋପଣ କରିପାରେନା । ଲେଖିବା ଏକ ସହଜାତ ପ୍ରବୃତ୍ତି । ଲେଖକର ଗୁଣବତ୍ତା ଥିବା ପ୍ରତ୍ୟେକଟି ବ୍ୟକ୍ତି ଈଶ୍ୱର-ପ୍ରଦତ୍ତ ଏହି ପ୍ରତିଭାଟିକୁ ଆଜନ୍ମ ଲାଭ କରିଥାନ୍ତି । କେହି କୌଣସି ବିଶ୍ୱବିଦ୍ୟାଳୟରୁ ପାଠ ପଢ଼ି ଲେଖକ ହୋଇଯାଏ ନାହିଁ କି କୌଣସି ଗୁରୁଙ୍କ ଶିଷ୍ୟତ୍ୱ ଲାଭ କରି ପାଇହୁଏନା ସାହିତ୍ୟାମୃତ । ଯଦି ଲେଖକୀୟ ପ୍ରତିଭାଟି ଈଶ୍ୱର-ପ୍ରଦତ୍ତ, ତେବେ ଏହି ପ୍ରତିଭାକୁ ଧାରଣ କରିଥିବା ପ୍ରତ୍ୟେକଟି ଲେଖକ କାହିଁକି ସମାନ ନହୋଇ ସାନବଡ଼ ଭେଦରେ ନିଜସ୍ୱ ଅହଂକୁ ଦେଖାଇଥାନ୍ତି, ବୁଝିହୁଏ ନାହିଁ ।

ଥରେ କୌଣସି ଏକ ସଭାର ଅବ୍ୟବହିତ ପୂର୍ବରୁ କବି ରାଜେଂନ୍ଦ୍ର କିଶୋର ପଂଡ଼ାଙ୍କ ମୁହଁରୁ ଏହି କଥାଟି ଶୁଣି ମୁଁ ତୃପ୍ତ ହୋଇଥିଲି । କୌଣସି ଏକ ପ୍ରସଙ୍ଗରେ ସେ କହିଲେ, "କୃଷ୍ଣ ସମକାଳ ଲେଖକଙ୍କ ଭିତରେ ବଡ଼ସାନ କିଛି ଥାଏନା । ସମସ୍ତେ ସମକାଳର ଲେଖକ । ସମସ୍ତେ ସମାନ ।" କଥାଟି ଚଟ୍ କରି ମୋତେ ଧରିଥିଲା । କାରଣ ଏହା ପୂର୍ବରୁ ମୁଁ ମଧ୍ୟ ସମଭାବାପନ୍ନ ଅନେକ ଲେଖକଙ୍କୁ ଏଇକଥା କହିଥିବି । କିନ୍ତୁ, ମୁଁ ଯେହେତୁ ସେଇ ସେଇମାନଙ୍କ ମନୋସ୍ଥିତି ଅନୁଯାୟୀ ଜଣେ 'ବଡ଼ ଲେଖକ' ନୁହେଁ, ତେଣୁ ମୋ କଥାଟିର ଗୁରୁତ୍ୱ ନରହିବା ସ୍ୱାଭାବିକ । କିନ୍ତୁ ରାଜେଂନ୍ଦ୍ର କିଶୋର ପଂଡ଼ାଙ୍କ ତୁଣ୍ଡରୁ ଏହା ଶୁଣି ମୁଁ ସତରେ ଏକ ବିମଳ ଆନନ୍ଦ ଲାଭ କଲି ।

ଆମେ ସମସ୍ତେ ତ ସମକାଳର ଲେଖକ । ଲେଖକୀୟ ପ୍ରତିଭାଟି ବଳରେ ଜଣେ ଲେଖିପାରେ । ଯେତେବେଳେ ଏଇ ଅବଧାରଣାଟି ଆମ ଭିତରେ ଥାଉଛି, ଆମେ କାହିଁକି ତେବେ 'ମୁଁ ବଡ଼ ଲେଖକ, ସେ ସାନ ଲେଖକ' ଭଳି ଏକ ଭେଦଭାବ ଭିତରେ ଘାଣ୍ଟି ହେଉ ! ଅନେକ ବୟୋଜ୍ୟେଷ୍ଠ ଶ୍ରେଣୀର ଲେଖକଙ୍କ ଭିତରେ ଏପରି ଏକ ଅହଂକାର ଯେ ନାହିଁ, ତାହା କହିହେବନି । ପ୍ରାୟ ପ୍ରତିଟି ବୟସର (୧୮ରୁ ୩୦, ୩୧ରୁ ୫୦, ୫୧ରୁ ୭୦, ୭୧ରୁ ୯୦ବର୍ଷ ବୟସ) ର ଲେଖକଙ୍କ ଭିତରେ ତା'ର ପୂର୍ବପିଢ଼ି ପ୍ରତି ଏପରି ଏକ ମନୋଭାବ ଥାଏ । କିନ୍ତୁ ଏ ପ୍ରକାର ଏକ ମନୋଭାବ ସାହିତ୍ୟରେ ଖୁବ୍ ମାରାତ୍ମକ, ଏ କଥା ଭୁଲିଯିବା ଉଚିତ ନୁହେଁ । ଆମ ଭିତରୁ ଅନେକ ପ୍ରତିଭାବାନ ଲେଖକ ଅଛନ୍ତି । ସେମାନେ ସାନବଡ଼ ତାରତମ୍ୟରେ ନଥାନ୍ତି, ସେମାନେ ଲୋଡ଼ୁଥାନ୍ତି ଟିକିଏ ପିଠି ଥାପୁଡ଼ା, ଟିକିଏ ଆଗକୁ ଟାଣିନେବାର ଆଗ୍ରହ । କିନ୍ତୁ ଅନେକ କ୍ଷେତ୍ରରେ ଉତ୍ସାହ ତ ପରର କଥା, ଜଣେ ଭଲ ଲେଖୁଥିବା ଲେଖକ ଏଇ ବଡ଼ସାନର ଅହଂ ଭିତରେ ଅଣନିଃଶ୍ୱାସୀ ହୋଇପଡ଼େ । କେତେଜଣ ହଠାତ୍ ବି ଅନ୍ତର୍ହିତ ହୋଇଯିବାର ଉଦାହରଣ ଆମ ପାଖରେ ଅଛି ।

ଏବେ ସାହିତ୍ୟର ଆକାଶ ମେଘମୁକ୍ତ । ଏବେ ନୂଆ ନୂଆ ପ୍ରତିଭାଙ୍କ ଆଗମନରେ ସାହିତ୍ୟର ଅଗଣା ଫୁଲମୟ । ଏବେ ସାହିତ୍ୟରେ ବଡ଼ସାନ ଭଳି ଭେଦଭାବ ମଧ୍ୟ ଭୁଲି ହୋଇ ଆସିଲାଣି । ଅନେକ ଲେଖକ ବୟସରେ ଅଧିକ ହୋଇଥିଲେ ହେଁ ତାଙ୍କ ଠୁ ବୟସରେ ସାନ ଲେଖକଙ୍କୁ ଉତ୍ସାହିତ କରୁଥିବାର ନଜିର କମ୍ ନୁହେଁ । ଏହା ଏକ ଶୁଭ ସୂଚନା । ଆଗାମୀ ଦିନରେ ଲେଖକ ଲେଖକ ଭିତରେ ଏ ପ୍ରକାର ଏକ ଅନୁଭବ ସାହିତ୍ୟରେ ଗୋଟେ 'ମହାଯୁଗ' ଯେ ସୃଷ୍ଟି ନକରିବ ତାହା କହି ହେବନି । ପ୍ରକୃତରେ, ଲେଖକ ସାନବଡ଼ରେ ନୁହେଁ, ଲେଖକ ସମୟାନୁସାରେ ବିଚାର୍ଯ୍ୟ । ତେବେ ବୟସକୁ ସମ୍ମାନ ଦେବାକୁ ମଧ୍ୟ ଆମେ ଭୁଲିଯିବା ଉଚିତ ନୁହେଁ ।






LN
TM
मानकः पथप्रदर्शकः
LAXMI NARAYAN
JEWELLERY
Motiganj, Balasore, Ph : 06782 - 262754, Mob : 9169169997
Extention Counter
V.N. Marga, Balasore, Ph : 06782 - 265495
Web : www.lnjewellery.com

The **REBATI AMA MATIRA SWARA** • February 2020 Vol - 2 Issue - 4 • R.N.I. REGD. No. : ODIODI/2018/78444 • Rs. 50
Total Page : 108

**SUPRATIK**
**Life Style**



**MULTI FACILITY GYM**



**SWIMMING POOL**



**ROOFTOP GARDEN**



**BANQUET HALL**



**Contact For Booking**
**Call : 73810 36677 & 9040021003**

SUPRATIK INFRAVENTURES

**BRANCH OFFICE :**
**OT Road, Near Laxmi Narayan Temple, Balasore**

**Email : contactus@supratikgroup.com**
**Website : www.supratikgroup.com**

Associate editor : **Krushna Kumar Mohanty**
Editor : **Subasini Jena**